
ଡିସେମ୍ବର ୨୦୧୯ • ୫୦ ଟଙ୍କା
ଆମ ମାଟିର ସ୍ୱର


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# REBATI AMA MATIRA SWARA

*A Family Feature monthly Odia Journal on Life & Literature*

# ରେବତୀ

## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୨ୟ ସଂଖ୍ୟା, ଡିସେମ୍ବର, ୨୦୧୯ ■ Vol-2, Issue-2, December, 2019



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଚିତ୍ରକଳା(ମୁଖ୍ୟ) : **ସଂଜୟ ଭଟ୍ଟ**
- ଚିତ୍ରକଳା(ସହଯୋଗୀ) : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**



**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ | Editor : **Rebati Ama Matira Swara**
ଓ.ଟି. ରୋଡ୍, ବାଲେଶ୍ୱର | O.T. Road, Balasore
ପିନ୍- ୭୫୬୦୦୧ | Pin - 756001, Odisha
ଫୋନ୍ : ୯୪୩୭୦୮୦୦୦୩ | Phone : 9437080003
୭୦୦୮୮୪୫୯୨୦ | 7008845920

E-mail : *rebati.rebati2018@gmail.com*



Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

ମତ-ଅମତ

## ସଂପାଦକୀୟ ବେଶ୍ ପ୍ରଭାବିତ କଲା

● ଯେଉଁ 'ରେବତୀ'ର ସମସ୍ତ ବିଭାଗ ବେଶ୍ ଆକର୍ଷଣୀୟ, ଶିକ୍ଷଣୀୟ ଆଉ ସୁଖପାଠ୍ୟ, ସେଇ 'ରେବତୀ' ଏବେ ମୋ ହାତରେ । ସବୁଥର ପରି 'ଶେଷପୃଷ୍ଠା'ରୁ ଆରମ୍ଭ କରିଛି 'ରେବତୀ'କୁ ପରଖିବା । କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କର 'ଲେଖକର ଲୋଭ' ପାଠ କଲା ପରେ ଲାଗୁଛି ଲେଖକଟିଏ ନିଜର ଆତ୍ମସମୀକ୍ଷା କଲେ ଜାଣିବ, ପ୍ରକୃତ ସନ୍ତୋଷ, ପ୍ରକୃତ ଆତ୍ମସନ୍ତୁଷ୍ଟି ତାକୁ କିପରି ଭାବରେ ଉପଲବ୍ଧ ହେଉଛି । ସବୁବେଳେ କୃଷ୍ଣ କୁମାର ମହାନ୍ତି ସାର୍ ଲେଖକର ଧର୍ମକୁ ଠିକ ଠିକ ତାଙ୍କ ଲେଖା ମାଧ୍ୟମରେ ସୂଚେଇ ଦେଇଥାଆନ୍ତି । ସଂପାଦିକା ସୁବାସିନୀ ଜେନାଙ୍କ ସମ୍ପାଦକୀୟ ପୃଷ୍ଠା ବି ଖୁବ୍ ପ୍ରଭାବିତ କଲା । ଚିତ୍ତରଂଜନ ନାୟକଙ୍କ ମାଆ ତାରିଣୀଙ୍କ ଉପରେ ଆଲେଖ୍ୟରୁ ଅନେକ କିଛି ଜାଣିବାକୁ ମିଳିଲା । ମଣୀନ୍ଦ୍ର କୁମାର ମେହେରଙ୍କ 'ବୃତ୍ରାଶଙ୍ଖାରି' ଅନୁଶୀଳନ, ଏକ ନୂତନ ପରିଚୟ ସୃଷ୍ଟି କଲା । ବେଶ୍ ଭଲ ଲାଗିଲା ।

**ସସ୍ମିତା ମେହେର,ସୋନପୁର**

## ବର୍ଷକ ଭିତରେ 'ରେବତୀ' ପତ୍ରିକାର ଯଥେଷ୍ଟ ଅଗ୍ରଗତି ହେଇଛି

● 'ରେବତୀ'ର ନଭେମ୍ବର ସଂଖ୍ୟା ଆଣିଲି । ସ୍ୱନକ୍ଷତ୍ର ସଂଖ୍ୟା ପାଇଁ ଅଭିନନ୍ଦନ 'ରେବତୀ' ପରିବାରକୁ । ପ୍ରଚ୍ଛଦ ସୁନ୍ଦର ହୋଇଛି । ଡକ୍ଟର ମଣୀନ୍ଦ୍ର କୁମାର ମେହେରଙ୍କର 'ବୃତ୍ରାଶଙ୍ଖାରୀ' ସମ୍ପର୍କିତ ତୁଳନାତ୍ମକ ଆଲୋଚନାଟି ବେଶ୍ ଭଲ ହୋଇଛି । କବି ମାନସିଂହ ଏବଂ ସୁମିତ୍ରା ନନ୍ଦନ ପନ୍ତଙ୍କୁ ନେଇ ଡକ୍ଟର ବିଜୟ କୁମାର ମହାନ୍ତିଙ୍କର ଆଲୋଚନାଟି ମଧ୍ୟ ଉପଯୋଗୀ । ଜୟନ୍ତ ସେଠ୍‌ଙ୍କ ଲିଖିତ 'ଭିଏତନାମରେ ସାତଦିନ' ଶୀର୍ଷକ ଭ୍ରମଣ କାହାଣୀଟି ପଢ଼ି ସେମାନଙ୍କ ସହିତ ଭିଏତନାମ ବୁଲି ଆସିବା ପରି ଲାଗିଲା । ସୁନ୍ଦର ଉପସ୍ଥାପନା । ଲକ୍ଷ୍ମୀପ୍ରିୟା ଓଝାଙ୍କର 'ଶନିଓ୍ୱାର୍‌ୱାଡ଼ା' ପଢ଼ି ଅନେକ ତଥ୍ୟ ଜାଣିବାକୁ ପାଇଲି । ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କର ସଙ୍ଗୀତ ଚିକିତ୍ସା ବେଶ୍ ଶିକ୍ଷଣୀୟ । ସବୁ ଲେଖା ପଢ଼ି ପାରିନାହିଁ । 'ଶେଷପୃଷ୍ଠା'ଟି ପଢ଼ିଛି । 'ଲେଖକର ଲୋଭ' ବିଷୟରେ ଯାହା ଲେଖାଯାଇଛି, ତାହା ଠିକ୍ । ପ୍ରଥମ ପାରାଗ୍ରାଫ୍‌ରେ ସଚ୍ଚା ଲେଖକଟିର କଥା ମନକୁ ଛୁଇଁଲା । ବର୍ଷକ ଭିତରେ ପତ୍ରିକା ଯଥେଷ୍ଟ ଅଗ୍ରଗତି କରିଛି । 'ରେବତୀ'ର ଉତ୍ତରୋତ୍ତର ସମୃଦ୍ଧି କାମନା କରୁଛି ।

**ପ୍ରବୀଣା ମହାନ୍ତି,ଭୁବନେଶ୍ୱର**




## 'ରେବତୀ' ଓଡ଼ିଆ ପତ୍ରିକା କ୍ଷେତ୍ରରେ କ୍ରାନ୍ତି ଆଣିଛି

● ୧୮୯୮ ମସିହାରେ ବାଲେଶ୍ୱରରେ ଗୋଟେ ଝିଅ ଜନ୍ମ ହେଇଥିଲା । ଫକୀରମୋହନଙ୍କ ଘରେ । ରେବତୀ । ଏବେ ସେ ଓଡ଼ିଆ ଜନମାନସର କନ୍ୟା । ଓଡ଼ିଆ ଗଳ୍ପସାହିତ୍ୟରେ ପ୍ରଥମା । ୨୦୧୮ ଅକ୍ଟୋବର ମାସରୁ 'ରୋବତୀ ଆମ ମାଟିର ସ୍ୱର' ଭାବେ ଯେଉଁ ପତ୍ରିକାଟି ବାଲେଶ୍ୱରରୁ ପ୍ରକାଶ ପାଇଲା ତାହା ଏବେ ସାରା ଓଡ଼ିଶା ମାଟିର ସ୍ୱାକ୍ଷର ବହନ କରି ଆଦରଣୀୟା । ଧନ୍ୟା । ଗୋଟିଏ ବର୍ଷ ଭିତରେ ଦଶଟି ସଂଖ୍ୟା ପ୍ରକାଶ ପାଇ 'ରେବତୀ' ଯେଉଁ ସଫଳତା ଓ ପାଠକପ୍ରିୟତା ହାସଲ କରିଛି, ତାହା ନିଶ୍ଚିତ ଭାବେ ଏକ ଈର୍ଷଣୀୟ ପ୍ରତିବଦ୍ଧତା । ଓଡ଼ିଶାରେ ନିୟମିତ ପ୍ରକାଶ ପାଉଥିବା ନିରୋଳା ସାହିତ୍ୟ ପତ୍ରିକା ଭାବେ ଯେଉଁ କେତୋଟି ଅଛି ତାର ସଂଖ୍ୟା କମ୍ ଓ ପାଠକୀୟତା ପ୍ରଚୁର । ଏଇ ଅବସରରେ ବିଭିନ୍ନ ଆକର୍ଷଣୀୟ ପ୍ରସଙ୍ଗକୁ ନେଇ, ଭିନ୍ନ ଭିନ୍ନ ବର୍ଗର ପାଠକଗୋଷ୍ଠୀଙ୍କ ରୁଚିକୁ ନଜରରେ ରଖି ଏକ ଫିଚରଧର୍ମୀ ପତ୍ରିକା ଭାବେ ବହୁଳ ପାଠକୀୟ ଆଦୃତି ଲାଭ କରିଥିବା 'କାଦମ୍ବିନୀ' ପରେ 'ରେବତୀ' ଯେ ଏକମାତ୍ର ପତ୍ରିକା, ଏଥିରେ ଦ୍ୱିରୁକ୍ତି ନାହିଁ ।

'ରେବତୀ'ର ପ୍ରତ୍ୟେକ ସଂଖ୍ୟାର ପ୍ରଚ୍ଛଦ ଋତୁ ବା ଓଡ଼ିଶାର ମୁଖ୍ୟପର୍ବକୁ ଆଧାର କରି ନିର୍ଦ୍ଧାରିତ ହୋଇଥାଏ । ସେଥିରେ ନିଚ୍ଛକ ଓଡ଼ିଆଣୀର ଶାଳୀନ ସଂସ୍କାରକୁ ନେଇ ଉଦ୍‌ଭାସିତା ଥାଆନ୍ତି ସୌନ୍ଦର୍ଯ୍ୟମୟୀ ପ୍ରତିଭାଦୀପ୍ତା ଲଳନା ମାନେ । ଏହା 'ରେବତୀ'ର ଭିନ୍ନ ଏକ ଅନନ୍ୟ ପରିକଳ୍ପନା । ଯାହା ପତ୍ରିକାକୁ ଅତୀବ ଆକର୍ଷଣୀୟ କରି ଗଢ଼ି ତୋଳିଥାଏ ।

'ରେବତୀ'ରେ ସଂଯୋଜିତ ଦୁଇଟି ସଂପାଦକୀୟ ଏହାର ଆଉ ଏକ ପ୍ରମୁଖ ଆକର୍ଷଣ । ସଂପାଦକୀୟରେ ସଂପାଦିକାଙ୍କର ସାମାଜିକ ଓ ପାରିବାରିକ ସମସ୍ୟାକୁ ନେଇ ମନ୍ଥନ ଓ ଚିନ୍ତନ । ବିଶେଷ କରି ନାରୀର ସାମାଜିକ ସ୍ଥିତି ଓ ସ୍ୱରୂପ ଉପରେ ତାଙ୍କର ଆଲୋଚନା ବେଶ୍ ଉଚ୍ଚକୋଟୀର ।

'ରେବତୀ'ର ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷକଥା'ରେ ସାହିତ୍ୟ ଓ ସାହିତ୍ୟିକଙ୍କୁ ନେଇ ଚର୍ଚ୍ଚାର ଚମକ ଭିନ୍ନ ପ୍ରକାର । ସ୍ୱୟଂ ଜଣେ ସୃଜନଶୀଳ ସ୍ରଷ୍ଟା ଭାବରେ ସାହିତ୍ୟ ସଂପର୍କୀତ ଅବବୋଧ ତାଙ୍କର ଗଭୀର । ସୁତରାଂ 'ଶେଷକଥା' ସ୍ତମ୍ଭଟି ବେଶ୍ ମନନଶୀଳ ଓ ପ୍ରାସଙ୍ଗିକ ହୋଇଥାଏ ।

ପୂର୍ବରୁ କହିଛି 'ରେବତୀ' ପତ୍ରିକାରେ ସବୁ ବୟସ ଓ ବର୍ଗର ପାଠକପାଠିକାମାନଙ୍କ ପାଇଁ ରହିଛି ସୁସଂଯୋଜିତ, ଆକର୍ଷଣୀୟ ବିଭିନ୍ନ ପ୍ରସଙ୍ଗ ଓ ବିଭାଗ । ଜଣେ ପାଠକ ଭାବରେ 'ରେବତୀ'ରୁ ମୁଁ ବହୁ ଶିକ୍ଷଣୀୟ ଓ ଆକାଂକ୍ଷିତ ପ୍ରସଙ୍ଗ ପାଇଛି । ମୁଁ ଏହା ଭିତରେ ଓଡ଼ିଶାର ଆଠଟି ନଦୀ ସଂପର୍କରେ ବିସ୍ତୃତ ଜ୍ଞାନହାସଲ କରିପାରିଛି ଯାହା ମୋ ପାଇଁ ଅଜ୍ଞାତ ଥିଲା । ଜାଣିପାରିଛି ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଖ୍ୟାତି ହାସଲ କରିଥିବା ନଅ ଜଣ ବ୍ୟକ୍ତିଙ୍କ ଜୀବନ ଓ ସଂଘର୍ଷର କଥା । 'ପଛଝର୍କା' ବିଭାଗ ମାଧ୍ୟମରେ ଓଡ଼ିଶାର ରାଜନୈତିକ ଇତିହାସ ସମ୍ପର୍କରେ ବହୁ ଅଜ୍ଞାତ ଅଧ୍ୟାୟର କଥା । ଏହିଭଳି ଭାବରେ 'ମୋ ବାପା', 'ସ୍ଥାନ-କାଳ-ପାତ୍ର', 'ଭ୍ରମଣ କାହାଣୀ', 'ପର୍ଯ୍ୟଟନ' ବିଭାଗରେ ସଂଯୋଜିତ ବ୍ୟକ୍ତି ଓ ସ୍ଥାନ ସଂପର୍କରେ ମୋର ଅଜ୍ଞତା ଦୂର ହେଇପାରିଛି ।

ଏତଦ୍‌ବ୍ୟତୀତ ସାହିତ୍ୟ ପ୍ରତି ରୁଚି ରଖୁଥିବାରୁ ପ୍ରାୟ ଅଠରଟି ସୁପଠିତ ଗପ, ପଞ୍ଚତନ୍ତ୍ର କାହାଣୀ ଓ କେତେକ ସୁନିର୍ବାଚିତ କବିତା ପଢ଼ିବାର ସୁଯୋଗ ପାଇଛି । ଏସବୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପ୍ରବନ୍ଧକୁ ଛାଡ଼ିଦେଲେ ଆହୁରି ବହୁ ବିଭାଗ ସଂଯୋଜିତ ଯାହା ମୋର ପାଠକୀୟତାକୁ ସନ୍ତୁଷ୍ଟ କରିଛି । କୃଷ୍ଣବାବୁ ତାଙ୍କର ଦୀର୍ଘ ଦିନର ସଂପାଦନା ଅନୁଭୂତିକୁ ଏକତ୍ର କରି ସମସ୍ତ ବିଭାଗକୁ ଅତ୍ୟନ୍ତ ରୁଚିପୂର୍ଣ୍ଣ ଓ ଆକର୍ଷଣୀୟ ଭାବରେ ସଂଯୋଜିତ କରୁଛନ୍ତି । ପ୍ରତ୍ୟେକ ବିଭାଗ ପାଠକୀୟ ଆକାଂକ୍ଷା ପୂର୍ତ୍ତିରେ ସକ୍ଷମ । ଏକଥା ସଂପାଦିକା 'ରେବତୀ'ର ପ୍ରଥମ ସଂଖ୍ୟା ସଂପାଦକୀୟରେ ଯାହା ଉଲ୍ଲେଖ କରିଥିଲେ, ସେଇ ଆସ୍ଥା ଓ ବିଶ୍ୱାସର ଯଥାର୍ଥତା ପ୍ରମାଣିତ ହୋଇଚାଲିଛି ପ୍ରତ୍ୟେକ ସଂଖ୍ୟାମାନଙ୍କରେ ।

'ରେବତୀ'ର ପ୍ରତିସଂଖ୍ୟାକୁ ଗୋଟି ଗୋଟି କରି ମୂଲ୍ୟାୟନ କଲେ ତାର ବିସ୍ତୃତି ବ୍ୟାପକ ହେବ । ତେବେ ସାମଗ୍ରିକ ଭାବରେ ଗ୍ଲସି ପେପର, ଆକର୍ଷଣୀୟ ସ୍ୱଚ୍ଛ ଫଟୋଗ୍ରାଫି, ପ୍ରସଙ୍ଗଭିତ୍ତିକ ଅନ୍ତଃଅଳଙ୍କରଣ, ନିର୍ଭୁଲ୍ ବନାନ ଓ ସର୍ବୋପରି ପ୍ରାଞ୍ଜଳ ଓ ସ୍ୱଚ୍ଛ ପ୍ରିଣ୍ଟିଂ ଆଦି ଦୃଷ୍ଟିରୁ 'ରେବତୀ' ପତ୍ରିକା ଯେ ଓଡ଼ିଆ ପତ୍ରିକା କ୍ଷେତ୍ରରେ ଏକ କ୍ରାନ୍ତି ଆଣିଚି, ଏହା ସ୍ୱୀକାର୍ଯ୍ୟ ।

ସାହିତ୍ୟ କେବଳ ମନୋରଂଜନ କରେନାହିଁ, ଜୀବନ ଜିଇଁବାର କଳା ମଧ୍ୟ ଦେଖାଏ, ପତ୍ରିକାଟିଏ ସାହିତ୍ୟକୁ ଆଧାର କରି ସଂପାଦିତ ହେଉଥିଲେ ହେଁ ତା ମଧ୍ୟରେ ସଂଯୋଜିତ ବିଭିନ୍ନ ପ୍ରସଙ୍ଗ ପାଠକ ହୃଦୟକୁ ରସାପ୍ଲୁତ କରିବା ସଂଗେ ସଂଗେ ତାର ବ୍ୟକ୍ତିତ୍ୱ ଓ ରୁଚିପୂର୍ଣ୍ଣ ବିକାଶରେ ସହାୟକ ହୋଇଥାଏ । ଆଶା କରିବି 'ରେବତୀ' ତା'ର ଜୟଯାତ୍ରା ଜାରି ରଖିବ ଓ ପ୍ରଚୁର ପାଠକପ୍ରିୟତା ହାସଲ କରି ଓଡ଼ିଆ ପତ୍ରିକା ଇତିହାସରେ ତା'ର ସ୍ଥାନ ସୁରକ୍ଷିତ ରଖିବ, ଫକୀର ମୋହନଙ୍କ 'ରେବତୀ' ପରି ଯାହାକୁ ଭୁଲିଲେ ବି ଭୁଲି ହୁଏ ନାହିଁ ।

**ରବି ପଣ୍ଡା, କପିଳପ୍ରସାଦ, ଭୁବନେଶ୍ୱର - ୨**

## ଜୟନ୍ତ ସେଠଙ୍କ ଚମ୍ପାଦେଶର ଚିତ୍ରଗାଥା ଭିନ୍ନ ବୋଲି ଅଭିଭୂତ କଲା

● ଶ୍ରୀଦେବ ଭାଇଙ୍କର 'ଦେଖ'ରୁ ଆରମ୍ଭ କଲି, ନଭେମ୍ବର ସଂଖ୍ୟା ପଢିବା। ଆଖି ଓ ଅନ୍ତର ଉଭୟ ଭିଜିଲା। ଆବେଗଭରା ଶ୍ରଦ୍ଧାଞ୍ଜଳି। (ସୂର୍ଯ୍ୟ ବି ଉଡ଼ିଯାଏ ଆକାଶରୁ ଆଉ କେ ଅଂଚଳ–, କିଛି ସମୟ ପାଇଁ ପାଠକର ଚଉଦିଗ ଅନ୍ଧକାର କରିଦଉଛି / କଲବଲ କଳିଜାର କପ୍ କପ୍ କାନ୍ଦ–ପାଠକର ଆଖି ଓଦା କରିବାର ସାମର୍ଥ୍ୟ ରଖିଛି।) ସ୍ୱର୍ଗତ ଚ୍ରିତଶିଳ୍ପୀଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା। ପ୍ରତ୍ୟେକ କବିତା ବଳିଷ୍ଠ। ଅରକ୍ଷିତ ପରିଜାଙ୍କର "ଜୀବନର ସାମାନ୍ୟକଥନ' ଚମତ୍କାର। "ଫେରିବାଲାର ସିନ୍ଦୂର ଟୋପାକରେ /ସ୍ତ୍ରୀ ସାଇତିଛି ଆୟୁଷ...", ଅତି ସହଜ ଶବ୍ଦରେ ସୁନ୍ଦର ଅଭିବ୍ୟକ୍ତି। ସେଇପରି ସରୋଜ ବଳଙ୍କର 'କଳା କଳିଜା' ବିଭୋର୍ କଲା। ("ସବୁ ମଇଳା...ମୁଁ ଥିବିରେ ବଇରି"...ବାଃ, ସୁନ୍ଦର। ଆଉ ଶେଷ ପଦଟି... "ମୁଁ କେବଳ ଗୋରା ହସର ନୁହେଁ କଳା କଳିଜାର କବି"... ଚମତ୍କାର। ଶିଶିର ନାୟକଙ୍କର 'ତୁମ ପାଇଁ ଫୁଲ କିଣିବାକୁ ଯାଇଥିଲି' (ତଥାପି ଦଙ୍ଗା ଭିତରେ ଉଇଁ ଆସୁଛି ଜହ୍ନ/ ତମ ଗାଆଁର ବସନ୍ତରେ କାଲେ ବିଷ ଚରିଛି।) ସୁଖପାଠ୍ୟ। ରଞ୍ଜନ ବାଗ୍‌ଙ୍କର କବିତା ସହ ମୁଁ ବି ଖୋଜି ବସିଲି ସେ ପକ୍ଷୀଟିକୁ। ଇଂ ପ୍ରଶାନ୍ତ ଦତ୍ତଙ୍କ ଗପଟି ଭଲ ଲାଗିଲା। କଥା–କାହାଣୀ ପାଇଁ ଆଉ ଦୁଇଟି ପୃଷ୍ଠା ରଖିଲେ ଭଲ ହୁଅନ୍ତା। 'ମାନନୀୟେଷୁ'ର କଥାକାର ରାଧାବିନୋଦ ନାୟକଙ୍କ ବିଷୟରେ ବହୁତ କିଛି ଜାଣିହେଲା। 'ବୁଢ଼ା ଶଙ୍ଖାରି : ଏକ ନୂତନ ପରିଚୟ' ମଣୀନ୍ଦ୍ର ମେହେରଙ୍କର ଏଇ ଅନୁଶୀଳନଟି କାନ୍ତକବିଙ୍କ ପାଇଁ ଏକ ଆବେଗାପ୍ଲୁତ ଶ୍ରଦ୍ଧାଞ୍ଜଳି। ଡକ୍ଟର ବିଜୟ କୁମାର ମହାନ୍ତି 'ଦୁଇଦିଗନ୍ତର ଦୃଶ୍ୟ'ରେ ସୁନ୍ଦର ତୁଳନାତ୍ମକ ଚିତ୍ର ତୋଳିଛନ୍ତି ସାହିତ୍ୟର ଦୁଇ ମହାନ ହସ୍ତିଙ୍କର। ଇତିହାସ ଓ ସ୍ଥାପତ୍ୟ ଦୁଇଟିକୁ ସମାନ ଗୁରୁତ୍ୱ ସହ ଶନିୱାର୍‌ୱାଡ଼ାର ସୁନ୍ଦର ଉପସ୍ଥାପନା କରିଛନ୍ତି ଲକ୍ଷ୍ମୀପ୍ରିୟା ଓଝା, ନୀରବି ଯାଇଥିବା ହୁଙ୍କାରରେ। ଜୟନ୍ତ ଶେଠ୍‌ଙ୍କ 'ଚମ୍ପାଦେଶର ଚିତ୍ରଗାଥା' ଚିରାଚରିତ ଭ୍ରମଣ କାହାଣୀ ଠାରୁ ଭିନ୍ନ ମନେହେଲା। ଲେଖକ ପ୍ରଥମରୁ ହିଁ ସ୍ପଷ୍ଟ କରିଦେଇଛନ୍ତି, ତାଙ୍କର ବ୍ୟାକ୍‌ପ୍ୟାକ୍ ଟ୍ରାଭେଲିଂ ବିଷୟରେ। ଆଜିକାଲି, ଏ ଧରଣର ଭ୍ରମଣକୁ ଯୁବପିଢ଼ି ବେଶ୍ ଭଲ ପାଉଛନ୍ତି। ଲେଖକଙ୍କର ଏ ଇକୋନୋମିକାଲ୍ ଶୈଳୀର ଭ୍ରମଣ ଖୁବ୍ ଭଲ ଲାଗିଲା। ବ୍ୟାକ୍‌ପ୍ୟାକ୍ ଟ୍ରାଭେଲିଂ ପାଇଁ ଏ ଲେଖା ଖୁବ୍ ଗୋଟିଏ ପ୍ରୋତ୍ସାହନ।

'ଲେଖକର ଲୋଭ', 'ଶେଷପୃଷ୍ଠା'ରେ ପୁଣି ଗୋଟିଏ ଦମ୍‌ଦାର୍ ଆଲୋଚନା। ଶତ ପ୍ରତିଶତ ସତ୍ୟ। ନପଢ଼ି ବା ଖୁବ୍ କମ୍ ପଢ଼ି ଲେଖୁଥିବା ଲେଖକ କଦାପି ମାର୍ଗଦର୍ଶୀ ହୋଇପାରିବ ନାହିଁ। ଆଶା, ଉତ୍ତରପିଢ଼ିର ଲେଖକ ଏ କଥାକୁ ଗୁରୁତ୍ୱ ଦେବେ। ସମ୍ପାଦକୀୟ ସୁଖପାଠ୍ୟ। ସମ୍ପାଦିକାଙ୍କ ବିନମ୍ରତା ସ୍ପଷ୍ଟ ଫୁଟି ଉଠୁଛି। ଅନ୍ୟ ସମସ୍ତ ବିଭାଗର ଲେଖା ଗୁଣବତ୍ତାରେ ଉନ୍ନତ। ଯଦିଓ 'ରେବତୀ' ଗୋଟିଏ ଫଟୋ–ଫିଚର୍ ଶ୍ରେଣୀୟ ପତ୍ରିକା, ତେଣୁ ଏଥିରେ ଫଟୋ ରହିବା ଜରୁରୀ, ତଥାପି, ମୁଁ ଭାବୁଛି କିଛି ଫଟୋ ଛୋଟ କରି ଅଧିକ ଲେଖା ରଖି ପାରିଲେ ବା ଲାଇଟ୍ ଫଟୋ ବେସ୍‌ରେ ଓଡ଼ିପ୍ ମ୍ୟାଟର୍ ଦେଇ କିଛି ଅଧିକ ଲେଖା ସ୍ଥାନିତ କରିବାର ଚେଷ୍ଟା କରାଯାଇ ପାରିଲେ ଭଲ ହୁଅନ୍ତା। ବିଶେଷ ଭାବେ 'କଥାକହାଣୀ' ପୃଷ୍ଠାର ଚିତ୍ର କମେଇ ଦେଲେ ପତ୍ରିକାର ମାନରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ମୁଁ ମନେକରେ।

**ପ୍ରତ୍ୟୁଷ ପଣ୍ଡା**, ୪ଡି/୧୪୬୯, ସେକ୍ଟର–୯, ସିଡ଼ିଏ, କଟକ

**ଆମ ଉତ୍ତର :** ଆପଣଙ୍କ ମତାମତ ପାଇଁ ସାଧୁବାଦ। 'ରେବତୀ' ଅନ୍ୟ ପତ୍ରିକା ପରି ନହେବାକୁ ଆମ୍ଭରୁ ହିଁ ପଣ କରି ବାହାରିଛି। ତାକୁ ତା ପରି ହେବାକୁ ଦେଲେ ଦେଖିବେ ଦିନେ ସେ ତାର ଭିନ୍ନତା ପାଇଁ ହିଁ ସ୍ମରଣୀୟ ହେବ। ଫଟୋଗ୍ରାଫିର ଏକ ନୂଆ ଯୁଗରେ ଆମେ ପହଞ୍ଚିଲୁଣି। ପ୍ରତିଟି ମୁହୂର୍ତ୍ତକୁ ଫଟୋମୟ କରି ସାଇତିବାକୁ ଚାହୁଁଥିବା ମଣିଷ ପାଇଁ ସାହିତ୍ୟ ଓ ଜୀବନ ବି ହେଉ ଛବିଳ, ଅସୁବିଧା କଣ ? ପଢିବା ବି ବୋଝ ନହେଉ, ତାହା ହେଉ ଆମୋଦପୂର୍ଣ୍ଣ।

## ହୃଦୟକୁ ସ୍ପର୍ଶ କଲା ସୁବାସିନୀ ଜେନାଙ୍କ ସଂପାଦକୀୟ

● ୨୦୧୯ ନଭେମ୍ବର ସ୍ୱନକ୍ଷତ୍ର ସଂଖ୍ୟା 'ରେବତୀ' ପଢିଲି। ପ୍ରଚ୍ଛଦ ଚମତ୍କାର। ଆପଣଙ୍କ ସମ୍ପାଦକୀୟ 'ଜନ୍ମଦେବାର ଆନନ୍ଦ' ହୃଦୟକୁ ସ୍ପର୍ଶ କରିଛି। ଏଥିରେ ନାରୀ ଚରିତ୍ରର ବୈଶିଷ୍ଟ୍ୟ ସୁନ୍ଦର ଭାବରେ ଉପସ୍ଥାପିତ। ନାରୀ ଏକାଧାରରେ ମାନବୀ ଓ ମାତା। ପାରିବାରିକ ଦାମ୍ପତ୍ୟ ଜୀବନରେ ସେ ସହଯାତ୍ରୀ ଓ ପଥପ୍ରଦର୍ଶିକା। ଦେବେନ୍ଦ୍ର ଖଟୁଆଙ୍କ ବିୟୋଗ ଓଡ଼ିଶାର ଚିତ୍ରଶିଳ୍ପ ଜଗତରେ ଏକ ଅପୂରଣୀୟ କ୍ଷତି। ଜୀବନର ଇଲାକା ଭିତରେ ସେ ସିନା ଆଜି ନାହାନ୍ତି, ମରଣ ରାଜ୍ୟରେ ଶିଳ୍ପ କୁଟୀର ମଧ୍ୟରେ ସେ ନିଶ୍ଚୟ ରଙ୍ଗତୂଳୀ ଧରିଥିବେ। 'ଭ୍ରମଣ କାହାଣୀ'ରେ ଜୟନ୍ତ ଶେଠ୍‌ଙ୍କ ଲିଖିତ 'ଭିଏତନାମରେ ସାତଦିନ' ଖୁବ୍ ଉପାଦେୟ। 'ଶେଷପୃଷ୍ଠା'ରେ 'ଲେଖକର ଲୋଭ' ବେଶ୍ ଉଚ୍ଚକୋଟୀର। ବ୍ୟକ୍ତି ଜୀବନରେ ଯେଉଁ ଲେଖକ ଲୋଭ, ମୋହ, ମାୟାର ପରିପୋଷକ, ବଶବର୍ତ୍ତୀ, ତାର ଲେଖା ଓ କଦାଚିତ୍ ପ୍ରଗତିଶୀଳ ହେବା ଅସମ୍ଭବ। 'ବହି–ବିଚାର'ରୁ ପ୍ରକାଶିତ ପୁସ୍ତକ ବିଷୟରେ ଅବଗତ ହେଲି। କବିତା ଓ ଅନ୍ୟାନ୍ୟ ଲେଖାଗୁଡ଼ିକ ଆନନ୍ଦଦାୟୀ।

**ନିରଞ୍ଜନ ସାହୁ**, କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର–୩

## 'ପ୍ରେରଣା' ପୃଷ୍ଠାଟିକୁ ଜାରି ରଖନ୍ତୁ

● ସବୁଥର ପରି ଏଥର ମଧ୍ୟ ଅନେକ ତଥ୍ୟକୁ ନେଇ 'ରେବତୀ' ସମୃଦ୍ଧ। 'ପ୍ରେରଣା' ପୃଷ୍ଠାଟି ନୂଆ କରି ଯୋଡ଼ି ମାଟି–ମଣିଷର କଥା କିହଛନ୍ତି ସମ୍ପାଦକ। କାମନା, ଏ ଉଦ୍ୟମ ଆଗକୁ ଜାରି ରହୁ ଆଉ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସନ୍ତୁ। ଏଥର 'ପଛ–ଝର୍କା', 'ଖଞ୍ଜଣିର ଖ୍ୟାତି', 'ପାହାଳ ପ୍ରେମ', 'ଗୁମ୍ଫାର ଗୁମର' ଆଦି ଆଲେଖ୍ୟରୁ ଅନେକ ତଥ୍ୟ ଜାଣିବାକୁ ମିଳିଲା। ତେବେ ସବୁଠୁ ଭଲ ଲାଗିଲା 'ଚମ୍ପାଦେଶର ଚିତ୍ରଗାଥା'। ଲେଖକଙ୍କର ନିଖୁଣ ବର୍ଣ୍ଣନା ଆଖିଆଗରେ ଭିଏତ୍‌ନାମ୍‌କୁ ଆଣି ଠିଆ କରେଇ ଦେଲା। 'ଭ୍ରମଣ କାହାଣୀ'ରେ ସଂଲଗ୍ନ ଫଟୋ ସହିତ କ୍ୟାପ୍‌ସନ୍ ରହିଲେ ଆଲେଖ୍ୟଟି ଆଉ ଟିକେ ରୁଚିପୂର୍ଣ୍ଣ ଲାଗନ୍ତା। ଆଶା ସମ୍ପାଦକ ଆଗକୁ ଏଥିପ୍ରତି ଧ୍ୟାନ ଦେବେ। ଅନ୍ୟ ଭାଷାର ଲେଖକଙ୍କ ସହ ଆମ ଭାଷାର ଲେଖକଙ୍କ ତୁଳନାତ୍ମକ ଆଲେଖ୍ୟ ଭଲ ହୋଇଛି। ଏହାକୁ ଜାରି ରଖନ୍ତୁ। ଡକ୍ଟର ବିଜୟ କୁମାର ମହାନ୍ତିଙ୍କୁ ଧନ୍ୟବାଦ। କବିତା ବିଭାଗରେ ଭିନ୍ନ ଭିନ୍ନ ସ୍ୱାଦର କବିତା ସ୍ଥାନିତ ହୋଇଛି ଏବଂ କବିତା ସବୁ ଏକକୁ ଆରେକ ବଳି। ସମସ୍ତ କବିଙ୍କୁ ଅଭିନନ୍ଦନ।

**ଲକ୍ଷ୍ମୀପ୍ରିୟା ଓଝା**, ବରୋଦା, ଗୁଜୁରାଟ

**ଆମ ଉତ୍ତର :** ଆପଣଙ୍କ ପରାମର୍ଶ ସ୍ୱାଗତଯୋଗ୍ୟ। ତେବେ ନିହାତି ଆବଶ୍ୟକ ଥିବା କିଛି ଆଲେଖ୍ୟର ଫଟୋ ସହିତ ଫଟୋ କ୍ୟାପ୍‌ସନ୍ ଆମେ ଦେଉଛୁ ମଧ୍ୟ।

## 'ରେବତୀ'ର ପ୍ରଚ୍ଛଦପଟ୍ଟ ଆକର୍ଷଣୀୟ

● 'ରେବତୀ'ର ପ୍ରଥମ ସଂଖ୍ୟା (ଗତବର୍ଷ ଅକ୍ଟୋବରରେ କିଛି ବିଶେଷତ୍ୱ ଥିବା ଭଳି ଲାଗିଥିଲା ବୋଲି କିଣିଥିଲି ଓ ପଢ଼ି ମତାମତ ମଧ୍ୟ ଦେଇଥିଲି।) ଭାରତ ବାହାରେ ରହୁଥିବାରୁ ଅନ୍ୟ କୌଣସି ସଂଖ୍ୟା ପଢ଼ିନାହିଁ। ଏ ସଂଖ୍ୟାର ସାମଗ୍ରିକ ରଚନା ଉପରେ ମତ ଦେବା ସମ୍ଭବ ନୁହେଁ କାରଣ ପତ୍ରିକା ମୋ ହାତରେ ନାହିଁ। ତେବେ ସମ୍ପାଦକୀୟ ପଢ଼ି ଏତିକି କହିବି ହନୁକରଣ, ପ୍ରିୟାପ୍ରୀତି ତୋଷଣ, କ୍ଷମତାସୀନଙ୍କୁ ଆଗଧାଡ଼ି, ପୁରସ୍କାର ପାଇଁ ପ୍ରତିଯୋଗିତା, ସହନଶୀଳତାର ଅଭାବ ଓ ପ୍ରବୀଣମାନଙ୍କର ନବୀନ ମାନଙ୍କ ପ୍ରତି ଦାୟିତ୍ୱ ନେବାରେ ଉଦାସୀନତା ଆମ ଲେଖକୀୟ ଚରିତ୍ର ହୋଇଯାଇଛି। ଆପଣଙ୍କ କ୍ଷୋଭ ଯଥାର୍ଥ। ଆପଣ ପ୍ରଥମେ ଜଣେ କବି ଓ ତାପରେ ସମ୍ପାଦକ, ତେଣୁ ଆପଣଙ୍କ ହାତର ସ୍ପର୍ଶରେ କବିତା ବିଭାଗଟି ଚମତ୍କାର ହୋଇଛି। ପ୍ରଚ୍ଛଦପଟ୍ଟ ଆକର୍ଷଣୀୟ। ଅନେକ ସମ୍ଭାବନାରେ ଭରପୂର ଏ 'ରେବତୀ'।

**ସୌଭାଗିନୀ ପରିଡ଼ା**, ଭୁବନେଶ୍ୱର

## 'ରେବତୀ'ର ଶେଷପୃଷ୍ଠା ଭଲ ଲାଗିଲା

● 'ରେବତୀ' ପତ୍ରିକା ଆଜି ଆଣିଲି ଭୁବନେଶ୍ୱର ରେଳଷ୍ଟେସନରୁ। କିଛି ପଢ଼ିଛି। ଭଲ ଲାଗିଲା। 'ଶେଷପୃଷ୍ଠା'ରେ କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କ ଲେଖାଟି ବେଶ୍ ମନଛୁଆଁ ହୋଇଛି। ଖୁବ୍ ସୁନ୍ଦର ବାର୍ତ୍ତାଟିଏ ଦେଇଛନ୍ତି। ଜଣେ ଭଲ ଲେଖକ ହେବା ଆଗରୁ ନିରୁତା ପାଠକଟିଏ ହେବା ନିହାତି ଦରକାର।

**ସନ୍ତୋଷିନୀ ଗିରି**, କେନ୍ଦୁଝରଗଡ଼

ସୂ ଚୀ ପ ତ୍ର

୨ୟ ବର୍ଷ  ୨ୟ ସଂଖ୍ୟା । ଡିସେମ୍ବର ୨୦୧୯ ।

ଆମ ମାଟିର ସ୍ୱର

୯ ସମ୍ପାଦକୀୟ : ଘରର 'ଗୃହଲକ୍ଷ୍ମୀ'..: ସୁବାସିନୀ ଜେନା









୧୦
ଅନୁଶୀଳନ-୧ : ହୃଦୟବାନ ହୃଷୀକେଶ
: ଡକ୍ଟର ଭରତ ବେହେରା

୧୯
ମୋ ବାପା : ମଞ୍ଚର ମହାନାୟକ
: ରାଜେନ୍ଦ୍ର ରାଉଳ

୨୬
ସଂସ୍କୃତି: ଚଇତି ଘୋଡ଼ାନାଚ :
ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ

୩୫
ପରମ୍ପରା : ସୁବର୍ଣ୍ଣପୁରର ଅଷ୍ଟଚଣ୍ଡୀ
: ସତ୍ୟବ୍ରତ ପ୍ରଧାନ

୩୮
ଦେବାଳୟ-୧ : ଖିଚିଂର କୀଚକେଶ୍ୱରୀ
: ଇଂ. ବିଦ୍ୟାଧର ପଣ୍ଡା

୪୧
ପଛ-ଝର୍କା : ରାଜନୀତିର ରେଖାଚିତ୍ର
: ନେତାଜୀ ଅଭିନନ୍ଦନ

୪୪ ପର୍ଯ୍ୟଟନ : ନାରାୟଣ ରାଉତରାୟ
୪୯ ଦେବାଳୟ-୨ : ପବିତ୍ର ମୋହନ ବାରିକ
୫୨ ପ୍ରେରଣା : ଶ୍ରୀଗୋବିନ୍ଦ
୫୩ ମୁଦ୍ରା : ଅଜୟ ସ୍ୱାଇଁ
୫୪ ସମକାଳ କବିତା : ଅମରେନ୍ଦ୍ର ଖଟୁଆ
୫୫ : ସୁରେନ୍ଦ୍ର ପାଣିଗ୍ରାହୀ
୫୬ : ଅଜୟ ପ୍ରଧାନ
୫୭ : ହୃଦାନନ୍ଦ ପାଣିଗ୍ରାହୀ
: ପ୍ରୀତିଧାରା ସାମଲ
୫୮ : ଦୀପକ କୁମାର ମିଶ୍ର
: ଜ୍ଞାନୀ ଦେବାଶିଷ ମିଶ୍ର
୫୯ : ସଞ୍ଜୟ କୁମାର ସାହୁ
୬୦ : ଇପ୍ସିତା ଷଡ଼ଙ୍ଗୀ
: ଉତ୍ପଳ ମହାନ୍ତି
୬୧ ଅନୁଶୀଳନ-୨ : ନକୁଳ ଚନ୍ଦ୍ର ସାହୁ
୬୬ କଥାକାହାଣୀ-୧ : ସୌଭାଗିନୀ ପରିଡ଼ା
୭୧ କଥାକାହାଣୀ-୨ : ପ୍ରଶାନ୍ତ କୁମାର ଦାସ











୪୪



୧୯


୭୫ କଥା-କାହାଣୀ-୩ : ସିନ୍ଧୁ ସେନ

୮୦ ପଞ୍ଚତନ୍ତ୍ର କାହାଣୀ : ଡକ୍ଟର ବିବୁଧରଂଜନ

୮୨ ଗୃହ-ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୮୫ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

୧୦୨ ଛାୟାଚିତ୍ର : ଶ୍ରୀଗୋବିନ୍ଦ




୧୦୨

## ନିୟମିତ ବିଭାଗ


୮୮ ରୂପ-ରାଗ : ସସ୍ମିତା ମେହେର

୯୦ ଫ୍ୟାଶନ୍ : ସ୍ନିଗ୍ଧା ତ୍ରିପାଠୀ

୯୨ ରୋଷେଇଶାଳ-୧ : ଶୁଭଲକ୍ଷ୍ମୀ ଦାସ

୯୪ : ସୁରଭି ଭଞ୍ଜ

୯୬ : ଆରତୀ ବେହେରା

୯୮ : ସସ୍ମିତା ବେହେରା

୧୦୦ : ବୀଣାପାଣି ପ୍ରଧାନ




୯୨


୧୦୬ ଶେଷପୃଷ୍ଠା : ଲେଖକ-ପାଠକ.... : କୃଷ୍ଣ କୁମାର ମହାନ୍ତି




୩୮



୪୯



ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ କ୍ରିଏଟିଭ୍ ନିର୍ଦ୍ଦେଶନା : **ସଞ୍ଜୟ ଭଞ୍ଜ,** SICE, ଭୁବନେଶ୍ୱର
ପ୍ରଚ୍ଛଦ ଫଟୋଗ୍ରାଫି : **ଆଦିତ୍ୟ ରାଉତ,** ଖୋର୍ଦ୍ଧା
ପ୍ରଚ୍ଛଦ ଡିଜାଇନ୍ : **ଶିବ୍‌ରାଜ୍ କମ୍ପ,** ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ପ୍ରଚ୍ଛଦ ମଡେଲ୍ : **ଅଙ୍କିତା ଦାଶ,** ଭୁବନେଶ୍ୱର
ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ୍**
ଶିକ୍ଷା : **ବାଣିଜ୍ୟରେ ସ୍ନାତକୋତ୍ତର**
ବୃତ୍ତି : **ଅଭିନୟ**
କଷ୍ଟ୍ୟୁମ୍ ଓ ମେକ୍ଅପ୍ : **ସୁରଭି ଭଞ୍ଜ, ଖୋର୍ଦ୍ଧା**
ବିଶେଷ କୃତଜ୍ଞତା : **ପ୍ରଣୟ ଜେଠୀ,** ଭୁବନେଶ୍ୱର
ସ୍ଥାନ : **କ୍ରିଏଟିଭ୍ ଆଇ କଲଚର୍ ସେଣ୍ଟର୍,** ଭୁବନେଶ୍ୱର

**ମଲାଟ କଥା :** ପୂଜାପାଠ ଓ ଓଷାବ୍ରତ ଭିତରେ ଅଧାରୁ ବେଶି ଆୟୁଷ ନାରୀର ଶେଷ ହୋଇଯାଏ, ତଥାପି ସେ ମଙ୍ଗଳକାମୀ ଆମ ଘରର, ଆମ ଆୟୁଷର । ତାକୁ ଘରର ଲକ୍ଷ୍ମୀ କହୁ ସିନା, ହେଲେ କେବେ ବି ତାକୁ ଆମେ ଦେଇନଥାଉ ତା ତ୍ୟାଗ ଓ ତିତିକ୍ଷାର ପୁରସ୍କାର । ଅଥଚ, ସେ ଆମ ପାଇଁ ଭାବୁଥାଏ, ସେ ଆମର ଦୀର୍ଘାୟୁ କାମନା କରୁଥାଏ, ସେ ପ୍ରାର୍ଥନା କରୁଥାଏ ଭଗବାନଙ୍କ ପାଖରେ ପ୍ରତିନିୟତ । ପବିତ୍ର କାର୍ତ୍ତିକ ମାସର ନିଷ୍ଠା ହେଉ କି ମାର୍ଗଶିରର ମାଣଓଷା, ସବୁଥିରେ ଘରର ନାରୀ ହିଁ ଉଠାଏ ଦାୟିତ୍ୱବୋଧ । ଅମଳର ଋତୁରେ ଘରେ ମାଣ ବସାଇବାର ବାସ୍ନା ଭିତରେ ନାରୀର ଖୁସି ହିଁ ଏଥରର ଆମ ପ୍ରଚ୍ଛଦ ଭାବନା ।

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚରରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com

ସମ୍ପାଦକୀୟ

# ଘରର 'ଗୃହଲକ୍ଷ୍ମୀ' ଓ ଘରର 'ଶ୍ରୀ'

ଘରର ଶ୍ରୀ ଓ ସମୃଦ୍ଧି ପ୍ରତି ନାରୀର ଥାଏ ଏକ ବିଶେଷ ଅବଦାନ । ପରିବାରର ଅନ୍ୟ ସଦସ୍ୟ ଓ ସଦସ୍ୟାମଙ୍କ ଠାରୁ ନାରୀର ଭୂମିକା ଏ ଦିଗରେ ସର୍ବଦା ଗୁରୁତ୍ୱପୂର୍ଣ୍ଣ । ଏମିତିରେ ବି ଘରର 'ଶ୍ରୀ' ହେଉଛି ନାରୀ ନିଜେ । ଯେଉଁ ଘରେ ନାରୀ ଯେତେ ସୁଖୀ ଓ ସମ୍ମାନନୀୟା, ସେ ଘରର 'ଶ୍ରୀ' ସେତିକି ପରିବର୍ଦ୍ଧିତ । ଘରର ସୁଖ ଆଉ ଶ୍ରୀ, ସୁତରାଂ ନାରୀ ହାତର ହିଁ ସବୁଠୁ ବେଶି ଶୃଙ୍ଖଳିତ । ତେଣୁ ତ ଭଗବାନଙ୍କ ବିଶାଳ ସୃଷ୍ଟିରେ ନାରୀକୁ ମିଳିଛି ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାର ସୁଯୋଗ । ସନ୍ତାନକୁ ଗର୍ଭରେ ଧାରଣ କରିବା ହେଉ କିମ୍ବା ତାକୁ ଲାଳନପାଳନ କରିବା, ପୂଜାବ୍ରତ ହେଉ କି ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ, ସବୁଥିରେ ଖୋଜା ପଡ଼େ ନାରୀକୁ ବା ନାରୀ ହିଁ ଥାଏ ସର୍ବାଗ୍ରେ । ତେଣୁ ନାରୀ 'ଗୃହଲକ୍ଷ୍ମୀ' ଭାବରେ ପରିଗଣିତା ହୋଇଥାଏ । ସେଇ ଅନୁସାରେ ନାରୀ ହୁଏ ବନ୍ଦନୀୟା, ମାନନୀୟା ଓ ପୂଜନୀୟା ।

ଓଡ଼ିଆ ଘରର ଗୃହବଧୂ ବା ନାରୀଟିଏ ମାର୍ଗଶିର ମାସରେ ଘରେ ମାଣ ବସାନ୍ତି, ଝୋଟିଚିତା ପକାନ୍ତି, ମାଆ ଲକ୍ଷ୍ମୀଙ୍କ ପୂଜା କରନ୍ତି । ଓଡ଼ିଆ ମାର୍ଗଶିର ମାସ ହେଉ ବା ଇଂଲିଶ୍ ଡିସେମ୍ବର ମାସ ହେଉ, ଏହାକୁ ଅମଳର ମାସ କହି ହେବ । ଏ ମାସରେ ଧାନବିଲରେ ଧାନ କଟା ହୋଇ ଅମଳ କରେ କୃଷକ । ଫସଲ ଅମଳର ଏ ଋତୁରେ ମାଆ ଲକ୍ଷ୍ମୀ ବିରାଜିତ ହୁଅନ୍ତୁ ଘରେ, ଏଇ ଆଶାରେ ଆମ ଓଡ଼ିଆ ଗୃହବଧୂମାନେ ଏପରି ଏକ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ଆଜି ବି ।

ମାଣବସା ଏକ କୃଷିଭିତ୍ତିକ ପର୍ବ ହୋଇଥିଲେ ବି ସବୁଜାତିର ଲୋକେ ଏହାକୁ ପାଳନ କରିଥାନ୍ତି । କାରଣ ଏହି ଓଷା ପାଳନ ମୂଳରେ ଯେଉଁ ବିଶ୍ୱାସଟି ରହିଛି, ତାହା ହିଁ ମହତ୍ୱପୂର୍ଣ୍ଣ । ଧନଧାନ୍ୟରେ ପରିପୂର୍ଣ୍ଣ ହେବାକୁ କିଏ ନ ଚାହେଁ ଏ ପାର୍ଥିବ ଦୁନିଆରେ ! ଧନଧାନ୍ୟ ବୃଦ୍ଧି ନିମନ୍ତେ ମହାଲକ୍ଷ୍ମୀଙ୍କର ପୂଜା ଓ ଆରାଧନା ଅନିବାର୍ଯ୍ୟ । ସୁତରାଂ ଏହି ମାଣବସା ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ମାଆଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ-ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଏ । ମାର୍ଗଶିର ମାସରେ ଓଡ଼ିଆ ଘରର ପ୍ରତ୍ୟେକ ନାରୀ ଏହି ଓଷା ପାଳନ କରିଥାନ୍ତି ନିଷ୍ଠାର ସହ । ଯେହେତୁ ଏହା ଧାନ ଅମଳର ସମୟ, ତେଣୁ ପୂଜାଘରେ 'ଧାନମାଣ' ବସାଇ ଏହାକୁ ପୂଜା କରା ଯାଇଥାଏ । ଘରର ଦ୍ୱାରବନ୍ଧ ମଧ୍ୟ 'ଧାନବେଣୀ'ରେ ସଜା ଯାଇଥିବାର ଦେଖାଯାଏ । ଧାନକେଣ୍ଡାକୁ ଗୁନ୍ଥି ଏହି 'ବେଣୀ' ତିଆରି କରାଯାଇଥାଏ ।

ମାଣଓଷା ପର୍ବର କିମ୍ବଦନ୍ତୀ କଥା ମନେ ପକାଇଲେ ଶ୍ରୀୟା ଚଣ୍ଡାଳୁଣୀ କଥା ଆମ ମନକୁ ସ୍ୱତଃ ଆସିବ । ଶ୍ରୀୟା ନିଜ ଘରକୁ ପରିଷ୍କାର କରି ଲିପାପୋଛା ସହ ପୂଜା ପାଇଁ ସଜବାଜ କରିଥିବା ଦେଖି ମାଆଲକ୍ଷ୍ମୀ ମୁଗ୍ଧ ହୋଇଥିଲେ । ତେଣୁ କୋଉଠି ନା କୋଉଠି ଏ କାହାଣୀ ସହ ନାରୀର ମର୍ଯ୍ୟାଦା ଓ ଛୁଆଁଅଛୁଆଁ ଭେଦଭାବର ଏକ ବାର୍ତ୍ତା ଥାଏ । ଘରେ ଲକ୍ଷ୍ମୀଙ୍କୁ ଆବାହନ କରୁଥିବା ଏ ସମାଜ, ଘରର ଗୃହବଧୂକୁ ବା ଗୃହବଧୂ ରୂପରେ ଥିବା ନାରୀକୁ ଖୁସି ପ୍ରଦାନ କରିବା ଦରକାର । ନାରୀ ହିଁ ଘରର ମଙ୍ଗଳ କାମନା କରୁଥାଏ । ସେ ପୂଜାପାଠ କରିବା ଠାରୁ ଘରର ପ୍ରତ୍ୟେକ ସଦସ୍ୟଙ୍କ ମନଜାଣି ନିଜକୁ ସେଇଭଳି ପ୍ରସ୍ତୁତ କରାଇଥାଏ । ସେଇଥିପାଇଁ ଗୃହଲକ୍ଷ୍ମୀ ଭାବରେ ଘରର ନାରୀଟିକୁ ବିବେଚନା କରାଯାଇଥାଏ ।

ଆଜିର ସମାଜ ଯେତେ ବେଶି ବିକଶିତ ହୋଇଥିଲେ ମଧ୍ୟ 'ନାରୀ'ର ଉପସ୍ଥିତି ଏବଂ ତ୍ୟାଗକୁ ଅସ୍ୱୀକାର କରାଯାଇ ପାରିବନି । ସେବା ଓ ତ୍ୟାଗ ବଳରେ ଏ ମଣିଷ ସମାଜକୁ ଲାଳନପାଳନ କରି ମାର୍ଗ ଦେଖାଇଥାଏ ଜଣେ ନାରୀ । ସେ 'ନାରୀ'ଟି ବିନା ଏ ସମାଜର ସ୍ଥିତି କିପରି ହୁଅନ୍ତା, ତାହା କଳ୍ପନା କରିବା ଅସମ୍ଭବ । ଘର ଭିତରେ ହେଉ କି ବାହାରେ, ସର୍ବତ୍ର ଆଜିର ଏ ସମାଜ ନାରୀକୁ ନାରୀର ଏତେସବୁ ଅବଦାନ ସତ୍ତ୍ୱେ କୋଉଠି ନା କୋଉଠି ବୁଝିବାରେ ଭୁଲ୍ କରୁଥିବା ପରି ମନେହୁଏ । ସେଇ ଭୁଲ୍ ବୁଝିବା କଥାଟିକୁ ବୁଝିଗଲେ ବୋଧହୁଏ ଏକ ମଙ୍ଗଳମୟ ସମାଜ ଆମେ ପାଇପାରିବା ।

ଘରକୁ ଲକ୍ଷ୍ମୀ ଆସନ୍ତୁ ବୋଲି ଘରର ନାରୀଟିଏ ହିଁ ଯାବତୀୟ ପୂଜାର୍ଚ୍ଚନା ଓ ସଜବାଜରେ ଲାଗିଥାଏ । ସେ ତା' ନିଜ ପାଇଁ ଏହା କରେ ନାହିଁ । ପୁରା ଘର ଓ ପରିବାର ପାଇଁ ସେ ଚିନ୍ତା କରେ । ତେଣୁ ତ ମାର୍ଗଶିର ମାସର ଚାରି କିମ୍ବା ପାଞ୍ଚଟି ଗୁରୁବାରରେ ଘର ହୋଇଉଠେ ଶୁଦ୍ଧପୂତ ଓ ଲକ୍ଷ୍ମୀମୟ । ଘରର ସୌନ୍ଦର୍ଯ୍ୟ ବଢ଼ିଯାଏ ଏହିଦିନ । ଝୋଟିମୁରୁଜରେ ଚିତ୍ରାୟିତ ହୁଏ ଘରର ଚଟାଣ ଓ କାନ୍ଥ । ଠାକୁରଘରେ ଧୂପଦୀପ ନୈବେଦ୍ୟରେ ପୂଜା ପାଆନ୍ତି ମାଆଲକ୍ଷ୍ମୀ । ଏଇଥିରେ ସତେ ଯେମିତି ପୂରିଯାଏ ଘରର ନାରୀଟିର ମନ ଓ ପ୍ରାଣ । ଏପରି ଏକ ଭୂମିକାରେ ନାରୀକୁ ଦେଖିବା ପରେ କେବେ କ'ଣ ଆମ ମନରେ ଉଙ୍କି ମାରିପାରେ ତାକୁ ଅମର୍ଯ୍ୟାଦା କରିବାର କାଣିଚାଏ ବି ଇଚ୍ଛା ? କେବେ କ'ଣ ଆମେ କରିପାରୁ ତାକୁ ପୀଡ଼ା ଦେବାର ସାମାନ୍ୟତମ ପରିକଳ୍ପନା ? ନା, ଏପରି ସମ୍ଭବ ନୁହେଁ ଏକ ସଭ୍ୟ ସମାଜରେ ।

ଆସନ୍ତୁ, ମାଆଲକ୍ଷ୍ମୀଙ୍କର ଆବାହନୀ ଭିତରେ ଆମେ ସମସ୍ତେ ଆସୁରିକ ଇଚ୍ଛାକୁ ଦମନ କରିବାର ଶକ୍ତି ପ୍ରାପ୍ତ ହେବା । ନାରୀର ମର୍ଯ୍ୟାଦା, ନାରୀର ବନ୍ଦନା, ନାରୀ ପାଇଁ ପ୍ରାର୍ଥନା କରିବାର ଏକ ସୁନ୍ଦର ସକାଳ ଗଢ଼ିବା । ବର୍ଷଶେଷର ଏ ସଂଖ୍ୟା ଆପଣମାନଙ୍କ ହାତକୁ ଅର୍ପଣ କରିବା ବେଳେ ଆଗାମୀ ଦୁଇ ହଜାର କୋଡ଼ିଏର ନବବର୍ଷ ସଂଖ୍ୟା ପାଇଁ ଆପଣମାନଙ୍କର ସହଯୋଗ ଓ ସଦିଚ୍ଛା ଆଶା କରିବି ।

ସମ୍ପାଦିକା



ଅନୁଷ୍ଠାନିକ-୧

# ହୃଦୟବାନ ହୃଷୀକେଶ



# କବିତାର ଆର୍ଥନୀତିକ ଆଧାର
# ହୃଷୀକେଶଙ୍କ କୃତି ସମ୍ଭାର

**ହୃଷୀକେଶ ମଲ୍ଲିକ : ଓଡ଼ିଆ କବିତାର ମହାନାୟକ । ୧୯୫୫ ମସିହା ମାର୍ଚ୍ଚ ପାଞ୍ଚ ତାରିଖରେ ଜନ୍ମ । ଭଦ୍ରକ ଜିଲ୍ଲାର ବାଣିତିଆ ଗ୍ରାମରେ । ଛାତ୍ରାବସ୍ଥାରୁ ତାଙ୍କ କୃତି ସମ୍ଭାରର ଚୁମ୍ବକୀୟ ଆକର୍ଷଣ ସ୍ୱଷ୍ଟ ଭାବରେ ବାରି ହୋଇ ପଡ଼ିଥିଲା । ଉଚ୍ଚ ଶିକ୍ଷା ସମାପ୍ତି ପରେ ବିଭିନ୍ନ ସରକାରୀ କଲେଜ୍‌ରେ ଅଧ୍ୟାପନା ସହ ତୁଳନାତ୍ମକ ସାହିତ୍ୟରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ପ୍ରାପ୍ତ । କେବଳ କବିତା ନୁହେଁ ସମାଲୋଚନା କ୍ଷେତ୍ରରେ ତାଙ୍କ ବ୍ୟୁତ୍ପତ୍ତି ଅସୀମ । ନଅ ଖଣ୍ଡ କବିତା ପୁସ୍ତକ, ଦୁଇଖଣ୍ଡ ଗଳ୍ପ ପୁସ୍ତକ, ଦୁଇଖଣ୍ଡ ଶିଶୁ ପୁସ୍ତକ, ଚାରିଖଣ୍ଡ ସମାଲୋଚନା ପୁସ୍ତକର ସ୍ରଷ୍ଟା ସେ । ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ର ଓଡ଼ିଆ ଅନୁବାଦ ତାଙ୍କର ଏକ ଅମୂଲ୍ୟ କୃତି । ଭଦ୍ରକରୁ ଏକଦା ପ୍ରକାଶିତ 'ଗଳ୍ପଝର'ର ସେ ଥିଲେ ସମ୍ପାଦନା ଦାୟିତ୍ୱରେ । ଅଧୁନା ଅବସର ପରେ 'ଧରିତ୍ରୀ ସାହିତ୍ୟାୟନ'ର ସମ୍ପାଦନାରେ ବ୍ରତୀ । ତାଙ୍କର ସମୁଦାୟ କାବ୍ୟକୃତିକୁ ନେଇ ଭରତ ବେହେରାଙ୍କ ଆକଳନ, ଆମର ଏଇ ପ୍ରତିବେଦନ ।**




**ଡକ୍ଟର ଭରତ ବେହେରା**

ଏମ୍‌ଆଇଜି - ୨୨, ଜିଏସ୍ ନଗର,
ଜଗତପୁର, କଟକ



ଫଟୋ ସୌଜନ୍ୟ : ହୃଷୀକେଶ ମଲ୍ଲିକ

୧୯୫୫ ମସିହା ମାର୍ଚ୍ଚ ପାଞ୍ଚ ତାରିଖରେ ଭଦ୍ରକ ଜିଲ୍ଲାରେ ଜନ୍ମିତ ହୃଷୀକେଶ ମଲ୍ଲିକ ଓଡ଼ିଆ ସାହିତ୍ୟ କୁଞ୍ଜବନରେ ଅଲ୍‌ରାଉଣ୍ଡର୍ ଭାବରେ ପରିଚିତ । ଉଭୟ ଗଦ୍ୟ-ପଦ୍ୟ ସର୍ଜନାରେ ସେ ସିଦ୍ଧହସ୍ତ । ଛାତ୍ରାବସ୍ଥାରୁ ତାଙ୍କ କୃତି ସମ୍ଭାରର ଚୁମ୍ବକୀୟ ଆକର୍ଷଣ ସ୍ୱଷ୍ଟ ଭାବରେ ବାରି ହୋଇ ପଡ଼ିଥିଲା । ଉଚ୍ଚ ଶିକ୍ଷା ସମାପ୍ତି ପରେ ବିଭିନ୍ନ ସରକାରୀ କଲେଜ୍‌ରେ ଅଧ୍ୟାପନା ସହ ତୁଳନାତ୍ମକ ସାହିତ୍ୟରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ହାସଲ କରିଛନ୍ତି । ଏଯାବତ୍ ତାଙ୍କର ନଅ ଖଣ୍ଡ କବିତା ପୁସ୍ତକ, ଦୁଇଖଣ୍ଡ ଗଳ୍ପ ପୁସ୍ତକ, ଦୁଇଖଣ୍ଡ ଶିଶୁ ପୁସ୍ତକ, ଚାରିଖଣ୍ଡ ସମାଲୋଚନା ପୁସ୍ତକ, ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ର ଓଡ଼ିଆ ଅନୁବାଦ, ବିଭିନ୍ନ ସମ୍ବାଦପତ୍ରରେ ସ୍ତମ୍ଭଲେଖା ସହିତ ଭଦ୍ରକରୁ ଏକଦା ପ୍ରକାଶିତ 'ଗଳ୍ପଝର' ପତ୍ରିକାର ସମ୍ପାଦନା କରିଛନ୍ତି । ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ହେଉଛି ସେ ସମ୍ମାନ ଓ ପୁରସ୍କାର ପଛରେ ଦୌଡ଼ିନାହାନ୍ତି, ବରଂ ସେସବୁ ତାଙ୍କ ପ୍ରତିଭା ପଛରେ ଦୌଡ଼ିଛନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ମାନ, ଶାରଳା ପୁରସ୍କାର, ଝଙ୍କାର ବିଷୁବ କବିତା ପୁରସ୍କାର, ଧରିତ୍ରୀ କବିତା ପୁରସ୍କାର, ଭଦ୍ରକ ପୁସ୍ତକ ମେଳା ପୁରସ୍କାରରେ ସମ୍ମାନିତ ହେବା ସଂଗେ ସଂଗେ ଆହୁରି ବହୁ ପୁରସ୍କାର ପାଇଛନ୍ତି ସେ । ଅଧିକନ୍ତୁ ବିଭିନ୍ନ ସ୍ମାରକୀ ବକ୍ତୃତାମାଳାରେ ସେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ଜାତୀୟ ସ୍ତରରେ ଓଡ଼ିଆ କବିତାର ପ୍ରତିନିଧିତ୍ୱ କରିଛନ୍ତି । ସମ୍ପ୍ରତି ସେ 'ଧରିତ୍ରୀ ସାହିତ୍ୟାୟନ' ଟାବ୍‌ଲଏଡ଼୍‌ର ସମ୍ପାଦନାରେ ମଗ୍ନ ।

ହୃଷୀକେଶ୍‌ଙ୍କ ସୃଷ୍ଟି ସମ୍ଭାରରେ 'ଧାନ ସାଉଁଟା ଝିଅ' (୧୯୮୭), 'ଉଜୁଡ଼ା କ୍ଷେତର ଗୀତ' (୧୯୯୧), 'ଘଟ ଆକାଶ' (୧୯୯୮), 'ଧର୍ମପତ୍ନୀ' (୨୦୦୦), 'ଜୀବନ ନାମା' (୨୦୦୦), 'ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ' (୨୦୦୨), 'ବସୁଷେଣ' (୨୦୦୬), 'ଜେଜେ ଦେଖି ନଥିବା ଭାରତ' (୨୦୧୫) ଓ 'ରେବତୀ' (୨୦୧୬) ଅନ୍ତର୍ଭୁକ୍ତ । ସମ୍ପ୍ରତି ତାଙ୍କ ସମଗ୍ର କାବ୍ୟକୃତିର ସଂକ୍ଷିପ୍ତ ସଂସ୍କରଣ ପ୍ରକାଶ ପାଇଛି 'ଶ୍ରେଷ୍ଠ କବିତା' ଶୀର୍ଷକରେ । 'ଜେଜେ ଦେଖିନଥିବା ଭାରତ' ଓ 'ରେବତୀ' କବିତା ଗ୍ରନ୍ଥ ଏଥିରେ ସଂଯୋଜିତ ହୋଇ ନାହିଁ । ମୋଟାମୋଟି ଭାବରେ ତାଙ୍କ କାବ୍ୟକୃତିର ଏହା ହେଉଛି ବଳିଷ୍ଠ ନକ୍ସା । ଅନେକ କବିତା ଗ୍ରନ୍ଥରେ କବି ଭୂମିମନସ୍କ । "କଥନ ଭଙ୍ଗୀର ସ୍ୱଚ୍ଛଳତା, ତୀବ୍ରତା ଓ ଅନୁଭବର ବୈଚିତ୍ର୍ୟ ତଥା ବିବିଧତା ପାଇଁ ପାଠକର ବୁଦ୍ଧି ଓ ବୋଧର ନାନା ସ୍ତରରେ ସେ ଧରା ଦିଅନ୍ତି ।" **(ପ୍ରକାଶକୀୟ ବକ୍ତବ୍ୟ, ଶ୍ରେଷ୍ଠ କବିତା, କଭର ବେକ୍)** କବି ହୃଷୀକେଶ୍ ଭୂମିକୁ ଆଧାର କରି ଜୀବିକା ନିର୍ବାହ କରୁଥିବା

ସବାତଳ ମଣିଷର ବ୍ୟଥା ବେଦନାକୁ ଏକାନ୍ତ ଅନ୍ତରଙ୍ଗ ଭାବରେ ହୃଦ୍‌ବୋଧ କରିଛନ୍ତି । ଏଯାବତ୍ ତାଙ୍କୁ ମାଟି ମନସ୍କତା ଭିତରେ ଅଟକେଇ ଦିଆଯାଇଛି । ଏହି ସମାଲୋଚକର ମତରେ ହୃଷୀକେଶ ମାଟି ମନସ୍କତା ଠାରୁ ବହୁ ଉର୍ଦ୍ଧ୍ୱରେ, ଭୂମି କର୍ଷଣ କରି ଗୁଜୁରାଣ ମେଣ୍ଟାଉଥିବା ମଣିଷମାନଙ୍କ ଆର୍ଥିକ ଦୁରବସ୍ଥାର ମର୍ମନ୍ତୁଦ ଚିତ୍ର ତାଙ୍କ କବିତା ସମଗ୍ରରେ ଫୁଟି ଉଠିଛି । ଅନ୍ୟ ଭୂମିମନସ୍କ ସ୍ରଷ୍ଟାଙ୍କ ଠାରୁ ହୃଷୀକେଶ ଅଲଗା, ସ୍ୱତନ୍ତ୍ର । 'ଶ୍ରେଷ୍ଠ କବିତା' ସଂକଳନର ପୃଷ୍ଠା ବିହୀନ 'ଆକଳନ' ଶୀର୍ଷକ ଦୀର୍ଘ ଆଲୋଚନାରେ ସମାଲୋଚକ ଡକ୍ଟର ନିତ୍ୟାନନ୍ଦ ଶତପଥୀଙ୍କର ବ୍ୟକ୍ତବ୍ୟ ଏମିତି: "ପାଶ୍ଚାତ୍ୟ ଅନୁସୃତ ଏକ ନଗରୀ ଚେତନାରୁ ପାଠକର ଦୃଷ୍ଟି ହଟାଇ ଏକ ଗ୍ରାମ୍ୟ ଚେତନାରେ ନିବଦ୍ଧ କରାଇବାରେ ତାଙ୍କ କବିତା ପ୍ରଧାନ ଭୂମିକା ଗ୍ରହଣ କରିଛି ।" କବିଙ୍କ ସମସ୍ତ କାବ୍ୟକୃତି ଉପରେ ସମ୍ପୃକ୍ତ ଆଲୋଚନା ପର୍ଯ୍ୟବସିତ ।

'ଶ୍ରେଷ୍ଠ କବିତା' ସଂକଳନର ପ୍ରଥମ ଗ୍ରନ୍ଥ 'ଧାନ ସାଉଁଟା ଝିଅ' ମୁଖ୍ୟତଃ ଚାଷୀ, ଚାଷୁଣୀ, ଚାଷୀ କନ୍ୟା ଓ ଅନ୍ୟ ଗ୍ରାମବାସୀଙ୍କ ଜୀବନ ଚରିତର ଗୋଟେ




ଅପୂର୍ବ ଇସ୍ତାହାର । 'ଉଜୁଡ଼ା କ୍ଷେତର ଗୀତ' ଗାଁ ସାହାନ୍ତଙ୍କ ଶୋଷଣ ପୀଡ଼ନ, 'ଘଟ ଆକାଶ' ଗ୍ରନ୍ଥରେ ମାନବିକ ବେଦନା, 'ଧର୍ମପତ୍ନୀ'ରେ ନାରୀର ବେଦନା ଓ ମହିମା, 'ଜୀବନ ନାମା' ଗ୍ରନ୍ଥରେ ସମକାଳର ମାନବିକ ଯନ୍ତ୍ରଣା, 'ସାକ୍ଷୀ ଚନ୍ଦ୍ର ସୂର୍ଯ୍ୟ'ରେ ସମକାଳର ଚିତ୍ର ସହ କାବ୍ୟିକ ଆହ୍ୱାନ, 'ବସୁକ୍ଷେଣ' କାବ୍ୟ ଗ୍ରନ୍ଥରେ କର୍ଣ୍ଣ ଜୀବନର ମର୍ମଦାହୀ ଗାଥା, 'ଜେଜେ ଦେଖିନଥିବା ଭାରତ'ରେ ମୂଲ୍ୟବୋଧର ସଂଘର୍ଷ ଓ ସଂକଟ, 'ରେବତୀ' ଗ୍ରନ୍ଥରେ ନାରୀ ସମସ୍ୟା ବେଶ୍ ପ୍ରାଞ୍ଜଳ ଭାବରେ ଉପସ୍ଥାପିତ । ସମ୍ପୃକ୍ତ ପ୍ରବନ୍ଧ ଆଲୋଚନା ଶ୍ରେଷ୍ଠ କବିତା ଅନ୍ତର୍ଭୁକ୍ତ ଓ ବହିର୍ଭୁକ୍ତ ଗ୍ରନ୍ଥର ସାମଗ୍ରିକ ମୂଲ୍ୟାୟନର ଗୋଟେ ସ୍ୱଚ୍ଛ ଦର୍ପଣ ।

॥୧॥

ହୃଷୀକେଶଙ୍କ ପ୍ରଥମ କବିତା ଗ୍ରନ୍ଥ 'ଧାନ ସାଉଁଟା ଝିଅ' ପ୍ରକାଶିତ ହୁଏ ୧୯୮୭ ମସିହାରେ । ଆଦ୍ୟ ଗ୍ରନ୍ଥ ହିଁ ତାଙ୍କୁ ଆଣି ଦେଇଥିଲା ପର୍ଯ୍ୟାପ୍ତ ପ୍ରସିଦ୍ଧି "ତାଙ୍କର ପ୍ରଥମ କବିତା ପୁସ୍ତକ 'ଧାନ ସାଉଁଟା ଝିଅ' (୧୯୮୭)କୁ ଓଡ଼ିଆ ସାହିତ୍ୟ ଏକାଡ଼େମି ପୁରସ୍କାର ମିଳିବାର ସୌଭାଗ୍ୟ ମିଳିଥିଲା ୧୯୮୮ରେ । ଏପରି ଗୌରବ ଜଣେ ଲେଖକକୁ କ୍ୱଚିତ୍ ମିଳେ ।" **(ଡକ୍ଟର ନିତ୍ୟାନନ୍ଦ ଶତପଥୀ : ଆକଳନ, ଶ୍ରେଷ୍ଠ କବିତା)** କହିବା ବାହୁଲ୍ୟ ସମ୍ପୃକ୍ତ ଗ୍ରନ୍ଥ ଗ୍ରାମ୍ୟ ଦରିଦ୍ର ମଣିଷର ଜୀବନ ସଙ୍ଗୀତ ଗାନ କରିବାରେ ସକ୍ଷମ ହୋଇଛି । ଭାରତୀୟ ସମାଜ ଗୋଟେ ପୁରୁଷ ପ୍ରାଧାନ୍ୟ ରକ୍ଷଣଶୀଳ ସମାଜ । ଏପରି ସମାଜରେ ସବାତଳ ବିଭାଗର ଝିଅମାନଙ୍କ ପାଇଁ ପ୍ରଭୂତ କଟକଣା, ଗୋଟେ ବିରାଟ ବାରଣ ଭିତରେ ସେମାନଙ୍କ ଜୀବନ ଆରମ୍ଭ, ବୃଦ୍ଧି ଓ ବିଲୟ । ଛେଳି ହେଉଛି ସେମାନଙ୍କ ଜୀବନ ଜୀବିକାର ପ୍ରୋତ୍ସାହିତ ଉତ୍ସ । ଶିକ୍ଷାରହିତ ଗ୍ରାମ୍ୟବାଳିକାକୁ ସକାଳରୁ ନିଶାର୍ଦ୍ଧ ଯାଏଁ କାମ ଛାଡ଼େ ନାହିଁ । ସକାଳର ସିନ୍ଦୂରା ଫଟା ଆଗମନ, କିମ୍ବା ପକ୍ଷୀଙ୍କର କିଚିରି ମିଚିରି ଶବ୍ଦ ପ୍ରତି ସେ ଉଦାସୀନା । ପହଁରାର ଚର୍ ଚର ଶବ୍ଦରୁ ଜାଣିହୁଏ ସକାଳର ଆଗମନ । ସକାଳ ଠାରୁ ସନ୍ଧ୍ୟା ଯାଏଁ ପାଖ ପତଡ଼ା କି ଅରଣ୍ୟରେ ଛେଳି ଚରାଇବା ହିଁ ତା'ର ମୁଖ୍ୟ କାମ । ତା' ବାହ୍ୟିକ ସ୍ଥିତିକୁ ଲକ୍ଷ୍ୟ କରା ଯାଇପାରେ, ମାତ୍ର ତା' ଅଭ୍ୟନ୍ତରର ଅନ୍ଧକାରକୁ କେହି ପଢ଼ନ୍ତି ନାହିଁ । ଗ୍ରାମ୍ୟ କିଶୋରୀ ତଅପୋଇ ହୋଇପାରେ ବା ତା'ର ଉତ୍ତର ପୁରୁଷ ହୋଇପାରେ । କାବ୍ୟପୁରୁଷ ଏପରି ଜନୈକା କିଶୋରୀକୁ ବାତ୍ସଲ୍ୟ ସ୍ନେହ ଅଜାଡ଼ି ଦେଇଛନ୍ତି । ଯେମିତି : "ଗୋଡ଼ କଟାଡ଼ନାରେ ଝିଅ, ଅଳତା ନାଇବା ମନା ତୋତେ/ଲୁହ ଝରାନାରେ ଝିଅ, କଜଳ ଘେନିବା ମନା ତୋତେ **XXXX** ଭାବିଷ୍ଠି ପରା ମନା ତୋତେ **XXXX** ରୁଷିବା ମନା ପା' ତୋତେ **XXXX** / କଉଡ଼ି ମନା ପା' ତୋତେ **XXXX** ହକୁଚି କରନା ଝିଅ, ହକୁଚି ମନା ପା' ତୋତେ ।" **(ଶ୍ରେ.କ. : ପୃ- ୩୭, ୩୮, ୩୯)**

କନ୍ୟା ଓ ନାରୀ ମାନଙ୍କୁ ପ୍ରତିବାଦ ନକରି ସବୁ ସହିଯିବାକୁ ନିର୍ଦ୍ଦେଶ ଦେଇଥିବା ଭାରତୀୟ ରୁଢ଼ିବାଦୀ ସମାଜର କି ଅବିଚାର ସତରେ । ଅର୍ଦ୍ଧେକ ଜନସଂଖ୍ୟା ପ୍ରତିବାଦ ପ୍ରତିରୋଧ ରହିତ । 'ଧାନ ସାଉଁଟା ଝିଅ' ଗ୍ରନ୍ଥରୁ ବଛା ବଛା ଦଶଟି କବିତା 'ଶ୍ରେଷ୍ଠ କବିତା'ରେ ସନ୍ନିବିଷ୍ଟ । ତନ୍ମଧ୍ୟରୁ ସାତଟି କବିତା ନାରୀ ଚରିତ୍ର ଉପରେ ନିବଦ୍ଧ । ସଂପୃକ୍ତ କବିତାରେ କାବ୍ୟନାୟକ ନାରୀର ମହିମା, ମର୍ମଦାହ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅର୍ଥନୀତିକୁ ଆଧାର କରି ଗ୍ରାମ୍ୟ ଅର୍ଥ ବ୍ୟବସ୍ଥାର ନିଷ୍କରୁଣ ଚିତ୍ର ତୋଳି ଧରିଛନ୍ତି, ଯାହା ପାଠକ, ସମାଲୋଚକ ଓ ମାମୁଲି ମଣିଷର ଚେତନାକୁ ହଲଚଲ କରିବାକୁ ସାମର୍ଥ ରଖେ । ତା'ର ଗୋଟିଏ ଉଦ୍ଧୃତି ଏପରି । "ନୁଣ ଶାମୁକେ ଉଧାର ପାଇଁ ଲୋଡ଼ା ହୁଏ ପଡ଼ୋଶୀଟିଏ / ଚିଠ ଲେଖିବା ପାଇଁ ଲୋଡ଼ା ହୁଏ / ଦୂର ଗାଁର ଟାଉକୀ ଝିଅଟିଏ +++ ଜନମ ଜନମର ଧୂଳି ଜମିଛି / ଦିହରେ ମୋର / ମୋଟ ବୋହି ବୋହି / ବେକ ମୁଣ୍ଡ ବଧିଆ / ଛାତି ଭିତରେ ଅନାଦି କାଳର ଘୁଡୁ ଘୁଡ଼ି / ହାଡ଼େ ହାଡ଼େ ମୋର ଗୁମୁସିଆ ଜର ପୂରିଛି ।" **(ଶ୍ରେ.କ. : ପୃ. - ୪୧)**

ହୃଷୀକେଶଙ୍କର ଜନ୍ମ ଭଦ୍ରକ ଜିଲ୍ଲା ବାଗିତିଆ ମଫସଲ ଗାଁରେ । କୈଶୋର,

ତାରୁଣ୍ୟ ସେଇଠି ବିତିଥିବ । ତାଙ୍କର ତୀକ୍ଷଣ ଅନୁଭବ, ଅବିସ୍ମରଣୀୟ ସ୍ମରଣ ଶକ୍ତି ଓ ଡିଜିଟାଲ୍ ଆଖିରେ ଗ୍ରାମୀଣ ମଣିଷ ଓ ତାଙ୍କ ଆର୍ଥନୀତିକ ଚିତ୍ରକୁ ଜୀବନ୍ତ ତୋଳି ଧରିଛି, ଯାହାକୁ ସେ ପରବର୍ତ୍ତୀ ସମୟରେ ଶବ୍ଦରୂପ ଓ ଚିତ୍ରରୂପ ପ୍ରଦାନ କରିବାରେ ଶତ ପ୍ରତିଶତ ସଫଳ ହୋଇଛନ୍ତି । ମାଇକ୍ରୋ ଏବଂ ମେକ୍ରୋ ଉଭୟ ଦିଗରୁ ସେ ଗ୍ରାମ୍ୟ ଜୀବନକୁ ଟିକି ନିଖି ଅନୁଧ୍ୟାନ ଓ ଅଧ୍ୟୟନ କରିଛନ୍ତି । ସେଥିପାଇଁ ତାଙ୍କ କବିତା ଉଭୟ ପ୍ରଗତିବାଦୀ ଓ ଅର୍ଥନୀତି ଆଧାରରେ ମଜବୁତ । ଆମ ସମବାୟ ସମିତିଗୁଡ଼ିକର କାର୍ଯ୍ୟଧାରା ସାମନ୍ତ ଶାସନ ଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ମରୁଡ଼ି ଭଳି ଅକାଳରେ ଋଣଗ୍ରସ୍ତ ଚାଷୀଘର ମଧ୍ୟ କ୍ରୋକ୍ ନିଲାମରୁ ବାଦ୍ ପଡ଼ିନାହିଁ । ମରୁଡ଼ି ଭଳି ଅକାଳରେ ଋଣଗ୍ରସ୍ତ ଚାଷୀ ଘର ମଧ୍ୟ କ୍ରୋକ୍ ନିଲାମରୁ ବାଦ୍ ପଡ଼ିନାହିଁ । କ'ଣ ମିଳିଲା କ୍ରୋକ୍ ନିଲାମରୁ ? ଚାଷୀଘରେ ଥିବା ପରି ସମ୍ପତ୍ତି (asset) ତାଲିକାର ରୂପରେଖ କ'ଣ ? ଋଣଗ୍ରସ୍ତ ଚାଷୀ ଓ ତା'ର ନିଲାମ ହେବାକୁ ଯାଇଥିବା ପରିସମ୍ପତ୍ତିର ତାଲିକା ପ୍ରଦାନ କରି କବି ପାଠକ ଓ ମାମୁଲି ମଣିଷକୁ ତଟସ୍ଥ କରିଦେବା ସଙ୍ଗେ ସଙ୍ଗେ ପ୍ରତିଜ୍ଞା ହେବା ପାଇଁ ସୂଚନା ଦେଇଛନ୍ତି । ଏହାର ଗୋଟିଏ ହୃଦୟଭେଦୀ ଉଦ୍ଧୃତ ଏମିତି : "ଦରିଦ୍ର ପସରା ଖଣ୍ଡେ ତାଟିଆ ଓ କବାଟ ପଟିକ ଧରି/ସୋସାଇଟି କ୍ରୋକ ଗାଡ଼ି ଅଦୃଶ୍ୟ ହୋଇବା ପରେ

\+ + + + +

ଚହଲି ଗଲା ଗଣେଶର ପା' ତଳ / ଟୀକା ଗୋବିନ୍ଦ ଚନ୍ଦ୍ରର ଲୁହ ଛିଡ଼ିକାରେ / ଓଦା ହେଲା ସବୁ ଲୋମ ମୂଳ" **(ଶ୍ରେ.କ. : ପୃ. - ୪୫)**

ହୃଷୀକେଶ୍ କେବଳ ଗାଁ ଅର୍ଥ ବ୍ୟବସ୍ଥାର ନିଷ୍କରୁଣ ଚିତ୍ର ପ୍ରଦାନ କରି ନାହାନ୍ତି, ତା' ସହିତ ଗାଁର ତ୍ୟାଗୀ, ଉତ୍ସର୍ଗୀକୃତ ଯୁବସମାଜର ଚିତ୍ର ମଧ୍ୟ ତୋଳି ଧରିଛନ୍ତି । ଫକୀର ମୋହନଙ୍କ 'ରାଣ୍ଡିପୁଅ ଅନନ୍ତା' ଗଳ୍ପର ନାୟକ ଏଠାରେ ସ୍ମରଣକୁ ଆଚ୍ଛନ୍ନ କରିଦିଏ । ସେମିତି ଜଣେ ଗ୍ରାମ୍ୟ ଯୁବକର ତ୍ୟାଗପୂତ ଜୀବନକୁ କାବ୍ୟପୁରୁଷ ପାଠକ ସାମ୍ନାକୁ ଆଣିଛନ୍ତି । ତଫାତ୍ ହେଉଛି ଦରିଦ୍ର ପରିବାରର ଖାଦ୍ୟଭାସର ଗୋଟିଏ ଚିତ୍ର ଏମିତି: "ଥଣ୍ଡା ପାହୁଲରେ ନିପିବି ବୋଲି / ଫୁଟା ତେଲ + + ଶୀତଳ ହେଲା / ବାଉଁଶ କରଡ଼ି ଦେଇ ପୋଡ଼ପିଠା ପୋଡ଼ି ଥିଲି : ବାସି ହେଲା ।" **(ଶ୍ରେ.କ. : ପୃ-୪୮)** । ବିଶେଷତ୍ୱ ହେଉଛି, କବି ଗୋଟିଏ ପୁତ୍ରହରା ଅଭାବୀ ମାଆର ମନସ୍ତତ୍ତ୍ୱ ଓ ସେମାନଙ୍କ ଖାଦ୍ୟର ଚିତ୍ର ପ୍ରଦାନ କରିଛନ୍ତି ।

ପ୍ରତ୍ୟେକ ଶାରୀରିକ ଶ୍ରମ ପୀଡ଼ା ଦାୟକ, ସେ ଅଣକୁଶଳୀ, ଅର୍ଦ୍ଧକୁଶଳୀ ବା କୁଶଳୀ ଶ୍ରମ, ଯାହା ହଉ ତା'ର ଶ୍ରେଣୀ ବିଭାଜନ । ଝାଳ, ଲାଳ ଲୁହ ଲହୁ ସହିତ ସେ ଶ୍ରମ ଜଡ଼ିତ । ହୃଷୀକେଶ୍ ସେହି ଶାରୀରିକ ଶ୍ରମଜୀବୀମାନଙ୍କ ଖାଦ୍ୟ ବସ୍ତ୍ର, ବାସଗୃହ ଅର୍ଥାତ୍ ନ୍ୟୁନତମ ଆବଶ୍ୟକତାର ହୃଦୟଭେଦୀ ଚିତ୍ର ଅତ୍ୟନ୍ତ କଳାତ୍ମକ ଭାବରେ ଉପସ୍ଥାପନ କରିଛନ୍ତି । ସାମ୍ପ୍ରତିକ ସମୟରେ କରତକଳର ଉପସ୍ଥିତି ସତ୍ତ୍ୱେ ଲମ୍ବା କରତ ମଧ୍ୟ କାଠ କାଟିବାର ସାଧନ ହୋଇ ରହିଛି । ବାଇସା' ସେପରି ଜଣେ ଚରିତ୍ର । ବହୁ କାର୍ଯ୍ୟରେ ସେ ଧୂରନ୍ଧର । କାର୍ତ୍ତିକ ମାସର ବିଲରେ ଧାନବୁଦା ବାଁରେଇ ମାଛ ଧରିବା, ସନ୍ଧ୍ୟାରେ ଝୋଟ କାଟିବା, ଖୋପି ଜାଲ ବୁଣିବା, କରତରେ କାଠ କାଟିବାରେ ସେ ଓସ୍ତାଦ୍ । କାମ ତାକୁ ଯେମିତି ବାଁ ହାତର ଖେଳ । ଏକଥା ଅତ୍ୟନ୍ତ ସତ୍ୟ ଯେ, ଶାରୀରିକ ଶ୍ରମର ଯଥାର୍ଥ ମୂଲ୍ୟାୟନ କରିବା କୌଣସି ବ୍ୟବସ୍ଥା ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ଭବ ନୁହେଁ । ସେଥିପାଇଁ ସେ ଯୁଗେ ଯୁଗେ କାଳେ କାଳେ ଅବମୂଲ୍ୟାୟିତ ।

ଅବଶେଷରେ 'ଧାନ ସାଉଁଟା ଝିଅ' ଶୀର୍ଷକ କବିତା । ସମ୍ପୃକ୍ତ କବିତାର ରଚନା ସମୟ ସମ୍ଭବତଃ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ, ଯେତେବେଳେ ଅଭାବଗ୍ରସ୍ତ ପରିବାରର ଝିଅ ପ୍ୟାଣ୍ଟ୍ ଫ୍ରକ୍ ବଦଳରେ ଶାଢ଼ି ପିନ୍ଧୁଥିଲେ । କବିଙ୍କ କାବ୍ୟନାୟିକା ଶାଢ଼ି ପିନ୍ଧେ, ସେ ମାଆ ଛେଉଣ୍ଡ । ତଜ୍ଜନିତ ଅବସାଦରେ ସେ ବ୍ୟଥିତା । ବଡ଼ିଭୋରୁ ବେଶି ରାତିଯାଏ ସେ କୌଣସି ନା କୌଣସି ଭିତର ବାହାର କାର୍ଯ୍ୟରେ ଲିପ୍ତା । ଚାଷୀ ଘରର ଅଭ୍ୟାସାନୁସାରେ ସକାଳର କାମସାରି ବେତ ପାଛିଆ ମୁଣ୍ଡେଇ ବିଲକୁ ଯାଏ । ପାଛିଆ ଭର୍ତ୍ତି ଶିଂଷା ଧାନ ଧରି ସନ୍ଧ୍ୟାରେ ଘରକୁ ଲେଉଟି ଆସେ । ସ୍ୱଚ୍ଛ ବୟସର ଶ୍ୟାମଳ ରଙ୍ଗର ଝିଅ । ପ୍ରତ୍ୟେକଙ୍କର ଦେହ ବ୍ୟକ୍ତିକ ସମ୍ପଦ । ଧାନ ସାଉଁଟା ଝିଅର ସମ୍ପଦ ହେଉଛି ତା' ଦେହର ସୌମ୍ୟ ଗଠନ । ଅବଶ୍ୟ ଗାଁ ମୁଖିଆ ଓ ସାଆଁନ୍ତଙ୍କର ଲୁବ୍ଧକ ଆଖି ତା' ଉପରେ ଥାଏ, ହେଲେ ସେପରି ଧାରଣା ଝିଅକୁ ସ୍ପର୍ଶ କରନାହିଁ । ବାସ୍ତବିକ୍ ହୃଷୀକେଶଙ୍କ କାବ୍ୟନାୟିକା ଅନମନୀୟା । କବିତାକୁ ରେସ୍‌ନାଲାଇଜ୍ କରିବାକୁ ଆନ୍ତରିକ ପ୍ରୟାସ କ'ଣ ସହଜରେ ଦୂର ହୋଇପାରିବ ? ଆମେ ବାସ କରୁଥିବା ସମାଜ ଗୋଟେ ପୁରୁଷ ପ୍ରାଧାନ୍ୟ



▶ 'ରେବତୀ' କାର୍ଯ୍ୟାଳୟରେ କବି ହୃଷୀକେଶ ମଲ୍ଲିକ

ସମାଜ । ସମ୍ପୃକ୍ତ ସମାଜରେ ନାରୀକୁ ଆବଦ୍ଧ କରିବାର ସମ୍ମୋହନ ଦିଗ ହେଉଛି ଗହଣା । ମୂଳରୁ ସେମାନଙ୍କୁ ଏପରି ଅଭ୍ୟସ୍ତ କରାଯାଇଛି, ମୋହାଚ୍ଛନ୍ନ କରାଯାଇଛି, ସେଥିରୁ ସେ ମୁକୁଳିବାକୁ ଅସମର୍ଥା । ଏବେ ବି ଗହଣାର ଭୋକ ପ୍ରବଳ । ମାତ୍ର ଗହଣା ଆଢୁଆଳରେ ଲୁକ୍କାୟିତ ବନ୍ଧନର ଦୁଃଖଦ ପରିଣତି ତାକୁ ଅଜଣା । କିନ୍ତୁ ହୃଷୀକେଶ୍, ତାଙ୍କ ନାୟିକାକୁ ଅଳଙ୍କାରମୁକ୍ତ କରିବା ସଙ୍ଗେ ସଙ୍ଗେ ମାଆ ଛେଉଣ୍ଡ ଜନିତ ଅବସାଦକୁ ଓହ୍ଲେଇ ଦେବା ପାଇଁ ପ୍ରବୋଧନା ଦେଉଛନ୍ତି । ଯେମିତି : "ଧାନ ସାଉଁଟୁଥିବା ଝିଅର ପାହୁଲକୁ / ପାଉଁଜ କ'ଣ ଲୋଡ଼ା ଯେ ! ++++ କା'ର ନାଇଁ ଯେ ଗାଈ ଚରେଇ ଯାଇଥିବା /ବୋଉର, ଆଉ ଜମ୍ମା ନ ଫେରିବା ଦୁଃଖ / ତାର ନ ଥିବ" **(ଶ୍ରେ.କ. : ପୃ ୬୮, ୭୧)**

କବି କେବଳ ଦୁଃଖୀ ମଣିଷର ଆର୍ଥନୀତିକ ଦିଗ ଉପରେ ଆପଣାର ଦୃଷ୍ଟି ନିବଦ୍ଧ କରିନାହାନ୍ତି, ସେ ମଧ୍ୟ ସେମାନଙ୍କ ମନସ୍ତତ୍ତ୍ୱକୁ ସଯତ୍ନ ପ୍ରକାଶ କରିବାକୁ ସତର୍କତା ଅବଲମ୍ବନ କରିଛନ୍ତି । ସୁନ୍ଦର ମେଟାଫର୍ ବ୍ୟବହାର କରି କବିତା କାନନକୁ ସମୃଦ୍ଧ କରିଛନ୍ତି । ମେଟାଫରଗୁଡ଼ିକ ହେଉଛି, ବାସ୍ତୁରା ଆକାଶ, ଦୂବରଙ୍ଗୀ ଝିଅ, ଗୁମୁସିଆ ଜର, ଧୂମ୍‌ଧାମ୍ ବିଲ, ଦୁଃଖ ମହକ, ଫଇଲାଟ୍ ଆକାଶ, ଏଭିଡ଼ି କ୍ଷେତ ଓ କାଚିଆ ହସ । ଅନୁରୂପ ଭାବରେ ଗ୍ରାମୀଣ ଶବ୍ଦ ପ୍ରୟୋଗରେ କବି ଓଡ଼ିଆ ସାହିତ୍ୟରେ ନିଷ୍ଚୟ ଅଦ୍ୱିତୀୟ । କେତେକ ବଛା ବଛା ଗ୍ରାମୀଣ ଶବ୍ଦ ହେଉଛି, ଦିକିସିକିଆ, ଭାବିଷ୍ଟି, ପିମ୍ପା, ଆଡ଼ଶୂଳିଆ, ଦେଢ଼ିକି, ଛୁଞ୍ଚକନା, ନାଇବା ଓ ପହଁରା ପ୍ରଭୃତି ।

॥ ୨ ॥

'ଉଜୁଡ଼ା କ୍ଷେତର ଗୀତ' ଗ୍ରନ୍ଥ ହେଉଛି ହୃଷୀକେଶଙ୍କର ଦ୍ୱିତୀୟ କବିତା ଗ୍ରନ୍ଥ । ପ୍ରକାଶ ପାଏ ୧୯୯୧ ମସିହାରେ, ଠିକ୍ ଏହି ବର୍ଷ ଜୁଲାଇ ମାସରୁ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଉଦାରୀକରଣ, ଘରୋଇକରଣ ଓ ଭୂମଣ୍ଡିକରଣ ବ୍ୟବସ୍ଥା ପ୍ରୟୋଗ ହୋଇଥିଲା । ଉଚ୍ଚ ବର୍ଗର ଅନ୍ତରଙ୍ଗ ବନ୍ଧୁ ପାଲଟି ଥିବା ଏହି ବ୍ୟବସ୍ଥା ସବାତଳ ମଣିଷକୁ ତଳି ତଳାନ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମାନସିକ, ସାଂସ୍କୃତିକ, ସାମାଜିକ ଓ ମାନବିକ ମାଇଣ୍ଡ ସେଟ୍‌କୁ ଆମୂଳ ପରିବର୍ତ୍ତନ କରିଦେଲା । ଫଳଶ୍ରୁତି ସ୍ୱରୂପ ଭୂମିହୀନ, ନାମମାତ୍ର ଓ କ୍ଷୁଦ୍ର ଚାଷୀ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇ ଚାଲିଛନ୍ତି । କାବ୍ୟପୁରୁଷ ତା'ର ପ୍ରଭାବକୁ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ନିରେଖିଛନ୍ତି କୃଷି କ୍ଷେତ୍ରରେ । ସମ୍ପୃକ୍ତ ଗ୍ରନ୍ଥରେ ପ୍ରଥମ କବିତା 'କ୍ଷେତ' ଓ ଶେଷ କବିତା 'ଉଜୁଡ଼ା କ୍ଷେତ' ପ୍ରଥମ କବିତାରେ ଚାଷୀର ଜୀବନ ସଙ୍ଗୀତ ଓ ଶେଷ କବିତାରେ ଉଜୁଡ଼ା ଜୀବନର ମର୍ମନ୍ତୁଦ ସଙ୍ଗୀତକୁ କାବ୍ୟନାୟକ ଶୁଣି ପାରିଛି । ବାସ୍ତବିକ୍, ଚାଷୀମାନଙ୍କ ପ୍ରତି କବିଙ୍କର ଅସୀମ ଦରଦ । ତାଙ୍କର କାର୍ଯ୍ୟକାଳ(working hour)ର ମୂଲ୍ୟାୟନ କରିବ କିଏ ? ଭରପୂର ଶକ୍ତି ସାମର୍ଥ୍ୟ ନେଇ ସେ କ୍ଷେତରେ ପ୍ରବେଶ କରେ, ଫେରିବା ବେଳକୁ କେବେ ଲୁଣା ଜର୍ଜର, ତ ଆଉ କେବେ କାଦୁଅ ସରସର, ପୁଣି କେବେ ରକ୍ତାକ୍ତ ଦେହକୁ ନେଇ ଘରକୁ ଫେରେ । ଚାଷୀ ଜୀବନ ଯନ୍ତ୍ରଣାର ଗୋଟିଏ ଉଦ୍ଧୃତି ଏମିତି । "ମାଛି ଅନ୍ଧାରରୁ ରତା ସଞ୍ଜ ଯାଏଁ ତ / ହାତକୁ ହାତୁଡ଼ି କରି ପେଷି ହେଲି / ଲେଉଟି ଆସି ବେଳେ ଉଞ୍ଚା ସୁଡ଼ଙ୍ଗରେ / ଧକେଇ ହେଲି, ଅଷ୍ଟ ମୋଡ଼ି, ଅଷ୍ଟାମୋଡ଼ି / ନିଜେ ନିଜର କେନ୍ଦରା ଧରି / ହାଃ ପୁତ୍ରମଣି ବୋଲି ଝୁରି ଗଲି ଝୁରି ଗଲି ।" **(ଶ୍ରେ.କ. : ପୃ- ୭୩)**



▼ ପ୍ରଖ୍ୟାତ ବଙ୍ଗୀୟ ଲେଖକଙ୍କ ସହିତ କବି ହୃଷୀକେଶ ମଲ୍ଲିକ

ହିଡ଼ ମୁଣ୍ଡରେ ବସି ଧକ୍ ଧକ୍ ସକ୍ ସକ୍ ହେଉଥିବା ଚାଷୀର ଦୁଃଖରେ କବି ଯେତିକି ବିବ୍ରତ, ତା' ଆରପାଖରେ ଧାନବିଲର ଅପରୂପ ଦୃଶ୍ୟରେ କବି ସେତିକି ବିମୁଗ୍ଧ । ପାଚିଲା ଧାନର ବାସ୍ନା, କଜଳା କସରା ବଳଦ ବେକର ଘଣ୍ଟି ଶବ୍ଦ, ହଳଦୀ ପାଟ ଶାଢ଼ି ଓ ହଳଦୀ ଗଣ୍ଡିଆ ଦେହ ତା'ର ଗୋଟିଏ ଦୃଷ୍ଟାନ୍ତ । ଗ୍ରନ୍ଥର ଅନ୍ତିମ କବିତା 'ଉଜୁଡ଼ା କ୍ଷେତର ଗୀତ' । କେମିତିକା ଅନୁଭବ ହେଉଥିବ ତା'ର ସ୍ୱର ତାଳ ଲୟ ରାଗ ? ହୃଦୟଗ୍ରାହୀ ନା ହୃଦୟ ବିଦାରକ ? ବିନା ମେଘରେ ବଜ୍ରପାତ ହେଲାକି ଘରର ମଥାନ ଉପରେ ! ଏ ବଜ୍ରପାତ କାହାର ପ୍ରତିଭୂ ? ସାହୁକାର, ମହାଜନ ନା, ଆନୁଷ୍ଠାନିକ ସଂସ୍ଥା ? ତିନି ଦଶନ୍ଧି ଧରି ଖଜଣା ଦେଇନଥିବା ଜଣେ ପରିବାଚାଷୀର ଜୀବନଜୀବିକାକୁ ଗୋଟେ ମାଟିଆ ରଙ୍ଗର ତାଗିଦା ନୋଟିସ୍ ଓଲଟ ପାଲଟ କରିଦେଲା, ଯାହା ଉଦାରୀକରଣ ଅର୍ଥବ୍ୟବସ୍ଥାର କରୁଣ ପରିଣତି । ଯେମିତି : "ଘରେ ନୋଳି ହଳେ ଅଛିନା / ଝିଂଜିରା ଛଡ଼େ ଅଛି ଯେ : ବିକିଦେବ ବଣିଆକୁ / ଘରେ କଂସା ଖଣ୍ଡେ ଅଛିନା, ପିତଳ ପଟେ ଅଛି ଯେ ଆଉଜେଇ ଦେବି କାହା ପିଣ୍ଡା କଡ଼କୁ ! + + + ଉଷମାକୁ ଉଡ଼ିଗଲା ମୋ ଫଳନ୍ତା କ୍ଷେତ /ଉଭାନ୍ ହୋଇଗଲା ମୋ ହାଣ୍ଡିର ଫୁଟନ୍ତା ଭାତ ।" **(ଶ୍ରେ.କ. : ପୃ-୮୮, ୮୯)**

ବାସ୍ତବିକ୍ କବିଙ୍କର ଅନୁଭବ, ଅଭିଜ୍ଞତା ଓ ଗାଁ ଚାଷୀଙ୍କ ପରିସମ୍ପତ୍ତିର ସଠିକ୍ ଚିତ୍ର ଆଙ୍କି ସେମାନଙ୍କ ପ୍ରତି ଆପଣାର ଦରଦ ପଖଳା ହୃଦୟକୁ ଖୋଲି ଦେଇଛନ୍ତି । ସମ୍ଭବତଃ କବି ଗାଁ ଗରିବର ଗହୀର ଗାଥାକୁ ପ୍ରତ୍ୟକ୍ଷ କରିଛନ୍ତି । ନଚେତ୍ ଏତେ ମର୍ମଭେଦୀ କଥା କହିପାରି ନଥାନ୍ତେ ।

॥ ୩ ॥

'ଘଟଆକାଶ' କବି ହୃଷୀକେଶଙ୍କର ତୃତୀୟ କବିତାଗ୍ରନ୍ଥ । ପୂର୍ବୋକ୍ତ ଦୁଇଟି ଗ୍ରନ୍ଥରେ କାବ୍ୟପୁରୁଷ ସମ୍ପୂର୍ଣ୍ଣ ବହିର୍ମୁଖୀ ଥିବାବେଳେ ସମ୍ପୃକ୍ତ ଗ୍ରନ୍ଥରେ ସେ ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ । ଆକାଶ କେତେ ବିସ୍ତୀର୍ଣ୍ଣ, ସେହି ଅନୁପାତରେ ଘଟ କେଡ଼େ ସଂକୀର୍ଣ୍ଣ । ବିରାଟକୁ କ୍ଷୁଦ୍ର ଭିତରେ ବାନ୍ଧି ରଖିବାକୁ ପ୍ରୟାସ କରିଛନ୍ତି କବି । 'ଘଟ ଆକାଶ'ରେ କବି କବିତାର ସଂଜ୍ଞା ନିରୂପଣ କରିଛନ୍ତି ? ବେଶୀ ଶବ୍ଦକୁ କମ୍ ଶବ୍ଦରେ ପ୍ରକାଶ କରିବାର ନାମ କବିତା । କାବ୍ୟପୁରୁଷ ସେ ଦିଗରେ ମନୋନିବେଶ କରିନାହାନ୍ତି ସତ, ତେବେ ସେ କିଛିଟା ଅନ୍ତର୍ମୁଖୀ ହୋଇଥିବାରୁ 'ଘଟ ଆକାଶ' ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଗ୍ରନ୍ଥର ଆତ୍ମିକ ଭାବସତ୍ତା ଦୃଷ୍ଟିରୁ ସମ୍ପୃକ୍ତ ଗ୍ରନ୍ଥ ନିଶ୍ଚୟ ଗୋଟେ ମଧ୍ୟାନ୍ତର । ଏଥିରେ କାବ୍ୟପୁରୁଷ ରସସିକ୍ତ ଲାଗନ୍ତି । 'ଫିଟିଗଲା ତମ ସଜଡ଼ା ଗଭା' କବିତା ତା'ର ଗୋଟିଏ ପ୍ରତୀକ ମାତ୍ର । କାବ୍ୟନାୟିକା ସତସତିଆ ଚରିତ୍ର ନା, ଦିଗ୍‌ବଧୂ ? ପ୍ରତ୍ୟେକ ନାୟିକା ମାନ ଅଭିମାନର ସରଘର । କୁହାଯାଇଛି, ପ୍ରେମ ବିନା ଜୀବନ ହାହାକାର, ମରୁଭୂମି ତୁଲ୍ୟ । ରାଗରୁଷା, ଲୁହ ଲହୁ, ହସକାନ୍ଦ

ବିନା ପ୍ରେମ ଅଧୁରା । ସବୁ କାବ୍ୟପୁରୁଷ ଏପରି ଅବବୋଧରେ ଅଭ୍ୟସ୍ତ । ତା'ର ଭିନ୍ନ ଭିନ୍ନ ଚିତ୍ର ଉପସ୍ଥାପନ କରି ପ୍ରେମ ସମ୍ପର୍କୀୟ ଅନୁଭବକୁ କବି ଠିକଣା ସ୍ଥଳରେ ପହଞ୍ଚେଇ ପାରିଛନ୍ତି । ଯେମିତି: "ଗେଣ୍ଡୁଫୁଲଟିଏ ଖୋସି ଦେଲି / ତମ କଳା କୁନ୍ତଳରେ / ଜାଣିବି କିପରି ଏତିକିରେ / ଜହ୍ନ ବୁଡ଼ିଯିବ / ମୁହଁ ତମ ତମ କରି XXX ଫୁଲଟିଏ ଖୋସିଦେଲି, ତମ / ସଜଡ଼ା ଗଭାରେ / ଓଦା କରି ଦେଲା ଆକାଶ ମତେ / ତା ନୀଳ ଚାପରାରେ ।" **(ଶ୍ରେ.କ. : ପୃ. ୯୪, ୯୫)** ବସ୍ତୁତଃ, କବିଙ୍କର ତଳ ଶ୍ରେଣୀ ମଣିଷ ପ୍ରତି ଅପ୍ରମିତ ଦରଦ ଥିବାରୁ ସେହି ଶ୍ରେଣୀୟ ଝିଅ ସହିତ ମିତ ବସିଛନ୍ତି, ପ୍ରେମ କରିଛନ୍ତି, ଯିଏ ଗଡ଼ିଆ ତୁଠରେ ବି ପ୍ରେମମୟ ଜୀବନକୁ ରୋମନ୍ଥନ କଲା ବେଳେ ହାତରୁ ବେଲା ବାସନ ଖସିପଡ଼େ । ବାସ୍ତବିକ୍ ସ୍ମୃତି ରୋମନ୍ଥନ କରିବାକୁ ଧରାବନ୍ଧା ସମୟ ନଥାଏ । ସବୁ ସମୟ ହିଁ ସ୍ମରଣୀୟ, ପ୍ରେମମୟ ।


▼ କୋଲ୍‌କାତାର କଫି ହାଉସ୍‌ରେ କବି ହୃଷୀକେଶ ମଲ୍ଲିକ

ହୃଷୀକେଶଙ୍କ 'ସାଆନ୍ତ ମା' ମଧ୍ୟ ଯୁଗୀୟ ଆଭିଜାତ୍ୟପୂର୍ଣ୍ଣ ଘରର ସାଆନ୍ତ ମା' ନୁହଁ । କାବ୍ୟ ପୁରୁଷଙ୍କ ସାଆନ୍ତ ମା' ମଧ୍ୟବିତ୍ତ ପରିବାରର ଜେଜେ ମା' ସହିତ ସମାନ । ଅବଶ୍ୟ ସମ୍ପୃକ୍ତ ମା'ଙ୍କ ପାରିପାର୍ଶ୍ୱିକ ପରିପାଟୀରୁ ଏକଥା ଆହୁରି ସ୍ପଷ୍ଟ । ଅନୁରୂପ ଭାବରେ ଦେହର ସାଜସଜା, କାମ ଓ କାର୍ପଣ୍ୟ ଛବିରୁ ଏହା ଅଧିକ ଦୃଶ୍ୟମାନ । 'ଦିହ ତମାମ ଚିତା' ଓ 'ଶାମୁକାରେ ଆମ୍ବ' ଛଡ଼ାଇବା ଦୁଇଟି ଦୃଶ୍ୟର ସାଆନ୍ତ ମା'ଙ୍କ ଚରିତ୍ର ଅସଲ ସାଆନ୍ତ ମା' ଠାରୁ ନିଶ୍ଚୟ ଅଲଗା । ଆଭିଜାତ୍ୟପୂର୍ଣ୍ଣ ଘର ଓ ତା'ର ମଣିଷ ମାନଙ୍କର ଚାଲି ଚଳନ, ଆଚାର ବ୍ୟବହାର ବେଶ୍ ପରିମାର୍ଜିତ । କବିଙ୍କ ସାଆନ୍ତ ମା' ଚରିତ୍ରର ଗୋଟିଏ ଦୃଷ୍ଟାନ୍ତ ଏମିତି: "ବାସି ତୋରାଣି ମୁନ୍ଦିଏ / ଖଟା ଫୁଟେ କି ଲଙ୍କାଟିଏ ଟେକି ଦିଏ / ଯୋଗୀ ଥାଳରେ ।" **(ଶ୍ରେ.କ. : ପୃ- ୯୧)** ସୁତରାଂ ମିଛ ସାଆନ୍ତଙ୍କ ଚରିତ୍ରର ଅମଣିଷ ଓ ହେଟନଜର ଗୁଣକୁ କାବ୍ୟନାୟକ କଟାକ୍ଷ କରିଛି ।

କଫି ହାଉସ୍‌ରେ ଝଡ଼ (storm in the coffee house) ଅବବୋଧକୁ ହୃଷୀକେଶ ଗାଁ ଚା' ଗୁମୁଟି (village tea cabin) ସ୍ତରକୁ ଓହ୍ଲେଇ ଆଣିଛନ୍ତି । ଏହି ସ୍ଥାନମାନଙ୍କରେ ମୁଖ୍ୟ ମୁଖ୍ୟ ଘଟଣାର ଆଲୋଚନା ପର୍ଯ୍ୟାଲୋଚନା ହୋଇଥାଏ । ଉଭୟ ପ୍ରବଚକ ଓ ପ୍ରବଞ୍ଚକଙ୍କର ଯୁକ୍ତିତର୍କ, କଥା କଟାକଟି ହୁଏ । ଅବଶେଷରେ ପ୍ରତ୍ୟେକ ନିଜ ନିଜ ରାସ୍ତାରେ ଚାଲି ଯାଆନ୍ତି । ସ୍ୱଚ୍ଛ ସମୟ ପାଇଁ ତର୍କ ଝଡ଼ ହେଉଥିଲେ ବି ତାହାର ଦୂରନ୍ତ ପ୍ରଭାବ ସମାଜ- ଜୀବନ ଉପରେ ପଡ଼ିଥାଏ । ତର୍କର ବିଷୟବସ୍ତୁ ଯେତିକି ଗମ୍ଭୀର, ସେତିକି ବ୍ୟାପକ ମଧ୍ୟ । ସତରେ ତାଙ୍କ କାବ୍ୟ ସମ୍ଭାର କେବଳ ନାରୀ-ପୁରୁଷ, ଭକ୍ତ-ଭଗବାନଙ୍କ ମଧ୍ୟରେ ସୀମିତ ନରହି କାହିଁ କେତେ ଦୂର ବ୍ୟାପିଯାଇଛି । ଯାହା ଉତ୍ତର ଆଧୁନିକ କବିତାର ନିର୍ଯ୍ୟାସ ।

॥ ୪ ॥

'ଧର୍ମପତ୍ନୀ' କବିତା ଗ୍ରନ୍ଥ ଆତ୍ମପ୍ରକାଶ କରେ ୨୦୦୦ ମସିହାରେ । ପୌରାଣିକ ନାରୀ ଚରିତ ଠାରୁ ସମକାଳର ନାରୀ ଚରିତ୍ର ପର୍ଯ୍ୟନ୍ତ 'ଧର୍ମପତ୍ନୀ'ରେ ଗତାଗତ । ପତ୍ନୀ ଓ ଧର୍ମପତ୍ନୀ ମଧ୍ୟରେ ତଫାତ୍ କ'ଣ ? ହୃଷୀକେଶ କାହିଁକି ଧର୍ମପତ୍ନୀକୁ ମନୋନୀତ କଲେ ? ପତ୍ନୀ ହୋଇଥିଲେ କ'ଣ ଚଳିନଥାନ୍ତା ! ବସ୍ତୁତଃ, ପ୍ରଥମ ପତ୍ନୀ ହିଁ ଧର୍ମପତ୍ନୀ ପଦବାଚ୍ୟ । ଏହି ନ୍ୟାୟରେ ଧର୍ମପତ୍ନୀ ଶୀର୍ଷକୁ ଗ୍ରହଣ କରିବା ଅଧିକ ଯୁକ୍ତିଯୁକ୍ତ ମନେହୁଏ । ସମ୍ପୃକ୍ତ ଗ୍ରନ୍ଥରେ କବି ନାରୀ ଚରିତ୍ରର ମହିମା ଓ ବେଦନାକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି ଏକ ନୂତନ ଦୃଷ୍ଟି ନେଇ । ପୌରାଣିକ ଚରିତ୍ର 'ଯଶୋଦା' କବିତାର ଆରମ୍ଭ ହୋଇ 'ନିରୁଦ୍ଦିଷ୍ଟ ଝିଅ'ରେ 'ଧର୍ମପତ୍ନୀ' କାବ୍ୟଗ୍ରନ୍ଥର ପୂର୍ଣ୍ଣଛେଦ ।

କବିଙ୍କ ଯଶୋଦା ନନ୍ଦ ରାଜାଙ୍କର ପତ୍ନୀ ନୁହଁ, ଶ୍ରୀକୃଷ୍ଣଙ୍କର ପାଳିତା ମାଆ ନୁହଁ । ରାସ୍ତାକଡ଼ରେ ମୂର୍ତ୍ତି ଗଢୁଥିବା ନାରୀ ସ୍ଥପତିର ପ୍ରତୀକ । ସେ କେବଳ ନାରୀ ନୁହେଁ, ଜଣେ ମାଆ ମଧ୍ୟ । ଜୀବନର ତାଡ଼ନାରେ ରାସ୍ତାକଡ଼କୁ ଫୋପଡ଼ା ଯାଇଛି । ତା'ର ସୌନ୍ଦର୍ଯ୍ୟ ଓ ଯୌବନ ପ୍ରତି ଲୁବ୍ଧକର ନଜର, ଲଫଙ୍ଗା ଟୋକାଙ୍କର ଖଣ୍ଡିକାଶ କବଳରୁ ନିଜକୁ ସମ୍ଭାଳିବା ନିଶ୍ଚିତ ମୁସ୍କିଲ । ଦାରିଦ୍ର୍ୟ, ଅପ୍ରାପ୍ତି, ପରାସ୍ତ ଜୀବନର ଅନ୍ତର୍ଜଗତ ଓ ବହିର୍ଜଗତ ତା ପାଇଁ ସବୁ ସମାନ । ଅଭାବର କୂର ଆଁରେ ସେ ଉବୁଟୁବୁ । ଅନଟନର କାଳ ବୈଶାଖୀ ତା ପିଛିଲା ଜୀବନର ପାଞ୍ଚଣ ଦାଗକୁ ବିସ୍ମରଣ କରି ଦେଇଛି । ନାରୀ ସ୍ଥପତିର ହାହାକାରମୟ ଜୀବନକୁ କାବ୍ୟନାୟକ ଅତି ନିକଟରୁ ପଢ଼ିଛି, ବୁଝିଛି । ପ୍ରସଙ୍ଗକ୍ରମେ ତେଲୁଗୁ କବି ନଗ୍ନମୁନିଙ୍କ କବିତା ପଂକ୍ତି ଉଦ୍ଧୃତିର ଦାବି ରଖେ: "ଓଁକାର ନୁହେଁ/ଆର୍ତ୍ତନାଦ ହିଁ ପ୍ରାଣୀ ପାଇଁ/ସବୁ ଭାଷାରେ ସବା ଶେଷରେ ବଳିଯିବା/ଅନିର୍ବାର୍ଯ୍ୟ ଅନ୍ତିମ ଶବ୍ଦ ।" **(କାଠଯୋଡ଼ା : ପୃ. - ୩୪, ୩୫, ଅନୁବାଦ : ଜି. ଅନୁରାଧା)**

ସମାଜର ବୈଷମ୍ୟକୁ ଠିକ୍ ଠିକ୍ ଉପସ୍ଥାପନ ପାଇଁ କାବ୍ୟପୁରୁଷ ଯଶୋଦାଙ୍କୁ ରାସ୍ତାକଡ଼କୁ ଓହ୍ଲେଇ ଆଣିଛନ୍ତି । ଅନୁରୂପ ଭାବରେ 'କୈକେୟୀ' କବିତା । ଆଜିଯାଏଁ କୈକେୟୀଙ୍କର କ୍ରୁର ରୂପକୁ ଜଗତ ଦେଖିଛି । କିନ୍ତୁ କେଉଁ ପରିପ୍ରେକ୍ଷୀରେ ସେ ଅଶ୍ରୁତପୂର୍ବ ବର ଯାଚନା କରିଥିଲେ, ତାହା ଦୁନିଆ ସାମ୍ନାରେ ଅଜଣା ହୋଇ ରହିଛି । ସେହି ଅଦୃଶ୍ୟ ପ୍ରସଙ୍ଗକୁ ଆଧାର କରି କାବ୍ୟନାୟକ କୈକେୟୀଙ୍କ ଅଭ୍ୟନ୍ତରର ବେଦନାକୁ ପରିବେଷଣ କରି ତଜ୍ଜନିତ ଭ୍ରାନ୍ତ ଧାରଣାରୁ ଦୂରେଇ ରହିବା ପାଇଁ ଲେଖକୀୟ ଆବେଦନ କରିଛନ୍ତି ।

ଗ୍ରନ୍ଥଗ୍ରଥିତ 'ଅକ୍ଷର ଜାଣିନଥିବା ସେଇ ବୋହୂଟି' ଓ 'ଛବି ପାଇଁ ଖାସ୍' କବିତା ଦ୍ୱୟ ଏକତ୍ର ଆଲୋଚନାର ଦାବି ରଖେ । ସକଳ ଅସାମଞ୍ଜସ୍ୟ ସତ୍ତ୍ୱେ ଉଭୟ ଚରିତ୍ର ଅସହାୟା । ଜଣେ ନିରକ୍ଷରା, ସଂସାରୀ ଓ ଅନ୍ୟଜଣେ ଅନୂଢ଼ା । ବୋହୂଟି ସଂସାର ଭିତରେ ଥାଇ ଏକୁଟିଆ । ମନତଳର ଅକୁହା କଥାକୁ କାହା ପାଖରେ କହି ପାରେନା । ଭଦଭଦଳିଆ ଚଢ଼େଇକୁ ମାଧ୍ୟମ କରି ବାପା, ଭାଇ ଓ ଈଶ୍ୱରଙ୍କୁ ମନର ଗହନ କଥା ଜଣାଏ କେବଳ ଆତ୍ମତୃପ୍ତି ପାଇଁ । କାରଣ ପକ୍ଷୀ କଥା କହେ ନାହିଁ, କିମ୍ବା ଭଦଭଦଳିଆ ପକ୍ଷୀ ଚିଠି ନବା ଆଣିବା କରିବାର ଯଥାର୍ଥ ମାଧ୍ୟମ ନୁହେଁ । ସୁତରାଂ ଉକ୍ତ ଅସହାୟତା ମଧ୍ୟରେ ଜୀବନର ଆୟୁ ସରୁ ହୋଇଯାଏ । ତା'ର ଗୋଟେ ମାର୍ମିକ ଆବେଦନ ଏମିତି: "ପଡ଼ି ରହେ ସ୍ୱପ୍ନ / ପ୍ରଳୟ ପାଲଟୁଥାଏ ଲୁହ ବୁନ୍ଦା / ଗୋଟିଏ ଦୀର୍ଘ ଶ୍ୱାସରେ / ସରି ଯାଉଥାଏ କୋଟିଏ ମନ୍ୱନ୍ତର ।" **(ଶ୍ରେ.କ. : ପୃ. ୧୧୧)** ମଧ୍ୟବିତ୍ତ ମଣିଷ ଓ

ପ୍ରେମିକ ପ୍ରେମିକା ପାଇଁ ସ୍ୱପ୍ନ ଗୋଟେ କଳ୍ପନା ବିଳାସ । ମାତ୍ର ଅସହାୟ ମଣିଷ ପାଇଁ ସ୍ୱପ୍ନ ମୂଲ୍ୟହୀନ । ସେମାନଙ୍କର ଜୀବନ ସ୍ୱପ୍ନ ରହିତ । ପ୍ରସଙ୍ଗକ୍ରମେ ନିରକ୍ଷରା ବୋହୂ ସ୍ୱପ୍ନର ଶବ୍ଦରୂପ ଏମିତି : "ସ୍ୱପ୍ନର ଗଛରେ କ'ଣ ଫୁଲ ଫୁଟେ / ଆଉ କ'ଣ ପାଚେ ତା'ର ଅମାୟିକ ଫଳ ।" **(ନେରୁଦାଙ୍କ ପ୍ରଶ୍ନ କବିତା, ପୃ.- ୪୭, ଅନୁବାଦ : ବିଷ୍ଣୁ ନାରାୟଣ ମହାପାତ୍ର)** ପକ୍ଷାନ୍ତରରେ ରେଲଷ୍ଟେସନ ପ୍ଲାଟଫର୍ମର ଓଭରବ୍ରିଜ୍ ଉପରେ ଠିଆ ହୋଇଥିବା କାବ୍ୟନାୟିକା ଛବିର ଭାବନାକୁ କବି ସହୃଦୟତାର ସହ ପଢ଼ିଛନ୍ତି । ତା'ର ସୌନ୍ଦର୍ଯ୍ୟ ଓ ସ୍ମୃତି ବିଭ୍ରାଟ ଲାଗି ନାରୀର ସର୍ବଶେଷ ସମ୍ପଦ ହରାଇଛି । ନାୟିକା ଛବି ସ୍ୱପ୍ନ ପ୍ରବଣା । କିନ୍ତୁ ଲୁବ୍ଧକଙ୍କ ହାବୁଡ଼ରେ ପଡ଼ିଥିଲେ ବି ସେ ସନ୍ତାନବତୀ ହୋଇନାହିଁ । ସମ୍ଭବତଃ, କବି ତାକୁ କୁଆଁରୀ ମାଆ ହେବା ଜଞ୍ଜାଳରୁ ରକ୍ଷା କରିଛନ୍ତି । ଅପ୍ରାପ୍ତି ଭିତରେ ବିତି ଯାଇଛି ତା'ର ସମଗ୍ର ଆୟୁଷ୍କାଳ । କିନ୍ତୁ ବିଡ଼ମ୍ବନା ହେଉଛି, ଛବି ତୃପ୍ତି ଚାହେଁ, ମାଆ ହେବାକୁ ଚାହେଁ, ପ୍ରେମମୟ ଜୀବନ ଚାହେଁ । କିନ୍ତୁ ସେଥିରୁ ପାଇଁ ଗରଜ ଥିବା ଲୋକଙ୍କର ସଂଖ୍ୟା ବିରଳ । ନିରୁଦ୍ଦିଷ୍ଟା ଝିଅ ପାଇଁ ବାଟ ଅବାଟ ସବୁ ସମାନ । ଏପରି ଏକ ସନ୍ଧିକ୍ଷଣରେ କାବ୍ୟନାୟକ ଆନମନା । ତା' ମନରେ ପର୍ବତ ପ୍ରମାଣ ପ୍ରଶ୍ନ, ଦ୍ୱନ୍ଦ୍ୱ । ବହୁ ପୂର୍ବରୁ ଯଦି ତା ମୁହଁକୁ ଏମିତିକି ଦର୍ପଣ ସାମ୍ନାରେ ଦେଖିବାର ସୁଯୋଗ ପାଇଥାନ୍ତେ, ତା' ପାଇଁ ଆଙ୍କି ଦେଇଥାନ୍ତେ ନୂଆ ଜୀବନର ନକ୍ସା । ଜୀବନଯାତ୍ରାର ବିଡ଼ମ୍ବନାରେ କାବ୍ୟପୁରୁଷ କିଂକର୍ତ୍ତବ୍ୟ ବିମୂଢ଼ । ଉଦୟ ପୂର୍ବରୁ ଅସ୍ତ ହୋଇଯାଇଛି ସମସ୍ତ ସମ୍ବେଦନା । ଦ୍ୱିତୀୟ କବିତାଟି ଅନୁରୂପ ସମ୍ବେଦନଶୀଳ । ନିଖୋଜ ହୋଇଯାଇଥିବା ଝିଅଟି ଯିବା ରାସ୍ତାରେ କିଛି ସଙ୍କେତ ଛାଡ଼ି ଯାଇନାହିଁ । କେଉଁ ଆଧାରରେ ଠାବ କରିବେ ତା'ର ଠିକଣା ସ୍ଥଳ ? ନାଚାର ବାପାର ଆକୁଳ ଆବେଦନ ପଥରକୁ ଦ୍ରବୀଭୂତ କରିବାର ସାମର୍ଥ ରଖେ । ବାପାର କୋହଭରା ଆବେଦନ ହୃଦୟର ଗଭୀର ଆଭ୍ୟନ୍ତରକୁ ବି ତରଳାଇଦିଏ । ଦୈବାତ୍, ତାଙ୍କର ମୃତ୍ୟୁ ପରେ ଯଦି ଝିଅଟି ଲେଉଟି ଆସେ, ତାକୁ ଆଡ଼ଦେଖା ନ କରି ପର୍ଯ୍ୟାପ୍ତ ସ୍ନେହ, ଶ୍ରଦ୍ଧା, ଭରସା, ବିଶ୍ୱାସ




ସେ ବଞ୍ଚିତା । ଉଦୟ ନୁହେଁ, ଅସ୍ତ ହ ତା' ଜୀବନର ବାସ୍ତବ ସତ୍ୟ ଯେମିତ : "ତତ୍ ରାଜ ଉଇଁ ନଥାଏ ଜହ୍ନ / ତତ୍ ରାଜ ଅସନା ଦୁଶୁଥାଏ ମାଟି ।" **(ଶ୍ରେ.କ. : ପୃ.- ୧୧୪)**

ଦୁଇଟି ଏପିସୋଡ୍‌ରେ ବାପଛେଉଣ୍ଡ ଝିଅ ପାମେଲାର ଶୈଶବର, ତାରୁଣ୍ୟର ଜୟଯାତ୍ରା ବିସ୍ତାରିତ । ଅଳିଅର୍ଦ୍ଦଳି ବୟସରୁ ସେ ପିତୃହରା । ସ୍କୁଲ୍‌କୁ ଆସିବା ଯିବା ସମୟରେ ସହପାଠୀ ସହପାଠିନୀଙ୍କର ମାଆବାପା ଆସୁଥିବା ବେଳେ ସେଥିରୁ ସେ ବଞ୍ଚିତ । ବେଳେବେଳେ ତା ଅନ୍ତରାତ୍ମା ବିଳାପ କରିଉଠେ । ସ୍ୱଚ୍ଛ ବୟସରୁ ତା' ଜୀବନଯାତ୍ରା ପାଲଟି ଯାଇଛି ମରୁଭୂମି । ବସ୍ତୁତଃ, ଝିଅମାନେ ସ୍ନେହରଙ୍କୁଣୀ । ଆବାଲ୍ୟ ପିତୃହୀନା ପାମେଲା ହୃଦୟରେ ସ୍ନେହ ଶ୍ରଦ୍ଧା, ମମତା, ବିଶ୍ୱାସ ଓ ଭରସାର ଭୋକ ପ୍ରବଳ । କିନ୍ତୁ କିଏ ମେଣ୍ଟେଇବ ଏମିତିକା ଭୋକ ? ଏସବୁ ତ ଦ୍ରବ୍ୟ କି ପଣ୍ୟ ନୁହେଁ ଯେ, ହାଟ ବଜାରରୁ କିଣାଯାଇ ପାରିବ । ପାମେଲା ହୃଦୟର ଆବେଦନର ଶବ୍ଦ ଏମିତି : "ଦୀର୍ଘଶ୍ୱାସ ଓ ହାହାକାର / କାଠି କୁଟାରେ / ତିଆରି ମୁଁ, ବସା ବାନ୍ଧିବ ତ ବାନ୍ଧ +++ ବଣ ମହୁଲ ମୁଁ, ମହୁ ନବତ ନିଅ +++ ରାତି ଶେଷରେ / ତରାସୁଥିବା ତରାଟିଏ / ସନ୍ତସନ୍ତିଆ ଚଟିଘରେ / ପୋଲାଙ୍ଗ ତେଲର ସଳିତାଟିଏ / ମୁଁ ପାମେଲା ।" **(ଶ୍ରେ.କ. : ପୃ.- ୧୧୯)** 'ନିରୁଦ୍ଦିଷ୍ଟା ଝିଅ'କୁ ନେଇ ହୃଷୀକେଶଙ୍କ ଦୁଇଟି କବିତା । କାରୁଣ୍ୟ ଓ ସମ୍ବେଦନାରେ ଭରପୂର । ନାରୀ ଆଜି ନିରୁଦ୍ଦିଷ୍ଟ ହେବାକୁ ବାଧ୍ୟ କାରଣ କୌଣସି ସ୍ଥାନ ତା' ପାଇଁ ନିରାପଦ ହୋଇ ରହିନାହିଁ । ବର୍ତ୍ତମାନର ଆତ୍ମକୈନ୍ଦ୍ରୀକ ଜୀବନଯାତ୍ରାରେ କିଏ କାହିଁକି ଅନ୍ୟର ସୁଖଦୁଃଖରେ ଭାଗିଦାର ହେବ । ପର ମମତା ଅଜାଡ଼ି ଦେବା ପାଇଁ ସେ ଶେଷଇଚ୍ଛା ବ୍ୟକ୍ତ କରିଛନ୍ତି । ବସ୍ତୁତଃ, ଦୁନିଆ କପାଳିଆଙ୍କର ଅକ୍ତିଆରରେ ଆବଦ୍ଧ । ହତଭାଗ୍ୟଙ୍କ ପାଇଁ ସବୁ ଦ୍ୱାର ରୁଦ୍ଧ । ନିଖୋଜ ଝିଅ ହିଁ ତା'ର ଗୋଟେ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ପକ୍ଷାନ୍ତରରେ, ହୃଷୀକେଶଙ୍କ କାବ୍ୟ ନାୟିକାମାନେ ଏତେ ବିବଶ ଯେ ତାଙ୍କ ଜୀବନଯାତ୍ରାରେ ଧର୍ମପତ୍ନୀ ହେବାର ମଧୁର ବେଳା ଆସି ନାହିଁ । ସମ୍ଭବତଃ, ଏହା ହିଁ 'ଧର୍ମପତ୍ନୀ' ଗ୍ରନ୍ଥ ପଶ୍ଚାତ୍‌ରେ ଲୁକ୍‌କାୟିତ ସତ୍ୟର ଜୀବନ୍ତ ଉପାଦାନ ।

**॥ ୪ ॥**

୨୦୦୦ ମସିହାରେ ହୃଷୀକେଶଙ୍କର ଦୁଇଟି କବିତା ଗ୍ରନ୍ଥ ଆତ୍ମପ୍ରକାଶ କରେ । ଗୋଟିଏ 'ଧର୍ମପତ୍ନୀ' ଓ ଅନ୍ୟଟି 'ଜୀବନ ନାମା' । ପ୍ରଥମଟି ନାରୀ କୈନ୍ଦ୍ରିକ ହୋଇଥିବା ବେଳେ ଦ୍ୱିତୀୟଟି ସାମଗ୍ରିକ ଯନ୍ତ୍ରଣାକ୍ଲିଷ୍ଟ ଜୀବନର ସ୍ୱଚ୍ଛ ଦର୍ପଣ ହେବା ସଙ୍ଗେ ସଙ୍ଗେ ଆନ୍ତର୍ଜାତୀୟ ସ୍ତର ଯାଏଁ ଉତ୍ତୀର୍ଣ୍ଣ । କାବ୍ୟପୁରୁଷ ଏକ ଦିଗଦର୍ଶୀ, ଏକ ଦେଶଦର୍ଶୀ ନହୋଇ ବହୁଦିଗ, ବହୁ ଦେଶଦର୍ଶୀ ହୋଇଛି । କେବଳ ଗ୍ରାମ୍ୟ ଜୀବନରେ ଆବଦ୍ଧ ନ ହୋଇ ଦିଗ୍‌ବଳୟର ଆରପାରି ପର୍ଯ୍ୟନ୍ତ ତାଙ୍କ ଉଡ଼ାଣର ଡେଣା ବିସ୍ତୃତ । ଔପନ୍ୟାସିକ ଗୁଲ୍‌ଶନ୍ ନନ୍ଦା, ସଲ୍‌ମନ୍ ରୁଶ୍‌ଦି, ସଂଗ୍ରାମୀ ନେଲ୍‌ସନ୍ ମାଣ୍ଡେଲା, ସ୍ଥାନ ବିଶେଷରେ କଟକ, ବାଲିଆପାଳ, ଲାଟୁର, ଗୁଜରାଟ, ଓସାମନାବାଦ, ଘଟଣା ବିଶେଷରେ ଦଙ୍ଗା, ଭୂକମ୍ପ ଓ ସର୍ବୋପରି ମଣିଷର ଅମଣିଷପଣିଆ ସବୁ କବିତାର ଆତ୍ମିକ ସତ୍ତାକୁ ଜାବୁଡ଼ି ଧରିଛି । ଭାରତୀୟ କୋର୍ଟ କଚେରିରେ ବ୍ୟବହୃତ ଓକିଲାତିନାମା କାଗଜ ଭଳି ହୃଷୀକେଶଙ୍କ ଜୀବନନାମା, କରାର୍‌ନାମା ଗୋଟେ ଗୋଟେ ଗମ୍ଭୀର ଅର୍ଥ ବାହୀ

ଶବ୍ଦ । କବିତାର କାନ୍‌ଭାସ୍‌ରେ ଦସ୍ତଖତ ଦେଇ ଦାୟିତ୍ୱ ହସ୍ତାନ୍ତର କରିଦେଇଛନ୍ତି ହୃଷୀକେଶ । ତାଙ୍କ କବିତା କହିବ, କବି କିଏ ଏବଂ ବହୁଧା ବିଭକ୍ତ ସମାଜରେ ସେ କାହା କଥା କହିବାକୁ ପ୍ରତିଶ୍ରୁତିବଦ୍ଧ ? ଏହା ହିଁ ଯଥାର୍ଥରେ ଜୀବନନାମା । ସମ୍ପୃକ୍ତ ଗ୍ରନ୍ଥରେ ବ୍ୟକ୍ତି ମଣିଷ ଓ ରାଷ୍ଟ୍ରର ଅମଣିଷ ପଣିଆର ପର୍ଯ୍ୟାପ୍ତ ଚିତ୍ର ଅଙ୍କା ଯାଇଛି, ଯାହା ମାନବିକ ଚେତନାକୁ ଚିରକାଳ ଆନ୍ଦୋଳିତ କରିବାକୁ ସମର୍ଥ ।

ବିଂଶ ଶତାବ୍ଦୀର ଅଷ୍ଟମଦଶକ । ଶୀତଳଯୁଦ୍ଧ ପରିସମାପ୍ତି ଆସନ୍ନପ୍ରାୟ । ବାଲିଆପାଳ ଠାରେ କ୍ଷେପଣାସ୍ତ୍ର ଘାଟୀ ପ୍ରତିଷ୍ଠା ନିଷ୍ପତ୍ତି ଅଞ୍ଚଳବାସୀଙ୍କ ମନରେ କୋକୁଆ ଭୟ, ଆତଙ୍କ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ତା' ବିରୁଦ୍ଧରେ ପ୍ରତିବାଦର ସ୍ୱର ଶୁଭେ । ପାନ ଧାନ ମୀନ ପ୍ରାଧାନ୍ୟ ଅଞ୍ଚଳର ସଂସ୍କୃତି, ଜୀବନ, କଳା ଓ ଶିଳ୍ପର ଅବସାନ ହେବା ସ୍ୱାଭାବିକ । ଏହା ବିରୁଦ୍ଧରେ ନାନନ୍ଦନିକତା ଦୃଷ୍ଟିକୋଣରୁ କାବ୍ୟପୁରୁଷ ପ୍ରତିବାଦ କରିଛି । ତେବେ ଶସ୍ୟଶ୍ୟାମଳା ପ୍ରକୃତି ଓ ତା'ର ପ୍ରତିବାଦୀ ଆବାଜ୍ ହିଁ ଏହି କବିତାର ଅନନ୍ୟ କୃତି ।

ହଜାର ବର୍ଷର ସହର କଟକ । ଅନ୍ୟ ସହର ଭଳି ଏ ସହରର ଗଢ଼ଣ । ବିଭିନ୍ନ ଶ୍ରେଣୀ ଓ ସମ୍ପ୍ରଦାୟ ମଧ୍ୟରେ ଯେତିକି ସମନ୍ୱୟ, ସେତିକି ସଂଘର୍ଷ ମଧ୍ୟ । କାଠଯୋଡ଼ିର ଯେତିକି କାଶତଣ୍ଡୀ ଫୁଲ ତା ଠାରୁ ଅଧିକ ନାଳନର୍ଦ୍ଦମାର ଦୁର୍ଗନ୍ଧ ଓ ଲୋଡ୍‌ସେଡ଼ିଙ୍ଗ୍ । ଏକ ପକ୍ଷରେ ମହଙ୍ଗା ଭତ୍ତା ପାଇ ନଥିବା କର୍ମଚାରୀଙ୍କର ଦୁର୍ଦ୍ଦଶା ଓ ଅନ୍ୟ ପକ୍ଷରେ ଧୂମ୍‌ଧାମ୍ କଟକ ପ୍ରସିଦ୍ଧ ଦୁର୍ଗାପୂଜାକୁ ଗୋଟିଏ କବିତା କଳେବରରେ ବାନ୍ଧି ରଖିବାକୁ ପ୍ରୟାସ କରିଛନ୍ତି କବି । ଶରତ ଋତୁରେ କଟକକୁ ଆଧାର କରି ଦେଶର ଘଟିଥିବା ବିଭିନ୍ନ ବିପର୍ଯ୍ୟୟର କ୍ଷୟକ୍ଷତି କାବ୍ୟପୁରୁଷକୁ ବିସ୍ମୟାଭିଭୂତ କରିଛି । ପାର୍ବଣ ଋତୁର ପ୍ରତିଶୋଧ ଜନୀତ ଘଟଣାରେ କବି କ୍ଷୁବ୍ଧ । ଗୁଜୁରାଟର ରେଳପୋଡ଼ି ଓ ଦଙ୍ଗା, ଲାଟୁରର ଭୂମିକମ୍ପ ସବୁ ଏଇ ପାର୍ବଣ ପେଟରୁ ଜନ୍ମ । ସତରେ ଶରତ ଋତୁ କ'ଣ ଏତେ ନିଷ୍ଠୁର ? ଜଣେ ବିଶିଷ୍ଟ କବିଙ୍କର ଉଦ୍ଧୃତି ଏମିତି : "କ'ଣ ସତ, କିଛି ଘଟିବ ବୋଲି / ସବୁବେଳେ ଅପେକ୍ଷାରେ ଥାଏ ଶରତ ଋତୁ !" **(ନେରୁଦାଙ୍କ ପ୍ରଶ୍ନ କବିତା, ପୃ.- ୭୨, ଅନୁବାଦ : ବିଷ୍ଣୁ ନାରାୟଣ ମହାପାତ୍ର)**

ସମୟ ବୈଚିତ୍ର୍ୟମୟ । ସମକାଳରେ ସାକ୍ଷର - ନିରକ୍ଷର, ବାପ-ପୁଅ, ମଣିଷ-ମଣିଷ ମଧ୍ୟରେ ବୁଝାମଣାର ଘୋର ଅଭାବ । ଏମିତିକି ପୁଅ, ବାପାର ଶତ୍ରୁ ପାଲଟି ଯାଉଛି । ଆତ୍ମବଡ଼ିମା, ତା'ର ସୀମା ସରହଦ ପାର୍ ହୋଇଯାଇଛି । ବାପା ହରି ସିଂ ପ୍ରତି ଡାକ ମୁନିସି ପୁଅର ଅମଣିଷ ପଣିଆ ମଣିଷ ସମାଜକୁ ସ୍ତବ୍ଧ ଚକିତ କରିଦେଇଛି । ବାପାମାଙ୍କର ତ୍ୟାଗ ତପସ୍ୟା ମୂଲ୍ୟାୟନ ନହୋଇ ବରଂ ଅଲୋଡ଼ା ହୋଇଯାଉଛି । କି ଆମୂଳ ପରିବର୍ତ୍ତନ ସତରେ । ସମ୍ପୃକ୍ତ ଗ୍ରନ୍ଥରେ କାବ୍ୟପୁରୁଷ ଗାଁ ଜୀବନରୁ ସହରୀ ଜୀବନକୁ ଗୋଟେ ଲମ୍ଫ ପ୍ରଦାନ କରିଛନ୍ତି । ସେଠାରେ ପ୍ରତ୍ୟକ୍ଷ କରିଛନ୍ତି ସକାଳ ସନ୍ଧ୍ୟାକୁ । ପକ୍ଷୀ ପ୍ରତୀକ ମାଧ୍ୟମରେ ଉଭୟର ଆଗମନକୁ ନିରେଖିଛନ୍ତି । ତା'ର କିଚିରି ମିଚିରି ଶବ୍ଦରେ ସକାଳ ଆସେ, ସଂଧ୍ୟା ଆସେ । ନିଶ୍ଚିତ ଭାବରେ ସମକାଳର ସହରୀ ଜୀବନ, ଜଞ୍ଜାଳ ଓ ମାଗଣ ପ୍ରବଣ (Demand Prone) । ସକାଳ ପାହିଲାକ୍ଷଣି କୋଳାହଳ, ସନ୍ଧ୍ୟା ହେଲାକ୍ଷଣି ମାହୋଲ୍ । ଏହାରି ଭିତରେ ହଜିଯାଏ ଜୀବନର ନିରବତା । ସବୁ ସତ୍ତ୍ୱେ ଆକାଶ ମୁହାଁ ଅଟ୍ଟାଳିକା ଓ ଫିକ୍‌ସ୍‌ଡ୍ ଡିପୋଜିଟ୍‌ର ସ୍ୱପ୍ନ ଦେଖେ ଏକବିଂଶର ସନ୍ଧ୍ୟା । ଜୀବନ ପାଲଟି ଯାଏ ଅଲୋଡ଼ା ଅଖୋଜା । ଅନ୍ଧ ସମ୍ମୋହନର ଏତେ ଶକ୍ତି ଆସେ କେଉଁଠୁ ?

'ଶାଗୁଣା' ହୃଷୀକେଶଙ୍କ କବିତାର ଗୋଟେ ପ୍ରତୀକ । ସେ ପ୍ରତୀକ ଅମାନବିକ ଅମଲାତନ୍ତ୍ରର । ବର୍ଣ୍ଣିତ ଶାଗୁଣା ପୁରାଣ ଶାସ୍ତ୍ରର ଶୁଭାକାଂକ୍ଷୀ ଶାଗୁଣା ନୁହେଁ, ବରଂ ସମକାଳୀନ ଜୀବନର ସଶଙ୍କ ଶାଗୁଣା, ପ୍ରତାରକ ଶାଗୁଣା, ଧଳା ଶାଗୁଣା । ସେ ଶାଗୁଣାକୁ ଚିହ୍ନିବା ପାଇଁ ଆଖି ଧୋକା ଦିଏ । ଯେମିତି : "ରାତି ଅନ୍ଧାରରେ +++ପଟୁମାଟି ପରି ଅସନା, ମାଟିଆ / ମୋ ନିଜ ରଙ୍ଗ / ଦିନ ଆଲୁଅରେ କିନ୍ତୁ ଧୋବ ଫର ଫର / ନିଜ ଚେହେରା ଠୁଁ ନିଜେ ମୁଁ ଫରକ ।" **(ଶ୍ରେ.କ. : ପୃ. - ୧୩୮)** କୁହାଯାଇଛି ଶିଳ୍ପୀ ଜଣେ ଦୁଃଖୀ ଓ ଦରିଦ୍ର । ଠିକା ଚାକିରିରେ ନିଯୁକ୍ତ ଜନୈକ ଚିତ୍ରଶିଳ୍ପୀର ଅନୂଢ଼ା ଝିଅ ମିତାଲି ଜୀବନର ହାହାକାରମୟ ପରିସ୍ଥିତି ବାଧ୍ୟ କରିଛି ଆତ୍ମହତ୍ୟା କରିବାକୁ । ତଜ୍ଜନିତ ଉପାୟ ମଧ୍ୟ ସ୍ଥିର କରିଛି । ନିଃସଙ୍ଗତାକୁ ବିସ୍ମରି ଦେବା ପାଇଁ କାବ୍ୟପୁରୁଷ ତାକୁ ପୂଜା କର୍ମରେ ମଗ୍ନ କରେଇ ଦିଅନ୍ତି । ମିତାଲି ଅନ୍ତଃସ୍ଥଳର ଶୂନ୍ୟତାକୁ ପରିପୂରଣ କରିବା ପାଇଁ କାବ୍ୟନାୟକ ବହିଃପ୍ରକୃତିର ଯଥାଯଥ ଉପଯୋଗ କରିଛନ୍ତି । ଚମତ୍କାର ମେଟାଫର୍ ମାଧ୍ୟମରେ ହୃଷୀକେଶ କାବ୍ୟନାୟିକାକୁ ନୂଆ ଜୀବନ ପ୍ରଦାନ କରିଛନ୍ତି । ଉଦ୍ଧୃତିର ଶବ୍ଦ ଏମିତି: "ଖୁଦକଣା ପରି ଅରୁଆ ଦୁଃଖ / କି ଅସରନ୍ତି ଏ ଅପରାହ୍ନ / ଏ କଙ୍କି, ଏ ପ୍ରଜାପତି / ଯଦି ଭାଗୁରା ନ ହୁଅନ୍ତେ / ନିଃସଙ୍ଗତାରେ ଭାଙ୍ଗି ଯାଆନ୍ତା ତ'/ ଏକା କୁଡ଼ିଆ ଜୀବନ ।" **(ଶ୍ରେକ : ପୃ. - ୧୫୧)** ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ଦିଗ ହେଉଛି ଦୈନନ୍ଦିନ ମୃତ୍ୟୁ ଚାହୁଁଥିବା ମିତାଲିକୁ କବି ପୁନର୍ଜୀବନର ଉତ୍ସ ଦେଖେଇ ଦେବାରେ ସଫଳ ହୋଇଛନ୍ତି । ମିତାଲି ଯୁବତୀ । ସେ ପ୍ରେମ ଚାହେଁ, ଶ୍ରଦ୍ଧା, ବିଶ୍ୱାସ, ମମତା ଓ ଅନ୍ତରଙ୍ଗ ହୃଦୟ ଚାହେଁ । ତା'ର ଉତ୍ସ ହୋଇଛି ଗୋଟିଏ ଚିଠି, ଯାହା ତାକୁ ମରଣ ମୁହଁରୁ ଫେରେଇ ଆଣିଛି । ବାସ୍ତବିକ, ହୃଷୀକେଶ ନିଃସଙ୍ଗ ମିତାଲି ଚେତନାରେ ପ୍ରଚୁର ଆତ୍ମବିଶ୍ୱାସ ଭରି ଦେଇଛନ୍ତି, ଖୁବ୍ କ୍ୱଚିତ୍ କବି ଏପରି କାର୍ଯ୍ୟ କରିପାରନ୍ତି ।

କବିଙ୍କ ନାୟିକାମାନେ ତଳ ଶ୍ରେଣୀ ସମ୍ଭୂତା । ଅଥଚ ସବୁ ଶ୍ରେଣୀ ମଣିଷଙ୍କ ପ୍ରତି ସେମାନଙ୍କର ଅନ୍ତରଙ୍ଗ ଭାବନା ନିହିତ । ସେମାନେ କେବଳ ନାୟିକା ନୁହଁନ୍ତି, ଉତ୍ତମ ସେବା କାରିଣୀ, ଅବ୍ୟର୍ଥ ମହୋଷଧି । ସେମିତି ଏକ ନାରୀ ଚରିତ୍ର ଗଙ୍ଗା । ମଝି ବିଲ ଦେଇ ଯାଇଥିବା ରାସ୍ତା କଡ଼ରେ କେର୍‌ପାଲ୍ ଟାଙ୍ଗି ବାପ-ଝିଅ ଉତ୍ତପ୍ତ ଖରା ଦିନରେ ବାଟୋଇମାନଙ୍କୁ ପାଣି ପରିବେଷଣ କରିଥାନ୍ତି । କବିଙ୍କ ନାୟିକାମାନେ ପ୍ରାୟ ଶ୍ୟାମଳ ରଙ୍ଗର । ନିଷ୍ପାପ ଝିଅ ଗଙ୍ଗା, ବାପା ବେଶ୍ ସାଦାସିଧା । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ପ୍ରଥମ ଦ୍ୱିତୀୟ ଦଶକରେ ଲୋକଚରିତ୍ର ହାର୍ଦ୍ଦିକତା ଓ ପ୍ରେମମୟତାରେ ଭରପୂର ଥିଲା । ନିରକ୍ଷର ଲୋକମାନେ ବି ଦୂର ଦୂରାନ୍ତର ଗାଁ ଲୋକଙ୍କୁ ଚିହ୍ନିଥିଲେ, ଜାଣିଲେ । ପ୍ରତ୍ୟେକ ପ୍ରତ୍ୟେକଙ୍କର ହାନିଲାଭ ଶୁଣୁଥିଲେ । ତା'ର ଗୋଟିଏ ଅପୂର୍ବ ଉଦ୍ଧୃତି କାବ୍ୟପୁରୁଷ ପ୍ରଦାନ କରିଛନ୍ତି । ଦୃଢ଼ତାର ସହ ଏହି ସମାଲୋଚକ କହିପାରେ, ଯେ କେବଳ ହୃଷୀକେଶ ହିଁ ଓଡ଼ିଆ କବିତାରେ ସେପରି ଭାବନାକୁ ପରିସ୍ଫୁଟ କରନ୍ତି । ଗ୍ରାମ୍ୟମଣିଷ ଅନ୍ତରଙ୍ଗ ଆଳାପର ଉଦ୍ଧୃତି ଏମିତି : "ବୁଢ଼ା ପଚାରେ ରହି ରହି କାହା କାହାକୁ / ଘର କୋଉଠି, ଯିବ କୁଆଡ଼େ / ତମ ଆଡ଼େ ମେଘ ପାଣି କେମିତି / ଯିବ ତ ଯିବ, ଛାଇ ନେଉଟୁ / କାହିଁକି ଝିଅ ହାଉ ଖାଉଛୁ ଏମିତି ।" **(ଶ୍ରେକ : ପୃ - ୧୨୮)**

ବାସ୍ତବିକ୍ ବିଂଶ ଶତାବ୍ଦୀର ସପ୍ତମ ଦଶକ ଶେଷ ସୁଦ୍ଧା ଓଡ଼ିଶା ଲୋକଚରିତ୍ର ଏପରି ଥିଲା, ଯାହା ପାରସ୍ପରିକ ସଦ୍‌ଭାବ, ଅନ୍ତରଙ୍ଗବୋଧ; ସହୃଦୟତା ଓ ନିଷ୍ପାପ ମାନସିକତାର ଶୀର୍ଷତମ ପରିଚାୟକ । ଗ୍ରାମ୍ୟଜୀବନର ଏପରି ବିଶେଷତ୍ୱକୁ କବି ହାଡ଼େ ହାଡ଼େ ଅନୁଭବ କରିଛନ୍ତି । ସେହି ଅନୁଭବର ଅତୁଲ୍ୟ ଉଦାହରଣ ହେଉଛି ଏହି କବିତା । ସାବାସ୍ ହୃଷୀକେଶ୍, ସାବାସ୍ ।

॥ ୬ ॥

'ସାଖୀ ଚନ୍ଦ୍ର ସୂର୍ଯ୍ୟ' ଆତ୍ମପ୍ରକାଶ କରେ ୨୦୦୩ ମସିହାରେ । ସମ୍ପୃକ୍ତ ଗ୍ରନ୍ଥରେ ସମକାଳୀନ ସମାଜର ବାସ୍ତବ ଚିତ୍ର ଉପସ୍ଥାପିତ ହେବା ସଙ୍ଗେ ସଙ୍ଗେ ସ୍ରଷ୍ଟା ସମାଜକୁ କାବ୍ୟପୁରୁଷ ନିବେଦନର ଭାଷା ସୁସ୍ପଷ୍ଟ । ଏହି ଗ୍ରନ୍ଥରେ ବି କବି ଅନ୍ତର୍ମୁଖୀ ନହୋଇ ବହିର୍ମୁଖୀ ହୋଇଛନ୍ତି । କହିବା ବାହୁଲ୍ୟ ବହିର୍ମୁଖୀନତା ହିଁ ହୃଷୀକେଶୀୟ କବିତାର ବିଶେଷତ୍ୱ । ଡାକବଙ୍ଗଳାରେ ଘଟୁଥିବା ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ହେଉଛି ଚୌକିଦାର । ଜୀବିକାର ତାଡ଼ନାରେ ତା' ମୁହଁରେ ତାଲା । ମଦମାଂସ ନାରୀ ସଂଭୋଗର ନିରୋଳା ନିରାପଦ ସ୍ଥାନ ଡାକବଙ୍ଗଳା ।

ମାତ୍ର ଚୌକିଦାର ବି ମୂକସାକ୍ଷୀରେ ଅନ୍ତର୍ଭୁକ୍ତ । ସାମ୍ପ୍ରତିକ ଭୋଗବାଦୀ ସଂସ୍କୃତିର ଏହା ତ ଅନିବାର୍ଯ୍ୟ ଫଳ । ବାବୁଭାୟାମାନଙ୍କର ଭୋଗ ନିକଟରେ ଦାରିଦ୍ର୍ୟ ପ୍ରପୀଡ଼ିତ ଝିଅର ଆତ୍ମମର୍ଯ୍ୟାଦା ମୂଲ୍ୟହୀନ ।

ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀର ମୂଲ୍ୟ ଚିରକାଳ ଅପଢ଼ା, ଅବୁଝା । ଅନ୍‌ପଢ଼୍ ଅଚେତନ ଥିବା ବେଳେ ନାରୀ ଚୁପ୍ ଥିଲା । ସାକ୍ଷର ନାରୀକୁ ଏବେବି ସେହି ପୁରୁଣା ଢ଼ଙ୍ଗରେ ବିଚାର କରାଯାଉଥିବାରୁ ଦାମ୍ପତ୍ୟରେ ଦ୍ୱନ୍ଦ୍ୱ, ପରିବାରରେ ମନ ଫଟାଫଟି । ସାମାନ୍ୟ ସାମାନ୍ୟ କଥାରେ ମହିଳାର ସାତପୁରୁଷ ଓଝାଳିପକାଏ ପୁରୁଷ । ଫଳଶ୍ରୁତିକୁ ବେଶି ବେଶି ସାମ୍ନାକରେ ନାରୀ । ପୁରୁଷର ଆୟବ୍ୟୟ ଜାଣିବାକୁ ନାରୀ ଅଯୋଗ୍ୟା । ସେ କେବଳ ଆଜ୍ଞାଧୀନ ସେବିକା । ତା'ର ଜନ୍ମମରଣ ଅଲଗା ଅଲଗା ସ୍ଥାନରେ ହେଉଥିବାରୁ ସବୁ ତାଡ଼ନା, ଅବିଚାରକୁ ନିରବରେ ନିଃଶବ୍ଦରେ ଯୁଗ ଯୁଗ ଧରି ସହି ଆସିଛି । ଅଦାଲତ, ସମ୍ବିଧାନ ମାନବିକତା ମୁହଁରେ ତୁଣ୍ଡି । ଫଳଶ୍ରୁତି ସ୍ୱରୂପ ତା' କପାଳରେ ଦୁଃଖ ହିଁ ଦୁଃଖ । ଦୁଇକୁଳର ହିତାକାଂକ୍ଷୀ ବୋଲି ସେ ଦୁହିତା ପଦବାଚ୍ୟ । ନାରୀର ଜନ୍ମ ଏମିତି ସେ କେଉଁ କୁଳର ବୋଲି ପ୍ରଶ୍ନ କରେ ମାଆକୁ । ଯେମିତି : "ତୁ ବତା, ବୋଉ / କେଉଁ କୁଳର, ସତ ସତିଆ ଝିଅଟିଏ/ କୁଙ୍କୁମ କଳା, ଖେଳ ଷଢ଼େିରେ / ଗଢ଼ା ସେ କୂଳର / ନା, ସିନ୍ଦୂର, ଶଙ୍ଖା, ଚୁଲି ନିଆଁରେ / ଗଢ଼ା ଏ କୂଳର ।" **(ଶ୍ରେ.କ. : ପୃ. - ୧୫୯)**

ପ୍ରାଗୈତିହାସିକ ଯୁଗକୁ ଭାରତୀୟ ମାଟି ପାଣିପବନ ଅନ୍ତରୀକ୍ଷ ଶୃଙ୍ଗାର ରସରେ ଗଢା । ଶୃଙ୍ଗାର ଏବେ ବଳାତ୍କାରରେ ପରିଣତ । ମଣିଷକୁ ସଂଯତ କରିବା ପାଇଁ ଯେତେ ଯେତେ ଧର୍ମୀୟ ବାଣୀ ଶୁଣାଯାଇଛି, ସେତେ ସେତେ ବିଶୃଙ୍ଖଳିତ ହୋଇଛି ମଣିଷ । ତା'ର ଶରବ୍ୟ ହୋଇଛି ନାରୀ । ସେ ଅସୂର୍ଯ୍ୟଂପଶ୍ୟା ଓ ଅବଗୁଣ୍ଠିତ ଥିଲାବେଳେ ଅଲଗା ଥିଲା ପରିବେଶ । ପରିବର୍ତ୍ତିତ ପରିସ୍ଥିତିରେ ସେ ନୂଆ ନୂଆ ସମସ୍ୟାର ସମ୍ମୁଖୀନା । ସେମାନଙ୍କ ସମ୍ପର୍କରେ ଅନେକ ଅକଥା ଅକଥା ଚର୍ଚ୍ଚା ହୁଏ । ନଈପଠା, ଲଜ୍, ପାର୍ଲୋର୍, କଫି ହାଉସ୍‌ରେ ସମସ୍ତ ବଦ୍‌ଖର୍ଚ୍ଚର କେନ୍ଦ୍ର ନାରୀ । ସାରା ବିଶ୍ୱରେ ନାରୀ କୈନ୍ଦ୍ରିକ ପ୍ରେମ ତା' ହସ, କେଶ, ଆଖି, ନିତମ୍ବ, ଉରୁ ଓ ସ୍ତନକୁ ନେଇ କେତେକେତେ ରୂପକ, ଉପମା, ଅଳଙ୍କାର । ଏମିତିକି ଈଶ୍ୱର, ଦେବତା ମଧ୍ୟ ନାରୀ ଦେହ ଲୋଭୀ । ମଣିଷର ଏପରି ଆଚରଣରେ କାବ୍ୟପୁରୁଷ କ୍ଷୁବ୍ଧ । ଲୁବ୍ଧକମାନଙ୍କୁ କଟାକ୍ଷ କରି ହୃଷୀକେଶ୍‌ଙ୍କର ଶବ୍ଦାକାଶ ଏମିତି: "ତମେ ପୁରୁଷ ନା ଦଳ ଦଳ ଶାଗୁଣା / ଘୋଟି ରହିଚ ହାଟ ମଠ ଘାଟ ତୁଠ / ବସ୍ ବିମାନ ବର୍ଷା ବସନ୍ତ / ମୁଁ ମଣିଷ ନା ମଢ଼ / ସରି ଆସୁଥାଏ ଅନୁକ୍ଷଣ ମୋ ମେଦ ମାଂସ / ତମ ତୀକ୍ଷ୍ଣ ନଖାଗ୍ରର ଷଢ଼ଯନ୍ତ୍ରରେ ।" **(ଶ୍ରେ.କ. : ପୃ.- ୧୬୧)**

୧୯୯୯ ମସିହା ଅକ୍ଟୋବର ମହାବାତ୍ୟା ଉପକୂଳ ଓଡ଼ିଶା ଧନଜୀବନର ପ୍ରଭୂତ କ୍ଷୟକ୍ଷତି କରିଥିଲା । ସେ ମହାବାତ୍ୟା ଥିଲା ବିଂଶ ଶତାବ୍ଦୀର ସବୁଠୁ ଭୟାବହ ବାତ୍ୟା । ପ୍ରକୃତିର କୋପ ଥିଲା ଫଣା ଟୋଳୁଥିବା ସାପ ଠାରୁ ଅଧିକ ଭୟଙ୍କର । ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ, ସରୀସୃପ ଓ ଉଦ୍ଭିଦ ଜଗତର ଅପୂରଣୀୟ କ୍ଷତି ସ୍ମରଣୀୟ ହୋଇ ରହିବ ଚିରକାଳ । ବ୍ୟକ୍ତି ଠାରୁ ସମଷ୍ଟି, ଗୋହିରି ଠାରୁ ପିଚୁ କଂକ୍ରିଟ୍ ରାସ୍ତା, କଚାଘର ଠାରୁ କୋଠାଘର ପର୍ଯ୍ୟନ୍ତ ଆଖି ପିଛୁଳାକେ ଧୂଳିସାତ୍ ହୋଇ ଯାଇଥିଲା । ପ୍ରବାସରୁ ଲେଉଟି ଆସୁଥିବା ଗ୍ରାମବାସୀ ବି ଆପଣା ଘରକୁ ବାଟ ପାଉନଥିଲେ । ମଣିଷ ସହ କାନ୍ଦ, ପକ୍ଷୀର କିଚିରି ମିଚିରି ଶୁଣାଯାଉ ନଥିଲା । ଚନ୍ଦ୍ର ସୂର୍ଯ୍ୟ ହିଁ ଥିଲେ ନିଥର ସାକ୍ଷୀ । ଯେମିତି: "ହଲିଲା ପାଣିରେ /ଗୋଡ଼ ଦଉନଥିବା ଚନ୍ଦ୍ର ସୂର୍ଯ୍ୟ / ଖୁମପୋତା ଦିଗପାଳ / ସାକ୍ଷୀ ଥାଅ, ପ୍ରଳୟକୁ / ଶତାବ୍ଦୀର ଅଘୋରୀ ମୁଁ / ଆଜି ବାଟ ପାଉନି / ମୋ ନିଜ ଘର ।" **(ଶ୍ରେ.କ. : ପୃ. - ୧୮୬)**

ସମୁଦ୍ରକୁ ଆଧାର କରି କାହିଁ କେତେ କଥା, କବିତା, ଉପନ୍ୟାସ, ନାଟକ ଓ ଲୋକକଥା । ନିଃସନ୍ଦେହରେ କୁହାଯାଇ ପାରେ ଯେ ଲୋକକଥା ହିଁ ନିରୋଳା କଳ୍ପନା ବିଳାସ । କାବ୍ୟପୁରୁଷର ଇପ୍‌ସିତ ବସ୍ତୁକୁ ଫେରେଇ ଦେବାରେ ସମୁଦ୍ର କୁଣ୍ଠା ପ୍ରକାଶ କରିଥିବାରୁ କବି କ୍ଷୁବ୍ଧ । ସୁତରାଂ କାବ୍ୟନାୟକ ସମୁଦ୍ରର ଲୋକକଥାକୁ ବିଶ୍ୱାସକୁ ନେଇ ନାହିଁ । ବରଂ ସମୁଦ୍ରର କୋପାନଳରେ ନୋଳିଆବସ୍ତି, ନୁଆଣିଆ ଘର, ଗୋରୁଗାଈ, ପିଲାକବିଲା, ପେଡ଼ିପେଟରା ସବୁକୁ ସେ ଗର୍ଭସ୍ଥ କରିଦେଇଛି । ସତରେ ସମୁଦ୍ର କେତେ ଅବିବେକୀ । ପ୍ରସଙ୍ଗ କ୍ରମେ ସମୁଦ୍ରର ଏପରି ଆଚରଣର ଆରପାଖ ଏମିତି: "କିଏ ସେ ବୁଝେଇ ପାରିବ ସମୁଦ୍ରକୁ / ବିଚାରବନ୍ତ ହେବା ପାଇଁ +++ କାହିଁକି ସେ ପିଟିହୁଏ ପଥରରେ / ଏତେ ନଷ୍ଟ କାମନାକୁ ନେଇ ।" **(ନେରୁଦାଙ୍କ ପ୍ରଶ୍ନ କବିତା, ପୃ.- ୫୧, ଅନୁବାଦ : ବିଷ୍ଣୁ ନାରାୟଣ ମହାପାତ୍ର)** ବାସ୍ତବିକ୍ ମଣିଷର ଅମଣିଷ ପଣିଆକୁ କିଏ ଦେଖୁ ନଦେଖୁ, ପରଖୁ ନ ପରଖୁ, ପ୍ରତ୍ୟକ୍ଷ କରୁ ନକରୁ, ଚନ୍ଦ୍ର ସୂର୍ଯ୍ୟ ହିଁ ମୂକ ଅଥଚ ଉଜ୍ଜ୍ୱଳ ସାକ୍ଷୀ ଭାବରେ ଦଣ୍ଡାୟମାନ ।

(ଶେଷ ହୋଇନାହିଁ)

▼ ବଙ୍ଗୀୟ କବି ମନ୍ଦାକ୍ରାନ୍ତା ସେନ୍‌ଙ୍କ ସହ ଓଡ଼ିଆ କବି ହୃଷୀକେଶ ମଲ୍ଲିକ ଏକ ଅନ୍ତରଙ୍ଗ ମୁହୂର୍ତ୍ତରେ



# ମଞ୍ଚର ମହାନାୟକ



# ମୋ ସବୁ ପରିଚୟର ଆରମ୍ଭ
# ବାପା



**ରାଜେନ୍ଦ୍ର ରାଉଳ**
୪୩୬, ଚକେଇସିଆଣି, ମଞ୍ଚେଶ୍ୱର, ଭୁବନେଶ୍ୱର-୭୫୧୦୧୦
ଫୋନ : ୭୯୭୮୯୭୪୯୨୩

ଫଟୋ ସୌଜନ୍ୟ : ଲେଖକ
ଜଳରଙ୍ଗ ପୋଟ୍ରେଟ୍: ସଂଜୟ ରାଉଳ

**ସେ : ବାପା, ଦୁଇଟି ଅକ୍ଷରର ଅନିର୍ବାଣ ଶିଖା । ସବୁ ଦୁଃଖର ଶେଷ ସୀମା ସେ । ସବୁ ଆନନ୍ଦର ଉତ୍ତୁଙ୍ଗ ଉର୍ମି ବି । ଆମ ପାଇଁ ସେ ବାଟ ହେଇପାରେ ତ କେବେ ପୁଣି ଆମ ଆଡ଼କୁ ଆସୁଥିବା ତୀର ପାଇଁ ଛାତି । ବାପାର ତୁଳନା ନାହିଁ । ବାପା ଅସୀମ, ବାପା ଆମ ପାଇଁ ନିର୍ଭୟ ଆଶ୍ରୟ । ବାପା ପରି କିଏ ହୋଇପାରିବ ସତେ ?**

**'ରେବତୀ' ତେଣୁ ଆରମ୍ଭ କରିଛି ଜଣେ ଜଣେ ପ୍ରସିଦ୍ଧ ବାପାର କାହାଣୀ, ସେମାନଙ୍କ ପୁଅଝିଅଙ୍କ ଠାରୁ । ସେମିତି ଜଣେ ତେଜୋଦୀପ୍ତ ପୁରୁଷ ଏଥରର ବାପା । ଅଗ୍ନି ପରି ତେଜିଆନ୍ ଆଖି ତାଙ୍କର । ଜହ୍ନ କିରଣ ପରି ଶାନ୍ତ ଅଥଚ ସମାହିତ ସେଇ ଆଖିର ଚାହାଣି । ସ୍ନିଗ୍ଧ ମଳୟ ପରି ତାଙ୍କ ନିଃଶ୍ୱାସପ୍ରଶ୍ୱାସ । ପ୍ରଶସ୍ତ କପାଳ । କପାଳରେ ଧାଡ଼ି ଧାଡ଼ି ଅଙ୍କା ଲଲାଟ ରେଖା । ଚଉଡ଼ା ଛାତି । ଅଣ୍ଟା ଯାଏଁ ଲମ୍ୱିଥିବା ଦୁଇବାହୁ । ସ୍ୱର୍ଦ୍ଧିତ ଚାଲି । ନିର୍ଭୀକ କଥା । ସେ : ଅଭିମନ୍ୟୁ ରାଉଳ, ସେ ସମୟର ସେଲିବ୍ରିଟୀ ପାଲାଗାୟକ । ଏ ସମୟର ସବୁଠୁ ସଶକ୍ତ ଓ ନିର୍ଭୀକ ଯୁବକଥାକାର ରାଜେନ୍ଦ୍ର ରାଉଳଙ୍କ ବାପା । ଏଥର 'ମୋ ବାପା' କ୍ରମରେ ରାଜେନ୍ଦ୍ର ଲେଖିଛନ୍ତି ଏ ଆବେଗାୟିତ ଆଲେଖ୍ୟ ।**

ଆଜି ମୁଁ ସମୟର ମେସିନ୍‌ରେ ଠିଆ ହୋଇଛି । ସମୟର ମେସିନ୍ ଧୀରେ ଧୀରେ ପଛକୁ ଫେରୁଛି । ଚାଳିଶ ବର୍ଷର ଲେଉଟାଣି ଯାତ୍ରା । ଉଜାଣି ଫେରୁଛି ଜୀବନ । ଫେରିବା ପଥରେ ଅନେକ ଚିହ୍ନା ଚରିତ୍ରଙ୍କର ଷ୍ଟାଚ୍ୟୁ । ସମସ୍ତେ ଯେମିତି ନିଷ୍ପଲକ ହେଇ ଚାହିଁ ରହିଛନ୍ତି ମୋତେ । ନିଠେଇ ନିଠେଇ ଦେଖୁଛନ୍ତି ମୋ ମୁହଁକୁ । 'କେହି ଜଣେ ପଛକୁ ଫେରୁଛି !' ସମ୍ଭବତଃ ଏମିତିକା ମୁଦ୍ରା ସେହି ପରିଚିତ ଷ୍ଟାଚ୍ୟୁମାନଙ୍କ ଆଖିରେ । କାହାରି ମୁହଁରେ ଶବ୍ଦ ନାହିଁ । ସମସ୍ତେ ଯେପରି ନିର୍ବାକ୍ । କେଉଁଠି ବି କୋଳାହଳ ନାହିଁ । ସବୁକିଛି ଯେମିତି ନିସ୍ପନ୍ଦ । ଆଜି ପବନ ବି ଯେପରି ସ୍ଥିର- ନିର୍ବିଚଳ ! ଚରାଚର ନିର୍ବେଦ !

ସମୟର ମେସିନ ଫେରୁଛି ।

ସ୍ମୃତିର ସ୍ରୋତରେ ଜୀବନ ଉଜାଣି ବହୁଛି ।

କେହି ଜଣେ ମୋ ହାତକୁ ଜୋର୍ କରି ଜାବୁଡ଼ି ଧରିଛି । ସାମାନ୍ୟ ବି ଅସତର୍କତାରେ ଯେମିତି ସେଇ ହାତମୁଠାରୁ ମୋ ହାତ ଖସି ନଯାଏ । ଆଉ ମୁଁ ଜୀବନର ଭିଡ଼ ଭିତରେ କେଉଁଠି ହଜି ନଯାଏ । ସେମିତିକା ଦୃଢ଼ତା ସେହି ହାତ ମୁଠାରେ । ସେହି ହାତ ମୋତେ ଟାଣୁଛି ଆଗକୁ । କହୁଛି, ମୁଁ ତୋ ହାତ ଧରିଛି । ତୁ ନିଶ୍ଚିନ୍ତ ହେଇ ଆଗକୁ ପାଦ ପକା । ସବୁ ଖାଲଖମାକୁ ମୁଁ ସମାନ୍ତରାଳ କରିଦେବି । ସବୁ ଝଡ଼ଝଞ୍ଜାକୁ ମୁଁ ମୋ ମୁଣ୍ଡ ଉପରକୁ ନେଇଯିବି ।

ଅଟକୁଛି ସମୟର ମେସିନ୍ !

▼ ବାପାଙ୍କ ସହ ପୁତ୍ର ରାଜେନ୍ଦ୍ର ସପରିବାରେ



ମୁଁ ଦେଖୁଛି, ମୋ ସାମ୍ନାରେ ଠିଆ ହେଇଛନ୍ତି ଜଣେ ତେଜୋଦୀପ୍ତ ପୁରୁଷ । ଅଗ୍ନି ପରି ତେଜିଆନ୍ ଆଖି । ଜହ୍ନ କିରଣ ପରି ଶାନ୍ତ, ଅଥଚ ସମାହିତ ସେଇ ଆଖିର ଚାହାଣି । ସ୍ନିଗ୍ଧ ମଳୟ ପରି ତାଙ୍କ ନାକପୁଡ଼ାର ନିଃଶ୍ୱାସ ପ୍ରଶ୍ୱାସର ଗତି । ପ୍ରଶସ୍ତ କପାଳ । କପାଳରେ ଧାଡ଼ି ଧାଡ଼ି ଅଙ୍କା ଲଲାଟ ରେଖା । ଚଉଡ଼ା ଛାତି । ଅଣ୍ଟା ଯାଏଁ ଲମ୍ବିଥିବା ଦୁଇବାହୁ । ସ୍ପର୍ଦ୍ଧିତ ଚାଲି । ନିର୍ଭୀକ କଥା ।

କିଏ ଏଇ ପୁରୁଷ ଯିଏ ସ୍ମୃତିର ସଘନ କୁଜ୍ଝଟିକା ସତ୍ତ୍ୱେ ମୋ ସାମ୍ନାରେ ଜଳୁଛନ୍ତି ଦାଉଦାଉ ହେଇ ? ସତରେ କିଏ ଇଏ ଯାହାଙ୍କୁ ମୁଁ ଚିହ୍ନିଛି; ଅଥଚ ବୁଝିନାହିଁ । ଜାଣିଛି; ଅଥଚ ପଢ଼ିନାହିଁ । ପାଖରେ ପାଇଛି; ଅଥଚ ଭଲକରି ପରଖି ନାହିଁ ।

ସତରେ କିଏ ? ମୋ ଭିତରେ ଅସ୍ଫୁଟ ଆର୍ତ୍ତନାଦ ।

ଟୁପୁରୁ ଟୁପୁରୁ ଟୋପା

ଦୁଇଟି ଅକ୍ଷର ବାପା !

କେହି ଜଣେ ଯେମିତି ମୋ କାନ ପାଖରେ ଆସ୍ତେକରି କହି ଦଉଛି ଏ କଥା ।

ସମୟର ମେସିନ ସେଇମିତି ସ୍ଥିର ହେଇ ଅଟକି ରହିଛି ସେଇ ସ୍ପର୍ଦ୍ଧିତ ପୁରୁଷଙ୍କ ନିକଟରେ । ନା ଯାଇ ପାରୁଛି ଆଗକୁ । ନା ଫେରି ପାରୁଛି ପଛକୁ । ସବୁ ଗତିର ଶେଷବିନ୍ଦୁ ତ ବାପା ! ସବୁ ରାସ୍ତାର ପରିସମାପ୍ତି ତ ବାପା ! ତାଙ୍କରି ପାଖରେ ପହଞ୍ଚିବା ପରେ ବନ୍ଦ ହେଇ ଯାଇଛି ମୋର ତମାମ ପୃଥିବୀର ଘୂର୍ଣ୍ଣନ । ବାୟୁ ମଣ୍ଡଳ ଗତିଶୂନ୍ୟ । ସ୍ନାୟୁ ମଣ୍ଡଳରେ ଚଞ୍ଚଳତା ନାହିଁ । ଆୟୁ ମଣ୍ଡଳରେ ଶୈଶବର ଅସୁମାରି ସୁନାଝରା ସ୍ମୃତି ।

ବାପାଙ୍କୁ ମୁଁ ବାପା ବୋଲି ଜାଣିବା ବେଳକୁ ସେ କେବଳ ମୋର ବା ଆମ ଭାଇ ଭଉଣୀ ଛ'ଜଣଙ୍କର ବାପା ହେଇ ରହି ନଥିଲେ । ସେ ସେତେବେଳକୁ ପାଲଟି ସାରିଥିଲେ ଜଣେ ବହୁ ପ୍ରତିଷ୍ଠିତ ପୁରୁଷ । ସେଲିବ୍ରିଟି ! ସେଇ ସେଲିବ୍ରିଟିର ନାଁ **ଅଭିମନ୍ୟୁ ରାଉଳ !** ପାଲାଗାୟକ ।

ଗ୍ରାମାଞ୍ଚଳର ଲୋକମାନେ 'ଗାୟକ' ବୋଲି ତ କହୁ ନ ଥିଲେ; କହୁଥିଲେ 'ଗାହାଣ' । ଏକଥା ଲେଖିବା ବେଳେ ଖୁବ୍ ସଚେତନ ଭାବରେ ଗର୍ବରେ ମୋ ଛାତି ଫୁଲି ଉଠୁଛି ଯେ, ମୁଁ ହେତୁ ପାଇବା ବେଳକୁ ଜଣେ ପାଲା ଗାୟକ ବା ଗାହାଣ ଭାବରେ ତାଙ୍କର ପରିଚିତି ହୋଇ ସାରିଥିଲା ନଭଶ୍ଚୁମ୍ବୀ । ସେ ଜଣେ ସାଧାରଣ ମଣିଷ ନଥିଲେ । ସେ ଥିଲେ ଏକ ପରିଚୟ । ଆମ ଗାଁର ପରିଚୟ ଥିଲା ଗାହାଣଘର ଗାଁ । ଆମ ଗାଁ ଲୋକମାନଙ୍କର ପରିଚୟ ଥିଲା ଗାହାଣ ଗାଁର ଲୋକ । ଆଉ ମୋର ପରିଚୟ ଥିଲା ଗାହାଣ ପୁଅ ।

ମୋର ଏବେ ବି ମନେଅଛି, ଆମ ଗାଁ ନାଁ 'ପିହାଣଗଡ଼ିଆ' ବୋଲି କହିଲେ କେହି ବୁଝିପାରୁ ନଥିଲେ । କାରଣ ତାହା ଥିଲା ଏକ ପ୍ରଚଣ୍ଡ ମଫସଲି ଗାଁ । ସେହି ଗାଁକୁ ରାସ୍ତା ନଥିଲା । ବିଜୁଳିବତୀ ତ ଦୂରର କଥା; ମୋ ପିଲାବେଳେ ଅନେକଙ୍କ ଘରେ ସାଇକେଲ୍ ମଧ୍ୟ ନଥିଲା । ଚତୁର୍ମାସ୍ୟା ହେଲେ ଆମ ଗାଁ ପାଲଟି ଯାଉଥିଲା ଏକ ଅଗମ୍ୟ ଅଞ୍ଚଳ । ଆମ ଗାଁର ଲୋକସଂଖ୍ୟା ଶହେଜଣ ବି ନଥିଲେ । ସେଥିଲାଗି ଆମ ଗାଁ ଆମର ପଡ଼ୋଶୀ ଗାଁ ବାଘୁଆ ସହିତ ମିଶି ରହିଥିଲା । ଭୋଟ୍ ବେଳେ ଆମ ଗାଁର ଲୋକମାନେ ବାଘୁଆ ଯାଇ ଭୋଟ୍ ଦେଉଥିଲେ । ସଂକ୍ଷେପରେ କହିବାକୁ ଗଲେ, ଆମ ଗାଁର ଏକ ସ୍ୱତନ୍ତ୍ର ପରିଚୟ ନଥିଲା । ଆମେ ଗାଁ ନାଁ କହିଲେ ବାଘୁଆ ସହିତ ଯୋଡ଼ି ଆମ ଗାଁ ନାଁ କହୁଥିଲୁ ।

ହେଲେ ସେହି ଗାଁର ଏକମାତ୍ର ପରିଚୟ ଥିଲେ ମୋ ବାପା । ଲୋକମାନେ ଯେତେବେଳେ ଆମ ଗାଁକୁ ଜାଣି ନପାରି ପଚାରୁଥିଲେ ପିହାଣଗଡ଼ିଆ କୋଉ ଗାଁ ? ସେତେବେଳେ ଲୋକମାନେ କହୁଥିଲେ, ଅଭିମନ୍ୟୁ ରାଉଳଙ୍କୁ ଜାଣିଛ ? ଗାହାଣ ମ ! ତାଙ୍କରି ଗାଁ । ପିହାଣଗଡ଼ିଆ ! ଆମେ ତାଙ୍କରି ଗାଁ ଲୋକ ।

କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ, କପ୍ତିପଦା ଆଦି ବହୁ ଦୂର ଦୂରାନ୍ତରୁ ଲୋକମାନେ ଆସୁଥିଲେ ବଇନା ଦେଇ ବାପାଙ୍କୁ ପାଲା ଗାଇବା ପାଇଁ ନେବାକୁ । ସେମାନଙ୍କୁ ବାଟ ଜଣା ନଥିଲା । ମୋବାଇଲ୍‌ର ତ ପ୍ରଶ୍ନ ଉଠୁ ନଥିଲା । ସେମାନେ ବାଟ ପଚାରି ପଚାରି ଆମ ଘରକୁ ଆସୁଥିଲେ । ଆମ ଗାଁର ନାଁ ବି ଜଣା ନଥିଲା ଅନେକଙ୍କୁ । ସେମାନେ ବାଟ ସାରା ଅଭିମନ୍ୟୁ ରାଉଳଙ୍କ ଗାଁକୁ ଯିବୁ ବୋଲି ପଚାରୁଥିଲେ । ଆଉ ଅଚିରେ ସେମାନଙ୍କୁ ଆମ ଗାଁ ଆଉ ଆମ ଘର ମିଳି ଯାଉଥିଲା । ସେତେବେଳର ସେଇ କଥା ସବୁ ଆଜି ମନେ ପକେଇବା ବେଳେ ଛାତି ଭିତରେ କିଭଳି ମହା ଆନନ୍ଦର ଏକ ତରଙ୍ଗ ପ୍ରବାହିତ ହେଉଛି ତାହାକୁ କେବଳ ମୁଁ ଅନୁଭବ କରିପାରୁଛି ସିନା; କଦାଚିତ୍ ଶବ୍ଦରେ ପ୍ରକାଶ କରିପାରୁନି ।

ଆଜି ବାପା ନାହାନ୍ତି । ସେ ତାଙ୍କ ଭୂମିକା ନିର୍ବାହ କରି ସଂସାର ରଙ୍ଗମଞ୍ଚରୁ ପ୍ରସ୍ଥାନ କରି ସାରିଛନ୍ତି । ତଥାପି ତାଙ୍କର ପରିଚୟ ଛାଇ ଭଳି ମୋ ପଛେପଛେ ଗୋଡ଼େଇ ଚାଲିଛି । ଆଜି ବି ଚରମ୍ପାରେ ଓହ୍ଲେଇ ଟିଫିନ୍ କରୁକରୁ ମୁଁ ଯେତେବେଳେ କହେ ମୁଁ ପିହାଣଗଡ଼ିଆ ଯିବି ସେତେବେଳେ ସେ ଦୋକାନୀ କହେ, ପିହାଣଗଡ଼ିଆର କାହା ଘରକୁ ? ଗାହାଣ ଘରକୁ ? ଏକଥା ଶୁଣି ମୁଁ ହସେ । ଆଉ ଭାବେ, ଏହାଠୁ ବଳି ବଡ଼ ପରିଚୟ ମୋ ପାଇଁ କ'ଣ ହେଇପାରେ ! ବାପାଙ୍କ ଅବର୍ତ୍ତମାନରେ ତ ବାପା ଅଛନ୍ତି ମୋର ଏକ ବଳିଷ୍ଠ ପରିଚୟ ପାଲଟି । ପୁଣି ଠିକ୍ ସେତିକିବେଳେ ଆଉ ଏକ ସନ୍ଦିହାନତା ମୋତେ ଆବୋରି ବସେ । ମୁଁ ଭୟରେ ଜଡ଼ସଡ଼ ହୋଇଯାଏ । ଭାବେ, ମୁଁ କ'ଣ ସେମିତି ପରିଚୟଟିଏ ମୋ ନିଜର ତିଆରି କରିପାରିବି ଯାହା ମୋ ଅବର୍ତ୍ତମାନରେ ବି ମୋ ଝିଅ ପାଇଁ ଆଲୋକବର୍ତ୍ତିକା ସାଜି ପାରିବ ! କେଜାଣି ?

ବାହାର ଦୁନିଆ ସହିତ ପରିଚିତ ହେବା ପୂର୍ବରୁ ମୁଁ ଯେଉଁ ଦୁଇଟି ଜିନିଷ ସହିତ ଖୁବ୍ ଅନ୍ତରଙ୍ଗ ଭାବରେ ପରିଚିତ ହୋଇ ସାରିଥିଲି ସେ ଦୁଇଟି ମଧ୍ୟରୁ ଗୋଟିଏ ହେଉଛନ୍ତି ବାପା । ଆଉ ଅନ୍ୟଟି ବହି । ଏକଥା ଆଜି କହିଦେବାରେ ମୋ ଭିତରେ ସାମାନ୍ୟତମ ଦ୍ୱିଧାବୋଧ ନାହିଁ ଯେ, ଅନେକ ଦିନ ପର୍ଯ୍ୟନ୍ତ ପୃଥିବୀ କହିଲେ ମୁଁ ବୁଝୁଥିଲି ବାପା ଆଉ ବହି । ମୋ ଜୀବନରେ ବାପା ଆଉ ବହିର କି ଯେ ପ୍ରଭାବ ସେକଥା ମୋତେ ଆଉ ମୋର ପାଠକମାନଙ୍କୁ ବୁଝାଇ କହିବାର ପ୍ରୟୋଜନ ନାହିଁ ।

ମୁଁ ଦେଖୁଥିଲି, ସକାଳେ ଉଠି ବାପା ବହି ଧରି ବସି ପଢ଼ୁଥିଲେ । ପୁରାଣ, ଉପନିଷଦ, କାବ୍ୟ, ଉପନ୍ୟାସ ! ସେ ସଂସ୍କୃତ ପଢ଼ୁଥିଲେ ଅନର୍ଗଳ । ରାମାୟଣ, ମହାଭାରତ, ନୈଷଧ, ଗୀତା, ରଘୁବଂଶ – ଏସବୁ ଥିଲା ତାଙ୍କର ମୁହେଁମୁହେଁ । ତା' ସତ୍ତ୍ୱେ ସେ ପ୍ରତ୍ୟେକ ଦିନ ସକାଳେ ସଞ୍ଜେ ପଢ଼ୁଥିଲେ । ସନ୍ଧ୍ୟାରେ ମୁଁ ଟ୍ୟୁସନ୍ ଫେରିବା ବେଳକୁ ଦେଖୁଥିଲି ଡିମ୍ପା ବା ଡିବିରି (କିରୋସିନି ଜାଳିତ ଆଲୋକ) ଲଗେଇ ସେ ଝରକା ପାଖରେ ପଢ଼ୁଥିବେ । ଆମେ ସବୁ ଟ୍ୟୁସନ୍‌ରୁ ଫେରିଲେ ବହିକୁ ବନ୍ଦ୍ କରିଦେବେ । ଡିମ୍ପା ଲିଭେଇ ଦେବେ । ଆମେ ସବୁ ଖାଇ ବସିବୁ । ଏସବୁ ଦେଖିଦେଖି ପିଲାଟି ବେଳୁ ମୋର ଏକ ଧାରଣା ହୋଇ ଯାଇଥିଲା ଯେ, ଦୁନିଆରେ କେବଳ ଗୋଟିଏ କାମ । ତାହା ହେଉଛି ପଢ଼ିବା, ପଢ଼ିବା ଏବଂ ପଢ଼ିବା ।

ଚତୁର୍ମାସ୍ୟାକୁ ଛାଡ଼ିଦେଲେ ଅନ୍ୟ ଆଠମାସ ବାପା ଘରେ ରହୁଥିଲେ କମ୍; ବାହାରକୁ ଯାଉଥିଲେ ବେଶି । ମାସକୁ ପ୍ରାୟ କୋଡ଼ିଏ ଦିନ ସେ ପାଲା ଗାଉଥିଲେ । ଅନେକ ସମୟରେ ସେ ମୋତେ ତାଙ୍କ ସହିତ ନେଇ ଯାଉଥିଲେ । ବାପାଙ୍କର ଗାୟକ ବେଶ ମୋ ପାଇଁ ଆଜି ବି ରମଣୀୟ ହୋଇ ରହିଛି । କାଲି ପରି ମନେ ପଡ଼ୁଛି ସେସବୁ । ମୁଣ୍ଡରେ ମୁକୁଟ । ଦେହରେ ଇସ୍ତ୍ରୀକରା ଧୋତି ଆଉ ରଙ୍ଗୀନ ଜର୍କେଟ୍‌ର ଗର୍ଜିଅସ୍ ପଞ୍ଜାବୀ । କାନ୍ଧରେ ଡାହାଣରୁ ବାମକୁ ବନ୍ଧା ହେଇଥିବ ନୀଳ ମଣ୍ଡଦିଆ ଧୋବ ଫରଫର କରିଆ । ଲଲାଟରେ ସୂର୍ଯ୍ୟ ପରି ଦାଉଦାଉ ଜଳୁଥିବ ଗାଢ଼ ନାଲି ସିନ୍ଦୂର ଟୋପା । ସିନ୍ଦୂର ଟୋପାର ଠିକ୍ ଉପରକୁ ଗୋରଚନାର ଛୋଟ ଗୋଟେ ଚନ୍ଦ୍ରବିନ୍ଦୁ । ଦୁଇ କାନରେ ସୁନାର କୁଣ୍ଡଳ । ହାତରେ ଚାମର । ବେକରେ କଂସାର ହଳେ ଛୋଟ ଗିନି । ସତରେ କାଲି



ପରି ମୋର ମନେପଡୁଛି ବାପାଙ୍କର ଏ ରମଣୀୟ ଚେହେରା । ସେହି ରମଣୀୟ ଚେହେରା ଆଖି ଆଗକୁ ଆସିଗଲେ ପାଟିରେ ସ୍ୱତଃ ଅନୁରଣିତ ହୋଇଉଠେ ଗୋଟେ କଥା : ସେ ମୋ ବାପା । ଆମ ବାପା !

ସେ ଦୃପ୍ତ ପାହୁଣ୍ଡ ପକେଇ ଷ୍ଟେଜ୍‌କୁ ଯାଉଥିବେ । ନିଃଶ୍ୱାସ ପ୍ରଶ୍ୱାସରେ ଆତ୍ମବିଶ୍ୱାସର ପ୍ରତିଧ୍ୱନି । ତାଙ୍କ ସାଥେସାଥେ ଦଉଡୁଥିବି ମୁଁ । ମୋ ହାତକୁ ଜୋର୍ କରି ସେ ଜାବୁଡ଼ି ଧରିଥିବେ । ମୋତେ ନେଇ ବସେଇ ଦେବେ ମଞ୍ଚ ତଳେ । ଆଉ ସେ ଉଠିଯିବେ ମଞ୍ଚକୁ ।

ମଞ୍ଚକୁ ଉଠିଗଲେ ସେ କିନ୍ତୁ ଆଉ ବାପା ହେଇ ରହନ୍ତିନି । ପାଲଟି ଯାଆନ୍ତି ଜଣେ ଭିନ୍ନ ପୃଥିବୀର ମଣିଷ । ମଞ୍ଚର ମହାନାୟକ । କାହାକୁ ଡର ନାହିଁ । କାହା ପ୍ରତି ନଜର ନାହିଁ । ସେ ଯେମିତିକା ରାଜା । ସେମିତିକା ତାଙ୍କର ମିଜାଜ୍ । ସେମିତିକା ଠାଣି । ସେମିତିକା ବିହ୍ୱଳତା ।

ଚାରିଘଣ୍ଟା କାଳ ଅନର୍ଗଳ କାବ୍ୟସାହିତ୍ୟ, ଶାସ୍ତ୍ରପୁରାଣ,ଇତିହାସ ଆଖ୍ୟାୟିକା, ସଙ୍ଗୀତନୃତ୍ୟ, ଶବ୍ଦଭାବର ମହାସମର । ମୁଁ କେବଳ ବିବାକ୍ ଦେଖୁଥାଏ । ନିଷ୍ପଲକ । ନିର୍ନିମେଷ । ସତରେ କାଲି ପରି ମନେ ପଡୁଛି ଏ କଥା ।



ମଞ୍ଚରୁ ଓହ୍ଲେଇ ମୋ ପାଖକୁ ଆସିବେ । ମୋ ହାତ ଧରି ପୁଣିଥରେ ତାଙ୍କର ବସା ଘରକୁ ଘେନି ଆସିବେ । ଆଉ ଆସିବା ବାଟରେ ମୋତେ ପଚାରିବେ : ବାବୁ ! ସବୁ ଠିକ୍ ହେଲା ?

ମଞ୍ଚ ଉପରେ ପ୍ରଚଣ୍ଡ ମାର୍ତ୍ତଣ୍ଡ ଭଳି ସାହିତ୍ୟର କିରଣରେ ଝଲମଲ ହେଉଥିବା ସେଇ ମଣିଷ ଜଣଙ୍କୁ ମୁଁ କି ଉତ୍ତର ଦିଏ ସେକଥା ଆଜି ମୁଁ ଠିକ୍ କରି ମନେ ପକେଇ କହି ପାରିବିନି । ଅବଶ୍ୟ ଏତିକି କହି ପାରିବି, ଆଜି ମୋ ପାଖରେ ଯେତିକି ଶବ୍ଦ ଅଛି ସେସବୁ ତାଙ୍କର । ସେ ହିଁ ତ ମୋତେ ଶବ୍ଦରେ ସଜେଇଛନ୍ତି ।

+ + +

ଜଣେ କଳାକାରର ପିଲା ହେବାରେ ତ ଗୌରବ ଥାଏ । ମାତ୍ର ସୁଖ ନଥାଏ । ଆନନ୍ଦ ନଥାଏ । କାରଣ କଳାକାର ହେଉଛି ସର୍ବସାଧାରଣ ସମ୍ପତ୍ତି ବା ପବ୍ଲିକ୍ ପ୍ରପର୍ଟି । ସେ ଘରର କମ୍; ବାହାରର ବେଶି । ପିଲାବେଳର ଗୋଟେ ଘଟଣା ଦେଲେ କଥାଟି ସ୍ପଷ୍ଟ ହେଇଯିବ ।

ଏବେ ସିନା ପ୍ରତି ଘରର ଡ୍ରଇଂରୁମ୍‌ରେ ଟେଲିଭିଜନ୍ । କେବୁଲ୍ ଟିଭି । ମାତ୍ର ସେତେବେଳେ ଗ୍ରାମାଞ୍ଚଳରେ ଥିଲା ଗୋଟିଏ ଏଣ୍ଟରଟେନ୍‌ମେଣ୍ଟ୍ । ତାହା ହେଉଛି ପାଲା । କେହିକେହି ଅବଶ୍ୟ 'ଦାସକାଠି' ବି କରନ୍ତି । ତେବେ ପ୍ରତ୍ୟେକଙ୍କର ପସନ୍ଦ ଥିଲା ପାଲା । ତେଣୁ ସବୁ ପର୍ବପର୍ବାଣିରେ ବାପାଙ୍କୁ ପାଲା ଗାଇବା ପାଇଁ କଲ୍ ଆସେ । ଆଉ ବାପାଙ୍କୁ କେହି ଗୋଟିଏ କି ଦୁଇରାତି ପାଇଁ ବଇନା ଦିଅନ୍ତି ନାହିଁ । ଏକାବେଳକେ ଚାରିପାଞ୍ଚ ରାତି । ସେତିକି ନୁହେଁ, ପ୍ରୋଗ୍ରାମ୍ ସବୁ ଏମିତି ଥାଏ ଯେ, ଗୋଟିଏ ସ୍ଥାନରେ ପାଲା ସାରି ସେଠାରୁ ପୁଣି ତାଙ୍କୁ ତାଙ୍କର ଦଳ ସହିତ ଅନ୍ୟ ଜାଗାକୁ ଯିବା ପାଇଁ ହୋଇଥାଏ । ତେଣୁ ବେଳେବେଳେ ଏମିତି ହୁଏ ବାପା ଥରେ ଘରୁ ଯାଇ ଦଶ ପନ୍ଦର ଦିନ ପରେ ଘରକୁ ଫେରନ୍ତି ।

ରଜ ବେଳର ଘଟଣା । ସବୁ ରଜରେ ବାପା 'ପାଣିଅଣା' ପୂର୍ବରୁ ବାହାରି ଯାଆନ୍ତି ପାଲା କରିବାକୁ । ରଜ ପରେ ଆରମ୍ଭ ହୋଇଯାଏ ଚତୁର୍ମାସ୍ୟା । ଚାରିମାସ ପ୍ରାୟତଃ ପାଲା ହୁଏ ନାହିଁ । ତେଣୁ ଲୋକମାନେ ରଜ ବେଳେ ଦୁଇ ଗାୟକଙ୍କ ମଧ୍ୟରେ ବାଦପାଲା କରାଇ ଚାରିମାସ ଯାଏଁ ବିରତି ନିଅନ୍ତି । ରଜ ବେଳେ ବାପା ବାହାରକୁ ଚାଲିଗଲା ପରେ ଆମେ ସବୁ ଏକୁଟିଆ ହୋଇଯାଉ । ଘରେ କେବଳ ମା' ଆଉ ବୁଢ଼ିମା' । ରଜରେ ସମସ୍ତଙ୍କ ଘରେ ପିଠାପଣା ହୁଏ । ମାଛମାଂସରେ ଘର ପୂରି ଉଠେ । ଆମ ଘରେ ସିନା ପିଠାପଣା ହୁଏ । ହେଲେ ମାଛମାଂସ ଘରକୁ ଆଣିବ କିଏ ? ଆମେ ତ ସବୁ ଛୋଟଛୋଟ ପିଲା । ଆମେ ଭାଇଭଉଣୀମାନେ ଦାଣ୍ଡପିଣ୍ଡାରେ ବସି ଦେଖୁ– ଅମୁକ ଘରକୁ ଖାସି ମାଂସ ଆସିଲା । ଅମୁକ ଘରକୁ ବାଲିଆ ମାଛ ଆସିଲା । ସମୁକ ଘରେ ଆଜି କୁକୁଡ଼ା ମାଂସ ହେଉଛି । ଘରକୁ ଆସି ମା'କୁ ମୁଁ କହେ: ଜାଣୁ, ଆଜି ଦାସଘର ମାଉଁଷ ଆଣିଛନ୍ତି । ପରିଡ଼ା ଘର ମାଛ ଆଣିଛନ୍ତି । ମା' ସବୁ ବୁଝିଯାଏ । ମାତ୍ର ନିରୂପାୟ । କେବଳ ଏତିକି କହେ: ବାପା ଫେରନ୍ତୁ । ଆମର ଆଣିବାନି । ମୁଁ ଖୁବ୍ କମ୍ ସମୟ ବୁଝେ । ବେଶି ସମୟ ବୁଝେନା ।

ମା' ଆମକୁ ସିନା ବୁଝେଇ ଦିଏ । ହେଲେ ସେ ନିଜେ ବୁଝେନା । ମନରେ ଦୁଃଖର ଝରଣାଟେ ଝରିଯାଏ । ତା' ଅନ୍ତର ବେଦନାକ୍ତ ହୋଇଯାଏ । ମୋର ମନେଅଛି, ଥରେ ବାପା ଫେରିବା ପରେ ସେ ସେଇକଥା ବାପାଙ୍କୁ କହିଲା । ଆମେ ସେତେବେଳେ ଖାଇ ବସିଥାଉ । "ରଜରେ ସମସ୍ତେ ମାଛମାଂସ ଖାଉଛନ୍ତି । ତୁମେ ନାହଁ ବୋଲି ଆମ ଛୁଆଗୁଡ଼ାକ ଖାଇବାକୁ ପାଉନାହାନ୍ତି ।"

ମା' କଥା ଶୁଣି ହଠାତ୍ ବାପାଙ୍କର ଖାଉଥିବା ହାତଟା ଅଟ୍‌କିଗଲା । ସେ ଆଉ ଖାଇ ପାରିଲେନି । ସମ୍ଭବତଃ ତାଙ୍କ ଅନୁପସ୍ଥିତିରେ ତାଙ୍କ ପିଲାମାନଙ୍କର ଏଭଳି ଅବସ୍ଥା ଯେ ହେଉ ଥାଇପାରେ ସେ କଳ୍ପନା ସୁଦ୍ଧା କରିନଥିଲେ । ସେତେବେଳେ ମୁଁ ବୁଝିପାରି ନଥିଲି । ମାତ୍ର ଏବେ ବୁଝିପାରୁଛି ପିଲାଟିଏ ନଖାଇଲେ ଜଣେ ବାପ ଭିତରେ କିଭଳି ପ୍ରଳୟ ଉଠେ । କେଉଁଭଳି ସୁନାମୀ ବହେ । କାରଣ ଆଜି ମୁଁ ବାପା ହେଇ ସାରିଛି । ତା'ପରେ ବାପା ନିଜର ଭୁଲ୍‌କୁ ସୁଧାରି ନେବା ପରି ମାଛବାଲା ଆଉ ମାଂସବାଲାକୁ କହି ଦେଇଗଲେ, ସବୁ ପର୍ବପର୍ବାଣିରେ ଆମ ଘରକୁ ମାଛ ଆଉ ମାଂସ ପଠେଇଦବ । ମୁଁ ଆସିଲେ ଟଙ୍କା ଦେବି । ଆଉ ତା' ପରଠୁ ତାହା ହିଁ ହୋଇଥିଲା ।

ବାପାଙ୍କୁ ମୁଁ ପଢ଼ିଛି ବେଶି; ବୁଝିଛି କମ୍ । ଆଜି ବି ବେଳେବେଳେ ଆଖି ଆଗକୁ ଚାଲି ଆସନ୍ତି ବାପା । ଓଠରେ ଏକ ବିଲୋଳ ହସର ଲହର ଛୁଟେଇ ପଚାରନ୍ତି : ଗୋଟିଏ ପିଲାର ତ ବାପା ହେଲୁ । ଏବେ ବାପ କ'ଣ ବୁଝିଲୁ ?

ଏଇତକ ପଚାରି ଦେଇ ମୋ ସ୍ମୃତିର ଶ୍ୱେତପଟଳରୁ ଚଟ୍‌କରି ଅପସରି ଯାଆନ୍ତି ବାପା । ମୁଁ ସଚେତନ ହେଇ ନିଜକୁ ନିଜେ ପଚାରେ : ସତରେ ମୁଁ ତ ପିଲାଟିଏ ଜନ୍ମ କରିଛି । ତଥାପି କ'ଣ ବାପାଙ୍କୁ ବୁଝିଛି ? ସମ୍ଭବତଃ ସେଇଥିପାଇଁ ମୋର 'ଗଲାପୁତ୍ର' ଗପରେ ମୁଁ ଠାଏ ଲେଖିଛି : ପିଲାଟିଏ ଜନ୍ମ କରିଛି ସିନା; ତଥାପି ମୁଁ ବାପା ହେଇନାହିଁ । ମୋର ତ ବେଳେବେଳେ ମନେହୋଇଛି ସବୁ ମଣିଷ ପିଲା ଜନ୍ମ କରିପାରନ୍ତି । ମାତ୍ର ସବୁ ପିଲା ଜନ୍ମ କରୁଥିବା ମଣିଷ ବାପା ହେଇ ପାରନ୍ତିନି ।

ବାପାଙ୍କୁ ନେଇ ରହିଛି ମୋର ଅନେକ ଗପ । ତେବେ ମୁଁ ଯେ ମୋ ବାପାଙ୍କୁ ଚରିତ୍ର ଭାବରେ ନେଇ ସେ ଗପ ସବୁକୁ ଲେଖିଛି ଏକଥା କେହି ଭାବିବା ଉଚିତ ନୁହେଁ । 'ରସିକ ରସାନନ୍ଦ', 'ନୂଆବଉ', 'ଗଲାପୁତ୍ର', 'ବୁଢ଼ିମା', 'ମୁଣିଆବୁଢ଼ା' ଏବଂ ଆହୁରି ଅନେକ । ତେବେ ଗପ ସବୁକୁ ଲେଖି ସାରିବା ପରେ ମୁଁ ଅନୁଭବ କରିଛି ସେସବୁ ତୁଚ୍ଛା କାଳ୍ପନିକ ଚରିତ୍ର ହେଇ ରହି ନାହାନ୍ତି । ଅଧିକନ୍ତୁ ମୋ ଅଜାଣତରେ କେତେବେଳେ ବାପା ସେସବୁ ଚରିତ୍ର

ମଧ୍ୟରେ କାୟା ପ୍ରବେଶ କରି ସେସବୁକୁ ଗୋଟିଏ ଗୋଟିଏ ଜୀବନ୍ତ ଚରିତ୍ରରେ ପରିଣତ କରି ଦେଇଛନ୍ତି ।

ମୁଁ ମୋ 'ନୂଆବଉ' ଗପରେ ବାପାଙ୍କୁ ନାରିକେଳ ଫଳ ବୋଲି ବର୍ଣ୍ଣନା କରିଛି । ସତରେ ବହୁଧା ବିଭକ୍ତ ଥିଲା ବାପାଙ୍କ ଚରିତ୍ର । ଠିକ୍ ହରରଙ୍ଗୀ ଚଢ଼େଇଟେ ପରି । କେତେବେଳେ କଠୋର ତ କେତେବେଳେ କୋମଳ । କେତେବେଳେ ଦରଦରେ ଦ୍ରବୀଭୂତ ତ କେତେବେଳେ କରୁଣାରେ ବିଗଳିତ । ସେ ନାରିକେଳ ଫଳ । ଉପରେ କଠୋର, ନିର୍ମମ ସିନା; ଅନ୍ତରରେ ଦୟାର୍ଦ୍ର, ସିକ୍ତ । ମଧୁର ସୁବାସ ପରି ମହନୀୟ ।

ଭକ୍ତପଣରେ କିଏ ସରି ହେବ ତାଙ୍କର ? ତାଙ୍କ ମୁଖ ନିଃସୃତ 'ଓଁ ମଙ୍ଗଳଂ ଭଗବାନ ବିଷ୍ଣୁ...' ଶ୍ଳୋକର ନିର୍ଭୁଲ୍ ଉଚ୍ଚାରଣରେ ମୁଖରିତ ହୋଇଉଠେ ସକାଳର ନିଥର ପରିବେଶ । ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରୁ ଆମ ଗାଁ ବାଂଶ ନଈରେ ଜଳତର୍ପଣ କରୁକରୁ ସେ ଆବାହନ କରୁଥିଲେ ଗଙ୍ଗା-ଯମୁନା-ସରସ୍ୱତୀଙ୍କୁ, ନର୍ମଦା-ସିନ୍ଧୁ-କାବେରୀଙ୍କୁ । ବାର ଦେବତାଙ୍କୁ ଡାକି ସେ ତେର କଥା ମନାସନ୍ତି । କିଛି ନିଜ ପାଇଁ ନୁହେଁ, ସବୁ ଆମରି ପାଇଁ । ହରି, ବ୍ରହ୍ମା, ଶଙ୍କର, ଦୁର୍ଗା, ଅମ୍ବିକା, ମଙ୍ଗଳା - ଏପରିକି ତାଙ୍କର ପରଲୋକଗତ ବାପା, ମା'ଙ୍କୁ ମଧ୍ୟ ସେ ବାଦ୍ ଦିଅନ୍ତି ନାହିଁ ଆବାହନ କରିବାରୁ । ସମସ୍ତଙ୍କ ନିକଟରେ ସେ ଅଳିକରନ୍ତି, ନୈବେଦ୍ୟ ବାଢନ୍ତି- ମୋ ପିଲାଙ୍କର ମଙ୍ଗଳ ହେଉ । ମୋ ପିଲାଙ୍କର ମଙ୍ଗଳ ହେଉ । ଆଃ- ଆମ ବାପା ଏଇପରି ଥିଲେ ।

ବାପାଙ୍କ ହୃଦୟଟା ଥିଲା ବିଲ୍‌କୁଲ୍ କୋମଳ । କରୁଣାରେ ବିଗଳିତ ସେ, ଯେମିତି ସାମାନ୍ୟ ନିଆଁ ଧାସରେ ଥପ୍ ଥପ୍ ତରଳି ବହି ଯାଉଥିବା ମହମ । ତାଙ୍କର ଦରଦରେ ଦ୍ରବୀଭୂତ



ଅନ୍ତର କଥା ମନେପଡ଼ିଲେ ମୋର ଦୁଇଟି ଘଟଣା ମନେ ପଡ଼ିଯାଏ । ସେ ଦୁଇଟି ଯାକ ଘଟଣାରେ ମୁଁ ନାୟକ ନୁହେଁ; ଥିଲି ଖଳନାୟକ ।

ମୁଁ ପଞ୍ଚମ କି ଷଷ୍ଠଶ୍ରେଣୀରେ ପଢୁଥାଏ । ଗାଁ ଦାଣ୍ଡରେ ଆମେ କେତେଜଣ ସାଥି ହୋଇ ଗୋଟି ଖେଳୁଥାଉ । ଛ' ସାତ ବର୍ଷର ପିଲାଟିଏ ଆସି ପହଞ୍ଚିଲା ଆମ ଦୁଆରେ । ହାତରେ କଳା ପଡ଼ି ଆସିଥିବା ଗୋଟିଏ ରସଗିନାର ପାତ୍ର । କାନ୍ଧରେ ଚାଉଳ ସାଇତିବା ପାଇଁ ସାତସିଆଁ ଗୋଟିଏ ଅଖାମୁଣି । ସନ୍ତରି ଯାଇଥିବା ଓଠ । ପେଜୁଆ ଦିଶୁଥିବା ଆଖି । ଭାରି ବିଚିତ୍ର ଲାଗୁଥିଲା ମୋତେ । ସବୁଠୁ ବେଶି କୌତୂହଳ ଥିଲା ତା' ପାଟିରୁ ବାହାରୁଥିବା ଖଣ୍ଡି ଖଣ୍ଡିକିଆ ବାକ୍ୟ- ମା' ଗଣ୍ଡେ ଭି...କ... ମିଳୁ! (ପିଲାଟି ଖନା ଥିଲା)

ବିଚିତ୍ର, ବିସ୍ମୟ ଏବଂ କୌତୂହଳ ମୋତେ ସଇତାନ ସଜେଇ ଦେଲା । ତାକୁ ମୁଁ ବି ଖତେଇ ହେଲି ତା'ର ଭଳି ଖନା ଅଭିନୟ କରି । ସେ କିନ୍ତୁ ଥିଲା ନିର୍ବିକାର । ମୋ ବିଦ୍ରୂପକୁ ତିଳେ ବି ନଜର ନ କରି ସେ ତା'ର ଦୋହରାଉଥିଲା- ମା' ଗଣ୍ଡେ ଭିକ ମିଳୁ । ମା' ଗଣ୍ଡେ ଭିକ ମିଳୁ ! !

ପିଲାବେଳେ ମୁଁ ଥିଲି ପ୍ରଚଣ୍ଡ ସଇତାନ୍ । ପୁଣି ତା'ର ନିଷ୍ପ୍ରତିକ୍ରିୟ ଆଚରଣ ମୋର ସଇତାନୀ ମନକୁ ଆହୁରି ଉତ୍ୟକ୍ତ କରିଦେଲା । ଯେମିତି ଚେଇଁ ଉଠିଲା ମୋ ଭିତରର ଅହଂକାର । ହାତରେ ଧରିଥିଲି ଖଣ୍ଡେ ବାଉଁଶ ପାତିଆ । ସେଇଥିରେ ତା'ର ଫୁଙ୍ଗୁଳା ପିଠିରେ ନିର୍ଘାତ୍ ପ୍ରହାର କଲି । ଆଖିବୁଜି ହେଇଗଲା ତା'ର । ରସଗିନାର ପାତ୍ର, ଚାଉଳ ରଖା ଥଳିକୁ ଫୋପାଡି ଦେଇ ଭୂଇଁରେ ଲୋଟିଗଲା ସେ । କାନ୍ଦିକାନ୍ଦି କମ୍ପେଇ ଦେଲା ଗାଁ ଦାଣ୍ଡ ।

ବାପା ଶୋଇଥିଲେ । ପିଲାଟିର ଚିତ୍କାର ଶୁଣି ତାଙ୍କ ନିଦ ଭାଙ୍ଗିଗଲା । ସେ ଧାଇଁ ଆସିଲେ ଦାଣ୍ଡକୁ । ମା' ବି । ରୁଣ୍ଡ ହେଇଗଲେ ଗାଁ ସାରା ଲୋକ । ସେତେବେଳକୁ ମୁଁ କି ଆଉ ଥାଏ । ଲୁଚି ଯାଇଥିଲି ଆମ ଖମାର ପଛ ପଟରେ ।

ବାପା କାନ୍ଦୁଥିଲେ ଡକା ପାରି, ବିକଳ ହେଇ । ଆଉଁଷୁଥିଲେ ପିଲାଟିର ପିଠିକୁ । ସାଙ୍ଗମାନେ କହିଦେଲେ ଯେ, ମୁଁ ହିଁ ପିଲାଟିକୁ ବାଡ଼େଇଛି । ଆଉ ଖମାର ପଛପଟେ ଲୁଚିଛି । ମୋର ଗତ୍ୟନ୍ତର ନଥିଲା । ମୁଁ ଖମାର ତଳୁ ବାହାରି ବାପାଙ୍କ ସାମ୍ନାକୁ ଆସିଲି । ଭାବିଥିଲି, ଆଜି ପିଠିରେ ନୋଳା ବସିବ ମୋର । ମାତ୍ର ନା, ବାପା ସେମିତି କିଛି କରିନଥିଲେ । ଓଲଟି କାନ୍ଦୁକାନ୍ଦୁ ମତେ କହିଥିଲେ, "ତୁ ଜାଣୁ, ମୁଁ ତୋରି ଭଳି ହେଇଥିଲି । ତୋ ଜେଜେ କଲିକତାରେ ମେଡ଼ିକାଲ୍‌ରେ ପଡ଼ିଲେ । ମୋ ପାଖରେ ଆଉ କେହି ନଥିଲେ । ମୁଁ ବି କାହାରିକୁ ଚିହ୍ନି ନଥିଲି । ଭୋକ ଲାଗିଲେ ମୁଁ ଏକୁ ତାକୁ ମାଗି କିଛି ଟଙ୍କା ଯୋଗାଡ଼ କରୁଥିଲି । ଆଉ ସେଇଥିରେ କିଣି ଖାଉଥିଲି । ତୁ ଆଉ ଏପରି କାମ କେବେ ବି କରିବୁନି ।"

ମୋର ମନେଅଛି, ସେଦିନ ମୁଁ ସର୍ବାଧିକ ସମୟ କାନ୍ଦିଥିଲି ।

ଦୁଇ ନମ୍ବର ଘଟଣାଟିକୁ ମୁଁ ମୋର ପ୍ରଥମ ଗଳ୍ପ ସଞ୍ଚୟନ 'ହତ୍ୟାକାରୀ' ମୁଖବନ୍ଧରେ ଉଲ୍ଲେଖ କରିଛି । ବାପାଙ୍କର ଲୋ ବ୍ଲଡ୍ ପ୍ରେସର୍ ଥିଲା । ସେଥିଲାଗି ସେ ଟାଙ୍କୋଡ଼ିପ୍ ପ୍ଲେନ୍ ନାମରେ ଗୋଟିଏ ଟାବ୍‌ଲେଟ୍ ସବୁବେଳେ ଖାଉଥିଲେ । ଦିନେ ତାଙ୍କର ଟାଙ୍କୋଡିପ୍ ପ୍ଲେନ୍ ଟାବ୍‌ଲେଟ୍ ସରି ଯାଇଥାଏ । ମୁଁ ସେତେବେଳକୁ  ଭଦ୍ରକ କଲେଜ୍‌ରେ ପ୍ଲସ୍ ଥ୍ରି ପଢୁଥାଏ । ସାଇକେଲ୍ ନେଇ ଖଇରା ଗଲି ଔଷଧ ଆଣିବା ପାଇଁ । ଗୋଟାଏ ଷ୍ଟ୍ରିପ୍‌କୁ ପଚିଶ୍ କି ତିରିଶ୍ ଟଙ୍କା ପଡୁଥାଏ । ଖଇରାରେ ଯାଇ ପହଞ୍ଚିବା ବେଳକୁ ବହିଦୋକାନରେ ଟଙ୍ଗା ହେଇଥାଏ ଶାରଦୀୟ ବିଶେଷାଙ୍କ 'କଥା' । ବାସ୍, ଭୁଲିଗଲି ଯେ ମୁଁ ବାପାଙ୍କ ପାଇଁ ମେଡ଼ିସିନ୍ ନବାକୁ ଆସିଛି । 'କଥା' କିଣିଲି । ଆଉ ଘରକୁ ଫେରିଲି । ଘରେ ଆସି ପହଞ୍ଚିବା ପରେ ଯାଇ ମୁଁ ସଚେତନ ହେଲି ଯେ, ମୁଁ ବାପାଙ୍କର ମେଡ଼ିସିନ୍ ନୁହେଁ; ଓଲଟି 'କଥା' ମାଗାଜିନ୍ ଧରି ଚାଲି ଆସିଛି ।

ମା'ର ରାଗ ପଞ୍ଚମକୁ ଚଢ଼ିଗଲା । କାରଣ ବାପା କଷ୍ଟ ପାଉଥିଲେ । ହେଲେ ବାପା ନିରବରେ ମୋତେ ଅନେଇ ହସି ଦେଇଥିଲେ । ଆଉ ମୋ ଠୁ 'କଥା'ଟିକୁ ମାଗି ନେଇ ପଢ଼ିବାରେ ଲାଗି ଯାଇଥିଲେ । ସେଦିନ ମୁଁ ବୁଝିପାରି ନଥିଲି ବାପାଙ୍କର ଆଚରଣ । ଏବେ ବି କୋଉଠି ବୁଝିଛି ଯେ ?

ସମ୍ଭବତଃ ବେଳେବେଳେ ଏମିତି ହୁଏ ବୁଝିବା ଆଗରୁ ଅବସର ସରିଯାଏ । ଏଇ ତ ବାପାଙ୍କୁ ଭଲକରି ବୁଝିବା ପୂର୍ବରୁ ବାପା ଚାଲିଗଲେ ଗୋଟେ ଅଫେରା ରାଇଜକୁ । ବାପାଙ୍କ ସହ ଯେ ମୋର ଶେଷଦେଖା ଏମିତି ହେବ ସେକଥା ମୁଁ କଳ୍ପନା ସୁଦ୍ଧା କରି ନଥିଲି ।

୨୦୧୫ ମସିହା । ମାର୍ଚ୍ଚ ୩୧ ତାରିଖ । ପୂର୍ବାହ୍ନ ଏଗାରଟା ହେବ । ମୁଁ ଅଫିସ୍‌ରେ ଥାଏ । ଗାଁରୁ ଫୋନ୍ ଆସିଲା । ତୋ ବାପାଙ୍କର ଦୁର୍ଘଟଣା ହେଇଛି । ତାଙ୍କୁ ପଛପଟରୁ ଗୋଟେ ଟ୍ରକ୍ ପିଟି ଦେଇଛି । ତାଙ୍କୁ ଲୋକମାନେ ଭଦ୍ରକ ମେଡ଼ିକାଲ୍ ନେଇ ଯାଇଛନ୍ତି ।

କଥା ଏତିକି । ମାତ୍ର ଏତିକି କଥାର ଆଘାତ ମୋ ପାଇଁ ଥିଲା ଶହେଟା ପରମାଣୁର ଆଘାତ ଠାରୁ ବି ବେଶି ଭୟଙ୍କର । ମା' ଯାଇଥିଲା । ବାପା ହିଁ ତ ଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ କଥା ହେଉଥିଲେ ମୋ ଝିଅ ସହ । ଝିଅ ସହ ବାପା କଥା ହେଉଛନ୍ତି ଜାଣିଲେ କ'ଣ ପାଇଁ କେଜାଣି ପୃଥିବୀଟା ମୋତେ ଲାଗୁଥିଲା ନିରାପଦ । ନିରଙ୍କୁଶ ।

ମୁଁ ଭଦ୍ରକ ମେଡ଼ିକାଲ୍‌କୁ ଫୋନ୍ କଲି । ଆଉ କହିଲି ତୁରନ୍ତ କଟକ ଏସ୍.ସି.ବି. ପଠେଇ ଦବା ପାଇଁ । ବଡ଼ଭାଇ ଗାଳ୍ପିକ ଦେବାଶିଷ ସାମନ୍ତରାୟଙ୍କୁ ଫୋନ୍ କରି କହିଲି ଯେ, "ମୋ ମୁଣ୍ଡକୁ କିଛି ପଶୁନି । ବାପା କଟକ ଆସୁଛନ୍ତି । ମୁଁ ବି କଟକ ଯାଉଛି ।" ଦେବାଶିଷ ଭାଇ କହିଲେ, "ମୁଁ ଅଛି । ତୁମେ ବ୍ୟସ୍ତ ହୁଅନି ।"

ତୁରନ୍ତ ସ୍ତ୍ରୀକୁ ଧରି ବାହାରିଗଲି ଏସ୍.ସି.ବି. । ମୁଁ ଯିବା ବେଳକୁ ମୋତେ ଅପେକ୍ଷା କରି ଠିଆ ହେଇଥିଲେ ଦେବାଶିଷ ଭାଇ । ଖବର ପାଇ ମୋ ବ୍ୟାଚ୍‌ମେଟ୍ ନୀଲୁ (ନୀଳଧ୍ୱଜ ସାହୁ) ବି ଆସି ପହଞ୍ଚି ଯାଇଥିଲା । ଦୁଇଜଣ ଯାକ ମୋତେ ମଝିରେ ରଖି ଅପେକ୍ଷା କଲେ ବାପାଙ୍କୁ । ବାପା ଆସିଲେ । ମାତ୍ର ବାପାଙ୍କର ଆସିବାର ପ୍ରକ୍ରିୟାଟା ମୋତେ ଠିକ୍ ଲାଗି ନଥିଲା । କାହିଁ ସେଇ ସ୍ପର୍ଦ୍ଧିତ ଚାଲି ? କୁଆଡ଼େ ଗଲା ଆଖିର ତେଜୋଦୀପ୍ତ ଚାହାଣି ? ତା' ପରିବର୍ତ୍ତେ ବାପା ଶୋଇଥିଲେ । ଉପରକୁ ମୁହଁ କରି । ଦୁଇହାତକୁ ସମାନ୍ତରାଳ ଭାବରେ ଲମ୍ବେଇ ଦେଇ । ସତ କହୁଛି ମୋତେ ବିରକ୍ତିକର ଲାଗିଥିଲା ସେଦିନ ବାପାଙ୍କର ଆଚରଣ ।

ମୁଁ ଅନେକ ସମୟ ଯାଏଁ ବାପାଙ୍କୁ ଅନେଇ ରହିଥିଲି । କେବଳ ଅନେଇଥିଲି । ମୋର କିଛି କରିବାର ସାମର୍ଥ୍ୟ ନଥିଲା । ଷ୍ଟାଚ୍ୟୁ ! ସବୁକିଛି କରୁଥିଲେ ଦେବାଶିଷ ଭାଇ ଓ ନୀଲୁ । ବାପାଙ୍କୁ ଟ୍ରମା ଆଇସିୟୁରେ ଭର୍ତ୍ତି କରାଗଲା । ଇଣ୍ଟରନାଲ୍ ଇନ୍‌ଜୁରି । ବାପାଙ୍କୁ ଟ୍ରମା ଆଇସିୟୁରେ ଭର୍ତ୍ତି କରି ଫେରିବା ବେଳକୁ କଟକରେ ଯାଇ ପହଞ୍ଚି ସାରିଥିଲେ ମୋର ବନ୍ଧୁ ମନୋଜ ପୃଷ୍ଟି । ଆଉ କାହାର କିଛି କରିବାର ନଥିଲା । ତେଣୁ ଦେବାଶିଷ ଭାଇ ଓ ନୀଲୁଙ୍କୁ ମୁଁ ଘରକୁ ପଠେଇ ଦେଲି । କାରଣ ସେମାନେ ପୁଣି ସକାଳେ ଆସିବେ । ମନୋଜ ବାବୁ ଆଉ ଫେରିଲେନି । କହିଲେ, ରାତିରେ ମୁଁ ଆପଣଙ୍କ ପାଖରେ ରହିବି । ଆପଣଙ୍କୁ ଏକୁଟିଆ ଛାଡ଼ି ମୁଁ ଯିବିନି ।

ବତୁରି ଯାଇଥିବା କାକୁ ପରି ମୋର ଅବସ୍ଥା । ତମାମ୍ ରାତି ମୁଁ ଆକାଶକୁ ଅନେଇ ତାରାମାନଙ୍କୁ ଦେଖୁଥାଏ । ବାପାଙ୍କ ସହିତ ଯୁକ୍ତି କରୁଥାଏ । ଓଃ- ସେହି ରାତିର ଅସ୍ଥିରତା ଭଳି ଅସ୍ଥିରତା ହୁଏତ ମୁଁ ଆଗରୁ କେବେ ବି ଅନୁଭବ କରିନଥିଲି । ହଠାତ୍ ମୋର କ'ଣ ହେଲା କେଜାଣି- ମୁଁ ଟ୍ରମା ଆଇସିୟୁକୁ ଚାଲିଲି । ବାପାଙ୍କ ମୁହଁରେ ଭେଣ୍ଟିଲେଟର୍ ଲାଗିଥାଏ । ଦେହସାରା ଲାଗିଥାଏ ଇସିଜି କେବୁଲ୍ । ମୁଣ୍ଡ ଉପରେ ମଲ୍‌ଟି ପାରାମିଟର୍ ମନିଟର୍ ।

ମୁଁ ବାପାଙ୍କ ମୁଣ୍ଡ ପାଖରେ ଠିଆ ହେଇ ତାଙ୍କ ମୁଣ୍ଡକୁ ଆଉଁଷି ଦେଲି । ତାଙ୍କ ପାଦକୁ ଆଉଁଷି ଦେଲି । ମୋତେ ଲାଗୁଥିଲା ବାପାଙ୍କ ସହିତ ମୋର ସେଇ ପ୍ରଥମଥର ପାଇଁ ସାକ୍ଷାତ ହେଉଛି । ଆଗରୁ ଯେମିତି ମୁଁ ବାପାଙ୍କୁ କେବେ ବି ଦେଖି ନଥିଲି । କି ଜାଣି ନଥିଲି । ବାପା ନିଶ୍ଚିନ୍ତ ନିଦରେ ଶୋଇଥିଲେ । ମୋ କଥା ଶୁଣୁଥିଲେ କି ନା ସେକଥା ମୁଁ ଜାଣି ନଥିଲି । ମୁଁ କିନ୍ତୁ ମନକୁ ମନ ତାଙ୍କ ସହ କଥା ହେଉଥିଲି ।

-"ତୁମର ଏପରି ଶୋଇବା ମୋତେ ଭଲ ଲାଗୁନି ବାପା । ଉଠିବ ତ ଉଠ, ଆମେ କାଲି ସକାଳେ ଘରକୁ ଯିବା । ଯଦି ଉଠିବନି ବୋଲି ଜିଦ୍ ଧରିଛ, ଆମ ହାତକୁ ଛାଡ଼ିଦବ ବୋଲି ନିଷ୍ପତ୍ତି ନେଇଛ, ତା'ହେଲେ ଚାଲିଯାଅ ତୁମ ବାଟରେ । ଟିକିଏ ବି ଦୁଃଖ କରିବିନି । ତୁମେ ହିଁ ତ ମୋତେ ଗୀତା ପଢ଼େଇଛ । ତୁମେ ହିଁ ତ ମୋତେ ଶିଖେଇଛ: ଯାତସ୍ୟ ହି ଧ୍ରୁବମୃତ୍ୟୁ ! କାହିଁକି ତା'ହେଲେ ଦୁଃଖ କରିବି ! ତେଣୁ ଯାହା କରିବ ଗୋଟିଏ କର । ଆସ । ନହେଲେ ଯାଅ । ମୁଁ ସତ କହୁଛି ତମର ଏପରି ଶୋଇବାକୁ ବରଦାସ୍ତ କରିପାରୁନି ।"

ବାପାଙ୍କ କପାଳରେ ଚୁକ ଖାଇ ମୁଁ ନାକସିଧା ବାହାରି ଆସିଥିଲି ଆଇସିୟୁ ଚ୍ୟାମ୍ବରରୁ ବାହାରକୁ । ମୋ ହୃତ୍‌ସ୍ପନ୍ଦନ ବଢ଼ି ଯାଇଥିଲା । ମନୋଜ ବାବୁ ମୋତେ ଚକିତ ହେଇ ଅନେଇ ରହିଥିଲେ ବେଶ୍ କିଛି କ୍ଷଣ ଯାଏଁ । ସମ୍ଭବତଃ ସେ ଆଜିଯାଏଁ ବୁଝିପାରି ନଥିଲେ ମୁଁ କାହିଁକି ଭିତରକୁ ଯାଇଥିଲି ।

ବାପା କିନ୍ତୁ ଶୁଣିଥିଲେ ମୋ କଥା । ଖାଲି ଶୁଣି ନଥିଲେ; ରଖିଥିଲେ ମୋ କଥା । ତାଙ୍କର ଆଉ ଫେରିବାର ନଥିଲା । ତେଣୁ ସକାଳେ ସେ ଛାଡ଼ି ଦେଇଥିଲେ ମୋ ହାତକୁ ସବୁଦିନ ପାଇଁ । ମୁଁ ନିର୍ନିମେଷ ଅନେଇ ଦେଖୁଥିଲି, ମଲ୍‌ଟି ପାରାମିଟର୍ ମନିଟର୍‌ରେ ବାପାଙ୍କର ଜୀବନର ରେଖା ଧୀରେ ଧୀରେ କ୍ଷୀଣ ହେଇ ଆସୁଥିଲା । ସେତେବେଳକୁ ମୁଁ 'ମରୁମାୟା' ଉପନ୍ୟାସ ଲେଖି ସାରିଥିଲି । ତେଣୁ ନ୍ୟୁରୋ ସାଇନ୍‌ସ୍‌କୁ ପଢ଼ିବା ସହିତ ହ୍ୟୁମାନ୍ ବଡ଼ିର ଆନାଟୋମିକୁ ମଧ୍ୟ ହଜମ କରି ସାରିଥିଲି । ତେଣୁ ମୋର ଜାଣିବାକୁ କିମ୍ବା ବୁଝିବାକୁ ଆଉ ଡେରି ନଥିଲା ଯେ, କ'ଣ ଘଟିବାକୁ ଯାଉଛି ବାପାଙ୍କ ସହିତ ।

ମଲ୍‌ଟି ପାରାମିଟର୍ ମନିଟର୍‌ରେ ଆରମ୍ଭ ହେଇ ଯାଇଥିଲା କାଉଣ୍ଟ୍ ଡାଉନ୍ । ନମ୍ବର ସବୁ ପଛକୁ ପଛ ଗତି କରୁଥିଲେ । ଦଶ... ନଅ... ଆଠ... ସାତ...! ମୋତେ ଲାଗୁଥିଲା, ମଲ୍‌ଟି ପାରାମିଟର୍ ମନିଟର୍‌ରେ ବାପାଙ୍କର ଜୀବନର ରେଖା ହ୍ରାସ ପାଉନି । ଅଧିକନ୍ତୁ ବାପା ଏ ପୃଥିବୀ ଛାଡ଼ି ଉପରକୁ ଉଠୁଛନ୍ତି । ଗୋଟିଏ ହ୍ରାସ ପାଉଥିବା ସଂଖ୍ୟା ହେଉଛି ତାଙ୍କର ଉପରକୁ ଚଢ଼ିବାର ଗୋଟିଏ ପାହାଚ । ଏବଂ ଶେଷରେ ଜିରୋ- ଶୂନ୍ !

କି ଏକ ଯନ୍ତ୍ରଣା ମୋତେ ମ୍ରିୟମାଣ କରିଦେଲା । ମୁଁ ମୋ ଆଖିକୁ ଜୋର୍ କରି ବନ୍ଦ୍ କରିଦେଲି । ବୁଲି ପଡ଼ିଲି ପଛକୁ । ମୋ ପାଖରେ ଠିଆ ହେଇଥିଲେ ଦେବାଶିଷ ଭାଇ । ଖବର ପାଇ ଡାକ୍ତରଖାନାରେ ଆସି ପହଞ୍ଚି ଯାଇଥିଲେ ଦେବୀଭାଇ (ଦେବୀଦତ୍ତ ମହାନ୍ତି) ।


ସେଇଦିନ ସକାଳେ ମୋ ଜୀବନର ଏକ ରୋମାଞ୍ଚକର ଅଧ୍ୟାୟର ପରିସମାପ୍ତି ଘଟିଥିଲା । ବାପାଙ୍କୁ ଧରି ଫେରିଲି କଟକରୁ ପିହିଁଣଗଡ଼ିଆ ।

ଦିନେ ବାପା ହିଁ ମୋତେ ପ୍ରଥମଥର ପାଇଁ ଗାଁରୁ ଆଣିଥିଲେ କଟକ । ଆକାଶବାଣୀରେ ତାଙ୍କର କାମ ଥିଲା । ସେ ମୋତେ ହାତ ଠାରି ଦେଖେଇ ଦେଇଥିଲେ କଟକର ଭିନ୍ନଭିନ୍ନ ଜାଗା । କି ସଂଯୋଗ- ମୁଁ ସେଦିନ ଶେଷଥର ପାଇଁ ବାପାଙ୍କୁ କଟକରୁ ଫେରେଇ ନଉଥିଲି ଗାଁକୁ ।

ଗାଁ ମଶାଣିରେ ତାଙ୍କୁ ଶୁଏଇ ଦେବା ପରେ ଶେଷଥର ପାଇଁ ଅନେଇ ଦେଖିଥିଲି ତାଙ୍କ ମୁହଁକୁ । ଯେମିତି ତାଙ୍କୁ ପଢ଼ିବା ତଥାପି ବାକି ଥିଲା ମୋର । ତାଙ୍କ ଓଠରେ ବିକୃତି ନଥିଲା । ତା' ପରିବର୍ତ୍ତେ ଲାଖି ରହିଥିଲା ହସର ଖଣ୍ଡିତାଂଶଟିଏ । ସତେଅବା ସେ ମୋତେ ଅନେଇ ହସୁଛନ୍ତି । ଆଉ କହୁଛନ୍ତି- ତୁ କ'ଣ ତଥାପି ମୋତେ ବୁଝି ପାରିଲୁନି ?

ମୁଁ ଆଖି ବୁଜି ଦେଇଥିଲି । ଭିଜି ଯାଇଥିଲା ମୋ ଆଖି । ମୁଁ ନିରବରେ ସେଦିନ ଅନେକ କଥା କହିଥିଲି ତାଙ୍କୁ । ତା'ମଧ୍ୟରୁ ଗୋଟିଏ ଥିଲା ଏମିତି: ବାପା ! ବାପକୁ ବୁଝିପାରିବା ଭଳି ପୁଅଟିଏ କ'ଣ ପୃଥିବୀରେ ଜନ୍ମ ହେଲାଣି । ବୁଝିବା ବେଳକୁ ପୁଅ ନିଜେ ପରା ବାପ ହେଇ ଯାଇଥାଏ । ମୁଁ ବା କେମିତି ବୁଝିବି ତୁମକୁ । ତା'ଛଡ଼ା ତୁମେ ସେଇମିତି ଅବୁଝା ହେଇ ରହିଥାଅ । ବୁଝି ନପାରିବା ଯାଏଁ ଜୀବନ ପରା ସୁନ୍ଦର !

# ଚଇତି ଘୋଡ଼ାନାଚ



# କୈବର୍ତ୍ତଙ୍କ ଚଇତି ଘୋଡ଼ା ନାଚ



**ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ**
ଆଳୁପୁର, ଅଙ୍ଗାରଗଡ଼ିଆ
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର
ଫୋନ : ୯୪୩୭୨୯୪୮୬୯

ଫଟୋ ସୌଜନ୍ୟ : ଲେଖକ

ଚଇତ୍ର ମାସର ପୂର୍ଣ୍ଣମୀ ଠାରୁ ଆଠଦିନ ଧରି ଓଡ଼ିଶାର କୈବର୍ତ୍ତମାନେ ଏକ ବିଶେଷପର୍ବ ପାଳନ କରିଥାଆନ୍ତି । ଏଥିରେ ଘୋଡ଼ାକୁ ନାଚ କରା ଯାଉଥବାରୁ ଏହାକୁ ଘୋଡ଼ାନାଚ ବା ଚଇତି ଘୋଡ଼ାନାଟ ମଧ୍ୟ କୁହା ଯାଇଥାଏ । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ଗୋପାଳ ଚନ୍ଦ୍ର ପ୍ରହରାଜ ଘୋଡ଼ାନାଚର ବିବରଣୀ ନିମ୍ନଭାବରେ ପ୍ରଦାନ କରିଛନ୍ତି– "କେଉଟମାନେ ବାଉଁଶ ବତାରେ ଘୋଡ଼ାର ଏକ ପାଦହୀନ ଦେହ ଓ ବେକ ଆକାରରେ ଏକ ଥାଟ ନିର୍ମାଣ କରି ତା'ଉପରେ ଲୁଗା ଘୋଡ଼ାଇ ଦିଅନ୍ତି । ବେକ ଉପରେ ଘୋଡ଼ାମୁଖ ପରି ଚିତ୍ରିତ ଗୋଟିଏ ମୁଖା ଲଗାନ୍ତି । ଉକ୍ତ ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ । ସେହି କଣାବାଟେ ମଣିଷ ଅଣ୍ଟା ଯାଏଁ ପଶି କରି ଭୂମିରେ ଛିଡ଼ା ହୁଏ । ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ । ମଣିଷର ଅଣ୍ଟା ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚିଥାଏ ଓ ଅଣ୍ଟା ଠାରୁ ଉପର ଅଂଶ ଘୋଡ଼ା ଉପରେ ବସିବା ପରି ଅନୁମିତ ହୁଏ । ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ । ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନାଡୋରି ଲଗା ହୋଇଥାଏ । ଉକ୍ତ ଡୋରିକୁ ନାଚିବା ବାଲା ଧରି ଲଗାମ ଧରିବାର ଅଭିନୟ କରେ । ଢୋଲ ମହୁରି ବାଜୁଥାଏ । ଆଗକୁ ପଛକୁ ଯାଇ ଘୋଡ଼ା ନାଚୁଥାଏ । ବହୁ ଦର୍ଶକ ଗଦା ହୋଇ ଏ ଯାତ୍ରା ଦେଖୁଥାନ୍ତି ।" ଭାଷା କୋଷରେ ବର୍ଣ୍ଣିତ ଏହି ବିବରଣୀରୁ ଘୋଡ଼ାନାଚ ସମ୍ବନ୍ଧରେ ଏକ ବିସ୍ତୃତ ଚିତ୍ର ହୁଏତ ମିଳି ପାରୁ ନାହିଁ, ମାତ୍ର ଘୋଡ଼ାନାଚ ବିଷୟରେ ଏକ ସ୍ପଷ୍ଟ ଅବବୋଧ ହୋଇ ପାରୁଛି ।

ଡକ୍ଟର ମନୀନ୍ଦ୍ର ମହାନ୍ତି 'ଓଡ଼ିଆ ଯାତ୍ରା ଓ ଲୋକନାଟ୍ୟ ପରିକ୍ରମା'ରେ ଘୋଡ଼ାନାଚ ସମ୍ପର୍କରେ ଏକ ଦୀର୍ଘ ପ୍ରବନ୍ଧ ଲେଖି ଏହି ନାଟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଯେଉଁ ଲୋକ ଘୋଡ଼ାକୁ ନଚାଏ ତାକୁ ସେ ଦିହୁରି ବୋଲି କହିଛନ୍ତି । ସେ କହିଛନ୍ତି– ଦିହୁରି ଘୋଡ଼ାକୁ ସ୍କନ୍ଧରେ ଧାରଣ କଲା ପରେ ଭୂମି ଉପରକୁ ପ୍ରାୟ ଛଅ ଇଞ୍ଚ ରହିଥାଏ । ଦିହୁରି ସବୁବେଳେ ଉଦ୍ୟମ କରେ ଯେପରି ତାହାର ନିଜ ଗୋଡ଼ ଦୁଇଟି ଦର୍ଶକକୁ ଦେଖା ନଯାଏ । ଘୋଡ଼ାର ପଛପାଖରେ ଝୋଟରେ ତିଆର ଲାଞ୍ଜ ଖଞ୍ଜା ଯାଇଥାଏ । ଦିହୁରି ନଚାଇବା ବେଳେ ଏହି ଲାଞ୍ଜର ଶେଷ ଅଂଶ ପବନରେ ଉଡ଼ି ବେଶ ସୁନ୍ଦର ଦେଖା ଯାଏ । ନଚାଳି ଦକ୍ଷିଣ ହସ୍ତରେ କାଠରେ ତିଆରି ଗୋଟିଏ ଖଣ୍ଡା ଧାରଣ କରିଥାଏ । ମୁଣ୍ଡରେ ପଗଡ଼ି ଏବଂ ଦେହରେ ଯୋଦ୍ଧା ପରି ପୂରା ଜାମା । ଯଥାସମ୍ଭବ ସେ ନିଜକୁ ଏକ ସୈନ୍ୟ ଭାବରେ ସଜ୍ଜିତ କରିଥାଏ ।

ଏହାର ଠିକ୍ ଅଗ୍ରଭାଗରେ ଅଳ୍ପ ଦୂରରେ ଅନ୍ୟ ଏକ ଲୋକ ବାମହାତରେ ଢାଲ ଏବଂ ଡାହାଣ ହାତରେ ଖଣ୍ଡା ଧାରଣ କରି ଦିହୁରି ସହିତ ଯୁଦ୍ଧ କରିବାର ଅଭିନୟ କରିଥାଏ । ମୁଣ୍ଡରେ ତାହାର ପଗଡ଼ି ଏବଂ ଦେହରେ ପାଇକ ପୋଷାକ ଥାଏ ।

ଦିହୁରି ଢୋଲମହୁରୀ ଏବଂ ଚଡ଼ଚଡ଼ି ବାଦ୍ୟର ତାଳେ ତାଳେ ଘୋଡ଼ାର ଅନୁକୃତିକୁ କାନ୍ଧେଇ ନୃତ୍ୟ କରିଥାଏ । ସେ ବୃତ୍ତାକାରରେ ନର୍ତ୍ତନ କରିଥାଏ । ଦୁଇପାହୁଣ୍ଡ ତୀର ବେଗରେ ଆଗକୁ ଗତି କଲା ପରେ ୩ୟ ପାହୁଣ୍ଡ ବେଳକୁ ହଠାତ୍ ସ୍ଥିର ହୋଇଯାଏ । ପୁଣି ପୂର୍ବପରି ତୀର ବେଗରେ ଆଗେଇଥାଏ ସେ । ଦ୍ୱିତୀୟ ସ୍ତରରେ ଏକ ଢାଲ-ଖଣ୍ଡା ଧରି ଯୋଦ୍ଧା ସହିତ ମୁହାଁମୁହିଁ ନାଚିଥାଏ । ତୃତୀୟ ସ୍ତର ବେଳକୁ ରାଉତ-ରାଉତାଣୀ ନୃତ୍ୟ ଓ ଗୀତ ଆଦି ଆରମ୍ଭ ହୋଇଯାଏ ।

ଗାୟକ ଗୀତ ପଦେ ଗାଇ ସାରିବା ପରେ ଘୋଡ଼ାକୁ ଧାରଣ କରି ଦିହୁରି ନର୍ତ୍ତନ କରେ ଢୋଲର ତାଳେ ତାଳେ । ରାଉତ ରାଉତାଣୀ ମଧ୍ୟ ଏହାରି ତାଳେ ତାଳେ ନର୍ତ୍ତନ କରିଥାନ୍ତି । ଏକ ପୁରୁଷ ମଧ୍ୟ ରାଉତାଣୀ ସାଜେ । ରାଉତାଣୀ ରଙ୍ଗୀନ ଶାଢ଼ି ଓ ଓଡ଼ିଆଣୀ ରୂପାର ଅଳଙ୍କାର ସବୁ ପିନ୍ଧିଥାଏ । ପାଦର ନୂପୁର ଓ ହାତରେ ରୁମାଲ ଖଣ୍ଡେ ସ୍ଥାନ ପାଇଥାଏ । ଢୋଲ ମହୁରୀର ତାଳେ ତାଳେ ନୂପୁର ବାଜିବା ସଙ୍ଗେ ସଙ୍ଗେ ହସ୍ତର ବିଭିନ୍ନ ମୁଦ୍ରା ପ୍ରଦର୍ଶନ ବେଳେ ପବନର ଲହରରେ ରୁମାଲ ଉଡ଼ାଇ ଦିଏ ।"

କେବଳ ଓଡ଼ିଶାରେ ନୁହେଁ, ଏ ପ୍ରକାର ଘୋଡ଼ାନାଚ ପଶ୍ଚିମବଙ୍ଗ, ତାମିଲନାଡୁ, ଗୋଆ ଓ ଜାମ୍ମୁ-କାଶ୍ମୀର ଅଞ୍ଚଳରେ ମଧ୍ୟ ଅନୁଷ୍ଠିତ ହୋଇଥାଏ । ପଶ୍ଚିମବଙ୍ଗ, ଗୋଆ ଓ ଜାମ୍ମୁ-କାଶ୍ମୀରରେ ଘୋଡ଼ାନାଚର ପଦ୍ଧତି ଏକା ପ୍ରକାରର । ତନ୍ମଧ୍ୟରୁ ଓଡ଼ିଶାର ଘୋଡ଼ାନାଚ, ଗୀତ ସହିତ ସମ୍ପୃକ୍ତ ହୋଇଥିବା ଯୋଗୁଁ ତାହା ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ।

ଓଡ଼ିଶାରେ ଘୋଡ଼ାନାଚ ଚୈତ୍ର ପୂର୍ଣ୍ଣମୀ ଠାରୁ ଆରମ୍ଭ ହୋଇ ଅଷ୍ଟମୀ ପର୍ଯ୍ୟନ୍ତ ଚାଲିଥାଏ । ଏଥିରେ ଦୁଇ ବା ତତୋଧିକ ଘୋଡ଼ାକୁ ପୁରୁଷ ଓ ନାରୀବେଶୀ ପୁରୁଷମାନେ ବାଦ୍ୟର ତାଳେ ତାଳେ ନଚାଇଥାଆନ୍ତି । ଏମାନେ ଏହି ସମୟରେ ଘର ଘର ବୁଲି ଘୋଡ଼ା ନଚାଇ ମାଗଣ କରିଥାଆନ୍ତି । ମାଗଣ ସମୟରେ ସଂକ୍ଷିପ୍ତ ଗୀତ ଗାନ କରା ଯାଇଥାଏ । ବେଳେବେଳେ ଏମାନେ ଅନ୍ୟ ଚରିତ୍ର



ସହିତ ଛଦ୍ମଯୁଦ୍ଧରେ ବ୍ୟାପୃତ ହୋଇ ପଡ଼ନ୍ତି । ସେତେବେଳେ ଗୀତଗାନ କରାନଯାଇ କେବଳ ଉନ୍ମାଦକାରୀ ବାଦ୍ୟ ବାଜିଥାଏ । ଯାତ୍ରା ଦେଖିବା ପରି ଦେଖିବା ପାଇଁ ସମୟ ସମୟରେ ଘୋଡ଼ା ନାଚକାରୀ ଦଳକୁ ଆବାହନ କରା ଯାଇଥାଏ । ସେତେବେଳେ ସେମାନେ ଘୋଡ଼ା ଓ କୈବର୍ତ୍ତ ବିଷୟ ବ୍ୟତୀତ ରାମାୟଣ ଓ ମହାଭାରତର ବିଷୟବସ୍ତୁକୁ ମଧ୍ୟ ଗାନ କରିଥାଆନ୍ତି । ସମୟ ସମୟରେ ଦୁଇଟି ଘୋଡ଼ା ନାଚକାରୀ ଦଳ ମଧ୍ୟରେ ବାଦୀନାଟ ମଧ୍ୟ ଅନୁଷ୍ଠିତ ହୋଇଥାଏ । ଏହି ପ୍ରକାର ବାଦୀନାଟରେ ଗୋଟିଏ ଦଳ ଅନ୍ୟ ଦଳକୁ ପ୍ରଶ୍ନବାଣରେ ବିବ୍ରତ କରିପକାନ୍ତି । ବାଦୀନାଟ ହୋଇ ନଥିଲେ ମଧ୍ୟ ଗୋଟିଏ ଦଳର ଗୋଟିଏ ଚରିତ୍ର, ବିଶେଷକରି ନାରୀ ଚରିତ୍ରଟି ପୁରୁଷ ଚରିତ୍ରକୁ ପ୍ରଶ୍ନ ପଚାରିଥାଏ ଓ ପୁରୁଷ ଚରିତ୍ର ତାହାର ଯଥାଯଥ ଉତ୍ତର ପ୍ରଦାନ କରିଥାଏ ।



### ଘୋଡ଼ାନାଟର ଉତ୍ପତ୍ତି

ଅଚ୍ୟୁତାନନ୍ଦ ଦାସଙ୍କ କୈବର୍ତ୍ତ ଗୀତାରେ ଦାସରାଜାଙ୍କୁ ଘୋଡ଼ାନାଟର ସ୍ରଷ୍ଟା ଭାବରେ ଗ୍ରହଣ କରାଯାଇଛି । କୈବର୍ତ୍ତ ଗୀତାର ବିଂଶ ଓ ଏକବିଂଶ ଅଧ୍ୟାୟରେ ଘୋଡ଼ାର ଜନ୍ମ ଠାରୁ ଦେବୀତ୍ୱ ପ୍ରାପ୍ତି ଓ ଦାସରାଜା କର୍ତ୍ତୃକ କାନ୍ଧରେ ବହନ କରି ନୃତ୍ୟ ପର୍ଯ୍ୟନ୍ତ ବିଷୟ ବର୍ଣ୍ଣନା କରାଯାଇଛି । ବର୍ଣ୍ଣନା ଅନୁଯାୟୀ ପ୍ରଳୟ ସମୟରେ ଭଗବାନ ବଟପୁଟରେ ଅବସ୍ଥାନ କରୁଥିଲେ । ଭଗବାନଙ୍କ ଆଜ୍ଞାରେ ସେହି ବଟପୁଟ ତୁରଙ୍ଗରେ ପରିଣତ ହେଲା ଓ ସେହି ଅଶ୍ୱଟିକୁ ନେଇ ଦାସରାଜା ସିଂହଳ ଦ୍ୱୀପରେ ବାହନ କରିଥିଲେ । ଲକ୍ଷେ ସମ୍ବତ୍ସର ବାହନ କଲା ପରେ ଅଶ୍ୱଟି ଅଷ୍ଟମୀ ଗୁରୁବାରରେ ପ୍ରାଣତ୍ୟାଗ କଲା । ଅଶ୍ୱଟି ଲକ୍ଷ୍ମୀଙ୍କର ବାରରେ ପ୍ରାଣତ୍ୟାଗ କରିବାରୁ ଲକ୍ଷ୍ମୀସ୍ୱରୂପା ନାରୀଟିଏରେ ରୂପାନ୍ତରିତ ହୋଇଗଲା । ସେହି ରୋରୁଦ୍ୟମାନା ନାରୀ ଦାସରାଜାଙ୍କୁ ଛାଡ଼ିଯିବା ପାଇଁ ଇଚ୍ଛା ପ୍ରକାଶ କଲା ନାହିଁ ।

"ଦାସରାଜା ଛାମୁରେ ଯେ ବାସେଳୀ ଲୋଟଇ / ତୁମ୍ଭ ପାଦପଦ୍ମ ଛାଡ଼ି କାହିଁ ଯିବି ମୁହିଁ । / ତୁମ୍ଭର ସନ୍ତାନ ସଙ୍ଗେ ମୁହିଁ ବିହରିବି/ ଖେଳା କଉତୁକ କରି ଦିନ ବଞ୍ଚୁଥିବି ।" (କୈବର୍ତ୍ତ ଗୀତା- ବିଂଶ ଅଧ୍ୟାୟ)

ନାରୀ ରୂପୀ ଅଶ୍ୱକୁ ଦେଖି ଦାସରାଜା ତ୍ରସ୍ତ ହୋଇ ପଡ଼ିବାରୁ ଭଗବାନ ପ୍ରସନ୍ନ ହୋଇ ବାଶେଳୀ ପୂଜାର ବିଧିବିଧାନ ବର୍ଣ୍ଣନା କରିଥିଲେ । ଭଗବାନ୍ କହିଲେ- "ଏହାକୁ ପୂଜିବୁ ଜନ୍ମେ ଜନ୍ମେ ଅବତରି । ଏହାର ଯେ ନାମ ଅଟେ ଅଶ୍ୱିନୀ ବାଶେଳୀ ।" (କୈବର୍ତ୍ତ ଗୀତା- ବିଂଶ ଅଧ୍ୟାୟ)

ଦାସରାଜା ବାଶେଳୀ ପୂଜାର ବିଧିବିଧାନ ଜିଜ୍ଞାସା କରିବାରୁ ଭଗବାନ କହିଲେ- ବାଉଁଶକୁ ଚିରି ଦ୍ୱାଦଶ ଖଣ୍ଡ କରିବୁ । ଅଶ୍ୱର ସଦୃଶ ପଞ୍ଜରା ନିର୍ମାଣ କରିବୁ । କାଠର ପିତୁଳାରେ ମୁଣ୍ଡ କରି ସେହି ପଞ୍ଜରାରେ ଲଗାଇବୁ । ସେହି ମୁଣ୍ଡରେ ଦନ୍ତ, ନାସା ଓ ଚକ୍ଷୁ ଓ କର୍ଣ୍ଣ ନିର୍ମାଣ ହୋଇଥାଏ । କାଇମାଟି ରଙ୍ଗରେ ତାହାକୁ ବିଚିତ୍ର କରିଦେବୁ । ତାର ଚାରିପାଖରେ ପାଟଶାଢ଼ୀ ଦେଇ ଯତ୍ନକରି ଅଶ୍ୱକୁ ମଣ୍ଡନ କରାଇବୁ । ପୂର୍ଣ୍ଣମୀ ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଏହି ଦେହରେ ଅଶ୍ୱକୁ ପୂଜା କରିବୁ ।

ଭଗବାନଙ୍କ ପ୍ରଦତ୍ତ ବିଧାନ ଅନୁଯାୟୀ ଦାସରାଜା ବାଶେଳୀଙ୍କୁ ପୂଜା କରି ତାଙ୍କୁ ବନ୍ଦନା କଲେ । କହିଲେ- ମାତା ବାଶେଳୀ ! ତୋତେ ମୁଁ ବନ୍ଦନା କରି ଯାତ୍ରା ଆରମ୍ଭ କରିବି । ଜଳେ, ସ୍ଥଳେ, ଅନଳରେ ମୋତେ ଉଦ୍ଧାର କରୁଥିବୁ । ମୋର ବିପତ୍ତି ଖଣ୍ଡନ କରିବୁ ଓ ମୋର ଦୋଷ ଅପରାଧ ମାର୍ଜନା କରିବୁ । ସନ୍ତାନ କୁଟୁମ୍ବ ଧରି ମୁଁ ତୋର ଶରଣ ପଶିଲି । ହେ ଠାକୁରାଣୀ, ମୋ କାନ୍ଧରେ ବାସ କର । ତୋତେ ଘେନି ମୁଁ ରାଜା ଠାରୁ ପ୍ରଜା ପର୍ଯ୍ୟନ୍ତ ଦ୍ୱାରେ ଦ୍ୱାରେ ବୁଲିବି । ଢମାଳି କରି ଗୀତ ଗାଇ ବୁଲିବି ଓ ତୋର ପ୍ରସାଦରୁ ଶାଢ଼ି ବଳା ପାଇବି । ଏହା କହି ଦାସରାଜା ବାଶେଳୀଙ୍କୁ କାନ୍ଧରେ ବହନ କରିବାକୁ ଲାଗିଲେ ।

ହୁଏତ ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଚଇତ୍ର ପୂର୍ଣ୍ଣମୀ ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ଘୋଡ଼ାନାଟ ଅନୁଷ୍ଠିତ ହୋଇ ଆସୁଛି ।

ଘୋଡ଼ାନାଟ ଗୀତମାନଙ୍କରେ ଏହି ନାଟର ସୃଷ୍ଟି ସମ୍ପର୍କରେ କେତେକ ମନୋରଂଜକ କାହାଣୀ ଗାନ କରାଯାଇଥାଏ । ଉତ୍ତର ଓଡ଼ିଶାରେ ମୁଁ ସଂଗ୍ରହ କରିଥିବା ଘୋଡ଼ାନାଟ ଗୀତଗୁଡ଼ିକ ମଧ୍ୟରୁ ଦ୍ୱିଜଗୋପାଳଙ୍କ ରଚିତ ଗୀତରେ କୁହାଯାଇଛି ଯେ ପ୍ରଳୟ ସମୟରେ ବ୍ରହ୍ମ କୈବର୍ତ୍ତଙ୍କୁ ଅଶ୍ୱ ତାର ପୃଷ୍ଠରେ ବହନ କରିଥିବା ଯୋଗୁଁ ପ୍ରତିବଦଳରେ ବିଷ୍ଣୁଙ୍କର ବରରେ କୈବର୍ତ୍ତ ଅଶ୍ୱକୁ କାନ୍ଧରେ ବହନ କଲା ।

"ପ୍ରଳୟ କାଳରେ ବ୍ରହ୍ମକୈବର୍ତ୍ତଙ୍କୁ
ଅଶ୍ୱପୃଷ୍ଟେ ବହିଥିଲା / ବିଷ୍ଣୁଙ୍କ ବରରୁ ତେଣୁ ସେ ଅଶ୍ୱକୁ / କୈବର୍ତ୍ତ କାନ୍ଧେ ବହିଲା ।"

ଘୋଡ଼ାନାଟ ଗୀତରେ ନାଟ ସମ୍ପର୍କରେ ଆହୁରି ମଧ୍ୟ ମନରୋଚକ କାହାଣୀ ରହିଛି । କୁହାଯାଇଛି ଯେ, ସିଂହଳ ଦ୍ୱୀପରେ ଦାସ କୈବର୍ତ୍ତର ସନ୍ତାନସନ୍ତତି ନହେବା ଯୋଗୁଁ ପୁତ୍ରକାମନା କରି ଦାସରାଜା ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଯଜ୍ଞଫଳ ପ୍ରାପ୍ତ ନକରାଇବା ପାଇଁ ଇନ୍ଦ୍ରଦେବ କପଟ କରି ଦାସରାଜାଙ୍କ ବରୁଣ ଅଶ୍ୱକୁ ଅପହରଣ କରି ନେଇଗଲେ । ଦାସରାଜା ଆକୁଳ ହୋଇ ବିଷ୍ଣୁଙ୍କୁ ଧ୍ୟାନ କରିବାକୁ ଲାଗିଲେ । ପ୍ରଭୁ ଜଗନ୍ନାଥ ଭକ୍ତର ଚିତ୍ତ ଜାଣିପାରି ସିଂହଳ ଦ୍ୱୀପରେ ପ୍ରବେଶ ହେଲେ । ଦାସରାଜାଙ୍କୁ ବୁଝାଇ କହିଲେ ଯେ, ଦେବତାମାନେ ଅଶ୍ୱକୁ ଲୁଚାଇ ଦେଇଛନ୍ତି । ଏଣୁ ସେହି ସମାନ କାଠର ପିଞ୍ଜରା ଆମ୍ଭେ ଗଢ଼ି ଦେବା । କାଠର ଅଶ୍ୱକୁ ପୂଜିଲେ ତୋର ସମ୍ପଦ ବଢ଼ିବ ଓ ଅଶ୍ୱମେଧର ଯଜ୍ଞଫଳ ପ୍ରାପ୍ତ ହେବ । ବିଷ୍ଣୁ ବିଶ୍ୱକର୍ମାଙ୍କୁ ସ୍ମରଣ କରିବାରୁ ବିଶ୍ୱକର୍ମା ସିଂହଳରେ ଉପସ୍ଥିତ ହେଲେ । ଭଗବାନ ବିଷ୍ଣୁ ବାଉଁଶରେ ପିଞ୍ଜରା କରି ଅଶ୍ୱ ନିର୍ମାଣ କରିବାକୁ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଲେ । ସେହିଦିନ ଠାରୁ କାଠ ନିର୍ମିତ ଘୋଡ଼ା ଓ ତାହାର ନାଟ ସୃଷ୍ଟି ହେଲା ।

ଘୋଡ଼ାନାଟର ଉତ୍ପତ୍ତି ସମ୍ପର୍କରେ କୁଞ୍ଜବିହାରୀ ଦାଶ 'ଓଡ଼ିଆ ଲୋକଗୀତ ଓ କାହାଣୀ' ଗ୍ରନ୍ଥରେ ଏକ କିମ୍ବଦନ୍ତୀକୁ ଉଦ୍ଧାର କରିଛନ୍ତି । କିମ୍ବଦନ୍ତୀ ଅନୁସାରେ ରାମଚନ୍ଦ୍ରଙ୍କର ବନବାସ ଯାତ୍ରା ସମୟରେ ଗୋଟିଏ କୈବର୍ତ୍ତ ତାଙ୍କୁ ନାବରେ ସରଯୂ ନଦୀ ପାରି କରାଇ ଦେଇଥିଲା । ରାମଚନ୍ଦ୍ର ଖୁସି ହୋଇ କୈବର୍ତ୍ତକୁ ଅଶ୍ୱଟିଏ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ସେହିଦିନ ଠାରୁ ଅଶ୍ୱ କେଉଟ ନିକଟରେ ପବିତ୍ର ରୂପେ ବିବେଚିତ ହେଲା ।ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ 'ଓଡ଼ିଶାର ପଲ୍ଲୀନୃତ୍ୟ' ପ୍ରବନ୍ଧରେ ଘୋଡ଼ାନାଟର ଉତ୍ପତ୍ତି ସମ୍ପର୍କରେ ଅନ୍ୟ ଏକ କିମ୍ବଦନ୍ତୀର ଅବତାରଣା କରିଛନ୍ତି । ସେ ଲେଖିଛନ୍ତି ଯେ, ମୁନି ପରାଶରଙ୍କର ବୀର୍ଯ୍ୟରୁ ତଥା ଦାସରାଜାଙ୍କ କନ୍ୟା ସତ୍ୟବତୀଙ୍କ ଗର୍ଭରୁ ଜାତ ବ୍ୟାସଦେବଙ୍କର ଖେଳିବାକୁ ଇଚ୍ଛା ହେବାରୁ ତାଙ୍କ ପାଇଁ ବିନ୍ଧ୍ୟପର୍ବତରୁ ଏକ ଘୋଡ଼ା ଧରାଯାଇ ଦିଆ ଯାଇଥିଲା । ସେହିଦିନ ଠାରୁ ଘୋଡ଼ା ଏକ ଗୃହପାଳିତ ପଶୁରେ ପରିଣତ

ହେଲା ଓ ତାହାରି ସ୍ମୃତି ଉଦ୍ଦେଶ୍ୟରେ ଘୋଡ଼ାନାଟ ଅନୁଷ୍ଠିତ ହୋଇ ଆସୁଛି ।

ସଂଯୋଗବଶତଃ ଅଶ୍ୱମୁଖୀ ବାଶୁଳୀ କୈବର୍ତ୍ତମାନଙ୍କର ଇଷ୍ଟଦେବୀରେ ପରିଣତ ହେବା ପରେ କୈବର୍ତ୍ତମାନଙ୍କର ଅଶ୍ୱ ପ୍ରତି ଭକ୍ତିଭାବ ବୃଦ୍ଧି ପାଇଲା । ତେଣୁ ସେ ଏପରି ଏକ ସମୟ ଖୋଜିଲା ଯେଉଁ ସମୟରେ ତାର ଇଷ୍ଟଦେବୀଙ୍କୁ କାନ୍ଧରେ ବସାଇ ନଚାଇ ପାରିବ । ଏହାଦ୍ୱାରା ତାର ଦୁଇଟି କାର୍ଯ୍ୟ ସମାହିତ ହୋଇ ପାରିବ । ପ୍ରଥମେ ତାର ଇଷ୍ଟଦେବୀଙ୍କୁ କାନ୍ଧରେ ବୁଲାଇ ପାରିବ ଓ ଦ୍ୱିତୀୟରେ ପରମ୍ପରାଗତ ପଶୁନୃତ୍ୟ ମଧ୍ୟ ପ୍ରଦର୍ଶନ କରିପାରିବ । ଘୋଡ଼ାନାଟର ପ୍ରାରମ୍ଭିକ ଅବସ୍ଥା ବୋଧହୁଏ ଏହିପରି । ପରବର୍ତ୍ତୀ ସମୟରେ ଚଢ଼ୈୟା-ଚଢ଼ୈୟାଣୀ, କେଳା-କେଲୁଣି ଦଣ୍ଡନାଟର ସଂସ୍ପର୍ଶରେ ଆସି ରାଉତ-ରାଉତାଣୀ ଅଭିନୟ ଓ ତା ସହିତ ଗୀତର ପ୍ରୟୋଗ କରାଗଲା । ଘୋଡ଼ାନାଟର ରାଉତ-ରାଉତାଣୀ ସମ୍ଭବତଃ ନିଷାଦ ବୀର ଓ ନିଷାଦ ବୀରାଙ୍ଗନା । ଲୋକନୃତ୍ୟଗୁଡ଼ିକରେ ଏକ ଅନ୍ତଃସ୍ରୋତ ପ୍ରବାହିତ ହେଉଥିବାର ଆମେ ଲକ୍ଷ୍ୟ କରୁ । କେଳା-କେଲୁଣୀ, ଚଢ଼ୈୟା-ଚଢ଼ୈୟାଣୀ ଅଥବା ରାଉତ-ରାଉତାଣୀମାନେ ଗୋଟିଏ ଗୋଟିଏ ଆଦିବାସୀ ଚରିତ୍ର । ନାଚିବା ଓ ଗାଇବା ସେମାନଙ୍କର ପ୍ରବୃତ୍ତି । ନିଜେ ଦୁଃଖକଷ୍ଟ ସହି ଅନ୍ୟମାନଙ୍କର ମନୋରଂଜନ କରିବା ସେମାନଙ୍କର ଆନ୍ତରିକ ବାସନା ।

ପ୍ରାଚୀନ ପଶୁନୃତ୍ୟରୁ ସାମ୍ପ୍ରତିକ ବ୍ୟୟ ସାପେକ୍ଷ ଘୋଡ଼ାନାଟ ପର୍ଯ୍ୟନ୍ତ ଉକ୍ତ ଧାରାଟି ଯୁକ୍ତି ସଂଗତ ଓ ବିଜ୍ଞାନସିଦ୍ଧ । ପୁରାଣ କିମ୍ବଦନ୍ତୀ ଓ ଇତିହାସର ଲୋପ ମଧ୍ୟରେ ଉକ୍ତଧାରା ସ୍ପଷ୍ଟ ବାରି ହୋଇପଡ଼େ ।

## ଘୋଡ଼ାନାଟର ପ୍ରକ୍ରିୟା

କୈବର୍ତ୍ତମାନଙ୍କ ଦ୍ୱାରା ନାଟ କରାଯାଉଥିବା ଘୋଡ଼ା ଦୁଇଟି ଅଂଶର ସମଷ୍ଟିରେ ନିର୍ମିତ ହୋଇଥାଏ । ମୁହାଣ୍ଡି ବା ମସ୍ତିଷ୍କ ଅଂଶଟି କାଠରେ ନିର୍ମିତ ହୋଇ ବେହେରା ବା ଦେହୁରୀର ଘରେ ସର୍ବଦା ପୂଜା ପାଉଥାଏ । ପଞ୍ଜରା ବା ଶରୀର ଅଂଶଟି ବାଉଁଶବତାରେ ନିର୍ମିତ ହୋଇ ଘୋଡ଼ାନାଟ ପରେ ପ୍ରତିବର୍ଷ ଜଳରେ ବିସର୍ଜିତ ହୋଇଯାଏ । ଘୋଡ଼ାର ମୁଣ୍ଡଟି ସାଧାରଣତଃ ଦେହୁରୀର ଗୃହରେ କିମ୍ବା ଜମିଦାର ବେହେରା ପଦବୀ ପ୍ରଦାନ କରିଥିବା ବ୍ୟକ୍ତିର ଗୃହରେ ଅଥବା କୈବର୍ତ୍ତ ସମାଜରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତିର ଗୃହରେ ରହି ପୂଜିତ ହେଉଥାଏ । ଚଇତ୍ର ପୂର୍ଣ୍ଣମୀର ପୂର୍ବରୁ ଏହି ମୁଣ୍ଡକୁ ସଫା କରାଯାଇ ବିଭିନ୍ନ ରଙ୍ଗରେ ମଣ୍ଡନ କରାଯାଏ । ଘୋଡ଼ା ମୁଣ୍ଡ ସହିତ ସଂଯୁକ୍ତ ବେକଟି ଅପେକ୍ଷାକୃତ ଲମ୍ବା ହୋଇଥାଏ । ଯେପରିକି ବେକଟି ପିଞ୍ଜରା ସହିତ ସଂଯୁକ୍ତ ହୋଇ ଆବଦ୍ଧ ହୋଇପାରିବ । ଘୋଡ଼ା ମୁଣ୍ଡଟି ସୁନ୍ଦର ଦେଖାଯିବା ପାଇଁ ସେଥିରେ ବାର୍ଣ୍ଣିସ ଦିଆ ଯାଇଥାଏ । ଦାନ୍ତ, ନାକ, ଆଖି ଓ କାନକୁ ରଙ୍ଗ ଦିଆଯାଇ ସ୍ପଷ୍ଟ କରିଦିଆଯାଏ ।

ପଞ୍ଜରା ନିର୍ମାଣର ପଦ୍ଧତି ଭିନ୍ନ ପ୍ରକାରର । ଚଇତ୍ର ପୂର୍ଣ୍ଣମୀ ଦିନ ପୂର୍ବାହ୍ନରେ



ଜ୍ୟୋତିଷ ପ୍ରଦାନ କରିଥିବା ଏକ ଶୁଭ ମୁହୂର୍ତ୍ତରେ ଦେହୁରୀ ଶୁଦ୍ଧପୂତ ହୋଇ ପୂର୍ବରୁ ଠିକ୍ ହୋଇଥିବା ଗୋଟିଏ ବାଉଁଶଗଛ ମୂଳକୁ ଯାଇଥାଏ । ଉପବାସରେ ଥିବା ଦେହୁରୀ ପୋଖରୀରୁ ପାଣି ଆଣି ନିଖୁଣ ବାଉଁଶ ଗଛର ମୂଳକୁ ପରିଷ୍କାର କରି ଧୋଇଦିଏ । ଚନ୍ଦନ ଓ ସିନ୍ଦୂର ଦେଇ ଗଛର ମୂଳକୁ ପୂଜା କରେ । ଅରୁଆ ଚାଉଳ, ପଞ୍ଚାମୃତ କିମ୍ବା ଯଥାଶକ୍ତି ନୈବେଦ୍ୟ ପ୍ରଦାନ କରେ । ପୁଷ୍ପାଞ୍ଜଳି ଦେଇ ଦୀପରେ ଗଛକୁ ବନ୍ଦାଇ ଦିଏ । ସାତ ଅର୍ଘ୍ୟ ଶଙ୍ଖ ଓ ହୁଳହୁଳି ବଜାଇ ଥାଆନ୍ତି । ମନ୍ତ୍ର ଉଚ୍ଚାରଣ କରି ବାଉଁଶ ଗଛକୁ ଚଟାମାରି ହଣା ଯାଇଥାଏ । ସେହି ବାଉଁଶକୁ ଚିରି ୧୨ ଖଣ୍ଡ ବତା ପ୍ରସ୍ତୁତ କରାଯାଏ । ବାରଖଣ୍ଡ ବତାରେ ଘୋଡ଼ାର ପିଞ୍ଜରା ପ୍ରସ୍ତୁତ କରାଯାଏ । ଯଥାସମ୍ଭବ ବତାକୁ ସରୁ ଓ ହାଲୁକା କରାଯାଏ । କାରଣ ଘୋଡ଼ାର ପିଞ୍ଜରା ଓଜନଦାର ହେଲେ ତାକୁ କାନ୍ଧରେ ବୋହିବାକୁ କଷ୍ଟକର ହୋଇପଡ଼େ । ପିଞ୍ଜରା ପିଠି ପାଖରେ ଗୋଟିଏ କଣାକରି ଦିଆ ଯାଇଥାଏ । ସେହି କଣା ବାଟେ ଘୋଡ଼ାନଚାଳୀ ମୁଣ୍ଡ ପୂରାଇ ଅଣ୍ଟା ପର୍ଯ୍ୟନ୍ତ ଉପରକୁ ଉଠିଯାଏ । ପଞ୍ଜରାର ଦୁଇ ପାଖରେ ଦୁଇଟି ଦଉଡ଼ି ଲାଗିଥାଏ । ଘୋଡ଼ା ନଚାଳୀ ସେହି ଦଉଡ଼ିକୁ କାନ୍ଧରେ ପକାଇ ଦେଲେ ଘୋଡ଼ାର ପଞ୍ଜରା ଆଉ ତଳକୁ ନଖସି ଅଣ୍ଟା ପାଖରେ ଅଟକି ଯାଏ । ଦୀର୍ଘ ସମୟ ଧରି ଘୋଡ଼ାକୁ କାନ୍ଧରେ ବହନ କରୁଥିବା ଯୋଗୁଁ ବାଧା ନହେବା ପାଇଁ ଝୋଟ ବା ଫିତାକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଘୋଡ଼ାର ପିଞ୍ଜରା ଅଧିକ ଓଜନଦାର ଥିଲେ ଘୋଡ଼ାନଚାଳୀ କାନ୍ଧରେ ଲୁଗାକୁ ଚଉତି ପକାଇ ଦେଇଥାଏ ।

ବତାରେ ପଞ୍ଜରାର ନିର୍ମାଣ ଶେଷ ହେବା ପରେ ତାହାକୁ କାଇମାଟିରେ ଲେପି ଦିଆଯାଏ । ତା ଉପରେ ପାଟଶାଢ଼ି ପିନ୍ଧାଇ ଦିଆଯାଏ ।

"କାଇମାଟିରେ ଯତନେ ଲିପିବୁ ଶରୀର / ପାଟଶାଢ଼ି ଘେରାଇବୁ ଅଙ୍ଗରେ ତାହାର / ଘଟ ନ ଦିଶିବ ଯେହ୍ନେ ଅଶ୍ୱର ଶରୀର ।"

ଫ୍ରେମ୍ ବା ପିଞ୍ଜରାଟି ତିଆରି କଲା ପରେ ଘୋଡ଼ାର ମୁଣ୍ଡ (କାଠରେ ନିର୍ମିତ) ଲଗାଇ ଦିଆଯାଏ । ଏହାପରେ ପରସ୍ତ ପରସ୍ତ କରି ବିଭିନ୍ନ ରଙ୍ଗର ଲୁଗା ଘାଗରା ପରି ଥାକ ଥାକ କରି ପିଞ୍ଜରାର ତଳୁ ଉପର ପର୍ଯ୍ୟନ୍ତ ସଜାଇ ଦିଆଯାଏ । ବ୍ରହ୍ମାଙ୍କ ନାମ ଧରି ଘୋଡ଼ାର ଏହି ପିଞ୍ଜରାକୁ ସଜ୍ଜିତ କରାଯାଏ । ଏହି ରଙ୍ଗୀନ କପଡ଼ା ବା ଶାଢ଼ିକୁ ଏପରି ପରସ୍ତ ପରସ୍ତ କରି ସଜା ଯାଇଥାଏ ଯେ ନଚାଳୀ ଯେତେବେଳେ ସେହି ଅନୁକୃତି (model) କୁ ଧରି ଘୋଡ଼ା ପରି ତୀର ବେଗରେ ଧାଇଁ ଧାଇଁ ନାଚୁଥାଏ, ସେତେବେଳେ ଏହି ଥାକ ଥାକ ଲୁଗାଗୁଡ଼ିକ ପବନର ଆଘାତରେ କମ୍ପି ଉଠି ଖୋଲି ଖୋଲି ଯାଏ । ଘାଗରା ପରି ଲୁଗାଗୁଡ଼ିକ ଥାକ ଥାକ କରି ସଜ୍ଜିତ ହୋଇଥିବାରୁ ଲୁଗାର ଶେଷ ଅଂଶର ତରଙ୍ଗାୟିତ ଛନ୍ଦ ଦର୍ଶକ ଚିତ୍ତକୁ ଆକର୍ଷଣ କରିଥାଏ ।

ଘୋଡ଼ାନାଟ ରାଉତ-ରାଉତାଣୀ ନାଟରେ ପରିଣତ ହେବା ପୂର୍ବରୁ ଅଶ୍ୱଯାତ୍ରାକୁ ରାଜାଙ୍କର ଯାତ୍ରା ଭାବରେ ଗ୍ରହଣ କରାଯାଉଥିଲା । ରାଜାଙ୍କର ଯାତ୍ରା ସମୟରେ ତାଙ୍କ ପଛପଟରେ ଛତ୍ର ବା ଆଲମ ଧରିବାର ବିଧି ଥିଲା । ତେଣୁ ସାମ୍ପ୍ରତିକ ଘୋଡ଼ା ନାଟରେ ସେହି ପରମ୍ପରାକୁ ଅନୁସରଣ କରି ନାଟ ସହିତ ଆଲମ ବା ଛତ୍ର ମଧ୍ୟ ପ୍ରସ୍ତୁତ କରି ନିଆଯାଇଥାଏ । ଘୋଡ଼ାନାଟର ଏହି ଆଲମର ପ୍ରସ୍ତୁତ ପ୍ରଣାଳୀ ପିଞ୍ଜରାର ପ୍ରସ୍ତୁତ ପ୍ରଣାଳୀ ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ପୂର୍ବପରି ଉପବାସ ରହିଥିବା ଜଣେ ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ବାଉଁଶଗଛ ମୂଳକୁ ଯାଇଥାଏ । ଗୋଟିଏ ବାଡ଼ିଆ ବାଉଁଶମୂଳକୁ ଧୋଇ ଦିଆଯାଇ ଫୁଲ ଚନ୍ଦନରେ ପୂଜା କରାଯାଏ । ବାଉଁଶକୁ ହାଣି ୬ ହାତ ଲମ୍ବ ପର୍ଯ୍ୟନ୍ତ ରଖି ତାକୁ ପୁଣି ଗନ୍ଧ ହଳଦୀରେ ଗାଧୋଇ ଦିଆଯାଏ । ସେହି ବାଉଁଶକୁ ସିନ୍ଦୂର ଓ ଚନ୍ଦନରେ ପୂଜା କରାଯାଇଥାଏ । ଗୋଟିଏ ପିତଳ ଲୋଟାରେ ଦୁବ, ବରକୋଳି ପତ୍ର, ଫୁଲ, ଅରୁଆଚାଉଳ, ଗୁଆ, କଉଡ଼ି, ହରିଡ଼ା-ବାହାଡ଼ା, ପଇସା ଇତ୍ୟାଦି ପଡ଼ି ତା' ଉପରେ ଆମ୍ବଡାଳ ରଖାଯାଇ କଳସ ସ୍ଥାପନ

କରାଯାଏ । ବାରହାତର ପାଟଶାଢ଼ିକୁ କୁଞ୍ଚ କରି ବନ୍ଧା ଯାଇଥାଏ । ଶାଢ଼ିଟି ବନ୍ଧା ହୋଇଥିବା ସ୍ଥାନରୁ ତଳକୁ ଅଢ଼େଇ ହାତ ଓହଳି ପଡ଼େ । ଅଢ଼େଇ ହାତ ତଳକୁ ଗନ୍ଧାହଳଦୀ ଥାପି ତା'ଉପରେ ଦୁଇଟି କଟା କଉଡ଼ି ଦେଇ ଚକ୍ଷୁ କରାଯାଏ । ଚକ୍ଷୁ ସ୍ଥାନରେ କଳା ଓ ସିନ୍ଦୂର ଦିଆଯାଏ । କଳସରେ ମଧ୍ୟ ସିନ୍ଦୂର ସ୍ଥାପନ କରି ତା' ଉପରେ ଫୁଲର ହାର ଦିଆଯାଏ । ଚକ୍ଷୁ ସ୍ଥାନରେ ମଧ୍ୟ ଫୁଲହାର ଦିଆଯାଏ । ଆଲମକୁ ବନ୍ଦାପନା କରାଯାଏ । ଗୋଟେ ଥାଳିରେ କିଛି ଅରୁଆ ଚାଉଳ ରହେ । ଅରୁଆ ଚାଉଳ ଉପରେ ଘିଅର ଦୀପ ଥୁଆଯାଏ । ସାତଜଣ ଅହ୍ୟସ୍ତିରୀ ସେହି ଥାଳିକୁ ଧରି ଆଲମକୁ ବନ୍ଦାଣ କରନ୍ତି । ସାତଜଣ ଅହ୍ୟସ୍ତିରୀ ନଆସି ପାରିଲେ ତିନିଜଣ, ଅଥବା ତିନିଜଣର ଅଭାବରେ ଜଣେ ସ୍ତ୍ରୀ ମଧ୍ୟ ବନ୍ଦାପନା କରିପାରେ । ଝୁଣାଧୂପ ଦିଆଯାଏ । ବାଶୁଳୀ ରୂପରେ ପୂଜିତ ହେଉଥିବା ଘୋଡ଼ାର ମୁହାଁଣ୍ଡି ଆଲମ ନିକଟକୁ ଆସି ପୂଜିତ ହୁଏ । କୈବର୍ତ୍ତମାନେ ଆଲମକୁ ବାଶୁଳୀଙ୍କର ଛତ୍ର ବୋଲି କହିଥାଆନ୍ତି । ଘୋଡ଼ାନାଚର ଶେଷରେ ଶାଢ଼ିଟି ବାଶୁଳୀଙ୍କ ପାଖରେ ରହି ବର୍ଷଯାକ ପୂଜା ପାଏ ଓ ବାଉଁଶ ଖଣ୍ଡଟି ଜଳରେ ଓଝାଇ ଦିଆଯାଏ । ଏହିପରି ବିସ୍ତୃତ ଭାବରେ ନହେଲେ ମଧ୍ୟ କୈବର୍ତ୍ତ ପୁରାଣରେ ଅଶ୍ୱଯାତ୍ରାର ଦୀର୍ଘ ବିବରଣୀ ପ୍ରଦାନ କରାଯାଇଛି ।

ଘୋଡ଼ା ନଚାଇବା ଲୋକ କାନ୍ଧରେ ବାଶୁଳୀ ଦେବୀଙ୍କୁ ବହନ କରୁଥିବା ଯୋଗୁଁ ଚୈତ୍ରପୂର୍ଣ୍ଣମୀ ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ କିମ୍ବା ଯେତେଦିନ ଘୋଡ଼ାନଚା ଯାଇଥାଏ, ସେତେଦିନ ଶୁଦ୍ଧପୁତ ଭାବରେ ଚଳେ । ଆମିଷ, ପିଆଜ, ରସୁଣ ଇତ୍ୟାଦି ଦ୍ରବ୍ୟ ଭୋଜନ କରେ ନାହିଁ । କେହି କେହି ଏହି କେତେଦିନ ଅନ୍ନ ମଧ୍ୟ ସ୍ପର୍ଶ କରନ୍ତି ନାହିଁ । ଘୋଡ଼ାନାଚ ଶେଷ ହେବା ପରେ କଳଶ, ଘୋଡ଼ାର ପିଞ୍ଜର ଓ ଆଲମକୁ ଜଳରେ ଓଝାଇ ଦିଆଯାଏ । ଘୋଡ଼ାର ମୁଣ୍ଡକୁ ପୂଜା ହେବା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଗୃହକୁ ନିଆ ଯାଇଥାଏ । ସ୍ଥାନେ ସ୍ଥାନେ ମୁଣ୍ଡକୁ ମଧ୍ୟ ଜଳରେ ବିସର୍ଜନ କରାଯାଇ ପର ବର୍ଷ ପୁଣି କାଠର ମୁଣ୍ଡ ନିର୍ମାଣ କରାଯାଇଥାଏ ।

## ଘୋଡ଼ାନାଚର ମଞ୍ଚ

ରାଧାକୃଷ୍ଣ ମେଳଣ ସମୟରେ ଯେମିତି ଅଧିକାରୀ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଘର ଘର ବୁଲିଥାଏ, ଘୋଡ଼ାନାଚରେ ମଧ୍ୟ ଘୋଡ଼ା ନଚାଳୀ ଠିକ୍ ସେହିପରି ତାର ସହକାରୀମାନଙ୍କ ସହ ଘର ଘର ବୁଲିଥାଏ । ସେତେବେଳେ ବିଷୟବସ୍ତୁହୀନ ଗୀତମାନ ତାର କଣ୍ଠରୁ ସ୍ଫୁରିତ ହୋଇଥାଏ । ବାଦ୍ୟକାରଙ୍କ ସହ ନାଚି ନାଚି ସେମାନେ ପୁରୁଣା ଲୁଗା, ଚାଉଳ ଓ ଟଙ୍କା ଇତ୍ୟାଦି ମାଗଣ କରିଥାଆନ୍ତି । ସେତେବେଳେ ଦୁଇ ପାର୍ଶ୍ୱରେ ଠିଆ ହୋଇ ଦର୍ଶକମାନେ ଘୋଡ଼ାନାଚକୁ ଉପଭୋଗ କରିଥାଆନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଆଧାର କରି ଯେତେବେଳେ ନାଚ ଅନୁଷ୍ଠିତ ହୁଏ, ଏହି ନାଚ ଦୀର୍ଘ ସମୟ ଧରି ହେବାକୁ ଥିବାରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନର ଆବଶ୍ୟକତା ପଡ଼େ । ଘୋଡ଼ାନାଚ ମଝି ସ୍ଥାନରେ ଅନୁଷ୍ଠିତ ହୁଏ ଓ ଦର୍ଶକମାନେ ଚାରିପଟରୁ ଘେରିଯାଇ ବସି ପଡ଼ନ୍ତି । ପ୍ରଥମେ କିଛି ସମୟ ଘୋଡ଼ା ସହିତ ନାଚିବା ପରେ ସେମାନେ ଘୋଡ଼ାକୁ ତଳେ ଥୋଇଦେଇ ପାଲାଗାୟକ ଶୈଳୀରେ ଗାୟନ ଆରମ୍ଭ କରି ଦିଅନ୍ତି । ଏହି ନାଚ ପାଇଁ ପ୍ରଥମେ ମଶାଲ, ପରେ ପେଟ୍ରୋମାକ୍ସ ଓ ଏବେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କରାଯାଉଛି ।

ଘୋଡ଼ାନାଚରେ ତିନି ପ୍ରକାର ବାଦ୍ୟର ପ୍ରୟୋଗ ଦେଖାଯାଏ । ଢୋଲ ବା ରଙ୍ଗଢୋଲ, ମହୁରୀ, ତଡ଼କା ବା ତଡ଼ତଡ଼ି । କେବଳ ଘୋଡ଼ାନାଚ ନୁହେଁ ସବୁ ପ୍ରକାର ଲୋକନାଟ୍ୟରେ ଏହି ତିନି ପ୍ରକାର ବାଦ୍ୟର ପ୍ରାଧାନ୍ୟ ରହିଛି । ଘୋଡ଼ାନାଚରେ ଗୀତ, ବାଦ୍ୟ ଓ ନୃତ୍ୟର ଅପୂର୍ବ ସମ୍ମିଶ୍ରଣ ଘଟିଥାଏ । ପ୍ରଥମେ ଗୀତ ଗାଇବାବେଳେ ଗାନକାରୀର ଗୋଡ଼ ନାଚ କରିବା ପରି ହଲୁଥିଲେ ମଧ୍ୟ ଗୀତଟି ଗାଇ ସାରିବା ପରେ ଗୀତର ସୁରରେ ବାଦ୍ୟ ଓ ନୃତ୍ୟ ଅନୁଷ୍ଠିତ ହୋଇଥାଏ । ବାଦ୍ୟ ଓ ନୃତ୍ୟ ଗୀତର ପାଳି ଧରିବା ଭଳି ଲାଗେ, ଗୀତଟି



ଯେତିକି ସମୟରେ ଶେଷ ହୁଏ, ବାଦ୍ୟ ଓ ନୃତ୍ୟ ଠିକ୍ ସେତିକି ସମୟରେ ଶେଷ ହୋଇଯାଏ ।

## ଘୋଡ଼ାନାଚର ଗୀତ

ଗାଁଦାଣ୍ଡରେ ନୃତ୍ୟ କଲାବେଳେ କିମ୍ବା ବିଷୟବସ୍ତୁ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ବିଭିନ୍ନ ଲୋକକବିମାନଙ୍କ ଦ୍ୱାରା ରଚିତ କୈବର୍ତ୍ତ ଓ ଘୋଡ଼ା ସମ୍ପର୍କୀୟ ଗୀତମାନ ଗାନ କରାଯାଇଥାଏ । ଘୋଡ଼ାନାଚ ପାଇଁ ବହୁ ପଲ୍ଲୀକବିଙ୍କର ଗୀତ କୈବର୍ତ୍ତ ସମାଜରେ ପ୍ରଚଳିତ ଥିଲାବେଳେ ପୁରୀର ବାଲିପାଟଣା ଠାରେ ପ୍ରୟୋଗ କରାଯାଉଥିବା ଗୋଟିଏ ଗୀତ ଏଠାରେ ଉଦ୍ଧାର କରାଯାଉଛି ।

"ଚଇତ୍ର ମାସରେ ଚଇତ୍ର ପୂର୍ଣ୍ଣମୀ
                    ମୀନ ମାରିବାକୁ ଗଲେ
ସମୁଦ୍ରରେ ତହୁଁ ଜାଲ ବୁହାଇଣ
                    ବାଜିଶ ଗୋଟି ମାଇଲେ ।
ତାହାକୁ ପାଇଣ ଆନନ୍ଦ ହୋଇଣ
                    ସାତ ପାଞ୍ଚ ମେଳ ହେଲେ
ପୂଜିବା ନିମନ୍ତେ
ମନରେ ବାସନା କଲେ ।
ଦୁଧ ଗୁଡ଼ ଛେନା ଦେଇ ମୂଳେ ପଣା
କାଟିଲେ ବାଉଁଶ ତୋଳି
ବାଉଁଶ କାଟନ୍ତେ ସେ ଶିର ଛେଦନ୍ତେ
                    ବାଉଁଶ ପଡ଼ଇ ଢଳି ।
ବାଉଁଶ କାଟିଲେ ପୂର୍ଣ୍ଣମୀର ଦିନ
                    ମୂଳେ ଛେନା ପଣା ଦେଇ ।
ସେହି ବାଉଁଶଟି ସୁଦଯ୍ୟା କରିବ
                    ମୁଳକ ଫେରିବା ପାଇଁ ।
କାହା ନାମ ଧରି ବାଉଁଶ କାଟିଲୁ
                    କା ନାମେ ବତା ଚିରିଲୁ
କାହା ନାମ ଧରି ପଞ୍ଜରୀ ବାନ୍ଧିଲୁ
                    କା ନାମେ ସବାର ହେଲୁ ।
ଈଶ୍ୱର ନାମରେ ବାଉଁଶ କାଟିଲି
ପାର୍ବତୀ ନାମେ ଚିରିଲି
ବ୍ରହ୍ମାଙ୍କ ନାମରେ ସାଜ ବିସ୍ତାରିଣ
ବାସୁକୀ ନାମେ ଚଢ଼ିଲି ।

(ପଲ୍ଲୀଗୀତି ସଞ୍ଚୟନ - ପୃ.୫୬୦)

ଏହି ଗୀତରେ କୈବର୍ତ୍ତମାନେ କିପରି ବାଉଁଶ କାଟି ଘୋଡ଼ା ନିର୍ମାଣ କରନ୍ତି ତଥା କେଉଁପରି ଭାବରେ ଅଶ୍ୱଯାତ୍ରା ଆରମ୍ଭ କରନ୍ତି ତାହାର

ସୂଚନା ଦିଆଯାଇଛି । ଡକ୍ଟର ମନୀନ୍ଦ୍ର ମହାନ୍ତି ପଦ୍ମନାଭ ଦାସ, ଦ୍ୱିଜ ଗୋପାଳ, ରାଧୁ ଦାସ ପ୍ରମୁଖଙ୍କ ଗୀତମାନ ଘୋଡ଼ାନାଟ ପାଇଁ ପ୍ରଯୁକ୍ତ ହେଉଥିବାର ଉଲ୍ଲେଖ କରିଛନ୍ତି । ଡକ୍ଟର କୃଷ୍ଣଚନ୍ଦ୍ର ବେହେରା ନିଧି ଓ କୃଷ୍ଣଦାସ ପ୍ରମୁଖ କବିଙ୍କର ଭଣିତା ଥିବା ଗୀତ ବାଲେଶ୍ୱର ଜିଲ୍ଲାର ମୁଝୁରିଗଡ଼ ଗ୍ରାମସ୍ଥ ଶ୍ରୀ ନାରାୟଣ ମାଝୀଙ୍କ ଠାରୁ ସଂଗ୍ରହ କରିଛନ୍ତି । ଗାଁ ଦାଣ୍ଡରେ ଘୋଡ଼ା ନେଇ ବୁଲୁଥିବା ସମୟରେ ମାଗଣ କରିବା ଘୋଡ଼ା ନଚାଳୀଙ୍କର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ ଭାବରେ ଏହି ସମୟରେ ପୁରୁଣା ଲୁଗାମାନ ସେମାନେ ସଂଗ୍ରହ କରିଥାଆନ୍ତି ।

ଦଣ୍ଡନାଚ କିମ୍ବା ଅନ୍ୟାନ୍ୟ ଲୋକଗୀତ ପରି ଘୋଡ଼ାନାଟ ଗୀତର ଦୁଇପାଦରୁ ପ୍ରଥମ ପାଦଟି ପ୍ରାୟ ଅର୍ଥଶୂନ୍ୟ । ଦ୍ୱିତୀୟ ପାଦରେ ସେ ତାର ମନର ଭାବକୁ ପ୍ରକାଶ କରିଥାଏ । ଯେମିତି–

ଧରିଲା ଚଢ଼େଇ ଗଲା
ନଇଲେ ଲାଗିଅଛି ଭଲ ପାଲା
ବଡ଼ଘର ଦେଖି ଆଣିଛି ଘୋଡ଼ା
ଦୁଆର ନୁହଇ ଖୋଲା ।

"ଧରିଲା ଚଢ଼େଇ ଗଲା / ନଇଲେ ଲାଗିଅଛି ଭଲପାଲା"ର ଗୀତ ସହିତ ସମ୍ପର୍କାନ୍ୱିତ କୌଣସି ଅର୍ଥ ନାହିଁ । ଗୀତର ଦ୍ୱିତୀୟ ପାଦରେ ଯେଉଁ ଘରକୁ ଘୋଡ଼ା ନଚାଇବାକୁ ଯାଇଥାଆନ୍ତି ସେମାନଙ୍କର ମହତ୍ତ୍ୱ କୀର୍ତ୍ତନ କରା ଯାଇ ତାଙ୍କ ନିକଟରୁ କିଛି ଜିନିଷ ଆଶା କରା ଯାଇଥାଏ । ଏହି ଦ୍ୱିତୀୟ ପାଦଯୋଡ଼ିକୁ ଯୋଡ଼ି ସେଥିରୁ କୈବର୍ତ୍ତର ମନର ଭାବ ଓ ଆକାଙ୍‌କ୍ଷାକୁ ବେଶ୍ ବୁଝି ହେବ । ଯେମିତି– "ଏହି ଘୋଡ଼ାଟିକୁ ମୁଁ ତିନିବର୍ଷ ହେଲା ତିଆରି କରିଛି, ଘୋଡ଼ାକୁ ଧରି ବାର ଦୁଆର ବୁଲିବି । ରାତି ଅଧିକ ହେଉଛି, ବେଗାବେଗି ମୋର ଦୁଃଖ ବୁଝିଦିଅ । ମୋର ମନ ପାଟଶାଢ଼ିରେ ଥିବାରୁ ଏଣୁତେଣୁ ଦେଲେ ମନବୁଝିବ ନାହିଁ । ଆପଣ ତ ଗୁଡ଼ର ପର୍ବତ– ଆମେ ମାତ୍ର ପିମ୍ପୁଡ଼ି । ଆମକୁ ଯେତେଦେଲେ ବି ଆପଣଙ୍କର କିଛି କ୍ଷତି ହେବ ନାହିଁ । ଯେମିତି ତୀର୍ଥ ଦେଖି ସ୍ନାହାନ କରନ୍ତି, ସେମିତି ଦାତା ଦେଖି ମୁଁ ଅଳି କରୁଛି । ମୋର ସିନା ପାଉଣା ମିଳିଗଲା, ମୋ ଢୋଲିଆର କିଛି ମିଳିନାହିଁ ବୋଲି ସେ ବାଟ ଛାଡୁନାହିଁ । ଇଷ୍ଟଦେବୀଙ୍କୁ ପ୍ରାର୍ଥନା କରୁଛି, ଖାମିଦର ଅଧିକରୁ ଅଧିକ ହେଉ । ହେ ଖାମିଦ! ମୁଁ ସ୍ୱଭାବରେ ଗଜମୁରୁଖ । ମୋର ଦୋଷାଦୋଷ କ୍ଷମା କରିବ ।"

ବିଷୟବସ୍ତୁ ଭିତ୍ତିକ ଘୋଡ଼ାନାଟର ଆରମ୍ଭରେ ଗାୟକ ସମସ୍ତଙ୍କୁ ବନ୍ଦନା କରିଥାଏ । ବିଭିନ୍ନ ଦେବ, ଦେବୀ, ମାତା, ପିତା, ଗୁରୁ, ବ୍ରାହ୍ମଣ, ବୈଷ୍ଣବ ଇତ୍ୟାଦିଙ୍କୁ ବନ୍ଦନା ନକରି ଗାୟକ ଆଗକୁ ମାଡ଼ି ଯାଇପାରେ ନାହିଁ । କେତେକ ସ୍ଥାନରେ ଘୋଡ଼ାନାଟର ଗାୟକଙ୍କ ଦ୍ୱାରା କରାଯାଉଥିବା ଶାରଳାବନ୍ଦନାର କିଛି ଅଂଶ ଏଠାରେ ଉଦ୍ଧାର କରାଯାଉଛି–

"ଜୟ ଜୟ ମାତ ଝଙ୍କଡ଼ନିବାସୀ
ଜଗତମାତ ଶାରୋଳା
ମୋ କଣ୍ଠରେ ବସି ପଦ କହିଦେ'
କଣ୍ଠ ମୋ ହେବ ମୁକୁଳା ।
ତୁହି ପରା ମାତ ମୋହର ଜନନୀ
ମୁହିଁ ପରା ତୋର ପୁଅ
ଏ ସଭା ମଧ୍ୟରେ ସଙ୍କଟ ପଡ଼ିଛି
ଉଦ୍ଧାର କରିଣ ନିଅ ।"

ବିଭିନ୍ନ ଦେବଦେବୀ ଓ ସର୍ବୋପରି ଇଷ୍ଟଦେବୀ ବାଶୁଳୀଙ୍କୁ ବନ୍ଦନା କରି ସାରିବା ପରେ ମଙ୍ଗଳାଚରଣ ଅନୁଷ୍ଠିତ ହୋଇଥାଏ । ମଙ୍ଗଳ ପରିସମାପ୍ତି ନିମିତ୍ତ ମଙ୍ଗଳାଚରଣର ଆବଶ୍ୟକତା ରହିଛି । ପାଲାକାରମାନେ ପାଲାରେ ଗୁରୁତ୍ୱର ସହିତ ମଙ୍ଗଳାଚରଣକୁ ପ୍ରୟୋଗ କରିଥାଆନ୍ତି । ସେହି ପ୍ରଭାବ ହୁଏତ ଘୋଡ଼ାନାଟ ଉପରେ ପଡ଼ିଥିବାରୁ ଏହି ନାଟରେ ମଧ୍ୟ ଅନୁରୂପ ଆଚରଣ କରାଯାଇଛି । ମଙ୍ଗଳାଚରଣ ପରେ ଘୋଡ଼ାର ଜନ୍ମ ଓ ସ୍ଥିତି ସମ୍ପର୍କରେ ଗୀତ ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥାଏ ।

ସମୁଦ୍ର ମନ୍ଥନ ସମୟରେ ସମୁଦ୍ର ମଧ୍ୟରେ ମନ୍ଦରଗିରିକୁ ଖୁଆ ଭାବରେ ପକାଇ ବାସୁକୀ ସାପକୁ ଦଉଡ଼ି କରି ଦେବତା ଓ ରାକ୍ଷସମାନେ ସମୁଦ୍ର ମନ୍ଥନ କରିଥିଲେ । ମନ୍ଥନରୁ ପ୍ରଥମେ ଅମୃତ କଳସ ଜାତ ହୋଇଥିଲା । ତା'ପରେ ପାରିଜାତ ପୁଷ୍ପ ଓ ଉଚ୍ଚୈଶ୍ରବା ଅଶ୍ୱର ସୃଷ୍ଟି ହୋଇଥିଲା । ଉଚ୍ଚୈଶ୍ରବା ଅଶ୍ୱ ନିକଟରୁ ଆଉ ସାତଗୋଟି ଅଶ୍ୱ ସୃଷ୍ଟି ହେଲା । ସମୁଦାୟ ଆଠ ଗୋଟି ଅଶ୍ୱ ମଧ୍ୟରୁ ଭଗବାନ ଉଚ୍ଚୈଶ୍ରବା ଅଶ୍ୱଟିକୁ ଦାସରାଜାକୁ ପ୍ରଦାନ କଲେ । ଅନ୍ୟଗୋଟିଏ ଅଶ୍ୱ କ୍ଷେତ୍ରପାଳକୁ ମଧ୍ୟ ପ୍ରଦାନ କରାଗଲା ।

"କିଛି ଦିନ ପରେ ସାତଗୋଟି ଅଶ୍ୱ
ତା'ଠାରୁ ହେଲା ଜନମ
ଅଶ୍ୱର ବିଧାନ କହିବା ବହନ
ଶୁଣ ଗାୟକ ରତନ ।



ଉଚ୍ଚଶ୍ରବା ଅଶ୍ୱ ଦାସଙ୍କୁ ଯେ ଦେଲେ
ଶୁଣ ହୋ ଗାୟକ ଭାଇ
ଆଉ ଏକ ଅଶ୍ୱ କ୍ଷେତ୍ରପାଳ ନେଲା
କିସ କହିବି ବୁଝାଇ ।"

ସୂର୍ଯ୍ୟ ରଥରେ ସୁମେରୁ ଗିରିକୁ ଅତିକ୍ରମ କଲା ବେଳେ ରଥର ଗୋଟିଏ ଚକ୍ର ଭାଙ୍ଗିଗଲା । ଏହି ରଥକୁ ପୂର୍ବରୁ ଛଅ ଗୋଟି ଅଶ୍ୱ ଟାଣୁଥିଲେ । ଗୋଟିଏ ଚକ୍ରରେ ଏହି ଛଅଟି ଅଶ୍ୱ ଏବେ ସେ ରଥକୁ ଟାଣି ପାରିଲେ ନାହିଁ । ତେଣୁ ଦାସରାଜାଙ୍କ ଉଚ୍ଚଶ୍ରବା ଅଶ୍ୱକୁ ଆଣିବାକୁ ନାରଦ ଗମନ କଲେ । ଅଶ୍ୱ ଅଭାବରୁ ଦାସ ରାଜାଙ୍କ ଯଜ୍ଞରେ ପୂର୍ଣ୍ଣାହୁତି ହୋଇପାରିଲା ନାହିଁ । ଏକଥା ଭଗବାନ ଜାଣିପାରି ଯଜ୍ଞଶାଳାରେ ପ୍ରବେଶ କରି ଘୋଡ଼ାଟିଏ ସର୍ଜନା କଲେ । କୁସୁମ କାଠରେ ମୁଣ୍ଡ ଏବଂ ବାଉଁଶ ପାତିଆରେ ପିଞ୍ଜରା ଗଢ଼ିଲେ । ଘୋଡ଼ାନାଟ ଗୀତରେ ଉପରୋକ୍ତ କାହାଣୀର ବର୍ଣ୍ଣନା ଏହିପରି –

"ନପାଇଲେ ଅଶ୍ୱ ଭାଳିଲେ ଯେ ଦାସ
ଯଜ୍ଞ ତ ନୋହିଲା ପୂର୍ଣ୍ଣ
ଦାସରାଜା ମନ ଜାଣି ଭଗବାନ
ଯଜ୍ଞଶାଳେ ପ୍ରବେଶିଣ ।
କୁସୁମ କାଠରେ ମୁଣ୍ଡଗୋଟି କଲେ
କଲେ ବାଉଁଶ ପିଞ୍ଜରା
ମନ୍ତ୍ରବଳେ ଗଣ୍ଠି ପକାଇ ଦେଲେଟି
ରେ ରେ ଶବ୍ଦ ଦେଲା ଘୋଡ଼ା ।"

କୈବର୍ତ୍ତର ଜନ୍ମ, ନାବର ଜନ୍ମ, ଘୋଡ଼ାର ଜନ୍ମ, ଜାଲର ଜନ୍ମ, ବାଉଁଶର ଜନ୍ମ ଆଦି ଅନେକ କାହାଣୀ ଘୋଡ଼ାନାଟ ଗୀତରେ ଭରପୂର ହୋଇରହିଛି । ପୁଣି ଗୋଟିଏ ଗୋଟିଏ ପ୍ରସଙ୍ଗ ଜଣେ କବିର ରଚନା ଠାରୁ ଅନ୍ୟ କବିର ରଚନାରେ ଭିନ୍ନ ଭାବରେ ପ୍ରଦର୍ଶିତ ହୋଇଛି । କୈବର୍ତ୍ତ ଜନ୍ମ ପ୍ରସଙ୍ଗକୁ ଏଠାରେ ବିଚାର କରାଯାଇ ପାରେ । କୈବର୍ତ୍ତ ଗୀତାରେ ଅଛି ଯେ, ଯେତେବେଳେ ପ୍ରଳୟ ଆସିଲା ସମସ୍ତେ ଚାଲିଗଲେ ମାତ୍ର ବଟବୃକ୍ଷ ରହିଲା । ମହାପ୍ରଳୟ ହେଲେ ମଧ୍ୟ ବଟ କେବେ ବୁଡ଼େ ନାହିଁ । ନିରାକାର ପୁରୁଷ ସେହି ବଟରେ ଆଶ୍ରୟ ନେଲେ । ଏହିପରି କେତେ ସମ୍ବତ୍ସର ଅତିକ୍ରାନ୍ତ ହେବା ପରେ ସେହି ବଟରୁ ଶୃଙ୍ଗଟିଏ ଜଳରେ ପଡ଼ିଯିବାରୁ ନିରାକାର ପୁରୁଷ ତହିଁରେ ନାବ ସୃଷ୍ଟି କଲେ । ନାବକେଳି କରୁ କରୁ ଆହୁରି କେତେ ସମ୍ବତ୍ସର ବିତିଗଲା । ନିରାକାର ଆସନ କରିଥିବା ବଟପୁଟ ଲହରିଘାତରେ କମ୍ପିବାରୁ ନିରାକାର କର୍ଣ୍ଣମୂଳକୁ ଆଉଁଷି ଦେଲେ । କର୍ଣ୍ଣମୂଳରୁ ମଳିଟିକିଏ ଉକୁଟିବାରୁ ନିରାକାର ତାହାକୁ ଜଳକୁ ଫିଙ୍ଗି ଦେଲେ । ସେହି ମଳିରୁ ପୁରୁଷଟିଏ ଜନ୍ମ ହେଲା । ସେହି ପୁରୁଷକୁ କୋଳରେ ବସାଇ ନିରାକାର କୈବର୍ତ୍ତ ବୋଲି ତାହାର ନାମକରଣ କଲେ ।

ବଟପୁଟେ ଥାଇ କର୍ଣ୍ଣମୂଳ ଆଉଁଷିଲେ
ମଳିଏକ ଉକୁଟିଲା ଜଳେ ପକାଇଲେ ।
ତତକ୍ଷଣେ ସେ ମଳିରୁ ପୁରୁଷେ ଜନ୍ମିଲା
ପହଁରି ପହଁରି ବଟପୁଟକୁ ଧଇଲା ।
ସେ ପୁରୁଷେ ମହାପ୍ରଭୁ କୋଳରେ ବସାଇ
କଇବର୍ତ୍ତ ଦାସ ବୋଲି ନାମଦେଲେ ତହିଁ ।
(କୈବର୍ତ୍ତ ଗୀତା- ତ୍ରୟୋବିଂଶ ଅଧ୍ୟାୟ)

କୈବର୍ତ୍ତପୁରାଣ ଅନୁସାରେ ମହାପ୍ରଳୟରେ କଳ୍ପବଟ ଉପରେ ସ୍ୱୟଂ ପରଂବ୍ରହ୍ମ କୀଟ ରୂପ ହୋଇ ବିଶ୍ରାମ କରୁଥିଲେ । ପର୍ବତ ପ୍ରମାଣର ଲହଡ଼ି ଆସି କଳ୍ପବଟକୁ ଅସ୍ଥିର କରିପକାଉ ଥିବାରୁ ବୃକ୍ଷକୁ ସ୍ଥିର କରିବା ପାଇଁ ଭାଗବାନ ଉପାୟ ଚିନ୍ତାକଲେ । ଏହା ବିଚାର କରି କର୍ଣ୍ଣମୂଳକୁ ଆଉଁସି ଦେବାରୁ କାନର ମଳି ଟିକିଏ ଜଳରେ ଝଡ଼ି ପଡ଼ିଲା । ସେହି ମଳିରୁ ପୁରୁଷଟିଏ ସୃଷ୍ଟି ହେଲା । ପୁରୁଷଟି କଳ୍ପବଟର ଡାଳକୁ ଦୃଢ଼ ଭାବରେ ସାଉଁଟି ଧରିବାରୁ ବଟଟି ସ୍ଥିର ହୋଇଗଲା । ବୃକ୍ଷଟି ସ୍ଥିର ହୋଇଯିବାରୁ ଭଗବାନ ପୂର୍ବ ଦିଗକୁ ନିରେଖି ଦେଖିଲେ ଯେ ପୁରୁଷଟିଏ ଡାଳକୁ ଧରି ଜଳରେ ଭାସୁଛି । ଭଗବାନ ସେହି ପୁରୁଷକୁ ତାର ବାପା ଓ ମାଆଙ୍କ ବିଷୟରେ ପଚାରିଲେ । ପୁରୁଷଟି ଉତ୍ତର ଦେଲା–

"ତତ୍‌କ୍ଷଣେ ସେ ପୁରୁଷ ଉତ୍ତର ଦିଅଇ
ଜନନୀ ପିଅର କେହୁ ମୁହିଁ ନଜଣାଇଁ
ପ୍ରଳୟ ଜଳେ କାହାର ଭେଟ ନପାଇଲି ।
ତୁମ୍ଭେ ଏ ଜଳରେ ଅଛ ତୁମ୍ଭଙ୍କୁ ଭେଟିଲି ।"
(କୈବର୍ତ୍ତପୁରାଣ- ୧ମ ଭାଗ)

ଭଗବାନ ସେହି ପୁରୁଷକୁ ପୁତ୍ର ଭାବରେ ଗ୍ରହଣ କରି ତାର ନାମ ଦେଲେ ଦାସରାଜା । କର୍ଣ୍ଣମୂଳରୁ ଜାତ ହୋଇଥିବାରୁ ତାର ଜାତିକୁ କୈବର୍ତ୍ତ ବୋଲି ନାମିତ କଲେ ।

କବି ରାଧୁଦାସ ତାଙ୍କର ଘୋଡ଼ାନାଟ ଗୀତରେ ବିଷ୍ଣୁଙ୍କର ଅଙ୍ଗରୁ ପ୍ରଥମେ ବିଶ୍ୱକର୍ମା ସୃଷ୍ଟି ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କ ଗୀତରେ ପରବର୍ତ୍ତୀ ସମୟରେ ବିଷ୍ଣୁଙ୍କର କର୍ଣ୍ଣମୂଳରୁ କୈବର୍ତ୍ତ ସୃଷ୍ଟି ହୋଇଥିଲେ ।

କୃଷ୍ଣଦାସ ନାମକ ଜଣେ କବି ଘୋଡ଼ାନାଟ ଉଦ୍ଦେଶ୍ୟରେ ଏକ ଚଉତିଶା ରଚନା କରିଛନ୍ତି । ସେଥିରେ କୈବର୍ତ୍ତ ଜନ୍ମ ପ୍ରସଙ୍ଗକୁ ଟିକିଏ ଭିନ୍ନ ଭାବରେ ଅବତାରଣା କରାଯାଇଛି । କହିଛନ୍ତି– କର୍ଣ୍ଣରେ ଯେତେବେଳେ ଗହ ଗହ ଶବ୍ଦ ଶୁଭିଲା, ସେତେବେଳେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଚାରିଆଡ଼େ ଜଳ ଘୋଟିଗଲା । ଘନ ଲହରୀର ଆଘାତରେ ସବୁ ନାଶ ହୋଇଯିବାରୁ ପ୍ରଭୁ ଘୋଷଣା ହୋଇ ଶୂନ୍ୟକୁ ଚାହିଁଲେ । ଶୂନ୍ୟରେ ଚିହାଣ ଚମକ ବାୟୁ ଠାବ ଦେଖି ଚମତ୍କାର ହୋଇ କର୍ଣ୍ଣଧାରକୁ ଜନ୍ମ କଲେ । କର୍ଣ୍ଣଧାର କେଉଁଠାରେ ଜନ୍ମ ହେବ ବୋଲି ପଚାରିବାରୁ ଭଗବାନ କହିଲେ–

"ଛତ୍ରିଧାରୀ ହୋଇବୁ ତୁ ସିଂହଳ ଦ୍ୱୀପରେ
ଛଇଳେ କୃଷ୍ଣଦାସକୁ ମୁକ୍ତିଦିଅ ବାରେ ।
× × ×
ଝଟତିରେ ପଚାରୁଛି ଶୁଣ ମହାବାହୁ
ଜଗତରେ କୈବର୍ତ୍ତ ନାମ ତୋର ହେଉ ।

ଦ୍ୱିଜ ଗୋପାଳଙ୍କ ରଚିତ ଘୋଡ଼ାନାଟ ଗୀତରେ କୈବର୍ତ୍ତର ଜନ୍ମ ବିଷୟଟି ଅତ୍ୟନ୍ତ ବିସ୍ତୃତ ଭାବରେ ପ୍ରଶ୍ନ ଉତ୍ତର ଶୈଳୀରେ ରଚନା କରାଯାଇଛି । କୈବର୍ତ୍ତ



ଜନ୍ମ ଓ ତାର ଜୀବିକା ସମ୍ପର୍କୀୟ ଅନେକ ପ୍ରଶ୍ନ ଉତ୍ଥାପନ କରାଯାଇ ତାର ଉପଯୁକ୍ତ ଉତ୍ତର ମଧ୍ୟ ପ୍ରଦାନ କରାଯାଇଛି । ପ୍ରଶ୍ନଗୁଡ଼ିକ ହେଲା- କୈବର୍ତ୍ତ କେଉଁଠାରୁ ଜନ୍ମ ହେଲା ? ତାର ମାତା, ପିତା ଓ ଗୁରୁ କିଏ ? କୈବର୍ତ୍ତ ଯେଉଁ ଦିନ ଜନ୍ମ ହୋଇଥିଲା କେଉଁଦିନ, କେଉଁତିଥି, କେଉଁବାର, କେଉଁ ମାସ, କେତେଦିନ, କେଉଁ ନକ୍ଷତ୍ର ହୋଇଥିଲା ? ସେତେବେଳେ ଦିନ ହୋଇଥିଲା ନା ରାତ୍ରି ? ସେ କୈବର୍ତ୍ତର ନାମ କ'ଣ ? ତାର ବାସ କେଉଁଠାରେ ? ତାର ଶରୀର କେତେ ଆଙ୍ଗୁଳି ?

ପ୍ରଶ୍ନଗୁଡ଼ିକର ଉତ୍ତର ଏହିପରି- ମହାପ୍ରଳୟ ସମୟରେ ଚନ୍ଦ୍ର, ସୂର୍ଯ୍ୟ, ହର ବିଧାତା ଆଦି କେହି ନଥିଲେ । ଏକୋଇଶି ଗୋଟି ପୁର ଏକସ୍ଥାନ ହୋଇ ଚବିଶି ଗୋଟି ପାତାଳରେ ପରିଣତ ହୋଇଥିଲା । କୀଟ ପତଙ୍ଗ ଆଦି କେହି ନଥିଲେ । ଚାରିଆଡ଼େ ମହାଜଳ ଘୋଟି ଯାଇଥିଲା । ବଟପୁଟରେ ହରି ମାୟା ରୂପରେ ବିଶ୍ରାମ ନେଉଥିଲେ । ବ୍ରହ୍ମପ୍ରଳୟ ସମୟରେ ସେଠାରେ ଏକୁଟିଆ ଆଶ୍ରୟ ନେବା ଅସମ୍ଭବ ହୋଇପଡ଼ିଲା ।

"ବିଚାରିଲେ ତହିଁ ପ୍ରଭୁ ଭାବଗ୍ରାହୀ
ଏଠାରେ ଅଛି ମୁଁ ଶୋଇ



ଶାଖା ସହୋଦର କେହି ନାହିଁ ମୋର
କେମନ୍ତେ ରହିମି ମୁହିଁ ।
କର୍ଣ୍ଣମୂଳରୁ ଯେ ମଳି ଉପାଡ଼ିଣ
ପକାଇଲେ ଚକାଡୋଳା
ପ୍ରଳୟ ଜଳରେ ପଡ଼ିଣ ସେ ମଳି
ପୁରୁଷ ଏକ ଜନ୍ମିଲା ।

ଜନ୍ମିଥିବା ପୁରୁଷକୁ ଭଗବାନ ସେ କେଉଁଠାରୁ ଜନ୍ମ ହେଲା ଓ ତାର ମାତା, ପିତା ଓ ଗୁରୁ କିଏ ବୋଲି ପ୍ରଶ୍ନକଲେ । ସେ କିଛି ଜାଣେ ନାହିଁ ବୋଲି କହିବାରୁ ଶ୍ରୀହରି କର୍ଣ୍ଣମୂଳରୁ ଜାତ ହୋଇଥିବାରୁ ତାର ନାମ କର୍ଣ୍ଣକାର ଦେଲେ । ଜଗତରେ ଦାସ, କୈବର୍ତ୍ତ ଓ ଧୀବର ଭାବରେ ପ୍ରସିଦ୍ଧି ଲାଭ କରିବେ ବୋଲି ବର ମଧ୍ୟ ପ୍ରଦାନ କଲେ । ବଟପୁଟ ଶୃଙ୍ଗ ଆଣି ଶ୍ରୀହରି ତାହାକୁ ବସାଇଲେ । ସେଦିନ ଥିଲା ଋଷଭ ଶୁକ୍ଳ ଦ୍ୱିତୀୟା ଓ ଆଦିତ୍ୟଙ୍କର ବାର ।

ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଘୋଡ଼ାନାଟ ଗୀତ ଅନୁସୃତ ହେଉଥିବାର ଏକାଧିକ କାରଣ ରହିଛି । ଘୋଡ଼ାନାଟ ଗୀତର ବିଷୟବସ୍ତୁକୁ ମୁଖ୍ୟତଃ ଅଚ୍ୟୁତାନନ୍ଦ ଦାସଙ୍କ କୈବର୍ତ୍ତ ଗୀତାରୁ ସଂଗ୍ରହ କରାଯାଇଛି । ପୂର୍ବେ ପୋଥି ଲେଖନକର୍ମ ମୁଖ୍ୟତଃ ବ୍ରାହ୍ମଣମାନଙ୍କ ଦ୍ୱାରା ସମ୍ପନ୍ନ ହେଉଥିଲା । କୈବର୍ତ୍ତ ଜାତିର ଇତିହାସକୁ ବ୍ରାହ୍ମଣମାନେ ନକଲ କରିବାକୁ ଏତେଟା ଆଗ୍ରହ ପ୍ରକାଶ କରୁନଥିଲେ । ସମୟ ସମୟରେ କୈବର୍ତ୍ତମାନଙ୍କ ଅନୁରୋଧରେ ଏହି କାର୍ଯ୍ୟ ସମ୍ପନ୍ନ ହେଉଥିଲା । କୈବର୍ତ୍ତ ଗୀତାର କାହାଣୀକୁ ଶୁଣି ଲୋକକବି ଘୋଡ଼ାନାଟ ପାଇଁ ଗୀତ ରଚନା କରି ଦେଉଥିଲା । ତେଣୁ ପ୍ରସଙ୍ଗରେ ସାମାନ୍ୟ ଭିନ୍ନତା ରହିବା ସ୍ୱାଭାବିକ ହୋଇ ପଡୁଥିଲା ।

ଘୋଡ଼ାନାଟ ହେଉଥିବା ସମୟରେ ସ୍ଥଳବିଶେଷରେ କେଳାକେଲୁଣୀ, ବୁଢ଼ାବୁଢ଼ୀ, ରାବଣ, ହନୁମାନ ଓ କାଳୀ ପ୍ରଭୃତି ନୃତ୍ୟ ମଧ୍ୟ ଏହି ଅବସରରେ ପରିବେଷିତ ହୋଇଥାଏ । ଏଥିରେ ଚଢ଼େୟା ଚଢ଼େୟାଣୀ ସୁଆଙ୍ଗ ମଧ୍ୟ ପ୍ରଦର୍ଶିତ ହୋଇଥାଏ । ଚଢ଼େୟାନାଟ ଓ ଘୋଡ଼ାନାଟ ମଧ୍ୟରେ ଅନୁଷ୍ଠିତ ହେଉଥିବା ଚଢ଼େୟା ସୁଆଙ୍ଗ ମଧ୍ୟରେ କିଛିଟା ପାର୍ଥକ୍ୟ ପରିଲକ୍ଷିତ ହୁଏ । ଚଢ଼େୟା ନାଟ ଏକ ସ୍ୱତନ୍ତ୍ର ଅନୁଷ୍ଠାନ । ସେଥିନିମିତ୍ତ ଭିନ୍ନ କଳାକାରମାନେ କଳା ପରିବେଷଣ କରିଥାଆନ୍ତି ଓ ସେହି ନାଟ ରାତି ରାତି ଧରି ଅନୁଷ୍ଠିତ ହୋଇଥାଏ । ଘୋଡ଼ାନାଟ ସହିତ ସଂଯୁକ୍ତ ଚଢ଼େୟା ଚଢ଼େୟାଣୀ ସୁଆଙ୍ଗ ଏକ ସହାୟକ ଅନୁଷ୍ଠାନ । ଘୋଡ଼ାନାଟର ଗାୟକକୁ ବିଶ୍ରାମ ଦେବା ପାଇଁ ଏହି ନୃତ୍ୟର ଅବତାରଣା କରାଯାଇଥାଏ ।

ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ଧରି ହେଉଥିବା ଘୋଡ଼ାନାଟରେ ଘୋଡ଼ାକୁ କିଛି ସମୟ ନଚାଇ ସାରିବା ପରେ ଗାୟକ ଘୋଡ଼ାକୁ ରଖିଦେଇ ପାଲାଗାୟନ ଶୈଳୀରେ ରାମାୟଣ, ମହାଭାରତ, ଭାଗବତ ଆଦିର ବିଷୟବସ୍ତୁକୁ ଆଧାର କରି ଗୀତମାନ ଗାଇଥାଏ । ଯେମିତି ରାମାୟଣ କାହାଣୀ ବର୍ଣ୍ଣନା କରିବା ପୂର୍ବରୁ ଗାୟକ ଗାଏ-

"ଶାମବେଦୁ ଜାତ ରାମାୟଣଗ୍ରନ୍ଥ
ବାଲମିକ ମୁନି କଲେ
ଆଦ୍ୟ ଯେ ଅଯୋଧ୍ୟା ଆରଣ୍ୟକ କାଣ୍ଡ
କିସ୍କିନ୍ଧ୍ୟାଚାରି ରଚିଲେ
ସୁଜନେ ହେ ।"

ସେହିପରି ମହାଭାରତ ଓ ଭାଗବତର କାହାଣୀକୁ ନେଇ ମଧ୍ୟ ଗାୟକ ଘୋଡ଼ାନାଟର ବିଷୟବସ୍ତୁ କରି ଦେଇଥାଏ । ବୋଧହୁଏ ଘୋଡ଼ାନାଟରେ ରାମାୟଣ ମହାଭାରତର କାହାଣୀକୁ ପ୍ରୟୋଗ କରିବାର ମାର୍ଗ ପ୍ରଦର୍ଶନ ପାଇଁ କୈବର୍ତ୍ତ ପୁରାଣର ପ୍ରଥମ ଭାଗରେ କୁନ୍ତଭୋଜଙ୍କର ଜୀବନ ଚରିତ, କୁନ୍ତୀଙ୍କର ଜନ୍ମ, କର୍ଣ୍ଣଙ୍କର ଜନ୍ମ, ପଣ୍ଡୁଙ୍କ ସହିତ କୁନ୍ତୀଙ୍କର ବିବାହ, ଅଗ୍ନିକା ମହର୍ଷିଙ୍କର ଶାପ, ଯୁଧିଷ୍ଠିର-ଦୁର୍ଯ୍ୟୋଧନ-ଭୀମ-ଅର୍ଜ୍ଜୁନ-ନକୁଳ-ସହଦେବ ଇତ୍ୟାଦିଙ୍କର ଜନ୍ମ ବିଷୟ ବର୍ଣ୍ଣନା କରାଯାଇଛି । ପୁଣି କୈବର୍ତ୍ତ ପୁରାଣର ଦ୍ୱିତୀୟ ଭାଗରେ ବଳିରାଜା ଉପାଖ୍ୟାନ, ଋଷ୍ୟଶୃଙ୍ଗ ପ୍ରସଙ୍ଗ ତଥା ସୀତାଙ୍କର ସ୍ୱୟମ୍ବର କାହାଣୀ ଗୁମ୍ଫିତ ହୋଇଅଛି ।

ଲୋକନାଟ୍ୟରେ ଜଣେ ଗାୟକକୁ ପ୍ରଶ୍ନ କରିଥାଏ ଓ ଗାୟକ ତାର ସଠିକ୍ ଉତ୍ତର ଦେଇଥାଏ । ଏ ପ୍ରକାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଚଢ଼ା-ଉତ୍ତରା ମଧ୍ୟ କୁହାଯାଇଥାଏ । ପ୍ରଶ୍ନକର୍ତ୍ତା ଭାବେ, ଉତ୍ତରଦାତାଟା କିଛି ଜାଣେନାହିଁ । ତେଣୁ ଅଜବ ଅଜବ ଧରଣର ପ୍ରଶ୍ନମାନ ପଚାରିଥାଏ । ପ୍ରଶ୍ନ ପଚାରିବାବେଳେ ଜ୍ଞାନରୂପକ ସିଡ଼ିରେ ଉତ୍ତରଦାତାଠାରୁ ସେ ଆଉ ଦୁଇପାଦ ଉପରକୁ ଚଢ଼ି ଯାଇଥାଏ । ଗାୟକ କିନ୍ତୁ ସଠିକ୍ ଉତ୍ତର ପ୍ରଦାନ କରି ପ୍ରଶ୍ନକର୍ତ୍ତାର ଗାରିମାକୁ ନଷ୍ଟ କରିଦିଏ । ଅର୍ଥାତ୍ ସେ ଚଢ଼ିଥିବା ସ୍ଥାନରୁ ତାକୁ ତଳକୁ ଓହ୍ଲାଇଆଣେ । ସେଇଥି ପାଇଁ ଏପ୍ରକାର ଶୈଳୀର ନାମ ଚଢ଼ା-ଉତ୍ତରା ହୋଇଛି । କୈବର୍ତ୍ତ ଗୀତାରେ ମଧ୍ୟ ଏହି ଶୈଳୀକୁ ପ୍ରୟୋଗ କରା ଯାଇଛି । ତ୍ରୟୋବିଂଶ ଅଧ୍ୟାୟରେ ଘୋଡ଼ାର ଜନ୍ମ ସମ୍ପର୍କରେ ବହୁବିଧ ପ୍ରଶ୍ନ କରାଯାଇଛି ଓ ଗାୟକ ଦ୍ୱାରା ତାହାର ସଠିକ୍ ଉତ୍ତର ମଧ୍ୟ ପ୍ରଦାନ କରାଯାଇଛି ।

ପ୍ରଶ୍ନ - ଶୁଣ ଶୁଣ ରାଉତରେ ପଚାରଇ ତୋତେ

କିଏ ଦେଲା ଘୋଡ଼ା ତୋତେ ପାଇଲୁ କେମନ୍ତେ ।
କେମନ୍ତ ପ୍ରକାରେ ଘୋଡ଼ା ହୋଇଲା କି ଜାତ
ଆଦ୍ୟପ୍ରାପ୍ତ କରି ତୁହି ବୁଝାଇବୁ ତତ୍ତ୍ୱ ।
ଉତ୍ତର- ଶୁଣ ଶୁଣ ଭାଇରେ ତୁ ବଡ଼ଇ ସିଂହାଣ
ମୋତେ ପଚାରିଲୁ ତୁହି ଘୋଡ଼ା ଆଦିଜନ୍ମ ।
ମନସ୍ଥିର କରି ଶୁଣ କହଇ ବୃତାନ୍ତ
କେମନ୍ତ ପ୍ରକାର ଘୋଡ଼ା ହୋଇଲାକ ଜାତ ।

ଚଢ଼ା ଉତ୍ତରାର ଚଢ଼ାରେ ବିବାଦ ରହିଥିବା ଯୋଗୁଁ ତାହା ଦର୍ଶକମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିଥାଏ । ଦର୍ଶକମାନେ ଜାଣିନଥିବା ବହୁ ଅଦ୍ଭୁତ ପ୍ରଶ୍ନ ଚଢ଼ାରେ ପଚରା ଯାଉଥିବାରୁ ତଥା ଗାୟକ ତାର ଉତ୍ତର ଦେଇ ପାରିବକି ନାହିଁ ଏହି ଉତ୍କଣ୍ଠା ପୂରି ରହିଥିବାରୁ ଦେଖିବାର ଉତ୍ସାହ ବଢ଼େ । ଉତ୍ତାରରେ ମଧ୍ୟ ସେହିପରି ବହୁ ଅନାଲୋକିତ ତଥ୍ୟକୁ ଉଦ୍‌ଘାଟନ କରାଯାଇଥାଏ । ବେଳେବେଳେ ଉତ୍ତାରରେ ଆଧ୍ୟାତ୍ମିକତାକୁ ଭିତ୍ତିକରି ପାଠକର ମନକୁ ଆନ୍ଦୋଳିତ କରିଦିଆ ଯାଇଥାଏ । ସେହିପରି ଗୋଟିଏ ଉଦାହରଣ ଏଠାରେ ପ୍ରଦାନ କରାଯାଉଛି । ଚଢ଼ାରେ ପ୍ରଶ୍ନ ହେଲା ଦାସରାଜା ଧାରଣ କରିଥିବା ଛତ୍ରର ଦୈର୍ଘ୍ୟ ପ୍ରସ୍ଥ କେତେ ? ତାର ବେଷ୍ଟ କିପରି ହେଲା ଓ ପଞ୍ଜର କେଉଁଥିରେ ତିଆରି ? ଉତ୍ତରରେ କୁହାଯାଇଛି-

ଛତ୍ରଗୋଟି ଅଟେ ଉଣାଇଶ ବର୍ଗ
ମନଦଣ୍ଡ ତାର ବେଷ୍ଟ ।
ଆଠକାଠି ତାର ଅଷ୍ଟଦିଗପାଳ
ଛାଉଣି ସୂର୍ଯ୍ୟଙ୍କ ନେତ ।
ପଶ୍ଚିମେ ବରୁଣ ପୂର୍ବରେ ଆଦିତ୍ୟ
ଇଶାନ୍ୟରେ ସଦାଶିବ
ଅଗ୍ନିକୋଣେ ଅଗ୍ନି ଦକ୍ଷିଣେ କୁବେର
ନୈଋତେ ଯେ ସାର୍ଦ୍ଧହେବ ।
ବାଇବ୍ୟ କୋଣରେ ପବନ ଦେବତା
ମଧ୍ୟରେ ଯେ ମେଘମାଳ
ଅନନ୍ତ ଯେ ଚଉପାଶେ ରହିଛନ୍ତି
ବେଢ଼ିଣ ଧ୍ରୁବ ମଣ୍ଡଳ ।
ଉତ୍ତର ଦିଗରେ ହିମାଳୟ ଗିରି
ହେମ ସୁବର୍ଣ୍ଣ ନିର୍ମାଣ
ଏମନ୍ତ ପ୍ରକାରେ ଛତ୍ର ଗୋଟିକରି
ଦେଲେକ ଚଉବଦନ ।

ଛତ୍ର ବୋଲି କହିଲେ ସାଧାରଣ ଭାବରେ ଯେଉଁ ଅବବୋଧ ଘଟିଥାଏ, ଏ ଛତ୍ର ତାହା ଠାରୁ ଭିନ୍ନ । ଏହାର ଉଣେଇଶି ଗୋଟିବର୍ଗ (ସପ୍ତସ୍ୱର୍ଗ+ସପ୍ତପାତାଳ+ ପାଞ୍ଚମହାଦ୍ୱୀପ) ଅର୍ଥାତ୍ ସମଗ୍ର ବିଶ୍ୱମଣ୍ଡଳ ଏହାର ଅନ୍ତର୍ଭୁକ୍ତ । ଏହାର ବେଷ୍ଟଟି ମନଦଣ୍ଡ । ମନକୁ ସ୍ଥିର ରଖିଲେ ସମଗ୍ର ବିଶ୍ୱକୁ ଆୟତ୍ତ କରିହେବ । ସେହି ଛତ୍ରର ଆଠଗୋଟି କାଠି ଆଠଗୋଟି ଦିଗର ପତି । ଛାଉଣି ସୂର୍ଯ୍ୟଙ୍କର ନେତ । ଅର୍ଥାତ୍ ସୂର୍ଯ୍ୟଙ୍କର କିରଣ ଯେତେଦୂର ପର୍ଯ୍ୟନ୍ତ ଯାଇଛି, ସେତେସ୍ଥାନ ଭଗବାନଙ୍କ ଆୟତ୍ତରେ । ଭଗବାନଙ୍କର ସେହି ଅପୂର୍ବ ଛତ୍ରତଳେ ସେ ଆମକୁ ନିରାପଦରେ ରଖିଛନ୍ତି ।

ଠିକ୍ ସେହିପରି ଘୋଡ଼ାନାଟ ଗୀତରେ ନାବର ନିର୍ମାଣ ବିଧି ସମ୍ପର୍କରେ ଚଢ଼ାରେ ଅଦ୍ଭୁତ ପ୍ରଶ୍ନ ପଚରା ଯାଇଛି-

ନାବଗୋଟି କେଉଁଠାରୁ ସେ ଆଣିଲା
କେଥିଲା ନିର୍ମାଣ କରି
କାତ କେରୁଆଳ କାହୁଁ ସେ ଆଣିଲା
କଣ୍ଡିଆର କାହୁଁ ଧରି
ସେ ନାବ ଗୋଟିକ କେତେ ଖଣ୍ଡି ପଟା
କେତେ ଗୋଟି ତହିଁ କଣ୍ଟା
କେତେଗୋଟି ମଙ୍ଗ ତହିଁରେ ଅଟଇ
କେତେଖଣ୍ଡି ତହିଁ ବତା
କେତେ ଦୀର୍ଘ ପ୍ରତି ସେ ନାବ ଅଟଇ



କେ ତହିଁରେ ହୁଏ ପାରି ।
କୈବ୍ରତ ସେ ନାବ କେମନ୍ତେ ପାଇଲା
କହିବ ମୋତେ ବିସ୍ତାରି ।

ଉତ୍ତରରେ ନାବର ଯେଉଁ ବର୍ଣ୍ଣନା କରାଯାଇଛି, ତାହା ଶରୀରର ବର୍ଣ୍ଣନା ସହିତ ସମାନ । ପ୍ରଭୁ ନାବଆଣି ଦେବା ପାଇଁ ବିଶ୍ୱକର୍ମାଙ୍କୁ ଆଦେଶ ଦେଲେ । ଆମ ଶରୀରକୁ ମଧ୍ୟ ବିଶ୍ୱକର୍ମା ଗଢ଼ିଛି ବୋଲି ବିଶ୍ୱାସ ରହିଛି । ସେ ନାବରେ ପାଞ୍ଚଗୋଟି ପଟା-ଶରୀରରେ ଅଛି ପାଞ୍ଚଗୋଟିମନ । ନାବରେ ପଚିଶ ଗୋଟି ଲୁହାକଣ୍ଟା ଭିଡ଼ାଗଲା- ଶରୀର ସହିତ ପଚିଶି ଗୋଟି ପ୍ରକୃତି ସଂଯୁକ୍ତ । ନାବରେ ଆଠଗୋଟି ବତା ବସାଇ ଦିଆଗଲା- ଆୟୁର୍ବେଦ ଶାସ୍ତ୍ରରେ ଶରୀରକୁ ମଧ୍ୟ ଆଠ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା- ଦୁଇହସ୍ତ, ଦୁଇପଦ, ମୁଖମଣ୍ଡଳ, ବକ୍ଷପ୍ରଦେଶ, ଉଦର ଓ ବସ୍ତି ପ୍ରଦେଶ । ନାବରେ ଦଶଦ୍ୱାର ନିର୍ମାଣ କରାଗଲା- ଶରୀରର ଦଶଗୋଟି ଦ୍ୱାର ହେଲା ଦୁଇଚକ୍ଷୁ, ଦୁଇକର୍ଣ୍ଣ, ନାସିକାର ଦୁଇପୋଡ଼ା, ମୁଖ, ମଳଦ୍ୱାର, ମୂତ୍ରଦ୍ୱାର ଓ ରୋମମୂଳ । ନାବର ଦୁଇମୁଣ୍ଡରେ ଦୁଇଗୋଟି ମଙ୍ଗ ଖଞ୍ଜି ଧୀବର ସେଠାରେ ବସିଲା । ଇଡ଼ା ଓ ପିଙ୍ଗଳା ନାଡ଼ି ମଧ୍ୟରେ ଶରୀରରେ ଶୁଷୁମ୍ନା ନାଡ଼ି ଅବସ୍ଥାନ କରୁଥିବାର ବହୁ ପ୍ରମାଣ ରହିଛି । ଚନ୍ଦ୍ରନାଡ଼ି ଓ ସୂର୍ଯ୍ୟ ନାଡ଼ି ମଧ୍ୟରେ ନୈରାତ୍ମାଦେବୀ ଅବସ୍ଥାନ କରୁଥିବାର ଚର୍ଯ୍ୟାଗୀତିକାରମାନେ ସେମାନଙ୍କର ଗୀତରେ ବର୍ଣ୍ଣନା କରିଛନ୍ତି ।

ଘୋଡ଼ାନାଟ ଗୀତଗୁଡ଼ିକ ଲୋକସାହିତ୍ୟର ମୂଲ୍ୟବାନ ବିଭବ । ଏହି ଗୀତଗୁଡ଼ିକର ସଂଗ୍ରହ ଓ ଆଲୋଚନା ଓଡ଼ିଆ ସାହିତ୍ୟକୁ ନିଶ୍ଚିତ ଋଦ୍ଧିମନ୍ତ କରାଇବ । ଏଥିରେ ବୈଦଗ୍ଧ୍ୟ, ଯେତିକି ଅଛି, ତା'ଠୁ ଅଧିକ ଅଛି ଚାତୁର୍ଯ୍ୟ । ଏହି ବୈଚିତ୍ର୍ୟପୂର୍ଣ୍ଣ କଳା ପ୍ରଦର୍ଶନ ଲୋକସଂସ୍କୃତିରୁ କେବେ ହେଲେ ବିଲୁପ୍ତ ହେବ ନାହିଁ ।



# ଅଧିଷ୍ଠାତ୍ରୀ ଅଷ୍ଟଚଣ୍ଡୀ

# ସୁବର୍ଣ୍ଣପୁରର ଅଷ୍ଟଚଣ୍ଡୀ




**ସତ୍ୟବ୍ରତ ପ୍ରଧାନ**

ଅମୂଲ୍ୟମଣୀ, ରାଣୀପୁର, ଜିଲ୍ଲା : ସୁବର୍ଣ୍ଣପୁର

ଫୋନ: ୮୮୯୫୯୬୯୫୩୪


ଫଟୋ ସୌଜନ୍ୟ : ଲେଖକ



ମହାନଦୀ କୂଳରେ ଥିବା ସୁବର୍ଣ୍ଣପୁର ଏକ ପ୍ରାଚୀନ ମନ୍ଦିର ମାଳିନୀ ସହର । ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ସହର । ଏଠି ରହିଛି ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ ଓ ଅଷ୍ଟଚଣ୍ଡୀଙ୍କ ସମେତ ୧୦୮ ଗୋଟି ମନ୍ଦିର । ଖାଲି ସେତିକି ନୁହେଁ, ଭାରତୀୟ ତାନ୍ତ୍ରିକ ପରମ୍ପରାରେ ସୁବର୍ଣ୍ଣପୁର ଏକ ଅନ୍ୟତମ ତନ୍ତ୍ରପୀଠ । ଏହା ହେଉଛି ପୃଥିବୀର ଏକ ମହାନ ତନ୍ତ୍ରପୀଠ ଯେଉଁଠାରେ କି ଲକ୍ଷ୍ମୀଙ୍କର ଅଷ୍ଟମ ଶତାବ୍ଦୀ ସମୟରେ ତନ୍ତ୍ରସାଧନା ବଳରେ ବୌଦ୍ଧଯାନ ଓ ମହାଯାନକୁ ସହଜଯାନରେ ପରିଣତ କରି ପୃଥିବୀ ପ୍ରସିଦ୍ଧା ହୋଇଥିବାର ଇତିହାସ କହେ । କେବଳ ସେତିକି ନୁହେଁ ପରବର୍ତ୍ତୀ ସମୟରେ ନିତାଇ ଧୂବୁଣି, ସାତଭଉଣୀ, ସୁକୁଟି ଚମରାଣି ଇତ୍ୟାଦି ତନ୍ତ୍ର ସାଧନା କରି ଏ ମାଟିକୁ ଧନ୍ୟ କରିଛନ୍ତି । ଏଠାରେ ସୁରେଶ୍ୱରୀ ନାମ ଧାରଣ କରି ବୌଦ୍ଧ ଚର୍ଚ୍ଚିକା, ସ୍ତମ୍ଭେଶ୍ୱରୀ, ଭଗବତୀ, ରାମଚଣ୍ଡୀ, ବୁଢ଼ୀ ସମଲାଇ, ସମଲାଇ ଆଦି ଦେବୀ ପୂଜା ପାଉଛନ୍ତି । ପ୍ରୟାଗରେ ଗଂଗା, ଯମୁନା, ସରସ୍ୱତୀ ଭଳି ସୁବର୍ଣ୍ଣପୁରରେ ମଧ୍ୟ ମହାନଦୀ, ତେଲନଦୀ ଓ କର୍ପୁର ନଦୀର ତ୍ରିବେଣୀ ସଂଗମ ଘଟିଛି । ଏଥିପାଇଁ ଏ ସ୍ଥାନକୁ ଦ୍ୱିତୀୟ ବାରଣାସୀ କୁହାଯାଏ ।

ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ଚୌହାନ ରାଜୁତି ପର୍ଯ୍ୟନ୍ତ ଏଠାରେ ଶୈବ, ଶାକ୍ତି, ବୈଷ୍ଣବ ଧର୍ମର ଅନେକ କୀର୍ତ୍ତି ଗଢ଼ି ଉଠିଛି ଏହି ପ୍ରାଚୀନ ସହରରେ । ସୋମବଂଶୀ ଓ ଚୌହାନ ବଂଶୀ ରାଜତ୍ୱ ସମୟରେ ଏଠାରେ ଗଢ଼ି ଉଠିଥିବା ଅଷ୍ଟଚଣ୍ଡୀଙ୍କର ଭବ୍ୟ ମନ୍ଦିର ସବୁ ରହିଛି । ମନ୍ଦିରମାନଙ୍କରେ ଖମ୍ଭେଶ୍ୱରୀ, ସୁରେଶ୍ୱରୀ, ସମଲେଶ୍ୱରୀ, ଭଗବତୀ, ନାରାୟଣୀ, ବିମଳାକ୍ଷୀ, ରାମଚଣ୍ଡୀ ଓ ଦଶମତୀ ଅଷ୍ଟଚଣ୍ଡୀ ଭାବେ ପୂଜା ପାଇ ଆସୁଛନ୍ତି । ତାନ୍ତ୍ରିକ ପରମ୍ପରାରେ ଅଷ୍ଟଚଣ୍ଡୀଙ୍କର ପୂଜା ଆରାଧନା ହେଉଥିବା ବେଳେ ସ୍ୱତନ୍ତ୍ର ଯନ୍ତ୍ର ଓ ମନ୍ତ୍ରରେ ଦେବୀମାନଙ୍କୁ ଆବାହନ କରିବାର ପରମ୍ପରା ଏଯାଏଁ ଚାଲିଛି । ଲୋକ ବିଶ୍ୱାସରେ ବିଭିନ୍ନ ଦେବୀଙ୍କୁ ଲୋକେ ନିଜ ନିଜର ଇଷ୍ଟଦେବୀ ଭାବରେ ମାନି ଆସିଛନ୍ତି । ଓଡ଼ିଶାର ସର୍ବପ୍ରାଚୀନ ଶାକ୍ତ ଦେବୀ ରୂପେ ପରିଚିତା ଖମ୍ଭେଶ୍ୱରୀ ଦେବୀ ବହୁ ଦିନରୁ ସୁବର୍ଣ୍ଣପୁରରେ ପ୍ରତ୍ୟକ୍ଷଦେବୀ ଭାବରେ ପୂଜା ପାଇ ଆସୁଛନ୍ତି।

୧୬୬୦ ଖ୍ରୀ.ଅ.ରେ ଚୌହାନ ବଂଶର ରାଜା ଲାଲ୍‌ସାହେବ ସିଂହଦେଓ ଖମ୍ଭେଶ୍ୱରୀ ମନ୍ଦିର ନିର୍ମାଣ କରିଥିଲେ । ପୂର୍ବଦିଗକୁ ବିଜେ କରିଥିବା ଖମ୍ଭେଶ୍ୱରୀ ଦେବୀପୀଠରେ ପ୍ରତିବର୍ଷ ଆଶ୍ୱିନ ମାସର ଦଶହରା ସମୟରେ ପ୍ରସିଦ୍ଧ ବଳୀଯାତ୍ରା ହୋଇଥାଏ । ଅନୁରୂପ ଭାବରେ ସୁବର୍ଣ୍ଣପୁରର ଗଡ଼ଜାତର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ମନ୍ଦିର ୧୬୨୫-୫୦ ଖ୍ରୀ.ଅ.ରେ ରାଜା ଅଚଳ ସିଂହଦେଓ ନିର୍ମାଣ କରିଥିଲେ । ମନ୍ଦିରରେ ସ୍ଥାପିତ ଅଷ୍ଟଭୂଜା ମହିଷା ମର୍ଦ୍ଦିନୀ ଦୁର୍ଗା ବିଗ୍ରହ ସୁରେଶ୍ୱରୀ ନାମରେ ପୂଜା ପାଇ ଆସୁଛନ୍ତି । ମନ୍ଦିରର ଚତୁପାର୍ଶ୍ୱରେ ଅଷ୍ଟଭୂଜା ଗଣେଷ, ଚତୁର୍ଭୁଜା ବଗଳା, ଶିବ ଓ ଦଶଭୂଜା ଦୁର୍ଗା ପାର୍ଶ୍ୱ ଦେବତା ଭାବେ ପୂଜା ପାଉଛନ୍ତି । ରାଜାଙ୍କ ଶାସନ ସମୟରୁ ସମଲେଶ୍ୱରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ଭଗବତୀ ଦେବୀଙ୍କ ପୀଠରେ ମଧ୍ୟ ତନ୍ତ୍ର ସଂସ୍କୃତିରେ ଏଯାଏଁ ଷୋଡ଼ଶ ଉପଚାରରେ ପୂଜା ହୋଇ ଆସୁଛି ।

୧୭୭୧ରେ ରାଜା ଶୋଭା ସିଂହଦେଓଙ୍କ ଦ୍ୱାରା ସମଲେଶ୍ୱରୀ ମନ୍ଦିର ନିର୍ମିତ ହୋଇଥିବା ବେଳେ ଅଷ୍ଟଚଣ୍ଡୀଙ୍କ ଭିତରେ ଏଠାରେ ପୂଜିତ ହେଉଥିବା ଦେବୀ ବିଗ୍ରହ ସୁଉଚ୍ଚ ଅଟନ୍ତି । ଠିକ୍ ସେହିପରି ମାଆ ଭଗବତୀ ମଧ୍ୟ ଅଷ୍ଟଚଣ୍ଡୀଙ୍କର ଭିତରେ ଖୁବ୍ ପ୍ରାଚୀନ ଏବଂ ଉଗ୍ରଦେବୀ ଭାବରେ ଖ୍ୟାତ । ସୋମବଂଶୀ ଶାସନ କାଳରେ ଭଗବତୀ ଦେବୀ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରି ଦେବୀ ଭାବେ ପୂଜା ପାଉଥିବା ବେଳେ ୧୦୨୩ରେ ଚଣ୍ଡିହର ଯଯାତୀ ଏହି ମନ୍ଦିର ନିର୍ମାଣ କରିଥିଲେ ବୋଲି ଇତିହାସ କହେ । ଅଷ୍ଟଚଣ୍ଡୀଙ୍କର ମଧ୍ୟରେ ଦଶମତୀ, ରାମଚଣ୍ଡୀ, ନାରାୟଣୀ ଓ ବିମଳାକ୍ଷି ଦେବୀ ମଧ୍ୟ ରାଜୁଡ଼ା ଅମଳରୁ ପୂଜିତା ହୋଇ ଆସୁଛନ୍ତି । ତେଲୁଗୁ ଚୋଡ଼ ଶାସନ କାଳରେ ଦଶମତୀ ଅଧିଷ୍ଠାତ୍ରୀ ଦେବୀ ଥିବାବେଳେ ନାରାୟଣୀ, ପୃଥ୍ୱୀସିଂହ ଦେବ ୧୭୮୬ରେ ମନ୍ଦିର ଗଢ଼ିଥିଲେ । ସେହିପରି ରାମଚଣ୍ଡୀ ଓ ବିମଳାକ୍ଷୀ ମନ୍ଦିର ରାଜା ପ୍ରତାପରୁଦ୍ର ଓ ରାଜା ପୃଥ୍ୱୀ ସିଂହଦେଓ ନିର୍ମାଣ କରିଛନ୍ତି ବୋଲି ଇତିହାସ କୁହେ । ବର୍ଷସାରା



▲ କାଦମ୍ବେଶ୍ୱରୀ



▲ ନାରାୟଣୀ

ଦେବୀ ପୀଠମାନଙ୍କରେ ପୂଜା ଆରାଧନା ଲାଗି ରହିଥିବା ବେଳେ ବିଶେଷ କରି ଆଶ୍ୱିନ ଓ ଚୈତ୍ର ମାସରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ ଦେବୀକୃପା ପାଇଁ । ପ୍ରତି ମଙ୍ଗଳବାର ସମସ୍ତ ଦେବୀ ପୀଠମାନଙ୍କରେ ମହାଆଳତି ହୋଇଥାଏ । ଫଳରେ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି ଏହି ସମୟରେ । ଆଶ୍ୱିନ ମାସରେ ଷୋଡଶ ଉପଚାରରେ ଦେବୀ ମାନଙ୍କର ପୂଜା ହୋଇଥାଏ । ମହାଳୟା ଠାରୁ ମା ସୁରେଶ୍ୱରୀ ଦଶାବତାରେ ଭକ୍ତଙ୍କୁ ଦେଖାଦେଇଥାନ୍ତି । ଆଶ୍ୱିନ ମାସରେ ତ୍ରିଚଣ୍ଡି ମନ୍ଦିରରେ ହୋଇଥାଏ ବିଶ୍ୱ ପ୍ରସିଦ୍ଧ ମହାବଳୀଯାତ୍ରା । ସୁରେଶ୍ୱରୀ, ଖମ୍ବେଶ୍ୱରୀ ଓ ସମଲେଶ୍ୱରୀ ଦେବୀଙ୍କ ଠାରେ ହୋଇଥାଏ ଏହି ଯାତ୍ରା । ଆଶ୍ୱିନ ଅମାବାସ୍ୟା ତଥା ମହାଳୟା ଠାରୁ ଆରମ୍ଭ ହୋଇ ପୂର୍ଣ୍ଣମିରେ ଶେଷ ହୋଇଥାଏ ଏହି ଯାତ୍ରା । ମହାବଳୀ ଯାତ୍ରାରେ ଷୋହଳ ସମ୍ପ୍ରଦାୟର ଲୋକେ ସାମିଲ ହେଉଥିବା ବେଳେ ଷୋହଳ ପୂଜା, ଷୋହଳ ଭଉଣୀ ବାଦ୍ୟ ସହ ଷୋହଳ ଦିନ ଧରି ଚାଲିଥାଏ । ଖାଲି ସେତିକି ନୁହେଁ ରାଜ ପୁରୋହିତ, ବରୁଆ, ମଲ୍ଲିକ, ଚାରିଘରିଆ, ମଶାଲଚୀ, କୁଲି, ମୁହୁରିଆ, ଢୁଲିଆ, ଗାଏନ, ଛତ୍ରିଆ, ଛିପି, ଥନାପତି, ମାଳି, ଭଣ୍ଡାରି ପରି ୧୬ ଟି ସଂପ୍ରଦାୟର ଲୋକ ସମଗ୍ର ବଳୀଯାତ୍ରାରେ ସେବାୟତ ଭାବେ ନିୟୋଜିତ ହୋଇଥାନ୍ତି ଓ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଯାତ୍ରାରେ ସାମିଲ ହୁଅନ୍ତି । ପର୍ଯ୍ୟାୟକ୍ରମେ ଉଆଁଶବଳୀ, ଖଉଲବଳୀ, ଡାଙ୍ଗୁଆବଳୀ, ଗାୟନବଳୀ, ମହାବଳୀ, ଦଶରାବଳୀ ଏବଂ ଶେଷରେ ପୂର୍ଣ୍ଣମୀବଳୀ ହୋଇଥାଏ । ନବମୀ ବଳୀ ଦିନ କଳାଧଳା ଛତ୍ର ସାଙ୍ଗରେ ବରୁଆ ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନୃତ୍ୟ କରିଥାଏ ଓ ପରେ ସୁରେଶ୍ୱରୀ ମନ୍ଦିରକୁ ଯାଇଥାଏ ।

ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ର ଦ୍ୱାରା ହୋଇ ଆସୁଥିବା ଏହି ବଳୀଯାତ୍ରା ବହୁ ପୁରୁଣା । ବିଶେଷକରି ମାହାବଳୀ ସମଗ୍ର ବଳୀ ଭିତରୁ ଅଧିକ ମହତ୍ୱ ରଖେ । ଶକ୍ତିପୀଠ ଖମ୍ବେଶ୍ୱରୀ ମନ୍ଦିର ଠାରେ ନବମୀ ରାତିରେ ଏହା ହୋଇଥାଏ । ସୁରେଶ୍ୱରୀ ପୀଠର ଆଉ ଏକ ମହତ୍ୱ ହେଲା ଏଠାରେ ରହିଥିବା ଖଉଲ ଗାଡ । ମହାବଳୀ ସମୟରେ ଖଉଲ ଗାଡର ମାଟିକୁ ବରୁଆର ନାଭିରେ ଲଗାଇବା ପରେ ତା ଦେହରେ ଦେବୀ ସବାର ହୋଇଥାନ୍ତି ବୋଲି ଆଜିବି ରହିଛି ଲୋକ ବିଶ୍ୱାସ । ଅଷ୍ଟଚଣ୍ଡୀଙ୍କ ମୁଖ୍ୟପୀଠ ଖମ୍ବେଶ୍ୱରୀ ମନ୍ଦିରରୁ ସୁରେଶ୍ୱରୀ ମନ୍ଦିରକୁ ଶୋଭାଯାତ୍ରାରେ ଯାଇଥାଏ ମାହାବଳୀ । ଏହି ଯାତ୍ରା ଦେଖିବାକୁ ହଜାର ହଜାର ଦର୍ଶକଙ୍କ ଭିଡ ହୋଇଥାଏ ଖମ୍ବେଶ୍ୱରୀ ଓ ସୁରେଶ୍ୱରୀ ମନ୍ଦିରରେ । ପାର୍ବଣ ଋତୁରେ ବେଶ୍ ଗହଳ ଚହଳ ଲାଗେ ସୁବର୍ଣ୍ଣପୁର ସହର । ଗବେଷଣାରୁ ଜଣାଯାଏ ଯେ, ଭାରତର ହାତଗଣତି ପ୍ରାଚୀନ ତନ୍ତ୍ରପୀଠ ତଥା ଶକ୍ତିପୀଠ ଭିତରେ ସୁବର୍ଣ୍ଣପୁର ଅନ୍ୟତମ । ଯେଉଁଠି ଦେବୀ ସାଧନାରେ ଅଷ୍ଟଚଣ୍ଡୀଙ୍କର କୃପାଲାଭ କରି ତନ୍ତ୍ରସାଧିକା ତାନ୍ତ୍ରୀକା ଜ୍ଞାନଦେଇ ମାଲୁଣି ଭେଣ୍ଡାକୁ ମେଣ୍ଢା କରି ପାରୁଥିଲେ।

ଏ ଅଂଚଳର ଆଉ ଏକ ମହତ୍ୱ ହେଲା ସ୍ତମ୍ଭେଶ୍ୱରୀ ଉପାସନା । ରାଜ ରାଜୁଡା ଅମଳରୁ ସୁବର୍ଣ୍ଣପୁରରେ ଖମ୍ବେଶ୍ୱରୀ ଦେବୀ ଲୋକଦେବୀରୁ ଇଷ୍ଟଦେବୀ ଭାବରେ ପୂଜିତ । ତେବେ କାନପୁର ସ୍ଥିତ ମା ମାହେଶ୍ୱରୀଙ୍କ ପୀଠ ଏହି କ୍ରମରେ ରହିଛି ବେଶ୍ ପ୍ରସିଦ୍ଧି । ବହୁ ବର୍ଷରୁ ଏଠାରେ ପୂଜିତ ହୋଇ ଆସୁଛନ୍ତି ପଂଚଦେବୀ ଯଥା– ପରମେଶ୍ୱରୀ, ନାରାୟଣୀ, ଚାମୁଣ୍ଡା, ନରଘଂଟା ଓ ଖମ୍ବେଶ୍ୱରୀ । ଆଉ ପ୍ରତିବର୍ଷ ଏଠାରେ ଆୟୋଜିତ ହୋଇଥାଏ ମହାଖଳା ପୂଜା । ମହାଖଳା ପୂଜାର ରହିଛି ଏକ ସ୍ୱତନ୍ତ୍ର ମହତ୍ୱ । ଏହି ପୂଜାରେ ହାଣ୍ଡି ହାଣ୍ଡି ଅରୁଆ ଚାଉଳ ସହ ମନ୍ଦାର ଫୁଲ, ପଦ୍ମଫୁଲ ଲାଗୁଥିବା ବେଳେ ୩୨ ଶହ ଯୋଡା ବେଲପତ୍ର ଲାଗିଥାଏ । ପୂଜା ତ୍ରିକୋଣରୁ ଆରମ୍ଭ ହୋଇ ଷଟକୋଣ, ଅଷ୍ଟକୋଣରୁ ଯାଇ ବତିଶ କୋଣରେ ସରିଥାଏ । ପ୍ରତ୍ୟେକ ପୂଜା ମଧ୍ୟରେ ବୀଜମନ୍ତ୍ର ଓଁ ସ୍ଥାପନା କରାଯାଏ । ପୂଜାରେ ଲାଗିଥାଏ ମାଠିଆ ମାଠିଆ ଦହି ସହ ଦହନା । ପୂଜା ମଣ୍ଡପରେ ଶୋଭା ପାଆନ୍ତି ଆଲମ ଓ ଛତିଛତ୍ର । ଧଳା ଛତ୍ର ପରମେଶ୍ୱରୀଙ୍କ ପ୍ରତୀକ ହୋଇଥିବା ବେଳେ କଳା ଛତ୍ର ମା ଖମ୍ବେଶ୍ୱରୀ ଭାବେ ପୂଜା ପାଆନ୍ତି । ଆଲମ ରୂପରେ ମା ନରଘଂଟା ପୂଜା ପାଇଥାନ୍ତି ।

# ଖିଚିଂର କୀଚକେଶ୍ୱରୀ



# ମା' କୀଚକେଶ୍ୱରୀ



**ଇଂ. ବିଦ୍ୟାଧର ପଣ୍ଡା**

ଏମ୍. ଟେକ୍. ସିଭିଲ, ଏଲ୍. ଏଲ୍. ବି.
ଖ-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା
ଭୁବନେଶ୍ୱର-୭୫୧୦୧୯, ଖୋର୍ଦ୍ଧା, ଓଡ଼ିଶା
ଫୋନ : ୯୪୩୯୧୨୮୦୫୦

ଫଟୋ ସୌଜନ୍ୟ : ଲେଖକ

ଖିଚିଂ, ଆଧାତ୍ମିକ ଦୃଷ୍ଟିରୁ ଏକ ପ୍ରସିଦ୍ଧ ସ୍ଥାନ । ଏହା ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ସହର ବାରିପଦା ଠାରୁ ୧୫୦କିମି, କେଉଁଝରରୁ ୫୦କିମି, ଯଶିପୁରରୁ ୪୦କିମି ଏବଂ କରଂଜିଆରୁ ୨୫କିମି ଦୂର । ପ୍ରସିଦ୍ଧ ଅଭୟାରଣ୍ୟ ଶିମିଳିପାଳର ଏହା ଅନେକ ପ୍ରବେଶ ଦ୍ୱାର ମଧ୍ୟରୁ ବି ଗୋଟିଏ । ମହାଭାରତରେ କଥାଟିଏ ଅଛି- 'କୀଚକ ବାହୁବଳେ ବିରାଟ ରାଜା' । ରାଜା ବିରାଟଙ୍କର ରାଜ୍ୟ ଥିଲା ମତ୍ସ୍ୟ ଦେଶ । ପଞ୍ଚୁପାଣ୍ଡବଙ୍କର ଅଜ୍ଞାତ ବନବାସ କାଳରେ ରାଜା ବିରାଟଙ୍କର ଶଳା ମଲ୍ଲଯୁଦ୍ଧ ବିଶାରଦ ଏବଂ ପ୍ରଧାନ ସେନାପତି କୀଚକ ଦ୍ରୌପଦୀଙ୍କ ଉପରେ ପାପଚକ୍ଷୁ ରଖି ନାଟ୍ୟମଣ୍ଡପକୁ ଆସିବାକୁ ଆଦେଶ ଦେଇଥିଲା । ପୂର୍ବ ଯୋଜନା ଅନୁସାରେ ସେଠାରେ ଦ୍ରୌପଦୀଙ୍କ ବେଶରେ ଶାଢୀ ପିନ୍ଧି ଭୀମ ଉପସ୍ଥିତ ଥିଲେ । କୀଚକ ସହ ମଲ୍ଲ ଯୁଦ୍ଧହେଲା ଏବଂ କୀଚକକୁ ଭୀମ ବଧ କରିଥିଲେ, ଯାହାକି ଆମେ ମହାଭାରତରେ ବର୍ଣ୍ଣିତ କୀଚକ ବଧ ଅଧ୍ୟାୟରେ ପଢିଥାଉଁ । ଏଠାରେ କୀଚକଗଡ ଓ ବିରାଟଗଡ ନାମରେ ଦୁଇଟି ସ୍ଥାନ ବି ଅଛି, ଯାହାକି ପତ୍ନତତ୍ତ୍ୱବିତ୍‌ଙ୍କର ସହାୟତାରେ ଅଳ୍ପ ମାତ୍ର ଖନନ କରା ଯାଇଥିଲା । ଏହି ଖନନ କାର୍ଯ୍ୟରେ ପୂର୍ବକାଳରେ ବ୍ୟବହୃତ ପଦାର୍ଥ ଯଥା- ହାତୀଧରା କଂଟା, ହାତୀର ଶିକୁଳୀ, ଅଙ୍କୁଶ, ସେ ସମୟରେ ପ୍ରଚଳିତ ମୁଦ୍ରା, ଚକି, ଶୀଳ, ଶୀଳପତା, ଖୁସୁଣୀ, କୁରାଢୀ, ଲୁହା ନିର୍ମିତ ବାଟୁଳୀ ସହ ଅନେକ ପୁରାତନ ମୂର୍ତ୍ତି ଉଦ୍ଧାର କରା ଯାଇଛି । ସେ ଯାହା ହେଉ ଖିଚିଂ ଗ୍ରାମରେ ଗଡ ଦୁଇଟିକୁ ବିରାଟଗଡ ଓ କୀଚକଗଡ ଭାବରେ କଳିଯୁଗରେ କିଏ କେବେ ପ୍ରଚାରିତ କରିଥିଲେ ଏହାର ଇତିହାସ ପ୍ରମାଣ ସଠିକ ନାହିଁ । ତେଣୁ ଦ୍ୱାପର ଯୁଗରେ ସେହି କୀଚକର ଇଏ ଖିଚିଂ ମା' କୀଚକେଶ୍ୱରୀ ଅଧିଷ୍ଠାତ୍ରୀ ଦେବୀ କି ନୁହେଁ ତାହା ନିର୍ଣ୍ଣୟ କରିବା ଗବେଷଣା ସାପେକ୍ଷ ।

ଏ ଯୁଗରେ ପ୍ରଚଳିତ ଜନଶ୍ରୁତି ଏବଂ ଇତିହାସ କହେ, ଭଂଜବଂଶର ରାଜାମାନେ ଶକ୍ତି ପୂଜକ ଥିଲେ । ଶାକ୍ତ ପରମ୍ପରା ଅନୁଯାଇ ସନ୍ ୯୨୦ ରୁ ୯୩୦ ଭିତରେ ତତ୍କାଳୀନ ମୟୂରଭଂଜ ରାଜା ମା' ଚାମୁଣ୍ଡାଙ୍କୁ ମା' କୀଚକେଶ୍ୱରୀ ନାମରେ ଖିଚିଂରେ ପ୍ରତିଷ୍ଠା କରି ପୂଜା ଆରମ୍ଭ କରିଥିଲେ । ଖିଚିଂ ଗୋଟିଏ ପୁରାତନ ଗ୍ରାମ ଏବଂ ମୂଳ ଅଧିକାଂଶ ଅଧିବାସୀ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର । ଉତ୍ତର ଦିଗରେ ଖଇରଭଣ୍ଡନ ନଦୀ ଓ ଦକ୍ଷିଣରେ କଂଟା ଖଇର ନାମକ ଛୋଟ ନାଳ ପ୍ରବାହିତ । ନଦୀକୁ ଲାଗି ବିରାଟଗଡ ଏବଂ





ନାଳକୁ ଲାଗି କୀଚକଗଡ ଅବସ୍ଥିତ । କୀଚକଗଡ ଭିତରେ ରାଣୀମାନଙ୍କ ଗାଧୋଇବା ପାଇଁ ପୋଖରୀଟିଏ ଅଛି, ଯାହାକି ରାଣୀଗାଧୁଆ ପୋଖରୀ ନାମରେ ପରିଚିତ । ପରିସରର ଆଖ ପାଖରେ ଅନେକ ଭଗ୍ନ ମନ୍ଦିରର ଶିଳାବଶେଷ ଦେଖିବାକୁ ମିଳେ । ତନ୍ମଧ୍ୟରୁ ଶଙ୍ଖୁଆ ରଜା, ଉମା ମହେଶ୍ୱର ମୂର୍ତ୍ତି ଭ୍ରମଣକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ମୂଳ ମନ୍ଦିରକୁ ଭାଙ୍ଗି ମୟୂରଭଂଜ ରାଜା ସ୍ୱର୍ଗତ ପ୍ରତାପଚନ୍ଦ୍ର ଭଂଜଦେଓ କୀଚକେଶ୍ୱରୀଙ୍କ ଏହି ବଡ ମନ୍ଦିରକୁ ୧୯୪୦-୪୧ ମସିହାରେ ନିର୍ମାଣ କରି ଦେବୀଙ୍କୁ ପୁନଃ ପ୍ରତିଷ୍ଠା କଲେ ବୋଲି ଇତିହାସ କହେ ।

ଖିଚିଂରେ ଅନେକ ପୋଖରୀ ଓ ଶିବ ମନ୍ଦିର ରହିଛି । ତନ୍ମଧ୍ୟରେ ହର, ଚଣ୍ଡ ପ୍ରଚଣ୍ଡ, ଉମା ମହେଶ୍ୱର ଓ ଅର୍ଦ୍ଧନାରୀଶ୍ୱର ପ୍ରସିଦ୍ଧ । ମା'ଙ୍କ ମନ୍ଦିରର ଦକ୍ଷିଣକୁ ଥିବା ଛୋଟ ମନ୍ଦିରରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବ ପୂଜା ପାଆନ୍ତି । ଶିବରାତ୍ରୀ ଦିନ ସହସ୍ର ସଂଖ୍ୟାରେ ଭକ୍ତ ଜଳଲାଗି କରନ୍ତି ଏବଂ ସେ ସମୟରେ ସାତଦିନ ଧରି ଯାତ୍ରା ହୁଏ । ଶାରଦୀୟ ଦୁର୍ଗୋତ୍ସବ ସମୟରେ ଦେବୀଙ୍କର ମହା ସପ୍ତମୀ, ମହା ଅଷ୍ଟମୀ ଓ ମହା ନବମୀ ତିଥିରେ ଦିନବେଳା ଚଣ୍ଡୀପାଠ ଓ ରାତ୍ରିକାଳରେ ଷୋଡଶ ଉପଚାର ଭୋଗ ହୁଏ । ଆଗରୁ ଅନେକ ଭକ୍ତ ଏହି ଦିନମାନଙ୍କରେ ମାନସିକ ରଖି ଛେଳି ବୋଦା ଆଣି ବଳୀ ଦେଉଥିଲେ । କିନ୍ତୁ ବଳୀ ନିଷିଦ୍ଧ ହେବା ପରେ ତିନିରାତ୍ରୀଯାକ ନିଶାର୍ଦ୍ଧରେ ସରକାରଙ୍କ ତରଫରୁ ଗୋଟିଏ ଗୋଟିଏ ବୋଦା ବଳୀ ଦିଆଯାଇ ମା'ଙ୍କ ବିଶେଷ ପୂଜା ଅର୍ଚ୍ଚନା ସମ୍ପୂର୍ଣ୍ଣ କରାଯାଏ । ବାସନ୍ତୀ ଦୁର୍ଗା ପୂଜା ବା ଅଶୋକାଷ୍ଟମୀ ଦିନ କେବଳ ଦିନରେ ଚଣ୍ଡୀପାଠ କରାଯାଇ ରାତ୍ର ଷୋଡଶ ଉପଚାର ନୈବେଦ୍ୟ ଲଗାଯାଏ । ଏଥିରେ ବିଶେଷ ପୂଜା ଅର୍ଚ୍ଚନା ବା ବଳୀର କୌଣସି ବ୍ୟବସ୍ଥା ନାହିଁ । ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମା'ଙ୍କ ମନ୍ଦିର ବନ୍ଦ ରହେ ।

ଏଠାକାର ଆଧ୍ୟାତ୍ମିକ ପରିବେଶ ଅତ୍ୟନ୍ତ ବିରଳ । ଖଣ୍ଡମଣ୍ଡଳରେ ମା'ଙ୍କ ପ୍ରତି ପ୍ରଗାଢ ବିଶ୍ୱାସ ଏବଂ ଆସ୍ଥା । ମା'ଙ୍କ ଅପାର କରୁଣାରୁ ବନ୍ଧ୍ୟା ପୁତ୍ରବତୀ ହେଉଛନ୍ତି, ଜଟିଳ ରୋଗବ୍ୟାଧିରୁ ମୁକ୍ତି ମିଳୁଛି, ନିର୍ଦ୍ଧନକୁ ଧନ ମିଳୁଛି ବୋଲି ମନ୍ଦିରର ପୂଜକ ଧବଳେଶ୍ୱର ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ ଓ ସୁବାସ ପାଣିଗ୍ରାହୀ କହନ୍ତି । ବହୁ ଭକ୍ତ ମାନସିକ ପୂରଣ ପରେ ମା'ଙ୍କୁ ଶାଢିଲାଗି କରି ନୈବେଦ୍ୟ ପୂଜା ଅର୍ପଣ କରିବା ସହ କୃତଜ୍ଞତା ଜ୍ଞାପନ କରିବାକୁ ଆସି ମା'ଙ୍କ ମହିମା ବିଷୟରେ କୁହନ୍ତି ।

ଖିଚିଂ ମା' କୀଚକେଶ୍ୱରୀ ମନ୍ଦିରରୁ ପ୍ରାୟ ୩କିମି ଦୂରରେ ଅଛି ପଥର କଳା ସ୍ଥାପତ୍ୟର ବିଶ୍ୱପ୍ରସିଦ୍ଧ ଗାଁ କେଶନା । ପୂର୍ବଭାରତର ପ୍ରତ୍ୟେକ ଶିବ ମନ୍ଦିରକୁ ଏହିଠାରୁ ଶିବଲିଙ୍ଗ ନିଆଯାଏ । ଏହି ଗାଁର ପ୍ରତ୍ୟେକ ଲୋକ କଳା ମୁଗୁନି ପଥରକୁ ଜୀବନ୍ତ ରୂପ ଦେବାରେ ନିପୁଣ । ସର୍ପେଶ୍ୱର ସେବା ଚ୍ୟାରିଟେବୁଲ୍ ଟ୍ରଷ୍ଟର ପ୍ରତିନିଧି କେଶନା ଗାଁ ବୁଲି ଆଶ୍ଚର୍ଯ୍ୟ ହେବା ସହ ଆମ ରାଜ୍ୟ ଦିନେ ଏହି କଳାଭାସ୍କର୍ଯ୍ୟ ପାଇଁ ଉତ୍କଳ ନାଁରେ ପରିଚିତ ଥିଲା ବୋଲି ଅନୁଭବ କରିଥିଲେ । ଖାଲି ଦେବାଦେବୀଙ୍କ ମୂର୍ତ୍ତି ନୁହେଁ, ସେମାନେ ବିଭିନ୍ନ ପ୍ରକାର ପଶୁ , ପକ୍ଷୀ, ମାଛ, କଇଁଛ, ଶିଳ ଶିଳପୁଆ ପରି ଅନେକ ଘରକରଣା ଜିନିସମାନ ମଧ୍ୟ କଳାମୁଗୁନି ପଥରରେ ତିଆରି କରିବାରେ ସିଦ୍ଧହସ୍ତ ।



ମା' କୀଚକେଶ୍ୱରୀ ମନ୍ଦିର ନିଜ ଖର୍ଚ୍ଚ ନିଜେ ଉଠାଇଥାଏ । ଏଯାବତ୍ ସେମିତି କିଛି ଆଖିଦୃଶିଆ ସାହାଯ୍ୟ ସହାନୁଭୁତି ସରକାରଙ୍କ ତରଫରୁ ପାଇବାରୁ ବଂଚିତ ଅଛି । ତେବେ ଏଭଳି ଗୋଟିଏ ଆଧ୍ୟାତ୍ମିକ ପ୍ରାଚୀନ ପୀଠକୁ ସହାୟତାର ହାତ ବଢାଇ ମା' କୀଚକେଶ୍ୱରୀ ମନ୍ଦିରକୁ ଗୋଟିଏ ପୂର୍ଣ୍ଣ ଏବଂ ଉଚ୍ଚକୋଟୀର ପର୍ଯ୍ୟଟନସ୍ଥଳିରେ ରୂପାନ୍ତରିତ କରାଯାଇ ପାରିଲେ ଅଂଚଳର ଅନେକ ଉନ୍ନତି ହେବା ସଂଗେ ସଂଗେ ଆଖପାଖର ଜନଜାତିଙ୍କର ଆର୍ଥିକ ପରିବର୍ତ୍ତନ ସମ୍ଭବପର ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବିଙ୍କର ମତ ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବୋଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫଉଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



## ॥ ଭାଗ-୧୧ ॥




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

# ଆରମ୍ଭ ହେଲା ଅନ୍ଧାରି ଯୁଗ

କାଳିଆ ସୁଖରେ ଥିଲା ନା ଦୁଃଖରେ ଥିଲା ? !

ନା ତଟସ୍ଥ ହେଇ ଖାଲି ଯାହା ସବୁକିଛି ଦେଖୁଥିଲା ।

ଅପରିସୀମ ଅପମାନର ଆଘାତ ସହି ସହି ଦନ୍ତୁରା ହେଇଯାଇଥିବା ଓଡ଼ିଆମାନଙ୍କୁ ବୋଳ ଦେବା ପାଇଁ କାଳିଆ ପାଖରେ ବି ବୋଧେ ଆଉ ଶକ୍ତି ନଥିଲା ।

ଅସହାୟ, ଅନନ୍ୟୋପାୟ ହେଇ ବଡ଼ ବଡ଼ ଚକାଆଖିରେ ସେ ସବୁ ଦେଖୁଥିଲା ସାକ୍ଷୀ ଭାବ ନେଇ, ମୂକ ଦର୍ଶକଟେ ହେଇ ।

ପ୍ରଜାମାନେ ଦୁଃଖ-ଲାଞ୍ଛନାରେ ଜର୍ଜରିତ ହେଉଥିବାବେଳେ କେଉଁ ରାଜା ସିଂହାସନରେ ବସି ହେଉଡ଼ି ମାରିପାରିବ ?

କାଳିଆ ରାଜାର ପ୍ରତିନିଧିତ୍ୱ କରୁଥିବା ଜଣଙ୍କ ପରେ ଜଣେ ଗଜପତି ଜାତୀୟ-ଜୀବନ ପୃଷ୍ଠଭୂମିରୁ ବିଦାୟ ନେଉଥିଲେ ଲୁହ-ଲହୁ ସ୍ନାତ ହେଇ ।

ନାଁକୁ ମାତ୍ର ଗଜପତି ଥିଲେ ସେମାନେ । ଅସଲ ଶାସନର ଡୋରି ତ ଥିଲା ଦିଲ୍ଲୀରେ ଗାଦିନସୀନ ମୋଗଲ ସମ୍ରାଟଙ୍କ ହାତରେ ।

ହତ୍ୟା-ଷଡ଼ଯନ୍ତ୍ର-ଅସ୍ଥିରତା-ଅରାଜକତାର ବିଷବଳୟ ଘେରି ରହିଥିଲା ଓଡ଼ିଶାର ରାଜନୈତିକ ପରିମଣ୍ଡଳକୁ ।

ରାଜନୀତିରେ ବିଷ ଚହଟୁଥିଲା । ସିଂହାସନ ପାଇଁ ଦିଲ୍ଲୀରେ ମୋଗଲ ପରିବାର ଭିତରେ ରକ୍ତର ହୋରି ଖେଳ ଆରମ୍ଭ ହେଇଯାଇଥିଲା । ବାପ ବିରୁଦ୍ଧରେ ପୁଅ, ଭାଇ ବିରୁଦ୍ଧରେ ଭାଇ ତରବାରି ଧରି ଠିଆ ହୋଇଥିଲା । ପାଣି ଫାଟୁଥିଲା ରକ୍ତ ସଂପର୍କ । ରକ୍ତ ମୁଖା ହେଇଥିଲା ନିଜ ରକ୍ତରେ ଗଢ଼ା ହୋଇଥିବା ପୁଅ ।

ପିତା ଶାହାଜାହାନଙ୍କୁ ବନ୍ଦୀ କରି ଓ ଅନ୍ୟ ଭାଇମାନଙ୍କୁ ପରାସ୍ତ କରି ୧୬୫୮ରେ ଗାଦିନସୀନ ହେଲେ କନିଷ୍ଠ ପୁତ୍ର ଔରଙ୍ଗଜେବ । ଆଗ୍ରା କିଲ୍ଲାର ମୁଷମନ୍ ବୁର୍ଜରେ ବନ୍ଦୀ ଭାବରେ ରହିଲେ ବୃଦ୍ଧ ଶାହାଜାହାନ । ଏକଦା ଅଖଣ୍ଡ କ୍ଷମତା, ପ୍ରତିପତ୍ତି ଓ ସକଳ ଐଶ୍ୱର୍ଯ୍ୟର ଅଧିପତି ଥିବା ଶାହାଜାହାନ ଏବେ ଗୋଟେ ଛୋଟ କୋଠରୀରେ ବନ୍ଦୀ ଥିଲେ । ଝରକାରୁ ଆକାଶରେ ଭାସି ବୁଲୁଥିବା ଧଳା ମେଘ ଭଳି ଝାପ୍‌ସା ଦିଶୁଥିଲା ତାଜମହଲ । ସ୍ମୃତିର ମିନାର୍ । ଝଲମଲିଆ ଧଳା ମାର୍ବଲ ନୁହେଁ, ସତେ ଯେମିତି ହୃଦୟକୁ ଖଣ୍ଡ ଖଣ୍ଡ କରି କାଟି ସେଇଥିରେ ତିଆରି ହେଇଥିଲା ତାଜମହଲ । ଖାଲି କ'ଣ ତାଙ୍କ ଭଗ୍ନ ହୃଦୟରେ ଗଢ଼ା ହେଇଥିଲା ଏ ଆଖି-ଝଲସା ମିନାର ? ବର୍ଷ ବର୍ଷ ଧରି ହଜାର ହଜାର ଶ୍ରମିକଙ୍କ ରକ୍ତ ବି ନିଗିଡ଼ି ଥିଲା ଏହାକୁ ଗଢ଼ିବାରେ । ସେଇମାନଙ୍କ ନିଃଶ୍ୱାସ ପଡ଼ିଲା କି ଆଉ । କେଉଁ ପୁନେଇଁ ରାତିରେ ସେ ବସିନାହାନ୍ତି ତାଜମହଲ ପ୍ରାଙ୍ଗଣରେ । ଜହ୍ନ ଆଲୁଅରେ ଝଟକି ଉଠୁଥିବା ଶଙ୍ଖ ମଲମଲ ମାର୍ବଲ ଚଟାଣରେ ଦୁଃଖର ଚାଦର ପାରି ଶୋଇନାହାନ୍ତି କେବେ । ମନଭରି କାନ୍ଦି ନାହାନ୍ତି ସେଠି ।

ସତରେ କ'ଣ ମମତାଜଙ୍କ ସ୍ମୃତିକୁ ସବୁଦିନ ପାଇଁ ସାଇତି ରଖିବାକୁ ତାଜମହଲ ତିଆରି ହୋଇଥିଲା ?

ଜଣଙ୍କ ସ୍ମୃତି ପାଇଁ ଏତେ ବଡ଼ ସୌଧ ?

ପ୍ରେମ କ'ଣ ସୌଧ ଚାହେଁ ବଂଚି ରହିବା ପାଇଁ ? କେତେ ଜଣଙ୍କ ଲୁହ-ଲହୁ ନିଗିଡ଼ିଲେ ଯାଇଁ ଜଣଙ୍କ ପ୍ରେମ ପାଇଁ ଏଭଳି ଗୋଟେ ବିଶାଳ ସୌଧ ତିଆରି ହୋଇପାରେ ? କେତେ ଜଣଙ୍କ ଜୀବନ ବିନିମୟରେ ଗୋଟେ ସମ୍ରାଟର ଖେୟାଲ ସାର୍ଥକ ରୂପ ପାଏ ?

ସତରେ କ'ଣ ମୁମତାଜ ମୃତ୍ୟୁଶଯ୍ୟାରେ ଶାହାଜାହାନଙ୍କୁ କହିଥିଲେ, ତାଙ୍କ ମୃତ୍ୟୁ ପରେ ଏଭଳି ଏକ ଭବ୍ୟ ଇମାରତ ଗଢ଼ି ଦେବା ପାଇଁ ? ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ମା କ'ଣ ଏଭଳି ଏକ ସ୍ୱପ୍ନ ନିଜ ସ୍ୱାମୀଙ୍କ ଆଗରେ ବାଢ଼ିବା ଅବସ୍ଥାରେ ଥାଏ ?

କେଜାଣି ? ?

ଏମିତି କେତେ କେତେ କେଜାଣି ଇତିହାସ ପୃଷ୍ଠାରେ ଅନୁତ୍ତରିତ ହୋଇ ରହି ଯାଇଛନ୍ତି । ତାଜମହଲ ଗଢ଼ିବାରେ ଶାହାଜାହାନଙ୍କର ମୁମତାଜଙ୍କ ପ୍ରତି ପ୍ରେମ ଯେତିକି ଥିଲା, ନିଜର ପ୍ରତିସ୍ପର୍ଦ୍ଧା ଓ ଅହଙ୍କାର ପ୍ରଦର୍ଶନ କରିବାର ଝୁଙ୍କ୍ କାଇଁ କେତେ ଗୁଣରେ ଅଧିକ ଥିଲା ।

ଏଣିକି ଆଖିରେ ପରଳ ମାଡ଼ି ଯାଇଥିଲା ।

ଯେତେ ଧଳା ହେଲେ ବି, ଭଲ ଦିଶୁନଥିଲା ତାଜମହଲର ଧଳା ଧଳା ମିନାର୍ ସବୁ । ଆଖିରୁ ଲୁହ ବହୁଥିଲା ଅନବରତ । ଏ ଲୁହ ସତେ ଯେମିତି କେତେ ବର୍ଷ ଧରି ଅପେକ୍ଷା କରି ରହିଥିଲେ; ଏଣିକି ସବୁ ବନ୍ଧ-ବାଡ଼ ଭାଙ୍ଗିଯାଇଥିଲା । ହାତ ଯାଉନଥିଲା ଲୁହ ପୋଛିବା ପାଇଁ । ଲୁହ ବୋହି ବୋହି ଆପେ ଆପେ ଶୁଖି ଯାଉଥିଲା ।

ଏ କ'ଣ ଥିଲା ପଶ୍ଚାତାପର ଲୁହ, ନା ଅସହାୟତାର ଲୁହ । ଲୁହ ବୋହିଲା ବେଳେ ପଚାରି ହୁଏନି କାହିଁକି ବୋହୁଛି । ଲୁହ କେତେବେଳେ ଅବା ବୋହିବା ଲୋକର ନିୟନ୍ତ୍ରଣରେ ଥାଏ ?

ଯେଉଁ ମୁମତାଜ ପାଇଁ ତାଜମହଲ, ସେଇ ମୁମତାଜ ଗର୍ଭରୁ ହିଁ ତ ଜନ୍ମ ଔରଙ୍ଗଜେବ ।

କେମିତି ସେ ଏତେ ନିଷ୍ଠୁର ହେଇପାରିଲା ?

ବାପାକୁ ଜେଲ୍‌ରେ ଠୁଙ୍କିଲାବେଳେ, ଭାଇମାନଙ୍କ ମୁଣ୍ଡ କାଟିଲାବେଳେ, ଟିକେ ବି ତା ହାତ ଥରିଲାନି । ତା ହୃଦୟ ତା'କୁ ରୋକିଲାନି । ଯେଉଁ ମୁମତାଜଙ୍କୁ ସେ ପ୍ରାଣଭରି ଭଲ ପାଉଥିଲେ, ସେଇ ମୁମତାଜଙ୍କ ଗର୍ଭରେ ତାଙ୍କରି ରକ୍ତରୁ ଅଂକୁରିତ ହେଲା ଏଭଳି ଏକ ହୃଦୟହୀନ ପାଷାଣ-ଦାନବ ? ?

ନିବୁଜ ଅନ୍ଧାରି ଗୁହାରେ ମୃତ୍ୟୁକୁ ଅପେକ୍ଷା କରିବା ଭିନ୍ନ ଆଉ କ'ଣ ବା ଉପାୟ ଥିଲା ଶାହାଜାହାନଙ୍କର ?

ନିଜ ରକ୍ତ ହିଁ ତ ରଚିଥିଲା ଚରମ ବିପର୍ଯ୍ୟୟ !

× × × × ×

ଦିଲ୍ଲୀ ଗାଦି ପାଇଁ ହୋଇଥିବା କ୍ଷମତା କନ୍ଦଳରେ ମୋଗଲ ଗଭର୍ଣ୍ଣର ଶାହାଜାଦା ସୁଜା ଓଡ଼ିଶାର ଶକ୍ତି



ଓ ସମ୍ବଳ ବିନିଯୋଗ କରିଥିଲେ । ଔରଙ୍ଗଜେବଙ୍କ ବଶ୍ୟତା ସ୍ୱୀକାର ନ କରି ନିଜେ ବିଦ୍ରୋହୀ ପାଲଟିଥିଲେ ଓ ମୋଗଲ ବିରୋଧୀ ବିଦ୍ରୋହୀଙ୍କୁ ପ୍ରୋତ୍ସାହନ ଦେଇଥିଲେ ।

ହେଲେ, ଆଉରଙ୍ଗଜେବଙ୍କ ଶକ୍ତି ଆଗରେ ସେ ତିଷ୍ଠି ପାରିଲେନି ।୧୬୬୦ରେ ଯୁଦ୍ଧରେ ପରାଜିତ ହୋଇ ସୁଜା ଭାରତ ଛାଡ଼ି ଆରାକାନ ପଳେଇଲେ । ସେତେବେଳେ ସୁଜାଙ୍କ ପ୍ରରୋଚନାରେ ଓଡ଼ିଶାରେ ମୋଗଲ ଶାସନ ବିରୋଧରେ ଓଡ଼ିଶାର ଜମିଦାର ଓ ରାଜାମାନେ ବିଦ୍ରୋହ ଘୋଷଣା କରିଥିଲେ । ନା ସେମାନେ ବାର୍ଷିକ ଖଜଣା ଦେଉଥିଲେ, ନା ମୋଗଲ ପ୍ରଭୁତାକୁ ସ୍ୱୀକାର କରୁଥିଲେ । ମୋଗଲ କ୍ଷମତା କନ୍ଦଳ ସାଙ୍ଗକୁ ସୁଜାଙ୍କ ବିଦ୍ରୋହ ଓ ଶାସନରେ ଅମନଯୋଗିତା ସେଥିପାଇଁ ବେଶ୍ ସହାୟକ ହୋଇଥିଲା । ଏମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ରଣପୁର, ସାରଙ୍ଗଗଡ଼, ଡମପଡ଼ା ଓ ଖଲିକୋଟ ଆଦି ରାଜ୍ୟର ଜମିଦାର ଓ ରାଜାମାନେ ।

ଦାୟିତ୍ୱ ସମ୍ଭାଳିବା ପରେ ଔରଙ୍ଗଜେବ ଖାନ୍-ଇ-ଦୌରାନଙ୍କୁ ଓଡ଼ିଶାର ସୁବାଦାର ଭାବରେ ନିଯୁକ୍ତ କଲେ । ତାଙ୍କର ପ୍ରଥମ କାମ ଥିଲା ବିଦ୍ରୋହକୁ ଦମନ କରିବା ଓ ମୋଗଲ ଶାସନ ପାଇଁ ପର୍ଯ୍ୟାପ୍ତ ରାଜସ୍ୱ ସଂଗ୍ରହ କରିବା ।

ବିଦ୍ରୋହୀଙ୍କୁ ମନେଇବା ପାଇଁ ଖାନ୍-ଇ-ଦୌରାନ୍ ଜଳେଶ୍ୱର ବାଟେ ଓଡ଼ିଶା ଆସି ପହଞ୍ଚିଲେ । ସେଇଠି ମୟୁରଭଂଜର ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ମୋଗଲ ବାହିନୀକୁ ଆକ୍ରମଣ କଲେ । ବିଜୟ ତାଙ୍କ ଭାଗ୍ୟରେ ନଥିଲା । ସେ ଓ ତାଙ୍କ ଚରମାନେ ମୋଗଲ ସୈନ୍ୟମାନଙ୍କ ହାତରେ ନିହତ ହେଲେ । ତାଙ୍କ ସମର୍ଥନରେ ମୋଗଲ ବିରୋଧରେ ମେଳି କରୁଥିବା ପ୍ରଜାମାନଙ୍କୁ ମଧ୍ୟ ନିର୍ମମ ଭାବରେ ହତ୍ୟା କରାଗଲା । ଏ ଥିଲା ଓଡ଼ିଶା ବିଦ୍ରୋହୀମାନଙ୍କ ବିରୋଧରେ ମୋଗଲଙ୍କ ପ୍ରଥମ ଓ ପ୍ରଚଣ୍ଡ ପ୍ରତି-ଆକ୍ରମଣ ।

ସମ୍ବଳ, ସାମର୍ଥ୍ୟ ଓ ସଂଗଠନ ଅଭାବରୁ ବଡ଼ ରୂପ ଧାରଣ କରିବା ପୂର୍ବରୁ ହିଁ ବିଦ୍ରୋହ ମଉଳି





ଯାଉଥିଲା ।

ଆଧୁନିକ ଓଡ଼ିଶାର ନିର୍ମାଣ କ୍ଷେତ୍ରରେ ଶ୍ରୀରାମଚନ୍ଦ୍ର ଭଂଜ, କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ରାଜାମାନଙ୍କ ଅବଦାନକୁ ସ୍ମରଣ କଲାବେଳେ, କାହିଁକି ଆମେ ଭୁଲିଯାଉ କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଭଳି ବୀରଙ୍କୁ, ଯିଏ ପରିଣାମକୁ ଭ୍ରୂକ୍ଷେପ ନକରି ଏକା ଏକା କୁଦି ପଡ଼ିଥିଲେ ମଇଦାନକୁ ଏବଂ ପ୍ରାଣ ମଧ୍ୟ ଦେଇଥିଲେ ।

କାହିଁକି ଗୋଟିଏ ବି ଅନୁଷ୍ଠାନ ତାଙ୍କ ନାମରେ ନାମିତ ହୋଇନାହିଁ ତ ?

କାହିଁକି ତାଙ୍କ ଜୟନ୍ତୀ ଆମେ ପାଳନ କରୁନେ ? ଆମ ପୀଢ଼ିର କେତେ ଜଣ ଚିହ୍ନିଛନ୍ତି କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଭଳି ଜଣେ ପ୍ରଚଣ୍ଡ ବୀରଙ୍କୁ ?

ଅସଲି ବୀରମାନଙ୍କୁ ଭୁଲିଯିବା ସତେ ଅବା ଆମର କର୍ତ୍ତବ୍ୟ !

ଜଳେଶ୍ୱରରେ ବିଦ୍ରୋହ ଦମନ କରି ଖାନ୍-ଇ-ଦୁରାନ ଯାଇ ପହଞ୍ଚିଲେ ରେମୁଣାରେ । ସେଠି କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଅନୁଜ ଜୟଚନ୍ଦ୍ର ଭଞ୍ଜ ମୋଗଲ ଶାସନର ବଶ୍ୟତା ସ୍ୱୀକାର କରି ମୟୁରଭଞ୍ଜର ରାଜପଦ ପାଇଲେ ।

ସେତେବେଳକୁ ନରସିଂହ ଦେବଙ୍କ ଅନ୍ତେ ଖୋର୍ଦ୍ଧା ଗଜପତି ଆସନରେ ବସିଥାନ୍ତି ମୁକୁନ୍ଦ ଦେବ । ଏ ପଦ ଯେତିକି କଣ୍ଟକିତ ଥିଲା, ତା ପାଖରେ ପହଞ୍ଚିବାର ବାଟ ଥିଲା ଆହୁରି ଅଧିକ କଣ୍ଟକିତ । ବଡ଼ ଗଣ୍ଡଗୋଳିଆ ପରିସ୍ଥିତିରେ ମୁକୁନ୍ଦଦେବ ରାଜା ହୋଇଥିଲେ । ଏ ସଂପର୍କରେ ଡକ୍ଟର ମହତାବ ତାଙ୍କ "ଓଡ଼ିଶା ଇତିହାସ'ରେ ଲେଖିଛନ୍ତି –

"ଏ ଗୋଳମାଳ ସମୟରେ ଖୋର୍ଦ୍ଧା ରାଜବଂଶର ଉତ୍ତରାଧିକାର ଘେନି ମଧ୍ୟ ଗୋଳମାଳ ଘଟିଥିଲା । ବଳଭଦ୍ରଙ୍କ ଅନ୍ତେ ତାଙ୍କ ପୁତ୍ର ମୁକୁନ୍ଦ ଦେବ ଖ୍ରୀଷ୍ଟାବ୍ଦ ୧୬୫୯ରେ ଖୋର୍ଦ୍ଧାର ରାଜା ହୁଅନ୍ତି । ଯୁବରାଜ ସୁଜାଙ୍କ ଶାସନ ସମୟରେ ଜଣେ ଲୋକ ନିଜକୁ ଗଙ୍ଗାଧର ବୋଲାଇ ଖୋର୍ଦ୍ଧାର ଉତ୍ତରାଧିକାର ଦାବି କରି ଦିଲ୍ଲୀ ଯାଇ ମୋଗଲ ଦରବାରରେ ପହଞ୍ଚିଲେ । ସେଠାରେ ସେ ବିଫଳ ମନୋରଥ ହୋଇଥିଲେ । ଆଉ ଜଣେ ଖୋର୍ଦ୍ଧା ଗାଦି ଦାବି କରୁଥିବା ଗଙ୍ଗାଧରଙ୍କୁ କେତେକ ଜମିଦାର କଟକ ନିକଟରେ ହତ୍ୟା କରିଥିଲେ । ତୃତୀୟ ଏକ ଗଙ୍ଗାଧର କଟକର ବାରବାଟୀ ଦୁର୍ଗରେ ବନ୍ଦୀ ହୋଇଥିଲେ ବୋଲି ଜଣାଯାଏ । ଶେଷରେ ସମସ୍ତ ପ୍ରବଞ୍ଚନା ବିଫଳ ହେଲା ଓ ମୁକୁନ୍ଦ ଦେବ ହିଁ ଖୋର୍ଦ୍ଧାର ରାଜା ରହିଲେ ।' (ପୃ. ୩୨୪)

ଗାଦିରେ ବସଲା ବେଳକୁ ମୁକୁନ୍ଦ ଦେବଙ୍କୁ ବୟସ ହୋଇଥିଲା ମାତ୍ର ସାତବର୍ଷ । ସେ କ'ଣ ବା ବୁଝିଥିବେ ରାଜନୀତି ଓ ଶାସନ-ପ୍ରଶାସନର ଗହନ କଥା । ମୁଣ୍ଡରେ ଶିରପା ବି ଭଲରୂପେ ବସୁନଥିଲା; ଖସି ଯାଉଥିଲା ବାରମ୍ବାର । ହେଲେ ଗଜପତି ଭାବରେ ସେ ଥିଲେ ସାରା ଓଡ଼ିଶାର ଅସ୍ମିତାର ପ୍ରତୀକ, ସର୍ବମାନ୍ୟ ନେତା । ତାଙ୍କୁ ନେତା ରୂପରେ ମାନି ରଣପୁର, ସାରଂଗଗଡ଼, ଡମପଡ଼ା ଓ ଖଲିକୋଟର ରାଜାମାନେ ମୋଗଲ ବିରୋଧରେ ବିଦ୍ରୋହ ଡାକରା ଦେଇଥିଲେ । ମୋଗଲ ସେନା ଆଗରେ ବିଦ୍ରୋହ ବେଶିଦିନ ତିଷ୍ଠିଲାନି । ମୁକୁନ୍ଦ ଦେବ ଯୁଦ୍ଧ ନକରିପାରି ଖୋର୍ଦ୍ଧାରୁ ପଳେଇଲେ । ତାଙ୍କ ଅନୁଜ କପିଳ ଭ୍ରମରବର ରାୟଙ୍କୁ ଖୋର୍ଦ୍ଧା ସିଂହାସନରେ ବସାଗଲା । ଯାହାଙ୍କୁ ବୟସ ହେଇଥିଲା ପାଞ୍ଚବର୍ଷ । ବିଦ୍ରୋହ ଦମନ କରାଗଲା । ପ୍ରାୟ ବିଦ୍ରୋହୀ ଜମିଦାର/ରାଜାମାନେ ଖାନ୍-ଇ-ଦୁରାନଙ୍କ ନିକଟରେ ଆତ୍ମସମର୍ପଣ କଲେ । ମୋଗଲ କେଉଁଝର ଦଖଲ କଲେ । ରଣପୁର, ଡମପଡ଼ା, ମଲ୍ଲୀପୁର, ପାରିକୁଦ, ମାଲୁଦର ରାଜାମାନେ ପରାସ୍ତ ହେଲେ । ଶେଷରେ ୧୬୬୧ ମାର୍ଚ୍ଚ ମାସରେ ଖୋଦ୍ ଗଜପତି ମୁକୁନ୍ଦଦେବ ମଧ୍ୟ ମୋଗଲ ନିକଟରେ ଆତ୍ମସମର୍ପଣ କଲେ ଓ ନିଜ ରାଜଗାଦି ଫେରି ପାଇଲେ । ଏଣିକି ପୁରା ଓଡ଼ିଶା ରହିଲା ମୋଗଲଙ୍କ ହାତମୁଠାରେ । ଓଡ଼ିଶା ଉପରେ ସେମାନଙ୍କ ନିୟନ୍ତ୍ରଣ ଆହୁରି ସୁଦୃଢ଼ ହେଲା ।

ଆଉରଙ୍ଗଜେବ ତାଙ୍କ ପିତାଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ । ସେ ନିଜେ ଯେତିକି ନୈଷ୍ଠିକ ମୁସଲମାନ ଥିଲେ, ହିନ୍ଦୁମାନଙ୍କ ପ୍ରତି ଥିଲେ ତା'ଠୁ ବହୁଗୁଣରେ ଅଧିକ ବିଦ୍ୱେଷୀ । ହିନ୍ଦୁ ଧର୍ମକୁ ନଷ୍ଟ କରିବା ଏବଂ ଇସ୍‌ଲାମର ପ୍ରଚାର-ପ୍ରସାର କରିବା ଦିଗରେ ସେ ଶାସନକଳକୁ ସଂପୂର୍ଣ୍ଣ ଭାବରେ ଉପଯୋଗ କରିଥିଲେ । ଆକବରଙ୍କ ସମୟରୁ ଚାଲି ଆସୁଥିବା ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ପ୍ରତ୍ୟାଖ୍ୟାତ ହେଲା । ହିନ୍ଦୁ-ମାରଣ ଆରମ୍ଭ ହେଲା ଜୋର୍‌ସୋରରେ ।

ଇସ୍‌ଲାମ୍ ଧର୍ମ ପ୍ରଚାର କରିବା ପାଇଁ ମାସିକ ଦରମାରେ ଧର୍ମଗୁରୁମାନେ ନିଯୁକ୍ତ ହେଲେ ।

ମନ୍ଦିର ଭଙ୍ଗା ଓ ଲୁଣ୍ଠନ ହେଲା ନୂଆ ଶାସନର ନୀତି । ଲୋକେ ତ୍ରାହି ତ୍ରାହି ଡାକ ଛାଡ଼ିଲେ । ବିପଦ ଘନେଇ ଆସୁଥିଲା ।



# କୁସୁମାର




**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ଼

ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଲେଖକ


## ପ୍ରାଚୀନ ଯାଜପୁର ଓ ଆଧୁନିକ କୁସୁମା ପୋଖରୀ

ଯାଜପୁର ଜିଲ୍ଲାର ପର୍ଯ୍ୟଟନ ସ୍ଥଳି ମଧ୍ୟରୁ ବିରଜା କ୍ଷେତ୍ର ଅନ୍ୟତମ । ବର୍ଷକୁ ୨୦ ଲକ୍ଷରୁ ଅଧିକ ପର୍ଯ୍ୟଟକ ରାଜ୍ୟ ଓ ରାଜ୍ୟ ବାହାରୁ ଏଠାକୁ ଆସୁଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ନିମନ୍ତେ ସହସ୍ର ବର୍ଷ ତଳର ଏକ ବିଶାଳ ପୋଖରୀକୁ ଏଠାରେ ଜୀବନ୍ନ୍ୟାସ ଦେଇଛି ଜିଲ୍ଲା ପ୍ରଶାସନ । ପ୍ରାୟ ୩୨ ଏକର ପରିମିତ ଏ ପୋଖରୀ । ଯାଜପୁର ପୌରାଞ୍ଚଳ ତରଫରୁ ବିଧାୟକ ପ୍ରଣବ ଦାସ ଓ ଜିଲ୍ଲାପାଳ କବି ରଞ୍ଜନ କୁମାର ଦାସଙ୍କ ପ୍ରଚେଷ୍ଟାରେ ନବଜୀବନ ପାଇଛି ଏ ପୋଖରୀ । ଏହି ପୋଖରୀକୁ ନୂଆ ଜୀବନ ଦେବାରେ ଖର୍ଚ୍ଚ ହୋଇଛି ୨୮ କୋଟି ଟଙ୍କା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଫଳଶ୍ରୁତି ଏହା । ଏ ପୋଖରୀର ନାମ ହେଉଛି କୁସୁମା ପୋଖରୀ ।

ଏବେ ପର୍ଯ୍ୟଟକ ଆକୃଷ୍ଟ ହେବା ସହ ପ୍ରତ୍ୟେହ କୁସୁମାକୁ ଦେଖିବା ପାଇଁ ଆଶାତୀତ ଭିଡ଼ ଜମୁଛି । ଏଥିପାଇଁ ପ୍ରବେଶ ମୂଲ୍ୟ ୩୦ ଟଙ୍କା ରଖା ଯାଇଛି । ଫଳରେ ଦୈନିକ ୩୦ ରୁ ୪୦ ହଜାର ଟଙ୍କା ରାଜସ୍ୱ ଆଦାୟ ହେଉଛି । ହଜାର ବର୍ଷ ତଳର ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି କୁସୁମା ପୋଖରୀର ଆଧୁନିକତା ସମ୍ପର୍କରେ ଲେଖିବା ପାଇଁ 'ରେବତୀ'ର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ଠାରୁ ଅନୁରୋଧ ପାଇ ମୁଁ ଆରମ୍ଭ କରିଥିଲି ମୋ କାମ ।

ଆସନ୍ତୁ କୁସୁମା ପୋଖରୀର ଉନ୍ନତି କେଞ୍ଚେ କଣ କଣ ହୋଇଛି ଓ ପର୍ଯ୍ୟଟକଙ୍କୁ କିପରି ଭାବରେ ଏହା ଆକୃଷ୍ଟ କରୁଛି ଜାଣିବା । ତେବେ ତା' ପୂର୍ବରୁ ଜାଣିନେବା ଦରକାର ପ୍ରାଚୀନ ଓଡ଼ିଶାର ରାଜଧାନୀ ଥିବା ଯାଜପୁରର ଇତିହାସ । ତୃତୀୟ ଶତାବ୍ଦୀରୁ ଆରମ୍ଭ କରି ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏକ ହଜାର ବର୍ଷ



# କିମିଥାଁ

ଧରି ଯାଜପୁର ଥିଲା ପ୍ରାଚୀନ ଓଡ଼ିଶାର ରାଜଧାନୀ । ପାରିପାର୍ଶ୍ୱିକ ଓ ଭୌଗୋଳିକ ପରିବେଶ ତଥା ରାଜନୈତିକ ପୃଷ୍ଠପୋଷକତା ଏବଂ ଧାର୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହି ସ୍ଥାନକୁ ବିଭିନ୍ନ ଧର୍ମଧାରାର ଏକ ସମନ୍ୱୟ ପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ । କଳା ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ଏକ ପ୍ରମୁଖ ସ୍ଥାନ । ସାହିତ୍ୟ ଓ ଅନ୍ୟାନ୍ୟ ସଂସ୍କୃତି ଭାବଧାରାର ଅନନ୍ୟ ପୀଠ । ମହାଭାରତରୁ ଜଣାଯାଏ କଳିଙ୍ଗ ଏକ ବିଶୁଦ୍ଧ ଧାର୍ମିକ ଦେଶ ଥିଲା । ଏହି ଦେଶରେ ଯଜ୍ଞପୁର ନାମକ ସ୍ଥାନରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ବୈତରଣୀ କୂଳରେ ଅବସ୍ଥିତ ଯାଜପୁରକୁ ଯଜ୍ଞପୁର ବୋଲି ଚିହ୍ନିତ କଲେ ଅସମୀଚୀନ ହେବ ନାହିଁ । ପାଣ୍ଡବମାନେ ତୀର୍ଥଯାତ୍ରା ସମୟରେ ବୈତରଣୀରେ ସ୍ନାନ କରିବା ମହାଭାରତର ବନପର୍ବରେ ଉଲ୍ଲେଖ ଅଛି । ମହାଭାରତ ଯୁଦ୍ଧ ସଂଘଟିତ ହେବା ପୂର୍ବରୁ ରାଜପୁର କଳିଙ୍ଗର ରାଜଧାନୀ ଥିବା ଜଣାଯାଏ । ଏହି ରାଜପୁରର ରାଜା ଚିତ୍ରାଙ୍ଗଦଙ୍କର କନ୍ୟା ଭାନୁମତୀକୁ ଦୁର୍ଯ୍ୟୋଧନ ଅପହରଣ କରି ବିବାହ କରିଥିଲେ । ଆହୁରି ମଧ୍ୟ ଅଷ୍ଟାଦଶ ଜୈନ ତୀର୍ଥଙ୍କର ଅରନାଥ କଳିଙ୍ଗର ଏକ ପ୍ରଧାନ ନଗରୀ ରାଜପୁରରୁ ତାଙ୍କର ପ୍ରଥମ ଦୀକ୍ଷା ଗ୍ରହଣ କରିଥିବାର ମଧ୍ୟ ଜଣାଯାଏ । ଯାଜପୁର ସହରର ମଧ୍ୟଭାଗକୁ ଏବେ ରାଜପୁର କୁହାଯାଉଛି । ବହୁ କାଳ ଅତିବାହିତ ହୋଇଥିଲେ ମଧ୍ୟ ମୂଳନାମ ରାଜପୁରରୁ ଯାଜପୁର ହୋଇଛି । ଯାଜପୁରର ଅନତି ଦୂରରେ ବିନ୍ଧେଶ୍ୱରୀ ପୀଠ ନିକଟରେ ପାଟପୁର ଗ୍ରାମ ଅବସ୍ଥିତ । ଏଣୁ ଯାଜପୁର ନିକଟସ୍ଥ ରାଜପୁର, ପ୍ରାଚୀନ କଳିଙ୍ଗର ରାଜଧାନୀ ରାଜପୁର ହେବା ସମ୍ଭବ । ବୈତରଣୀ ତଟସ୍ଥ ପାଟପୁର ପ୍ରାଚୀନ ପାଟ ମହାଦେବୀପୁରର ଅପଧ୍ୱଂସ ହୋଇପାରେ । ମହାଭାରତ ଯୁଦ୍ଧ ପରେ ଓ ନନ୍ଦ ବଂଶ ରାଜତ୍ୱ ପୂର୍ବରୁ କଳିଙ୍ଗରେ ୩୨ ଜଣ ଶାସକ ରାଜୁତି କରୁଥିଲେ । ଏହି ସମୟ ମଧ୍ୟରେ ଦନ୍ତପୁର କଳିଙ୍ଗର ରାଜଧାନୀ ଥିଲା । ଐତିହାସିକ ଗବେଷଣାରୁ ଜଣାଯାଏ ମହାଭାରତ ଯୁଦ୍ଧ ପର ଠାରୁ ଖ୍ରୀଷ୍ଟପୂର୍ବ ୩୫୦ ପର୍ଯ୍ୟନ୍ତ ଦନ୍ତପୁର ରାଜଧାନୀ ଥିଲା । ପୁନଶ୍ଚ ଦୀର୍ଘ ୬୦୦ ବର୍ଷ ପରେ ତୃତୀୟ ଶତାବ୍ଦୀରେ ଦନ୍ତପୁର କଳିଙ୍ଗର ରାଜଧାନୀ ଥିଲା । ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ଦନ୍ତପୁର ରାଜା ଗୁହ ଶିବଙ୍କର ରାଜଧାନୀ ଥିଲା । ଐତିହାସିକମାନଙ୍କ ମଧ୍ୟରେ ଗୁହ ଶିବ ହେଉଛନ୍ତି ବିରଜା ମଣ୍ଡଳ ବା ଆଧୁନିକ ଯାଜପୁର ଅଞ୍ଚଳର ପ୍ରାଚୀନ ରାଜା । ସେ ବୌଦ୍ଧଧର୍ମର ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ । ଦନ୍ତପୁର ନିକଟରେ ବୁଦ୍ଧଙ୍କ ଦନ୍ତ ଗୋଟିଏ ସ୍ତୁପରେ ସଂରକ୍ଷିତ ହୋଇ ରହିଥିବା ସେଠାରୁ ମୁଳିଥିବା ତାମ୍ରଲିପିରୁ ସ୍ୱଷ୍ଟ । ବନ୍ଦର ଦେଇ ଦନ୍ତ ଧାତୁକୁ ସିଂହଳକୁ ପଠାଯିବା ଘଟଣାକୁ ବିଚାରକୁ ନେଲେ ବୌଦ୍ଧଧର୍ମର ପ୍ରଥମ ପ୍ରସାର ସମୟରେ ଦନ୍ତପୁର ପ୍ରାଚୀନ ଯାଜପୁର ନିକଟରେ ଅବସ୍ଥିତ ଥିଲା । ଏହା ପ୍ରମାଣ କରୁଛି ଯାଜପୁର ଅଞ୍ଚଳର କୋଣ ଅନୁକୋଣରେ ବୌଦ୍ଧଧର୍ମର ପ୍ରତ୍ନତାତ୍ତ୍ୱିକ ଅବଶେଷ ମିଳୁଥିବାରୁ, ଅନୁମାନ କରାଯାଏ ଯେଉଁ ରାଜାମାନେ ଦନ୍ତପୁର ରାଜଧାନୀରୁ କଳିଙ୍ଗ ରାଜ୍ୟ ଶାସନ କରୁଥିଲେ ସେମାନେ ପ୍ରାଚୀନ ଯାଜପୁରର ରାଜା ଥିଲେ ।



ଭୌମକରମାନଙ୍କ ବଂଶାବଳୀରୁ ସୂଚିତ ହୁଏ ୬ ଜଣ ନାରୀଙ୍କ ସମେତ ପ୍ରାୟ ୧୮ ଜଣ ଶାସକ ୨୧୪ ବର୍ଷ ଧରି ଓଡ଼ିଶା ଶାସନ କରିଥିଲେ । ଦକ୍ଷିଣରେ ମହେନ୍ଦ୍ର ଗିରି ଠାରୁ ଆରମ୍ଭ କରି ସମଗ୍ର କଙ୍ଗୋଦ ରାଜ୍ୟ ଉତ୍ତର ଓ ଦକ୍ଷିଣ ତୋଷାଳି ଏବଂ ଉତ୍ତରରେ ଆଧୁନିକ ମେଦିନିପୁର ଅଞ୍ଚଳ ସେମାନଙ୍କ ସାମ୍ରାଜ୍ୟର ଅର୍ନ୍ତଭୁକ୍ତ ଥିଲା । ବୈତରଣୀ ନଦୀ ତଟସ୍ଥ ଯାଜପୁର ନଗରରେ ଗୂହ ଦେବ ପାଟକ ବା ଗୁହେଶ୍ୱର ପାଟକ ନାମରେ ସେମାନଙ୍କର ରାଜଧାନୀ ଅବସ୍ଥିତ ଥିଲା । ସମୁଦାୟ ଶାସନ କାଳରେ ସେମାନେ ବହୁ ସଂଖ୍ୟକ ତାମ୍ର ପ୍ରଦାନ କରିଥିଲେ । ଏ ପର୍ଯ୍ୟନ୍ତ ୨୭ଟି ତାମ୍ର ଶାସନ ଲୋକଲୋଚନକୁ ଆସି ପାରିଛି । କ୍ଷେମଙ୍କର ଦେବ ଭୌମ ରାଜବଂଶର ପ୍ରତିଷ୍ଠାତା ଥିଲେ । ଏହା ଦ୍ୱିତୀୟ ଶୁଭାକର ଦେବଙ୍କ ତେରୁଣ୍ଡିଆ ତାମ୍ର ଶାସନ ଏବଂ ଶୁଭାକର ଦେବଙ୍କ ନେଉଳପୁର ତାମ୍ର ଶାସନରୁ ତାଙ୍କ ସମ୍ପର୍କରେ ତଥ୍ୟ ପ୍ରାପ୍ତ ହୁଏ । ୭୩୬ ଖ୍ରୀଷ୍ଟାବ୍ଦ ଠାରୁ ୭୫୫ ଖୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ତୃତୀୟ ଶୁଭାକର ଦେବ ୮୩୯ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରି ୮୪୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଭୋମକର ବଂଶର ଅବସାନ ଘଟିଥିଲା ୯୪୫ -୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ । ଏହାପରେ ସୋମବଂଶୀ ଶାସକମାନଙ୍କର ବିନିକା ଚୌଦାର ଓ ଯାଜପୁର ଠାରେ ୩ ଗୋଟି ଶାସନ କେନ୍ଦ୍ର ରହିଥିଲା । କର୍ଣ୍ଣ ଦେବଙ୍କ ରତ୍ନଗିରି ତାମ୍ର ଶାସନରୁ ଜଣାଯାଏ ୧୦୮୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନକାର୍ଯ୍ୟ ପରିଚାଳନା କରିଥିଲେ । ୧୧୦୦ ଖ୍ରୀଷ୍ଟାବ୍ଦରେ କର୍ଣ୍ଣ ଦେବ ରାଜ୍ୟ ଶାସନର ଅବସାନ ଘଟିଥିଲା । ୧୧୧୮-୧୨୧୫ ବଙ୍ଗବଂଶ ରାଜୁତି କରୁଥିଲା । ସେତେବେଳକୁ ସେମାନଙ୍କର ରାଜଧାନୀ ଅଭିନବ ଯଯାତି ନଗର ଜାଜନଗର ଭାବରେ ପରିବର୍ତ୍ତନ ହୋଇ ସାରିଥିଲା । ବଙ୍ଗ ବଂଶର ପତନ ପରେ ଯାଜପୁରକୁ ଚରମ ବିପର୍ଯ୍ୟୟର କଳାମେଘ ଘୋଟି ଆସିଥିଲା । ୧୪୩୫ ଖ୍ରୀଷ୍ଟାବ୍ଦରେ ତାଙ୍କର ସେନାପତି କପିଳେନ୍ଦ୍ର ଦେବ ଓଡ଼ିଶାର ସିଂହାସନରେ ଅଧିଷ୍ଠିତ ହୋଇଥିଲେ । ଭୋମକର ଶାସନ ସମୟରେ କଳା ଓ ସ୍ଥାପତ୍ୟ, ଭାଷା ଓ ସାହିତ୍ୟ ଶାସନ ପ୍ରଣାଳୀରେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ନୂତନ ଯୁଗର ଅଭ୍ୟୁଦୟ ଘଟିଥିଲା । ଓଡ଼ିଶା ଇତିହାସରେ ଏହି ସମୟକୁ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାଜପୁର ଏକ ପ୍ରାଚୀନ ନଗରୀ ହୋଇଥିଲେ ମଧ୍ୟ ଭୋମକରମାନଙ୍କ ଆଗମନ ପୂର୍ବରୁ ଏଭଳି ଗୌରବମୟ ସମୟ ଦେଖିବାକୁ ମିଳିନଥିଲା । କେଶରୀ ବଂଶର ସମ୍ରାଟ କର୍ଣ୍ଣ କେଶରୀଙ୍କ ସମୟରେ ଆଜିର କୁସୁମା ବାରବାଟି ବାରମାଣ ବାରଗୁଣ୍ଠ ବାର ବିଶୁଆ ପରିମିତ ଖୋଳା ଯାଇଥିଲା । କର୍ଣ୍ଣ କେଶରି ସେତେବେଳେ ରାଜ୍ୟର କୁସୁମ୍ୱୀ ନାମ୍ନୀ ଏକ ସୁନ୍ଦରୀ ଯୁବତୀର ପ୍ରେମ ଫାଶରେ ବାନ୍ଧି ହୋଇଯାଇଥିଲେ । ଏହି ପୋଖରୀରେ ଜଳକ୍ରୀଡ଼ା ଠାରୁ ଆରମ୍ଭ କରି ଖାଇବା ପିଇବା, ଶୋଇବା ସମୟ କଟୁଥିଲା । କିଛିଦିନ ଏପରି ଚାଲିବା ପରେ ମହାରାଣୀ ଜାଣି ପାରି ମହାରାଜାଙ୍କୁ ଗାଳିଗୁଲଜ ସହ ମାନସିକ ସ୍ତରରେ ନିର୍ଯ୍ୟାତନା ମଧ୍ୟ ଦେଲେ । ଏକଥା ହେଲା ପରେ ମହାରାଜା ଓ କୁସୁମ୍ୱୀ ଚିନ୍ତା କଲେ ଏହାର ସମାଧାନ କେମିତି କରିବେ । ଶେଷରେ କୌଣସି ସମାଧାନର ସୂତ୍ର ନପାଇ କୁସୁମ୍ୱୀ ଆତ୍ମହତ୍ୟା କଲା । ନିଜ ପ୍ରେମର ସ୍ମୃତି ଉଦ୍ଦେଶ୍ୟରେ କର୍ଣ୍ଣ କେଶରୀ ପୋଖରୀର ନାମକରଣ ରଖିଥିଲେ କୁସୁମ୍ୱୀ । ଏହା ଆଜି ଅପଭ୍ରଂଶ ହୋଇ **କୁସୁମା** ନାମରେ ପରିଚୟ ପାଉଛି ।

## ପର୍ଯ୍ୟଟକଙ୍କ ଆକର୍ଷଣ

ଯାଜପୁର ଜିଲ୍ଲାରେ ପର୍ଯ୍ୟଟନ ବିଭାଗ ତରଫରୁ ୧୯ ଗୋଟି ପର୍ଯ୍ୟଟନ ସ୍ଥଳିକୁ ମାନ୍ୟତା ମିଳିଛି । ଏଗୁଡ଼ିକ ହେଲା: ଯାଜପୁର, ରତ୍ନଗିରି ଓ ଉଦୟଗିରି, ମହାବିନାୟକ, ଚଣ୍ଡିଖୋଲ, ଅଶୋକ ଝର, ବ୍ୟାସ ସରୋବର, ଗୋକର୍ଣ୍ଣିକା, ଛତିଆ, କୁରାଂସ, ସତ୍ୟପରି, ସିଂଗାପୁର, ବରୁଣେଶ୍ୱର ପୀଠ, ପଥରାଜପୁର, ଲାଙ୍ଗୁଡ଼ି, ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତି ପୀଠ, ନେଉଳପୁର, ତାରାପୁର ଦେଉଳି, ପନ୍ତୁରୀ, ବଜ୍ରଗିରି, ଗାଲଗଳି ଶଙ୍ଖ, କଣ୍ଟିଗଡ଼ିଆ, କାଏମା, ରାଧାନଗର । ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବଙ୍କ ତଥ୍ୟ ଅନୁଯାୟୀ ଯାଜପୁର ଜିଲ୍ଲାର ମା' ବିରଜାଙ୍କ ପୀଠ ପ୍ରଥମେ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଏ ୧୯୭୩ ମସିହାରେ । ଏବେ ବିରଜା କ୍ଷେତ୍ରକୁ ପର୍ଯ୍ୟଟକଙ୍କ ଆଗମନ



ପ୍ରତି ବର୍ଷ ବଢ଼ିବାରେ ଲାଗିଛି । ୨୦୧୫ରେ ଆସିଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୨୩୯୮୪୯ । ବିଦେଶୀ ପର୍ଯ୍ୟଟକ ୩୯୬୭ । ସମୁଦାୟ ୨୪୩୮୧୬ । ସେହିପରି ୨୦୧୬ ରେ ୨୪୭୫୨୩, ବିଦେଶୀ ପର୍ଯ୍ୟଟକ ୨୮୧୬ । ସମୁଦାୟ ୨୫୦୩୩୯ । ୨୦୧୭ରେ ୨୭୭୫୪୧ ବିଦେଶୀ ପର୍ଯ୍ୟଟକ ୯୧୩ । ସମୁଦାୟ ୨୭୮୪୫୪ । ଆକଳନ ଦୃଷ୍ଟିରୁ ପ୍ରତି ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ୁଥିଲେ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି । ବିରଜା କ୍ଷେତ୍ରକୁ



ଶକ୍ତିକ୍ଷେତ୍ର ଓ ଶୈବ କ୍ଷେତ୍ର ଭାବେ ସ୍ୱୀକୃତି ମିଳିଛି । ଆସୁଥିବା ପର୍ଯ୍ୟଟକ ମାନେ କ୍ଷେତ୍ରରେ ରହିଥିବା ଅନେକ ହିନ୍ଦୁ ମନ୍ଦିର ବିଭିନ୍ନ ପ୍ରକାରର ଦେବାଦେବୀଙ୍କୁ ଦର୍ଶନ କରିଥାନ୍ତି । ଆହୁରି ମଧ୍ୟ ବୈତରଣୀ ନଦୀରେ ଓ ନାଭିଗୟାରେ ପିଣ୍ଡଦାନ କରିବା ପାଇଁ ୨୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ପଶ୍ଚିମବଙ୍ଗ, ବିହାର, ଆସାମ, ମେଘାଳୟ, ନେପାଳ, ବାରୁଣୀ ଓ ମହାବାରୁଣୀ ଦିନ  ବୈତରଣୀରେ ଗୋଦାନ, ପିଣ୍ଡ ଦାନ ପାଇଁ ଆସିଥାନ୍ତି ।

ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଏହି ମନ୍ଦିରମାନଙ୍କ ନିକଟରେ କୌଣସି ସ୍ଥାନ ନଥିବା ଦେଖି ଯାଜପୁର ସହରର କୁସୁମା ପୋଖରୀକୁ ନୂଆ ରୂପ ଦିଆଗଲା । ୩୩ ଏକର ୪୨ ଡ଼ିସିମିଲ ଆୟତନ ଏ ପୋଖରୀର । ଏହାର ଚାରିପାଖରେ ଆଡ଼ିବନ୍ଧ ନଥିଲା । ଫଳରେ ନିକଟରେ ଥିବା ଜିଲ୍ଲା ସରକାରୀ ଚିକିତ୍ସାଳୟର ସମସ୍ତ ବର୍ଯ୍ୟବସ୍ତୁ ପୋଖରୀରେ ପଡୁଥିଲା । ସହରର ପରିବେଶ ପ୍ରଦୂଷିତ ହେଉଥିଲା । ପ୍ରଦୁଷଣକୁ ରୋକିବା ପାଇଁ ଓ ପର୍ଯ୍ୟଟକମାନଙ୍କୁ ପ୍ରାକୃତିକ ସୋନ୍ଦର୍ଯ୍ୟ ଯୋଗାଇ ଦେବା ପାଇଁ ୨୦୧୨ ମସିହାରେ ଏକ ଉନ୍ନୟନ ଯୋଜନାରେ କୁସୁମାର ହେଲା ନବ କଳେବର । ସେହି ଯୋଜନାରେ ହେଲା ଆଡ଼ିବନ୍ଧ ନିର୍ମାଣ, ଆଡ଼ିବନ୍ଧକୁ କଙ୍କ୍ରିଟ୍ କରି ମାର୍ବଲ ବିଛାଗଲା । ପୋଖରୀ ଭିତରକୁ ଯିବା ପାଇଁ ପାହାଚ ନିର୍ମାଣ ହେଲା । ଅବସର ବିନୋଦନ କେନ୍ଦ୍ର ହେଲା । ପୋଖରୀର ଚତୁର୍ପାର୍ଶ୍ୱରେ ଓ ଆଡ଼ିରାସ୍ତାରେ ଆଲୋକୀକରଣ କରାଗଲା । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରବେଶ ପଥରେ ରହିଲା ଟେରାକୋଟାର ପ୍ରାକୃତିକ ଦୃଶ୍ୟ । ପୋଖରୀ ମଧ୍ୟକୁ ଜଳଭରଣା ନିମନ୍ତେ ୪ଟି ବୋରିଂ ପଏଣ୍ଟ୍ ରହିଲା । ଏହିପରି ଅନେକ କାର୍ଯ୍ୟ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଯୋଜନା ସମ୍ଭବ ହେଲା ।



କେବଳ ଏତିକି ନୁହେଁ, ପୋଖରୀ ମଧ୍ୟରେ ଥିବା ଜଳସ୍ତରକୁ ସ୍ଥିର ରଖିବା, ପୋଖରୀର ପାଣି ଯେପରି ଦୂଷିତ ନହୋଇ ଜୀବାଣୁମୁକ୍ତ ରହିବ, ଗରମ ଦିନରେ ବାୟୁମଣ୍ଡଳରୁ ଧୂଳିଧୁଆଁକୁ ରକ୍ଷା କରି ପରିବେଶକୁ ଥଣ୍ଡା ରଖିବା, ଏପରି ଅନେକ ପ୍ରକାର ବ୍ୟବସ୍ଥା ଭିତରେ କୁସୁମା ପାଇଲା ନବ କଳେବର । ପର୍ଯ୍ୟଟକ କ୍ଲାନ୍ତି ଦୂର କରି ପ୍ରାକୃତିକ ଅମ୍ଳଯାନ ମିଳିବା ନିମନ୍ତେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ ସହ ଫୁଲଗଛ ଲଗାଇବାର ଯୋଜନା ପ୍ରସ୍ତୁତ ହେଲା । ସାତ ବର୍ଷ ବିତିଗଲା । ଆଜି ପର୍ଯ୍ୟଟକମାନଙ୍କୁ କୁସୁମା ପୋଖରୀ ଏକ ନୂଆ ରୂପରେ ସ୍ୱାଗତ କରୁଛି ।

ଏବେ ସବୁଠାରୁ ବେଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ସାନ୍ଧ୍ୟକାଳୀନ ଦୃଶ୍ୟ । ମ୍ୟୁଜିକ୍ ଫାଉଣ୍ଟେନ୍ ନାମରେ ନାମିତ ଡ଼ିଜିଟାଲ୍ ସିଷ୍ଟମ୍‌ରେ ସଂଯୁକ୍ତ ସୁମଧୁର ସଙ୍ଗୀତର ତାଳେ ତାଳେ ୯୦ ମିଟର ପ୍ରସ୍ଥ ଅଞ୍ଚଳରେ ସପ୍ତରଙ୍ଗର ଆଲୋକମାଳା ଦର୍ଶକଙ୍କ ମନ ମୋହି ପାରୁଛି । ୨୭ ଏକର ପରିମିତ ଜଳ ଭଣ୍ଡାର ମଧ୍ୟରେ ମ୍ୟୁଜିକ ଫାଉଣ୍ଟେନ୍‌କୁ ଇଡ୍‌କୋ ନିର୍ମାଣ କରିଛି । ଏହାକୁ ଛାଡ଼ି ଦେଲେ ପର୍ଯ୍ୟଟକ ମାନଙ୍କ ପାଇଁ ଆକର୍ଷଣୀୟ ରହିଛି ଶିଶୁ ଉଦ୍ୟାନ, ୱାଟର୍ କ୍ୟାସକ୍ୟାଡ୍ । କୁସୁମାର କାନ୍ଥରେ ପାଇବେ ବୌଦ୍ଧ କୀର୍ତ୍ତିରାଜି ଓ ପୋଖରୀ ଚତୁପାର୍ଶରେ ୨ ଲକ୍ଷରୁ ବେଶି ବିଭିନ୍ନ ବୃକ୍ଷଲତା, ଫୁଲଗଛ । ପ୍ରେମୀଯୁଗଳଙ୍କ ପାଇଁ ୮ଟି ବୋଟ୍ ସହ ସୁରକ୍ଷା ବୋଟ୍ ମଧ୍ୟ ରହିଛି । ଯାଜପୁର ବିଧାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ସ୍ୱପ୍ନର ପ୍ରକଳ୍ପ କୁସୁମା ଆଠ ବର୍ଷ ମଧ୍ୟରେ ରାଜ୍ କରୁଛି ପର୍ଯ୍ୟଟକଙ୍କର ମନ ଓ ପ୍ରାଣରେ ।

ଅତୀତର କୁସୁମା ଓ ଆଜିର ଆଧୁନିକ କୁସୁମା ଭିତରେ ଆକାଶ ପାତାଳ ତଫାତ୍ । ଦେଖିଲେ ବିଶ୍ୱାସ କରିହେବନି, ଏ ସେଇ କୁସୁମା !  କେମିତି ଏତେକଥା ସମ୍ଭବ ହୋଇ ପାରିଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଆଜି ଯାଜପୁରକୁ ଆସୁଥିବା ପର୍ଯ୍ୟଟକଙ୍କର ପ୍ରଥମ ପସନ୍ଦ କୁସୁମା ପୋଖରୀ । ଯାଜପୁରକୁ ଯେଉଁ ପର୍ଯ୍ୟଟକ ଆସିଲେ ବି ପାଦ ପଡୁଛି ଆଗ କୁସୁମାରେ । ତାପରେ ବିରଜା କ୍ଷେତ୍ରର ଅନ୍ୟ କୀର୍ତ୍ତିରାଜି ବୁଲିବା କଥା ଭାବୁଛନ୍ତି । ଆସନ୍ତୁ ନା, ଥରେ ବୁଲି ଆସିବା କୁସୁମା ପୋଖରୀ ।


LM®
मानकः पथप्रदर्शकः
Bureau of Indian Standards
Ph : 06782-267028
Mob : 099370-26428
Mahalaxmi
jewellery
ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ ।
V. N. Marg, Front of Durga Nursing Home, Balasore-1
:lmdrana@gmail.com
:www.mahalaxmijewellery.com

# ପାଟଣାଗଡ଼ର ପାଟଣେଶ୍ୱରୀ



# ବଲାଙ୍ଗିରର ଇଷ୍ଟଦେବୀ

# ପାଟଣେଶ୍ୱରୀ




**ପବିତ୍ର ମୋହନ ବାରିକ**

ଅଧ୍ୟାପକ : ଇତିହାସ ବିଭାଗ
ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା- ୭୫୨୦୫୪
ଫୋନ : ୮୮୯୫୧୯୦୪୭୫


ଫଟୋ ସୌଜନ୍ୟ : ଲେଖକ

ଓଡ଼ିଶାର ପୂର୍ବତନ ୨୬ ଗଡଜାତ ରାଜ୍ୟମାନଙ୍କ ମଧ୍ୟରେ ବଲାଙ୍ଗିର ପାଟଣା ଗଡଜାତ ରାଜ୍ୟ ଅନ୍ୟତମ । ଏହାର କଳା ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ ଥିଲା ଅନୁପମ ଓ ଅସାଧାରଣ । ବଲାଙ୍ଗିର ପାଟଣା ଦେଶୀୟ ରାଜ୍ୟ ପାଟଣା ଗଡଜାତ ନାମରେ ଖ୍ୟାତି ଅର୍ଜନ କରିଥିଲା । ପାଟଣା ଗଡଜାତର ପୂର୍ବତନ ରାଜଧାନୀ ଥିଲା ପାଟଣାଗଡ । କିନ୍ତୁ ପରବର୍ତ୍ତୀ ସମୟରେ ଇଂରେଜମାନେ ପାଟଣାଗଡରୁ ବଲାଙ୍ଗୀରକୁ ରାଜଧାନୀ ସ୍ଥାନାନ୍ତରିତ କଲେ । ପ୍ରଶାସନିକ ସୁବିଧା, ସମ୍ବଲପୁର ସହିତ ଉତ୍ତମ ଯୋଗାଯୋଗ ଓ ଗମନାଗମନ, କଳାହାଣ୍ଡିରେ କନ୍ଧମେଳିକୁ ଦମନ କରିବା ନିମନ୍ତେ ଇଂରେଜମାନେ ବଲାଙ୍ଗୀରକୁ ରାଜଧାନୀ ରୂପେ ଗ୍ରହଣ କରି ନେଇଥିଲେ । ବର୍ତ୍ତମାନ ପାଟଣାଗଡ ବଲାଙ୍ଗୀର ଜିଲ୍ଲାର ଏକ ଉପଖଣ୍ଡ ଅଟେ । ପାଟଣାଗଡ ସହର ତା'ର ସମୁଜ୍ଜ୍ୱଳ ସାଂସ୍କୃତିକ ବିଭବ ଓ ଐତିହ୍ୟ ପାଇଁ ଯଥେଷ୍ଟ ସୁନାମ ଅର୍ଜନ କରିଛି । ଶକ୍ତି ଉପାସନା ପରମ୍ପରାରେ ଏ ସହରର ଅନେକ ସୁନାମ ରହିଛି । ପାଟଣାଗଡର ଆରାଧ୍ୟ ଦେବୀ ପାଟଣେଶ୍ୱରୀ । ସେ ସମଗ୍ର ବଲାଙ୍ଗୀର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଏବଂ ବଲାଙ୍ଗୀର ପାଟଣା ଚୌହାନ ରାଜବଂଶର ଇଷ୍ଟଦେବୀ । ଦେବୀଙ୍କ ମହିମା ଅପାର । ସେ ବିଶ୍ୱାସର ଦେବୀ । ସେ ସନ୍ତାନ ବତ୍ସଳା । ବିପଦରେ ଡାକିଲେ ମା' ସାହା ହୁଅନ୍ତି । ମା' ପାଟଣେଶ୍ୱରୀ, ପାଟଣାଗଡ ତଥା ସମଗ୍ର ବଲାଙ୍ଗୀର ଜିଲ୍ଲାର ପ୍ରତ୍ୟକ୍ଷ ଦେବୀ ରୂପେ ଜଣାଶୁଣା । ତନ୍ତ୍ର ସାଧନାରେ ପ୍ରାଚୀନ ଓଡ଼ିଶାର ଅନେକ ସୁନାମ ରହିଛି । ତନ୍ତ୍ର ସାଧନାର ଏକ ପ୍ରାଚୀନ ପୀଠ ରୂପେ ଓଡ଼ିଶା ପରିଚିତ । ତନ୍ତ୍ର ସମ୍ବଳିତ ଗ୍ରନ୍ଥ ମାନଙ୍କରେ 'ଉଡିଆନ ପୀଠ' ନାମରେ ଉଲ୍ଲେଖ ଅଛି । ତନ୍ତ୍ରବିଦ୍ୟାରେ ପଶ୍ଚିମ ଓଡିଶାର ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଭାରତୀୟ ସଂସ୍କୃତିର ଅବଶେଷ ଉପରେ ପୁସ୍ତକ ରଚନା କରିଥିବା ଐତିହାସିକ ଡକ୍ଟର ରମେଶ ପ୍ରସାଦ ମିଶ୍ର ଓ ଦକ୍ଷିଣ କୋଶଳରେ ତାନ୍ତ୍ରିକ ପରମ୍ପରା ଉପରେ ପୁସ୍ତକ ଲେଖିଥିବା ଡକ୍ଟର ଜିତାମିତ୍ରା ପ୍ରସାଦ ସିଂହଦେଓ ମତବ୍ୟକ୍ତ କରିଛନ୍ତି, ପଶ୍ଚିମ ଓଡିଶା ତନ୍ତ୍ର ସାଧନାର ଏକ ପ୍ରାଚୀନ ଓ ଗୁରୁତ୍ୱପୂର୍ଣ୍ଣ ପୀଠ । ସମ୍ବଳ (ସମ୍ବଲପୁର)ର ରାଜା ଇନ୍ଦ୍ରଭୂତିଙ୍କ ଭଗ୍ନି ଲକ୍ଷ୍ମୀକରା ବୌଦ୍ଧ ସହଜଯାନର ଥିଲେ ପ୍ରବର୍ତ୍ତିକା । ଲକ୍ଷ୍ମୀକରା ସୋନପୁର ରାଜବଧୂ ଥିଲେ । ତାଙ୍କ ପ୍ରବର୍ତ୍ତିତ ଦର୍ଶନ



‘ପିଣ୍ଡ ବ୍ରହ୍ମାଣ୍ଡ’ ଓ ଶରୀରତତ୍ତ୍ୱ ଉପରେ ପର୍ଯ୍ୟବେଶିତ ଥିଲା । ଶରୀରତତ୍ତ୍ୱ ମାଧ୍ୟମରେ ସୂକ୍ଷ୍ମତର ଚେତନାର ବିକାଶ, ସହଜାନନ୍ଦ ଲାଭ କରିବାର ଉପାୟ ଲକ୍ଷ୍ମୀକରା ନିର୍ଦ୍ଧାରଣ କରିଥିଲେ । ତାଙ୍କ ତତ୍ତ୍ୱରେ ଆକର୍ଷିତ ହୋଇ ସାତ ଜଣ କୁମାରୀ କନ୍ୟା ତନ୍ତ୍ର ସାଧନାରେ ଅଭିମନ୍ତ୍ରିତ ଥିଲେ । ସେହି ତନ୍ତ୍ର ସାଧିକା ମାନେ ଥିଲେ ମଦନା ବା ଜ୍ଞାନଦେଇ ମାଲୁଣୀ, ନିତାଇ ଧୋବଣୀ, ଲହୁକୁଟୀ ଲହୁରୁଣୀ, ସୁକୁଟି ଚମାରୁଣୀ, ପତ୍ରପିନ୍ଧା ସଉରୁଣୀ, ଗାଙ୍ଗୀ ଗଉଡୁଣୀ ଓ ଶୁଆ ତେଲୁଣୀ ।



ଜନୈକ ଗଜପତି ମହାରାଜା ଏହି ତନ୍ତ୍ର କୁମାରୀମାନଙ୍କ ମଧ୍ୟରୁ ଜଣକୁ ନିଜର ଗୁରୁ ରୂପେ ସ୍ୱୀକାର କରିଥିଲେ । ଏହି ତନ୍ତ୍ର କୁମାରୀମାନେ ନିଜ ନିଜର ତନ୍ତ୍ରବିଦ୍ୟାରେ ଥିଲେ ସିଦ୍ଧହସ୍ତା । କିମ୍ବଦନ୍ତୀ ଓ ଲୋକକଥାରେ ଏହି ତନ୍ତ୍ର କୁମାରୀ ମାନଙ୍କର ଅନେକ ଆଲୌକିକ କାହାଣୀ ଶୁଣିବାକୁ ମିଳେ । ତନ୍ତ୍ର କୁମାରୀ ମାନଙ୍କର ବିଦ୍ୟା କାଉଁରୀ ବିଦ୍ୟା ନାମରେ ଖ୍ୟାତି । ଲେଖିବାର ଉଦ୍ଦେଶ୍ୟ ଐତିହ୍ୟ ବିମଣ୍ଡିତ ସହର ପାଟଣାଗଡ କାଉଁରୀ ପାଟଣା ନାମରେ ପ୍ରସିଦ୍ଧ ଅର୍ଜନ କରିଥିଲା । ଏହି ସାତଜଣ ତନ୍ତ୍ର କୁମାରୀମାନଙ୍କୁ ‘ସାତବହନୀ’ ବୋଲି କୁହାଯାଏ । ଏବେ ମଧ୍ୟ ଏ ଅଞ୍ଚଳରେ ‘ସାତବହନୀ’ ପୂଜା ପ୍ରଚଳିତ ଅଛି ।

ପାଟଣାଗଡର କଣ୍ଡରା ରାଜା କାମଚଣ୍ଡୀଙ୍କୁ ପୂଜା କରୁଥିଲେ । ମାଧବଚନ୍ଦ୍ର ଦେବ କଳିଙ୍ଗ ବିଜୟ ପରେ ପଉନ ରାଜ୍ୟ ପ୍ରତିଷ୍ଠା କଲେ ଓ କାମଚଣ୍ଡୀଙ୍କୁ ପଉନେଶ୍ୱରୀ ନାମରେ ସ୍ଥାପନ କଲେ । କାଳକ୍ରମେ ପଉନ ରାଜ୍ୟ ପାଟଣାରାଜ୍ୟ ଓ ଦେବୀ ପଉନେଶ୍ୱରୀ ପାଟଣେଶ୍ୱରୀ ନାମରେ ପରିଚିତ ହେଲେ । ପାଟଣେଶ୍ୱରୀ ମନ୍ଦିରର ପୂଜକ କୁହନ୍ତି, ମଧୁ କୈଟଭ ବଧ ସମୟରେ ମହାକାଳୀ ହିଁ ଦେବୀ ପାଟଣେଶ୍ୱରୀ ଅଟନ୍ତି । ରାଜା ମାଧବଚନ୍ଦ୍ରଙ୍କ ବଂଶ ଅପୁତ୍ରିକ ହେବାରୁ ରାଜକାର୍ଯ୍ୟ ପରିଚାଳନା ପାଇଁ ଅନେକ ପ୍ରତ୍ୟାଶୀ ନିଜର ଦାବୀ ଉପସ୍ଥାପନା କଲେ । ରାଜ ସିଂହାସନ ପାଇଁ ଅନେକ ଦାବୀଦାର ଆସିଲେ । କିନ୍ତୁ ଏକ ସ୍ୱର୍ଣ୍ଣ ଲେମ୍ବୁକୁ ପ୍ରତୀକ ଭାବେ ଗ୍ରହଣ କରି ଆଠଜଣ ମଲ୍ଲ ରାଣୀଙ୍କ ନିର୍ଦ୍ଦେଶରେ ଶାସନ କାର୍ଯ୍ୟ ସଂପାଦିତ କଲେ । ଜଣେ-ଜଣେ ମଲ୍ଲ ଓ ଲେମ୍ବୁ ଏକ ନିର୍ଦ୍ଦିଷ୍ଟ ସମୟ ଲାଗି ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ‘ଆଠମଲ୍ଲକେ ଲେମ୍ବୁରାଜା’ ବୋଲି ଆଜି ପର୍ଯ୍ୟନ୍ତ ଲୋକକଥାରେ ପ୍ରଚଳିତ ଅଛି । ପରେ ଚୌହାନ ବଂଶୀୟ ରାଜା ରମାଇ ଦେବ ଅଷ୍ଟମଲ୍ଲିକଙ୍କୁ ହତ୍ୟା କରି ପାଟଣା ରାଜ ସିଂହାସନ ଅଧିକାର କଲେ । ବର୍ତ୍ତମାନର ବଲାଙ୍ଗୀର, ସମ୍ବଲପୁର ଓ ସୋନପୁର ରାଜ ପରିବାର ରମାଇ ଦେବଙ୍କ ବଂଶଧର ଅଟନ୍ତି । ରମାଇ ଦେବ ପାଟଣାଗଡର ରାଜପଦ ଅଳଙ୍କୃତ କଲା ପରେ ଦେବୀ ପାଟଣେଶ୍ୱରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ । ଗଙ୍ଗବଂଶ ଶାସକମାନେ ଦେବୀଙ୍କ ପୂଜା ପାଇଁ ଦେଉଳ ଗାଁ, କଲଙ୍ଗାପାଲି, ଡିଆତୁମେର, ଉଜ୍ଜବାଲି, ଘୁନଘୁଟିପାଲି ଓ ବରପିଟା ଛଅଟି ଗାଁ ଦାନ କରିଥିଲେ । ବର୍ଷସାରା ଦେବୀଙ୍କ ପୀଠରେ ବିଭିନ୍ନ ପୂଜା ଲାଗି ରହିଥାଏ । ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀରୁ ଶୁକ୍ଳପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ଷୋଡଶୋପଚାର ରେ ଦେବୀଙ୍କ ଷୋଳପୂଜା ଆୟୋଜନ କରାଯାଏ । ଷୋଳ ପୂଜାରେ ରମାଇ ଦେବଙ୍କ ଖଣ୍ଡା ଯେଉଁଥିରେ ମଲ୍ଲମାନଙ୍କୁ ହତ୍ୟା କରିଥିଲେ ତାହା ମଧ୍ୟ ପୂଜା କରାଯାଏ । ନବମୀ ଦିନ ଦେବୀ ଜଣକ ଦେହରେ ଆବିର୍ଭୁତା ହୋଇଥାନ୍ତି । ମା’ଙ୍କ ଆଶୀର୍ବାଦ ନେବା ପାଇଁ ଛତିଶଗଡରୁ ଶ୍ରଦ୍ଧାଳୁମାନେ ପାଟଣାଗଡ ଆସିଥାନ୍ତି । ଦେବୀ ଯାହାଙ୍କ ଦେହରେ ଆବିର୍ଭୁତା ହେବେ ତାହାର ଚୟନ ମଧ୍ୟ ବିଚିତ୍ର । ଜଣେ ବାଳୁତ କନ୍ୟା (ଯେ ରଜବତୀ ହୋଇନଥିବ) ସହ ତା’ର ବିବାହ କରାଯାଏ । ଏହା କୁଆଁରୀ ପୂଜା ନାମରେ ଖ୍ୟାତ । ପୁଅ ଓ ଝିଅ ଅଲଗା ରହିଥାନ୍ତି । କୃଷ୍ଣାଷ୍ଟମୀରେ ପୁଅ ମନ୍ଦିରରେ ପ୍ରବେଶ କରିଥାଏ । ଦିନବେଳା ପଛରେ ଓ ରାତ୍ରରେ ଦେବୀଙ୍କ ସମ୍ମୁଖରେ ଗୋଟିଏ ସ୍ୱତନ୍ତ୍ର ମୁଦ୍ରାରେ ବସିଥାଏ । ମହାଳୟା ଦିନ ସମଲେଶ୍ୱରୀ ଦେବୀ ବିଜେ କଲା ପରେ ପଞ୍ଚମୀ ଦିନ ପାଟଣେଶ୍ୱରୀ ଯନ୍ତ୍ର ଓ ସମଲେଶ୍ୱରୀ ଯନ୍ତ୍ର ଅକ୍ଷତ ଅରୁଆ ଚାଉଳରେ ଅଙ୍କା ଯାଏ । ଏହାକୁ ଡେଇଁବା ପରେ ଯୁବକ ଜଣକ ସଂଜ୍ଞାହୀନ ହୋଇଥାଏ । ଏହାପରେ ଯୁବକକୁ ପାଣି ଭିତରେ ପଦ୍ମାସନରେ ବସାଇ ଦିଆଯାଏ । ଆଗରୁ କଣା କରା ଯାଇଥିବା ନଡିଆ ଓ କଳସ ତା’ ମୁଣ୍ଡରେ ରଖାଯାଏ । ନଡିଆ ଭିତରେ ପାଣି ପୂରିଗଲେ ଯୁବକ ଜଣକୁ ଟେକି ଆଣି ଦେବୀଙ୍କ ସମ୍ମୁଖରେ ସ୍ୱତନ୍ତ୍ର ଯନ୍ତ୍ରରେ ଶୁଆଇ ଦିଆଯାଏ । ଏହି ପୂଜା ସମୟରେ ସମଲେଶ୍ୱରୀ ଓ ପାଟଣେଶ୍ୱରୀ ଯନ୍ତ୍ରକୁ ବୋଦା ବଳି ଦିଆଯାଏ । ଯୁବକ ଜଣକର ସଂଜ୍ଞା ଫେରି ଆସିବା ପରେ ତାକୁ ଗରମ ପାଣିରେ ଗାଧୋଇ ଦିଆଯାଏ ଏବଂ ତେଲ, କ୍ଷୀର ପ୍ରଦାନ କରାଯାଏ । ଷଷ୍ଠୀଦିନ ଯୁବକ ହାତରେ, ସପ୍ତମୀ ଦିନ ମସ୍ତକରେ ଓ ଅଷ୍ଟମୀ ଦିନ ସମଗ୍ର ଦେହରେ ଦେବୀ ଆବିର୍ଭୂତା ହୋଇଥାନ୍ତି । ନବମୀ ଦିନ ନଗରୀ ପରିକ୍ରମା କରିବା ପୂର୍ବରୁ ମଲ୍ଲମାନଙ୍କର ସମାଧିକୁ ରମାଇ ଦେବଙ୍କ ଖଣ୍ଡା ଦ୍ୱାରା ଦେବୀ ମଲ୍ଲମାନଙ୍କର ସମାଧିରେ ଆଘାତ କରିଥାନ୍ତି । ଜନଶ୍ରୁତିରେ ଅଛି ଯଦି ଦେବୀ ମଲ୍ଲମାନଙ୍କର ସମାଧିରେ ଆଘାତ ନ ଦିଅନ୍ତି ସେମାନେ ପୁନର୍ବାର ତାଙ୍କର ପୂର୍ବ ଅତ୍ୟାଚାର ଆରମ୍ଭ କରିବେ । ଗଙ୍ଗବଂଶ ରାଜତ୍ୱ ସମୟରେ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ଛଅ ଖଣ୍ଡ ଗ୍ରାମ ଦାନ କରାଯାଇଥିଲା । ପୂଜକଙ୍କ କହିବା ଅନୁଯାୟୀ ଦେବୀ ଙ୍କ ନିୟୋଗରେ ଥିବା ଏହି ଗ୍ରାମ ମାନଙ୍କରୁ ପୂର୍ବେ ୧୩୩୯ ସ୍ୱର୍ଣ୍ଣ ମୁଦ୍ରା, ୧୩୩୯ ରୌପ୍ୟ ମୁଦ୍ରା ଓ ପ୍ରଚୁର ଶସ୍ୟ ଆସୁଥିଲା। ୧୯୫୪-୫୫ ଉପନାମ ବିଲୀନ ଅଧ୍ୟାଦେଶ ବଳରେ ଦେବୀଙ୍କ ନିୟୋଗରୁ ଏହି ଛଅ ଖଣ୍ଡ ଗ୍ରାମ ଉଚ୍ଛେଦ କରାଗଲା । ୧୯୭୨ ମସିହାରେ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟି ବୋର୍ଡ ହାତକୁ ଗଲା । ସରକାର ସେ ସମୟରେ ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ବାର୍ଷିକ ୯୦୦ ଟଙ୍କା ଦେଉଥିଲେ । ବଲାଙ୍ଗୀର ଜିଲ୍ଲା ଓ ଚୌହାନ ରାଜବଂଶର ଇଷ୍ଟଦେବୀ ପାଟଣେଶ୍ୱରୀ । ଦେବୀ ପାଟଣେଶ୍ୱରୀଙ୍କର ଦଶହରା ପୂଜା ପାଇଁ ପରମ୍ପରା ଅନୁଯାୟୀ ପାଟଣାଗଡ ରାଜବାଟୀରୁ ପାଟ ସିନ୍ଦୂର ଆସିଥାଏ । ପାଟ ସିନ୍ଦୂରକୁ ସମାନ ଦୁଇ ଭାଗରେ ବିଭକ୍ତ କରାଯାଏ । ଗୋଟିଏ ଭାଗ ଦେବୀ ପାଟଣେଶ୍ୱରୀଙ୍କ ବ୍ୟବହାର ପାଇଁ ରଖାଯାଏ । ଅନ୍ୟ ଭାଗଟି ଯନ୍ତ୍ରର ସହିତ ଏକ ଫରୁଆରେ ରଖାଯାଏ । ଜରାସିଂହା ସ୍ଥିତ ମା’ ପାଟଖଣ୍ଡା ମନ୍ଦିରର ସେବକ ଏହି ପାଟ ସିନ୍ଦୂର ନେବା ପାଇଁ ପ୍ରତିବର୍ଷ ପାଟଣାଗଡର ପାଟଣେଶ୍ୱରୀ ମନ୍ଦିରକୁ ଆସିଥାନ୍ତି । ସେବକ ପାଟ ସିନ୍ଦୂର ନେବା ପରେ ନବମୀ ତିଥିରେ ଜରାସିଂହାରେ ପାଟଖଣ୍ଡା ଯାତ୍ରା ଆରମ୍ଭ ହୁଏ । ଦେବୀ ପାଟଣେଶ୍ୱରୀ ଦୟାମୟୀ, ଶକ୍ତିସ୍ୱରୂପିଣୀ ଓ କଲ୍ୟାଣମୟୀ ଅଟନ୍ତି ।

## ଇଏ ବି ଜଣେ ରେବତୀ




# ମଙ୍ଗଳାଯୋଡ଼ିର ମହାନାୟିକା : ରୀନା



**ଶ୍ରୀଗୋବିନ୍ଦ**
ସାନମଛୁଆଘାଇ, ଭଦ୍ରକ
ଫୋନ : ୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ

**ରୀନା ସାହୁ । ନିଜ ପାଇଁ ନିଯୁକ୍ତିର ବାଟ ଖୋଜୁ ଖୋଜୁ ସେ ଏବେ ଅନେକଙ୍କ ପାଇଁ ପାଲଟି ସାରିଛନ୍ତି ରାହା । ମଙ୍ଗଳାଯୋଡ଼ି ଗ୍ରାମରେ ଥିବା ପକ୍ଷୀବିହାର ଏବେ ତାଙ୍କ ରୀନାଙ୍କ କର୍ମସ୍ଥଳି । ମନୋବଳ ଓ ଦୃଢ ଇଚ୍ଛାଶକ୍ତି ଥିଲେ ଜଣେ ନାରୀ ବି ହେଇପାରେ ଆଉ କା' ପାଇଁ ଅବଲମ୍ବନ ।**

ଝିଅଟିଏ ବୋଲି ଯେ ଚାରିକାନ୍ଥରେ ଆବଦ୍ଧ ରହିବ, ରକ୍ଷଣଶୀଳତାର ବେଡ଼ି ପଡ଼ିବ ପାଦରେ, ଘରର ଏରୁଣ୍ଡି ବନ୍ଧ ଡ଼େଇଁବ ନାହିଁ କି ସ୍ୱାଧୀନ ଭାବେ ବଞ୍ଚି ହେବନି- ଏମିତି ତ କେଉଁ ନିୟମ ନାହିଁ । **ରୀନା ସାହୁ:** ସେମିତି ଜଣେ ମହିଳା । ଘର ଖୋର୍ଦ୍ଧାର ମଙ୍ଗଳାଯୋଡ଼ି । ପିତା ଦିନବନ୍ଧୁ ସାହୁ ଆଉ ମାତା ବିଶାଖା ସାହୁ । ଅର୍ଥନୀତିରେ ସ୍ନାତକ ପାସ୍ କରି କମ୍ପ୍ୟୁଟର୍ କୋର୍ସ କରିବା ସହ ଟୁରିଜିମ୍ ଆଣ୍ଡ ହସ୍‌ପିଟାଲିଟି ମ୍ୟାନେଜ୍‌ମେଣ୍ଟରେ ପୋଷ୍ଟ ଗ୍ରାଜୁଏସନ୍ କରିବା ପରେ ଚାକିରି ଖୋଜିବାକୁ ଭୁବନେଶ୍ୱର ଆସିଥିଲେ । ବିଭିନ୍ନ କମ୍ପାନୀରେ ମଧ୍ୟ ସ୍ୱଳ୍ପ ଦରମାରେ କିଛି ମାସ କାମ କଲ । ଯେତିକି ଦରମା ପାଇଲେ, ନିଜେ ଚଳିବା ବି ଅସମ୍ଭବ ହେଲା । ଘର ଚଳେଇବେ କଣ ? କିନ୍ତୁ ସେ ହେଲେନି ହତୋତ୍ସାହିତ । ହରାଇଲେନି ସାହସ । ଝିଅଟିଏ ହେଲେ ବି ନିଜ ମନୋବଳ ଦୃଢ଼ କରି କିଛି ଗୋଟେ କରିବା ଥିଲା ତାଙ୍କ ଲକ୍ଷ୍ୟ । ଏତେ ପାଠଶାଠ ପଢ଼ି ବେକାର ହେବା ବଡ଼ କଥା ନୁହେଁ ଆଜିର ମହଙ୍ଗା ଦୁନିଆରେ । ନିଜେ ଚଳିବା କି ପରିବାର ଚଳେଇବାର ଚିନ୍ତା ମନରେ ଘାରି ହେଉଥାଏ । କଣ କରିବେ ନକରିବେ ମନ ବି ଘାଣ୍ଟି ହେଉଥାଏ ।

ଜଣେ ବନ୍ଧୁ ଦିନେ ପରାମର୍ଶ ଦେଲେ ତାଙ୍କ ଗାଁ ମଙ୍ଗଳାଯୋଡ଼ିରେ ପକ୍ଷୀବିହାରଟିଏ କରାଯାଇଛି । ଯେଉଁଠି ପର୍ଯ୍ୟଟକମାନେ ଆସି ସୁନ୍ଦର ମନୋରମ ପରିବେଶ ଉପଭୋଗ କରିବା ସହ ଦେଶବିଦେଶର ବିଭିନ୍ନ ପ୍ରକାର ପକ୍ଷୀ ଡ଼ଙ୍ଗାରେ ଯାଇ ଦେଖିବାର ବ୍ୟବସ୍ଥା ଅଛି । ସେଠାରେ କେବଳ ପକ୍ଷୀ ଦେଖିବା ନୁହେଁ, ରହିବା ସହ ଚିଲିକାରୁ ମିଳୁଥିବା ସାମୁଦ୍ରିକ ଖାଦ୍ୟ, ଯଥା- ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ମଧ୍ୟ ଖାଇ ପାରିବେ, ରହିବା ପାଇଁ ବି ରହିଛି କଟେଜ୍ । ସେ ଯଦି ରାଜି ହେବେ ତାହେଲେ ସେଠାରେ ତାଙ୍କ ପାଇଁ ବୁଝାବୁଝି କରିଦେବେ ବୋଲି କହିଥିଲେ । ରୀନା ବନ୍ଧୁ ଜଣଙ୍କ କଥାରେ ହଁ ମାରି ସେଠାରେ ଯୋଗ ଦେଲେ । ପ୍ରଥମେ ସେ ସିନା ଚାକିରି ଉଦ୍ଦେଶ୍ୟରେ ଯାଇଥିଲେ କିନ୍ତୁ ପରେ ସେଠାରେ ଜଣେ ଟ୍ରଷ୍ଟି ମେମ୍ବର୍ ହୋଇ ସବୁ ଦାୟିତ୍ୱ ତୁଲାଇବାରେ ପ୍ରମୁଖ ବ୍ୟକ୍ତି ହୋଇ ଉଠିଲେ । ସେ ବର୍ତ୍ତମାନ ସବୁକିଛି ବୁଝିବା ସହ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ 'ଅତିଥି ଦେବୋଃ ଭବ' ନ୍ୟାୟରେ ସେବା ଦେଇ ଓଡ଼ିଶାର ମାନକୁ ବଢ଼େଇ ପାରିଛନ୍ତି । ସେ ଚାକିରି ଅନ୍ୱେଷଣରେ ସିନା ଆସିଥିଲେ ଏବେ କିନ୍ତୁ ନିଜେ ସ୍ୱାବଲମ୍ବୀ ହେବା ସହ ମଙ୍ଗଳାଯୋଡ଼ିର ୧୦୫ ପରିବାରର ସଦସ୍ୟଙ୍କୁ ସେହି ପ୍ରୋଜେକ୍ଟରେ ନିଯୁକ୍ତି ଦେଇ ପାରିଛନ୍ତି । ସବୁଠୁ ବଡ଼ କଥା ହେଲା କୌଣସି ସରକାରୀ ସାହାଯ୍ୟରେ ଏହା ଚାଲେ ନାହିଁ । ଏଠାରେ ମଙ୍ଗଳାଯୋଡ଼ି ଇକୋ-ଟୁରିଜିମ୍ ନାମରେ ଏକ ଟ୍ରଷ୍ଟ ଗଠନ କରାଯାଇ ଏସବୁର ପରିଚାଳନା କରାଯାଉଛି, ଯାହାର ସମ୍ପୂର୍ଣ୍ଣ ଦାୟିତ୍ୱ ରୀନାଙ୍କ ହାତରେ ହିଁ ରହିଛି । ଯେଉଁମାନେ ମଙ୍ଗଳାଯୋଡ଼ି ଗାଁର ଆର୍ଥିକ ଅନଗ୍ରସର ଥିଲେ, ସେମାନଙ୍କୁ ଆଣି ବିଭିନ୍ନ କାମରେ ଏଠାରେ ଲଗାଯାଇଛି । ପର୍ଯ୍ୟଟକଙ୍କ ପାଇଁ ନୌବିହାର, ପକ୍ଷୀଦେଖା କିମ୍ବା ରହଣି କି ଖାଇବା ପିଇବାରେ ଯେଉଁ ବନ୍ଦୋବସ୍ତ କରାଯାଇଛି, ତାହାର ଦାୟିତ୍ୱରେ ହିଁ ଏହି ଗାଁର ଲୋକମାନେ ଅଛନ୍ତି । ଯେଉଁମାନେ ପରିବେଶ ତଥା ପକ୍ଷୀ ସୁରକ୍ଷା ପାଇଁ କାମ କରୁଛନ୍ତି । ସେଇମାନେ ଏହି ଇକୋ-ଟୁରିଜିମ୍ ଟ୍ରଷ୍ଟରୁ ଯାହା କିଛି ପର୍ଯ୍ୟଟକଙ୍କ ମାଧ୍ୟମରେ ଆୟ ହୁଏ, ସେଇଥିରୁ ନିଜ ପରିବାର ପ୍ରତିପୋଷଣ କରନ୍ତି ।

ସକାଳ ହେଲେ ରୀନା ଯେମିତି ପରିବେଶ ଓ ପକ୍ଷୀ ସୁରକ୍ଷା ପାଇଁ ଦାୟବଦ୍ଧ ହୋଇପଡ଼ନ୍ତି, ସେହି ଅଞ୍ଚଳର ଏହି ଟ୍ରଷ୍ଟ ଉପରେ ନିର୍ଭର କରି ଚଳୁଥିବା ଲୋକଙ୍କ ପାଇଁ ମଧ୍ୟ ହୋଇପଡ଼ନ୍ତି ପ୍ରତିଶ୍ରୁତିବଦ୍ଧ । କାଉ ରାବିବା ପୂର୍ବରୁ ଲୋକଙ୍କୁ କାମରେ ନିୟୋଜିତ କରାନ୍ତି । ଅତିଥିଙ୍କ ସେବାରେ ଦିନସାରା ନିଜକୁ ବ୍ୟସ୍ତ ରଖନ୍ତି ସେ । କେହି ଯେମିତି ଅସନ୍ତୋଷ ହୋଇ ନଫେରେ ବା ମଙ୍ଗଳାଯୋଡ଼ି ଇକୋ-ଟୁରିଜିମ୍ ନିଜର ସ୍ୱତନ୍ତ୍ରତା ନହରାଏ, ସେଥିପାଇଁ ଥାଆନ୍ତି ସବୁବେଳେ ସତର୍କ । ଏହି ମଙ୍ଗଳାଯୋଡ଼ି ଟ୍ରଷ୍ଟ କହିଲେ ରୀନାଙ୍କୁ ହିଁ ବୁଝାଇଥାଏ, ଦାୟିତ୍ୱ ଦୃଷ୍ଟିରୁ । ସେ ଏବେ ଗାଁର ମହିଳାଙ୍କୁ ନେଇ ଗୋଷ୍ଠୀ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ସାକ୍ଷରତା, ଆତ୍ମନିର୍ଭରଶୀଳତା କାମ ହାତକୁ ନେଇ ମଙ୍ଗଳାଯୋଡ଼ିର ପର୍ଯ୍ୟଟନ ସହ ସାମାଜିକ କାମର ଆଉ ଏକ ଫର୍ଦ୍ଦ ଯୋଡ଼ି ଦେଇଛନ୍ତି ।

ଏହି ମଙ୍ଗଳାଯୋଡ଼ି ଭୁବନେଶ୍ୱରରୁ ବେଶି ବାଟ ନୁହେଁ । ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବାଲୁଗାଁ ବସ୍‌ରେ ଗଲେ ଖୋର୍ଦ୍ଧା-ଟାଙ୍ଗୀ ଛକରେ ଓହ୍ଲେଇ ବାମ ପଟେ ଅଟୋ ଯୋଗେ ୫କି.ମି. ଗଲେ ପଡ଼େ ମଙ୍ଗଳାଯୋଡ଼ି ଇକୋ-ଟୁରିଜିମ୍ । କିମ୍ବା ଟ୍ରେନ୍‌ରେ ଗଲେ ଭୁବନେଶ୍ୱରରୁ ଯାଇ ମୁକ୍ତେଶ୍ୱର ଷ୍ଟେସନ୍‌ରୁ ଓହ୍ଲାଇବେ । ସେଠାରୁ ମାତ୍ର ୩୦୦ ମିଟର ଗଲେ ପଡ଼େ ଏହି ଇକୋ-ଟୁରିଜିମ୍ । ଏହି ଟୁରିଜିମ୍ ବୁଲି ପକ୍ଷୀ ଦେଖିବା ସହ ଏହାର ପାଖାପାଖି ଅଞ୍ଚଳରେ ଥିବା ଶକ୍ତିପୀଠ ଉଗ୍ରତାରା, କାଳିଜାଈ ଆଦି ସ୍ଥାନ ମଧ୍ୟ ଜଣେ ବୁଲି ଦେଖିପାରିବେ । ରୀନା ସାହୁ ଓ ମଙ୍ଗଳାଯୋଡ଼ିର ଏହି ପକ୍ଷୀବିହାର ପଛରେ ବି ରହିଛି ଆର୍‌ବିଏସ୍ ଫାଉଣ୍ଡେସନ୍ ଇଣ୍ଡିଆ ଓ ଇଣ୍ଡିଆନ ଗ୍ରାମୀନ୍ ସର୍ଭିସେସ୍ କୋଲ୍‌କାତାର ମିଳିତ ସହଯୋଗ ।

ରୀନା ସାହୁଙ୍କୁ ମଙ୍ଗଳାଯୋଡ଼ିର ଶହେରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଦାନାପାଣି, ପରିବେଶ ସହିତ ପକ୍ଷୀ ସୁରକ୍ଷା ଓ ଓଡ଼ିଶା ପର୍ଯ୍ୟଟନର ବିକାଶ ପାଇଁ ମିଳିଛି ସ୍ପେନ, ମାଦ୍ରିଦ୍‌ରୁ ୟୁନିଟେଡ଼ ନେସନ୍ ଟୁରିଜିମ୍ ଅର୍ଗାନାଇଜେସନ୍ ତରଫରୁ ପୁରସ୍କାର । ସେ ନିଜେ ନୁହେଁ ସାରା ଗାଁର ଅଧିକାଂଶ ଲୋକଙ୍କୁ ହିଁ କର୍ମନିଯୁକ୍ତି ଯୋଗାଇବା ସହ ନିଜ ଗୋଡ଼ରେ ଠିଆ ହୋଇଛନ୍ତି । ଏହିଭଳି ଜଣେ 'ରେବତୀ' ମନୋବଳ ଭାଙ୍ଗି ଦେଉଥିବା ଝିଅଙ୍କ ପାଇଁ ଉଦାହରଣ ନିଶ୍ଚୟ ।


▲ ରୀନା ସାହୁ


ମୁଦ୍ରା
ବିଖ୍ୟାତ ଗାଳ୍ପିକ ଅଜୟ ସ୍ୱାଇଁ
ରେବତୀ ପାଇଁ ସତନ୍ତ୍ର ମୁଦ୍ରାରେ
ଫଟୋଗ୍ରାଫି : ଆଦିତ୍ୟ ରାଉତ
ଶୁଭେଚ୍ଛା ସହ...
ରେବତୀ
ଆମ ମାଟିର ସ୍ୱର
ROOFTOP GARDEN
BANQUET HALL
INFRAVENTURES

# ଏକ ପୁରୁଷ ବିଷୟରେ

## ଅମରେନ୍ଦ୍ର ଖଟୁଆ


କଣ ନଦେଇ ପାରୁଛ ତମେ ପ୍ରେମରେ !
ଏଇ ମୋ ସଂକୀର୍ଣ୍ଣ ପୁରୁଷାକାରର ଭୂତ ଭବିଷ୍ୟତକୁ
ଅସ୍ୱୀକାର କରି ମୁକୁଳା ଯୁଗଳ ସଂଗୀତକୁ
କେମିତି ଶବ୍ଦମୟ କରୁଛ ଆତ୍ମାରେ, ହୃଦୟରେ
ଦେହରେ, ମନରେ ଓ ସାରା ପୃଥିବୀରେ ।

ସବୁ ଦେଇ ପାରୁଛ ସ୍ୱୀକାର କରି ମୋର
ହାଡ଼ମାଂସର ପ୍ରାଚୀନ ଛଳନାଙ୍କୁ । ପ୍ରେମ ନାଁରେ
ଦେଖିଛ କେମିତି ମୁଁ ଖଣ୍ଡିତ କରିଛି ମୋର
ସାମାନ୍ୟ ଚରିତାର୍ଥରେ ଆବେଗର ଇତିହାସକୁ ।
ତାପରେ ମତେ ମୟୂର ଚନ୍ଦ୍ରିକାର କୃଷ୍ଣ ବନାଅ ବା
କିମ୍ବଦନ୍ତୀର କାସାନୋଭା, ତମ ପ୍ରେମକୁ
ହଜାଇବାର ଖଚଡ଼ା ଜୀବନ, ଏଇ ପୁରୁଷର, ସବୁ ସମୟର ।

ମୁକୁଳା କେଶରୁ ତମର ଗଂଗଶିଉଳୀର ସ୍ପନ୍ଦନ
ବଢ଼େଇଛ, ତୋଳି ନେଇଛି ମୁଁ ଆଦିମ ଭୋକର
ଘଂଚ ଆଲିଂଗନରେ । ଆମଂତ୍ରଣର ଗଭୀର ପୁଲକରେ
ଛୁଇଁଚ ମୋର ଉତ୍ତେଜିତ ଶରଶଯ୍ୟାକୁ
ଏକାନ୍ତ ଅଂଧାର ଜଡ଼େଇଥିବାରେ, କଣ ନଦେଇଛ
ପ୍ରେମରେ, ବରଦାନର ଦୈହିକ ଓ ସଂପୂର୍ଣ୍ଣ ବିସର୍ଜନର
ଛାଇଛାଇକା ।

କଣ ତ୍ରୁଟିର ମାୟାବୀ ବିଶ୍ୱାସହୀନତାରେ ଏମିତି ମୋ
ପୁରୁଷାକାର ବାରମ୍ବାର ତମକୁ ପ୍ରତ୍ୟାଖ୍ୟାନ କରିବ
ପ୍ରତିଟି  ଯୁଗରେ ? ଆଖିରେ ଅପେକ୍ଷାର ମନ୍ୱନ୍ତରକୁ
ଅଂଜନ କରି ତମ ସୌନ୍ଦର୍ଯ୍ୟ ଅକ୍ଷୁର୍ଣ୍ଣ ଥିବ ।
ପେଟ ଭିତରେ ଖୋଜାଲୋଡ଼ାର ଅରଣ୍ୟକୁ
ଋତୁଚକ୍ରର ବାସନାରେ ସହଜ କରୁଥିବ ତମର
ସର୍ତ୍ତଶୂନ୍ୟ ସମର୍ପଣ । ସ୍ୱପ୍ନର ଦର୍ପଣରେ ଯାହାସବୁ
ଆଲୋଡ଼ନର କାରଣ ଖୋଜାଉଥିବ, ସେ ଚିତ୍ରର
ସବୁଠାରୁ ଲୋଭନୀୟତା ଝଲମଲ କରୁଥିବ ତମ
ଦେହରେ ଓ ତମର ଦେଇଥିବା ସମସ୍ତ ମନନ୍ତ୍ୱରରେ ।

ତଥାପି ଏଇ ଅଥର୍ବ ପୁରୁଷ ଚିତ୍ରରେ
ଦେଖ, ପୁଣି କେମିତି ତମକୁ ହରାଇବାର
ବର୍ବର ମାନସିକତା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ
ବନ୍ଦୀ କରି ରଖିଛି ଏଇ ଦେହକୁ । ଦେହ ବାହାରେ
ତମ ପ୍ରେମର ବୈକୁଣ୍ଠ, ଦେହ ଭିତରେ ନାରଖାର
ହେଉଥାଏ ତମକୁ ଛାଡ଼ି ବାହାରକୁ ଚାଲି ଯାଇଥିବା
ଦୁଃଖୀ ପୁରୁଷର ଚିତ୍ର ।


କବି ଅମରେନ୍ଦ୍ର ଖଟୁଆ


ରୂପାୟନ : ସାଏରୀ ସ୍ରୋତସ୍ୱିନୀ

# ବିଶ୍ୱ ଭାରତୀରେ ବର୍ଷା

## ସୁରେନ୍ଦ୍ର ପାଣିଗ୍ରାହୀ

ସପ୍ତପର୍ଣ୍ଣୀ ଓ ଶାଳବନରେ ବାରମ୍ବାର
କାଳିସୀ ଲଗାଏ ଅବା କୁହୁକିନୀ ବର୍ଷା
ବର୍ଷାରେ ଭିଜିଭିଜି ମାମାଲି ମିଶ୍ର ଓ ସୋନାଲି ଗାଂଗୁଲିମାନେ
ଗାଇ ଚାଲିଥାନ୍ତି ବିଟପୀ ବର୍ଷା ଓ ମହୁଆ ମେଘର
ଅସରନ୍ତି ଅନ୍ୟମନସ୍କତାର ଗୀତ
ବିଶ୍ୱ ଭାରତୀରେ ବର୍ଷା...

ବିଦ୍ୟାଭବନ ହଷ୍ଟେଲ୍ ପାଖରେ ହାଇ ମାରେ ବର୍ଷା
ଶାମବାଟିର ଶୀତୁଆ ବୟାରରେ ବର୍ଷା ଗାଏ
ଆଶ୍ରମ ସଂଗୀତ 'ଆମାଦେର୍ ଶାନ୍ତିନିକେତନ୍...'
ପୁଣି ପଳାଶ ଗଛ ମୂଳରେ ବାଉଲ୍‌ଟିଏ ବସି ଏକ୍‌ତାରା ବଜେଇ
ଗାଉଥାଏ ଦେହଦହନର ଗୀତ...
ଜରା ମୃତ୍ୟୁ ଶୋକର ସାଏରୀ
ଆଉ କାହାର ଅଳସ ଆଖିର ଇସାରା ଡାକି ନିଏ
ଘୋଷ୍‌ଦା' କ୍ୟାଣ୍ଟିନ୍‌ରେ ଆଖିରେ ଆଖି ରଖି
ଚୁମିବାକୁ ନାଲିଖୁରିରେ ତାହାର ଉଷୁମ୍ ଓଠକୁ...
ବିଶ୍ୱଭାରତୀରେ ବର୍ଷା...

ଅପରାହ୍ନର ଅସୁମାରୀ ଅଳସପଣରେ
ବର୍ଷା ବୁଡ଼ି ରହିଥାଏ ସେଣ୍ଟ୍ରାଲ୍ ଲାଇବ୍ରେରୀର
ଥାକ ଥାକ ବହିର ଅରଣ୍ୟ ଭିତରେ

ମେଘ ଓ ଖରାର 'ଛପକ୍ ଛମ୍ପା' ଖେଳ ଭିତରେ
ଶ୍ରୀନିକେତନର ବିସ୍ତୀର୍ଣ୍ଣ ପଡ଼ିଆ ଦେହରେ
ହାଇ ମାରୁଥାଏ ଗୋଟେ ଅଣପୁରୁଷା ଇନ୍ଦ୍ରଧନୁ
ବିଶ୍ୱ ଭାରତୀରେ ବର୍ଷା...

ସଂଜ ଆସେ ନାଟ୍ୟକାରର ବିମୁଗ୍ଧ ବାଙ୍ମୟତାରେ
ରବୀନ୍ଦ୍ର ସଙ୍ଗୀତର 'ଘନ ଗୌରବ ନବଯୌବନ ବରଷା' ତାଳରେ
'ଚଣ୍ଡାଳିକା'ର ବିରହ ବେଦନାରେ /କଚାଡ଼ି ହେଇ କଦମ୍ବ ବନରେ
କାନ୍ଦୁଥାଏ ବର୍ଷା / ପ୍ରଗଳ୍‌ଭା ପ୍ରେମିକାଟିଏ ଭଳି
ଆଉ ପୁଣି ବାରମ୍ବାର ବାଟ ହୁଡ଼ି ଯାଉଥାଏ ଚକ୍କର କାଟି
କଳାଭବନ ଓ ସିଂହ ସଦନର / ନାଲିଗୋଡ଼ି ରାସ୍ତା କାହାକୁ ଖୋଜି ଖୋଜି
ବିଶ୍ୱ ଭାରତୀରେ ବର୍ଷା...

ଗୋଟେ ନୀଳରାତିର ବାଦୁଡ଼ି ଡେଣାରେ ନିଶା ଗର୍ଜେ
ସାରା ସବୁଜିମାର ସିଲ୍‌ହିଟ୍ ଉପରେ / ସୋରି ସୋରି ଆଲୁଅ
ଓ ଅନ୍ଧାରର ରାଜୁତି / ଭୁବନ୍ ଡାଙ୍ଗାରୁ ପୁଣି ଅର୍ଦ୍ଧରାତିର
ଶେଷ ସୀମା ଯାଏଁ ଗୋଟେ / ଅଶରୀର ଭଳି ଚରି ଚାଲିଥିବା ବର୍ଷା
ରାତି, ରତିର ରିଆଜ୍‌କୁ ସାଇତି ରଖେ / ସ୍ମୃତି-ବିସ୍ମୃତିର ପେଟର / ଭିତରେ
ଆସନ୍ତାକାଲିର ଏକ ଭିଜା ଭିଜା ସକାଳରେ ଫୁଙ୍କିବାକୁ / କୋମଳ କଣ୍ଠରେ
ପୁଣି ଶ୍ରାବଣର ସାହାନାଇ ।
ବିଶ୍ୱ ଭାରତୀରେ ବର୍ଷା... ।

ପ୍ଲଟ୍ ନଂ- ୧୫୩୧, ରୋଡ୍ ନଂ-୪, ଜଗନ୍ନାଥ ନଗର,
ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦
ଫୋନ :୯୪୩୭୨୮୨୯୮୪



ଫଟୋ: ସୁରେନ୍ଦ୍ର ପାଣିଗ୍ରାହୀ



▲ କବି ଅଜୟ ପ୍ରଧାନ

# ଦେଶ ଭକ୍ତି

## ଅଜୟ ପ୍ରଧାନ

ଏ ଦେଶ ଆମର ।

ଯିଏ ଯା' କହୁ
ଯୋଉଠି ଯେମିତି କହୁ
ଏ ଆମ ଦେଶ
ଖୁବ୍ ଛୋଟ ଦିଶିପାରେ
ମାନଚିତ୍ରରେ ହୁଏତ ।

ହେଇପାରେ
ଅଧା ଲଂଗଳା, ଅଧାରୁ ଅଧିକ ଲୋକ
ଭିଟାମିନ୍ ଓ ପ୍ରୋଟିନ୍ ଅଭାବରୁ କଂକାଳସାର
ହେଇପାରେ
ପୃଥିବୀର ପବିତ୍ର ନଦୀମାନେ ସବୁ ଚେଷ୍ଟା ପରେ ବି
ଧୋଇ ପାରୁନାହାନ୍ତି ପାପ ଏଠି,
ହେଇପାରେ
ଯେତେ ପିଣ୍ଡଦାନ କଲେ ବି ଅନ୍ନଦାନ କଲେ ବି
ଯେତେ ମନ୍ତ୍ର ଉଚ୍ଚାରଣ କଲେ ବି ବ୍ରାହ୍ମଣ
ପିତା ଓ ପ୍ରପିତାମାନେ ରହୁଚନ୍ତି ଅମୋକ୍ଷ
ଯେତେ କଳ ଲଙ୍ଗଳରେ ଚାଷ କରି ସାର ଦେଲେ ବି
ନିର୍ଫସଲ ହେଇ ଯାଉଚି କ୍ଷେତ
ଗୋଟାକ ପରେ ଗୋଟାଏ ଓଲଟ ପ୍ରଶ୍ନ ଚିହ୍ନରେ ଝୁଲି ପଡୁଚି ବେକ !

ସହସ୍ର ବର୍ଷର କୋହ ଚାପି ତଥାପି ଛାତିରେ
ପ୍ରାର୍ଥନା କରୁଚୁ
ଦେଖି ନଥିବା, ଦେଖା ନଥିବା ଭଗବାନଙ୍କୁ
ମାଟିରେ କାଠରେ ଧାତୁରେ ଶୂନ୍ୟରେ,
ହେଇପାରେ
ବାଡ଼ିଆ ପିଟା କଳିକଜିଆ ମରାମରି ସବୁ ଚାଲିଚି
ଧର୍ମ ଜାତି ବର୍ଣ୍ଣ ସଂସ୍କାର ନାଁରେ
କେବେ ଇଟା ପଥର ଠେଙ୍ଗା ତୀର ବର୍ଚ୍ଛା
କେବେ ହାତବୋମା, ଧାରଣା ଅନଶନରେ
ନୟାନ୍ତ କରୁଚୁ ସର୍କାରଙ୍କୁ
ତ ବସେଇ ଦଉଚୁ କେବେ ସିଂହାସନରେ ।
କୋଉଠି କାଟି ଦଉଚୁ ଗଛମାନଙ୍କୁ
କୋଉଠି ଭାଙ୍ଗିଦଉଚୁ ଝୋପଡ଼ି ବସ୍ତି
ରାସ୍ତା ବଜାର କି ନୂଆ କଂପାନି ପାଇଁ,
ହେଇପାରେ
ଭୋକ ବିକଳରେ ଖାଉଚୁ ଟାକୁଆ, କୋଇଲି
କେବେ ଭାବୁଚୁ ତାରାଙ୍କୁ ସୁନା ମୋହର

କେବେ ଜହ୍ନ କରିଣରେ ଜୁଇ ମଲ୍ଲୀ ଗୋଲାପଙ୍କୁ ଧୋଇ
ଭୁଲି ଯାଉଚୁ ବି ଭୋକ ।
ସବୁ ଭିତରେ, ସବୁର ଉପରେ
ଉର୍ଦ୍ଧ୍ୱ ମୁଠାରେ ଉଡ଼େ ଆମ ତିରଙ୍ଗା ଫରଫର ।

କୋଉଠି ଫାଟୁଚି ମେଘ, କୋଉଠି ପାହାଡ଼
ଭୁଷୁଡ଼ି ପଡୁଚି ଘର ପରେ ଘର
ଶବ କୁଢ଼ କୁଢ଼
କା' ବାପ ମା' ଭାଇ ଭଉଣୀ ପିଲା ବନ୍ଧୁ ବା ସୋଦର ।
ସକଳ ହାହାକାର ଭିତରେ ହାରିଯାଏ ମୃତ୍ୟୁ
ଗୀତା ଭାଗବତ ପରି ଅଚଳ ଅଟଳ ଆମ ବିଶ୍ୱାସ ।

ଏ ଦେଶ ଆମର ।

ଖଣ୍ଡେ ଦି'ଖଣ୍ଡ ମାଟିଆ ଚମାରୁଆ ବହି
ପୁଂଜେ ଦି' ପୁଂଜା ଆମର ଯୁଦ୍ଧାସ୍ତ୍ର
କେହି ଜଣେ ବଂଚି ରହିବା ଲାଗି
ଆମେ ମରିବାକୁ ପ୍ରସ୍ତୁତ,
ଗୁଳିଗୋଳା ବାରୁଦ ଭିତରେ ମନ୍ତ୍ର ପରି ପ୍ରତିଧ୍ୱନିତ
ଦେଶ ଦେଶ ଦେଶ ।

ନଥାଉ ସ୍କଡ୍ ପାଟ୍ରିଅଟ୍ ରୋବଟ୍ ସୈନିକ
ନ ଥାଉ ପରମାଣୁ ବୋମା, ଚାଳକ ବିହୀନ ବିମାନ ବା ଟ୍ୟାଙ୍କ୍
ସୁନା ହୀରା ନୀଳା ମୋତି ବା ମାଣିକ
ଅଛି ତ ଧାନକ୍ଷେତ, କପାଫୁଲିଆ ଆକାଶ
ଅନ୍ଧାରକୁ ସୁନ୍ଦର କରୁଥିବା ଭଲପାଇବାର ସ୍ପର୍ଶ,
ଉପରର ଲୋଭ ନାହିଁ, ତଳେ
ପଡ଼ିଯିବା ଆମର କେବେ ବି ନାହିଁ,
ମାଟିରେ ଇ ଥାଉ,
ସବୁଜ ଛନଛନ ଘାସ ଦେଶର ପରିଚୟ ହଉ
କା' ସାର୍ଟିଫିକେଟ୍ ଲୋଡ଼ା ନାହିଁ
ଗୋଟିଏ ପତାକାକୁ କୋଟି କୋଟି ହାତ ଧରିଥାଉ ।

ପୂର୍ବରେ ପଶ୍ଚିମରେ ଆତଙ୍କବାଦୀ
ଦକ୍ଷିଣରେ ଉତ୍ତରରେ ମାଓବାଦୀ
କୋଣେ କୋଣେ ନକ୍ସଲ୍ ଓ ସ୍ୱାର୍ଥବାଦୀ
ତଥାପି କହୁଚି– ଆମ ତରଫରୁ–
ଯେ କେଇଟା ଗାର ଦେଖି ଦେଖନା ଦେଶକୁ
ମୁହଁ ଦେଖି ପୋଷାକ ଦେଖି ଜୋତା ଦେଖି
ବିଚାର କରନା ମଣିଷକୁ ।

ଛୁଇଁଲେ ଜାଣିବ
ଦେଶ ଗୋଟାଏ ହୃଦୟ
ଧରିଲେ ଜାଣିବ ଦେଶ ମୁଠାଏ ମାଟି
କପାଳରେ ବୋଳି ହବା ଭଳି
ପାପୁଲିଏ ବିଭୂତି ।♥

ଦଇତାପଡ଼ା ସାହି, ପୁରୀ-୧
ଫୋନ : ୯୮୬୧୮୮୦୧୦୮



▲ ରୂପାୟନ : ଫିଦୋଷୀ ତବସୁମ୍



▲ କବି ହୃଦାନନ୍ଦ ପାଣିଗ୍ରାହୀ



▲ କବି ପ୍ରୀତିଧାରା ସାମଲ

# ଡାଏରୀ ପୃଷ୍ଠାରୁ

## ପ୍ରୀତିଧାରା ସାମଲ

ମୋ ଆୟଉରେ
କିଛି ବି ନଥାଏ ବୋଲି ବୁଝି ସାରିଲିଣି,
ଅନେକ ଦିନରୁ କବିତା ଲେଖିନି
ଜଂଜାଳ ଏତେ ଯେ
ହାତପାଦ ବାନ୍ଧି ହୋଇ ଯାଇଚି ଯେମିତି ।

ବଡ଼ଝିଅର ଦେହ ଖରାପ
ଦୁଇମାସ ହେଲାଣି ବିଛଣାରେ ।

ପାଖ ବଗିଚାର ସୁପରଭାଇଜର୍ ଗୋଟିଏ
ଆଦିବାସୀ ଝିଅକୁ ନେଇ ଫେରାର୍,
ଏସନ ଏତେ ବର୍ଷା, ସବୁ କାମ ଠପ୍ ।

ଅଗଷ୍ଟ ପନ୍ଦରରେ ସେଲୁ ଯିବ
ଗୋପାଳପୁର, ମିଶିଚି ସ୍କିଟ୍‌ରେ ।
କଫି ଦର କମି ଯାଇଚି ଅନେକ
ରାତି ଜଗୁଆଳି ହିଁ ଚୋରି କରିନେଲା ସବୁ
ଗୋଲମରିଚ ଗୋଦାମରୁ ।

କୁନ୍ଦୁଲିରେ କିଛି ବି ଘଟି ନଥିଲା
କିନ୍ତୁ ଝିଅଟିଏ ଆତ୍ମହତ୍ୟା କରିଥିଲା
ଏ କଥା ସତ,
କେତେକଣ ଘଟିଯାଉଚି ପ୍ରତି ମୁହୂର୍ତ୍ତରେ
କୋଉଠି ଛିଡ଼ା ହେଇଚି ମୁଁ ପକ୍ଷରେ
ନା ପ୍ରତିପକ୍ଷରେ !
କାଉଡ଼ିଆଙ୍କ ଭାରି ଭିଡ଼ ଗୁପ୍ତେଶ୍ୱର ରାସ୍ତାରେ

ଆକ୍ଷି ନଥିବା ନୂଆ ନୂଆ ଘଟଣା ଫେସ୍‌ବୁକ୍‌ରେ
ସକାଳୁ ସକାଳୁ ସଇତା କାହିଁକି
କାନ୍ଦୁଚି ଘର ଆଗରେ ?
ଝିଅ ଯିବ ପଢ଼ିବାକୁ ବାହାରକୁ
ଶୀତଦିନ କୁହୁଡ଼ି ପରି ଜମାଟ ବାନ୍ଧୁଚି
ଭୟ ହୃଦୟ ସନ୍ଧିରେ ।

ଅନେକ ଦିନରୁ କବିତା ଲେଖିନି
ମନ ମୋର ଫିମ୍ପି ମାରି ଯାଇଚି
ଏ ଅଛାଡ଼ ବର୍ଷାରେ । ♥

ଦେବାଶ୍ରିତ, ପୂଜାରୀପୁଟ ରୋଡ଼, କୋରାପୁଟ,
ଫୋନ :୯୪୩୭୨୩୩୪୧୪

# ନାଉନଟା କଥା

## ହୃଦାନନ୍ଦ ପାଣିଗ୍ରାହୀ

ଦୁଃଖୀ ଲୋକର ଚାଳକୁ
ଆଶ୍ରା କରିଥାଏ
ନାଉନଟା
ଟେକିଟାକି ଦେଲେ
ଛୁଏଁ ମଥାନ
ହୁ' ହୁ' ହେଇ ବଢୁଥାଏ
ଛନଛନିଆ କଅଁଳ ଡଂକ
ସବୁ ବାଧକକୁ ଏଡ଼ି
ସେ ମାଡ଼ି ଚାଲିଥାଏ ବାଟ ।

କାହିଁ କେତେ ଜନ୍ମର
କରଜ ଶୁଝି ଦେବାକୁ
ତା' ଜନ୍ମ,
ବିଧାତା ଲେଖି ଦେଇଚି କପାଳରେ
ଏତିକି କର୍ମଫଳ ।

ଫୁଲକକ୍ଷିରେ ନଦି ହେଇ ପଡ଼ିବା ଦେଖି
ଚିହିଁକି ପଡ଼ନ୍ତି ସାଇପଡ଼ିଶା
ଦିନେଦିନେ ପିଢ଼ା ଉପରକୁ ଡିଆଁମାରି
ତା' ଦିହକୁ କେଳେଇ କୁଟେଇ ପକାନ୍ତି
ମାଂକଡ଼ ପଲ
ହେଲେ, କାହିଁରେ ଚହଲି ଯାଏନ ସେ ଲକ୍ଷ୍ୟ
ଅନ୍ତରରେ ସଂଚିଥିବା ଖୁସି ଟିକକ ବାଂଟି ଦବାକୁ
ସେ ନ ହସି ପଡୁଥାଏ, ସାଧ୍ୟମତା

ସବୁରି ନଜର ତା' ଫଳ ଉପରେ
ପହିଲି ଫଳଟି
ମାନସିକରେ ବାଟେ ବାଟେ ଯାଏ ଠାକୁର ଘରକୁ
ସେଇଥିରେ ତା'ର କୋଟି ଆନନ୍ଦ
ଏ ଅଜାଡ଼ି ଦବାର ଖୁସି
ଆଉ କାହିଁଥାଏ କି ଏ ଦୁନିଆଁରେ,
ମନଉଣା ନକରି
ସବୁ କଷ୍ଟରୁ ଉଠିପଡ଼ି
ସେ ଚାଲେ, ଫଳ ବାଣ୍ଟେ, ଖୁସି ହୁଏ । ♥

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଝାଡ଼ପଟା,ଦୋଳସାହି,
ଭଦ୍ରକ-୭୫୬୧୨୭
ଫୋନ : ୯୪୩୭୯୮୭୪୨୯



▲ ରୂପାୟନ : ବିଶ୍ୱବନ୍ଦିତା ସ୍ୱାଇଁ



ଫଟୋ ଦୀପକ କୁମାର ମିଶ୍ର

# ନୂତନ କାହାଣୀ

## ଦୀପକ କୁମାର ମିଶ୍ର

ଯୋଉଠୁ ଠିକ୍ ଆରମ୍ଭ ହେବାର ଥିଲା
ଗୋଟିଏ ନୂତନ କାହାଣୀ
ଠିକ୍ ସେଇଠି ସରିଗଲା ରାତି
ଫର୍ଚ୍ଚା ଦିଶିଲା ଗଳ୍ପ-କଥକର ଶେଥା ମୁହଁ
ଗପ ଶୁଣୁ ଶୁଣୁ ଶୋଇ ପଡ଼ିଥିବା
ବେହୋସ୍ ଶ୍ରୋତାମାନଙ୍କର
ଅସ୍ତବ୍ୟସ୍ତ ଦେହ ।

କୁହାଯାଇ ପାରିନଥିବା ଗପସବୁ
କାକର ଭଳି ଜଳୁଥିଲେ ଘାସ ବଗିଚାରେ ।
ମୋର କିନ୍ତୁ ପ୍ରିୟ ବୁଢ଼ୀଆଣି ଜାଲରେ
ଫସି ଯାଇଥିବା କାକରର ଚିତ୍ରକଥା ।
ଠିକ୍ କେଉଁ ମୃତ୍ୟୁଟି ବେଶି ଭୟଙ୍କର ?
ସକାଳର ଭୋକରେ ଧୀରେ ଧୀରେ ଜଳିଯିବା
କି ବୁଢ଼ୀଆଣିର ଭୋକର ପ୍ରତୀକ୍ଷା କରିବା ?

ଯୋଉମାନଙ୍କୁ ଅଭୟର ଆଶ୍ରୟ ଦେଇଥିଲା ରାତି
ଏବେ ସେମାନେ ଫେରୁଛନ୍ତି ଅସମାପ୍ତ ଅବ୍‌ସୋସ୍ ଭଳି
ସକାଳର ନୃଶଂସ ସତ୍ୟତା ଲୁଟି ନେଉଛି ସେମାନଙ୍କ ଛଦ୍ମବେଶ
ଅନାହତ ସେମାନଙ୍କର ଶେଷ ଅଜ୍ଞାତବାସ କିନ୍ତୁ
ଏବେ ବି ଡାକୁଛି ତାଙ୍କୁ ପଛରୁ

କିଏ ତେବେ ଖଞ୍ଜିଥାଏ ଏତେ ସବୁ ପରାଜୟ କାକଳି ଭିତରେ ?

ନିଜକୁ ଡେଇଁ ଯାଇଥିବା, ଏକାବେଳକେ ପାଶୋରି ଦେଇଥିବା
ସଫେଦ୍, ଫର୍ଚ୍ଚା, ନିରାଭରଣ ସମାପ୍ତିମାନେ
ପୋଛି ଦେଇଥାନ୍ତି ଦୈନ୍ୟର ସେ ପ୍ରାଚୀନ ଅଗଣା
କ୍ଷଣିକତାର ବୁଦ୍‌ବୁଦ୍ ଉପରେ
ପୁଣି ଏକ ଅନ୍ଧାରର ଅନ୍ତରାଳ ଖୋଲି
ସେମାନଙ୍କୁ ହୁଏତ ଡାକୁଥାଏ ନଦୀର ଅଥୟ ଦେହ

ବହି ଯାଉଥିବା ଜୀବନମାନଙ୍କ ନିଦ ଭିତରେ
ହୁଏତ ଏବେ ବି ପାହି ନଥାଏ ସକାଳ ।

୫୨୩-ଏ, ପଶ୍ଚିମାବାଦ୍, ଜେ.ଏନ୍.ୟୁ, ନୂଆଦିଲ୍ଲୀ-୧୧୦୦୬୭
ଫୋନ : ୯୯୧୦୧୩୯୩୬୬

# ସେଦିନ ଯୋଉଠି

## ଜ୍ଞାନୀ ଦେବାଶିଷ ମିଶ୍ର

ସେଦିନ ଯୋଉଠି ତମେ ବାଟ ଗଲ ଭୁଲି,
ଅନ୍ଧାରରେ ଚାଲିଗଲ ପଛକୁ ନଚାହିଁ,
ଏବେ ବି ସିଆଡ଼େ ଯଦି ଯାଏ କେବେ ଥରେ,
ସେ ଛକକୁ ଜମାରୁ ମୁଁ ଚାହିଁପାରେ ନାହିଁ ।

ସେଦିନ ଯୋଉଠି ଆମେ ପିଇଥିଲେ ଚା,
ଗୋଟେ ଗ୍ଲାସ୍ ଭାଙ୍ଗିଥିଲା ତମର ବା ମୋର
ସେଦିନ ଯୋଉଠି ତମେ ଧଳାପାରା ଦେଖି
ଦାନା ଦେଇ ଡାକିଥିଲ ଏକୋଇଶ୍ ଥର ।
ସେଦନ ଯୋଉଠି ନଦୀ ନିଜ ବାଟ ଭୁଲି
ଆମ ପଛେ ଧାଇଁଥିଲା ପାଗଳୀଙ୍କ ଭଳି
ସେ ନଦୀ ଖୋଜୁଛି ଏବେ ଆମ ଚଲାବାଟ
ବୁଲି ବୁଲି ସହରର ଏ ଗଳି, ସେ ଗଳି ।
ସେଦିନ ଯୋଉଠି ଥିଲ ଗୀତଟେ ଶୁଣାଇ,
ସେ ଗୀତ ଅନ୍ତରା ଜମା ସାରିପାରେ ନାହିଁ ।

ସେଦିନ ଯୋଉଠି ତମେ କିଣିଥିଲ ଖରା
ମୂଲଚାଲ କରିଥିଲ ଜହ୍ନରାତି ଦର ।
ଫିଙ୍ଗି ଦେଇଥିଲ କିଛି ବଳକା ଆବେଗ
ଅହଙ୍କାର ତେଜିଥିଲ ଜଳିଲା ଦୀପର ।
ସମୟର ଦହଗଞ୍ଜି ଛାତିରେ ସାଇତି
ବସିଥିଲେ ଦୁଇହଳ ବଗୁଲାବଗୁଲୀ
ତୁମର ସ୍ୱରରେ ଥିଲା ନିଆଁ ନା ଯାତନା
ଆମକୁ ଦେଖି ସେମାନେ ଗଲେ ଦୂରେ ଚାଲି ।
ସେଦିନ ଯୋଉଠି ଆମେ ପଡ଼ିଲେ ଘୁମେଇ
ସେ ନିଦରୁ ଆଉ ଜମା ଉଠିହେଲା ନାହିଁ ।

ସେଦିନ ଯୋଉଠି ଥିଲା ବାଲିଯାତ୍ରା ଭିଡ଼
ଆଜି ନାହିଁ ରାମଦୋଳି ମୌତ୍ କା କୁଆଁ,
ସେଦିନ ଯୋଉଠି ଥିଲା ଜହ୍ନର ଝୁଲଣା
ଆଜି ସେଠି ଆଖି ଜଳେ, ବହଳିଆ ଧୁଆଁ ।
ଖବରକାଗଜ ଅବା ଟିଭି, ରେଡ଼ିଓରେ
ପଢ଼େ, ଦେଖେ, କାନାଏ ମୁଁ ପ୍ରତ୍ୟେକ ସୂଚନା
ହେଲେ କେବେ ଥରେ ବି ତ ଏଯାଏଁ ଆସିନି
'ତମେ ନିରୁଦ୍ଦିଷ୍ଟ' ବୋଲି ଇନାମୀ ଘୋଷଣା ।
ସେଦିନ ଯୋଉଠି ଥିଲା ପାଦର ପାଣ୍ଠୋଇ
ସେମିତି ପଡ଼ିଚି ସିନା, ଦୁଇପାଦ ନାହିଁ ।

ସହକାରୀ ପ୍ରଫେସର୍
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୭୫୩୦୦୩
ଫୋନ : ୯୭୭୮୭୩୦୭୫୭



ଫଟୋ ଜ୍ଞାନୀ ଦେବାଶିଷ ମିଶ୍ର



◀ ଡଃ ସଞ୍ଜୟ କୁମାର ସାହୁ

# ସହଯାତ୍ରୀ


## ସଞ୍ଜୟ କୁମାର ସାହୁ


ଜୀବନ ଯାତ୍ରାରେ ଜଣେ ଭଲ ସହଯାତ୍ରୀ
ତା' ନାଁ ବୋଧେ ସ୍ତ୍ରୀ ।

ତେଲଲୁଣ ସଂସାରରେ
ମାନ ଅଭିମାନ ଗୋଟେ ଝଙ୍କାଳିଆ ବୁଢ଼ା ବରଗଛ
ନାରୀଟିଏ ବୋଲି ସବୁକୁ ପଛକରି
ହାତକୁ ମୋ ବଢ଼େଇ ଦିଏ କପେ ଚା'

ତା' ଅତଳ ତଳ, ମନ ତଳ
ଗହୀର ପହଁରା ମୋତେ ଦିଶେ
ଗୋଟେ ଆକ୍ୱାରିୟମ୍‌ର ମାଛ ।

ଝଡ଼ ମୁହଁକୁ ପିଠି କରି
ଗଛ ଭଳି ଠିଆ ହେବା ଶିଖିଛି ବୋଲି ତ
ସ୍ତ୍ରୀ ନୁହେଁ, ବେଳେବେଳେ ସେ ପାଲଟିଯାଏ ଦେବୀ ।

ସକାଳରୁ ସଂଜ
କ'ଣ କହେ, ତା ରୁଣୁଝୁଣୁ ପାଣିକାଚ ?
ଆଦୌ ଥକି ଯାଉ ନଥିବା ତା' ପାଦ ହଳକ
ଠିକ୍ ଡେଙ୍ଗୀ ଗୋଡ଼ି ବଗ ଭଳି
ଅହରହ ଟକ ଟକ !

ରାତିରେ ଫୁଲ ହୋଇ ଫୁଟେ
ସକାଳକୁ ଅଗଣା ସାରା ବାଣ୍ଟିଦିଏ ମହମହ ବାସ ।
ମୁଁ କଣ କେବେ ପଚାରି ପାରିଛି କି ?
କେଉଁ ପଙ୍କ ପୋଖରୀରୁ ତୋଳି ଆଣୁଛୁ
ଏ ପଦ୍ମ ପାଖୁଡ଼ା ହସ ?

ଭାବେ  କହିଦେବି, ତୁ ସେହି କସ୍ତୁରୀ ମୃଗ !
ସିଏ କୋଉ କମ୍ କି ?
ଆଖିର ଭ୍ରୁଲତାରେ ଭରି ବିଦ୍ରୁପ ଶୃଙ୍ଗାର
ଝାଉଁଳା ହସଟେ ମୋ ମୁହଁକୁ ଫିଙ୍ଗି ଦେବ
ମୁଁ କାଳେ ଚିତ୍ର ଅଙ୍କା ଗୋଟେ କାଗଜର ବାଘ ।

ଲେଉଟିଆ ଶାଗ ଭଳି
ନିଜକୁ ନିଜେ କାଟିବା ଶିଖିଛି
ଶିଝିଛି, ରାନ୍ଧିଛି, ପରଷିଛି
ଜାଣିଛି, ପୁଣି ଜଅଁଳିବାର ମହା ସଂଜୀବନୀ ମନ୍ତ୍ର ।

ମୋତେ କେତେ ଥର ପଚାରିଛି
ଜୀବନକୁ ତିଳ ତିଳ କରି ଜାଳିବାର ନାଁ କ'ଣ ସ୍ତ୍ରୀ ?
ସଳଖ ତା ମୁହଁକୁ ଅନାଏନି,
ଆଖି ସାଥେ ଆଖି ମିଶାଏନି
କାଳେ ଧରା ପଡ଼ିଯିବ ସବୁ ମିଛ ବହପ ।

ତା' ମୋହିନୀ ରୂପ
ଗୋଟେ ମ୍ୟାଜିକ୍ ବାଲାଠୁଁ କିଛି କମ୍ ନୁହଁ ।

ଯେଉଁଠି, ଯେଉଁ ରୂପରେ ଚାହିଁଛି
ସେ ମୋତେ ଦର୍ଶନ ଦେଇଛି ।

ଇଚ୍ଛା ହୁଏ ଫିଙ୍ଗି ଦେବାକୁ
ମୁଣ୍ଡରେ ପିନ୍ଧିଥିବା ଏ ଚିତ୍ରାଳୟର ମିଛ ମୁକୁଟ
ମୋର ସବୁତକ ମର୍ଦ୍ଦାଙ୍ଗୀ
ଦିନେ ପାଲଟି ଯାଆନ୍ତାନି ଗୋଟେ ହଳଦୀବସନ୍ତ !

ନା, ଏମିତି ହୁଏନି..
ବରଂ ଋତୁ ଭଳି ବଦଳୁଥାଏ ମୁଁ
ବଦଳୁ ନଥାଏ, ତା କଣ୍ଠରେ କୋଇଲିର କୁହୁ ।♥


ବଢ଼ିଆସାହି, କସର୍ଦ୍ଦା, କଟକ-୭୫୪୧୦୫
ଫୋନ : ୯୧୭୮୮୧୪୯୦୫




◀ ଫଟୋ : ଉର୍ମିତା ସାହୁ

# ମୁଁ ଅବାକ୍

## ଇପ୍ସିତା ଷଡଙ୍ଗୀ

ଆଖି ସାମ୍ନାର ସବୁ ଶୂନ୍ୟତାକୁ ଧରି
ବସି ଯାଇଥିଲି ଖେଳିବାକୁ ଲୁଡୁ
ଜୀବନର
ହାର୍ ହେଉ କି ଜିତ୍
ସୁଖ ହେଉ ବା ଦୁଃଖ
ନିଆରା ବାଗରେ ମନେଇବାର
ଗୋଟେ ମଜା ଥାଏ ନା !

ସରି ଆସୁଥିବା ପ୍ରଗଲ୍‌ଭତା,
ପ୍ରାପ୍ତିର ଆଶା ନଥିବା ଅପେକ୍ଷା,
ଭାଙ୍ଗି ସାରିଥିବା ଯାବତୀୟ ବିଶ୍ୱାସ ଓ
ଗୋଟେ ଅସହାୟ ମନ
ଚାରି ରଂଗର ଦାନରେ ସଜେଇ
ବସି ଯାଇଥିଲି ତ ଖେଳିବାକୁ
ନିଜେ ନିଜର ସାଥୀ
ନିଜେ ନିଜର ପ୍ରତିଦ୍ୱନ୍ଦ୍ୱୀ ।


▶ ଡ଼ ଇପ୍ସିତା ଷଡଙ୍ଗୀ

'ଦାନ' କେବେ ଆଗକୁ ବଢ଼େ
କେବେ ବା ମରିମରି ଫେରେ
ପୁରୁଣା ଜାଗାକୁ ତା'ର
ଜଣେ କିଏ ଜିତୁଥାଏ ଆଉ
ହାରୁଥାଏ ବି କିଏ ପ୍ରସ୍ତପ୍ରସ୍ତ
ଅପମାନ ଆଉ ଉପେକ୍ଷାକୁ
ଗଳାମାଳି କରି ଅନ୍ୟମନସ୍କ
ଉଜଉଁ ଥାଏ ଦୁଃଖ
ଶୂନ୍ୟ ସହ, ଯେଉଁଠି ଲୁହ ବୁନ୍ଦାଏ କିନ୍ତୁ
'ଗୋଟି' ପରି ଫିଟି ପାରେନି ନିର୍ଦ୍ୱନ୍ଦ୍ୱରେ... ।

ଲୁଡୁପାଲିକୁ ଜୀବନର, ଜିଜିବୀଷାର, ଜିଜ୍ଞାସାର
ଯନ୍ତ୍ରଣାର ଯାବତୀୟ ଖେଳର ଜଉଘର ବୋଲି
ଜାଣିଥା'ନ୍ତି ଯେଉଁମାନେ
ଖୁବ୍ ଅନାସକ୍ତିରେ ଆଡ଼େଇ ଆଡ଼େଇ ଡେଇଁଯାଆନ୍ତି
ଅଭିମାନ ଆଉ ଆବେଗର ଯେତେକ ଝଂଟାବାଡ଼ ।

ମୁଁ ଅବୁଝା
କେଜାଣି କାହିଁକି ଅଟକି ଯାଉଥାଏ ସେ ସିଜୁବାଡ଼ିରେ
ଯେଉଁଠି ପ୍ରଜାପତିର ଚିତ୍ରବିଚିତ୍ର ଡେଣା ଅସହାୟ ଝୁଲୁଥାଏ
ପବନରେ, ଅଟକି ଯାଉଥାଏ ବିବିଶ ସେଇଠି
ଯେଉଁଠୁ ସାପ କାହାକୁ ଗିଳିଦେବାର
ବିକଳ କାନ୍ଦଣା ଝରୁଥାଏ, ମୁଁ
ଅଟକି ଯାଉଥାଏ ଯେଉଁଠି,
ମୋ ସତସତ ଜୀବନରୁ
ମିଛ ଖେଳଘରର ଗୋଟି ଗୋଟି କାନ୍ଥ
ବର୍ଷା ପାଣିରେ ମାଟିରେ ମିଶୁଥାଏ ।

ଜାଣେନା କେତେବେଳେ
ଜୀବନର ଗୋଟି ଗୋଟି ମୁହୂର୍ତ୍ତକୁ କିଏ
ଲୁଡୁପାଲିର ଗୋଟି ଗୋଟି ଘରେ
ଠିଆ କରେଇ ଦେଇ ନିର୍ବାକ୍
ମିଛ, ସତ, ସତ ପରି ମିଛ ଆଉ
ମିଛ ପରି ସତର ଚାରିକାନ୍ଥରେ
ହଜେଇ ଦେଇଗଲା

ମୁଁ ଅବାକ୍ !


❤ଇଂରାଜୀ ଅଧ୍ୟାପିକା, ଗୁହାଳପଡ଼ା,
ନିମାପଡ଼ା, ପୁରୀ,
ଫୋନ:୯୯୩୮୩୭୦୨୮୯


# ଖରା

## ଉତ୍ପଳ ମହାନ୍ତି

**ଖରା-୧ ॥**

ମାଡ଼ିଆସେ,
ଆତଂକବାଦୀର ଖରା
ଶୂନ୍‌ଶାନ୍ ପାଲଟେ,
ରାସ୍ତାଘାଟ, ନଗର ପ୍ରାନ୍ତର ।

ତାକୁ ମୁକାବିଲା ଚଳେ
ଏ.ସି. ବନ୍ଦ୍ କୋଠରୀ ଭିତରୁ ।

ଚରି ପାଞ୍ଚ ଘଣ୍ଟା ପରେ
ଏନ୍‌କାଉଣ୍ଟର୍ ଶେଷ ହେବାର
ଟିନ୍‌ଟିନ୍ ଶବ୍ଦ କୁଲ୍‌ଫିବାଲାର ।

ଟିଭି ପରଦାରେ ଖରା
କେତେ ଡିଗ୍ରୀର ଆତଙ୍କ
ଆଜି ଏ ସହର ଭିତରେ ।

**॥ ଖରା-୨॥**

ଖାଦ୍ୟ ଅନ୍ୱେଷଣରେ
ବେଦୁଇନ୍‌ଙ୍କ ଲମ୍ବା ରାସ୍ତାରେ
ପିମ୍ପୁଡ଼ିମାନେ ।

ଖରା ଏଠି ବିସ୍ଫୋରିତ ବୋମା ।

ବିସ୍ଫୋରଣରେ ଲିଭିଯାଏ ଛାଇ
ବିଚ୍ଛୁଡ଼ି ହୋଇଯାଏ ପିମ୍ପୁଡ଼ିଙ୍କ ଧାଡ଼ି
ସୁରକ୍ଷିତ ରହିଯାଏ ତୁମ ଖାଦ୍ୟ ।

**॥ ଖରା-୩ ॥**

ବାଲ୍‌ଟିମାନେ ଗର୍ଭବତୀ ପାଲଟିବା ପାଇଁ
ଏଠି ଲମ୍ବା ଧାଡ଼ିରେ ।
ପାଣି ବନ୍ଦ ହେବ ଠିକ୍ ସମୟରେ
ମ୍ୟୁନିସିପାଲ୍‌ଟି କଳରୁ ।

ବୟସର ନିର୍ଦ୍ଦିଷ୍ଟ ସୀମାରେ
ବଂଚିତ ହେବେ କିଛି ବାଲ୍‌ଟି
ଅନ୍ତସତ୍ତ୍ୱା ପାଲଟିବା ପାଇଁ
ତଥାପି,
ସଂଗ୍ରାମ ଜାରି ରହିବ ସେମାନଙ୍କର
ଆସନ୍ତାକାଲିକୁ ଧାଡ଼ିରେ
ଆଗେ ଛିଡ଼ା ହେବାକୁ

**॥ ଖରା-୪ ॥**

ଖରା ମଝି ବାହାରକୁ
ଶିଳ୍ପ ହୋଇ ଆସେ ।
ମାଛ ଶୁଖି ଶୁଖୁଆ
ଆମ୍ବ ହୁଏ ଆମ୍ବୁଲ
ବୋଉ ପାଲଟେ ଶିଳ୍ପପତି ।

ମୁଁ ଜଗିଥାଏ,
କାଉ, କୋଇଲିଙ୍କୁ
ସିକ୍ୟୁରିଟି ଗାର୍ଡ଼ ହୋଇ । ❤


'ସଂକେତ'
ବିବେକାନନ୍ଦ ମାର୍ଗ, ବାଲେଶ୍ୱର-୧
ଫୋନ୍ : ୯୮୬୧୩୫୧୬୬୬


▶ ଡ଼ ଉତ୍ପଳ ମହାନ୍ତି


# ହରିହରଙ୍କ ଦିବ୍ୟ ଅସନ୍ତୋଷ



# କବି ହରିହର ମିଶ୍ରଙ୍କ
# 'ଦିବ୍ୟ ଅସନ୍ତୋଷ' ମନୋଭାବର ସ୍ଥଳ ଓ ସ୍ଥୂଳ




**ନକୁଳ ଚନ୍ଦ୍ର ସାହୁ**

ଶବ୍ଦ ଘର, ଗୋଡ଼ିସାହି,
ଭାୟା - ମୁଣ୍ଡଳି କଲୋନୀ, ଜିଲ୍ଲା- କଟକ
ଫୋନ୍ : ୯୪୩୭୭୪୦୨୭୪


ଫଟୋ ସୌଜନ୍ୟ : ଗୁଗୁଲ୍

କେଉଁ ଆନନ୍ଦ କନ୍ଦରୁ ଝରଟିଏ ପରି କାନ୍ଦି କାନ୍ଦି ଫିଟି ପଡ଼ିଚି କବିତା ! ଅକ୍ଷର ବଦଳି ନାହିଁ ଅଥଚ ନୂଆ କିଛି ସରିଛି ଲେଖା ! ଶବ୍ଦ ବଦଳି ନାହିଁ, ସେହି ପୁରୁଣା ଶବ୍ଦ ଅଛି । ଅଛି ମଧୁରତା, ଯେମିତି ଶିଶୁର କଥା ! କବିତା ଜଣେ ମନ୍ତ୍ରଦ୍ରଷ୍ଟାର ପ୍ରାର୍ଥନା ! ଆତ୍ମୀୟତାରେ ଚିହ୍ନା, ଆଶ୍ୱାସନା ଭର୍ତ୍ତି କେଇ ପଙ୍‌କ୍ତି ଅସ୍ପଷ୍ଟ କାନ୍ଦ ! କବିତା ହିଁ ପୁନର୍ଜନ୍ମ, ପ୍ରାଣପକ୍ଷୀର କୂଜିତ ଜୀବନ । କବିତା ଏକ ଦିବ୍ୟ ଅସନ୍ତୋଷ ! କବିଙ୍କ ଅନୁଭବ କରିଥାଏ ଖ୍ରୀଷ୍ଟିୟାନ୍ 'ମ୍ୟାଗି'ର ଜର୍ଣ୍ଣି, ଦିନରାତି ନଥିବା କାଳରେ !

କବି ବେଶ୍ ନିୟନ୍ତ୍ରିତ ନିର୍ଲିପ୍ତ ସନ୍ନ୍ୟାସୀ ! ସେ ଶୂନ୍ୟ ଦୃଷ୍ଟି । ନିଜର ଶୃଙ୍ଗଙ୍କୁ କରୁଛନ୍ତି ଗତି । ଖର୍ଚ୍ଚ କରୁଛନ୍ତି ଆବେଗ, ସାମ୍ନାରେ ମାୟା ବଜାର, ଶବ୍ଦ ସବୁ ସଜ୍ଜିତ । ଗ୍ରାହକକୁ କରୁଛନ୍ତି ଆକର୍ଷିତ । ଦେଖ, ଦେଖ ଅମୃତ ! ଦେଖ ପିତଳ ମୂର୍ତ୍ତି, ମାର୍ବଲ ମୂର୍ତ୍ତି, ସଭ୍ୟତା ଓ ସଂସ୍କୃତି ! ଦେଖ ଐଶ୍ୱର୍ଯ୍ୟର ଇତିହାସ, ଗୋ-ଦୋହନ ଓ ଜ୍ଞାନବିଜ୍ଞାନ ! ଅଥଚ ଅନ୍ଧାରରୁ ଉଦ୍ଧାର ଲାଭକରି ପାରୁନାହିଁ ରାତ୍ରୀର ରୂପସୀ ଦେବୀଟି ।

ଗୋଟିଏ ବଦଳା ସମୟ ତା'ର ଡେଣା ବିସ୍ତାର କରିଛି, ତା' ମଧରେ ନାହିଁ ଅସ୍ୱାଭାବିକତା, କିନ୍ତୁ ଅନୁଭବରେ ରହିଛି ଆକସ୍ମିକତା ! 'ସମୁଦ୍ର କଥା କ'ଣ କହିବା / ଆଜି କାଲି ସେ ବି କ'ଣ ଦେଖାଉଛି / କମ୍ ଚମତ୍କାର / xxx ଆଜିକାଲି ସେ ଏତେ ଉତ୍‌କ୍ଷିପ୍ତ ଯେ / ହାତ ମାରିଲେ କରେଣ୍ଟ୍ / ଦେଖୁନା କେମିତି ନିର୍ବିକାର ଭାବେ / ଫେରାଇ ଦେଉଛି / ନିଖୋଜ ଶବ ଚାରୋଟି, **(ସତ୍ୟଯୁଗ, 'ଦିବ୍ୟ ଅସନ୍ତୋଷ')** 'ଶବ ଚାରୋଟି' ଗୋଟିଏ ଇନ୍‌ଫରମେଟିଭ୍ ବା ତଥ୍ୟଥିବା ମିଷ୍ଟେରିଅସ୍ ସିମ୍ବଲ୍ ! ତାହା ସେହି ମହାଦାରୁ, ଯାହା ଭିତରୁ ବାହାରନ୍ତି ଚତୁର୍ଦ୍ଧା ମୂର୍ତ୍ତି ! ତାହାକୁ ମନ୍ତ୍ରରେ ଜୀବନ୍ୟାସ କରି କିମ୍ବା ବ୍ରହ୍ମରୋପଣ କରି କଟା ବୃକ୍ଷାଂଶର ପ୍ରତିମା (ଶବ)କୁ କରାଯାଏ ଶିବ ! ସତ୍ୟର ଘଟେ ଅବତରଣ । ସେ ହୁଏ ଦାରୁବ୍ରହ୍ମ ! କାଳ କଳା ରୂପରେ ନେଇଛି ଆକୃତି, 'କୂର୍ମ ଅବତାର', କବିତା କବିଙ୍କ ସମକାଳ ବେଖାପ ଘଟଣାଙ୍କ ଅନୁଭବ । ସମକାଳର କଳାତ୍ମକ ସମାଲୋଚନା, ଶାଣିତ ଶାନ୍ତ ରସର ବ୍ୟଙ୍ଗ - "ସେଠି ଦୁଆର ଝର୍କା କଡ଼ି ବର୍ଗା ଟାଇଲ ଇଟା ଭୁଷୁଡୁଛି / ସେମାନେ ଯିଏ ପ୍ରାର୍ଥନା କାଳରେ ବସି ଚିଲମ ଟାଣୁଛନ୍ତି / ପାରିବେ ତ ଅକ୍ତିଆର କରନ୍ତୁ / ସେମାନେ ତ ସେଇଆ ପ୍ରାର୍ଥନା କରୁଥିଲେ / ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟରେ ପରିପୂର୍ଣ୍ଣ ଯୁଗଳ ମୂର୍ତ୍ତିଙ୍କୁ !"

ଅବକ୍ଷୟର ଦୃଶ୍ୟ, ଟେକିଛି ତା' ଛତ୍ରାମଠ ବାଡ଼ି ଅଟ୍ଟାଳିକା ଭୁଷୁଡ଼ି ପଡୁଛି ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଓ ଆଗ୍ରହ ନାହିଁ । ଜମି ମାଫିଆ ଦଖଲକୁ ସବୁ ଚାଲି ଯାଇଛି । ନୂଆ ନୂଆ କୋଠା, ନୂଆ ମାର୍କେଟ୍, ବିଗ୍‌ବଜାର ସେହି ଶ୍ରମିକମାନେ ଗଢୁଛନ୍ତି, ଯାହାଙ୍କ ସିମ୍ବଲ୍ 'କୂର୍ମ ଅବତାର' ! ସେମାନଙ୍କ ବସବାସ ଫ୍ଲାଇଓଭର୍ ତଳେ କିମ୍ବା ପଲିଥିନ୍ ଚାଳ ତଳେ ! ଯୋଜନା ଓ ପରିଶ୍ରମ ବଦଳରେ ସେମାନଙ୍କ ପାଇଁ ନାହିଁ ଆପାର୍ଟମେଣ୍ଟ୍ କି ଆନନ୍ଦ ମଠ ! କିରୋସିନ୍‌ରେ ଆତ୍ମାହୁତି ଦେଲେ ବି ନାହିଁ ଆଶ୍ରୟ, ଆତ୍ମ ସମର୍ପଣରେ ବି ମିଳୁନାହିଁ ସେମାନଙ୍କୁ ଆତ୍ମସାକ୍ଷାତ୍ । ଯେଣୁ - "ପ୍ରଭୁ ନାହାନ୍ତି/ଯୁଗଳ ମୂର୍ତ୍ତି ଚୋରି ହୋଇ ବିଦେଶକୁ ଚାଲି ଯାଇଛନ୍ତି ।"

ଏଠାରେ ଅଭିବ୍ୟକ୍ତି ଦୁଇଟି ଜିନିଷ, Freedom ଏବଂ Truth ଯାହା ମାନବ ଓ ମାନବିକତାର ପ୍ରକୃତ ମାପଦଣ୍ଡ ଏବଂ ହ୍ୟୁମାନିଜିମ୍‌ର ସ୍ୱରୂପ । ଆଇଡିଓଲୋଜି ଓ ଆର୍ଟ ପ୍ରତିଫଳିତ କରୁଛି ଏକ ବିଶୁଦ୍ଧ ସାମାଜିକ ଅସ୍ତିତ୍ୱ । ଗୋଟିଏ ପଟେ ବେ-ଘର ଶ୍ରମିକ, ଅନ୍ୟ ପଟେ ମାର୍କିନ୍ ପୁଞ୍ଜି ଓ ନୂତନ ଶୋଷକଙ୍କ ସାମ୍ରାଜ୍ୟବାଦ 'ଈଶ୍ୱର ସେ / ବିଶ୍ୱର ଏକ' ଠାରୁ ନୂଆ ଚିନ୍ତାଧାରା, ମୂଲ୍ୟବାନ ସେମାନଙ୍କ ପ୍ରାଚୀନ ପିତଳ ଓ ପଥରର ମୂର୍ତ୍ତି ! ସଂଭ୍ରାନ୍ତବାଦୀ ସଂସ୍କୃତି ପାଇଁ ଉପାଦାନ, ଡ୍ରଇଂରୁମ୍ ଓ ବିଳାସ କକ୍ଷ ସୌନ୍ଦର୍ଯ୍ୟ ପାଇଁ ହିନ୍ଦୁଙ୍କ ଆରାଧ୍ୟ ପ୍ରତିମା ଚୋରାରେ କ୍ରୟ ପ୍ରତ୍ୟକ୍ଷ ଭାବେ ପରିଦୃଷ୍ଟ ଘଟଣା ଗୋଟିଏ ପକ୍ଷଙ୍କ ସାଂସ୍କୃତିକ - ମାନସିକ ଇତିହାସର ଗାଲରେ କ୍ଷୁରରେ କ୍ଷତ ଚିହ୍ନ ଆଙ୍କିଛି । କବିତା ପ୍ରତିପାଦିତ କରିଛି ମନୁଷ୍ୟ ଓ ପ୍ରତ୍ୟକ୍ଷ ଭାବେ ପରଦୃଷ୍ଟ ଘଟଣା ମଧ୍ୟରେ ସଂଯୋଗ ସଂପାଦନ । ହରିହର ମିଶ୍ରଙ୍କ 'ଦିବ୍ୟ ଅସନ୍ତୋଷ' ଏକ ସେନ୍‌ସିଟିଭ୍ ଦର୍ପଣ, ଏଥିରେ ପ୍ରତିଫଳିତ ହୋଇଛି ପୁରୀର ସୋସିଆଲ୍ ସାଇକୋଲଜୀ ଏବଂ ସମକାଳର ଚିତ୍ର । ଆଗକୁ 'ପୁନଶ୍ଚ ଅଭିଯାନ', "ସମୟ ଡେଇଁ ଯାଏ ଶୃଙ୍ଗରୁ ଶୃଙ୍ଗକୁ / ଅତିକାୟ ପକ୍ଷୀଟିଏ ପରି", "ହ୍ରଦ କୂଳରେ ବସିଥିବା ସନ୍ୟାସୀ ଆଜି ରକ୍ତାକ୍ତ ସୈନିକ", ସେ ସନ୍ୟାସୀ କିଏ ? ନିଜେ 'ମୁଁ' ? ଚୈତ୍ୟ ପୁରୁଷ ଅସ୍ତିତ୍ୱ, ଜୀବନ ଫୁଲର ଭଙ୍ଗାପାଖୁଡ଼ାର ନିଶ୍ୱାସ ! ବିଶ୍ୱାସକୁ ସାକ୍ଷୀ ରଖି କରୁଣାକୁ ଦେଇଛି ପ୍ରାଧାନ୍ୟ - "ହେ ସାରଥି, ତମରି ଦୟାରେ / ବର୍ତ୍ତିଯାଏ ଚାଖଣ୍ଡକେ, ରଥ ମୋର / ଦବିଗଲା ପରେ" ରଥକେ ଦବିବା ମହାଭାରତୀୟ ମିଥ୍, ମହାନାୟକ କର୍ଣ୍ଣର ମୃତ୍ୟୁ ଆଗମନ ପୂର୍ବ ସୂଚନା ।

"ବରଫ ହ୍ରଦ, ସୂର୍ଯ୍ୟ ଓ ମୁଁ ଗୋଟିଏ ନୂଆ ରୂପର ପ୍ରେମ କବିତା । ଆବେଦନ ସେ ସମର୍ପଣର ନୂଆ ନକ୍ସା ।" "ଯାହାକୁ ସମର୍ପି ଦେଲେ ନିଜକୁ

....ସେ ତୁମକୁ ବିଗଳିତ କରେ !" ପୁରୁଷର ତୃଷା ଅସୀମ ଓ ତୀବ୍ରତର ହେତୁ ସେ ନିଜକୁ ଦ୍ୱିଧା ବିଭକ୍ତ କରି ସୃଷ୍ଟି କରିଥିଲା 'ଇଭ୍'କୁ ! "ମୁଁ ଏକ ଧରାସ୍ରାବୀ ବୃଷ୍ଟିର ଅଭୀପ୍ସା... ମୁଁ ଲୋଡ଼େ ତୁମକୁ !" କାହିଁକି ଲୋଡ଼େ ? ଲୋଡ଼ିବା ତ ଯୁଗ ଯୁଗର ଅଭୀପ୍ସା ଏବଂ ତା' ଅନ୍ତରାଳରେ ବିଦ୍ୟମାନ ସମର୍ପଣ । ସମର୍ପଣ ଚିରକାଳ ନିଃସର୍ତ୍ତ ! ଏହାଦ୍ୱାରା ଆପେ ଆପେ ସଂପର୍କ ଘଟେ ଏବଂ ଆତ୍ମୀୟତାରେ ତରଳି ଯାଏ ଦୁଃଖ । ଇନ୍ଦ୍ରିୟର ଅନୁଭବ ମନରେ ନିଏ ସମାଧି, ପ୍ରସରି ଯାଏ ମହକ ! କାହାର ମହକ ? ପ୍ରେମର ତ ! ମହକ ନିଜେ ହିଁ ପୁଣି ପ୍ରେମ ! ରଚନା କରେ 'ବସୁଧୈବ କୁଟୁମ୍ବକମ୍' । "ତୁମକୁ ମୁଁ ଖୋଜି ପାଏ / ବଙ୍ଗୋପସାଗର ତଳେ / ତମେ ଶୋଇ ଥାଅ / ଜ୍ୟୋତ୍ସ୍ନା ସ୍ନିଗ୍ଧ ବାଲୁକାର / ସଫେଦ୍ ଶଯ୍ୟାରେ/ ମତେ ଦେଖି ତମେ ଚମକି ବି ଉଠୁଥାଅ ଧୀରେ"- କବିତା ନୁହେଁ ଏହା, ଏହା ସୌନ୍ଦର୍ଯ୍ୟର ରୋଷଣି ! ଲାବଣ୍ୟର ରୂପ ଅନୁଭୂତିରେ ପରିଧାନ କରିଛି । କୀର୍ତ୍ତିମୟ ଆକୃତି । କବିତାର ଡ୍ରଇଂ ଖାତାରେ ଅଲିଭା ଓ ଅଭୁଲା ଏହି ଅଙ୍କନ ଶୈଳୀ ! ତମେ : ସତେ ଅବା କୋଣାର୍କର ଭଗ୍ନଚୂଳ / ସଂଧାନ ପାଇଲି / କୀର୍ତ୍ତିରୂପା ମତେ ଦେଖି / ଉଠିଲ ଶିହରି । **(କୀର୍ତ୍ତିରୂପା, ହରିହର ମିଶ୍ରଙ୍କ କବିତା ୧୦୦୧, ପୃଷ୍ଠା - ୫୩୨)**

ଗୋଟିଏ ଶ୍ରେଷ୍ଠ ସତ୍ୟ - 'ସ୍ୱପ୍ନ ତ ଭାଙ୍ଗିବ ବୋଲି ଜାଣିଛି ମୁଁ / କିଂତୁ ସ୍ୱପ୍ନଟିଏ ଗଢ଼ା ହୁଏ....!' ଯେଣୁ ସ୍ୱପ୍ନ ନ ଆସିଲେ ଆସେ ନାହିଁ ନିଦ୍ରା ଏବଂ ନିଦ୍ରା ନ ଆସିଲେ ଆସେ ନାହିଁ ସ୍ୱପ୍ନ ! ମାତ୍ର ଏଠାରେ ଏକ ସ୍ୱପ୍ନର ସୃଜନୀକୁ ଅପେକ୍ଷା କରେ କାବ୍ୟପୁରୁଷ ଏବଂ ସିଏ ସଂଦେହରେ ଛନ୍ଦି ହୁଏ, ତାହା କ'ଣ ନାହିଁ ତା' ସ୍ମୃତିରେ ? ଆକାଶର ନୀଳ ସ୍ରୋତରେ ଭାସୁଥିବା ଛୋଟ ଫୁଲଟିଏ, ତାକୁ ସିଏ ପାଇଥିଲେ ସବୁ ପିତାମାତାଙ୍କ ପରି ! "ଅପରୂପା ସେ ଫୁଲଟି ତମରି ମୁହଁଭଳି", ଚମକ ଆଣେ ଧାଡି ଏବଂ ଦୁଇଟି ସଂପର୍କର ସୁବାସକୁ ବିତରିତ କରେ ପ୍ରତୀକ : ପ୍ରତିଥର ଦିଶୁଥିଲା / ହେ, ମୋର ପ୍ରୀତିରୂପା ! 'ପ୍ରୀତିରୂପା' ଏକ Ambiguity ବ୍ୟବହୃତ ଏପରି ଏକ 'ଶବ୍ଦ' "ଉଇଥ୍ ସେଭେରାଲ୍ ଏକ୍ସଟେଣ୍ଡେଡ୍ ମିନିଂସ୍" (ଇମୋସନ) ! ଆଗକୁ ରହିଛି, "ଏ ପୃଥିବୀ ଅବା ଅପରୂପା ସେହି ଫୁଲ"; ସମ୍ପର୍କର ତିନୋଟି ରୂପ କନ୍ୟା, ପ୍ରେମିକା ଓ ମାତା ହୋଇଛନ୍ତି ଚିତ୍ରାୟିତ । 'ସେ ନାରୀକୁ ମୁଁ ଚିହ୍ନିଛି' ସିଏ ମହାମହିମଙ୍କ ପତ୍ନୀ ଓ କେଉଁଠି 'ଏକା ଏକା ମାଲିକାଣୀ'; ପୁଣି କେଉଁଠି ହୃଦୟ ତଳ ସାଇତା ସ୍ମୃତି !


ସ୍ମୃତି ହିଁ କବିତାମାନଙ୍କୁ ପ୍ରଦାନ କରିଛି ଆଙ୍ଗିକ । ଅଥଚ କବିତାର ଆତ୍ମୀକ ନୁହେଁ ସ୍ମୃତି, କବିତାର ଆଙ୍ଗିକଠୁ ଅବିଚ୍ଛେଦ୍ୟ ଆତ୍ମୀକ । 'ଆଉ ଏକ ମଦ ମୃତ୍ୟୁ' ସୂଚିତ କରେ ଗୋଟିଏ ନୂଆ ମଦ ମୃତ୍ୟୁ ସ୍ମୃତି । ରିକ୍ସାରେ ସାଙ୍ଗରେ କବିତା ପାଠୋତ୍ସବକୁ ଯାଉଥିବା ପୂର୍ଣ୍ଣେନ୍ଦୁ ମିଶ୍ର ଗାଞ୍ଜିକ । ଗପ ଲେଖିଥିଲା ବିଭୂତି ପଟ୍ଟନାୟକଙ୍କ ସଂପାଦିତ 'ଗଳ୍ପ' ପତ୍ରିକାରେ ଜଣେ କବି ପଇସାଠୁ ଅଧିକ ବା ବଡ଼ ମଣୁଥିଲେ କବିତାକୁ, ତେଣୁ ସିଏ ପର୍ସରେ ପଇସା-ପତ୍ର ନ ରଖି ରଖୁଥିଲେ କବିତା ! ମାଷ୍ଟର କ୍ୟାଣ୍ଟିନ୍ ପାଖ କ୍ୟାବିନ୍‌ରେ ମଦ ପିଇ ସେହି ଗାଞ୍ଜିକ ପୂର୍ଣ୍ଣେନ୍ଦୁ ମିଶ୍ର ମରିଗଲା ! ସତସତିଆ ଗପ ଖୋଜୁ ଖୋଜୁ ଗପ ହୋଇଗଲା ! କବିତା କ'ଣ କହୁଚି ତାହା ବଡ଼ କଥା ନୁହେଁ, ବଡ଼ କଥା କବିତା ଯାହା କହୁଛି ତାହା କେତେ ମଞ୍ଜି ଥରା, କେତେ କାରୁଣ୍ୟପୂର୍ଣ୍ଣ ବେହାଗ, ବଞ୍ଚିବାର ଏହା ସଯତ୍ନପୂର୍ଣ୍ଣ ମୂଲ୍ୟ ନିର୍ଦ୍ଧାରଣ ! କବିତା ଏଠି କବିତା ନୁହେଁ, ଜୀବନର ସମୀକ୍ଷା । କବିତା ଏଠି କଳା ଦୃଷ୍ଟିରୁ ବା ଶିଳ୍ପ ପ୍ରାସଙ୍ଗିକତାରୁ ସ୍ମୃତି ପରିକ୍ରମାର ଗୋଟିଏ ସ୍ୱାକ୍ଷର ।

'କବିତାର ଦୁଃଖ', କବିତା ଯେମିତି ଏକ ସଫେଦ୍ ବୈଧବ୍ୟ, 'ଚିର କୁମାରୀ ହୋଇ ବୈଧବ୍ୟ ଭୋଗିବା ବ୍ୟତୀତ / ଆଉ କ'ଣ ଅଛି ମୋ ଭାଗ୍ୟରେ ? 'ପୁରସ୍କାର ତ କେହି ମୋତେ ଦିଏନା, ଦିଏ କବିକି', କବିତାର ଦୃଷ୍ଟିକୋଣ ଅତି ଶାଣିତ ଏବଂ ତାହାର ଅନୁଭବ ମଧ ସୁତୀବ୍ର - 'ମୁଁ' ଓ ଲେଖା କାଗଜଟିଏ / କିଛି କରି ପାରିନି କାହାର / କାହାର ଲୁହ ବି ପୋଛି ପାରିନି / ଭିଜି ମିଳେଇ ଯିବା ବ୍ୟତୀତ ! ଧାଡି ଯେମିତି ଚକମକି ମୋତି ମାଣିକ, ଅନୁଭବକୁ ଦେଉଛି




ମର୍ମଭେଦ୍ଦ ଉପଭୋଗର ଭବ ! "ଆନନ୍ଦରେ କବିତା ଲେଖୁଛ / ଆଉ କଷ୍ଟ କ'ଣ ଲେଖ, ଲେଖ / ସମ୍ମାନ ପରେ ସମ୍ମାନ / ସାଇତା ହୋଇ ରହିଛି ତମ ପାଇଁ" - (କଷ୍ଟ) । କବିର କଷ୍ଟ କେଉଁଠି ତାକୁ ଦେଖାଇ ହୋଇ ନାହିଁ, କବିତାର ଚରିତ୍ର ଚଦର ଘୋଡ଼େଇ ହୋଇ ରହିଛି କବି । ଯେମିତି ବ୍ୟାଣ୍ଡେଜ୍ ତଳ ଘା' ତାକୁ ଅନ୍ୟମାନେ ଦେଖିବେ କେମିତି, ତାକୁ ପୁଣି ଆଚ୍ଛାଦିତ କରିଛି 'ସମ୍ମାନ' ରୂପକ ପୋଷାକ । ସାଦା ବଂଚିବା ସାଧାରଣ ଏବଂ କବିଙ୍କ ବଞ୍ଚିବା ଅସାଧାରଣ । କବି ଅନ୍ତର୍ଚେତନାରେ ପ୍ରତିଟି ନୂଆ ମୁହୂର୍ତ୍ତରେ ମୁହୂର୍ତ୍ତ ପରି ପ୍ରସ୍ଫୁଟିତ ହେଉଥାଏ ନୂଆ ଜୀବନ । ଶିମ୍ବ ମଂଜି ଫାଟିବା ପରି ପୁରୁଣା ଜୀବନ ତାଙ୍କ ଫାଟି ଖୋଳପା ପରି ହୋଇ ଯାଉଥାଏ ଅଲଗା ! ସେ ଅଲଗା ହେବା ଯନ୍ତ୍ରଣା ବା ଖୋଳପା ଛଡ଼ାଇବା ବେଦନା ଅନ୍ୟ କିଏ କାହିଁକି ବୁଝିବ ? ଟିକିଏ ଚମ ଛିଡ଼ି ଗଲେ କେତେ ପୋଡ଼ା ସଂସାରର ସମସ୍ତ ଶୋକର ଗନ୍ତାଘର କବିର ହୃଦୟ, ଏହା ଅବବାଧ କରାଇ ଦିନ 'ଦିବ୍ୟ ଅସନ୍ତୋଷ'ର ଆର୍ଟ । ସୃଜନର ତାନ ସୁନ୍ଦର ସୁଖକର କଳା ପୂର୍ଣ୍ଣ ହେବା ବେଳେ ହୋଇଛି ଜୀବନ୍ତ ! ଜୀଇ ରହିବା ଠାରୁ ଅଧିକ କଷ୍ଟପୂର୍ଣ୍ଣ ଓ ସଂଘର୍ଷପୂର୍ଣ୍ଣ ଆଉ ଅଛି କ'ଣ ! 'କଷ୍ଟ' କବିତାକୁ ବିଚାର କଲା ବେଳେ ଗୋଟିଏ ମତ ମନେ ହୁଏ ଯଥାର୍ଥ ଯେ "ପୋଏଟ୍ରୀ ଇଜ୍ ଦି ମୋଷ୍ଟ ଫିଲୋସଫିକ୍ ଅଫ୍ ଅଲ୍ ରାଇଟିଂ : ଇଟ୍ ଇଜ୍ ସୋ: ଇଟ୍‌ସ୍ ଅବଜେକ୍ଟ ଇଜ୍ ଟ୍ରୁଥ୍" (ୱାର୍ଡସ୍‌ୱାର୍ଥ) । 'ଲିରିକ୍‌ଲାଲ୍ ବାଲାଡସ୍'ର ମୁଖବନ୍ଧ, ଅନେକ ଚିନ୍ତା କରିଛନ୍ତି ୱାର୍ଡସ୍‌ୱାର୍ଥ, ବହୁ ସତ୍ୟ କରିଛନ୍ତି ଉପସ୍ଥାପିତ । ତନ୍ମଧ୍ୟରେ ଗୋଟିଏ, କବି ଜଣେ ମଣିଷ, ସ୍ପିକିଂ ଟୁ ମେନ୍ ! ଏ ମ୍ୟାନ୍ ଇଜ୍‌ଟୁ, ଏଣ୍ଡୋଡ୍ (Endowed) ଭାଇଥ୍ ମୋର୍ ଲିଭ୍‌ଲୀ ସେନ୍‌ସିବିଲିଟୀ ! କବିତା କବି ଲୋକଙ୍କୁ କହୁଛନ୍ତି, ମନୁଷ୍ୟ ସତ୍ୟ, ଜଣେ ମନୁଷ୍ୟ ବିଶୁଦ୍ଧ ମନୁଷ୍ୟ, ନିର୍ଭୁଲ ମାନବ ! ବୁଦ୍ଧିମତ୍ତାର ସହିତ ଅତ୍ୟନ୍ତ ଜୀବନ୍ତ ଭାବେ ଅନୁଭବ କ୍ଷମତା ରହିଛି ଯାହାର ! ପାଠକ ଜୀବନନ୍ତ ଭାବେ ଅନୁଭବ କରେ ହରିହର ମିଶ୍ରଙ୍କ କଥା -

ଦେବତାମାନଙ୍କର ତମେ କେତେ ପ୍ରିୟ / ହେ, ମାୟାବୀ / କେତେ ଦିନ ସେ ସୁଖର ପୀୟୂଷ / ତମେ ରଖିବ ଲୁଚେଇ / ନିଜ ଦାନବୀୟ ଯଂତ୍ରଣା ଠାରୁ / ଅମରତ୍ୱର ଦୁରୁପଯୋଗରୁ । **(କଷ୍ଟ, ଦିବ୍ୟ ଅସନ୍ତୋଷ)**




‘ଲୁଚେଇ’ ଠାରେ ବକ୍ତବ୍ୟ ସରି ଯାଉଛି, ରହସ୍ୟ ରହି ଯାଉଛି ‘କଣ’? ପ୍ରଶ୍ନଟି ଭିତରେ ଏବଂ କବିତା ଦ୍ୱିଭାଙ୍ଗ (ଟୁ ଫୋଲ୍ଡ) ହୋଇଛି । “ନିଜ ଦାନବୀୟ ଯନ୍ତ୍ରଣା ଠାରୁ, ଅମରତ୍ୱର ଦୂରୁପଯୋଗର” ଗୋଟିଏ ଦ୍ୱନ୍ଦ୍ୱାତ୍ମକ ଚେତନା ଚିହ୍ନାଇ ଦେଇଛି ରୁମାଲ୍ ଚୋରି ଖେଳରେ ରୁମାଲ୍ ଅଛି ଯାହା ପାଖରେ ଯେମିତି ତାହାକୁ!

ଗୋଟିଏ ପୁରୁଣା ରୂପା ମୁଦ୍ରାକୁ ଓଲଟପାଲଟ ଓ ଟିପରେ ବଜାଇ ତାହାର ଅସଲି ଗୁଣ ପରୀକ୍ଷା କରିବା ଭଳି ଅନୁଭୂତିମାନଙ୍କୁ ଟିପରେ ବଜାଇ ପରଖୁଛନ୍ତି କବି । ‘ସେବା ନିବୃତ୍ତ ବ୍ୟକ୍ତିର ପ୍ରାତ୍ୟହିକ’ ସ୍ୱରରେ ଜଣେ ପଦସ୍ଥର କରୁଣ ଅପଦସ୍ଥ ଜୀବନଗାଥା ବଞ୍ଚିଛି କବିତା । ଶେଷକୁ – “ନିଃସ୍ୱପ୍ନରେ ଶୋଇବାକୁ ପ୍ରାର୍ଥନା କରୁଛ ଚଉବାହାଙ୍କୁ”, ଅସହାୟ ଓ ନିର୍ଯ୍ୟାତିତଟିର ଅନନ୍ୟୋପାୟ ଅବସ୍ଥା! ପାଶ୍ଚାତ୍ୟ ମଣିଷଙ୍କ ପରି ସିଏ ମୂକ ହୋଇ ଯାଉନାହିଁ! ଆମେରିକୀୟ ବୃତ୍ତି ରହିତ ସିଇଓଙ୍କ ପରି ଆତ୍ମହତ୍ୟା କରୁନାହିଁ । ଭାରତୀୟ ଆଶାବାଦୀ ଓ ଅମୃତ ଅଭୀପ୍ସିତ । ସାମାଜିକ ଦୁଃଖ ଠାରୁ ଅମାପ ସମ୍ବଳର ବଳ ତା’ ପ୍ରାର୍ଥନା । କରୁଣା ବରଂ ମିଳୁ କି ନା’! କବିତା ତା’ ବର୍ଣ୍ଣନା ବର୍ଣ୍ଣର ପ୍ରସାରିତ କରିଛି ଡ଼େଣା । “ନିଜକୁ ପ୍ରତ୍ୟାହାର କରି ନେଲା ପରେ” ସମ୍ପର୍କ ହୋଇଯାଏ ସ୍ୱଚ୍ଛ ଓ ଅନାବିଳ । କାବ୍ୟପୁରୁଷ ତାକୁ ତାସ୍ ପରି ବାଣ୍ଟେ, ଭଗିନୀ, ଜାୟା, ଜନନୀ ଓ ଦେବୀ ରୂପରେ! ତାସ୍ ଚାରି ପ୍ରକାର! ଠିକିରି, ନାଲିପାନ, ଚିଡ଼ିଆ ଓ କଳାପାନ! ହରିହର ମିଶ୍ରଙ୍କ ଏହି କବିତାରେ ନାରୀର ଚାରି ରୂପ । କିନ୍ତୁ ଗୋଟିଏ ବସ୍ତୁ ସତ୍ୟ! ସିଏ ନାରୀ । ମହେଂଜୋଦାରୋ ସଭ୍ୟତା ପୂର୍ବରୁ ପ୍ରାଚୀନ ନାଗ ସଭ୍ୟତାରେ ସେହି ଏକ ବସ୍ତୁ, ସିଏ ଶକ୍ତି । ତା’ର ରୂପ ଦୁଇଟି । ପ୍ରଥମେ ସେ ଭୋଗ୍ୟା, ତା’ ପରେ ହୁଏ ଜନନୀ! ନାଗ ସଭ୍ୟତା ତାନ୍ତ୍ରିକ ସଭ୍ୟତା । ତାନ୍ତ୍ରିକ ସଭ୍ୟତାରେ ଶକ୍ତି ଭୈରବୀ । ତାହା ସାଗରସ୍ୟରେ ପୂର୍ଣ୍ଣ ହୁଏ ସାଧନା ।

ହରିହର ମିଶ୍ର ଲେଖିଛନ୍ତି, ‘ମହୁମାଛି’ । ସୌଭାଗ୍ୟ ମିଶ୍ର ଲେଖିଛନ୍ତି ‘ଅନ୍ଧ ମହୁମାଛି’ । ମହୁମାଛି କେବଳ ଫୁଲକୁ ଚୁମେ, ମାଛି ପାଇଁ ସେପରି କିଛି ନିୟମ ନାହିଁ । ସେ ସ୍ୱାଦିଷ୍ଟ ଖାଦ୍ୟରେ ବସେ ଏବଂ ବିଷ୍ଠାରେ ବି ବସେ! ମହୁମାଛି କେବଳ ଫୁଲରେ ବସେ, ମହୁ ଶୋଷେ । ହରିବାବୁଙ୍କ ‘ମହୁମାଛି’ ଯେମିତି ଗୋଟିଏ ସ୍ୟାଡୋ ମାସୋଚିଷ୍ଟ୍ ମନୋସ୍ତାତ୍ତ୍ୱିକ ଅସୁସ୍ଥ! ବିଷାଦ ଓ ଖେଦର ଅନ୍ଧକାରରୁ ଲାଭ କରୁଛି ସୁଖର ସ୍ୱାଦ!

“ମରୁ ମନ୍ଥନ କଲା ପରେ ମୁଁ / ନାଗଫେଣୀ ଫୁଲରୁ ପାଇଲି ଟୋପାଏ ମହୁ / ତମେ କହ, ଏ ମହୁରେ ମିଠା ନାହିଁ....”

ଏଇଠି ବକ୍ତବ୍ୟ ସରିଥିବା ପରି ଲାଗୁଛି, କିନ୍ତୁ ଆଗକୁ ରହିଛି ଆଉ ଗୋଟିଏ ଧାଡ଼ି ରାହା, ‘ଏ ମହୁ ଅନିଷ୍ଟ କରେ ମହୁଫେଣାର’! ‘ମହୁଫେଣା’ର ଭାବ ବା ଫିଲିଂ ସୂଚିତ କରେ ପରିବାରକୁ! “ମଧୁସନ୍ଧାନୀ ମଣିଷ ମୁଁ”, “ମୋର ଟୋପାଏ ମହୁର ନିଶା” ସ୍ପଷ୍ଟ କରେ ମହୁମାଛି (ପ୍ରେମିକ) ବ୍ୟକ୍ତିତ୍ୱକୁ! ଇଲିୟଟ ଆଧୁନିକ କବିଙ୍କୁ ରାଣ ଖୁଆଇଛନ୍ତି, .... it is not the expression of personality, but an escape from personality. ମାନ୍ୟବର କବି, ଆପଣମାନଙ୍କ ବ୍ୟକ୍ତିତ୍ୱ ଅଭିବ୍ୟକ୍ତ ନ ହେଉ ବରଂ ମୁକ୍ତ ଥାଉ । Poetry is not a turning loose of emotion, but an escape from emotion. ‘ମୁଁ’ ‘ମହୁମାଛି’ରେ ବଦଳି ଯିବା ସହିତ ବଦଳି ଗଲା ଭାବାବେଗ, ଇମେଜ୍‌ର ସିରିଜ୍‌ରେ ମଧୁ ଶୋଷଣରେ ଆହତ ଜୀବନ ହେଲା ପ୍ରସାରିତ –

କମ୍ ସୋହାଗ କରି ନାହିଁ ଫୁଲମାନଙ୍କୁ / ସବୁରି ମହକ ମିଶି ସେ ମହୁ ତ ମହମହ ବାସେ / ଯାହାର ଅନ୍ଧ ନିଶାରେ ବାରମ୍ବାର ମୁଁ / କ୍ଷତ ବିକ୍ଷତ କରେ ପୁଷ୍ପର ଗର୍ଭ କୋଷ/ ସେ ମତେ ଫେରାଇ ଦିଏ ପୀୟୂଷରେ ....

ଭାବାବେଗ ବସ୍ତୁ ଚେତନାରେ ବଦଳିଛି ଏବଂ ପ୍ରତୀକର ସିରିଜ୍‌ରେ କବିତା ତା’ ସୌନ୍ଦର୍ଯ୍ୟର ପାଖୁଡ଼ା ଖୋଲିଛି । ଆଗକୁ କବିତା ତା’ କବିତା ସୁଷମାରୁ ମୁକ୍ତ ହୋଇ Mysticismରେ ଅନୁପ୍ରବେଶ କରିଛି । ଅମୃତ ଆଡ଼କୁ ବଢ଼ାଇଛି ହସ୍ତ, “ସେ ମହୁକୁ ମାଟିରେ ବୁହାଇ କିଛି ଲାଭ ନାହିଁ / ବରଂ ପାଦାର୍ଘ କରି ଢ଼ାଳିଦେବି/ଅଦୃଶ୍ୟ ପାଦରେ ଏକ କାଳ ଭୁଜଙ୍ଗର !”

‘କାଳ ଭୁଜଙ୍ଗର ଅଦୃଶ୍ୟ ପାଦ’, କାଳୋଽସ୍ମି ଲୋକ କ୍ଷୟକୃତ୍ ପ୍ରବୃଦ୍ଧୋ...., କବଳ କରୁଛ ପ୍ରାଣ ପବନ ସବୁରି, ହେ ମହାବାହୁ! ‘ଅଦୃଶ୍ୟପାଦ’– “ସବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତମ୍” ଏବଂ ସେ ‘ସର୍ବତଃ ପାଣିପାଦମ୍! ସନ୍ଥ ଅଗଷ୍ଟିନ୍ ତାଙ୍କ ‘କନ୍‌ଫେସନ୍ସ’ରେ ଲେଖିଛନ୍ତି–

“We ascend the ascending grades in our heart and we sing the song of ascension. (xiii, 9)

‘ଢ଼ାଳ ଦେବି’ ଭବିଷ୍ୟତ କାଳ, ମାତ୍ର କବିତାରେ କାଳ ଗୋଟିଏ ଏବଂ ତାହା ସଦା ବର୍ତ୍ତମାନ । ପ୍ରେମ ଜୁଡୁବୁଡୁ ସର୍ବାଙ୍ଗ ଓ ଜାତି ହୋଇ ଯାଇଛି, ‘ସମର୍ପିତ ଏ ମଣିଷ’ (ନିଃସର୍ତ୍ତ କଳ୍ପସୂତ୍ର), ଏବେ ସିଏ ‘ଏକାକ୍ଷର ଶବ୍ଦଟି’, ସେଇ ‘ମୁଁ’, ଆଧ୍ୟାତ୍ମିକ! ଗୋଟିଏ ‘Ascension’ ଓ ତାହାର ପ୍ରତୀକ ।

ଏହି ସଙ୍କଳନରେ ରହିଛି ‘ଚତୁର୍ଦ୍ଧା-ମୂରତି’, ‘ଅଣସର’, ‘ଆକାର’, ‘ନନ୍ଦିଘୋଷ ତୋର ଅଟକିଲା’ ପରି ପବିତ୍ର ଶାବ୍ଦିକ ଆବେଦନ । ଶେଷକୁ ‘ପ୍ରତିମଂତ୍ର’ ଟପି ଗଲେ ଆସେ ବିରାମର ଚିତ୍ର ‘ଦିବ୍ୟ ଅସନ୍ତୋଷ’ ।

ତଥାପି ସରେନା ଦୁଃଖ / ତଥାପି ହୁଏନା ଶାନ୍ତ ଏ ସମୁଦ୍ର / x x x x / ଆଜି ଏ ସମୁଦ୍ରର ପାଣି ଚୋଳେ / ଲୋଡ଼ା ହୁଏ ସୂର୍ଯ୍ୟଙ୍କୁ ଟେକି ଦେବା ପାଇଁ / ତା’ରି ଜଳରେ ନିରାଜନା ହୁଏ ତା’ର! **(ହରିହର ମିଶ୍ରଙ୍କ କବିତା ୧୦୦୧, ପୃଷ୍ଠା – ୫୭୨)**

ଜୀବନର ପରମ ବିସ୍ମୟ ଏଇ ବଂଚିବା, ଏଇ ବଂଚିବାକୁ ଜଳ ଟେକୁଛି କାବ୍ୟ-ପୁରୁଷ, ଅନୁଭବ ଓ ଅଭିଜ୍ଞତାରେ ସେ ଏକ ନୀଳ ସମୁଦ୍ର! ଅଟଳ ଜଳ, ଅସୀମ ନୀଳ ନୀଳ! ମର୍ମଦାହ ଓ ମୃତ୍ୟୁଞ୍ଜୟ! ସୃଷ୍ଟିର ଆଦି ଅବସ୍ଥା ଏହି ସମୁଦ୍ର, ଅନନ୍ତ ଜଳରାଶି ପରିବ୍ୟାପ୍ତ । ଅସନ୍ତୋଷ ତ ଅସୀମ ଏବଂ ସାରା ଜୀବନ ପରିବ୍ୟାପ୍ତ! ସମ୍ପର୍କ ଓ ମନୁ ପୁତ୍ରର ଅଭୀପ୍ସା ଅସୀମ ଓ ଅଖଣ୍ଡ! କବିତା ଶୁଣାଇଛି ଶବ୍ଦର ସ୍ୱର! ମନ୍ଥିତ ସ୍ମୃତିର ଆକୁଳ ନିନାଦ, ଅବ୍ୟକ୍ତର ନାଦ! ଯେମିତି “ଅଲ୍ ମାଇଁ ଲଭ୍ ଇଜ୍ ଡିକ୍ଲେୟାର୍‌ଡ୍”! କବିତା ଯେମିତି ଅଭୀପ୍ସାର ଦ୍ୱାର, ସୂର୍ଯ୍ୟ ଆଡକୁ ଖୋଲିଛି ତା’ କବାଟ । କିଏ ଖୋଲିଚି? ସିଏ ସ୍ମୃତି ସାଇତା ଏକ କୁମାରୀ ଯଂତ୍ରଣା! ତା’ ମୂର୍ତ୍ତି ଇମେଜ୍‌ରେ ଗଠନ କରିଛନ୍ତି କବି ‘କୁମାରୀ ବିଧବା’ । ଅଶୁଭ ଶୁଭ୍ର ଶୁଭ ପକ୍ଷୀଟିଏ ହୋଇ ସମୁଦ୍ର ଉର୍ଦ୍ଧ୍ୱ ଆକାଶକୁ ଚିରି ଉଡୁଛି । ସମୁଦ୍ର ଘନ ନୀଳ ଏବଂ ଆକାଶ ସୁନୀଳ ମଝିରେ ସଫେଦ୍ ପକ୍ଷୀ ମନୁଷ୍ୟର ଏହି ଜୀବନ । ଜୀବନ ଏକ ଚିରନ୍ତନ ଫେଡ଼ାଣ ଚିହ୍ନ, ରଫ୍‌ଖାତାର ଫର୍ଦ୍ଦ ପରି ଚିରିଚିରା ହୋଇ ରହିଛି । ସେ ଫର୍ଦ୍ଦରେ ବସନ୍ତ

ରତ୍ନ ଫୁଟାଇଛି ନୀଳପଦ୍ମ ଓ ଲାଲ ଗୋଲାପ ! ପଛ ଜୀବନର ଗୁରିଆ ରିଲ୍ ଖୋଲିବା ମାତ୍ରେ ଦିଶି ଯାଉଛି ଖାଲି ପ୍ରକୋଷ୍ଠ ଓ ଚଟାଣରେ ତା' ପଡ଼ିଛି ଖଣ୍ଡେ କାଠ ଚୌକୀ, ଆଗରେ ଟି-ପୟ ଉପରେ ଫୁଲଦାନୀ, ଫୁଲଦାନୀରେ ସଦ୍ୟଫୁଟା ପଦ୍ମ, ଗୋଲାପ୍, ମେରିଗୋଲ୍ଡ ଓ ଆଉ କ'ଣ କ'ଣ ଫୁଲଙ୍କ ତୋଡ଼ା । ପବନ ଓ ଫୁଲ ରସିଆ !

କାବ୍ୟପୁରୁଷ ସ୍ୱପ୍ନ ଦେଖୁଚି, ସଜାଗ୍ରତ ସ୍ୱପ୍ନ । ତା'ର ପୂର୍ଣ୍ଣେନ୍ଦୁ ମିଶ୍ର ପରି ଜଣେ ବଂଧୁ ଥିଲା, ବଂଧୁଟି ଚିହ୍ନି ଥିଲା । ବଂଧୁଟିକୁ ଏବଂ ସଂସାରକୁ ଦେଖାଇ ଦେଇଥିଲା ବଂଧୁଟି ତା' ସ୍ୱପ୍ନ ପ୍ରତି କେତେ ସତ୍ୟନିଷ୍ଠ ଏବଂ ଅଙ୍ଗୀକାରବଦ୍ଧ । ଏମିତି ବି ମଣିଷ ଅଛନ୍ତି ବିଶ୍ୱରେ, ସିଏ ତାଙ୍କୁ ଦେଖାଇ ଅନ୍ୟ ବିଜ୍ଞ ବ୍ୟକ୍ତିଙ୍କୁ କରି ଦେଇଥିଲା ବିସ୍ମିତ । ବିଚରା ସମକାଳ ମନ୍ଦ ମୃତ୍ୟୁ ଟ୍ରାଜେଡିର ଶିକାର ହୋଇଗଲା ! ବଂଧୁ ଗଲା ଗଲା, ଶରତ ରାତି ଆକାଶର ଜହ୍ନ ବି ଚାଲିଗଲା, ବାକି ରହିଛି ଚଟାଣ ମଝିରେ ସେହି ଖାଲି କାଠ ଚୌକୀ ଖଣ୍ଡିକ ଏବଂ କବାଟ ଆର ପଟେ ସମୁଦ୍ର ! ସମୁଦ୍ର ଠୁ ଶ୍ରୀମନ୍ଦିର କେତେ ଦୂର ?

ଗୁରୁବାବୁ ପ୍ରଶ୍ନ କରିଥିଲେ ରାମକୃଷ୍ଣ ମିଶନ ଠୁ ଏମାର୍ ମଠ କେତେ ବାଟ ? ରାମକୃଷ୍ଣ ମିଶନ୍ ଓ ଏମାର୍ ମଠ ଦୁଇଟି ଯାକ ଗୋଟିଏ ରତ୍ନର ପୁଷ୍ପ ଏବଂ ସେ ରତ୍ନର ନାମ ଆଧ୍ୟାତ୍ମିକ । ହରିବାବୁଙ୍କ ଦୃଷ୍ଟିରେ 'ଅଣସର', ଯେଉଁଠୁ ଘଟେ ପୁନର୍ଜନ୍ମ ! ପୁନର୍ନବା ହୁଏ ଶରୀର । ଅନୁଭବର ମୂର୍ତ୍ତି ନିଏ ଆକୃତି (ଆକାର), 'ଶୂନ୍ୟତାକୁ ଦିଏ ସ୍ଥାପତ୍ୟ' ।

"ନୀଳ ଆକାଶର ଢାଙ୍କୁଣି / ଓ ଧୂସର ଧରଣୀର ସଂପୁଟ ଭିତରେ / ରତ୍ନ ଭଳି ଚକ୍ ମକ୍ ଦିଶେ ସତ୍ୟ ।" (ଚତୁର୍ଧା-ମୂରତି) ! ସତ୍ୟର ରୂପ, 'ତୁମ ରୂପ ତୁମ ବିଗ୍ରହରେ' 'ଜାତି ଜାତି ଫୁଲ' ଏବଂ ତୁମେ "ଅନାମ ଅଣାକାର / ଅଚିନ୍ତ୍ୟ ଅବ୍ୟକ୍ତ ।" ତୁମକୁ ଅନୁଭବ କରି ହେଲା ଶ୍ରୀମନ୍ଦିରରେ, "ଶୂନ୍ୟରେ ଆତ୍ମଗୋପନ କରି ବଞ୍ଚୁଛ ଆନନ୍ଦରେ.... ।" ଅଥଚ ଏଣେ ସମୁଦ୍ର ବମନ କରୁଛି ବର୍ଜିତ ହଳାହଳ / ରୋହିଣୀ ଛଳ ଛଳ କାନ୍ଦୁଛି ଗୋପନରେ / ପଥର ହୋଇଛି କାକ ଚତୁର୍ଭୁଜ / ଓ ଅକୂପାର କୂର୍ମ / ପଦ୍ମ ନାହିଁ ପଙ୍କିଳ ତୀର୍ଥଜଳ... ! 'ଅବକ୍ଷୟ' ଠିକଣା ବଦଳାଇ ହୋଇଛି ସମକାଳ 'ପ୍ରଦୂଷଣ' । କଂପ୍ଲେକ୍ସିଟୀ ଅଫ୍ ମଡେର୍ଣ୍ଣ ଲାଇଫ୍ : ଏ ଚାଲେଞ୍ଜ୍ ଟୁ ରାଇଟର୍ ! ସେହି ଚାଲେଞ୍ଜ୍‌ର ସମୀକରଣ ମାନ୍ୟବର ଶ୍ରୀ ମିଶ୍ରଙ୍କ 'ଦିବ୍ୟ ଅସନ୍ତୋଷ' ! 'ଦିବ୍ୟ ଅସନ୍ତୋଷ' ତାଙ୍କ Authentic Comment ! 'ଦିବ୍ୟ ଅସନ୍ତୋଷ' ସେହି ପରିବେଶ, ଯାହା ମଝିରେ ସିଏ ଅଛନ୍ତି । ଯାହା ତାଙ୍କୁ ଘେରି ରହିଅଛି ! 'ଫୋର୍ କ୍ୱାର୍ଟେଟ୍‌ସ୍'ରେ ଇଲିୟଟ୍ ପ୍ରକାଶ କରିଛନ୍ତି ତାଙ୍କ ଅସନ୍ତୋଷ So here I am, in the middle way, having had twenty years Trying to learn to use words and every attempt. Is wholly a new start, and a different kind of failwere. କବିଙ୍କ Intention ସହିତ କବିତାର ଡିଜାଇନ୍ ମେଳ ଖାଉ ନାହିଁ, ଶବ୍ଦର Behaviour କବିଙ୍କ ଚମ୍ପିଆନ୍‌ସିପ୍ ଅଫ୍ ଆଇଡିଆକୁ ସଠିକ୍ ମୂଲ୍ୟ ପ୍ରଦାନ କରି ନାହିଁ, ପାଖାପାଖି ମୂଲ୍ୟଦାନ କରିଛି ! କବିତା Feelingରେ ultimate value ବଦଳରେ isolation of thought ଅନୁଭବ କରାଇଛି କବିତା ଅର୍ଗାନାଇଜ୍‌ରେ କବିଙ୍କ ଅନଭ୍ୟାସ ! ସୁଦୀର୍ଘ କୋଡ଼ିଏ ବର୍ଷ ଧରି ଲେଖି ଚାଲିଛନ୍ତି ଇଲିୟଟ୍ କବିତାର ହସ୍ତାକ୍ଷର !

ଇଲିୟଟ୍‌ଙ୍କ ସମସ୍ୟା ଠାରୁ ଭିନ୍ନ ହରିହର ମିଶ୍ରଙ୍କ ଅନୁଭବ । 'ବୈଦିକ ମନ୍ତ୍ର' ତାଙ୍କର, 'ବାଟ ଭୁଲେ ବାସ୍ନାରେ / ମହମହ ମହାପ୍ରସାଦର / ଆମେ ହିଁ ତୁମକୁ ଲୁଟିଛୁ ପ୍ରଭୁ' ! ଜଗନ୍ନାଥ ଧାର୍ମିକ ଆନ୍ଦୋଳନରେ 'କ୍ଷୁଧାର୍ତ୍ତ ବାଳକ' ବିମ୍ବ ସାମାଜିକ ବ୍ୟବସ୍ଥା କଞ୍ଚା ଆମ୍ବରେ ଫୋପଡ଼ ବଜା ଫଟାକୁ ଦେଖାଇ ଦେଇଛି ! 'ଭେଦ ... ଆମ କଥା ଓ କାମରେ' ! ଆଧୁନିକ ମାନବ ନୈତିକ ବଂଧନ ବିମୁକ୍ତ କିନ୍ତୁ ନୁହେଁ ସ୍ୱ-ଅଧୀନ, ଆହାତ ମାନବିକତାର କ୍ଷତ ମନରୁ କ୍ଷରିତ କରିଛି କବିତାର ଶୋଣିତ ।

ନିଅଣ୍ଟିଆ ପରିବାର, (ତମେ ସବୁ ଗଲା ପରେ କବିତା) 'ଅନେକ ମୋ ତ୍ୟାଗକୁ ଚଳୁ କଲେ', 'ସବୁଠି ମାରିନେଲେ ମହାପାତ୍ରେ / ଚାହିଁ ରହିଲି ମୁଁ ଜଳକା', ଜଣେ ମଣିଷର ସାମାଜିକ ଅବସ୍ଥା ! ସେ ଅବସ୍ଥା ଓ ବ୍ୟବସ୍ଥା ବିରୋଧରେ ଆହାତ ମାନବିକତାର ମୁଣ୍ଡପିଟା, ଶବ୍ଦ 'ଦିବ୍ୟ ଅସନ୍ତୋଷ' । ଅକ୍ଷରର କାଚପାତ୍ରରେ ବନ୍ଦିନୀ କବିତା ଗୋଟିଏ ନୂତନ ସୂର୍ଯ୍ୟର ଅଭିଷେକ ଉତ୍ସବ ! ମୁହୂର୍ତ୍ତରେ ପୃଥିବୀରେ ସ କବିତା ନୁହେଁ ବଳକା ସମୟ ପରି ସାଦା ! ବିଜୁଳି ଯେତିକ ଜାଗା ଦେଖାଏ ସେତିକି ସମୟ ସେ କବିତାରେ ଦିଶୁଛି ! ନୂଆ ନୂଆ ପାତ୍ର କଂଚାରେ ପୋଡ଼ା ଯାଇ ଟାଣ ହୋଇଛନ୍ତି ।

କବିତା ଓ ଜୀବନ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱ । ଦୁଇ ପାର୍ଶ୍ୱକୁ ବେଶ୍ ପରଖିଛନ୍ତି କବି ହରିହର ମିଶ୍ର । "ତଥାପି ସରେନା ଦୁଃଖ /ତଥାପି ହୁଏନା ଶାନ୍ତ ଏ ସମୁଦ୍ର / କ୍ଷାରକୁ କ୍ଷୀର ସମୁଦ୍ରରେ / ବଦଳାଇ ପାରି ନାହିଁ.... / ସ୍ୱର୍ଗକୁ ସୁନା ସିଡ଼ି କରିବାର / ଫମ୍ପା ପ୍ରତିଶ୍ରୁତି କାର / ବଦଳି ଯାଏନା କେବେ ଅମାପ ଲୁହ ତାର... ! କବି ଯେମିତି ଖଣ୍ଡେ ନିଃସଙ୍ଗ ମେଘ, ଶବ୍ଦ ଲୋକରେ ଭାସି ଚାଲିଛନ୍ତି ଯେମିତି "a traveller under open sky / Much witnessing of change and cheer" ଆଖିକୁ ପ୍ରଭାବିତ କରିଛି ତାଙ୍କ ଭାବନା ଓ ଭାବର ପ୍ରତିମା । ସ୍ୱପ୍ନ ପରି ବର୍ତ୍ତମାନର ଥାକେ ଦୃଶ୍ୟମାଳା (Phantasmagoria) 'ଦିବ୍ୟ ଅସନ୍ତୋଷ', ଯେତେ ପ୍ରୀତିଧାରା କ୍ଷରିଲେ ବି ମେଣ୍ଟେନାହିଁ ଯେମିତି ଧରଣୀର ଶୋଷ, ସେମିତି ସେ ମେଣ୍ଟି ନାହିଁ !

"ମୋଉଳି କୁଲୁ କୁଲୁ ହୋଇ ତାକୁ ଚାହିଁ ରହେ" । ଅବଶୋଷରେ, ଅସନ୍ତୋଷରେ କିମ୍ବା ବିସ୍ମୟରେ ? ଜୀବନ ଏକ ଯାତ୍ରା, ଜନ୍ମରୁ ଯୌବନ, ତାରୁଣ୍ୟ ଓ ପ୍ରୌଢ଼ ଏବଂ ଶେଷକୁ ବାର୍ଦ୍ଧକ୍ୟ ! ଆଉ ଆଗକୁ ରାସ୍ତା ନାହିଁ, କାନ୍ଥ ! ମାତ୍ର- 'ଯିବାକୁ ହେବ ବାରମ୍ବାର / ଶୃଙ୍ଗକୁ ନିଜର / ଖୋଜିବାକୁ ହେବ ଜଳଛତ୍ର, ଜଳ ଛତ୍ର ପାଇ ଗଲେ ମେଣ୍ଟିଯିବ ଶୋଷ ଓ ଅବଶୋଷ । ଆଉ ରହିବ ନାହିଁ ଦିବ୍ୟ ଅସନ୍ତୋଷ' । ଭାଗ୍ୟବାଦୀ ମଣିଷ, କାବ୍ୟପୁରୁଷର ସ୍ୱପ୍ନ ପରି ବର୍ତ୍ତମାନର ସେହି ଦୃଶ୍ୟ (Phantasmagoria) –

"ଏମିତି ଦିହକ ଗଲାଣି ଦିହକ ବି ଯିବ / ସେତିକି ତ ପ୍ରଭୁଙ୍କ ବରାଦ । ଦିବ୍ୟ କୃପା ଉଦ୍ଧରଣ ପାଇଁ ଅଭୀପ୍ସା / ହେ ମୋର ରୂପସୀ ଉପତ୍ୟକା / ତମେ କ'ଣ ମେଣ୍ଟେଇ ପାରିବ / ମୋର ସେ ସୂର୍ଯ୍ୟ ତୃଷ୍ଣାକୁ ?"

ଆତ୍ମାର ଶୋଷ ଓ ପ୍ରାଣର ଅବଶୋଷ ମନ ଭୂମିରେ ଗୋଟିଏ ଘୂର୍ଣ୍ଣି ରଚନା କରିଛି ତାହା ଅସନ୍ତୋଷ ! 'ମୁଁ ଲୋଡ଼େ ତମକୁ ଏଠି' 'ସଫେଦ୍ ଶଯ୍ୟାରେ', ନୁହେଁ ଗୋଲାପୀ ଶେଯରେ, 'ସଫେଦ୍' ଶୁଭ ଓ ଆଧ୍ୟାତ୍ମିକତାର ସିମ୍ବଲ୍ ଃ 'ସୂର୍ଯ୍ୟତୃଷ୍ଣା'ର ପ୍ରତୀକ । 'ଏ ରାତି କ'ଣ ପାହିବାର ନାହିଁ ? ଭୋଗ ଓ ଅନୁଭବର ରାତ୍ରୀ ପାଏ ନାହିଁ । ତେଣୁ ଭବିଷ୍ୟତ କେମେ କା'ର / ଭଲ ହେବ ନାହିଁ', ଯେଉଁ ଭବିଷ୍ଣତ 'ମେଦବହୁଳ ମଧୁମେହ ରୋଗୀ' । 'କିଛି କରି ପରିନି xx ଆଉ କ'ଣ ଅଛି ମୋ ଭାଗ୍ୟରେ ? ପ୍ରାୟତଃ ସମସ୍ତ କବିତା ଉପସଂହାରରେ ପ୍ରଶ୍ନବାଚୀ ମଣିଷର ଅସହାୟତାକୁ ଗିରି ଉନ୍ମୋଚିତ କରିଛି । 'ଅମରତ୍ୱର ଦୂରୁପଯୋଗକୁ ନିଜ ଦାନବୀୟ ଯନ୍ତ୍ରଣା ଠାରୁ ଲୁଚେଇ ରଖିବ ? "ପ୍ରାର୍ଥନା କରୁଛ..... ତମକୁ ଚାହିଁ ଥିବା ମଣିଷମାନଙ୍କୁ ମନରୁ ପୋଛି ଦେବ ?" "କିଏ କହେ ତମ ପ୍ରତି ମୋ ନାହିଁ ମୋର ?" "ଓଠକୁ କାମୁଡ଼ି ତୁମ ପାଦ ଧରି କାନ୍ଦି ଉଠେ / କ୍ଷମା କର", ଘନନୀଳ ସ୍ୱପ୍ନ ପରି ଦୃଶ୍ୟମାଳା ବା 'ଫାଣ୍ଟାସ୍ ମାଗୋରିଆ' ସଂଦିଗ୍ଧ ଭାବମାନଙ୍କୁ ଦିଏ ସୂଚନା । ମନସ୍ତାତ୍ତ୍ୱିକ ସ୍ତରରେ ସେଇ ସୂଚନାମାନଙ୍କ ସ୍ୱରୂପ କେଉଁଠି ଅସନ୍ତୋଷ ଓ କେଉଁଠି ଅବଶୋଷ ! ଅଭୀପ୍ସିତ ହେଉଥିବା ହେତୁ ହୁଏତ ତାହା ଦିବ୍ୟ ! ବ୍ରହ୍ମମୟ ଜଗତ ହେତୁ ଅନୁଭବକୁ କେମିତି କହିବା ଜଡ଼ ? ଜଡ଼ ଚେତନାର ବକ୍‌କଳ, ଯେମିତି ମାଂସର ଚର୍ମ !

କଥା-କାହାଣୀ-୧

# ମୁଗ୍ଧ ପଦ୍ମବନ ବିମୁଗ୍ଧ ଭ୍ରମର



# ସୌଭାଗିନୀ ପରିଡ଼ା

ପ୍ଲଟ୍ ନଂ-୨୬୧/୬୬୧, ପାଇକ ନଗର
ଭୁବନେଶ୍ୱର-୭୫୧୦୦୩
ଫୋନ : ୮୮୯୫୨୧୮୬୭୨

ଚିତ୍ର : ଶିଳ୍ପୀ ସଂଜୟ ରାଉଳ

ବାହାରେ ପ୍ରବଳ ଥଣ୍ଡା । ରାତିର ବୟସ ବଢ଼ିବା ସଙ୍ଗେ ସଙ୍ଗେ ସମତାଳରେ ଶୀତର ପ୍ରକୋପ ମଧ୍ୟ ବଢ଼ି ଚାଲିଛି । କାଚ ଝର୍କା ସେପାଖେ ଦିଶୁନାହିଁ ହିମାଳୟ ଓ ଶିବାଲିକ୍ ପର୍ବତମାଳା ମଧ୍ୟବର୍ତ୍ତୀ ଅଞ୍ଚଳର ସୁବିସ୍ତୃତ ପାର୍ବତ୍ୟାଞ୍ଚଳ । ମସୌରୀର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ । ତୁଷାରାବୃତ ଧ୍ୟାନମଗ୍ନ ପାହାଡ଼ର ଶ୍ୱେତଶିଖର ଓ ପାଇନ୍‌ର ଜଂଗଲ ଏବେ ପୁରା ମେଘ ଓ କୁହୁଡ଼ିର ପଣତ ତଳେ ।

ତାପମାତ୍ରାର ଅବନତିକୁ ରୋକିବା ଯେପରି ଅସମ୍ଭବ, ନିଜ ମନର ଅସ୍ଥିରତାକୁ ମଧ୍ୟ ସବୁ ଯେପରି ପୂର୍ବ ନିର୍ଦ୍ଧାରିତ । ଏ ପରିସ୍ଥିତି ଓ ତଜ୍ଜନିତ ଦୁର୍ଯୋଗ ମଧ୍ୟ ।

ଦେହରେ ତିନିପରସ୍ତର ପୋଷାକ, କାର୍ଡ଼ିଗନ୍, ତା' ଉପରେ କମ୍ବଳର ଆବରଣ ସତ୍ତ୍ୱେ ତନିଷା ଭିତରେ ଭିତରେ ଶୀତରେ ଜର୍ଜରିତ । ଏ ଅନୁଭବଟା ହୁଏତ ଅନେକଟା ମାନସିକ । ଅସୁରକ୍ଷିତ ମନୋଭାବର ପ୍ରତିଫଳନ । ଏକଥା ତା' ପାଠ କହୁଛି । କାରଣ ଅର୍ଣ୍ଣବ ଏ ପର୍ଯ୍ୟନ୍ତ ସାମାନ୍ୟ ଶୀତ ପୋଷାକରେ ଝର୍କା ସେପାଖକୁ ଚାହିଁ କିଛି ଭାବି ଚାଲିଛି ।

ମସୌରୀରେ ହେବାକୁ ଥିବା ଜାତୀୟ ମନୋବିଜ୍ଞାନ କର୍ମଶାଳାରେ ମହାବିଦ୍ୟାଳୟ ତରଫରୁ ମନୋବିଜ୍ଞାନର ଅଧ୍ୟାପକ ଅର୍ଣ୍ଣବ ଓ ଅଧ୍ୟାପିକା ତନିଷାଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଆସିଥିଲା । ତନିଷା ଅସମ୍ମତ ହୋଇଥିଲେ ମଧ୍ୟ ପ୍ରାଧ୍ୟାପିକା କହିଥିଲେ, ନୂଆକୁ ପିଏଚ୍‌ଡ଼ି କରିଛ । ତେଣୁ ସେଠାରେ ତୁମକୁ ନିଜ ସନ୍ଦର୍ଭ ଉପରେ କିଛି କହିବାକୁ ସୁଯୋଗ ମିଳୁଛି ଯେତେବେଳେ ତୁମେ ଏ ସୁଯୋଗଟି ହାତଛଡ଼ା କରିବା ଉଚିତ୍ ନୁହେଁ । ଏତଦ୍ ବ୍ୟତୀତ ମହାବିଦ୍ୟାଳୟ ତରଫରୁ ତୁମ ଯିବା ଆସିବା ଓ ରହିବାର ସୁବନ୍ଦୋବସ୍ତ ହୋଇଛି । ସାଥିରେ ଜଣେ ଅଧ୍ୟାପକ ମଧ୍ୟ ଯାଉଛନ୍ତି ।

ତନିଷା ଭାବିଥିଲା ଭଲ ହେଲା ଉତ୍ତରାଖଣ୍ଡର ହିଲ୍‌ଷ୍ଟେସନ୍ ବୁଲିବା ହୋଇଯିବ ଓ ନିଜ ସନ୍ଦର୍ଭ ଉପରେ ଗୋଟାଏ ସାରଗର୍ଭକ ଭାଷଣ ଦେଇ ସମସ୍ତଙ୍କୁ ଚମତ୍କୃତ କରିଦେବାର ସୁଯୋଗ ମଧ୍ୟ ମିଳିବ ।

ଅର୍ଣ୍ଣବ ସହିତ ଏକାକୀ ଟ୍ରେନ୍ ଯାତ୍ରାର ଆମୋଦ ମଧ୍ୟ ଗେଟ୍‌ୱାନ୍ ଫ୍ରି ଏକ୍ସପେରିଏନ୍ସ ନୁହେଁ କି ? ତନିଷାର କାନରେ ଫିସ୍ ଫିସ୍ କରି କହିଥିଲେ ନୀଳିମା ମାଡାମ୍ ।

ତନିଷାର ମୁହଁ ଆରକ୍ତ ହୋଇ ଉଠିଥିଲା । ସେ ଏଇ ବର୍ଷେ ହେଲା ମହାବିଦ୍ୟାଳୟରେ ଯୋଗ ଦେଇଛି । ପ୍ରଥମ ଦିନରୁ ଅର୍ଣ୍ଣବକୁ ନେଇ ତା' ମନରେ କିଛି ହଲ୍‌ଚଲ୍ । କିନ୍ତୁ ଦୁଃଖର କଥା ତା'ସହିତ କଥାବାର୍ତ୍ତାଟି ପଢ଼ାପଢ଼ି, କ୍ଲାସ, ରିସର୍ଚ୍ଚ ଠାରୁ ଆଉ ଆଗେଇ ପାରୁନାହିଁ । ତନିଷାର ଏ ଦୁର୍ବଳତାଟା ବୋଧହୁଏ ଅନ୍ୟମାନଙ୍କ ଆଖିରେ ଧରା ପଡ଼ିଗଲାଣି । ତେଣୁ ସେ ଦୁହିଁଙ୍କୁ ନେଇ ଏବେ ପରିସରରେ ମୃଦୁ ଗୁଞ୍ଜରଣ ।

ଅଥଚ ଅର୍ଣ୍ଣବ ଯେଉଁଠିକୁ ସେଇଠି । କେବେ ଷ୍ଟାଫ୍‌ରୁମ୍‌ରେ ସାମ୍ନାସାମ୍ନି ହୋଇଗଲେ ଏମିତି ଛାଡ଼ଛାଡ଼ ହୋଇ ଚାଲିଯାଏ ଯେ ତନିଷାକୁ ନିଜ ଉପରେ ରାଗ ଆସେ । ମାତ୍ର ମନ ତ ତା'ର ଅଧୀନରେ ନାହିଁ । ସେତେବେଳକୁ ତା' ମନ ଲଗାମ୍‌ହୀନ ଘୋଡ଼ାରେ ଚଢ଼ି କଣ୍ଟାଝଣ୍ଟା ନମାନି ଅମଡ଼ାବାଟରେ ଦୌଡ଼ୁଥାଏ ।

ସହକର୍ମୀ, ଛାତ୍ରଛାତ୍ରୀ ମହଲରେ ଏଇ ଅପରିପକ୍ୱ ସଂପର୍କଟା ଏବେ କେତେ ନାମ ନେଇ

**ତନିଷା ଏବେ ଦ୍ୱିଧାରେ । ଯଦି ଅର୍ଣ୍ଣବ ଏ ସମ୍ପର୍କକୁ ଅସ୍ୱୀକାର କରେ ସେ ଅପମାନର ଜ୍ୱାଳାକୁ କଣ ସେ ସହ୍ୟ କରିପାରିବ ? ବରଂ ସଂପର୍କକୁ ଆଉ କିଛିଦିନ ଛାଡ଼ି ଦିଆ ଯାଇପାରେ ଗୋଟେ ପରିଣତ ଦିଗରେ ଆଗେଇ ଯିବା ପାଇଁ । ଭାବି କହିଲା, ମୁଁ ଆମ ସଂପର୍କକୁ ନେଇ ସିରିୟସ୍ ନୁହେଁ । ହଁ, ଏକଥା ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ସେ ଗୋଟିଏ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ । ମୁଁ ଏ ବିଷୟରେ ଭାବି ଦେଖିବି ।**



ଗାଳ୍ପିକା ସୌଭାଗିନୀ ପରିଡ଼ା

**କାହାଣୀ ପଛର କାହାଣୀ**

ବିହ୍ୱଳିତ ମୁହୂର୍ତ୍ତରେ ଅନେକ ଚରିତ୍ର ମୋ ଅଭ୍ୟନ୍ତରରେ ଆତଯାତ ହେଉଥାନ୍ତି । ସେମାନଙ୍କୁ କଦାଚିତ୍ ମୁଁ କାଳ୍ପନିକ ଜ୍ଞାନ କରିନଥାଏ । ବିସ୍ମୟ ବିଭୋର ଭାବେ ସେମାନଙ୍କ ସହ ଅନୁଚ୍ଚାରିତ, ଅନ୍ତରଙ୍ଗ ଆଳାପ, ଅନେକ ଜହ୍ନରାତିରେ ଜମାଟବନ୍ଧା ଜ୍ୟୋସ୍ନାକୁ ନେଇ ଏକତ୍ୱ ସେତୁ ଗଢ଼ିବାର ପରିକଳ୍ପନା, ମନୋଇ ନଈରେ ନଉକା ବାହି ପରୀରାଇଜର ସନ୍ଧାନରେ କେଉଁ ପ୍ରବାଳ ଦ୍ୱୀପରେ ଅବତରଣ, ଏସବୁ କଣ ହୋଇପାରେ ତୁଚ୍ଛା କାଳ୍ପନିକ ? କେହି କହିପାରେ ଏହା ଶବ୍ଦ ବସାଣର ଚମତ୍କାରିତା, କଳ୍ପନାର ଇନ୍ଦ୍ରଜାଲ ଓ ଅବଚେତନ ମୁହୂର୍ତ୍ତର ଚନ୍ଦ୍ରପକ୍ଷ ରାତିଟିଏ କେବଳ ! ଅବା ଚିନ୍ତନ, ଅବବୋଧ ଓ ପରିବ୍ୟାପ୍ତ ଜ୍ଞାନର ନୀଳ ଭାସ୍କର୍ଯ୍ୟ !

ଏ ଚରିତ୍ରମାନଙ୍କୁ ମୁଁ ନିତ୍ୟନିୟତ ଉପଲବ୍ଧି କରୁଥାଏ ମୋ ଅସ୍ତିତ୍ୱ ଭିତରେ, ଭେଟୁଥାଏ ନୂଆ ନୂଆ ପରିବେଶରେ, ନୂଆ ସଂପର୍କର ସମୀକରଣରେ । ଘଟଣାମାନ ଘଟି ଚାଲିଥାଏ ନିରନ୍ତର । ସେହିପରି ଘଟଣା ଗୋଟିକୁ ନେଇ ଏ ଗଳ୍ପର ପରିକଳ୍ପନା । ହୃଦୟକୁ ମୋହାବିଷ୍ଟ କରିଦେବା ପରି କିଛି ଆବେଗର, ଆକାଂକ୍ଷିତ ମୁହୂର୍ତ୍ତର ଚିତ୍ରକଳ୍ପ ।

ସୌଭାଗିନୀ ପରିଡ଼ା

ଉଡ଼ି ବୁଲୁଛି । ଏମିତି ଗୁଜବ ଗୁଡ଼ିକର ଉଡ଼ି ବୁଲିବା ପାଇଁ ଶହ ଶହ ପକ୍ଷ ଥାଏ ।

ଅର୍ଣ୍ଣବ କଣ ଭାବିଛି ? ତା' ପାଇଁ ତନିଷା ମହାନ୍ତି ସାରା ଜୀବନ କୁମାରୀବ୍ରତ ଧାରଣ କରିବ ? ତନିଷାର ବଡ଼ ଭାଇଙ୍କ ଇଚ୍ଛା ଚାକିରିର ବର୍ଷେ ପୂରିଗଲେ ତା'ପାଇଁ ପାତ୍ର ଦେଖା ହେବ । ବାପା ମା' ମଧ୍ୟ ସେ କଥାରେ ରାଜି ହୋଇଛନ୍ତି ଓ ତନିଷାକୁ ନିଜକୁ ନେଇ ସ୍ୱପ୍ନ ଦେଖିବାକୁ ଆଉ କିଛି ଦିନ ମିଳି ଯାଇଛି । ବଡ଼ ଭାଇ ଏକଥା ମଧ୍ୟ କହିଛନ୍ତି ଯେ, ତୋର ଯଦି କାହାକୁ ପସନ୍ଦ ହୋଇଥାଏ ତେବେ କହିବୁ । ବାପା ମା'ଙ୍କୁ ବୁଝାଇବା ଦାୟିତ୍ୱ ମୋର । ଯଦି ବର୍ଷେ ମଧ୍ୟରେ କିଛି ନିର୍ଣ୍ଣୟ ନେଇ ନପାରୁ ମୁଁ ଯେଉଁଠି କହିବି ସେଇଠି



ବାହାହୋଇଯିବୁ ।

ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ପ୍ରଭାତ ସାର୍ ତା' ସହିତ ସଂପର୍କ ବନାଇବାକୁ ଚାହିଁଲେ ମଧ୍ୟ ହାୟ ତନିଷାର ମନ ତ ବନ୍ଧା ପଡ଼ିଛି ଅର୍ଣ୍ଣବ ପାଖରେ । ଯେ ଥରେ ତାକୁ ଚାହିଁ ଯାଏ ନାହିଁ ।

ତେଣୁ ତନିଷା ଠିକ୍ କରିଛି ଅର୍ଣ୍ଣବ ପରି ଗୋଟେ ହୃଦୟହୀନ ମଣିଷକୁ ଅପେକ୍ଷା କରି କଷ୍ଟ ପାଇବା ଅପେକ୍ଷା ବରଂ ଭାଇ ଯେଉଁଠି ଠିକ୍ କରିବେ ସେଠାରେ ବାହା ହୋଇଯିବ ।

ପ୍ରାଧ୍ୟାପିକା ନନ୍ଦିତା ମ୍ୟାଡ଼ାମ୍ ବୟସରେ ବେଶ୍ ବଡ଼ ହେଲେ ମଧ୍ୟ ବଡ଼ଭଉଣୀ ପରି ବ୍ୟବହାର କରନ୍ତି । ସେ ଥରେ ଏକାନ୍ତରେ ପ୍ରଶ୍ନ କରିଥିଲେ: ତନିଷା ! ମୁଁ ତୁମ ସଂପର୍କରେ ଯାହା ଶୁଣୁଛି ତାହା କଣ ସତ୍ୟ ? ଅର୍ଣ୍ଣବ ଓ ତୁମ ଭିତରେ କିଛି ଆଫେୟାର୍ସ ଅଛି ?

ତନିଷା ନୀରବ ରହିଲା । ସେ ଅବା କଣ ଉତ୍ତର ଦେଇଥାନ୍ତା ? ସେ ଯେଉଁ ମଣିଷକୁ ଚାହେଁ ତାର ଉଦାସୀନତା ଓ ନିଷ୍ଠୁର ଭାବ ରେ ସେ ଯେ ଛଟପଟ ହେଉଛି- ଏ ଲଜ୍ଜାଜନକ କଥା ସେ କିପରି କାହାକୁ ଅବା ବୁଝାଇ ପାରିବ ?

ତା'ର ନୀରବତା ଦେଖି ସେ କହିଲେ, ଯାହା ସିଦ୍ଧାନ୍ତ ନେବାର ଅଛି ଶୀଘ୍ର ନିଅ । ଅର୍ଣ୍ଣବ ସହିତ ଅବା ଅର୍ଣ୍ଣବ ବ୍ୟତୀତ । କାହାପାଇଁ ଜୀବନକୁ କେଉଁଠି ଅଟକି ଯିବାକୁ ଦିଅ ନାହିଁ । ସଂପର୍କ ସବୁ ଏଇଠି ଗଢ଼ା ହୁଏ, ଏଇଠି ଭାଙ୍ଗେ । ଜଣେ ହୃଦୟହୀନ ମଣିଷ ପାଇଁ ଅପେକ୍ଷା କରି କରି ମୋର ବୟସ ଗଡ଼ିଗଲା, ଯେତେବେଳେ ମୋର ମୋହଭଙ୍ଗ ହେଲା ଦେଖିଲି ଜୀବନର ଅର୍ଦ୍ଧାଧିକ ରାସ୍ତା ମୁଁ ଅତିକ୍ରମ କରି ସାରିଛି । ମୁଁ ଚାହେଁନା ତୁମ ଜୀବନରେ ଏ ଘଟଣାର ପୁନରାବୃତ୍ତି ଘଟୁ ।

ସେ ଦୀର୍ଘଶ୍ୱାସ ତ୍ୟାଗକରି କହିଲେ, ତୁମେ ଯଦି କହିବ ମୁଁ ଅର୍ଣ୍ଣବ ଓ ତାଙ୍କ ପରିବାର ସହିତ ଏ ବିଷୟରେ କଥାବାର୍ତ୍ତା କରିପାରେ । ମୁଁ ତୁମର କେବଳ ପ୍ରାଧ୍ୟାପିକା ନୁହେଁ, ଶୁଭଚିନ୍ତିକା ମଧ୍ୟ ।

ତନିଷା ଏବେ ଦ୍ୱିଧାରେ । ଯଦି ଅର୍ଣ୍ଣବ ଏ ସମ୍ପର୍କକୁ ଅସ୍ୱୀକାର କରେ ସେ ଅପମାନର ଜ୍ୱାଳାକୁ କଣ ସେ ସହ୍ୟ କରିପାରିବ ? ବରଂ ସଂପର୍କକୁ ଆଉ କିଛିଦିନ ଛାଡ଼ି ଦିଆ ଯାଇପାରେ ଗୋଟେ ପରିଣତ ଦିଗରେ ଆଗେଇ ଯିବା ପାଇଁ । ଭାବି କହିଲା, ମୁଁ ଆମ ସଂପର୍କକୁ ନେଇ ସିରିୟସ୍ ନୁହେଁ । ହଁ, ଏକଥା ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ସେ ଗୋଟିଏ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ । ମୁଁ ଏ ବିଷୟରେ ଭାବି ଦେଖିବି ।

ନନ୍ଦିତା ମ୍ୟାଡ଼ାମ୍ ହସି କହିଥିଲେ, ଅର୍ଣ୍ଣବ ଯଦି ମୋ ଠାରୁ କୋଡ଼ିଏ ବର୍ଷ ସାନ ହୋଇନଥାନ୍ତା, ତୁମେ ଭାବି ଦେଖିବା ପୂର୍ବରୁ ମୁଁ ତା ବିଷୟରେ ଥରେ ନୁହେଁ ଦଶଥର ଭାବି ଦେଖିଥାନ୍ତି ।

ତନିଷା ବେଳେବେଳେ ସ୍ୱପ୍ନ ଦେଖେ । ଅଜବ ସ୍ୱପ୍ନ । ଅର୍ଣ୍ଣବ କେବେ ଝର୍କା ସେପାଖେ ଠିଆ ହୋଇ ତାକୁ ଡାକେ । ସେତେବେଳେ ମହଣମହଣ ମଲ୍ଲୀର ବାସ୍ନାରେ ଭିଜୁଥାଏ ରାତି । ସେ କେବେ ଭ୍ରମରଟିଏ ସାଜି ତା' ଚତୁପାର୍ଶ୍ୱରେ ମଧୁର ଗୁଞ୍ଜନ କରୁଥାଏ ତ କେବେ ମୁଗ୍ଧ ପ୍ରଜାପତିଟିଏ ସାଜି ତା ଦେହରେ ବସେ ମଧୁର ଲୋଭରେ ।

ନିଦ ଭାଙ୍ଗିଲା ବେଳକୁ ସବୁକିଛି ଥାଏ ପୂର୍ବ ପରି । ଝର୍କା ଖୋଲି ଦେଲେ କୋଠରୀ ଭିତରକୁ ପଶି ଆସେ ଅଗଣାରେ ମା'ର ହାତଲଗା ମଲ୍ଲୀଫୁଲର ମହକ । ସେ ମହକରେ ତା' ମନ ହୁଏ ଉତ୍ତାଳ । ସେ କଲେଜ୍ ଯାଏ । ପୁଣି ଭେଟ ହୁଏ ଅର୍ଣ୍ଣବ ସହିତ ଓ ତା ଭିତରେ ସୃଷ୍ଟି ହୁଏ ଛୋଟିଆ ହଲ୍‌ଚଲ୍‌ଟିଏ । ଜୀବନ ଓ ସମୟ ଗଡ଼ି ଚାଲେ ଆଗକୁ । ଅଥଚ ସଂପର୍କ ଅଟକି ରହେ ସେଇ ନିର୍ଦ୍ଧାରିତ ବିନ୍ଦୁରେ ।

ତନିଷା ଶେଷରେ ନିର୍ଣ୍ଣୟ ନେଲା ସେ ମନୋବିଜ୍ଞାନ କର୍ମଶାଳାରେ ଯୋଗ ଦେବ ।

ଟ୍ରେନ୍ ଯାତ୍ରାର ଆରମ୍ଭରୁ ଅର୍ଣ୍ଣବ ଗମ୍ଭୀର । ଗୋଟେ ସ୍ଥୂଳକାୟ ବହିକୁ କୋଳରେ ଧରି ଧ୍ୟାନମଗ୍ନ । ସତେ ଅବା ଏ ଯାତ୍ରାର ଅବଧି ମଧ୍ୟରେ ସେଇଟିକୁ ଶେଷ କରିବାକୁ କେହି ନିର୍ଦ୍ଦେଶ ଦେଇଛି ଅବା କୌଣସି ଚାକିରିର ସାକ୍ଷାତ୍‌କାର ପାଇଁ ସେ ନିଜକୁ ମାନସିକ ଭାବରେ ପ୍ରସ୍ତୁତ କରୁଛି ।

ଚୁଲ୍‌ବୁଲି ତନିଷା ପାଇଁ ଦୀର୍ଘ ସମୟ ନୀରବରେ ବସି ରହିବା ଆଦୌ ସମ୍ଭବ ନୁହେଁ । ସବୁବେଳେ କିଛି ନା କିଛି କହିବା ତା'ର ଅଭ୍ୟାସ । ଘରେ ବାପା ମା'ଙ୍କ ଗେହ୍ଲାଝିଅ, ବଡ଼ଭାଇର ସ୍ନେହର ସାନଭଉଣୀ ଓ ସାଙ୍ଗସାଥୀମାନଙ୍କ ମଧ୍ୟରେ ସେ କଥାକୁହା ବୁଲ୍‌ବୁଲ୍ ।

ଅର୍ଣ୍ଣବ ସହତ କଥାଟା କେଉଁଠାରୁ ଆରମ୍ଭ କରିବ ତନିଷା ? ସେ ଯେ ପୁରା ଧ୍ୟାନମଗ୍ନ । ଟ୍ରେନ୍‌କୁ ସଦ୍ୟ ଉଠିଥିବା ଝାଲ୍‌ମୁଢ଼ି ବାଲା ଠାରୁ ଦୁଇ ପ୍ୟାକେଟ୍ କିଣି ଗୋଟିଏ ପ୍ୟାକେଟ୍ ସେ ବଢ଼ାଇଦେଲା ଅର୍ଣ୍ଣବ ହାତକୁ । ସେ ମୁଣ୍ଡ ହଲାଇ ମନାକରି ପୁଣି ପୁରୁଣା ମୁଦ୍ରାକୁ ଫେରିଗଲା, ବହିପଢ଼ାରେ ମନଦେଲା ।

ତନିଷା କଣ ଜାଣିଥିଲା ତା' ହାତରୁ ମୁଢ଼ି ପ୍ୟାକେଟ୍‌ଟା ନେବାକୁ ମଧ୍ୟ ଅର୍ଣ୍ଣବ ମନାକରି ଦେବ ? ଏତେ ଅହଂକାର ! ତାପରେ ରାଗରେ ସବୁଲଙ୍କାକୁ ଚୋବେଇ ଖାଇଲା । ପାଟି ଜଳିଲାରୁ ପାଣି ପିଇଲା ମନଭରି ।

ତା'ପର ଠାରୁ ସେ ଅର୍ଣ୍ଣବକୁ ଥରେ ଚାହିଁନାହିଁ । କେବେ ଆଖି ମିଳିଗଲେ ଅର୍ଣ୍ଣବ ସ୍ମିତ ହସିଦିଏ । ତନିଷାର ମନେପଡ଼େ ଲଙ୍କା ଚୋବେଇ ଖାଇବାର ଯନ୍ତ୍ରଣା । ତା' ସାରା ଦେହଟା ଜଳିଯାଏ । ଅସନ୍ତୋଷରେ, ଅପମାନରେ ।

ତନିଷା କେତେ କଣ ଭାବି ଆସିଥିଲା । ଭାବିଥିଲା ଇଣ୍ଟ୍ରୋଭର୍ଟ ପିଲାଟାର ମୁହଁ ନଫିଟାଇ ସେ ଛାଡ଼ିବ ନାହିଁ । ହୁଏତ ଶେଷରେ ସେ ମୁହଁ ଖୋଲିବ । ଟ୍ରେନ୍ ଝର୍କାରେ ଜହ୍ନ ଦେଖୁ ଦେଖୁ ଅର୍ଣ୍ଣବ ପ୍ରଶ୍ନ କରିବ- ତନିଷା ! ତୁମକୁ ବି ଜହ୍ନରାତି ଭଲଲାଗେ ? ସେ ଉତ୍ତର ଦେବ- ଜହ୍ନରାତି କାହାକୁ ଭଲ ନଲାଗେ ? ହୃଦୟକୁ ଟିକେ ଆର୍ଦ୍ର କରିବା ପାଇଁ ଜହ୍ନରାତି ଠାରୁ ଭଲ ବିକଳ୍ପ କଣ ଅଛି ?

ଝର୍କା ବାହାରେ ଆକାଶରୁ ଝରୁଥିବ ମହଣ ମହଣ କର୍ପୂରିତ ଜ୍ୟୋତ୍ସ୍ନା । ସେ ଜ୍ୟୋତ୍ସ୍ନାର ପ୍ଲାବନରେ ମତୁଆଲା ହୋଇ ଉଠୁଥିବ ସାରା ପୃଥିବୀ । ଜ୍ୟୋତ୍ସ୍ନାମଧୁର ଅମୃତ ସ୍ପର୍ଶରେ ମଳୟରେ ଭରି ଯାଉଥିବ ନିଶା । ଆଃ ! ମଳୟର ସେ ସାମାନ୍ୟ ଆଶ୍ଲେଷରେ ଏତେ ସମ୍ମୋହନ !

ଧେତ୍ ! ଅର୍ଣ୍ଣବ ମୋଟେ ଜହ୍ନ ଦେଖୁ ନଥିବ । ଖଡ୍ରୁସ୍ କାହାଁକା । ମନେମନେ ହିସାବ କରୁଥିବ ଦରମା ଟଙ୍କାରୁ କେତେ ଖର୍ଚ୍ଚ କଲା । କେତେ ବଳିଲା, ନଚେତ୍ ପେଟ୍ରୋଲ୍ ଦାମ୍ ବଢ଼ିଯିବାରୁ ବାଇକ୍‌ରେ କେତେ ଅଧିକ ଟଙ୍କାର ତେଲ ପୋଡ଼ିଗଲା ।

ରାତିସାରା ବିଭିନ୍ନ ଭାବନାରେ ତନିଷାକୁ ନିଦ ହେଲା ନାହିଁ । ଅର୍ଣ୍ଣବ ବେଶ୍ ଆରାମରେ ଶୋଇ ସକାଳୁ ଉଠି ସୁପ୍ରଭାତ ଜଣାଇଲା ତନିଷାକୁ ।

ସକାଳର ଥଣ୍ଡା ପବନରେ ତନିଷା ଆଖିରେ ଆଖିଏ ନିଦ । ଏତେ ପାଖରେ ମନର ମଣିଷଟିକୁ ପାଇ ହୃଦୟର କଥା କହି ନପାରିବାର ଯନ୍ତ୍ରଣାରେ ସେ ଜଳୁଥିଲା । ବୋଧହୁଏ ତା'ର ଅଶ୍ୱସ୍ତି ଦେଖିପାରି ଅର୍ଣ୍ଣବ ପ୍ରଶ୍ନ କରିଥିଲା: କଣ ରାତିସାରା ନିଦ ହେଲା ନାହିଁ ?

ତନିଷା ମୁହଁକୁ ଗମ୍ଭୀର କରି କହିଲା : ବାହାର ଜାଗାରେ, ଚଳନ୍ତା ଟ୍ରେନ୍‌ରେ, ବିନା ପ୍ରହରୀରେ କଣ ଝିଅମାନଙ୍କୁ ନିଦ ଆସେ ? ତୁମେ କେଉଁଠୁ ବୁଝିବ ଝିଅ ହେବାର ଦୁଃଖ । ତମେ ରାତିସାରା ବେଶ୍ ଆରାମରେ ଶୋଇଥିବାର ଦେଖି ଖୁବ୍ ଈର୍ଷା ହେଲା । ଭାବିଲି ତମ ଭଳି ହୋଇଥାନ୍ତି କି, ରାସ୍ତାଘାଟ, ଗଛମୂଳ ଚଳନ୍ତା ଟ୍ରେନ୍, ସବୁଠାରେ ନିର୍ଭୟରେ ଶୋଇ ପାରନ୍ତି ।

ଅର୍ଣ୍ଣବ ହସିବାର ପ୍ରୟାସ କଲା ।

ତନିଷା ଭାବୁଥିଲା ସେ କହନ୍ତାନି, ଏବେ ଟିକେ ଶୋଇପଡ଼ । ମୁଁ ପ୍ରହରୀ ପରି ତୁମକୁ ଜଗିବି !

ନା ସେ ସକାଳୁ ସକାଳୁ ଚା'ବାଲାକୁ ଖୋଜୁଥିଲା ।

ସମ୍ମିଳନୀ କକ୍ଷରେ ମଧ୍ୟ ତନିଷାର ସେଇ ଦୁଃଖ । ଯିବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ୍‌ଗୁଡ଼ିକୁ ଯେତେ ସ୍ମରଣ କରିଗଲେ ମଧ୍ୟ ଦର୍ଶକ ଗ୍ୟାଲେରୀର ପ୍ରଥମ ଧାଡ଼ିରେ ଅର୍ଣ୍ଣବର ଆଖିରେ ଆଖି ମିଶିଯିବା ପରେ ସେ ଅନେକ କଥା ଭୁଲିଗଲା । ଯାହାସବୁ ସେ କହିବାକୁ ପ୍ରସ୍ତୁତ ହୋଇ ଆସିଥିଲା । କରତାଳି ପରେ ସେ ଅନୁଭବ କଲା ତା'ର ଉପସ୍ଥାପନା ଭଲ ହୋଇଛି ।

ତନିଷା ଭାବିଲା, ସବୁ ସେଇ ଅର୍ଣ୍ଣବ ପାଇଁ । ହାତରେ ଧରା ଦେଉନି କିମ୍ବା ପୁରା ଉଡ଼ି ଯାଉନି । ଏବେ ତାକୁ ନେଇ ସୁଖସ୍ୱପ୍ନ ଦେଖିବାରେ ତନିଷାକୁ ଅନେକ ମୂଲ୍ୟ ଦେବାକୁ ପଡ଼ିଲାଣି ।

ତିନିଦିନର କାର୍ଯ୍ୟକ୍ରମରେ ଅନେକ ଅଧ୍ୟାପକ ଅଧ୍ୟାପିକାମାନେ ଅଧିକ ଦିନ ଛୁଟି ନେଇ ଆସିଥିଲେ । କେହି କେହି ସପରିବାର ମସୌରୀ, ଡେରାଡୁନ, ଜିମ୍ କର୍‌ବେଟ୍ ଜାତୀୟ ଉଦ୍ୟାନ, ମସୌରୀ ହ୍ରଦ ଓ ଅନ୍ୟାନ୍ୟ ଭ୍ରମଣଯୋଗ୍ୟ ସ୍ଥାନ ପରିଭ୍ରମଣ କରିବାରେ ଓ କେହି ଲୋକାଲ୍ ମାର୍କେଟ୍‌ରେ ଡ୍ରାଏଫ୍ରୁଟ୍ ଓ ଶୀତ ପୋଷାକ କିଣିବାରେ ବ୍ୟସ୍ତ ରହିଲେ ।

ପ୍ରସ୍ତୁତ ମୁତାବକ ଉପସ୍ଥାପନ କରି ନପାରିବା ଓ ଅର୍ଣ୍ଣବର ନିସ୍ପୃହ ଭାବ ତନିଷାକୁ ଏତେ ବିବ୍ରତ କରୁଥିଲା ଯେ ସେ ମୁହଁମାଡ଼ି ପଡ଼ିରହିଲା ସାରା ସମୟ ।

ନିକଟରେ, ତିବ୍‌ବତିଆନ୍ ବୁଦ୍ଧ ମନ୍ଦିରର ଅନେକ ପ୍ରଶସ୍ତି ଶୁଣିଥିଲା ତନିଷା । ତା'ର ଇଚ୍ଛା ଥିଲା କୁଆଡ଼େ ନଗଲେ ମଧ୍ୟ ସେଠାକୁ ନିଶ୍ଚୟ ଥରେ ଯିବ । କିଛି ସମୟ ଆଣ୍ଠୁମାଡ଼ି ପ୍ରାର୍ଥନା କରିବ । କିଛି ସମୟ ପାଇଁ ଭୁଲିଯିବ ନିଜକୁ, ନିଜ ଭିତରର ଖାଲିପଣ । କିଛି ପାଇବାର ଆଶା । ସତରେ ଆଶା ହିଁ ମଣିଷର ସକଳ ଦୁଃଖର କାରଣ । ଏହିକଥା ବୁଝିଥିଲେ ବୋଲି ରାଜପୁତ୍ର ପାଲଟିଗଲେ ସନ୍ୟାସୀରେ । ଆମେ ସବୁ ସେତିକି ବୁଝି ପାରିନାହୁଁ ବୋଲି ସାମାନ୍ୟ ପାର୍ଥିବ ବସ୍ତୁକୁ ନେଇ ବଞ୍ଚୁ, ନାନାଦି ଯାତନା ମଧ୍ୟରେ । ମାତ୍ର ଛାଡ଼ି ପାରୁନା ସେହି ମୋହର ରାସ୍ତା । କାରଣ ବୁଦ୍ଧତ୍ୱ ପ୍ରାପ୍ତି ଗୋଟିଏ ଜନ୍ମର କାହାଣୀ ନୁହେଁ, ବହୁ ଜନ୍ମ ସଂସ୍କାରର ଫଳ । ଏ କଥା ତନିଷାକୁ କହିଥିଲେ ପ୍ରଭାତ୍ ସାର୍ । ସେମାନଙ୍କୁ ଟ୍ରେନ୍‌ରେ ବିଦାୟ ଦେବା ବେଳେ ।

ସେତେବେଳେ ତାଙ୍କର ଆଖି ଦୁଇଟିରେ ମୋହର ଚିହ୍ନବର୍ଣ୍ଣ ନଥିଲା । ଥିଲା ଗୋଟିଏ ପ୍ରଣମ୍ୟ ସକାଳର ଶୁଭ ଆବାହନୀ । କହିଥିଲେ, ତନିଷା ! ଯଦି ସମୟ ମିଳେ ମୋ ପାଇଁ ବୁଦ୍ଧ ମନ୍ଦିରରୁ ଘଣ୍ଟିଟିଏ କିଣି ଆଣିବ । ସେଇଟିକୁ ମୁଁ ସାରା ଜୀବନ ମୋ ପାଖରେ ରଖିବି । ସେ ମୋତେ ବାରମ୍ବାର ସ୍ମରଣ କରାଇଦେବ ଜଣେ ମୋହହୀନ ରାଜପୁତ୍ରଙ୍କୁ । ତନିଷା ତା'ର ଉତ୍ତରରେ ଦୀର୍ଘଶ୍ୱାସଟିଏ ଛାଡ଼ିଥିଲା କେବଳ ।

ପ୍ରଭାତ ସାର୍‌ଙ୍କ ପାଇଁ ସେ ବୁଦ୍ଧ ମନ୍ଦିରର ଘଣ୍ଟି ନେବା ପଇଁ ଚାହେଁନା । ଦେଖାହେଲେ ତନିଷା ନିଶ୍ଚୟ କହିବ: ଜୀବନକୁ ବାରମ୍ବାର ଆବିଷ୍କାର କରିବାକୁ ହୁଏ । ବାରମ୍ବାର ତା'ର ସମ୍ମୋହନରେ ପଡ଼ିବାକୁ ହୁଏ । ଭଲ ପାଇବାକୁ ହୁଏ । ତେଣୁ ଥରୁଟିଏ ନୁହେଁ । ଆଉ ଥରେ ସେ ଜୀବନର ପ୍ରେମରେ ପଡ଼ନ୍ତୁ । ସେଥିପାଇଁ ସେ ଘଣ୍ଟିନେଇ ଆସି ନାହିଁ । ଜଣେ ମୋହହୀନ ରାଜପୁତ୍ରଙ୍କ ସ୍ମୃତିକୁ ବାରମ୍ବାର ମନେ ନପକାଇବା ପାଇଁ ।

ଏଥର ଫେରିବା ପର୍ବ । ରାତି ଦଶଟାରେ ଟ୍ରେନ୍ । ଏଠାରୁ ଆଠଟାରୁ ବାହାରି ଯିବାକୁ ହେବ ବୋଲି ଅର୍ଣ୍ଣବ କହିଦେଇ ଯାଇଛି । ଟ୍ୟାକ୍ସି ବାହାରେ ତା' ଅପେକ୍ଷାରେ ଅଥଚ ଅଧଘଣ୍ଟାଏ ଧରି ଭିତରୁ ଦରଜା ବନ୍ଦ୍ କରି ଲୁହ ଝରାଉଛି ତନିଷା ।

ଏବେ ଫେରନ୍ତା ଯାତ୍ରାରେ ତନିଷା ଅର୍ଣ୍ଣବକୁ ଚାହିଁ ଚାହିଁ ରାତି ପୁହାଇବ ଓ ଅର୍ଣ୍ଣବ ଆରାମ୍‌ରେ ଶୋଇବ ରାତିସାରା ।

ତନିଷା ବାହାରିବା ବେଳକୁ ଅର୍ଣ୍ଣବ ଟିକେ ବିଚଳିତ ଜଣା ପଡୁଥିଲା । କହିଲା, ଏତେ ବିଳମ୍ବ କଲ ! ଯଦି ଟ୍ରେନ୍ ଛାଡ଼ିଦିଏ ରାତିସାରା କଣ କରିବା ?

– ତମେ ଷ୍ଟେସନରେ ଶୋଇବ ଓ ମୁଁ ତୁମକୁ ରାତିସାରା ପ୍ରହରା ଦେବି । ମନେମନେ କହିଲା ତନିଷା ।

ଅର୍ଣ୍ଣବ ଜିନିଷପତ୍ର ଡିକିରେ ରଖି ଡ୍ରାଇଭର୍ ପାଖରେ ସାମ୍ନା ସିଟ୍‌ରେ ବସିଲା । ପଛରେ ଏକାକୀ ତନିଷା । ତା' ପାଖରେ ବସିଥିଲେ କଣ ଅଙ୍ଗଅଶୁଦ୍ଧ ହୋଇଯାଇଥାନ୍ତା ବାବୁଙ୍କର !

ଷ୍ଟେସନ୍‌ରେ ପହଞ୍ଚିବା ବେଳକୁ ଆଖି ସାମ୍ନାରେ ଟ୍ରେନ୍‌ଟି ଗତିଶୀଳ ହେଲା । ତନିଷାର ମୁହଁ ଛଳଛଳ । ଚଳନ୍ତା ଟ୍ରେନ୍‌ରେ ଅର୍ଣ୍ଣବ ଚଢ଼ି ଯାଇପାରେ, ମାତ୍ର ତନିଷାକୁ ଚାହିଁ ସେ ଫେରିଆସିଲା ବିମର୍ଷ ଭାବରେ ।

ଅର୍ଣ୍ଣବ ଚିନ୍ତିତ ଭାବରେ କହିଲା, ଗେଷ୍ଟ ହାଉସ୍ ଛାଡ଼ି ସାରିଛନ୍ତି । ଟ୍ରେନ୍ ମଧ୍ୟ ଛାଡ଼ିଲେ । ଏବେ ତୃତୀୟ ବିକଳ୍ପ କଥା ଚିନ୍ତା କରେ । ତନିଷାର ଛଳଛଳ ମୁହଁକୁ ଦେଖି ସେ କଣ୍ଠସ୍ୱରକୁ ଅପେକ୍ଷାକୃତ ନରମ କରି କହିଲା, ବର୍ଷା ଆସିଲାଣି । ଚାଲ ନିକଟସ୍ଥ ହୋଟେଲ୍ ଦେଖି ରହିଯିବା । ସକାଳ ହେଲେ ଦେଖାଯିବ ।

ଚାହୁଁ ଚାହୁଁ ପାହାଡ଼ୀ ଜାଗାର ବାଦଲ ଫଟା ବର୍ଷା । ସେମାନେ ଉଠି ଆସିଲେ ନିକଟସ୍ଥ ହୋଟେଲ୍‌କୁ ।

ହୋଟେଲ୍ ରିସେପ୍‌ସନ୍ କାଉଣ୍ଟର୍‌ରେ ସେମାନଙ୍କୁ ପତିପତ୍ନୀ କିମ୍ବା ପ୍ରେମିକପ୍ରେମିକା ମନେ କରି ରିସେପ୍‌ସନିଷ୍ଟ୍

**ତନିଷା ବେଳେବେଳେ ସପ୍ନ ଦେଖେ । ଅଜବ ସପ୍ନ । ଅର୍ଣ୍ଣବ କେବେ ଝର୍କା ସେପାଖେ ଠିଆ ହୋଇ ତାକୁ ଡାକେ । ସେତେବେଳେ ମହଣମହଣ ମଲ୍ଲୀର ବାସ୍ନାରେ ଭିଜୁଥାଏ ଛାତ । ସେ କେବେ ଭ୍ରମରଟିଏ ସାଜି ତା' ଚତୁର୍ପାର୍ଶ୍ୱରେ ମଧୁର ଗୁଞ୍ଜନ କରୁଥାଏ ତ କେବେ ମୁଗ୍ଧ ପ୍ରଜାପତିଟିଏ ସାଜି ତା ଦେହରେ ବସେ ମଧୁର ଲୋଭରେ ।**

ବଢ଼ାଇଦେଲେ ଗୋଟିଏ ରୁମ୍ର ଚାବି । ତନିଷା କହିଲା, ଆଉ ଗୋଟେ ରୁମ୍ ମିଳିବନି ? ସେ ନାସ୍ତିସୂଚକ ମୁଣ୍ଡ ହଲାଇଲା । ଯାହାର ଅର୍ଥ ଏମିତି କିଛି– ସଂପର୍କ ତ ଏତେ ଭଙ୍ଗୁରପ୍ରବଣ ଯେ କଥା ପଦକରେ ଟୁକୁଡ଼ା ଟୁକୁଡ଼ା ହୋଇ ଭାଙ୍ଗିଯାଏ । ନିର୍ଜନ ଉପତ୍ୟକାର ଏ ବର୍ଷା ଝରା ରାତି ତୁମକୁ ଆଉଥରେ ସୁଯୋଗ ଦେଇଛି ସଂପର୍କକୁ ଯୋଡ଼ିବା ପାଇଁ । ଦୁଇଟି ରୁମ୍ କାହିଁକି ନେବ ? ଏକାଠି ଗୋଟିଏ କୋଠରୀରେ ରହିଲେ ହିଁ ସବୁ ମନାନ୍ତରର ଅନ୍ତଃ ଘଟିବ ।

କିଛି ମୁହୂର୍ତ୍ତ ପୂର୍ବରୁ ଯେଉଁ ଅର୍ଣ୍ଣବକୁ ପାଖରେ ପାଇବାକୁ ତନିଷା ବ୍ୟାକୁଳ ହେଉଥିଲା, ଏବେ ଗୋଟିଏ କୋଠରୀରେ ତା'ର ଉପସ୍ଥିତିକୁ ନେଇ ଅସୁରକ୍ଷିତ ଭାବନା ।

ଏଇତ କିଛି ସମୟ ପୂର୍ବରୁ କାର୍ ଭିତରେ ବସି ସେ କାମନା କରୁଥିଲା ଏପରି ଅସରନ୍ତି ରାତିଟିଏ । ଆକାଶରୁ ଲିଭୁନଥାନ୍ତା ଜହ୍ନ । ତା' ଆଖିରୁ ସରୁନଥାନ୍ତା ସ୍ୱପ୍ନ । ରାତିରାତି ଉଜାଗର ରହି ସେ ଗପ ଯୋଡୁଥାନ୍ତା ଜହ୍ନ ସହିତ । ଅଥଚ ଦେଖନ୍ତା ରାତିର ଶେଷ ପ୍ରହରରେ ଜହ୍ନ ତରଳି ଯିବାର ଦୃଶ୍ୟ । ଜହ୍ନ ତରଳିଗଲେ ତ ତା ଦେହରୁ ଝରିପଡ଼େ ଅନୁରାଗ । ସେ ହାତ ପାପୁଲିରେ ତୋଳି ନିଅନ୍ତା ସେ ତରଳ ଅନୁରାଗକୁ । ମାଠିମୁଠି ତିଆରି କରନ୍ତା ତା' ସ୍ୱପ୍ନର ମଣିଷ । ଯାହାର ନାଁ ହୁଅନ୍ତା ଅର୍ଣ୍ଣବ ।

ଅର୍ଣ୍ଣବ କୋଠରୀରେ ପଦଚାରଣା କରୁଥିଲା । ତା' ମନର ଭାବକୁ ପଢ଼ି ପାରୁନି ତନିଷା । ସେ ତନିଷା ଠାରୁ ଅଳ୍ପ ଦୂରରେ ଠିଆ ହୋଇ କହିଲା, ମୁଁ ମଧ୍ୟ ଚାହୁଁଥିଲି ଆଉ ଗୋଟେ ରୁମ୍ ନେଇ ରାତିଟା ଆରାମ୍ରେ ଶୋଇବା ପାଇଁ । ମାତ୍ର ସେ କହିଲା ତା ପାଖରେ ମାତ୍ର ଗୋଟିଏ ରୁମ୍ ଅଛି । ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ହଠାତ୍ ବଢ଼ିଯିବା କାରଣରୁ ଓ ବର୍ଷା ଯୋଗୁଁ ନିର୍ଦ୍ଦିଷ୍ଟ ସ୍ଥଳକୁ ଯାଇପାରୁ ନଥିବାରୁ ଆଖପାଖରେ କୌଣସି ହୋଟେଲ୍ରେ କୋଠରୀ ଖାଲି ନାହିଁ । ପାହାଡ଼ୀ ଜାଗାର ଇଏ ଏକ ସମସ୍ୟା । ତୁମେ ନିଜକୁ ଅସୁରକ୍ଷିତ ମନେ କରୁନାହଁ ତ ? କାରଣ ଦେଖୁଛି ସେଦିନର ଟ୍ରେନ୍ରେ ତମ ମୁହଁର ସେଇ ଉଚ୍ଛୁଳା ହସଟା ଲିଭି ଯାଇଛି ।

ଭିତରେ ଆତଙ୍କିତ ଥିଲେ ମଧ୍ୟ ତନିଷା କହିଲା, ସେମିତି କିଛି ନୁହେଁ । ଏଠାରେ ଅଧିକ ଥଣ୍ଡା ଓ ମୁଁ ଥଣ୍ଡା ଆଦୌ ସହି ପାରେନା ।

ଏ ଥଣ୍ଡା ରାତିରେ ଦେହମନକୁ ଉଷ୍ମ କରିବା ପାଇଁ ଚା' କପ୍ଟେ ବି ମିଳିବନି । ତୁମେ ଅନୁମତି ଦେଲେ....

ତନିଷା ଚମକି ପଡ଼ି ଦୂରକୁ ଘୁଂଚିଗଲା । କହିଲା, ନା ମୋତେ ନୁହେଁ ।

– ଯଦି ମୁଁ ଜୋର୍ କରି ନେଇଯାଏ....

ତନିଷା ଖଟର କୋଣକୁ ଆହୁରି ଘୁଂଚିଯାଇ କହିଲା, ଦେଖ ଅର୍ଣ୍ଣବ ! ପ୍ଲିଜ୍ ମୋତେ ଏସବୁ କୁହନା ।

ଅର୍ଣ୍ଣବ ସାମାନ୍ୟ ହସି କହିଲା, ଶୀତରାତିରେ ଗୋଟିଏ କମ୍ବଳ ଧରି ତୁମେ ବସିଲେ ମୋର ରାତିଟା କେମିତି ବିତିବ ଭାବିଛ ? ଏ ଶୀତରାତିକୁ ଉଷ୍ମ କରିବା ପାଇଁ ମୋର ମଧ୍ୟ କିଛି ଉଷ୍ମତା ଦରକାର ।

ତନିଷାର ଏବେ ପୁରା କାନ୍ଦି ପକାଇବା ଭଳି ଅବସ୍ଥା । ଜାଣେ ସବୁପୁଅମାନେ ଏକା ପ୍ରକାର । ସବୁ ସମୟରେ ତାଙ୍କ ନଜର ଝିଅମାନଙ୍କ ଦେହ ଉପରେ ଥାଏ । ବାହାରକୁ ସେମାନେ ଯେତେ ଭଦ୍ର ଜଣାପଡ଼ନ୍ତି ଭିତରଟା ମୋଟେ ସେମିତି ନୁହେଁ ।

ତନିଷା କହିଲା, ମୁଁ ତୁମକୁ ହୃଦୟର ସହ ଭଲ ପାଉଥିଲି । କିନ୍ତୁ ଏସବୁ କଥା ତ କେବେ ମୁଁ ଭାବିନି । ଏସବୁ ମୋ ପାଇଁ ପାପ ।

– ଆରେ ଏଥିରେ ପାପପୁଣ୍ୟ କେଉଁଠୁ ଆସିଲା ? ସାମାନ୍ୟ କଥାକୁ ... ।

– ତମ ପାଇଁ ଏଇଟା ସାମାନ୍ୟ ହୋଇପାରିଥାଏ । ମାତ୍ର ମୋ ପାଇଁ ନୁହେଁ । ମୁଁ ତୁମକୁ ଚିହ୍ନିନଥିଲେ ଏତେବାଟ ତୁମ ସହ ଆସିବାର ଦୁଃସାହସ କରିନଥାନ୍ତି କି ଗୋଟିଏ କୋଠରୀରେ ରାତି ବିତାଇବା କଥା ଭାବିନଥାନ୍ତି ।

ତନିଷା ଅର୍ଣ୍ଣବର ମୁହଁକୁ ଚାହିଁ ପାରୁନଥିଲା । ଦୁଇ ହାତ ପାପୁଲିରେ ନିଜ ମୁହଁକୁ ଘୋଡ଼ାଇ ଧରି ଅସହାୟ ଭାବରେ କାନ୍ଦି ପକାଇଲା ଝରଝର କରି ।

ଅର୍ଣ୍ଣବ ଧିରେ ଖଟ ଉପରେ ବସିଲା । ତନିଷାର ମୁହଁକୁ ଦୁଇ ହାତରେ ତୋଳିଧରି କହିଲା, ସାମାନ୍ୟ ବହି ଖଣ୍ଡେ ନେବାର ଅନୁମତି ନେବା ପାଇଁ ଆସିଥିଲି । ପାପପୁଣ୍ୟ ପରି କେତେ ନୀତିବାକ୍ୟ ଓ ତତ୍ତ୍ୱ ମୋତେ ଶୁଣାଇ ସାରିଲଣି । ତମ ପରି ଝିଅକୁ ବହିଖଣ୍ଡେ ଛଡ଼ା ଅଧିକ କିଛି ମାଗି ପାରିବି ବୋଲି ଭାବିଲ ବା କିପରି ?

ଗତକାଲି ତମ ପ୍ରେଜେଣ୍ଟେସନ୍ ଖୁବ୍ ଭଲ ଲାଗିବାରୁ ଭାବିଲି ଯେ ସମ୍ପର୍କଟା ଗଢ଼ି ରାତି ବିତାଇ ଦେବି । ପ୍ଲିଜ୍ ତନିଷା ! ଶାନ୍ତ ହୋଇଯାଅ । ଆସିବା ବେଳ ଠାରୁ ଦେଖୁଛି ରାଗଲଙ୍କା ଖାଇ ମୋ ଉପରେ ରାଗୁଛ । ମୋର ସାନିଧ୍ୟ ଚାହୁଁଛ ଅଥଚ ପାଖକୁ ଆସିଲେ ଦୂରେଇ ଯାଉଛ । ଝିଅମାନଙ୍କ ଅନ୍ତର ପଢ଼ିବା ଆଦୌ ସହଜ କଥା ନୁହଁ । ସତରେ ତମେ କଣ ଚାହଁ ? ତମେ ଅସୁରକ୍ଷିତ ମନେ କଲେ ମୁଁ କୋଠରୀ ବାହାର ବାରଣ୍ଡାରେ ରାତିଟା ବିତାଇ ଦେଇପାରେ । ସକାଳେ ଅବଶ୍ୟ ମୋତେ ଡାକ୍ତରଖାନା ନେବାକୁ ପଡ଼ିବ । ତୁମକୁ ଗୋଟେ ଦାୟିତ୍ୱ ଦେଲି– ମୋ ବାପା ମା'ଙ୍କୁ ମୋର ଶେଷ ଇଚ୍ଛାଟି ଜଣାଇ ଦେବ । ସକାଳସୁଦ୍ଧା ମୁଁ ବରଫ ପାଲଟି ଯାଇପାରେ । ଏ ଜୀବନରେ ମୋର ଶେଷ ଇଚ୍ଛାଟି କଣ ଶୁଣିବାକୁ ଚାହିଁବନି ? ମୋର ଗୋଟେ ସ୍ମୃତିସ୍ତମ୍ଭ ନିର୍ମାଣ ହେବ ଓ ତା ଉପରେ ଲେଖାଯିବ– 'ମହିଳାଙ୍କ ସମ୍ମାନାର୍ଥେ' ।

ଲଜ୍ଜାରେ ତନିଷା ମିଳେଇ ଯାଉଥିଲା ଯେମିତି । ଏ ଲଜ୍ଜାଜନକ ପରିସ୍ଥିତିରୁ ସେ କିପରି ରକ୍ଷା ପାଇବ ?

"ବାସ୍ ଚୁପ୍କର ।" ଲଜ୍ଜାରେ ମୁହଁ ପୋତି କହିଲା ତନିଷା ।

ଅର୍ଣ୍ଣବ କହିଲା, ଘରେ ଚାହୁଁଥିଲେ ମୁଁ ମୋ ପାଇଁ ଝିଅଟିଏ ଖୋଜିବି । ମୁଁ ଝିଅଟିଏ ପସନ୍ଦ କରିଥିଲି । ଦେଖିବାକୁ ଖୁବ୍ ସୁନ୍ଦରୀ । ବୁଦ୍ଧିମତୀ ପରି ଲାଗୁଥିଲା । କିନ୍ତୁ ପରେ ଜଣା ପଡ଼ିଲା ବୁଦ୍ଧିଗୁଡ଼ା କେବଳ ତା' ସାର୍ଟିଫିକେଟ୍ରେ, ମୁଣ୍ଡରେ କିଛି ନାହିଁ । ଏବେ କଣ କରିବି କୁହ ତ ! ଏମିତି ଝିଅକୁ ନେଇ ସାରା ଜୀବନ କିପରି ବିତିବ ? ଅବଶ୍ୟ ମନୀଷୀମାନେ କହନ୍ତି ଝିଅମାନଙ୍କ ଶରୀର କ୍ଷୀଣ ଓ ବୁଦ୍ଧି ସ୍ଥୁଳ ହେଲେ ସେମାନେ ଭଲ ପତ୍ନୀ ବା ପ୍ରେମିକା ହୋଇପାରନ୍ତି । ବୁଦ୍ଧିମତୀମାନଙ୍କର ମୁଣ୍ଡରେ ତର୍କବିତର୍କ, ଜ୍ଞାନବିଜ୍ଞାନ ଓ ଶେଷରେ ନିଜକୁ ପ୍ରତିଷ୍ଠା କରିବାର ଅସମ୍ଭବ ଜିଦ୍ ଥାଏ । ଠିକ୍ କଥା ନା ?

ତନିଷା ଅନ୍ତରରେ କହୁଥିଲା ଯାହାକୁ ବାହା ହେଇଯିବା କଥା ବାହା ହୋଇ ଯାଅ ମୋତେ ଶାନ୍ତିରେ ରହିବାକୁ ଦିଅ । ଅନ୍ତତଃ ତୁମକୁ ପାଇବାର ଆଶାର ଶେଷ ହେଉ ।

ଅର୍ଣ୍ଣବ ହସି କହିଲା, ନନ୍ଦିତା ମ୍ୟାଡ଼ାମ୍ ବାପାଙ୍କୁ ଫୋନ୍ କରି କଥା ହୋଇଥିଲେ । ଫଟୋରୁ ପାତ୍ରୀଟି ବାପାଙ୍କର ପସନ୍ଦ ହୋଇଛି । ବାପା ଜୋର୍ ଦେଇ ମୋତେ କହିଛନ୍ତି ଝିଅଟି ସଂପର୍କରେ ସବିଶେଷ ଖବର ନେବା ପାଇଁ । ଆଜିକାଲି ଝିଅମାନଙ୍କର କେତେ ପ୍ରକାର ଦୁର୍ଗୁଣ ।

ଏବେ ଦେଖିଲି ସତରେ ଝିଅଟିର ଅନେକ ଦୁର୍ଗୁଣ । ଅନ୍ୟ ଉପରେ ରାଗି ଲଙ୍କା ଖାଇ ନିଜକୁ କଷ୍ଟ ଦେବା ଠାରୁ ଆରମ୍ଭ କରି ସାମାନ୍ୟ ବହିଖଣ୍ଡେ ପାଇଁ ଏତେବଡ଼ ନାଟକ କରିବା ପର୍ଯ୍ୟନ୍ତ । ଏବେ ଅନୁମତି ମିଳିବ ତମ ବହିଖଣ୍ଡକ ଛୁଇଁବା ପାଇଁ ? ଶୀତରାତିଟା କଟାଇବା ପାଇଁ ଏତିକି ଉଷ୍ମତା ତମ ଠାରୁ ଆଶା କରୁଛି ।

ଅର୍ଣ୍ଣବର କଥା ଶୁଣି ତନିଷା ଲଜ୍ଜିତ ହେଲା । ଏବେ ତା ହାତପାପୁଲି ଯୋଡ଼ିକ ସକ୍ଷମ ନୁହଁନ୍ତି ତା' ମନର ପ୍ରତିକ୍ରିୟାକୁ ଗୋପନ ରଖିବା ପାଇଁ । କେଉଁଠି ମିଳନ୍ତା କି ଟିକେ ଅନ୍ଧାର ଆତ୍ମଗୋପନ ପାଇଁ ।

ଶୀତରାତି ହଠାତ୍ ଉଷ୍ମ ହୋଇଉଠିଲା । ବର୍ଷା ଛାଡ଼ି ଯାଇଥିଲା । ଝର୍କା ବାହାରେ ଜହ୍ନର ଚେହେରା ଦିଶୁଥିଲା ଆହୁରି ତୋଫା । ପାହାଡ଼ ସବୁ ଦିଶୁଥିଲେ ପ୍ରତିଶ୍ରୁତିପୂର୍ଣ୍ଣ । ସବୁଜ ଜଂଗଲ୍ ଦିଶୁଥିଲା ଆଶ୍ୱାସନାଭରା । ତନିଷାର ହୃଦୟ ପାଲଟିଗଲା ଏକ ମୁଗ୍ଧ ପଦ୍ମବନରେ । ଅର୍ଣ୍ଣବ ସତେଅବା ଫେରି ଆସିଥିଲା ସେ ମୁଗ୍ଧ ପଦ୍ମବନକୁ ଏକ ବିମୁଗ୍ଧ ଭ୍ରମରଟେ ଭଳି ।



# ଚମ୍ପା ଫୁଲର ରାତି

## ପ୍ରଶାନ୍ତ ଦାସ

ବାଗ୍ ବୃନ୍ଦାବନ, ବାଲେଶ୍ୱର-୧
ଫୋନ : ୯୮୫୩୧୫୫୬୦୧



ଅଳଂକରଣ ଓ ଦୃଶ୍ୟାୟନ : ସଂଜୟ ଭଟ୍ଟ
ରୂପାୟନ : ସିଦ୍ଧାର୍ଥ, ଡେଜି ଓ ସ୍ୱାତୀଶିଖା


**ଭାବନା ଚିରକାଳ ଯେତିକି ଆନନ୍ଦର ଉତ୍ସ ହୁଏ, ସେତିକି ଦୁଃଖର କାରଣ ହୁଏ । ମୋତେ ସେ ଖୁବ୍ ଜୋରରେ ଜଡ଼ାଇ ଧରୁଥିଲା ସତେକି ତାର ଏକାତ୍ମ ଆଲିଙ୍ଗନ ଭିତରେ ମୁଁ ମୋର ସ୍ଥିତି ହରାଉଥିଲି ।**



▶ଗାଳ୍ପିକ ପ୍ରଶାନ୍ତ ଦାସ

ବହୁତ ଦିନ ପରେ ଅନ୍ୟମନସ୍କ ହେଉଥିଲି ମୁଁ । ସମୟ ଛାତିରେ ଦୀର୍ଘଦିନରୁ ଲୁଚି ଯାଇଥିବା ଉଚ୍ଛ୍ୱାସମାନ ଧିରେ ଧିରେ ଜୀବନ୍ତ ହେଉଥିଲ । ଛାତି ତଳର ଅଫୁଟ ଇଚ୍ଛାମାନ ବାରବାର କହୁଥିଲେ- ନିଜକୁ ମୁକୁଳେଇ ନେଇ ନୂଆ ଏକ ଇତିହାସ ଲେଖିବା ପାଇଁ । ବୟସର ଛାଇରେ ଫୁଟିଥିବା କୃଷ୍ଣଚୂଡ଼ାମାନେ ଝରା ପାଖୁଡ଼ାରେ ରଙ୍ଗୀନ କରୁଥିଲେ ସମୟର ଛାତି । ସବୁକିଛି ଲାଗୁଥିଲା ନୂଆ ନୂଆ । ବନ୍ଧ ଆରପାରିର ନଈ ଭଳି ନିଜ ଭିତରେ ଥିବା ଦୁର୍ବଳତା ମଥା ପିଟୁଥିଲା ବିବେକ ପଥରବନ୍ଧର ଶିଉଳିଭରା ଭିଜା ଛାତିରେ । ମୋ ପାଖରେ ବସିଥିଲା ସେ । ତା' ଦୁଇ ନୀରବି ଥିବା ଓଠ ତଳର ଅକୁହା କଥାମାନ ବନ୍ଦ କୋଠରୀର ଚାରିକାନ୍ଥ ଭିତରେ ଫୁଟାଉଥିଲା ଫୁଲ । ସେ ଫୁଲର ମହମହ ବାସ୍ନାରେ ନିଦଭଙ୍ଗା ଭଅଁରମାନେ ବନ୍ଦ ଝରକା ଆରପାଖେ ତୋଳୁଥିଲେ ଝଙ୍କାର ।

ଧିରେ ଧିରେ ରୋମାଞ୍ଚିତ ହେଉଥିଲି ମୁଁ । ମୋତେ ଲାଗୁଥିଲା ମୋ ଆଗରେ ମଳୟ ଭିଜା ଫଗୁଣ ଜହ୍ନରାତିଟିଏ ପଣତ ବିଛାଇ ମୋତେ ଡାକୁଥିଲା । ଛାତିତଳେ ଜନ୍ମ ନେଉଥିବା ଦୀର୍ଘଶ୍ୱାସ ମୋର ଅସ୍ଥିରତା ଓ ଆବେଗକୁ ଦ୍ୱିଗୁଣିତ କରୁଥିଲା । ସେ ଓ ମୁଁ । ଆଉ କେହି ନଥିଲେ ଘରେ । ଘର ଭିତରେ ସୀମିତ ଆଲୁଅରେ ଆଲୋକିତ ହେଲେ ବି ରାତିର ପଣତ ତଳେ ଢାଙ୍କି ପଡୁଥିଲା ସମଗ୍ର ପରିବେଶ ।

ହାଲ୍କା ଲାଲିରଙ୍ଗର ଶାଢ଼ିଟି ତା' ଚମ୍ପାଫୁଲ ଦେହରେ ଗୋଡ଼ାଇ ଯାଇ ତା' ଲାବଣ୍ୟକୁ ଦ୍ୱିଗୁଣିତ କରୁଥିଲା । ଏକ ନୀରବ ଆକର୍ଷଣ ଭିତରେ ମୁଁ ହୃଦୟର ଅଙ୍କ କଷୁଥିଲି । ଭାଗଫଳ ଭାଗଶେଷ ମୋ ଆଗରେ ପ୍ରଶ୍ନବାଚୀଟିଏ ହୋଇ ଠିଆ ହେଉଥିଲା । ଏକ ଅବୁଝା ଗଣିତ ଭଳି ମୁଁ ସେଇ ମନ ସିଲଟରେ ଲୋଟି ଯାଉଥିଲି । ମୋତେ ଠିକ ଭାବେ ଜଣାଥିଲା ଯେ ଅତଏବ ପରେ ମୁଁ ଉତ୍ତର ଲେଖି ପାରିବିନି ।

ମଥା ଉପରେ ଘୁରୁଥିବା ପଙ୍ଖାଟା ନିରବତାର ଛାତି ଭାଙ୍ଗି ପବନ ବୁଣି ଚାଲୁଥିଲା । ତା' ଭିତରେ ବି ମୋ କପାଳସାରା ବିନ୍ଦୁ ବିନ୍ଦୁ ଝାଳ ଜମାଟ ବାନ୍ଧି ମୋର ମନର ଉଷ୍ଣତା ହେଉ କିମ୍ବା ମାନସିକତାର ଭୟଭାବ ହେଉ ତା'ର ଉଦାହରଣ ହେଉଥିଲା । କିଛି ସମୟ ନିରବତା ପରେ ସେ ମୋ ପାଖକୁ ଲାଗି ଆସିଲା । ମୋର ଆଙ୍ଗୁଳଟିକୁ ତା' ହାତରେ ଧରି ଓଠ ପାଖକୁ ନେଇଗଲା- ଦୁଇ ଓଠ ମଝିରେ ଥିବା ହସମୁଖୁରା ଦାନ୍ତରେ ସ୍ପର୍ଶ ଦେବାକୁ ଲାଗିଲା । ବଡ଼ ସୁନ୍ଦର ଦେଖା ଯାଉଥିଲା ସେ । ଅପଲକ ଆଖିରେ ସୁପ୍ତ ଗୋପନୀୟତା ମୋତେ ବିବ୍ରତ କରୁଥିଲା । ମୁଁ ଯେତିକି ଆନନ୍ଦିତ ହେଉଥିଲି ସେତିକି ଭୟ ପାଉଥିଲି ମଧ୍ୟ । ମୋର ଏକ ନୀରବ ସ୍ୱଭାବ ତାକୁ ବୋଧହୁଏ ଭଲ ଲାଗିଲାନି । ସେ ଆଉ ଟିକେ ପାଖକୁ ଲାଗି ଆସିଲା । ତା'ର ଅଧାଉଡ଼ା କେଶମାନ ମୋ ଦେହକୁ ଛୁଉଁଥିଲା । ମୁଁ ଆଉ ଅପେକ୍ଷା କରି ପାରିଲିନି । ମୋର ମନ ପଛପାଖେ ଉଙ୍କି ମାରୁଥିବା ପାପପୁଣ୍ୟ ଚିତ୍ର ଧିରେ ଧିରେ ଅପସରି ଯାଉଥିଲେ ।

ଆଖିମାନେ ଚିରଦିନ ଯେଉଁ କଥା କହିଥା'ନ୍ତି, ଓଠମାନେ ସେ କଥା କେବେ କହି ପାରିନଥାନ୍ତି । ତା' ଆଖିରେ ଜମାଟ ବାନ୍ଧିଥିବା ଆଖିଏ ଭାଷାକୁ ମୁଁ ଠିକ୍ ବୁଝି ପାରୁଥିଲି । ମୋର ଛାତି ଉପରକୁ ତା' ମଥାକୁ ଆଉଜେଇ ଆଣି କହିଲି- ତୁମେ ମୋ ପାଇଁ ଅତୀତ ନା ବର୍ତ୍ତମାନ । ବୋଧହୁଏ ତୁମକୁ ଛୁଇଁବା ପରେ କେଉଁ ଏକ ଜଣା ଅତୀତ ମୋତେ ମୋ ଭିତରେ ଥିବା ଉଷ୍ଣତାକୁ ପୁନର୍ବାର ଜୀବିତ କରାଉଛି । ମୋର ପ୍ରଶ୍ୱାସ ଦୀର୍ଘରୁ ଦୀର୍ଘତର ହେଉଥିଲା । ମୋ ଆଖି ଆଗରେ ଥିବା ଧଳା କାନ୍ଥରେ ସତେକି କିଏ ଜଣେ ଲେଖି ଦେଉଥିଲା-

### କାହାଣୀ ପଛର କାହାଣୀ

ମନକୁ ବିଶ୍ୱାସ ନାହିଁ । କେତେବେଳେ କାହା ସହିତ ଯୋଡ଼ିଯିବ କହି ହେବନି । ପ୍ରେମ ଗପ ଲେଖୁଥିବା ବେଳେ ମନ ଓ ହୃଦୟ ପ୍ରେମମୟ ହୋଇଯାଏ । କଳ୍ପନାରେ ଆସୁଥିବା ଚରିତ୍ରମାନେ ନିଜ ପାଖରେ ଠିଆ ହୋଇଯାଆନ୍ତି । କଥା ହୁଅନ୍ତି । ସମ୍ପର୍କ ଯୋଡ଼ନ୍ତି । ଏମିତିକି କାଳ୍ପନିକ ଚରିତ୍ରମାନେ ସ୍ୱପ୍ନରେ ବିଚରଣ କରି ଆପଣାର ହୋଇ ଆବେଗ ଅଜାଡ଼ି ଦିଅନ୍ତି । ମୋ ପତ୍ନୀ ମଲ୍ଲିଫୁଲକୁ ଭଲପାଏ । ମଲ୍ଲୀର ମହକ ତାର ପ୍ରିୟ । କେବେ କେବେ ରାତିରେ ଘରକୁ ଫେରିବା ବେଳେ ଫୁଲ ଦୋକାନରୁ ମଲ୍ଲୀଫୁଲ ପତ୍ନୀ ପାଇଁ ଆଣେ ଓ ସେ ବିଛଣାରେ ପକାଇ ଶୋଇଯାଏ । ଦିନେ ରାତିରେ ଫୁଲ ଦୋକାନ ଆଗରେ ମୋ ଗଳ୍ପର ନାୟିକା ଦେଖା ହେଲେ । ହାଲ୍କା କଳା ରଂଗର ଶାଢ଼ି ତାଙ୍କ ଗୋରା ଦେହକୁ ଭଲ ଲାଗୁଥିଲା । ମଣିଷର ଆଖି ତ । ଟିକିଏ ସମୟ ପାଇଁ ଅଟକିଗଲା ସେଇଠି । ସେ ଚମ୍ପାଫୁଲ କିଣୁଥିଲେ । କାହିଁକି କେଜାଣି ମୋ ପାଟିରୁ ବାହାରି ପଡ଼ିଲା ମୋତେ ବି ଆଜି ଚମ୍ପାଫୁଲ ଦିଅ । ତରୁଣୀଟି ମୋ ଆଡ଼କୁ ଚାହିଁ ଅଳ୍ପ ହସି ଦେଲେ । ମୋ ହାତରେ ଚମ୍ପାଫୁଲ ଓ ତା' ହାତରେ ଚମ୍ପାଫୁଲ । ରାତିରେ ଘରେ ପହଞ୍ଚିଲି । ହାତରେ ଚମ୍ପାଫୁଲ ଦେଖି ମୋ ପତ୍ନୀ ପଚାରିଲା, ଆଜି ମଲ୍ଲୀ ବଦଳରେ ଚମ୍ପା ! ମୁଁ ଅଳ୍ପ ହସି କହିଲି- ଆଜି ରାତିଟି ମଲ୍ଲୀର ନୁହଁ ଚମ୍ପାର । ବାସ୍ ! ଆରମ୍ଭ କଲି ଗପଟିଏ । ଶେଷରେ ଗପର ନାମକରଣ କଲି । 'ଚମ୍ପାଫୁଲର ରାତି' ।

ପ୍ରଶାନ୍ତ ଦାସ

> ସମୟ ଗୋଟିଏ ସ୍ଥିତିକୁ ସବୁବେଳେ ସମାନ ରଖିବାକୁ ଦିଏନି । ତା'ର ଧାଇଁବା ବାଟରେ ବଦଳାଇ ଦିଏ ପରିବେଶ ଓ ପରିସ୍ଥିତି । ମୋତେ ଘରକୁ ଫେରିବାକୁ ହେବ । ଘରେ ମୋର ପରିବାର ମୋତେ ଅପେକ୍ଷା କରିଥିବ । ମୁଁ ବାହାରି ପଡ଼ିଲି । ସେ କହିଲା- ପୁଣି କେବେ ଆସିବ ? ଏଇ କ୍ଷଣିକ ସମ୍ପର୍କ ଭିତରେ ଏକ ଯୁଗର ସମ୍ଭାବନାଟିଏ ସୃଷ୍ଟି ହୋଇଗଲା ।

ଯେଉଁଠି ଜୀବନ ଅଛି ସେଇଠି ପ୍ରେମ ଅଛି । ଯେଉଁଠି ପ୍ରେମ ଅଛି ସେଇଠି ସ୍ୱପ୍ନ ଅଛି ତ ଯେଉଁଠି ସ୍ୱପ୍ନ ଅଛି ସେଇଠି ବାସ୍ତବତା ଅଛି । ସେଇ ମୁହୂର୍ତ୍ତ ମୋ ପାଇଁ ଧିରେ ଧିରେ ବାସ୍ତବ ମୁହୂର୍ତ୍ତ ଆଡ଼କୁ ମୋତେ ଆଗେଇ ନେଉଥିଲା । ମୁଁ ତା' କପାଳ ଓ ତା' କେଶରେ ହାତ ମାରୁ ମାରୁ ତାକୁ ଜଡ଼ାଇ ଧରିଥିଲି । ନିରୀହ ଶିଶୁଟିଏ ପରି ସେ ମୋ ଛାତିରେ ମଥା ରଖି କହୁଥିଲା- ଓଃ କି ଶାନ୍ତି ! ଏଇ ଛାତି ଉପରେ ମଥା ରଖିଦେଲେ ନିଜକୁ କେମିତି ନିରାପଦ ଲାଗେ । କ'ଣ ହେଲା କେଜାଣି ? ଠିକ୍ ଏଇ ସମୟରେ ଜଳୁଥିବା ବିଜୁଳିବତୀଟି ଲିଭିଗଲା ।

ଅନ୍ଧାର ଭିତରେ ସେ ଓ ମୁଁ । ଏଇ ଅନ୍ଧାର ଅନେକ କାହାଣୀର ମୂକସାକ୍ଷୀ । ତା' ଛାତିରେ ସାଇତିଥିବା ଛବି କେବେ ଆଲୁଅରେ ଦେଖାଯାଏନି, ଠିକ୍ ମଣିଷର ମନ ଭଳି । ମଣିଷଟେ ନିଜ ଭିତରର ଗୋପନୀୟତାକୁ ଅନ୍ଧାର ଭଳି ଲୁଚାଇ ଦିଏ ନିଜ ପାଖରେ । ଠିକ୍ ସେଇପରି ସେହି ମୁହୂର୍ତ୍ତର ଗୋପନୀୟତାକୁ ଅନ୍ଧାର ଲୁଚେଇ ଦେଲା ତା'ର ମୁକୁଳା ପଣତରେ । ହଠାତ୍ ଦୁଇ ଟୋପା ଉଷ୍ମ ଲୁହରେ ମୁଁ ମୋର ସ୍ୱଭାବକୁ ଫେରି ଆସିଲି । ମନେମନେ ପଛକୁ ଫେରି ଚାହିଁ ପ୍ରଶ୍ନ କଲି- କିଛି ଭୁଲ୍ କଲି କି ? ଠିକ୍ ଏହି ବେଳରେ ଆଲୁଅ ଜଳି ଉଠିଲା । ଆଲୁଅରେ ଦେଖିଲି- ତା'ର ଆଖି ସାରା ଲୁହ । ଯେଉଁ ଆଖି ଦୁଇରେ କିଛି କ୍ଷଣ ଆଗରୁ ସ୍ୱପ୍ନ ଥିଲା, ସେଇ ଆଖି ଭିତରେ ଏକ ଉଦାସପଣ । ଆଖିରୁ ଝରୁଥିବା ଲୁହକୁ ମୁଁ ଜମା ବରଦାସ୍ତ କରି ପାରେନି । ହାତ ମୋର ଆପଣାଛାଏଁ ଲମ୍ବିଯାଏ ପୋଛି ଦେବାକୁ । ମୁଁ ପୋଛିଲା ବେଳକୁ ସେ ମୋ ହାତ ଧରି କହିଲା- ନାଇଁ, ସବୁଦିନ ଆଖିରୁ ଝରୁଥିବା ଲୁହ ପରି ଏ ଲୁହ ଦୁଃଖର ଲୁହ ନୁହେଁ । ଆତ୍ମସନ୍ତୋଷ ଓ ଆତ୍ମତୃପ୍ତିର ଫୁଟାଫୁଲ । ଏହାକୁ ମୋତି ଭଳି ଅନେକ ଦିନରୁ ମୋ ଆଖି ସାଇତି ରଖିଥିଲା ଆପଣଙ୍କୁ ଦେବା ପାଇଁ । ମୁଁ ତା'ର କପାଳରେ ଚୁମା ଦେଇ କହିଲି- ସମୟ ସବୁ ଏମିତି । କେବେ ସ୍ୱପ୍ନ କେବେ ସ୍ମୃତି । ଜଣାଅଜଣାରେ ମଣିଷ କେବେ କେବେ ଏମିତି ସମ୍ପର୍କ ଯୋଡ଼ିଦିଏ ଯେ ଯାହାର ସଂଜ୍ଞା ନିରୂପଣ କରିବା ଅନେକ କଷ୍ଟ । ପଣତ କାନିରେ ନିଜର ଆଖି ଲୁହକୁ ପୋଛି ଦେଇ ସେ ଉଠି ପଡ଼ିଲା ଓ କହିଲା- ଆପଣ ମୋ ପାଇଁ ଏକ ଚାଲିବା ରାସ୍ତା । ସେ ରାସ୍ତା ଦେଇ କେତେ ଦୂର ଯାଇପାରେ ତାହା ସମୟ ହତରେ ନିୟନ୍ତ୍ରିତ ହେବ ।

ଯେଉଁ ଭାବପ୍ରବଣତା ମୋ ପାଖରେ ଥିଲା ସେ ସବୁ ମୋ'ଠି ହୋଇ ଯାଉଥିଲା ଅକୁହା କାହାଣୀ । ଯେଉଁ କାହାଣୀର ପୃଷ୍ଠାମାନ ଅତୀତକୁ ଜୀବନ୍ତ କରୁଥାଏ । ସେ ପୁଣି ମୁଁ ବସିଥିବା ଚେୟାର୍‌ର ପଛ ପାଖକୁ ଆସିଲା- ମୋତେ କୋଳାଇ ଧରି ମୋ ଗାଲ ଉପରେ ଗାଲ ରଖି କିଛି କହିବାକୁ ଚାହୁଁଥିବା ବେଳେ ମୁଁ କହିଲି- ନାଇଁ, ତୁମେ ମୋତେ ସେମିତି କୋଳେଇ ଧର । ଯେଉଁ ଅଜଣା ଅକୁହା ଆନନ୍ଦ ମୋ ଭିତରେ ମହକ ବୁଣୁଥିଲା, ସେ ମହକ କେବଳ ମୁଁ ଅନୁଭବ କରୁଥିଲି । ସମୟର ପଣତ ତଳେ ଲୁଚି ଯାଉଥିଲା ଦୁହିଁଙ୍କ ମନର ଭାବନା ।

ଭାବନା ଚିରକାଳ ଯେତିକି ଆନନ୍ଦର ଉତ୍ସ ହୁଏ, ସେତିକି ଦୁଃଖର କାରଣ ହୁଏ । ମୋତେ ସେ ଖୁବ୍ ଜୋର୍‌ରେ ଜଡ଼ାଇ ଧରୁଥିଲା ସତେକି ତାର ଏକାତ୍ମ ଆଲିଙ୍ଗନ ଭିତରେ ମୁଁ ମୋର ସ୍ଥିତି ହରାଉଥିଲି ।

ପ୍ରେମ ସବୁ ଏମିତି, ଯେତିକି ଉଚ୍ଛ୍ୱାସ ଓ ଆବେଗ ଆଣେ, ସେତିକି ବି ଦୁର୍ବଳ କରିପକାଏ । ଚାରିକାନ୍ଥ ଭିତରେ ଥିବା ଜଣେ ପୁରୁଷ ଆଉ ଜଣେ ନାରୀ ଦୁର୍ବଳତାରୁ ବାଦ୍ ଯାଆନ୍ତେ କେମିତି ? ମାନବିକ ପ୍ରବୃତ୍ତିରେ ମଣିଷ ବନ୍ଧା । ଆଉ ସେ ପ୍ରବୃତ୍ତି ହିଁ ମଣିଷର ଶ୍ରେଷ୍ଠ ଆନନ୍ଦ । ମୁଁ ତା'ର ହାତ ଧରି ଆଗକୁ ଟାଣି ଆଣିଲି । ମୋର କୋଳ ଉପରେ ବସାଇ ଦେଇ କହିଲି- ତୁମେ ଯୁଗ ଯୁଗ ପାଇଁ ଏଇଠି ବସିଥାଅ । ତୁମର ସୁନ୍ଦର ଆଖିଯୋଡ଼ିକ ଏମିତି ମୋତେ ନୀରବରେ ପ୍ରେମର ସଂଜ୍ଞା ଓ ପରିଭାଷା ବୁଝାଉଥାନ୍ତୁ । ମୋ କୋଳରେ ବସି ସେ ବୋଧହୁଏ ଚରମ ତୃପ୍ତିର ହସ ଓଠ ଦେଇ ବୁଣି ପକାଉଥିଲା । କିଛି ସମୟ ତା'ର ଆଲିଙ୍ଗନ ଭିତରେ ମୁଁ ଯେଉଁ ସ୍ଥିତି ହରାଇବାକୁ ବସିଥିଲି ସେହି ସ୍ଥିତିକୁ ଫେରି ପାଇବା ପାଇଁ ମୁଁ ଖୁବ୍ ଜୋର୍‌ରେ ଆଲିଙ୍ଗନ କରିବାକୁ ଲାଗିଲି ।

ମଥା ଉପରେ ଘୁରୁଥିବା ପଙ୍ଖାର ଶବ୍ଦ ଠୁ ମୋର ଦୀର୍ଘଶ୍ୱାସ ଶକ୍ତିଶାଳୀ ଥିଲା । ମୋ ଆଗରେ ଚମ୍ପାଗଛର ଫୁଲମାନେ ମହକ ବୁଣି ମୋତେ ମତୁଆଲା କରୁଥିଲେ । ପାପପୁଣ୍ୟର ତରାଜୁକୁ ପଛରେ ପକାଇ ଦେଇ ମୁଁ ମାପୁଥିଲି ତା' ହୃଦୟର ତାତି । ଈଶ୍ୱର ଏମିତି ନୀରବ ଓ ନିରୋଳା ସମୟ କମ୍ ହିଁ ପ୍ରଦାନ କରିଥାନ୍ତି । ସେଦିନ ଦୁହେଁ ଆମେ ଏହି କଥାକୁ ବୁଝିଥିଲୁ । କେତେ ସମୟ ଏମିତି କିଛି କହି ହେବନି । କେବଳ ଆଲିଙ୍ଗନ ଭିତରେ ଯେ ଆତ୍ମସନ୍ତୋଷ ଥାଏ, ସେ କଥା ଯିଏ ଅନୁଭବ କରିଛି ସେ ଜାଣିଛି । କାହାର ଖଟ୍‌ଖଟ୍ ଶବ୍ଦରେ ଦୀର୍ଘ ସମୟ ଧରି ଜନ୍ମ ନେଇଥିବା ମୁହୂର୍ତ୍ତ ଆମ ଠୁ ଦୂରେଇ ଗଲା । ମୁଁ କିନ୍ତୁ ସେଇ ମୁହୂର୍ତ୍ତରୁ ଦୂରେଇ ପାରୁନଥିଲି ।

ମୋତେ ଲାଗୁଥିଲା ଦୀର୍ଘ ଦଶବର୍ଷ ତଳର ଏମିତି ଏକ ଅତୀତ ମୋ ପାଇଁ ସ୍ୱପ୍ନ ହୋଇ ବାସ୍ତବତାର ରୂପ ନେଇ ମୋ ଆଗରେ ଛିଡ଼ା ହୋଇ କହୁଛି- ଏଇ ଦେଖ । ମୁଁ ଆଜି ଯାଏଁ ତୋ ପାଖରେ ଅଛି । ଏହା ଭିତରେ କେତେବେଳେ ସେ ମୋ'ଠୁ ଚାଲି ଯାଇଛି ମୁଁ ଜାଣେନି । କିନ୍ତୁ ମୋ ମନରେ ସୃଷ୍ଟି ହୋଇଥିବା ଉଷ୍ମତା ନ କମି ବଢ଼ିବାରେ ଲାଗିଛି । ସେ ଉଷ୍ମତା ତା' ପାଇଁ ନୁହଁ, ସେ ଉଷ୍ମତାର ଉତ୍ସ ଆଉ ଜଣେ କିଏ ?

ନୀରବତା ଭିତରେ ଦଶବର୍ଷ ତଳେ ଲିଭିଥିବା ମାନସିକ ଉତ୍ତେଜନାଟିଏ ବାରବାର ମୋତେ ଅନ୍ୟମନସ୍କ କରୁଛି । ହଜି ଯାଇଥିବା ସମୟ ମାନ ମୋ ଆଗରେ ଛବି ଭଳି ନୂଆ କାହାଣୀଟିଏ ହୋଇ ମୋତେ ବିବ୍ରତ କରୁଛନ୍ତି ।

ପ୍ରେମ ଏକ ଆବେଗ ଓ ଉତ୍ତେଜନାର ପାହାଚ ଅତିକ୍ରମ କରି ପ୍ରତିଟି ହୃଦୟକୁ ଛୁଉଁଥାଏ । ଆଉ



ଥରେ ଛୁଇଁଗଲା ପରେ ତାକୁ ପାଶୋରି ହୁଏନା କି ଲିଭାଇ ହୁଏନା । ମୋ ଆଗରେ କେଶ ମୁକୁଳା କରି ଦଶବର୍ଷ ତଳର ଏକ ଅଲିଭା ଅତୀତ ଜୀବନ୍ତ ହୋଇ ଉଠୁଛି । କଳାଶାଢ଼ିର ପଣତ ତା'ର ମୋ ଦେହ ସାରା ବିଛେଇ ହୋଇ ପଡୁଛି । କପାଳରେ ସୁନ୍ଦର କଳା ଟିପଟିଏ ତା'ର ଜହ୍ନ ଭଳି ମୁହଁରେ ନିଜର ସ୍ଥିତି ନିୟନ୍ତ୍ରଣ କରୁଛି । ଦୁଇଟା ଓଠ ତା'ର ଧିରେ ଧିରେ ମୋର କପାଳ ପାଖକୁ ଲାଗିଆସି ମୋତେ ବାରବାର ସ୍ପର୍ଶ କରୁଛି । ମୁଁ ତାର କୋଳ ଉପରେ ମଥା ରଖି ମନର ଶୋଷ ମେଣ୍ଟାଉଛି ସିନା ହେଲେ ଅପରିପୂର୍ଣ୍ଣ ଦେହର ଭୋକମାନେ ଖାଲି ନିଜ ଭିତରେ ଯନ୍ତ୍ରଣାରେ ଆଲୁଟୁ ପ । ଉ ଟୁ



ହେଉଛନ୍ତି ।


କଳାଶାଢ଼ିରେ ଖୁବ୍ ସୁନ୍ଦର ଦିଶୁଛି ସେ । ଆଷାଢ଼ ଆକାଶର କଳାମେଘ ଭଳି ସେ ଢାଙ୍କି ପକାଉଛି ମୋର ସମଗ୍ର ସତ୍ତା । ମୋର କାନକୁ ଶୁଭୁଛି ବହୁତ ଦିନରୁ ଶୁଣି ନଥିବା ଚିହ୍ନା ଚିହ୍ନା କିଛି ସ୍ୱର ଓ ଶବ୍ଦର ସମ୍ଭାର । ସତେକି ସେ କହୁଛି- ତୁମକୁ ଛାଡ଼ି ବଞ୍ଚିବା ହିଁ କଷ୍ଟ ହେବ । ହେଲେ ତୁମକୁ ତ ଛାଡ଼ିବାକୁ ହେବ । ମୁଁ ତା' ଛାତି ଉପରେ ମଥା ରଖି ତା'ର ଗଭୀର ମନ ତଳେ ରହିଥିବା ଉଷ୍ମତାକୁ ମାପି ଚାଲିଛି । ସମୟ କାହାକୁ କେତେବେଳେ ଯୋଡ଼େ ଓ କାହାକୁ କେତେବେଳେ ଛଡ଼ାଇ ନିଏ କହି ହେବନି । ଏମିତି ମୁହୂର୍ତ୍ତମାନଙ୍କୁ ସେ ଛଡ଼ାଇ ନେବା ପରେ ବି ପୁଣି କେବେ ଫେରାଇ ଦିଏ, ସେ କଥା ବି ଜାଣି ହୁଏନି । ଅନେକ ଦିନରୁ ବସା ବାନ୍ଧିଥିବା ମନ ତଳର ତାତିଟା ପୁଣିଥରେ ନିଜ ଭିତରେ ଆନ୍ଦୋଳନ ସୃଷ୍ଟି କରୁଛି ଯେମିତିକା ହଜିଲା କଥାସବୁ ଫେରି ଆସିବା ପରେ, ପୋଷା ମାନି ନିଜ ଠି ରହିଯାନ୍ତି ।

ମୁଁ ଆଖି ବୁଜିଦେଇ ବସିଥିବା ଖଟ ଉପରେ ଲୋଟି ପଡ଼ିଲି । ପୁଣି କାହାର ଦୁଇ ଠୋପା ଲୁହରେ ମୋର ଅନ୍ୟମନସ୍କତା ଭାଙ୍ଗିଲା ପରେ ଦେଖିଲି ପୁଣିଥରେ ସେ ଫେରି ଆସିଛି ମୋ ପାଖକୁ ଓ ମୋ ଛାତି ଉପରେ ମଥା ରଖି କଇଁ କଇଁ ହୋଇ କାନ୍ଦୁଛି । ମୋ ଭିତରେ ଏକ ବ୍ୟବଧାନ । ଗୋଟେ ବିତି ଯାଇଥିବା ଅତୀତ, ଆଉ ଗୋଟେ ବର୍ତ୍ତମାନ, ଅଙ୍କୁରୁଥିବା ସ୍ୱପ୍ନ । ମୁଁ ଅତୀତ ଠୁ ଫେରି ଆସିଲି ବର୍ତ୍ତମାନକୁ । ତା'ର ମୁହଁକୁ ଛାତି ଉପରେ ଜଡ଼ାଇ ଧରି କହିଲି- କାନ୍ଦୁଛ ? ଲୁହ ଉପରେ ଦୁର୍ବଳତା ମୋର ଚିରଦିନ । ତଥାପି ସେ ମୋର ଦୁଇ ହାତ ଧରି କହିଲା- ଏ ଲୁହକୁ ବୋହିବାକୁ ଦିଅ । ତା'ର ଝରାଲୁହ ମୋ ଛାତିର ଉଷ୍ମତାକୁ ଶୀତଳ ନକରାଇ ଦ୍ୱିଗୁଣିତ କରୁଥିଲା । ଏକ ଅନ୍ଧାର ଭିତରେ ଆମେ ଦୁଇଜଣ ଗୋଟିଏ ମନପକ୍ଷୀର ଦୁଇଟି ଡେଣା ଭଳି ଅନ୍ଧାରର ଛାତି ଚିରି ଉଡୁଥିଲେ ଯୋଜନ ଯୋଜନ ।

ସମୟ ଗୋଟିଏ ସ୍ଥିତିକୁ ସବୁବେଳେ ସମାନ ରଖିବାକୁ ଦିଏନି । ତା'ର ଧାଇଁବା ବାଟରେ ବଦଳାଇ ଦିଏ ପରିବେଶ ଓ ପରିସ୍ଥିତି । ମୋତେ ଘରକୁ ଫେରିବାକୁ ହେବ । ଘରେ ମୋର ପରିବାର ମୋତେ ଅପେକ୍ଷା କରିଥିବ । ମୁଁ ବାହାରି ପଡ଼ିଲି । ସେ କହିଲା- ପୁଣି କେବେ ଆସିବ ? ଏଇ କ୍ଷଣିକ ସମ୍ପର୍କ ଭିତରେ ଏକ ଯୁଗର ସମ୍ଭାବନାଟିଏ ସୃଷ୍ଟି ହୋଇଗଲା । ଗୋଟିଏ ଆରମ୍ଭରେ ଆମକୁ ବହୁବାଟ ଯିବାକୁ ହେବ । ଫେରିବା ବେଳେ ମୋ ହାତରେ ଚମ୍ପାଫୁଲଟିଏ ଧରାଇ ଦେଇ କହିଲା- ଆଜି ରାତିକ ପାଇଁ ଏଇ ଚମ୍ପାଫୁଲ ମହକରେ ଭିଜି ମୋତେ ତୁମେ ତୁମ ପାଖରେ ରହିବା ପାଇଁ ସୁଯୋଗ ଦେବ । ତା'ର ଆଖି ଦୁଇ ଭାରି ନିଜର ଲାଗୁଥିଲା । ତା'ର ଉଦାସ ମୁହଁର ଆପଣାପଣ ମୋତେ ରାତି ତମାମ୍ ବାନ୍ଧି ରଖିବାକୁ ଚେଷ୍ଟା କରୁଥିଲା । ଶେଷଥର ପାଇଁ ଚମ୍ପାଫୁଲଟି ହାତରେ ଧରି ମୁଁ ତା' କପାଳରେ ଚୁମାଟିଏ ଦେଇ କହିଲି- ଏଇଟା ମୋର ସ୍ୱପ୍ନ । ତା' ଆଖି ଦୁଇଟିକୁ ଚୁମି ଦେଇ କହିଲି- ଏଇଟା ମୋର ପ୍ରାରବ୍ଧ । ତା'ର ଓଠକୁ ଚୁମି ଦେଇ କହିଲି- ଏଇଟା ମୋର ସଂଚୟ ଖାତା । ଚମ୍ପାଫୁଲଟିକୁ ହାତରେ ଧରି କହିଲି- ଆଜି ରାତିକ ତୁମେ ମୋର । ଫେରିବା ବାଟରେ ମୁଁ କେମିତି ନୀରବ ଥିଲି । ଘରେ ପହଞ୍ଚି କଲିଂବେଲ୍ ଟିପିବା ବେଳେ ସ୍ତ୍ରୀ ମୋ ପାଖକୁ ଆସି କହିଲା- ଆଜି ଟିକେ ବିଳମ୍ବ ହେଲା ଯେ ? ମୋତେ କିଛି ଉତ୍ତର ଫେରାଇବାକୁ ଇଚ୍ଛା ହେଉ ନଥିଲା । ଘରକୁ ପଶିବା ବେଳେ ଚମ୍ପାଫୁଲର ମହମହ ବାସ୍ନା ଖାଲି ମୋ ସହ ସନ୍ଧି କରୁଥିଲା ତାହା ନୁହଁ, ସମଗ୍ର ଘରକୁ ମହକିତ କରୁଥିଲା । ମୋତେ ଲାଗୁଥିଲା ଏଯାଏଁ ସେ ମୋତେ ନଛାଡ଼ି ମୋ ସହ ମୋ ଘରକୁ ଚାଲି ଆସିଛି । ଘର ଭିତରକୁ ପଶିଲା ବେଳେ ସ୍ତ୍ରୀ ମୋର ପଚାରୁଥିଲା- ତୁମକୁ ଚମ୍ପାଫୁଲ ଦେଇଛି କିଏ ? ମୁଁ ନିରୁତ୍ତର ଥିଲି । ପୁଣି ପ୍ରଶ୍ନ କଲା- ତମର ତ ମଲ୍ଲୀଫୁଲ ଆପଣାର । ପୁଣି ମଝିରେ ମଝିରେ ଚମ୍ପା କେଉଁଠୁ ପାଅ ? ତଥାପି ମୁଁ ନିରୁତ୍ତର । ସେ ମୋ ପାଖକୁ ଲାଗି ଆସି କହିଲା- ତୁମକୁ ଗୋଟେ କଥା ପଚାରିବି । ସତ କହିବ । ସେ ଆଉ କିଛିନକହି ରାତ୍ରି ଭୋଜନର ବନ୍ଦୋବସ୍ତ ଆରମ୍ଭ କଲା ଓ ଖାଇ ସାରିବା ପରେ ବିଛଣାକୁ ଆସି ଆଲୁଅ ଲିଭାଇ ଦେଲା । ଚମ୍ପାଫୁଲଟି ଗୋପନରେ କିନ୍ତୁ ମୋ ଶୋଇବା ବିଛଣା ପାଖେ ରହିଥିଲା । ଅନ୍ଧାର ଭିତରେ ସେ ପଚାରୁଥିଲା- ମୋ ଦେହ ଛୁଅଁ, ଯାହା ପଚାରିଲେ ସତ କହିବ । ମୁଁ ତା'ର ଦେହ ଛୁଇଁ କହିଲି- ପଚାର । ସେ କହିଲା- ତମକୁ ଚମ୍ପାଫୁଲ ଦେଲା କିଏ ? କିଛି ସମୟ ନୀରବ ରହିଲି । ସ୍ତ୍ରୀର ଦେହ ଛୁଇଁ କେହି କଣ ମିଛ କହି ପାରେ ? ସନ୍ଧ୍ୟାରେ ଗୋଟିଏ ଅନ୍ଧାରରେ ଆରମ୍ଭ ହୋଇଥିବା ଆନନ୍ଦ ରାତିର ଆଉ ଏକ ଅନ୍ଧାର ଭିତରେ ଆଶଙ୍କା ବନି ଯାଉଥିଲା । ଏ ଅନ୍ଧାର ଚିରକାଳ ଏମିତି । ଯେତିକି ଆନନ୍ଦ ଦିଏ ସେତିକି ବି ଆଶଙ୍କା ସୃଷ୍ଟି କରିପାରେ । କିଛି କ୍ଷଣ ନୀରବ ରହି କହିଲି- ଚମ୍ପା ଗଛ । ସେ କହିଲା- କେଉଁ ଚମ୍ପାଗଛ ? ମୁଁ କହିଲି- ଯେଉଁ ଚମ୍ପାଗଛ ସବୁବେଳେ ଅପହଞ୍ଚ, ଯାହାଠୁ ଫୁଲଟିଏ ପାଇବା ପାଇଁ, ହାତ ବଢ଼ାଇଲେ ହାତ ପାଏ ନାହିଁ । ସେ କହିଲା- କିନ୍ତୁ ମୋ ମଲ୍ଲୀଗଛ ପହଞ୍ଚିବା ପାଇଁ ଯେତିକି ସହଜ, ଛୁଇଁବା ପାଇଁ ବି ସେତିକି ସହଜ । ଅନ୍ଧାରରେ ମୁଁ ଦେଖି ପାରିନଥିଲି ମୋ ସ୍ତ୍ରୀର ଆଖି । କଳି ପାରୁନଥିଲି ତା' ମନର ଦିଗ । ଖାସ୍ ମୋ ପାଖରେ ଥିବା ଚମ୍ପା ମହମହ ବାସ୍ନା ବୁଣି ସନ୍ଧ୍ୟା ଠୁ ସୃଷ୍ଟି ହୋଇଥିବା ଅନ୍ୟମନସ୍କତାକୁ ବଞ୍ଚାଇ ରଖୁଥିଲା । କିଛି ସମୟ ନିରବତା ପରେ ମୋ ସ୍ତ୍ରୀର ଛୋଟ ଉତ୍ତରଟିଏ ଥିଲା- କବିମାନେ ଚିରକାଳ ଏମିତି । କେବେ କେବେ ତାଙ୍କ ବାସ୍ତବତା ତାଙ୍କ ପାଇଁ କଳ୍ପନା ଓ କେବେ କେବେ କଳ୍ପନା ହିଁ ବାସ୍ତବତା । କିଛି ସତ ତାଙ୍କ ପାଇଁ ମିଛ ଓ କିଛି ମିଛ ତାଙ୍କ ପାଇଁ ସତ । ଅନ୍ଧାର ଛାତିରେ ଚମ୍ପାଫୁଲର ମହକ, ମଲ୍ଲୀର ମହକ, କଳ୍ପନା ଓ ବାସ୍ତବତା ଭିତରେ ଯୁଦ୍ଧ ଲାଗିଥିବା ବେଳେ ମୁଁ ମୋ ଅପହଞ୍ଚ ଚମ୍ପାଗଛ ସହ ସନ୍ଧି କରି ଭାବୁଥିଲିଁ: ସତରେ କବିମାନେ ଚିରକାଳ ଏମିତି ।

କଥା-କାହାଣୀ-୩

# ଅନ୍ତରୀକ୍ଷରୁ ଦିଗନ୍ତ



## ଡକ୍ଟର ସିନ୍ଧୁ ସେନ୍

ବାରବାଟୀ, ବାଲେଶ୍ୱର
ଫୋନ :୯୩୩୭୫୮୦୦୪୫

ଚିତ୍ର : ଶିଳ୍ପୀ ସଂଜୟ ରାଉଳ


**କିନ୍ନର ଭାବେ ଜନ୍ମ ନେବାରେ ତାର ଦୋଷ କେଉଁଠି ? ନିଜ ରକ୍ତର ବାପା ତାଙ୍କୁ କେବଳ ଏଇଥିପାଇଁ ଘରୁ ତଡ଼ିଦେଲେ । ବଡ଼ଭାଇଙ୍କର ଘୃଣା ଦୃଷ୍ଟି, ଆତ୍ମୀୟ ସ୍ୱଜନମାନଙ୍କର କଟାକ୍ଷ, ସମାଲୋଚନା ତାକୁ ଘର ଛାଡ଼ିବାକୁ ବାଧ୍ୟ କରିଥିଲା । ଅବଶ୍ୟ ମାଆ ସେଥିପାଇଁ ବହୁତ ମନ ଦୁଃଖ କରିଥିଲେ । ତାକୁ ଝୁରି ହେଉଥିଲେ ।**

- ଶହେ ସତଚାଳିଶ ନମ୍ବର ବେଡ୍‌ର ପେସେଣ୍ଟର ଚେତା ଫେରି ଆସିଲାଣି ମ୍ୟାଡ଼ାମ୍ । ଶୀଘ୍ର ଆସନ୍ତୁ ।

ଚେମ୍ବର୍‌ରେ ଅନ୍ୟମନସ୍କ ଥିଲେ ଡାକ୍ତର ରଞ୍ଜିତା ପ୍ରଧାନ । ଗତ କିଛିଦିନ ଧରି ଶୁଭକାନ୍ତ ବାବୁଙ୍କର ଚେତା ଫେରୁନଥିଲା । ସ୍ନାୟବିକ ଦୁର୍ବଳତା, ମୁଣ୍ଡରେ ଆଘାତ ଜନିତ ରକ୍ତସ୍ରାବ, ସେଥିରେ ପୁଣି ଡାଇବେଟିସ୍, ବ୍ଲଡ଼ପ୍ରେସର୍‌ର ମାତ୍ରା ବୃଦ୍ଧି । ଏପରି କେଶ୍‌ରେ ରୋଗୀର ବଞ୍ଚିବାର ସମ୍ଭାବନା ବହୁତ କମ୍ । ତା'ଛଡ଼ା ତାଙ୍କ ପାଖରେ ନିଜର କେହି ଆତ୍ମୀୟସ୍ୱଜନ ମଧ୍ୟ ଉପସ୍ଥିତ ନଥିଲେ ।

ସେଦିନ ଅର୍ଦ୍ଧରାତ୍ରିରେ ଏକ୍‌ସିଡେଣ୍ଟ ଜନିତ ଗୁରୁତର ଆହତ ଅବସ୍ଥାରେ କେହି ଜଣେ ଅପରିଚିତ ବ୍ୟକ୍ତି ତାଙ୍କୁ ହସ୍‌ପିଟାଲ୍‌ରେ ଏଡ଼ମିଶନ୍ କରାଇ ଦେଇଥିଲେ । ଗଲାବେଳେ କହି ଯାଇଥିଲେ ତାଙ୍କର ଏକମାତ୍ର ପୁଅ ଆମେରିକାରେ ଅବସ୍ଥାନ କରନ୍ତି । ଯିଏକି, ଏବେ ଆସିବା ଅବସ୍ଥାରେ ନାହାନ୍ତି । ଫୋନ୍ ନମ୍ବରିଏ ଦେଇ କହି ଯାଇଥିଲେ, ମ୍ୟାଡ଼ାମ୍, ଏଇ ଫୋନ୍‌ରେ ଯୋଗାଯୋଗ କରିବେ । ଯାହା ଦରକାର ମୋତେ ଜଣାଇବେ । ବହୁତ ଅନୁନୟ, ବିନୟ ହୋଇ କହିଥିଲେ, ଆପଣଙ୍କୁ ଲାଗିଲା ମ୍ୟାଡ଼ାମ୍, ଟିକିଏ ଦେଖିବେ ।

ପେସେଣ୍ଟର ନାମ ଶୁଭକାନ୍ତ ପ୍ରଧାନ । ରିଟାୟାର୍ଡ଼ ବ୍ୟାଙ୍କ୍ ଅଫିସର୍, ଘର ଠିକଣା ସାଲେପୁର । କଟକ-ଭୁବନେଶ୍ୱର ରାସ୍ତାରେ ଏକ୍‌ସିଡେଣ୍ଟ ହୋଇ ଏଇ ନର୍ସିଂହୋମ୍‌ରେ ଏଡ଼ମିଶନ୍ ହୋଇଛନ୍ତି ।

ଲେଡି ଡାକ୍ତର ରଞ୍ଜିତା ପେସେଣ୍ଟଙ୍କୁ ଯେତେ ଯେତେ ଦେଖୁଥିଲେ ସେତିକି ସଂଶୟ ଜାଗୁଥିଲା ମନରେ । ସେଇ ରୂପ, ଏକା ଚେହେରା, ସବୁ ମିଶି ଯାଉଛି । ଆମେରିକାରେ ରହୁଥିବା ପୁଅର ନାମ ଇଂ ନିଶିକାନ୍ତ ପ୍ରଧାନ । ସବୁ ତ ଠିକ୍ ଅଛି । କିନ୍ତୁ, ତାଙ୍କୁ ଏଡ଼ମିଶନ୍ କରିଥିବା ବ୍ୟକ୍ତି ଜଣକ କିଏ ? ପେସେଣ୍ଟ ସହ ତାଙ୍କର ସଂପର୍କ କଣ ? କିଛି ଜାଣି ହେଉନି । ଏମିତି ଅନେକ ଦ୍ୱନ୍ଦ୍ୱ ମଧ୍ୟରେ ତାଙ୍କ ମନରେ ଉଙ୍କି ମାରୁଥିବା ଅନେକ ପ୍ରଶ୍ନର ଉତ୍ତର ସେ ଖୋଜି ପାଉନଥିଲେ । କାହାକୁ ସେ ପଚାରିବେ ?

ସେ ପଟୁ ସିଷ୍ଟର୍‌ର ପାଟି ଶୁଭୁଥିଲା । ହସ୍‌ପିଟାଲ୍‌ରେ ଏଡ଼ମିଶନ୍ ପର ଠାରୁ ଶୁଭକାନ୍ତ ବାବୁ ଆଖି ଖୋଲିନଥିଲେ । ଏବେ ଚେତା ଫେରିବା ପରେ ସେ ଆଖି ଖୋଲିଥିବେ । ତେଣୁ ତାଙ୍କ ସାମ୍ନାକୁ ଯିବା ଠିକ୍ ହେବ କି ନାହିଁ, ସେହି ଦ୍ୱନ୍ଦ୍ୱରେ ସେ କ'ଣ କରିବେ ଭାବି ପାରୁନଥିଲେ । ଶୁଭକାନ୍ତ ବାବୁ ଚିହ୍ନି ପାରନ୍ତୁ କି ନ ନପାରନ୍ତୁ, ତାଙ୍କର କିନ୍ତୁ ତାଙ୍କୁ ଚିହ୍ନିବାକୁ ଭୁଲ୍ ହୋଇନି ।

ମନେ ପଡ଼ି ଯାଉଥିଲା ଅତୀତର ହଜିଲା ସ୍ମୃତିସବୁ । ରଜନୀକାନ୍ତରୁ ରଞ୍ଜିତା...କେତେ ଦୂରତ୍ୱ । ସତେ ଯେମିତି ଅନ୍ତରୀକ୍ଷରୁ ଦିଗନ୍ତ ତାର ବ୍ୟାପ୍ତି । କେତେ ବ୍ୟଥା, ବେଦନା, କ୍ଷୋଭ, ଶୋକ, ପୁଣି କେତେ ପ୍ରତାରଣା, ଲାଞ୍ଛନା, ନିର୍ଯ୍ୟାତନା ଆଉ ଆସକ୍ତି ।

ସାଲେପୁର ଗାଁରେ ସେମାନେ ଥିଲେ ଏକ ସୁଖୀ ପରିବାର । ବାପାମାଆ ଦୁଇ ସନ୍ତାନ ସହ ବେଶ୍ ସ୍ୱଚ୍ଛଳ ଭାବେ ଚଳୁଥିଲେ ସମାନେ । ବଡ଼ ନିଶିକାନ୍ତ ଆଉ ସାନ ରଜନୀକାନ୍ତ । ଉଭୟ ଥିଲେ ମେଧାବୀ ଛାତ୍ର । ସ୍କୁଲ୍‌ରେ ପଢୁଥିବା ସମୟରେ ଉଭୟଙ୍କ ପ୍ରତିଭା ବିକଶିତ ହୋଇଥିଲା । ବେଶ୍ ସୁଖଦୁଃଖରେ ସେମାନଙ୍କର ଅତିବାହିତ ହେଉଥିଲା ସମୟ । କିଛି ବର୍ଷ ଅବ୍ୟାହତି ପରେ ସାନ ରଜନୀକାନ୍ତର ଚାଲିଚଳଣରେ କିଛିଟା ଖାପଛଡ଼ା ଲକ୍ଷଣ ଦେଖାଗଲା । ଏପରିକି, ରଜନୀକାନ୍ତ ଘରେ ବେଶି ସମୟ ନରହି ବାହାରେ ସାଙ୍ଗମାନଙ୍କ ପାଖରେ ସମୟ କଟାଉଥିଲା । ପିଲାଟିର ଏପରି ଲକ୍ଷଣମାନ ଦେଖି ବାପା ଡାକ୍ତରୀ ପରୀକ୍ଷା କରାଇଲେ । ରଜନୀକାନ୍ତ ଯେ କିନ୍ନର ଏହା ଜଣାପଡ଼ିବା ପରେ ବାପାଙ୍କର ପିଲାଟି ପ୍ରତି ସ୍ନେହ, ଶ୍ରଦ୍ଧା ତ ଦୂରର କଥା, ଘୃଣା ଉଦ୍ରେକ ହେଉଥିଲା । ପରିସ୍ଥିତି ଏମିତି


▶ ଗାଳ୍ପିକା ସିନ୍ଧୁ ସେନ

**କାହାଣୀ ପଛର କାହାଣୀ**

**ସମାଜର ଅବହେଳିତ ଚରିତ୍ରମାନଙ୍କ ଜୀବନ କାହାଣୀକୁ ନେଇ ଗଳ୍ପଟି ଗତିଶୀଳ । ଆଜିର ଯୁଗରେ କିନ୍ନରମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ମିଳିଥିଲେ ମଧ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେମାନଙ୍କୁ ସଂଘର୍ଷ କରିବାକୁ ପଡୁଛି । ସେହି ସଂଘର୍ଷ ମଧରେ ଗଳ୍ପର ନାୟିକା ଡାକ୍ତର ରଞ୍ଜିତା ପ୍ରଧାନ ଜୀବନରେ ହାରି ନଯାଇ ବରଂ ସଫଳ ହୋଇଛନ୍ତି । ନିଜ ପରିବାର ତଥା ଜନ୍ମିତ ପିତାମାତାଙ୍କ ପାଖରୁ ଅବହେଳାର ଶିକାର ହୋଇ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି ଡାକ୍ତର ରଞ୍ଜିତା । ତାଙ୍କ ଆଖିରୁ ଝରି ପଡୁଥିବା ଲୁହ ସ୍ରୋତର ବ୍ୟାପ୍ତତା ହୋଇପାରେ ଅନ୍ତରୀକ୍ଷରୁ ଦିଗନ୍ତ । ତଥାପି ସ୍ୱକୀୟ ପ୍ରତିଭା ଓ ଦକ୍ଷତା ପାଇଁ ସେ ପାଇଛନ୍ତି ଅନେକ ପ୍ରତିଷ୍ଠା, ଆଉ ସମ୍ମାନ... ।**

ହେଲା, ଶେଷରେ ରଜନୀକାନ୍ତଙ୍କୁ ନାନା ଲାଞ୍ଛନା, ନିର୍ଯାତନା ଦେଇ ଘରୁ ବିତାଡ଼ିତ କରାଗଲା । ସେଦିନ ବଞ୍ଚିବା ପାଇଁ ରଜନୀକାନ୍ତଙ୍କୁ ଜୀବନ ସହ ଅନେକ ସଂଗ୍ରାମ କରିବାକୁ ପଡ଼ିଥିଲା । କିନ୍ନରମାନଙ୍କ ମେଳରେ ତାଙ୍କୁ ରହିବାକୁ ପଡୁଥିଲା ।

କଥାରେ କହନ୍ତି, ଦୈବ ଯାହାକୁ ସହାୟ ହୁଅନ୍ତି, ତାର ଭାଗ୍ୟ ବଦଳିଯାଏ । ଭାଗ୍ୟ ଉପରେ ବିଶ୍ୱାସ ରଖି ରଜନୀକାନ୍ତ ଧୈର୍ଯ୍ୟହରା ହୋଇ ନଥିଲେ । ନିଜ ଗୋଡ଼ରେ ଠିଆ ହୋଇ ଶେଷରେ ଡାକ୍ତରୀ ପାଶ୍ କଲେ । ଅପରେସନ ଜରିଆରେ ରଜନୀକାନ୍ତରୁ ରଞ୍ଜିତାରେ ରୂପାନ୍ତରିତ ହେଲେ ।

ଭୁବନେଶ୍ୱରର ଏକ ଘରୋଇ ନର୍ସିଂହୋମ୍‌ରେ ଏବେ ସେ ଲେଡ଼ି ଡାକ୍ତର ରଞ୍ଜିତା ପ୍ରଧାନ ଭାବେ ପରିଚିତା । ନିଜକୁ ସ୍ୱାବଲମ୍ବୀ କରି ଏକ ଦକ୍ଷ ବିଶେଷଜ୍ଞ ଡାକ୍ତର ଭାବେ ପ୍ରତିଷ୍ଠା ପାଇ ପାରିଛନ୍ତି । ଏବେ ବି ତାଙ୍କ ମନରେ ଉଙ୍କି ମାରେ ସେଇ ପ୍ରଶ୍ନ ।

କିନ୍ନର ଭାବେ ଜନ୍ମ ନେବାରେ ତାର ଦୋଷ କେଉଁଠି ? ନିଜ ରକ୍ତର ବାପା ତାଙ୍କୁ କେବଳ ଏଇଥିପାଇଁ ଘରୁ ତଡ଼ିଦେଲେ । ବଡ଼ଭାଇଙ୍କର ଘୃଣା ଦୃଷ୍ଟି, ଆତ୍ମୀୟ ସ୍ୱଜନମାନଙ୍କର କଟାକ୍ଷ, ସମାଲୋଚନା ତାଙ୍କୁ ଘର ଛାଡ଼ିବାକୁ ବାଧ୍ୟ କରିଥିଲା । ଅବଶ୍ୟ ମାଆ ସେଥିପାଇଁ ବହୁତ ମନ ଦୁଃଖ କରିଥିଲେ । ତାଙ୍କୁ ଝୁରି ହେଉଥିଲେ ।

ଆଉ ଆଜି, ଦୀର୍ଘ ବର୍ଷ ପରେ ଶୁଭକାନ୍ତ ବାବୁଙ୍କ ସହ ତାଙ୍କର ଭେଟ, ପ୍ରଥମ ପରିଚୟରୁ ତାଙ୍କୁ ଚିହ୍ନିବାରେ ତାଙ୍କର ଭୁଲ୍ ନଥିଲା । ତେବେ ବି ମନରେ ସଂଶୟ ଜାଗୁଥିଲା । ବାପା ଏଠାରେ ଏକା.. ? ସଂଗରେ ଆସିଥିବା ଦିବାକର ନାୟକ ନାମକ ଲୋକଟି କିଏ ?

ବାପା କ'ଣ ତେବେ କଟକ ଘର ଛାଡ଼ି ଗାଁରେ ରହୁଛନ୍ତି । ନହେଲେ ଠିକଣା କାହିଁକି ସାଲେପୁର ଲେଖା ହୋଇଛି । ପିଲାବେଳେ କେବେ କେମିତି ସେମାନେ ଗାଁକୁ ଯାଉଥିଲେ । ଗାଁରେ ମାଟିଘର, ଜମିବାଡ଼ି, ପୋଖରୀ ସବୁ ଥିଲେ ମଧ୍ୟ ବାପା ସେତେବେଳେ ଗାଁରେ ରହିବାକୁ ଚାହୁଁ ନଥିଲେ । ତେଣୁ କଟକ ସହରରେ ଜାଗା କିଣି ଘର ତୋଳାଇଥିଲେ । ଆଉ ସମସ୍ତେ ସେଇ କଟକ ଘରେ ରହୁଥିଲେ । ଗାଁରେ ରହୁଥିବା ମୂଲିଆ ସବୁ କିଛି ବୁଝାବୁଝି କରୁଥିଲା । ତେବେ, ସେଇ ମୂଲିଆ ଜଣକ କଣ ଦିବାକର । ଯିଏକି ଗାଁରେ ବାପାଙ୍କ ପାଖରେ ରହୁଥିଲା ।

ବଡ଼ ଭାଇ ଇଞ୍ଜିନିୟର । ତାଙ୍କୁ ବାପା ପାଖରେ ରଖି ମଣିଷ କରିଥିଲେ । ଆହୁରି ଅଧିକ ପଢ଼ିବାକୁ ବିଦେଶ ପଠାଇଥିଲେ । ତେବେ, ବାପାଙ୍କୁ କ'ଣ ସେ ପାଖରେ ରଖି ନାହାନ୍ତି ! ନା, ବିଦେଶିନୀ ବୋହୂ ପାଇବା ପରେ ଜାଣିଶୁଣି ବାପାଙ୍କ ଠାରୁ ଦୂରେଇ ଯାଇଛନ୍ତି !

ଡାକ୍ତର ରଞ୍ଜିତା ଭାବୁଥିଲେ, ତାଙ୍କ ଅନୁପସ୍ଥିତିରେ ଘରେ ଅନେକ କିଛି ଘଟଣା ଘଟି ଯାଇଛି । ତା ବିଷୟରେ ଘର ଲୋକେ କେହି ଖୋଜ୍ ଖବର ରଖି ନାହାନ୍ତି । ମାତ୍ର ସେ ଯେଉଁଠି ରହୁଥିଲେ ବି ଘରର ଟିକିନିଖି ଖବର ନେବାକୁ ଚେଷ୍ଟା କରିଛି । ଏତିକି ବି ଜାଣିଛି, ମାଆ ତାଙ୍କର ଆରପାରିକୁ ଚାଲି ଯାଇଛନ୍ତି, ଆଉ ବଡ଼ଭାଇ ଆମେରିକାକୁ ଉଚ୍ଚଶିକ୍ଷା ପାଇଁ ଯାଇ ସେଠାରେ ଏକ ବିଦେଶିନୀକୁ ପ୍ରେମ ବିବାହ କରିଛନ୍ତି । ତେବେ, ଏହା ମାଧ୍ୟମରେ ବାପା ଯେ ଗାଁ ଘରେ ରହୁଛନ୍ତି, ସେ ଧାରଣା ତାର ନଥିଲା । କି ବାପାଙ୍କ ସହ କେବେ ଦିନେ ଭେଟ ହେବ, ସେ ବିଶ୍ୱାସ ମଧ୍ୟ ନଥିଲା ।

ସେ ତ ଘରେ ଲୋକଙ୍କ ପାଖରେ ଅସ୍ପୃଶ୍ୟ ଥିଲା । ସେମାନଙ୍କ ଦ୍ୱାରା ଅବହେଳିତ ହୋଇଥିଲା । ତାଙ୍କୁ ଘରୁ ବାହାର କରିଦେବା ପରେ ମଧ୍ୟ ସେ ଭାଙ୍ଗି ପଡ଼ିନଥିଲା । ଧୈର୍ଯ୍ୟର ସହ ସବୁ ଦୁଃଖ କଷ୍ଟକୁ ସାମ୍ନା କରି ସେ ଡାକ୍ତରୀ ପାଠ ପଢ଼ି ସ୍ୱାବଲମ୍ବୀ ହୋଇଥିଲା । ଶେଷରେ ରଜନୀକାନ୍ତରୁ ରଞ୍ଜିତା ରୂପରେ ଆଜି ସେ ସମାଜରେ ପରିଚିତା,

**ଏଇ ଆକାଶ ବକ୍ଷରେ ଲେଖା ହୋଇ ରହିଛି କେତେ ମଣିଷର କାହାଣୀ । ତା' ଜୀବନ କାହାଣୀ ସେମିତି ଅନ୍ତରୀକ୍ଷ ବକ୍ଷରେ ଲେଖା ହୋଇ ରହିଯାଇଛି । କେତେ ବ୍ୟଥା, ବେଦନା, ଅଶ୍ରୁ ମଧ୍ୟରେ ଜୀବନ ଗଢ଼ି ଆସିଛି ଆଗକୁ ଆଗକୁ । ପ୍ରତିଟି ଦିନର, ପ୍ରତିଟି ଘଟଣା, ପ୍ରତିଟି ମୁହୂର୍ତ୍ତର ଚିନ୍ତା, ଚେତନା ରାଜିକୁ ଯେତେ ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କୁ କ'ଣ ସହଜରେ ଭୁଲି ପାରୁଛି । ତେଣୁ ଯେତେ ଶତ୍ରୁତା ଥିଲେ ମଧ୍ୟ ସମ୍ପର୍କ କେବେ ଛିଡ଼ିଯାଏ ନାହିଁ । ବରଂ ଆହୁରି ତୀବ୍ର ହୁଏ ସେ ସମ୍ପର୍କ ।**

ତେବେ ଗୋଟିଏ କଥା ସେ ବୁଝି ପାରେନି ।

ଜନ୍ମ, ମୃତ୍ୟୁ ଯଦି କାହାରି ହାତରେ ଲେଖା ନାହିଁ, ବିଧିର ବିଧାନରେ ନିର୍ଦ୍ଦିଷ୍ଟ, ତେବେ, କିନ୍ନର ହେଇ ଜନ୍ମ ନେବାରେ ତାର ଦୋଷ କେଉଁଠି ? ଶିଖଣ୍ଡୀ ତ ପୁଣି କିନ୍ନର ହୋଇ ଜନ୍ମ ନେଇଥିଲେ । ଆଉ ମହାବୀର ପିତାମହ ଭୀଷ୍ମଙ୍କର ପତନର କାରଣ ହୋଇଥିଲେ । ଯାହାଙ୍କ ହାତରେ ଇଚ୍ଛାମୃତ୍ୟୁର ବର ଥିଲା । ସେପରି ମହାନ ଯୋଦ୍ଧାଙ୍କ ହାତରୁ ଅସ୍ତ୍ର କାଢ଼ି ନେଇ ପାରିଥିଲେ ଜଣେ କିନ୍ନର । ଯାହା ଫଳରେ ମହାଭାରତ ଯୁଦ୍ଧର ଶେଷ ପର୍ଯ୍ୟାୟକୁ ଶରଶଯ୍ୟା ମଧ୍ୟରେ ରହି ପିତାମହ ଭୀଷ୍ମ ଦର୍ଶନ କରିବାକୁ ସୁଯୋଗ ପାଇଥିଲେ । କାହିଁ ସେଦିନ ତ ଶିଖଣ୍ଡୀକୁ କେହି ତଡ଼ି ଦେଇ ନଥିଲେ, କି ତାଙ୍କୁ କିନ୍ନର ବୋଲି ଲାଞ୍ଛିତ କି ଅପମାନିତ କରାଯାଇ ନଥିଲା ।

ତେବେ, ଆଜିର ସମାଜରେ ଏପରି ତାରତମ୍ୟ କାହିଁକି ? ମଣିଷ ମଣିଷ ମଧ୍ୟରେ ଏତେ ପ୍ରଭେଦ କାହିଁକି ? ଏଇଥିପାଇଁ ଆମ ସମାଜ ବ୍ୟବସ୍ଥା ହିଁ ଦାୟୀ । କିନ୍ନରମାନେ କ'ଣ ପାଇଁ ସମାଜରେ ବାସନ୍ଦ ହୋଇଥାନ୍ତି । ସେମାନଙ୍କ ପାଖରେ ଯେ କିଛି ପ୍ରତିଭା ଅଛି, କେତେ ଜ୍ଞାନ ରହିଛି, ସେମାନଙ୍କର ମନ, ବିବେକ ରହିଛି, ତାହା କେହି କେବେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ଏବେ ଅବଶ୍ୟ କିନ୍ନରମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ମିଳିଲାଣି । ତଥାପି ବାସ୍ତବ କ୍ଷେତ୍ରରେ ଏବେ ବି ସେମାନେ ଅବହେଳିତ । ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ୍ କରାଯାଇ ପାରୁନାହିଁ ।

ରଞ୍ଜିତା ଭାବେ, ସମାଜକୁ ଗଢ଼ିଛି କିଏ ? କିଏ ତିଆରି କରିଛି ? ଯାଯାବର ମଣିଷ ଯେତେବେଳେ ଅରଣ୍ୟ ମଧ୍ୟରେ ପଶୁସମ ଜୀବନ ଯାପନ କରୁଥିଲା, ସେତିକିବେଳୁ ଦଳଦଳ ହୋଇ ବିଚରଣ କରିବା ଆଳରେ ସୃଷ୍ଟି ହୋଇଥିଲା ସମାଜ । ତା'ପରେ ଘର ଆଉ ପରିବାର । ଯାଯାବର ଜୀବନ ଛାଡ଼ି ସ୍ଥାୟୀ ବାସିନ୍ଦା ଭାବେ ଜୀବନ ନିର୍ବାହ କଲା । ପରେପରେ ଆରମ୍ଭ ହୋଇଥିଲା ଜୀବନଜୀବିକା । ସେଇ ସବୁ ମାଧ୍ୟମରେ ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରି ଶେଷରେ ଗଢ଼ି ଉଠିଲା ସଭ୍ୟସମାଜ । ତଥାପି ସାମାଜିକ ଜୀବନରେ ଏତେ ତାରତମ୍ୟ

କାହିଁକି ? ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ । ଏହା କେବଳ ସ୍ଲୋଗାନ୍ ହୋଇ ଫାଇଲ୍ ତଳେ ଚାପି ହୋଇଗଲା । କିନ୍ତୁ ବାସ୍ତବ କ୍ଷେତ୍ରରେ ଅନେକ ଅସମାନତା, ଅନେକ ବିଭେଦର ପାଚେରୀ । ସେଇଥିପାଇଁ ତ ଏତେ ହିଂସା, ଦ୍ୱେଷ, ଈର୍ଷା, ଭେଦଭାବ ଆଉ ଶ୍ରେଣୀ ସଂଘର୍ଷ ।

ରଞ୍ଜିତା ମନରେ ଉଙ୍କିମାରେ ଅନେକ ପ୍ରଶ୍ନବାଚୀ । ପରିବାର ଲୋକେ ତାକୁ ତ ମୃତ ବୋଲି ଧରି ନେଇଥିଲେ । ଆଉ ସେ ଯଦି ନିଜ ପ୍ରଚେଷ୍ଟାରେ ରଜନୀକାନ୍ତରୁ ରଞ୍ଜିତା ହୋଇ ନଥାନ୍ତା, ସେ ବି ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରି ପାରିନଥାନ୍ତା, କିମ୍ବା ପ୍ରତିଷ୍ଠିତ ଡାକ୍ତରଟିଏ ବୋଲି ନିଜ ପାଇଁ ସ୍ୱତନ୍ତ୍ର ପରିଚୟଟିଏ ସୃଷ୍ଟି କରି ପାରିନଥାନ୍ତା, ଏସବୁ ଭାବିଲେ ତା ନିଜ ଉପରେ ଅଭିମାନ ଆସେ । ତଥାକଥିତ ସମାଜ ଉପରେ ଘୃଣା ଜାଗେ ମନରେ ।

ଦୀର୍ଘ ବର୍ଷ ବର୍ଷ ଧରି ଘର ଠାରୁ ଦୂରରେ ଥାଇ ସେ ସିନା ଆଜି ମଣିଷ ପରି ମଣିଷଟିଏ ହୋଇ ଛିଡ଼ା ହୋଇ ପାରିଛି, ମାତ୍ର ନିଜ ପରିବାର ଲୋକଙ୍କ ସହ ଭେଟିବାର ସୁଯୋଗ ପାଇନି କି ମନରେ ଆଶା ମଧ୍ୟ ରଖିନି ।

ଏବେ ନିଜସ୍ୱ ଡାକ୍ତରୀ ବୃତ୍ତି ମାଧ୍ୟମରେ ବାପାଙ୍କୁ ଖୁବ୍ ପାଖରେ ପାଇ ବି ପରିଚୟ ଦେଇ ପାରୁନି । ସେଦିନ ଅଚେତ ଅବସ୍ଥାରେ ଶଯ୍ୟାଶାୟୀ ବାପାଙ୍କୁ ଦେଖି ବ୍ୟଥିତ ହୋଇ ପଡ଼ିଥିଲା ରଞ୍ଜିତା, ଯେତେ ଯାହା ହେଲେ ମଧ୍ୟ ରକ୍ତର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି । ତାକୁ କ'ଣ ସହଜରେ ଭୁଲିହୁଏ !

ରଞ୍ଜିତା ସେଦିନ ରାତିରାତି ଜଗି ରହି ଚିକିତ୍ସା କରୁଥିଲା । ହସ୍‌ପିଟାଲ୍‌ର ସମସ୍ତ କର୍ମଚାରୀ ତାଙ୍କର ଏମିତି ନିଷ୍ଠା, ପରିଶ୍ରମ ଦେଖି ସ୍ତମ୍ଭୀଭୂତ ହୋଇ ପଡ଼ିଥିଲେ । ଘରକୁ ଯିବା କଥା ମଧ୍ୟ ସେ ଭୁଲି ଯାଇଥିଲେ । ଚେତା ନଫେରିବା ପର୍ଯ୍ୟନ୍ତ ତାଙ୍କର ଟେନ୍‌ସନ୍ କମୁ ନଥିଲା । ହେଲେ, ଆଜି ଚେତା ଫେରିବା ପରେ ବି ସେ ଶୁଭକାନ୍ତ ପ୍ରଧାନଙ୍କ ସହ ସାମ୍ନା ସାମ୍ନି ହେବାକୁ ସାହସ କରୁନାହାନ୍ତି । ବାପା ଯଦି ଚିହ୍ନି ପାରନ୍ତି, ଘୃଣାରେ ପୁନଶ୍ଚ ଆଡ଼େଇ ଦିଅନ୍ତି । ଛାଡ଼, ସମଗ୍ର ଜୀବନ ତାର ଅନେକ ଘଟଣାର ସମାହାର । ପ୍ରତିଟି ଘଟଣାର ଉଭୟ ସକରାତ୍ମକ ଓ ନକରାତ୍ମକ ଦିଗ ମଧ୍ୟ ରହିଥାଏ । ଖାଲି ପାଦରେ ଚାଲୁଥିବା ପଥିକଟି ପାଇଁ କଣ୍ଟା ଯେଉଁଠି ନକରାତ୍ମକ ହୋଇଥାଏ, ପୁଷ୍ପିତ ପଥ ସେହିପରି ସକରାତ୍ମକ ହୋଇଥାଏ । ଘଟଣାକୁ ନେଇ ଏହି ଦୁଇଟି ଦିଗ ଯେତିକି ଆଧାରିତ ତା'ଠୁ ବେଶି ପ୍ରଭାବଶାଳୀ ହୋଇଥାଏ ଆମ ମନ ।

ହସ୍‌ପିଟାଲ୍‌ର କର୍ମଚାରୀ କେହି ବି ଜାଣି ନାହାନ୍ତି, ଡାକ୍ତର ରଞ୍ଜିତା ପ୍ରଧାନଙ୍କ ସହ ଶୁଭକାନ୍ତ ବାବୁଙ୍କର ସଂପର୍କ କଣ ? ଜାଣିଶୁଣି ସେ ସୁଯୋଗ ସୃଷ୍ଟି କରିନାହାନ୍ତି ।


ରଞ୍ଜିତା ମନରେ ଅନ୍ତର୍ଦ୍ୱନ୍ଦ୍ୱ ଜାଗେ । ସଂପର୍କ ତ କେବଳ ଏକ ସରଳରେଖା ନୁହେଁ, ବରଂ ବୃତ୍ତଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ । ଥରେ ସଂପର୍କଟିଏ ଆରମ୍ଭ ହେଲେ, ତାର ଅନ୍ତ ହୁଏ ନାହିଁ । ସଂପର୍କର ବ୍ୟାପ୍ତି ତ ବ୍ୟାସରୁ ପରିଧିକୁ । ଅନ୍ତରୀକ୍ଷରୁ ଦିଗନ୍ତକୁ ଜନ୍ମ ଜନ୍ମାନ୍ତର ସେ ପରିଧି ଉପରେ ପରିକ୍ରମା କରିବାକୁ ପଡ଼େ । ତେଣୁ ସଂପର୍କ ଛିଣ୍ଡିଗଲା ବୋଲି କହିବା ପରେ ଯେଉଁ ସଂପର୍କଟି ଅବଶିଷ୍ଟ ରହିଯାଏ, ତାହା ହିଁ ଅଛିଣ୍ଡା ସଂପର୍କ । ସେମାନଙ୍କ ମଧ୍ୟରେ ସେଇ ଅଛିଣ୍ଡା ସଂପର୍କର ରଜ୍ଜୁଟି ଶକ୍ତ ହେବାକୁ ବସିଛି ।

ଏଇ ଆକାଶ ବକ୍ଷରେ ଲେଖା ହୋଇ ରହିଛି କେତେ ମଣିଷର କାହାଣୀ । ତା' ଜୀବନ କାହାଣୀ ସେମିତି ଅନ୍ତରୀକ୍ଷ ବକ୍ଷରେ ଲେଖା ହୋଇ ରହି ଯାଇଛି । କେତେ ବ୍ୟଥା, ବେଦନା, ଅଶ୍ରୁ ମଧ୍ୟରେ ଜୀବନ ଗଡ଼ି ଆସିଛି ଆଗକୁ ଆଗକୁ । ପ୍ରତିଟି ଦିନର, ପ୍ରତିଟି ଘଟଣା, ପ୍ରତିଟି ମୁହୂର୍ତ୍ତର ଚିନ୍ତା, ଚେତନା ରାଜିକୁ ଯେତେ ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ତାକୁ କ'ଣ ସହଜରେ ଭୁଲି ପାରୁଛି । ତେଣୁ ଯେତେ ଶତ୍ରୁତା ଥିଲେ ମଧ୍ୟ ସମ୍ପର୍କ କେବେ ଛିଡ଼ିଯାଏ ନାହିଁ । ବରଂ ଆହୁରି ତୀବ୍ର ହୁଏ ସେ ସମ୍ପର୍କ ।

ଆଜି ପର୍ଯ୍ୟନ୍ତ ସେ ଧୈର୍ଯ୍ୟ ଧରି ସବୁକିଛି ପରିସ୍ଥିତିକୁ ସାମ୍ନା କରିଛି । ଭାଗ୍ୟ ଅନୁକୂଳ ହେଉ କି ପ୍ରତିକୂଳ, କୌଣସି ପରିସ୍ଥିତିରେ ଧୈର୍ଯ୍ୟ ହରାଇ ସେ ଭାଙ୍ଗି ପଡ଼ିନି । ଯାହା ଘଟି ଯାଇଛି ତାହା ଅତୀତ । ଭବିଷ୍ୟତରେ ଯାହା ଘଟିବାକୁ ଥିବ, ତାହା ଅବଶ୍ୟ ଘଟିବ । ତେଣୁ ଧୈର୍ଯ୍ୟଚ୍ୟୁତ ହେଲେ ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ପାଇଁ ମାନସିକ ଦୃଢ଼ତା ନଥାଏ । ତେଣୁ ଘାତ-ପ୍ରତିଘାତ ଦେଇ ବାରମ୍ବାର ଧୈର୍ଯ୍ୟର ପରୀକ୍ଷା ଦେବାକୁ ପଡ଼େ । ଆଉ ସେଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଜୀବନର ସଫଳତା ମିଳିଥାଏ ।

ରଞ୍ଜିତା ଭାବେ ମନୁଷ୍ୟ ଦେହ, ମନ ଓ ଆତ୍ମାର ତ୍ରିମୂର୍ତ୍ତି । ମନ ଓ ଜଡ଼ବସ୍ତୁ ଚୈତନ୍ୟକୁ ଆବୃତ କରି ରଖିଛି । ତେଣୁ ମନୁଷ୍ୟ ତାର ଅସଲ ସ୍ୱରୂପକୁ ଉତ୍ତୀର୍ଣ୍ଣ କରିବାକୁ ସକ୍ଷମ ହୋଇ ପାରେନା ।






ଧୀରେ ଧୀରେ ସୁସ୍ଥ ହୋଇ ଆସୁଥିଲେ ଶୁଭକାନ୍ତ ବାବୁ । ସ୍ୱାଭାବିକ ଭାବେ ଖିଆପିଆ ମଧ୍ୟ କରୁଥିଲେ । ଏହା ମଧ୍ୟରେ ଡାକ୍ତର ରଞ୍ଜିତା ସିଷ୍ଟରଙ୍କ ମାଧ୍ୟମରେ ତାଙ୍କ ସହ ଯୋଗାଯୋଗ କରୁଥିଲେ । ମାତ୍ର ସାମ୍ନା ସାମ୍ନି ହୋଇନଥିଲେ । ଦିବାକର ବାବୁ କେବେ ଆସି ତାଙ୍କୁ ଘରକୁ ନେବେ, ସେଇ ପ୍ରତୀକ୍ଷାରେ ଥିଲେ ଡାକ୍ତର ରଞ୍ଜିତା ।

କିନ୍ତୁ ଦିନ ପରେ ଦିନ ଅତିକ୍ରମ ହେଉଥିଲେ ମଧ୍ୟ କେହି ବି ଶୁଭକାନ୍ତ ବାବୁଙ୍କୁ ନେବାକୁ ଆସିଲେ ନାହିଁ । କ'ଣ କରିବେ, କିଛି ଭାବି ପାରୁ ନଥିଲେ ରଞ୍ଜିତା । କେତେଦିନ ଆଉ ତାଙ୍କୁ ହସ୍‌ପିଟାଲ୍‌ରେ ରଖିବେ । ତେଣୁ ଦିନେ ସିଷ୍ଟରଙ୍କ ହାତରେ ଖବର ଦେଲେ, ଶୁଭକାନ୍ତ ବାବୁଙ୍କ ଘରଲୋକ କେହି ନଆସିବା ପର୍ଯ୍ୟନ୍ତ ଡାକ୍ତର ରଞ୍ଜିତା ମ୍ୟାଡ଼ାମ୍ ଶୁଭକାନ୍ତ ବାବୁଙ୍କ ରହିବା ବ୍ୟବସ୍ଥା ନିଜ ଘରେ କରିଦେବେ । ଶୁଭକାନ୍ତ ବାବୁଙ୍କର ଆପତ୍ତି କରିବାର କୌଣସି ଉପାୟ ନଥିଲା । ବରଂ ମନେମନେ କୃତଜ୍ଞତା ଜଣାଉଥିଲେ ଡାକ୍ତରାଣୀଙ୍କୁ । ଆଜିର ଯୁଗରେ ଏମିତି କିଏ ହୋଇପାରେ ଜଣେ ଅଜଣା, ଅଚିହ୍ନା ରୋଗୀକୁ ନେଇ କେହି କଣ ନିଜ ଘରେ ସ୍ଥାନ ଦେଇପାରେ ! ଅଗତ୍ୟା ସେ ଡାକ୍ତର ରଞ୍ଜିତାଙ୍କ ଘରେ ଆଶ୍ରିତ ଭାବେ ଦିନ କାଟିଲେ ।

ଡାକ୍ତରଙ୍କ ଘରେ ଏକ ସ୍ୱତନ୍ତ୍ର ରୁମ୍‌ରେ ତାଙ୍କର ରହିବା ବ୍ୟବସ୍ଥା କରାଗଲା । ସାରାଟି ଦିନ ଡାକ୍ତର ରଞ୍ଜିତା ହସ୍‌ପିଟାଲ୍‌ରେ ଡ୍ୟୁଟିକୁ ନେଇ ବ୍ୟସ୍ତ ରହନ୍ତି । ରାତିରେ କ୍ଲାନ୍ତ ହୋଇ ଘରକୁ ଫେରିଲେ କ'ଣ ଗଣ୍ଡେ ଖାଇ ସେ ଶୋଇପଡ଼ନ୍ତି । ଶୁଭକାନ୍ତ ବାବୁଙ୍କ ସମସ୍ତ ଖବର ତାଙ୍କ ଚାକର ରାଜୁ ହିଁ ବୁଝାବୁଝି କରୁଥାଏ ।

ଶୁଭକାନ୍ତ ବାବୁ ଏବେ ସଂପୂର୍ଣ୍ଣ ସୁସ୍ଥ ହୋଇ ଉଠିଲେଣି । ଘରେ ଏକୁଟିଆ ବସି ବସି କେବଳ ଖବରକାଗଜ ପଢ଼ିବା ଓ ଟି.ଭି. ଦେଖିବାରେ ତାଙ୍କର ସମୟ କଟିଯାଏ । ଯେଉଁ ଡାକ୍ତରାଣୀଙ୍କ କୃପାରୁ ସେ ଆରୋଗ୍ୟ ହୋଇପାରିଛନ୍ତି ତାଙ୍କୁ ଟିକିଏ ଦେଖିବାକୁ ଇଚ୍ଛା ଥିଲେ ମଧ୍ୟ ଡାକ୍ତରାଣୀଙ୍କ ବ୍ୟସ୍ତ ବହୁଳ ଜୀବନ ପାଇଁ ତାଙ୍କର ସାକ୍ଷାତ ମଧ୍ୟ ମିଳେନି ।

କେତେଦିନ ଆଉ ସେ ଏମିତି ଡାକ୍ତରାଣୀ ଘରେ ପଡ଼ି ରହିଥିବେ । ଏପଟେ ତାଙ୍କୁ ନେବାକୁ ନା ତାଙ୍କ ପୁଅ କି ଦିବାକର କେହି ବି ଆସୁନାହାନ୍ତି ।

ସେଦିନ ଅପରାହ୍ନରେ ଡାକ୍ତରାଣୀଙ୍କ ଫୁଲ ବଗିଚାରେ ବୁଲୁବୁଲୁ ତାଙ୍କର ନଜର ପଡ଼ିଲା ବଗିଚା ସଂଲଗ୍ନ ଡ୍ରଇଂରୁମ୍‌ଟିରେ । ଏଇ ପ୍ରଥମ କରି ସେ ତାଙ୍କ ଶୋଇବା ଘରୁ ବାହାରକୁ ଆସିଛନ୍ତି । ବେଶ୍ ସୁନ୍ଦର ପରିପାଟୀରେ ସଜ୍ଜିତ ହୋଇଛି ପୁଷ୍ପ ଉଦ୍ୟାନ । କୁଣ୍ଡଗୁଡ଼ିକରେ ବିଭିନ୍ନ ରଙ୍ଗର ଫୁଲ, ଲତା, ଗୁଳ୍ମ । କେତେ ଯତ୍ନରେ ସଜା ହୋଇଛି । ଅଗଣାକୁ ଉଠିଲେ ଡ୍ରଇଂରୁମ୍ । ମାନ୍ୟଗଣ ଅତିଥିମାନଙ୍କ ପାଇଁ ବୈଠକଖାନା । ଶୁଭକାନ୍ତ ବାବୁ ରୁମ୍ ଭିତରେ ପ୍ରବେଶ କଲେ । ସତରେ କି ସୁନ୍ଦର ସଜା ହୋଇଛି ରୁମ୍‌ଟି । କାଚ ଆଲମାରୀ ମଧ୍ୟରେ ଥାକଥାକ ବହି, ଫଟୋ, ଟ୍ରଫି ପୁଣି ସାର୍ଟିଫିକେଟ୍ । ରକମ ରକମର ରଙ୍ଗୀନ ଫଟୋର ସମାହାର । କେଉଁଟା ରୋଗୀ ଦେଖିବା ଅବସ୍ଥାରେ, କେଉଁଟା ଅପରେସନ୍ କରିବା ବେଳର ଆଉ କେଉଁଟା ଭାଷଣ ଦେବା ବେଳରେ । ଫଟୋଗୁଡ଼ିକ ଉପରେ ଆଖି ବୁଲାଉ ବୁଲାଉ ଗୋଟିଏ ଫଟୋ ପାଖରେ ସେ ଅଟକିଗଲେ ।

ଏଇ ଫଟୋ ତ ତାଙ୍କ ଘରେ ବି ଅଛି । ଠିକ୍ ଏକାଭଳି । ବାପାମାଆ, ଦୁଇ ସନ୍ତାନକୁ ନେଇ ଏକ ଗ୍ରୁପ୍ ଫଟୋ । ତା ପାଖରେ ରହିଛି ଆଉ ଏକ ସିଙ୍ଗଲ୍ ଫଟୋ । ଡାକ୍ତର ରଞ୍ଜିତା ପ୍ରଧାନ, ଏମ୍.ଡ଼ି. । ଆଲମାରୀ ଭିତରେ ଥିବା ପ୍ରତ୍ୟେକଟି ଫଟୋକୁ ଭଲ ରୂପେ ନିରୀକ୍ଷଣ କରୁଥିଲେ ଶୁଭକାନ୍ତ ବାବୁ । ନିଜ ଆଖିକୁ ସେ ବିଶ୍ୱାସ କରି ପାରୁନଥିଲେ, ତାଙ୍କ ଆଖି ଆଗରେ ଉଙ୍କି ମାରୁଥିଲା ସୁଦୂର ଅତୀତ । ଜଳଜଳ ହୋଇ ଦିଶି ଯାଉଥିଲା କିଛି ଘଟଣାବଳୀ । ତାଙ୍କର ସାନପୁଅ ରଜନୀକାନ୍ତକୁ କିନ୍ନର ବୋଲି ସେ ଘରୁ ତଡ଼ି ଦେଇଥିଲେ । ସେଇ ରଜନୀକାନ୍ତ ତେବେ କ'ଣ ଆଜିର ଲେଡ଼ି ଡାକ୍ତର ରଞ୍ଜିତା ପ୍ରଧାନ ।

ନିଜକୁ ସମ୍ଭାଳି ପାରିଲେନି ବୃଦ୍ଧ ଶୁଭକାନ୍ତ । ନିଜ ପରିବାରର ଗ୍ରୁପ୍ ଫଟୋଟିକୁ ଆଲମିରାରୁ କାଢ଼ି ଆଣି ଛାତିରେ ଜାକି ଧରି ଭୋ ଭୋ କରି କାନ୍ଦୁଥିଲେ ଶୁଭକାନ୍ତ । ନିଜେ ନିଜ ସହ କଥା ହେଉଥିଲେ, "ମୋତେ କ୍ଷମା କରିଦେ ରଜନୀକାନ୍ତ । ମୁଁ ତୋ ପ୍ରତି ଘୋର ଅନ୍ୟାୟ କରିଛି । ମୁଁ ପାପୀ, ଅପରାଧି । ତୋରି ପାଇଁ ମୁଁ ଆଜି ପୁନର୍ଜୀବନ ଫେରି ପାଇଛି । ତୁ ମୋର ଏତେ ପାଖରେ ଥାଇ ବି ତୋର ପ୍ରକୃତ ପରିଚୟ ଲୁଚାଇ ରଖିଲୁ । ଥରୁଟିଏ ବାପା ବୋଲି ଡାକି ପାରିଲୁନି ।"

ତାଙ୍କ ପଛପଟେ ଠିଆ ହୋଇ ରଞ୍ଜିତା ସବୁ ଲକ୍ଷ୍ୟ କରୁଥିଲା । ଆଖିରୁ ବୋହି ଯାଉଥିଲା ଧାର ଧାର ଅଶ୍ରୁ । ବୃଦ୍ଧ ଶୁଭକାନ୍ତ ପଛକୁ ଫେରି ଚାହିଁଲା ମାତ୍ରେ ତାଙ୍କର ଦୁଇପାଦକୁ ଜାବୁଡ଼ି ଧରି କଇଁକଇଁ ହୋଇ କାନ୍ଦି କାନ୍ଦି କହୁଥିଲା, "ମୋତେ କ୍ଷମା କରିଦିଅ ବାପା, ମୁଁ ତୁମର ସେଇ ଅଭାଗା ସନ୍ତାନ ରଜନୀକାନ୍ତ... ?"

ପାଦତଳୁ ରଞ୍ଜିତାକୁ ଉଠାଇ କୁଣ୍ଢାଇ ପକାଇଲେ ବୃଦ୍ଧ ଶୁଭକାନ୍ତ । ଉଭୟଙ୍କ ଆଖିରୁ ଝରି ଯାଉଥିଲା ଲୋତକର ବନ୍ୟା । କିଏ କାହାକୁ ସାନ୍ତ୍ୱନା ଦେବ । କିଏ କାହା ଆଖିରୁ ଲୁହ ପୋଛିବ । ଏ ଲୁହସ୍ରୋତର ବ୍ୟାପ୍ତି ଯେ ଅନ୍ତରୀକ୍ଷରୁ ଦିଗନ୍ତ... ।

# ॥ ୯ ॥

# ଦୁଃସାହସର ଫଳ



**ଡକ୍ଟର ବିବୁଧରଂଜନ**

ତଳମାଳି ସାହି, ପୁରୀ

ଫୋନ : ୯୯୩୭୬୪୯୮୯୪

ସମୁଦ୍ର କୂଳର ଗୋଟିଏ କୋଣରେ ଦୁଇଟି ତିତିହରୀ ପକ୍ଷୀ ବସାବାନ୍ଧି ରହିଥିଲେ । ଦିନ ତମାମ୍ ସମୁଦ୍ର ଉପରେ ପାଣିକୁ ଛୁଇଁ ଛୁଇଁ ଡେଣା ମେଲାଇ ସ୍ୱାମୀ, ସ୍ତ୍ରୀ ପକ୍ଷୀ ଦୁଇଟି ନିଜର ଆହାର ସଂଗ୍ରହ କରି ଆନନ୍ଦରେ ଚଳୁଥିଲେ । କିଛିଦିନ ପରେ ମାଈ ତିତିହରୀ ପକ୍ଷୀଟିର ଅଣ୍ଡା ଦେବାର ସମୟ ଆସିଗଲା । ସେ ତାର ପୁରୁଷ ପକ୍ଷୀଟିକୁ କହିଲା- ସ୍ୱାମୀ ମୋର ଅଣ୍ଡା ଦେବାର ସମୟ ହେଲାଣି । ତୁମେ ଏଥରକ କୌଣସି ଏକ ସୁରକ୍ଷିତ ସ୍ଥାନର ସନ୍ଧାନ ନିଅ ଯେଉଁଠାରେ ମୁଁ ଅଣ୍ଡା ଦେବି । ପୁରୁଷ ପକ୍ଷୀଟି କହିଲା- ଏହି ସମୁଦ୍ର କୂଳର ପ୍ରତ୍ୟେକଟି ସ୍ଥାନ ପର୍ଯ୍ୟାପ୍ତ ସୁରକ୍ଷିତ ଅଟେ । ତୁ ସେଥିପାଇଁ ଚିନ୍ତା କର ନାହିଁ । ପୁରୁଷ ପକ୍ଷୀର ଆଶ୍ୱାସନାକୁ ମାଈ ପକ୍ଷୀଟି ଗ୍ରହଣ କରି ପାରିଲା ନାହିଁ । ବରଂ କହିଲା- ସ୍ୱାମୀ, ତୁମେ କ'ଣ ଜାଣିନାହଁ ସମୁଦ୍ରରେ ଯେବେ ଜୁଆର ଉଠେ ସେତେବେଳେ ସେହି ଲହଡ଼ିରେ ପାଗଳ ହାତୀକୁ ମଧ ସମୁଦ୍ର ତା ଭିତରକୁ ଟାଣି ନେଇ ଯାଇଥାଏ । ତେଣୁ ମୁଁ କହୁଛି ସମୁଦ୍ରକୁ ତୁମେ ଦୁର୍ବଳ ବୋଲି ଭାବ ନାହିଁ । ସମୁଦ୍ରର ଲହଡ଼ି ଠାରୁ ବହୁ ଦୂରରେ କୌଣସି ଏକ ସ୍ଥାନ ତୁମେ ଖୋଜି ବାହାର କର ।

ପୁରୁଷ ପକ୍ଷୀଟି କହିଲା- ତୁ ଅଯଥାରେ ବ୍ୟସ୍ତ ହୋଇ ପଡୁଛୁ । ଜାଣିରଖ ସମୁଦ୍ର ଏପରି ଦୁଃସାହସୀ ହୋଇ ପାରିବ ନାହିଁ ଯିଏ ମୋ ସନ୍ତାନମାନଙ୍କୁ କ୍ଷତି ପହଞ୍ଚାଇ ପାରିବ । ସମୁଦ୍ର ମୋତେ ପ୍ରାଣରେ ଭୟ କରେ । ତେଣୁ ତୁ ବିନା କୌଣସି ଶଙ୍କାରେ ଏହି ସମୁଦ୍ର କୂଳରେ ଅଣ୍ଡା ଦେ ।

ସମୁଦ୍ର ଏ ଦୁଇ ପକ୍ଷୀଙ୍କର କଥୋପକଥନ ଚୁପ୍‌ଚାପ୍ ଶୁଣିନେଲା । ସମୁଦ୍ର ଭାବିଲା, ଏ ପୁରୁଷ ତିତିହରୀ ପକ୍ଷୀଟିର ବହୁତ ଅହଙ୍କାର । ଏ ନିଜର ସାମର୍ଥ୍ୟ



ଭୁଲି ଯାଇଛି । ଏହାର ଗର୍ବକୁ ଭାଙ୍ଗି ଦେବାକୁ ପଡ଼ିବ । ଏହା ମଧ୍ୟରେ ସକାଳୁ ସକାଳୁ ମାଈ ପକ୍ଷୀଟି ସମୁଦ୍ର କୂଳରେ ବାଲି ଭିତରେ ଦୁଇଟି ଅଣ୍ଡା ଦେଇଦେଲା । ପୁରୁଷ ପକ୍ଷୀଟି ଆନନ୍ଦରେ ତା ସ୍ତ୍ରୀ ପାଇଁ ଖାଦ୍ୟ ସଂଗ୍ରହ କରିବାକୁ ବାହାରି ଗଲା । ମାଈ ପକ୍ଷୀ ତା ଅଣ୍ଡା ଦୁଇଟିକୁ ଜଗିକରି ବସିଥାଏ । ଠିକ୍ ଏହି ସମୟରେ ସମୁଦ୍ର ଜୋର୍ ଗର୍ଜନ କରି ଆସିଲା ଏବଂ ସମୁଦ୍ରର ଢେଉ ଅଣ୍ଡା ଦୁଇଟିକୁ ଭସାଇ ନେଲା । ସନ୍ଧ୍ୟା ବେଳକୁ ଯେତେବେଳେ ପୁରୁଷ ପକ୍ଷୀଟି ବସାକୁ ଫେରିଲା ଦେଖିଲା ତା ସ୍ତ୍ରୀ କୂଳରେ ମୁଣ୍ଡ କଚାଡ଼ି କାନ୍ଦୁଛି ଏବଂ ଅଣ୍ଡା ଦୁଇଟିକୁ ସମୁଦ୍ର ଭସେଇ ନେଇଛି । ସ୍ୱାମୀକୁ ଦେଖି ସ୍ତ୍ରୀ ପକ୍ଷୀଟି କହିଲା- ମୂର୍ଖ, ମୁଁ ପ୍ରଥମରୁ କହୁଥିଲି ସମୁଦ୍ରର ପରାକ୍ରମକୁ ଏତେ ହୀନ ଦୃଷ୍ଟିରେ ଦେଖ ନାହିଁ । ହେଲେ ତୁମର ଅହଙ୍କାର ମୋ କଥାକୁ ଗୁରୁତ୍ୱ ଦେଲା ନାହିଁ । ନିଜର ପ୍ରିୟଜନଙ୍କର କଥାକୁ ଯିଏ କାନ ଦିଏ ନାହିଁ, ଅଣଦେଖା କରିଥାଏ, ତାହାର ସେହି ଦୁର୍ଗତି ହୋଇଥାଏ ଯାହା ସେହି ମୂର୍ଖ କଇଁଚର ହୋଇଥିଲା ।

ପୁରୁଷ ପକ୍ଷୀଟି ପଚାରିଲା- କିପରି ?

ସ୍ତ୍ରୀ ପକ୍ଷୀଟି ଏହାପରେ ମୂର୍ଖ କଇଁଚର କାହାଣୀ ଶୁଣାଇଲା ।

## ହିତାକାଂକ୍ଷୀଙ୍କ କଥା ମାନ

ଗୋଟିଏ ପୋଖରୀରେ କମ୍ବୁଗ୍ରୀବ ନାମରେ ଗୋଟିଏ କଇଁଚ ରହୁଥିଲା । ସେହି ପୋଖରୀକୁ ପ୍ରତିଦିନ ସଂକଟ ଏବଂ ବିକଟ ନାମରେ ଦୁଇଟି ହଂସପକ୍ଷୀ ଆସୁଥିଲେ । ଦୁଇ ହଂସଙ୍କ ସହ ସେହି କଇଁଚର ଖୁବ୍ ବନ୍ଧୁତା ଥିଲା । ତିନିଙ୍କ ମଧ୍ୟରେ ଏଭଳି ପ୍ରେମ ଥିଲା ଯେ – ପ୍ରତିଦିନ ସକାଳୁ ହଂସ ଦୁଇଟି ନିଜ ବସାରୁ ଉଡ଼ିଆସି ଏହି ପୋଖରୀରେ ପହଞ୍ଚି ଯାଆନ୍ତି । ସନ୍ଧ୍ୟା ହେବା ପର୍ଯ୍ୟନ୍ତ ହଂସ, କଇଁଚ କେତେ କେତେ କଥା ହୁଅନ୍ତି ।

କିଛି ମାସ ପରେ ଭଲ ବର୍ଷା ନ ହେବାରୁ ପୋଖରୀର ପାଣି ଶୁଖି ଯିବାକୁ ଲାଗିଲା । କଇଁଚକୁ ଅଳ୍ପ ପାଣିରେ ଚଳିବା କଷ୍ଟକର ହୋଇ ପଡ଼ିଲା । କଇଁଚର ଏପରି ଦୁର୍ଦ୍ଦଶା ଦେଖି ହଂସ ଦୁଇଟିଙ୍କ ମନରେ ସହାନୁଭୂତି ଆସିଲା । କଇଁଚ ମଧ୍ୟ ଗୋଟିଏ ଦିନ କାନ୍ଦି କାନ୍ଦି ବନ୍ଧୁ ହଂସ ଦୁହିଁଙ୍କ ଆଗରେ କହିଲା- ମୋ ଜୀବନକାଳ ଆଉ ବେଶି ଦିନ ନୁହେଁ । ପାଣି ବିନା ଏହି ପୋଖରୀରେ ମୋର ମୃତ୍ୟୁ ନିଶ୍ଚିତ । ତୁମ ଦ୍ୱାରା କୌଣସି ଉପାୟ ଯଦି ବାହାରି ପାରେ ତେବେ କର । କାରଣ ବିପତ୍ତି କାଳରେ ଧୈର୍ଯ୍ୟ ହିଁ କାମରେ ଆସିଥାଏ । ଯତ୍ନ କଲେ, ଧୈର୍ଯ୍ୟ ରଖିଲେ ସମସ୍ତ କାର୍ଯ୍ୟରେ ସଫଳତା ମିଳିଥାଏ ।

ବହୁତ ବିଚାର ବିମର୍ଷ ପରେ ଏହି ନିଷ୍ପତ୍ତି ନିଆଗଲା ଯେ ଦୁଇଟିଯାକ ହଂସ ଜଙ୍ଗଲରୁ ଗୋଟିଏ ବାଉଁଶର ବାଡ଼ି ସଂଗ୍ରହ କରି ଆଣିବେ । କଇଁଚ ସେହି ବାଡ଼ିର ମଝିଭାଗକୁ ତା ମୁହଁରେ କାମୁଡ଼ି ଧରିବ । ବାଡ଼ିର ଦୁଇ ପଟକୁ ହଂସ ଦୁହେଁ କାମୁଡ଼ି ଧରି ଆକାଶରେ ଉଡ଼ିଉଡ଼ି ଯାଇ ଯେଉଁ ପୋଖରୀରେ ଭରପୁର ପାଣି ଥିବ ସେହି ପୋଖରୀରେ ଛାଡ଼ି ଦେବେ । ସେହି ଯୋଜନା ଅନୁସାରେ ହଂସ ଦୁହେଁ ଖୁବ୍ ବଡ଼ ପୋଖରୀ ଖୋଜି ବାହାର କଲେ । ନିର୍ଦ୍ଦିଷ୍ଟ ଦିନ ଠିକ୍ ହେଲା । କଇଁଚ ବାଉଁଶ ବାଡ଼ିର ମଝି ଅଂଶକୁ ଜୋର୍‌ରେ କାମୁଡ଼ି ଧରିଲା । ଠିକ୍ ଉଡ଼ିବା ପୂର୍ବରୁ ଦୁଇ ହଂସ କଇଁଚକୁ କହିଲେ- ମିତ୍ର ! ଆମେ ତୋତେ ଏଇମିତି ଅନ୍ୟ ଏକ ପୋଖରୀ ଯାଏଁ ନେଇଯିବୁ । କିନ୍ତୁ ଗୋଟିଏ କଥା ଉପରେ ଧ୍ୟାନ ରଖିଥିବ । ଆକାଶରେ ଉଡ଼ିବା ଅବସ୍ଥାରେ କେବେ ବି ତୁ ତୋର ପାଟି ମେଲା କରିବୁ ନାହିଁ । ତାହେଲେ ତୁ ଆକାଶ ଉପରୁ ତଳକୁ ଗଳି ପଡ଼ିବୁ । ଯାହା କିଛି ହୋଇଗଲେ ବି ତୁ ସବୁବେଳେ ମୌନ ରହିବୁ । ପ୍ରଲୋଭନ ଆଡ଼କୁ ଆଦୌ ଧ୍ୟାନ ଦେବୁ ନାହିଁ । ଏଇ ହେଲା ତୋର ପରୀକ୍ଷାର ବେଳ ।

ହଂସ ଦୁହେଁ କଇଁଚକୁ ବାଡ଼ିରେ ଉଠାଇ ଆକାଶକୁ ଉଡ଼ିବାକୁ ଉଠିଗଲେ । ଆକାଶରେ ଉଡୁ ଥାଆନ୍ତି । କଇଁଚ ବାଉଁଶ ବାଡ଼ିକୁ କାମୁଡ଼ି ଧରିଥାଏ । ଏତିକିବେଳେ ତଳେ ମାଟି ଉପରେ କିଛି ଲୋକ ଦେଖିଲେ ଆକାଶରେ ଯୋଡ଼ିଏ ହଂସ ଏକ କଇଁଚକୁ ବଡ଼ ଅଦ୍ଭୁତ ଢଙ୍ଗରେ ଉଡ଼ାଇ ନେଉଛନ୍ତି । ସେମାନଙ୍କୁ ଖୁବ୍ ମଜା ଲାଗିଲା । ଚାହୁଁ ଚାହୁଁ ଅନେକ ଲୋକ ତଳେ ରୁଣ୍ଡ ହୋଇ ହୋ ହୋ ହୋଇ ତାଳି ମାରିବାକୁ ଲାଗିଲେ । କଇଁଚ ଉପରୁ ମଧ୍ୟ ଏ ଦୃଶ୍ୟ ଦେଖୁଥାଏ । କଇଁଚକୁ ଲୋକଙ୍କର କୋଳାହଳ, ଟିପ୍ପଣୀ, ତାଳି ମାରିବା ଆଦୌ ପସନ୍ଦ ହେଲା ନାହିଁ । ହଂସ ଦୁହିଁଙ୍କର ଉପଦେଶ ସେ ଭୁଲିଗଲା । ହଠାତ୍ ବିରକ୍ତିରେ ମୁହଁ ଖୋଲି କହି ପକାଇଲା: "ଏତେ କୋଳାହଳ କାହିଁକି କରୁଛ ?" ବାସ୍, ମୁହଁ ଖୋଲିବା ମାତ୍ରକେ କଇଁଚ ସିଧା ଆସି ଗଳି ପଡ଼ିଲା ମାଟି ଉପରେ । ଗାଁ ପିଲାମାନେ କଇଁଚକୁ ଧରିନେଇ ଗଲେ ମାଂସଝୋଳ କରି ଖାଇବା ପାଇଁ ।

ମା' ତିତିହରୀ ପକ୍ଷୀ ଏ କାହାଣୀ ଶୁଣାଇ କହିଲା- ସେଇଥିପାଇଁ ମୁଁ କହୁଥିଲି ହିତାକାଂକ୍ଷୀଙ୍କ କଥାକୁ ଯିଏ ମାନେ ନାହିଁ ସେ ଅବଶ୍ୟ ନଷ୍ଟ ହୋଇଯାଏ । ଏତଦ୍ ବ୍ୟତୀତ ବୁଦ୍ଧିମାନଙ୍କ ଭିତରେ କେବଳ ସେହି ବୁଦ୍ଧିମାନ ସଫଳ ହୋଇଥାଏ ଯିଏ ବିପତ୍ତି ଆସିବା ପୂର୍ବରୁ ଉପାୟ ସ୍ଥିର କରି ନେଇଥାଏ । ଏବଂ ସେହି ବ୍ୟକ୍ତି ମଧ୍ୟ ସେହି ପ୍ରକାରର ସଫଳ ହୋଇଥାଏ ଯାହାର ବୁଦ୍ଧି ତତ୍କାଳ ନିଜ ସୁରକ୍ଷାର ଉପାୟ ଭାବି ପାରି ନେଇଥାଏ । କିନ୍ତୁ 'ଯାହା ହେବ ଦେଖା ଯିବ' କହିବା ବାଲା ଶୀଘ୍ର ନଷ୍ଟ ହୋଇଯାଇଥାଏ ।

ପୁରୁଷ ତିତିହରୀ ପକ୍ଷୀ ପଚାରିଲା- କେମିତି ?

ସ୍ତ୍ରୀ ତିତିହରୀ ପକ୍ଷୀ କହିଲା- ତେବେ ଶୁଣ ତିନୋଟି ମାଛଙ୍କ କାହାଣୀ ।



# ହସଖୁସିର ପରିବାର - ୧୦

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା : ୧

ମୁଁ ଜଣେ କର୍ମଜୀବୀ ମହିଳା । ଆଉ ବର୍ଷକ ପରେ ମୁଁ ଚାକିରିରୁ ଅବସର ନେବି । ମୋ ସ୍ୱାମୀ ତିନିବର୍ଷ ପୂର୍ବରୁ ଚାକିରିରୁ ଅବସର ନେଇଛନ୍ତି । ମୋର ଦୁଇ ପୁଅ ଓ ଗୋଟିଏଝିଅ । ସମସ୍ତେ ବିବାହ କରି ସାରିଛନ୍ତି । ଝିଅ ଓ ଜ୍ୱାଇଁ ବାଙ୍ଗାଲୋର୍‌ରେ ଚାକିରି କରିଛନ୍ତି । ବଡ ପୁଅ ଓ ବୋହୂ ଦୁହେଁ ଦିଲ୍ଲୀରେ ଚାକିରି କରିଛନ୍ତି । ସାନ ପୁଅ ଏହି ବର୍ଷକ ତଳେ ବିବାହ କରିଛି । ସେ ଓ ତା ସ୍ତ୍ରୀ ଦୁହେଁ ଚାକିରି କରୁଥିଲେ । ବାହାଘରର ଦୁଇବର୍ଷ ପୂର୍ବରୁ ଦୁହିଁଙ୍କ ମଧ୍ୟରେ ଫେସ୍‌ବୁକ୍ ଜରିଆରେ ଚିହ୍ନା ପରିଚୟ ହୋଇ ଭଲପାଇବା ଆରମ୍ଭ ହୋଇଥିଲା । ଆମେ ମନା କଲେ ବି ପୁଅ ସେ ଝିଅକୁ ବାହା ହେବ ବୋଲି ଜିଦ୍ ଧରିଲା । ଶେଷରେ ଆମେ ରାଜି ହେଲୁ ଓ ବାହାଘର ହେଲା । ବାହାଘରର ତିନିମାସ ପରେ ପୁଅ ଓ ବୋହୂ ଦୁଇଜଣଙ୍କ ମଧ୍ୟରେ ମତଭେଦ ହୋଇ ଅଶାନ୍ତି ସୃଷ୍ଟି ହେଲା । ପରିସ୍ଥିତି ଏ ଭଳି ଜଟିଳ ହେଲା ଯେ ସେ ଦୁଇଜଣ ଚାକିରି ଛାଡ଼ି ଦେଇ ଏବେ ଘରେ ବସିଛନ୍ତି । ଟିକେଟିକେ କଥାରେ ବୋହୂ ଆତ୍ମହତ୍ୟା କରିଦେବ ବୋଲି ଧମକ ଦେଉଛି । ତେଣୁ ପୁଅ ଡରିକରି ରହିଛି । ବୋହୂ ଆମ ସହିତ ରହିଥିଲେ ବି ଆମ ସହିତ କଥା ହେଉ ନାହିଁ । ସବୁବେଳେ ସେ ବିରକ୍ତ ଭାବ ପ୍ରକାଶ କରୁଛି । ତା’ ମନରେ କଣ ଅଛି ସେକଥା ପୁଅ ବି ଜାଣି ପାରୁନି । ଆମେ ଭାବୁଛୁ ସେ ବୋଧେ ଆମ ପାଖରେ ରହିବାକୁ ଚାହୁଁନି । ଏହା ଆମଘରେ ଘୋର୍ ଅଶାନ୍ତି ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନର ବାଟ ବତାନ୍ତୁ ।

**ସୁଭାସିନୀ ପଲେଇ,** ସମ୍ବଲପୁର

▼ଦୀପକ ସାମନ୍ତରାୟଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । ‘ରେବତୀ’ ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
‘ରେବତୀ ଆମ ମାଟିର ସ୍ୱର’
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

### ସମାଧାନର ସୂତ୍ର

ଏହାକୁ ସମସ୍ୟା ବୋଲି ଭାବନ୍ତୁ ନାହିଁ । ଏହା ଏକ ସାଧାରଣ ଘଟଣା ଯାହାକି ଭଲପାଇ ବାହା ହୋଇଥିବା ଦମ୍ପତିଙ୍କ ମଧ୍ୟରେ ଦେଖା ଦେଇଥାଏ । ଆପଣଙ୍କ ସାନପୁଅ ଓ ବୋହୂ ଦୁଇବର୍ଷ ପରସ୍ପରକୁ ଭଲ ପାଇ ଶେଷରେ ବାହା ହୋଇଛନ୍ତି । ଏବେ ସେମାନଙ୍କ ମଧ୍ୟରେ ଯେଉଁ ମନୋମାଳିନ୍ୟ ହୋଇଛି ତାହାର ନିଶ୍ଚିତ କିଛି କାରଣ ଥିବ । ସେ ବିଷୟରେ ସଠିକତା ନ ଜାଣିବା ପର୍ଯ୍ୟନ୍ତ ଆପଣ କିଛି ବି ମନ୍ତବ୍ୟ ଦେବା ଉଚିତ ନୁହେଁ । ଆପଣ ସେମାନଙ୍କ କଥାରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ ବା ସେମାନଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରନ୍ତୁ ନାହିଁ । ଏ ବିଷୟରେ ମଧ୍ୟ ଅନ୍ୟମାନଙ୍କ ସହିତ ଆଲୋଚନା କରନ୍ତୁ ନାହିଁ । ଏଥିରେ ଆପଣ ମୁଣ୍ଡ ନ ପୂରାଇ ଆପଣଙ୍କର ବଡବୋହୂର ସାହାଯ୍ୟ ନେଲେ ଭଲ ହେବ । ପୁଅର ପକ୍ଷ ନେଇ ବୋହୂକୁ କୌଣସି ପ୍ରକାରର ପରାମର୍ଶ ଦିଅନ୍ତୁ ନାହିଁ । ଆପଣ କୌଣସି ହସ୍ତକ୍ଷେପ ନ କରି ସେ ଦୁହିଁଙ୍କୁ ଏପରି ସକରାତ୍ମକ ପ୍ରେରଣା ଦିଅନ୍ତୁ ଯେପରିକି ସେ ଦୁହେଁ ପରସ୍ପର ମଧ୍ୟରେ ଆଲୋଚନା କରି ସେମାନେ ସମାଧାନର ବାଟ କାଢ଼ିବେ । ସମୟ ବଡ ବଳବାନ । ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ । ସବୁ ଠିକ୍ ହୋଇଯିବ । ଆପଣଙ୍କ ପରିବାରରେ କିଛି ଅଶାନ୍ତି ଅଛି ବୋଲି ବାହାର ଲୋକ ଯେପରି ନ ଜାଣି ପାରନ୍ତି, ସେଥିପ୍ରତି ଦୃଷ୍ଟି ରଖିବେ ।

### ସମସ୍ୟା : ୨

ମୁଁ ଜଣେ ମହିଳା । ମୋର ବୟସ ୩୩ ବର୍ଷ । ମୁଁ ଅବିବାହିତା । ମୁଁ ଏମ୍‌ବିଏ ପଢ଼ି ସାରଲା ପରେ ସରକାରୀ ଚାକିରି ପାଇଁ ବହୁତ ଚେଷ୍ଟା କରି ପାଇ ପାରି ନାହିଁ । ରାଜ୍ୟ ପ୍ରଶାସନିକ ସେବା ଚାକିରି ପାଇଁ ପରୀକ୍ଷା ଦେଇ ବାରମ୍ବାର ବିଫଳ ହୋଇଛି । ଜୀବନରେ ବଡ ବଡ ଲକ୍ଷ୍ୟ ରଖି ମୁଁ ଘରୋଇ ସଂସ୍ଥାମାନଙ୍କରେ ଚାକିରି ପାଇଁ କେବେ ବି ଆଗ୍ରହ ଦେଖାଇ ନାହିଁ । ବିଭିନ୍ନ ପ୍ରକାର ଚାକିରି ପାଇଁ କୋଚିଂ ନେଇ ମଧ୍ୟ ମୁଁ ସଫଳତା ପାଇ ପାରି ନାହିଁ । ସକାଳୁ ଉଠି ରାତିରେ ଶୋଇଲା ପର୍ଯ୍ୟନ୍ତ କୋଚିଂ କ୍ଲାସ୍‌କୁ ଯିବା ଏବଂ ବିଭିନ୍ନ ଚାକିରିର ଲିଖିତ ଓ ମୌଖିକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ମୁଁ ଲାଗି ପଡିଥାଏ । ବ୍ୟାଙ୍କ୍‌ରେ ସହକାରୀ ତଥା ଅଫିସର୍ ଉଭୟ ଚାକିରି ପାଇଁ ମୁଁ ଲିଖିତ ପରୀକ୍ଷା ଦେଇ ବି ନିରାଶ ହୋଇଛି । ସମୟ ନଷ୍ଟ ହେବା ସହିତ ବାପାଙ୍କର ଅନେକ ଅର୍ଥ ବି ମୁଁ ଖର୍ଚ୍ଚ କରିଛି । ଗତ ପାଞ୍ଚବର୍ଷ ହେଲା ମୁଁ ନିଜେ ଟ୍ୟୁସନ୍ କରି ଯାହା ରୋଜଗାର କରୁଛି ସେଥିରେ ନିଜର ସବୁ ଖର୍ଚ୍ଚ ତୁଲାଉଛି । ମୋର ସାଙ୍ଗମାନେ ସମସ୍ତେ ବାହା ହୋଇ ଘରସଂସାର କରି ସାରିଲେଣି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାକିରି କରିଛନ୍ତି । ଏସବୁ ଦେଖି ଧୀରେ ଧୀରେ ମୋ ମନରେ ନିରୁତ୍ସାହ ଭାବ ଦେଖା ଦେଲାଣି । ବେଳେବେଳେ ଆତ୍ମବିଶ୍ୱାସ ବି ହରାଇ ବସୁଛି । ଏ ପରିସ୍ଥିତିରେ ଆପଣଙ୍କର ପରାମର୍ଶ ଲୋଡୁଛି ।

### ସମାଧାନର ସୂତ୍ର

ଯେ କୌଣସି କାମରେ ସଫଳତା ନ ପାଇଲେ ମନଦୁଃଖ ନିଶ୍ଚିତ ହେବ । କିନ୍ତୁ ସେଥିରେ ଭାଙ୍ଗି ପଡିଲେ ଅବା ଆତ୍ମବିଶ୍ୱାସ ହରାଇ ବସିଲେ ଆମେ ଆଉ ଥରେ ସେହି କାମ ପାଇଁ ଚେଷ୍ଟା କରିପାରିବା ନାହିଁ । ସାରାବିଶ୍ୱରେ ଯେ କୌଣସି ବ୍ୟକ୍ତି ସଫଳତାର ଶୀର୍ଷରେ ପହଂଚିଛନ୍ତି ସମସ୍ତେ ପ୍ରଥମେ ଏହିପରି ଅନେକ ବିଫଳତା ପାଇଛନ୍ତି । କିନ୍ତୁ ସେମାନେ ସେଇଠି ଅଟକି ନ ଯାଇ ସଫଳତା ପାଇବା ପାଇଁ ବାରମ୍ବାର ଚେଷ୍ଟା କରିଛନ୍ତି । ପୂର୍ବ ଅପେକ୍ଷା ଅଧିକ ନିଷ୍ଠାର ସହିତ ପରିଶ୍ରମ କରିଛନ୍ତି । ନିଜେ ନିଜକୁ ପ୍ରେରଣା ଦେଇ ଆଗକୁ ମାଡି ଚାଲିଛନ୍ତି । ଏ ପର୍ଯ୍ୟନ୍ତ ତୁମେ ନିଜର ଆତ୍ମବିଶ୍ୱାସ ଦ୍ୱାରା ଏକ ଭଲ ଚାକିରି ପାଇଁ ଚେଷ୍ଟା ଚଲାଇ ଆସିଛ । ତା ସହିତ ଟ୍ୟୁସନ୍ କରି ଅର୍ଥ ରୋଜଗାର ବି କରୁଛ । ତା ଅର୍ଥ ତୁମେ ନିଜର ଚଳିବା ପାଇଁ କାହା ଉପରେ ନିର୍ଭର କରୁନାହଁ । ଏହା ହିଁ ଏକ ବଡ ସଫଳତା ବୋଲି କହିଲେ ଭୁଲ୍ ହେବ ନାହିଁ । ଯେଉଁଥିରେ ତୁମର ବିଫଳତା ହେଉଛି ତାହାର ଉପଯୁକ୍ତ ସମୀକ୍ଷା କରି ତାହାର କାରଣମାନ ବାହାର କରିବା ଉଚିତ । ତାହାହେଲେ ତୁମେ ସେହି କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପାଇଁ ନୂଆ ଯୋଜନା କରିବା ସହିତ ସଫଳ ହେବା ପାଇଁ ନୂତନ ପଦ୍ଧତି ବି ସ୍ଥିର କରି ପାରିବ । ଜୀବନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିଲେ ହୁଏତ ସଫଳତା ମିଳି ନ ପାରେ । ତେଣୁ ତାର ବିକଳ୍ପ କାର୍ଯ୍ୟ ଭାବିବା ଉଚିତ । ଏ ଦିଗରେ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କ ସହିତ ପରାମର୍ଶ କର । ନିଜର ସାଙ୍ଗମାନଙ୍କ ସହିତ ନିଜର ତୁଳନା ଆଦୌ କରିବା ଉଚିତ ନୁହେଁ । ଏହା ଦ୍ୱାରା ତୁମ ମନରେ ନକରାତ୍ମକ ଭାବ ସୃଷ୍ଟି ହେବ ହିଁ ହେବ । ଥଣ୍ଡାମୁଣ୍ଡରେ ତୁମେ ନିଜ ଭବିଷ୍ୟତର ଯୋଜନାକୁ ଆଉ ଥରେ ସମୀକ୍ଷା କର ।

▼ଅଞ୍ଜନ ଚାନ୍ଦଙ୍କ ହସଖୁସିର ପରିବାର



## ସମସ୍ୟା : ୩

ମୋର ବୟସ ୨୮ ବର୍ଷ ହେଲାଣି । ମୁଁ ଗୋଟିଏ ପ୍ରାଇଭେଟ୍ କଲେଜ୍‌ରେ ଚାକିରି କରିଛି । ଆମେ ଦୁଇଭଉଣୀ ଓ ଗୋଟିଏ ଭାଇ । ମୁଁ ଘରର ସାନ ଝିଅ । ଏବେ ଯାଏଁ ବିବାହ କରିନି । କହିବାକୁ ଗଲେ ମୁଁ ବିବାହ କରିବାକୁ ଚାହୁଁନି । ମୋର ବଡଭଉଣୀର ବିବାହ କିଛି ବର୍ଷ ତଳେ ହୋଇଥିଲା । ତାର ଗୋଟିଏ ଝିଅ ବି ଅଛି । କିନ୍ତୁ ବିଭିନ୍ନ କାରଣବଶତଃ ତାର ପରିବାରରେ ଅଶାନ୍ତି ଲାଗି ରହିଛି । ଏବେ ତାକୁ ହିଁ ତା ନିଜ ଝିଅର ଦାୟିତ୍ୱ ନେବାକୁ ହେଉଛି । ଏସବୁ ଦେଖି ମୁଁ ବିବାହ କରିବାକୁ ଚାହୁଁନି । ମୋର ଭାଇ ମୋ ଠାରୁ ବଡ । ସେ ବି ଏବେ ଯାଏଁ କିଛି କାମ କରୁନି । ବୟସ ଅଧିକ ହୋଇ ଗଲାଣି ବୋଲି ବାପାମାଆ ତାର ବିବାହ ଖୋଜୁଛନ୍ତି । ସେ ସେଥିରେ ବି ରାଜି ହେଉନି । ସେ ଘରର କୌଣସି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହେଁ । ଏପରିକି ନିଜର ବି କିଛି ଦାୟିତ୍ୱ ନେବାକୁ ଚାହୁଁନି । ସବୁ କାମରେ ମାଆଙ୍କ ଉପରେ ନିର୍ଭର କରୁଛି । ନଚେତ୍ ମୋ ଉପରେ । କହିଲେ କହୁଛି ବାପାଘରେ ଏମିତି ସବୁବେଳେ କାମ କରିଥିଲେ ଶାଶୁଘରେ ଆମ ନାମ ବଦନାମ ହେବନି । ବଡଭଉଣୀ ଶାଶୁଘରର ଅଶାନ୍ତି ପାଇଁ ସେ ବାପାମାଆଙ୍କୁ ବି ଦାୟୀ କରୁଛି । ତା ମତରେ ବାପାମାଆ ଝିଅମାନଙ୍କୁ ଉଚିତ ଶିକ୍ଷା ଦେଇ ନାହାନ୍ତି । ଶାଶୁଘରେ କେମିତି ଚଳିବାକୁ ହେବ ଶିକ୍ଷା ଦେଇ ନାହାନ୍ତି । ଏସବୁ ଭାଇ ମୁହଁରୁ ଶୁଣି ବାପାମାଆ କାହାକୁ କିଛି ନ କହିଲେ ବି ମୁଁ ତାଙ୍କ ମନର ଦୁଃଖକୁ ବୁଝି ପାରୁଛି । ଏବେ ବାପାମାଆ ମୋ ବିବାହ ପାଇଁ ବ୍ୟସ୍ତ ହେଉଛନ୍ତି । ମୁଁ କିନ୍ତୁ ଚାହୁଁଛି ବାହା ନ ହୋଇ ଚାକିରି କରି ଗୋଟିଏ ପୁଅ ପରି ବାପାମାଆଙ୍କ ପାଖରେ ସାରାଜୀବନ ରହି ତାଙ୍କରି ସେବା କରିବି । କିନ୍ତୁ ମୋ ମନର କଥା ମୁଁ କାହାକୁ ବୁଝାଇ ପାରୁନି । ଦୟା କରି ମୋତେ ବାଟ ବତାନ୍ତୁ ।

**କବିତା ପ୍ରିୟଦର୍ଶିନୀ,** ରାଜଗାଙ୍ଗପୁର

### ସମାଧାନରସୂତ୍ର

କୌଣସି ପରିସ୍ଥିତିରେ ଆମେ ଭାଙ୍ଗି ପଡିଲେ ବା ଅଧୈର୍ଯ୍ୟ ହେଲେ ସମସ୍ୟାର ସମାଧାନ ହେବ ନାହିଁ ବରଂ ବଢିଯିବ । ତୁମର ପରିବାରର ଏଭଳି ପରିସ୍ଥିତି ପାଇଁ ତୁମେ ଦାୟୀ ନୁହେଁ, ଏଣୁ ତୁମେ ଏଥିରେ ବ୍ୟସ୍ତ ଓ ବିବ୍ରତ ହେବା ଆଦୌ ଉଚିତ ନୁହେଁ । ପରିବାରର ପ୍ରତ୍ୟେକ ସଭ୍ୟ ନିଜର କର୍ମ ନେଇ ଫଳ ପାଇଥାନ୍ତି । ଏଣୁ କୁହାଯାଏ ଯେ ଯିଏ ଯାହାର ଭାଗ୍ୟ ନେଇ ଆସିଥାନ୍ତି । କେହି କାହାରି ସହିତ ତୁଳନୀୟ ନୁହେଁ । ତୁମ ବଡ଼ଭଉଣୀ ତାର ପରିସ୍ଥିତି ନେଇ ଚଳୁଛି । ସେଥିପାଇଁ ସେ କାହାକୁ ଦୋଷ ନ ଦେଇ ବରଂ ନିଜକୁ ଖାପ ଖୁଆଇ ଚଳୁଛି । କିନ୍ତୁ ତୁମ ଭାଇ ନିଜେ କିଛି କରୁ ନାହିଁ ବରଂ ବାପାମାଆଙ୍କୁ ଦୋଷ ଦେଉଛି । ଏହାଦ୍ୱାରା ସେ ଘରେ ଅଶାନ୍ତି ସୃଷ୍ଟି କରୁଛି । ନିଜେ ଅଯୋଗ୍ୟ ହୋଇ ବି ଅନ୍ୟକୁ ଉପଦେଶ ଦେଉଛି । ସେଭଳି ଲୋକଙ୍କର ସଂଖ୍ୟା ଆମ ସମାଜରେ ବେଶି । ତୁମ ଭାଇର କଥାରେ ତୁମେ ଆଦୌ ବିଚଳିତ ହୁଅ ନାହିଁ ବା ମନଦୁଃଖ କର ନାହିଁ । ତୁମେ ବିବାହ କରିବ କି ନାହିଁ ତାହା ତୁମ ଉପରେ ନିର୍ଭର କରେ । ଏଣୁ ସେ ସିଦ୍ଧାନ୍ତ ତୁମେ ନିଜେ ନେବ, ଏଥିରେ କାହାର କିଛି କହିବାର ନାହିଁ । ମନ ସ୍ଥିର କରି ନିଜର ଭବିଷ୍ୟତ ଗଢ଼ିବା ହିଁ ବୁଦ୍ଧିମାନର କାର୍ଯ୍ୟ ହେବ । ନିଜେ ଦୃଢ ହେଲେ ହିଁ ତୁମେ ବାପାମାଆଙ୍କର ସେବା କରି ପାରିବ । ଏସବୁ ଅଶାନ୍ତି ସାମୟିକ । ତାହା ସବୁଦିନ ପାଇଁ ରହିବ ନାହିଁ । ଏଣୁ ନିଜ ଉପରେ ବିଶ୍ୱାସ ରଖି କାମ କରି ଚାଲ । କାମ ଉପରେ ଲକ୍ଷ୍ୟ ରହିଲେ ହିଁ ନିଶ୍ଚୟ ସଫଳତା ଆସିବ ।

## ସମସ୍ୟା : ୪

ମୁଁ ଗୋଟିଏ ମଲ୍ଟି ନ୍ୟାସ୍‌ନାଲ୍ କଂପାନିରେ ଏକ ଉଚ୍ଚ ପଦରେ ଚାକିରି କରୁଛି । ମୋର ଦରମା ବି ବହୁତ ଭଲ । ମୁଁ ଡିଗ୍ରୀ ଇଂଜିନିୟରିଂ ପଢ଼ିସାରିବା ପରେ କ୍ୟାମ୍ପସ୍‌ରେ ଚାକିରି ପାଇଥିଲି । ପାଠ ପଢାବେଳେ ମୋ କ୍ୟାରିୟର୍ ବହୁତ ଭଲ ଥିଲା । ତେଣୁ ଯଥାଶୀଘ୍ର ମୁଁ ଚାକିରି ପାଇ ମୋର ପଦୋନ୍ନତି ବି ହୋଇଗଲା । ମୁଁ ପାଠ ପଢିଲା ବେଳେ ଗୋଟିଏ ଝିଅକୁ ବହୁତ ଭଲ ପାଉଥିଲି । ସେ ବି ମୋତେ ବହୁତ ଭଲ ପାଉଥିଲା । ଏପରିକି ଆମେ ଦୁହେଁ ବିବାହ କରିବୁ ବୋଲି ମଧ୍ୟ ସ୍ଥିର କରିଥିଲୁ । ଆମର ଭଲ ପାଇବା ପ୍ରାୟ ଦଶ ବର୍ଷର କଥା । ହେଲେ ସେ ଆମ ଜାତିର ନ ଥିଲା । ଆମ ଭଲ ପାଇବା ବିଷୟରେ ଧୀରେ ଧୀରେ ଆମ ଦୁଇ ପରିବାରର ଲୋକ ବି ଜାଣିଲେ । ସେମାନେ ବି ଆମ ଇଚ୍ଛାରେ ନିଜର ସହମତି ପ୍ରକାଶ କରିଥିଲେ । ତେଣୁ ସେ ଆମ ଘରକୁ ଅବାଧରେ ଆସି ପାରୁଥିଲା ଓ ମୁଁ ବି ତାଙ୍କ ଘରକୁ ଯାଇ ପାରୁଥିଲି । କିନ୍ତୁ ଏହି ଅବାଧ ମିଳାମିଶାର ଆମେ କେବେହେଲେ ଦୁରୁପଯୋଗ କରି ନ ଥିଲୁକି ଘରଲୋକଙ୍କ ବିଶ୍ୱାସ ଭାଙ୍ଗିନଥିଲୁ । ଅଳ୍ପ କିଛି ଦିନ ଭିତରେ ଆମର ବିବାହ ହେବ ବୋଲି ବି ଦୁଇ ପକ୍ଷର ଲୋକ ସ୍ଥିର କରିଥିଲେ । ଆମ ଘରେ ମୋ ମାଆ ତାକୁ ଏକ ପ୍ରକାର ବୋହୂ ବୋଲି ଗ୍ରହଣ କରି ନେଇଥିଲେ । ଏପରିକି ମୋ ମାଆ ତା' ପସନ୍ଦ ଅନୁସାରେ ଶାଢି, ଗହଣା ଓ ଘରର ଆସବାବପତ୍ର ବି କିଣିଥିଲେ । କିନ୍ତୁ ହଠାତ୍ ସେ ପୁରା ଚୁପ୍ ହୋଇଗଲା । ଫୋନ୍ କଲେ ବି କଥା ହେଲାନି । ଆମ ଘରକୁ ଆସିଲାନି । ମୋତେ ଦେଖା କଲାନି । ମୋ ମାଆଙ୍କ ଫୋନ୍ ବି କାଟିଦେଲା । ମୁଁ ତାଙ୍କ ଘରକୁ ଗଲେ ସେ ମୋ ସହିତ କଥା ହେଲାନି କି ଦେଖା କଲାନି । ଏପରିକି ତା' ବାପା ଓ ଭାଇ ମୋତେ ଧମକଚମକ ଦେଲେ ତା ସହିତ କୌଣସି ସଂପର୍କ ନ ରଖିବା ପାଇଁ । ସେମାନେ ଜାତିର ଦ୍ୱାହି ଦେଇ କହିଲେ ଯେ ସେ ମୋ ସହିତ ବିବାହ କରିବାକୁ ଚାହୁଁନି । ଏପରିକି ସେମାନେ ବି ତାଙ୍କ ଝିଅର ନିଷ୍ପତ୍ତିରେ ଏକମତ । ମୁଁ ହଠାତ୍ ଏ ସବୁ ସହ୍ୟ କରି ପାରିଲି ନାହିଁ । ଧୀରେ ଧୀରେ ମୁଁ ପରିସ୍ଥିତିକୁ ଗ୍ରହଣ କରିଲି ହେଲେ ଏବେ ଯାଏଁ ମୋ ଘର ଲୋକ ସେହି ସତ୍ୟତାକୁ ଗ୍ରହଣ କରି ପାରୁ ନାହାନ୍ତି । ସେମାନେ ଏବେ ବି ଆଶା ବାନ୍ଧି ବସିଛନ୍ତି ଯେ ସେ ନିଶ୍ଚୟ ତାଙ୍କ ଘରକୁ ବୋହୂ ହୋଇ ଆସିବ । ଏ ପରିସ୍ଥିତିରେ ମୁଁ କଣ କରିବି କିଛି ଜାଣି ପାରୁନି ।

**ରାଧାଶ୍ୟାମ ସ୍ୱାଇଁ,** ଲଳିତଗିରି

### ସମାଧାନରସୂତ୍ର

ତୁମେ ଯାହାସବୁ ଲେଖିଛ ସେଥିରୁ ଜଣା ପଡୁଛି ଯେ ତୁମ ଦୁଇଜଣଙ୍କର ଭଲ ପାଇବା ଭିତରେ ନିଶ୍ଚୟ କେଉଁଠି ଟିକେ ଦୋଷ ରହି ଯାଇଥିଲା । ତୁମ ତରଫରୁ ତା ପ୍ରତି ଯେଉଁ ଭଲ ପାଇବା ଥିଲା ତାହା ହୁଏତ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ଥିଲା । କିନ୍ତୁ ହୁଏତ ସେ ଝିଅ ମନରେ ସେପରି ସମର୍ପଣର ଭାବ ନ ଥିଲା । ଅନେକ ସମୟରେ ଯୁବକ ଯୁବତୀମାନେ ପରସ୍ପରକୁ ଭଲ ପାଇବା ସମୟରେ ଜୀବନର ନିଷ୍ଠୁର ସତ୍ୟଗୁଡିକୁ ଅବହେଳା କରିଥାନ୍ତି । ଭଲ ପାଇବାରେ ହଜିଯାଇ ଏମାନେ କେବଳ ଜୀବନର ସହଜ ଓ ସୁବିଧା ବାଟ ଗୁଡିକୁ ହିଁ ଦେଖିଥାନ୍ତି । କିନ୍ତୁ ସେ ରାସ୍ତାରେ ଯେ ଅନେକ ଖାଲଢିପ ଓ ବାଧାବିଘ୍ନ ଆସିବ ସେ ବିଷୟରେ ସଚେତନ ହୁଅନ୍ତି ନାହିଁ । ଯେତେବେଳେ ଏପରି କିଛି ଘଟେ ସେମାନେ ତାହାର ସମ୍ମୁଖୀନ ନ ହୋଇପାରି ଭାଙ୍ଗି ପଡନ୍ତି । ପ୍ରକୃତ ଭଲ ପାଇବାରେ ତ୍ୟାଗ, ସେବା ଓ ସମର୍ପଣ ଭାବ ରହିବା ଦରକାର । ଯେତେ ଅସୁବିଧା ହେଉ ପଛକେ ଖୋଲାଖୋଲି ଆଲୋଚନା ହେବାର କଥା । କିନ୍ତୁ ଏବେ ସେ ପୁରାପୁରି ଚୁପ୍ ରହି ଯାଇଛି । ଯଦି ତାହା ମନରେ ପ୍ରକୃତ ଭଲପାଇବା ଥାଆନ୍ତା ତେବେ ସେ ମନଖୋଲି ନିଜ ଅସୁବିଧା ସଂପର୍କରେ ତୁମକୁ ଜଣାଇ ପାରିଥାନ୍ତା । ସମସ୍ୟାର ସମାଧାନ ପାଇଁ ସେ ତୁମ ଠାରୁ ସହଯୋଗ ଚାହିଁଥାନ୍ତା ବା ତୁମକୁ ସହଯୋଗ କରିଥାନ୍ତା । କିନ୍ତୁ ତା ତରଫରୁ କୌଣସି ପ୍ରକାରର ସହଯୋଗର ସୂଚନା ମିଳୁନାହିଁ । ଏଣୁ ଏଥିରେ ବିବ୍ରତ ହେବା ଆଦୌ ଉଚିତ ନୁହେଁ । ଭାବପ୍ରବଣ ହୋଇ ଭାଙ୍ଗି ପଡିବା ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ ।



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ବୟସ୍କା ମହିଳାଙ୍କର ବିଳମ୍ବରେ ଗର୍ଭଧାରଣ



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ବୟସ ଓ ସମୟ ସାଙ୍ଗରେ ତାଳ ଦେଇ ଚାଲୁ ଚାଲୁ ମନୁଷ୍ୟର ଜୀବନଚର୍ଯ୍ୟାରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥାଏ । ସେହିଭଳି ମହିଳାମାନଙ୍କର ବିବାହ ସମୟ ଓ ଗର୍ଭଧାରଣ ବୟସରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ । ନିଜର ଶିକ୍ଷାଦୀକ୍ଷା ଏବଂ କର୍ମସଂସ୍ଥାନ ପରେ ହିଁ ଆଜିକାଲି ଝିଅଟିଏ ବିବାହ କଥା ଚିନ୍ତା କରୁଛି । ତେଣୁ ବିଳମ୍ବରେ ବିବାହ କରି ବେଶି ବୟସରେ ଝିଅଟିଏ ଗର୍ଭଧାରଣ କରୁଛି । ଶିକ୍ଷା ପରିସମାପ୍ତି ସହ ଦୀର୍ଘ ଜୀବନ, ପରିବାର ନିୟନ୍ତ୍ରଣର ନୂତନ ପଦ୍ଧତି, ବହୁ ବର୍ଷ ଚାକିରି କରିବା ପରେ ବିବାହ ତଥା ବିଳମ୍ବରେ ବିବାହ ଏବଂ ନିଜ କ୍ୟାରିୟର ପାଇଁ ଅଧିକ ଧ୍ୟାନ ଦେଉଥିବା ମହିଳାମାନେ ବେଶି ବୟସରେ ପ୍ରଥମଥର ପାଇଁ ଗର୍ଭଧାରଣ କରିବାକୁ ବାଧ୍ୟ ହେଉଛନ୍ତି ।

ତେବେ ବିଳମ୍ବରେ ମାତୃତ୍ୱ ଆଗରୁ ପ୍ରାୟ ବିକଶିତ ରାଜ୍ୟମାନଙ୍କରେ ଦେଖା ଦେଉଥିଲା । ଭାରତ ଭଳି ବିକାଶଶୀଳ ଦେଶରେ ଏବେ ଏହା ବିଶେଷ ପରିମାଣରେ ଦେଖା ଦେଉଛି । ଫିଗୋ (ଦି କାଉନ୍‌ସିଲ୍ ଅଫ୍ ଇଣ୍ଟରନେସ୍‌ନାଲ୍ ଫେଡେରେସନ୍ ଅଫ୍ ଅବ୍‌ଷ୍ଟେଟ୍ରିକ୍ସ ଏଣ୍ଡ ଗାଇନୋକୋଲୋଜି) ଅନୁଯାୟୀ ୩୫ ବର୍ଷରୁ ବେଶି ବୟସରେ ପ୍ରଥମ ଗର୍ଭଧାରଣକୁ 'ବୟସ୍କା ପ୍ରଥମ ଗର୍ଭା' କୁହାଯାଇଥାଏ । କିନ୍ତୁ ଭାରତରେ ତାହା ୩୦ ବର୍ଷ ବା ତା'ଠାରୁ ବେଶି ବୟସରେ ଗର୍ଭଧାରଣକୁ କୁହାଯାଇଥାଏ । ତେବେ ନିଜ ପ୍ରଜନନ ବୟସ ସୀମାର ଶେଷ ପର୍ଯ୍ୟାୟରେ ଗର୍ଭଧାରଣ କରୁଥିବା ବୟସ୍କା ମହିଳାମାନେ ଗର୍ଭଧାରଣର ଗୁରୁତର ଜଟିଳତା ସହ ବୟସଧାରଣର ସାଧାରଣ ଜଟିଳତାକୁ ମଧ୍ୟ ସାମ୍ନା କରିଥାନ୍ତି । ତନ୍ମଧ୍ୟରୁ ଉଚ୍ଚ ରକ୍ତଚାପ, ମଧୁମେହ ରୋଗ, ହୃଦ୍‌ରୋଗ, ବୃକ୍କ ଜନିତ ଏବଂ ଅନ୍ୟ ଭେଷଜ ରୋଗ ଅନ୍ୟତମ । ଏହାଛଡ଼ା ବେଶି ବୟସରେ ଗର୍ଭଧାରଣ କଲା ପରେ ଜନ୍ମଗତ ବିକଳାଙ୍ଗତା, ଯମଜଗର୍ଭ, ଅପରିଣତ ପ୍ରସବ ଓ ଅସାଧାରଣ ଉପସ୍ଥାନ ଇତ୍ୟାଦି (ଆବ୍‌ନରମାଲ୍ ପ୍ରେଜେଣ୍ଟେସନ୍) ହୋଇଥାଏ । ଏହାଛଡ଼ା ସେମାନଙ୍କର ସାଧାରଣ ପ୍ରସବ ନ ହୋଇ ସିଜରିଆନ୍ ଅସ୍ତ୍ରୋପଚାର ବେଶି ହୋଇଥାଏ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର ମଧ୍ୟ ବଢ଼ି ଯାଇଥାଏ ।

ଖେଳପଡ଼ିଆରେ ଖେଳିବା ସମୟରେ, କମ୍ ବୟସର ଖେଳାଳିମାନଙ୍କର ମାଂସ ଓ ହାଡ଼ ନରମ ଥିବାରୁ ଅତି ଉତ୍ସାହ ଜନିତ ଖେଳ ଖେଳି ବିଜୟୀ ହୋଇଥାନ୍ତି । କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମାଂସପେଶୀ ଓ ହାଡ ଶକ୍ତ ହୋଇଯିବା ଯୋଗୁଁ ବୟସ୍କ ଖେଳାଳି ମାନେ ଭଲ ଖେଳ ଖେଳି ପାରନ୍ତି ନାହିଁ । ଠିକ୍ ସେହିଭଳି ଉପଯୁକ୍ତ ବୟସରେ ନାରୀଟିର ଗର୍ଭାବସ୍ଥା ନିରାପଦ ହୋଇଥାଏ ଏବଂ ପ୍ରସବ ମଧ୍ୟ ସୁରୁଖୁରୁରେ ହୋଇଥାଏ । କିନ୍ତୁ ବେଶି ବୟସରେ ଗର୍ଭାବସ୍ଥା ଓ ପ୍ରସବ ସମୟରେ ଜଟିଳତା ବଢ଼ି ଯାଇଥାଏ । ତେଣୁ ନାରୀଟିଏ ଯେତିକି ବୟସ୍କା ହୋଇଥାଏ, ତା'ଠାରୁ ତା'ର ପ୍ରସୂତି ବୟସ ବେଶି ବଢ଼ି ଯାଇଥାଏ । ବିକାଶଶୀଳ ରାଷ୍ଟ୍ରରେ ୩୫ ରୁ ୪୯ ବର୍ଷ ବୟସରେ ପ୍ରଥମ ଗର୍ଭଧାରଣ ଶତକଡ଼ା ୮.୬ ହେବା ବେଳେ ଭାରତରେ ତାହା ଶତକଡ଼ା ୨.୪ ରୁ ୩.୪କୁ ବୃଦ୍ଧି ପାଇଛି । ତେଣୁ ୩୫ ବର୍ଷ ବା ତଦୁର୍ଦ୍ଧ୍ୱ ବୟସରେ ଗର୍ଭଧାରଣ ମା' ଓ ଶିଶୁ ଉଭୟଙ୍କ ପାଇଁ ବିପଦଜନକ ହୋଇଥାଏ ଏବଂ ଏହାକୁ 'ହାଇରିସ୍କ ପ୍ରେଗନାନ୍ସି' କହିଥାନ୍ତି । କେତେକ ମହିଳା ବେଶି ବୟସରେ ବିବାହ କରି ସଂଗେ ସଂଗେ ଗର୍ଭଧାରଣ କଲାବେଳେ, ଅନ୍ୟ କେତେକ ବହୁବର୍ଷ ଧରି ବନ୍ଧ୍ୟା ପରେ ଗର୍ଭଧାରଣ କରିଥାନ୍ତି ଏବଂ ଅବଶିଷ୍ଟ ମହିଳା ତାଙ୍କ ଠାରୁ ଅଳ୍ପବୟସର ମହିଳାଙ୍କର ଡିମ୍ବ (ଏଗ୍ ଡୋନେସନ୍) ନେଇ ଗର୍ଭଧାରଣ କରିଥାନ୍ତି । ବିଳମ୍ବରେ ବିବାହ ପରେ ଚାକିରି ଓ କ୍ୟାରିୟର୍ ତଥା ଦୁର୍ଘଟଣା ଜନିତ ସନ୍ତାନ ବିଚ୍ଛେଦ ସନ୍ତାନଙ୍କର ମୃତ୍ୟୁ ଏବଂ ବହୁବର୍ଷ ଧରି ବନ୍ଧ୍ୟାଦୋଷ, ବେଶି ବୟସରେ ଗର୍ଭଧାରଣ କରିବାକୁ ବାଧ୍ୟ କରିଥାଏ ।

**ବନ୍ଧ୍ୟା ଦୋଷ :** ବୟସ ବଢ଼ିବା ସଙ୍ଗେ ସଙ୍ଗେ ଗର୍ଭଧାରଣ କରିବା ଶକ୍ତି କମିଯାଏ । କାରଣ ବୟସ୍କା ମହିଳାମାନଙ୍କର ଡ଼ିମ୍ବକୋଷରୁ ଡ଼ିମ୍ବ ନିର୍ଗତ ହେବା କମିଯାଏ ।

**ଗର୍ଭନଷ୍ଟ ବା ଗର୍ଭପାତ :** ବୟସ୍କା ମହିଳାମାନଙ୍କର ଡ଼ିମ୍ବରେ ଜନ୍ମଗତ ବିକଳାଙ୍ଗତା 'କ୍ରୋମୋଜୋମାଲ୍ ଆନୋମାଲି' ଥିବାରୁ ବେଶି ଗର୍ଭନଷ୍ଟ ହୋଇଥାଏ । ଏମାନଙ୍କର ଜରାୟୁ ଝିଲ୍ଲି ବିକଶିତ ହୋଇ ନଥିବାରୁ ମଧ୍ୟ ଗର୍ଭପାତ ହୋଇଥାଏ, ଏହି ଗର୍ଭପାତ ୬ ଗୁଣ ଅଧିକ ହୋଇଥାଏ ।

**ଶିଶୁ ବିକଳାଙ୍ଗତା :** ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କା ମହିଳାମାନଙ୍କର ବିକଳାଙ୍ଗ ଶିଶୁ ହୁଏ ଏବଂ ଗର୍ଭରେ ଶିଶୁ ମୃତ୍ୟୁ ହୁଏ ।

**ଗର୍ଭାବସ୍ଥାରେ ଉଚ୍ଚଚାପ :** ବୟସ ବଢ଼ିବା ସଙ୍ଗେ ସଙ୍ଗେ ଉଚ୍ଚ ରକ୍ତଚାପ ମଧ୍ୟ ବଢ଼ିଯାଏ । ବିଳମ୍ବରେ ଗର୍ଭଧାରଣ କଲେ ବେଶି ରକ୍ତଚାପ ବଢ଼ିଥାଏ ଏବଂ ତତ୍‌ଜନିତ ଜଟିଳତା





ମଧ୍ୟ ବଢ଼ିଥାଏ । ଯମଜ ଗର୍ଭ ପାଇଁ ମଧ୍ୟ ରକ୍ତଚାପ ବେଶି ବଢ଼ିଥାଏ ।

**ଜରାୟୁ ଅର୍ବୁଦ ଫାଇବ୍ରଏଡ୍ :** ପ୍ରାୟ ଶତକଡ଼ା ୧୦ ଭାଗ ବୟସ୍କା ମା'କୁ ଏହା ହୋଇଥାଏ । ତେଣୁ ଅର୍ବୁଦ ଜନିତ ଗୁରୁତର ଜଟିଳତା ଯଥା ଗର୍ଭପାତ, ଅପରିଣତ ପ୍ରସବ ଆଦି ହୋଇଥାଏ ।

**ଗର୍ଭାବସ୍ଥାରେ ମଧୁମେହ ରୋଗ :** ବେଶି ବୟସରେ ଗର୍ଭଧାରଣ କଲେ ଶତକଡ଼ା ୧୦ ଭାଗ ମହିଳାମାନଙ୍କ ଠାରେ ମଧୁମେହ ରୋଗ ହୁଏ । କିନ୍ତୁ ଅଳ୍ପବୟସ୍କା ମହିଳାମାନଙ୍କ କ୍ଷେତ୍ରରେ ଏହା ଶତକଡ଼ା ୪ ଭାଗ ଦେଖା ଦେଇଥାଏ । ଏହାଦ୍ୱାରା ଗର୍ଭରେ ଶିଶୁ ମୃତ୍ୟୁ, ପ୍ରସବ ପରେ ଶିଶୁର ଅସୁବିଧା, ମୋଟା ଶିଶୁ ଏବଂ ସେମାନଙ୍କୁ ମଧ୍ୟ ମଧୁମେହ ରୋଗ ଓ ହୃଦ୍‌ରୋଗ ହେବାର ଆଶଙ୍କା ଅଧିକ ଥାଏ ।

**ଅପରିଣତ ପ୍ରସବ :** ବିଳମ୍ବରେ ଗର୍ଭଧାରଣ କଲେ, ଅପରିଣତ ପ୍ରସବର ଜଟିଳତା ପ୍ରାୟ ଦୁଇଗୁଣ ବଢ଼ିଯାଏ । ଶତକଡ଼ା ୧୦-୧୫ ଭାଗ ଶିଶୁ ଅପରିଣତ ସମୟରେ ଜନ୍ମଗ୍ରହଣ କରିଥାନ୍ତି । ତେଣୁ ମୃତ୍ୟୁ ହାର ବଢ଼ିଯାଏ ।

**ପ୍ରସବ ପୂର୍ବରୁ ପାଣିଥଳି ଫାଟିଯିବା :** ଅଳ୍ପବୟସ୍କା ଗର୍ଭବତୀ ନାରୀଙ୍କ ଠାରୁ ବେଶି ବୟସ୍କା ଗର୍ଭବତୀ ନାରୀଙ୍କର ପ୍ରସବ ପୂର୍ବରୁ ପାଣିଥଳି ଫାଟିଯାଏ ଓ ତଦ୍‌ଜନିତ ସଂକ୍ରମଣ ରୋଗ ହେବା ଦେଖାଯାଏ । ଏହା ପ୍ରାୟ ଶତକଡ଼ା ୪ ଭାଗରୁ ଅଧିକ ଦେଖାଯାଇଥାଏ ।

**କମ୍ ଓଜନର ଗର୍ଭସ୍ଥ ଶିଶୁ:** ବୟସ୍କା ଗର୍ଭବତୀ ମା' ମାନଙ୍କର ଶିଶୁମାନେ ନିଶ୍ଚିତ ଭାବରେ ଅଳ୍ପ ଓଜନର ହୋଇଥାନ୍ତି, କାରଣ ଗର୍ଭଫୁଲ ଦେଇ ବେଶି ରକ୍ତ ଶିଶୁ ଦେହକୁ ଯାଇପାରେ ନାହିଁ ଏବଂ ଶିଶୁଟି ବଢ଼ିପାରେ ନାହିଁ । ଏହାଛଡ଼ା କ୍ରନିକ୍ ଉଚ୍ଚଚାପ ଓ ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ପାଇଁ ଶିଶୁର ଓଜନ କମିଯାଏ । କୁବ୍ କମ୍ ଓଜନର ଶିଶୁ ଶତକଡ଼ା ୧୮ ଭାଗ ବୟସ୍କା ଗର୍ଭବତୀ ମହିଳାଙ୍କର ହୋଇଥାଏ । ଏହି ଶିଶୁ ମାନେ ବଡ଼ ହେଲେ ହୃଦ୍‌ରୋଗ, ମଧୁମେହ ରୋଗ, ଫୁସ୍‌ଫୁସ୍ ଜନିତ ରାଗ ତଥା ମେଦବହୁଳତା ଭୋଗିଥାନ୍ତି ।

**ପ୍ରସବ ପୂର୍ବରୁ ରକ୍ତସ୍ରାବ:** ଗର୍ଭର ଶେଷ ତିନିମାସ ମଧ୍ୟରେ ପ୍ରସବ ପୂର୍ବରୁ ରକ୍ତସ୍ରାବ ତିନୋଟି କାରଣରୁ ହୋଇଥାଏ, ତନ୍ମଧ୍ୟରୁ ଗର୍ଭଫୁଲର ସାଧାରଣ ଅବସ୍ଥାନରୁ ରକ୍ତସାବ ଅନ୍ୟତମ କାରଣ । ବୟସ୍କା ମହିଳାମାନଙ୍କର ଉଚ୍ଚ ରକ୍ତଚାପ ଯୋଗୁ ଗର୍ଭଫୁଲ ତଳୁ ରକ୍ତସ୍ରାବ ହୋଇଥାଏ ଏବଂ ଗର୍ଭାଶୟରୁ ମଧ୍ୟ ଗର୍ଭଫୁଲକୁ କମ୍ ରକ୍ତ ଯାଇଥାଏ ଏବଂ ସ୍ଥଳ ବିଶେଷରେ ଗର୍ଭଫୁଲର ଗର୍ଭାଶୟର ନିମ୍ନ ଦେଶରେ ଅବସ୍ଥାନ (ଅସ୍ଥାନିକ ଗର୍ଭଫୁଲ ବା ପ୍ଲାସେଣ୍ଟା ପ୍ରିଭିଆ) ପାଇଁ ରକ୍ତସ୍ରାବ ହୋଇଥାଏ । ଏଥିରେ ଶିଶୁ ମୃତ୍ୟୁ ଓ ମାତୃ ମୃତ୍ୟୁହାର ବଢ଼ି ଯାଇଥାଏ ।

**ବୟସାଧିକ୍ୟ ରୋଗ:** ଅଧିକ ବୟସରେ ବିଭିନ୍ନ ରୋଗ ଯଥା ଉଚ୍ଚରକ୍ତ ଚାପ, ମଧୁମେହ ରୋଗ, ବୃକକ୍‌ଜନିତ ରୋଗ, ତଥା ଶ୍ୱାସରାଗ ସେମାନଙ୍କର ବେଶି ହୁଏ ।



**ପ୍ରସବ ସମୟରେ ଅସୁବିଧା:** ବେଶି ବୟସରେ ଗର୍ଭଧାରଣ କରିଥିବା ମାଆ ମାନଙ୍କର ଶିଶୁମାନେ ଗର୍ଭାଶୟରେ ଅସ୍ୱାଭାବିକ ଭାବେ ଅବସ୍ଥାନ କରିଥାନ୍ତି, ଯଥା: ନିତମ୍ବ ଓ ସ୍କନ୍ଧ ଉପସ୍ଥାନ । ମନକୁ ମନ ଏମାନଙ୍କର ପ୍ରସବ ବେଦନା ଆରମ୍ଭ ହୁଏ ନାହିଁ, ଇଂଜେକ୍‌ସନ୍ ଦ୍ୱାରା ପ୍ରସବ ବେଦନା ଆରମ୍ଭ କରାଯାଏ ଏବଂ ଅସ୍ତ୍ରୋପଚାର ଯଥା ଫୋରସେପସ୍ ଓ ଭାକ୍ୟୁମ୍ ଡ଼େଲିଭରିରୁ ରକ୍ତକ୍ଷରଣ ବେଶି ହୋଇଥାଏ । ନବଜାତକ ଶିଶୁଟି କାନ୍ଦିବାରେ ଓ ନିଃଶ୍ୱାସ ନେବାରେ ଡେରି ହୋଇଥାଏ ।

**ଶିଶୁ ପାଇଁ ଜଟିଳତା :** ବୟସ୍କା ମା' ମାନଙ୍କର ଶିଶୁମାନେ ଅପରିଣତ ଓ ଅଳ୍ପ ଓଜନର ହୋଇଥାନ୍ତି । ମା'ର ବୟସ ବଢ଼ିବା ସଙ୍ଗେ ସଙ୍ଗେ ବିକଳାଙ୍ଗ ଶିଶୁ ହୋଇଥାନ୍ତି । ଏହିଭଳି ଶିଶୁ ଜନ୍ମ ପରେ ପ୍ରଥମ ୭ ଦିନ ଭିତରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି ଏବଂ ସ୍ଥଳବିଶେଷରେ ରୁଗ୍‌ଣ ମଧ୍ୟ ହୋଇଯାଆନ୍ତି । ଏଥିରେ ଶିଶୁ ମୃତ୍ୟୁହାର ମଧ୍ୟ ଅନେକାଂଶରେ ବଢ଼ିଯାଏ ।

**ସାମାଜିକ ଅସୁବିଧା :** ବୟସ୍କା ମାତାପିତାମାନେ ବେଶି ପରିଣତ (ମାଚ୍ୟୁଅର୍) ହୋଇଥିବାରୁ ଏବଂ ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ ଥିବାରୁ ଶିଶୁର ଲାଳନପାଳନ ତଥା ଶିକ୍ଷାର ବିକାଶ ପାଇଁ ବେଶି ମନୋନିବେଶ କରିଥାନ୍ତି । ଅପର ପକ୍ଷରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ମାତାପିତାମାନଙ୍କର ଛୋଟ ଶିଶୁମାନଙ୍କୁ ଲାଳନପାଳନ କରିବାକୁ ବୟସ, ଶକ୍ତି ବା ଧୈର୍ଯ୍ୟ ନ ଥାଏ । ଏହାଛଡ଼ା ଏହି ସମୟ ତାଙ୍କ କ୍ୟାରିୟର୍ ପାଇଁ ଅତି ଉତ୍କର୍ଷ ସମୟ ହୋଇଥିବାରୁ ସେମାନେ ଶିଶୁମାନଙ୍କୁ ସମୟ ଦେଇପାରନ୍ତି ନାହିଁ ।

**ଚିକିତ୍ସା :** ବିଳମ୍ବରେ ଓ ବେଶି ବୟସରେ ଗର୍ଭଧାରଣ ଶିଶୁ ପାଇଁ ଓ ମା' ପାଇଁ ଅନେକ ପ୍ରକାରର ଜଟିଳତାକୁ ଡାକି ଆଣିଥାଏ । ଏଥିରେ ଶିଶୁ ବିକଳାଙ୍ଗତାର ହାର ବୃଦ୍ଧି ପାଉଥିବାରୁ ଗର୍ଭଧାରଣ ପୂର୍ବରୁ ଏବଂ ଗର୍ଭଧାରଣର ଠିକ୍ ପରେ ପରେ ଚିକିତ୍ସା କରିବା ଜରୁରୀ । ତେଣୁ ୩୫ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ମହିଳା ଗର୍ଭଧାରଣ କରିବା ପୂର୍ବରୁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ପରାମର୍ଶ ନେବା ଜରୁରୀ ।

**ଗର୍ଭଧାରଣ ପୂର୍ବରୁ ପରାମର୍ଶ :** ବୟସ୍କା ମା' ଗର୍ଭଧାରଣ କଲେ ଅନେକ ଅସୁବିଧା ହୋଇଥାଏ ଯଥା: ଗର୍ଭପାତ, ବିକଳାଙ୍ଗ ଶିଶୁ, ଯମଜ ଗର୍ଭ, ଗର୍ଭାଶୟରେ ଅର୍ବୁଦ, ଉଚ୍ଚ ରକ୍ତଚାପ, ମଧୁମେହ ରୋଗ । ପ୍ରସବ ପରେ ମା'ର ଅସୁସ୍ଥତା ବିଷୟରେ ବିଶଦ ଭାବରେ ଜାଣିଲେ ମା' ସତର୍କ ରହିପାରିବ ।

ଗର୍ଭାବସ୍ଥାରେ କେତୋଟି ବିଶେଷ ରକ୍ତ ପରୀକ୍ଷା ଏବଂ ଅଲ୍‌ଟ୍ରାସାଉଣ୍ଡ୍ ଦ୍ୱାରା ଶିଶୁର ବର୍ଦ୍ଧନକୁ ଲକ୍ଷ୍ୟ କରାଯାଇ ପାରିବ ଓ ତତ୍‌ଜନିତ ଚିକିତ୍ସା କରାଯାଇ ପାରିବ । ପ୍ରସବ ପରେ ଶିଶୁର ଯତ୍ନ ସ୍ତନ୍ୟପାନ ଆଦି ବିଷୟରେ ମଧ୍ୟ ବୟସ୍କାମାନେ ସତର୍କ ହେବା ଉଚିତ୍ । ଏକବିଂଶ ଶତାବ୍ଦୀରେ ଚିକିତ୍ସା କ୍ଷେତ୍ରରେ ଭେଷଜ ବିଜ୍ଞାନର ଦାନ ଅତୁଳନୀୟ । ଏହା ଫଳରେ ଜଣେ ଇଚ୍ଛା କଲେ ଗର୍ଭଧାରଣ ପୂର୍ବରୁ ଓ ଗର୍ଭାବସ୍ଥା ସମୟରେ ସ୍ତ୍ରୀରୋଗ ବିଶେଷଜ୍ଞଙ୍କର ପରାମର୍ଶ ନେଇ ଉତ୍ତୀର୍ଣ୍ଣ ବୟସରେ ମଧ୍ୟ ମାତୃତ୍ୱର ଆନନ୍ଦ ଉପଲବ୍ଧି କରିବାର ସୌଭାଗ୍ୟ ଲାଭ କରି ପାରି ।



# ଶୀତ ଋତୁରେ ଶରୀରର ଯତ୍ନ



**ସସ୍ମିତା ମେହେର**
ବିୟୁଟିସିଆନ୍, ସୋନ୍‌ପୁର
ଫୋନ : ୯୪୩୭୯୭୭୩୮୭

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଶୀତଋତୁରେ ସାଧାରଣ ଆଉ ତେଲିଆ ତ୍ୱଚା ଅପେକ୍ଷା ଶୁଷ୍କ ତ୍ୱଚା ପାଇଁ ଅଧିକ ଯତ୍ନ ନେବାକୁ ହୁଏ । ସାଧାରଣତଃ ଶୀତରେ ଆମେ ଗରମ ପାଣି ବ୍ୟବହାର କରୁ । ଏହା ଠିକ୍ ନୁହେଁ । ଅଳ୍ପ ଉଷୁମ୍ ପାଣି ହିଁ ବ୍ୟବହାର କରିବା ଉଚିତ । ଶୀତଦିନେ ଦୁଧ କିମ୍ବା ମହୁ ଥିବା ବଡ଼ିୱାସ୍ ଆଉ ଫେସ୍‌ୱାସ୍ ପ୍ରାୟତଃ ସମସ୍ତେ ବ୍ୟବହାର କରିବା ଆବଶ୍ୟକ । ବିଶେଷକରି ଶୁଷ୍କତ୍ୱଚାର ଅଧିକାରିଣୀ ମାନେ ଅଧିକ ଧ୍ୟାନ ରଖିବେ ଯେ, ତ୍ୱଚା ଅଳ୍ପ ଓଦା ଥିବା ସମୟରେ ହିଁ ଟୋନର୍ ଲଗେଇ ପୁଣି ମଏଶ୍ଚରାଇଜର୍ ଲଗେଇବେ । ଗାଧୋଇବା ପୂର୍ବରୁ ନଡ଼ିଆ ତେଲ ଦେହସାରା ମସାଜ୍ କରି ଗାଧୋଇବା ଅଧିକ ଉପଯୋଗୀ ।

ଶୀତ ସକାଳରେ ଶଯ୍ୟା ତ୍ୟାଗ କରିବା ପରେ ପ୍ରଥମେ ବେବି ଓଏଲ୍‌ରେ ହିଁ ମସାଜ୍ କରି ଟିସୁ ପେପର୍‌ରେ ପୋଛି ଅଳ୍ପ ଉଷୁମ ପାଣିରେ ମୁହଁ ଧୋଇସାରି ଟାୱ୍‌ଲ୍‌ରେ ପୋଛିବା ପରେ ମିଲ୍‌କ୍ କ୍ଲିଞ୍ଜର୍‌ରେ ଟିକିଏ ମସାଜ୍ କରିବା ଦରକାର । ତା'ପରେ ମୁହଁ ଧୋଇଦିଅନ୍ତୁ ଥଣ୍ଡା ପାଣିରେ । ତାହିଁଲେ କଞ୍ଚାକ୍ଷୀରରେ ତୁଳା ଭିଜେଇ ଆପଣ ନିଜ ପସନ୍ଦର ଯେକୌଣସି ଟୋନର୍ ଲଗେଇ ପାରିବେ । ଗୋଲାପ ଜଳ ଅଧାକୁ ଗୋଟିଏ ସ୍ପ୍ରେ ବୋତଲରେ ଭର୍ତ୍ତି ସ୍ପ୍ରେ କରିବେ । ତା'ପରେ ମଏଶ୍ଚରାଇଜର ଲଗେଇବେ ।

ଘରୋଇ ଉପାୟ ହିସାବରେ ମଏଶ୍ଚରାଇଜର୍ ପରିବର୍ତ୍ତେ ନଡ଼ିଆ ତେଲରେ ହାଲ୍‌କା ମସାଜ୍





କରିପାରନ୍ତି । ତା'ପରେ ସନ୍‌ସ୍କ୍ରିନ୍ ଲୋସନ୍ ଆଉ ଦଶ ମିନିଟ୍ ପରେ ବାହାରକୁ ଯାଇଥିଲେ ଅନ୍ୟ ଡେ କ୍ରିମ୍ ଆଉ ମେକ୍‌ଅପ୍ ନେଇ ପାରିବେ । ସପ୍ତାହକୁ ଦୁଇଥର ସ୍କ୍ରବ୍ କରିବା ଭଲ । ମହୁରେ କିଛି କଫି ମିଶେଇ ବି ଆପଣ ସ୍କ୍ରବ୍ କରି ପାରିବେ । ଶୀତଦିନରେ ମହୁର ବ୍ୟବହାର ବିଶେଷ ଉପଯୋଗୀ ।

ସକାଳ ଜଳଖିଆରେ ଅଙ୍ଗୁର, କମଳା ଆଉ ଗାଜରର ଜୁସ୍ ମିଶେଇ ପିଇବା ଭଲ । ଖାଲି ପେଟରେ ଉଷୁମ ଲେମ୍ବୁପାଣି ମଧ୍ୟ ପିଇ ପାରିବେ । ଗଜାମୁଗ ସହିତ ଫଳ କିମ୍ବା ଲାଲ୍‌ଡିଆଣି ଚଣାକୁ ସିଝେଇ ଲେମ୍ବୁ, କାକୁଡ଼ି, ଟମାଟୋ ଆଉ ଗାଜର ମିଶେଇ ଚାଟ୍ ବନେଇ ଖାଇ ପାରିବେ । ଧ୍ୟାନ ରଖିବେ, ସକାଳ ଜଳଖିଆଟା ନିହାତି ପୁଷ୍ଟିକର ରହିବ । ଦିନସାରା ୪ରୁ ୫ ଲିଟର୍ ପାଣି ନିଶ୍ଚିତ ପିଅନ୍ତୁ । ସନ୍ଧ୍ୟାରେ ପୁଣି ଗ୍ରୀନ୍-ଟି ନେବା ଭଲ ।

ରାତିରେ ଶୋଇବା ପୂର୍ବରୁ ଯଦି ମେକ୍‌ଅପ୍ ନେଇଛନ୍ତି ନଡ଼ିଆ ତେଲ କିମ୍ବା ଅନ୍ୟ କୌଣସି ମେକ୍‌ଅପ୍ ରିମୁଭର୍ ଦେଇ ଟିସୁ ପେପର୍‌ରେ ପ୍ରଥମେ ପୋଛି, ତା'ପରେ କ୍ଲିଂଜିଙ୍ଗ୍ କରନ୍ତୁ । ଆଉ ଟୋନର୍ ଲଗେଇବା ପରେ ଭିଟାମିନ୍-ଇ ଯୁକ୍ତ ନାଇଟ୍ କ୍ରିମ୍ ଲଗାନ୍ତୁ କିମ୍ବା ବାଦାମ ତେଲ ମଧ୍ୟ ମସାଜ୍ କରିପାରନ୍ତି । ରାତିରେ ଶୋଇବା ପୂର୍ବରୁ ଉଷୁମ କ୍ଷୀର ଗ୍ଲାସ୍‌ରେ ଅଦା କିମ୍ବା ହଳଦି ମିଶେଇ ପିଅନ୍ତୁ । କ୍ଷୀରରେ ଚିନି ନପଡ଼ିଲେ ଆହୁରି ଭଲ ।

ଶୀତଋତୁରେ ହାତ ଆଉ ପାଦ ପ୍ରତି ମଧ୍ୟ ଅଧିକ ଧ୍ୟାନ ଦେବାକୁ ହୁଏ । ମାସରେ ଥରେ ପେଡ଼ିକିଓର୍ ଓ ମେନିକିଓର୍ କରେଇ ନିଅନ୍ତୁ । ପ୍ରତିଦିନ ହେଣ୍ଡ୍‌କ୍ରିମ୍ ଆଉ ଫୁଟ୍‌କ୍ରିମ ନିହାତି ଲଗେଇବେ । ଓରିଫ୍ଲେମ୍‌ର ହେଣ୍ଡ୍‌କ୍ରିମ୍ ଆଉ ଫୁଟ୍‌କ୍ରିମ୍ ଅଧିକ ଉପଯୋଗୀ । ଗାଧୋଇଲା ସମୟରେ ପ୍ରତିଦିନ ଫୁଟ୍ ଫାଇଲ୍‌ରେ ପାଦରୁ ମୃତକୋଷ ବାହାର କରି ତା'ପରେ କ୍ରିମ୍ ବ୍ୟବହାର କରିବେ । ଘରୋଇ ଉପାୟରେ ହାତକୁ ନରମ କରିବାକୁ ଚାହୁଁଥିଲେ ହାତ ପାପୁଲିକୁ ପନ୍ଦର ମିନିଟ୍ କ୍ଷୀରରେ ବୁଡ଼େଇ ରଖି ତା'ପରେ ଟିକିଏ ମସାଜ୍ ପରେ ପୋଛି ଦେଇ ପୁଣି ପାଣିରେ ଡୁବେଇ ରଖନ୍ତୁ ।

ଶୀତଦିନେ କେଶରେ ରୁପି ସମସ୍ୟା ଅଧିକ ଦେଖାଯାଏ । ନିଜ ଚେହେରାକୁ ମାନିଲା ଭଳି ହେୟାର୍ ଷ୍ଟାଇଲ୍‌ରେ କେଶକୁ ଅଳ୍ପ ଲମ୍ବା ରଖି କାଟନ୍ତୁ । ମାସରେ ଥରେ ହେୟାର୍ ସ୍ପା କରେଇ ନେବା ଭଲ ।

ଘରୋଇ ଉପାୟରେ ସୁସ୍ଥ କେଶ ପାଇଁ ଏଲୋଭେରା ଜେଲ୍‌ରେ ଫାଳେ ଲେମ୍ବୁରସ ଆଉ ଓଲିଭ୍ ଓଏଲ୍ କେଇବୁନ୍ଦା ଦେଇ ମସାଜ୍ କରନ୍ତୁ । ତା'ର ଅଧଘଣ୍ଟା ପରେ କେଶକୁ ଶାମ୍ପୁ କରନ୍ତୁ ।



ନିଜ ପାର୍ଲରରେ ସୌନ୍ଦର୍ଯ୍ୟ ବିଶେଷଜ୍ଞା ସସ୍ମିତା ମେହେର

# ଶୀତଦିନିଆ ପରିଧାନ




# କୋଟ୍‌ପାଡ଼୍




**ସ୍ନିଗ୍ଧା ତ୍ରିପାଠୀ**
ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫


ଫଟୋ ସୌଜନ୍ୟ : ଲେଖିକା



ସମୟ ସହିତ ବଦଳୁଛି ଫ୍ୟାଶନ୍ । ବଦଳୁଛି ଏହି ଫ୍ୟାଶନ୍‌ର ପରିଧି । ପୂର୍ବର ଆଉଟ୍‌ଡେଟ୍ କପଡ଼ା ବର୍ତ୍ତମାନର ଫ୍ୟାଶନ୍ । କେତେବେଳେ କେଉଁ ଜିନିଷ ଫ୍ୟାଶନ୍‌ର ପରିଧିକୁ ଧସେଇ ପଶି ଆସିବ କେହି ଜାଣିବା ମୁସ୍କିଲ୍ । କିନ୍ତୁ ଫ୍ୟାଶନ୍-ପ୍ରିୟ ଲୋକମାନେ ସବୁବେଳେ ଫ୍ୟାଶନ୍‌କୁ ନେଇ ଅପ୍‌ଡେଟ୍ ଥାଆନ୍ତି । ତିନୋଟି ଅକ୍ଷରର ସମାହାର: 'ଫ୍ୟାଶନ୍' । ଏ ଶବ୍ଦକୁ ଯେତେବେଳେ ଡିଜାଇନର୍ ଆପଣାଇ ତାର ଡିଜାଇନ୍‌ରେ ପରିପ୍ରକାଶ କରେ ସେତେବେଳେ ଫ୍ୟାଶନ୍‌ର ସଂଜ୍ଞା ବଦଳି ଯାଇଥାଏ । ସେ ଯାହାହେଉନା କାହିଁକି ଆମର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ **କୋଟ୍‌ପାଡ଼୍** ଲୋକଲୋଚନକୁ ଆସି ପାରିନଥିଲା । ଫଳରେ ଏହାର ଚାହିଦା ନଥିଲା । କିନ୍ତୁ ଏବେ କ୍ରମାଗତ ଭାବେ ଏହାର ଡିମାଣ୍ଡ୍ ବଢ଼ିବାକୁ ଲାଗିଛି । ବୁଣାକାରଙ୍କ ଦ୍ୱାରା ସୁନ୍ଦର କାରୁକାର୍ଯ୍ୟ ସହ ଡିଜାଇନର୍‌ଙ୍କ ଡିଜାଇନ୍ ମାଇଣ୍ଡ୍‌ର ସମ୍ମିଶ୍ରଣରେ ଏହାର ଆଦର କେବଳ ଆମ ରାଜ୍ୟ ନୁହେଁ ରାଜ୍ୟ ବାହାରେ ମଧ୍ୟ ବେଶ୍ ବୃଦ୍ଧି ପାଉଛି । ଖଦୀ ପରେ ବର୍ତ୍ତମାନ କୋଟ୍‌ପାଡ଼୍‌କୁ ଲୋକ ବେଶି ଗ୍ରହଣ କରୁଛନ୍ତି । ତେବେ ଏଥର ଆମେ କୋଟ୍‌ପାଡ଼୍ ଫ୍ୟାଶନ୍ ଉପରେ ବିହଙ୍ଗ ଦୃଷ୍ଟି ପକାଇବା ।


କୋରାପୁଟ ଜିଲ୍ଲାର କୋଟ୍‌ପାଡ଼୍ ହ୍ୟାଣ୍ଡ୍‌ଲୁମ୍ ବର୍ତ୍ତମାନ ସମଗ୍ର ଭାରତର ପ୍ରମୁଖ ବସ୍ତ୍ର ଭାବେ ଜଣାଶୁଣା । କିନ୍ତୁ ନବେ ଦଶନ୍ଧିର ଆରମ୍ଭ ପର୍ଯ୍ୟନ୍ତ ଏହି କପଡ଼ା ଆଦିବାସୀ ମିରିଗନ ସମୁଦାୟ ଦ୍ୱାରା ପ୍ରସ୍ତୁତ ହେଉଥିଲା । କ୍ରମାଗତ ଭାବେ ଏହାର ପ୍ରଚଳନ ପରେ ଅନେକ ସରକାରୀ, ବେସରକାରୀ ଏବଂ ଡିଜାଇନର୍‌ମାନଙ୍କ ସଂସ୍ପର୍ଶରେ ଆସି ଏହା ବିକଶିତ ହେଲା ।

### ପରିବର୍ତ୍ତିତ କୋଟ୍‌ପାଡ଼୍

କୋଟ୍‌ପାଡ଼୍‌ର ଡିମାଣ୍ଡ୍ ବଢ଼ିବା ପରେ ବୁଣାକାରଙ୍କର ମଧ୍ୟ ଡିମାଣ୍ଡ୍ ବଢ଼ିଛି । ପୂର୍ବେ ଆଠହାତି ଶାଢ଼ି ୨୦୦ରୁ ୩୦୦ ଟଙ୍କା ଥିବା ବେଳେ ବୁଣାକାରଙ୍କ ଶ୍ରମ ଏବଂ ତାଙ୍କ କାରୁକାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏବେ ବାରହାତି ଶାଢ଼ି ୬୦୦୦ ରୁ ଆରମ୍ଭ ହୋଇ ପନ୍ଦର ହଜାର ଛୁଇଁଛି । ସ୍ଥଳବିଶେଷରେ ଏହାଠୁ ଅଧିକ ମୂଲ୍ୟ ବି ରହୁଛି ।

### କୋଟ୍‌ପାଡ଼୍‌ରେ ଡିଜାଇନର୍‌ଙ୍କ ଛାପ

କୋଟ୍‌ପାଡ଼୍‌କୁ ନେଇ ବର୍ତ୍ତମାନ ଡିଜାଇନର୍‌ମାନେ ଭିନ୍ନ ଭିନ୍ନ ଡିଜାଇନ୍ କରୁଛନ୍ତି । ଏହା ଯେ କେବଳ ଶାଢ଼ିରେ ସୀମିତ ତାହା ନୁହେଁ, ଏହି କୋଟ୍‌ପାଡ଼୍‌ରେ ଏବେ କୁର୍ତ୍ତା, ସାଲ୍‌ୱାରା, ଗାଉନ୍, ଷ୍ଟୋଲ୍ ଏପରିକି ପୁଅମାନଙ୍କ କୁର୍ତ୍ତା ବି ଆସିଲାଣି । ଏହା ପିନ୍ଧିବାକୁ ଯେପରି ଆରାମଦାୟକ ଲାଗୁଛି, ବ୍ୟକ୍ତିତ୍ୱକୁ ମଧ୍ୟ ନୂଆ ଲୁକ୍ ଦେଉଛି ।







## କୋଟପାଡ଼କୁ ନେଇ ଆମ ଡିଜାଇନର୍ ସୌମ୍ୟା ନାୟକ କୁହନ୍ତି:



▼ଡିଜାଇନର୍ ସୌମ୍ୟା ନାୟକ

**●କୋଟ୍‌ପାଡ଼୍ କେବେ ଠୁ ଆସିଲା ?**

: ମଧ୍ୟଭାରତର ଜଙ୍ଗଲରେ ଏହି କପଡ଼ାର ପରମ୍ପରାକୁ ଅଣଦେଖା ହେଉଥିଲା । ୧୯୮୦ରେ ବିଶ୍ୱକର୍ମା ମହୋତ୍ସବ ପରେ ଏହା ଆସିଲା । ଓଡ଼ିଶାର ଏକମାତ୍ର ହସ୍ତତନ୍ତ ୨୦୦୮ରେ ଏହା ସର୍ବସମ୍ମୁଖକୁ ଆସିଲା । ସବୁସ୍ତରରେ ଏହାର ଡିମାଣ୍ଡ୍ ଅଧିକ । ଏହାର ଜୈବିକ ଗୁଣବତ୍ତା ଓ ଆମ ତ୍ୱଚା ପାଇଁ ଏହା ଅଧିକ ଫଳପ୍ରଦ ।

**●ଏହି ଡିଜାଇନ୍‌କୁ ଲୋକ କେତେଦୂର ଗ୍ରହଣ କରୁଛନ୍ତି ?**

: ଏହାକୁ ଆପଣାଇବାକୁ ଅନେକ ଲୋକ ଇଚ୍ଛୁକ । ଶାଢ଼ି ବ୍ୟତୀତ ଏହି କୋଟ୍‌ପାଡ଼୍‌ରେ ପୁରୁଷଙ୍କ କୁର୍ତ୍ତା ମଧ୍ୟ ଉପଲବ୍ଧ ହେଲାଣି ।

**●ଏହି କୋଟ୍‌ପାଡ଼୍‌କୁ କେଉଁ ବର୍ଗୀୟ ଲୋକ ଆପଣାଉଛନ୍ତି ?**

: ଏହାକୁ ସେଲିବ୍ରିଟି ଠୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ସମସ୍ତେ ଆପଣାଉଛନ୍ତି ।

**●ଏହାର ମୂଲ୍ୟ ?**


: ଦୁପଟ୍ଟା, ଗାମୁଛା, ଧୋତି, ଶାଢ଼ି, ଡ୍ରେସ୍ ପ୍ରଭୃତି କୋଟ୍‌ପାଡ଼୍‌ରେ ଉପଲବ୍ଧ । ୧୫୦୦ରୁ ଆରମ୍ଭ ହାଇ ୪୦ହଜାର ପର୍ଯ୍ୟନ୍ତ ରହୁଛି ମୂଲ୍ୟ । ବୁଣାକାରଙ୍କ କାରୁକାର୍ଯ୍ୟ ଉପରେ ନିର୍ଭର କରେ ଏହା ।

**●କେଉଁ ସମୟରେ ଏହାକୁ ପିନ୍ଧି ପାରିବେ ?**

: ଏହାକୁ ସବୁ ସମୟରେ ପିନ୍ଧି ପାରିବେ । ଗ୍ରୀଷ୍ମ, ଶୀତ ସବୁ ସମୟରେ । ଗ୍ରୀଷ୍ମରେ ଝାଳକୁ ଡ୍ରେସ୍ ବାହାରକୁ ଆସିବାକୁ ଦେଇନଥାଏ । ଶୀତରେ ଥଣ୍ଡା ଦାଉରୁ ରକ୍ଷା କରେ । ପିନ୍ଧିବାକୁ ବେଶ୍ ଆରାମ ଲାଗିଥାଏ ।

ରୋଷେଇଶାଳ- ୧

# ଓଡ଼ିଆ ଘରର ପିଠାପଣା



# ଦୁଇଟି ବ୍ୟଞ୍ଜନ



## ଚକାପିଠା

ଚକାପିଠା ମଧ୍ୟ ସୋନପୁର ଜିଲ୍ଲାର ଏକ ପ୍ରସିଦ୍ଧ ଜଳଖିଆ ଆଇଟମ୍ । ସୋନପୁରର ତରଭା ଓ ବହିରାସର ଅଂଚଳ ଏହି ଚକପିଠା ପାଇଁ ପ୍ରସିଦ୍ଧ । ଆସନ୍ତୁ ଜାଣିବା ଚକାପିଠା ତିଆରିର ବିଧି ।

**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ଉଷୁନା ଚାଉଳ, ୧୦୦ଗ୍ରାମ ବିରି, ସ୍ୱାଦ ଅନୁସାରେ ଲୁଣ, ଛାଣିବା ପାଇଁ ତେଲ ।

**ପୁର ପାଇଁ ସାମଗ୍ରୀ :** ସିଝା ଆଳୁ, ଗ୍ରୀନ୍ ମଟର, କଟା ଗାଜର, କଟା ପିଆଜ, କଟା ରସୁଣ, କଟା ଅଦା, ଜିରା ଗୁଣ୍ଡ, ଲଙ୍କାଗୁଣ୍ଡ, ଗରମ ମସଲା ଗୁଣ୍ଡ, କଟା ଧନିଆ ପତ୍ର, ତେଲ ତିନି/ଚାରି ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପୁର ପ୍ରସ୍ତୁତ କରିବେ । କରେଇରେ ତେଲ ଗରମ କରି କଟା ପିଆଜ, କଟା ରସୁଣ, କଟା ଅଦା ପକେଇ ଟିକେ ଭାଜନ୍ତୁ । ସେଥିରେ ଗ୍ରୀନ୍ ମଟର, କଟା ଗାଜର ପକେଇ ଭାଜନ୍ତୁ । ସିଝା ଆଳୁରେ ସ୍ୱାଦ ଅନୁସାରେ ଲୁଣ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା ଗୁଣ୍ଡ ପକେଇ ଗୋଳେଇ ଦିଅନ୍ତୁ । ଭଜା ମସଲାରେ ଗୋଳା ହୋଇଥିବା ଆଳୁ ପକେଇ କରେଇରେ ଗୋଳାନ୍ତୁ । ଉପରେ କଟା ଧନିଆପତ୍ର ପକେଇ ଓହ୍ଲେଇ ଥଣ୍ଡା କରି ରଖନ୍ତୁ । ଚାଉଳ ଓ ବିରିକୁ ବତୁରେଇ ଅଲଗା ଅଲଗା ବାଟିନେବେ । ଗୋଟିଏ ପାତ୍ରରେ ବଟା ଚାଉଳ ଓ ବଟା ବିରିରେ ସ୍ୱାଦ ଅନୁସାରେ ଲୁଣ ଦେଇ କିଛି ସମୟ ଫେଣ୍ଟିବ । କରେଇରେ ତେଲ ଗରମ କରିବେ । ତେଲ ଗରମ ହୋଇଗଲେ, ଗୋଟିଏ ଚଟୁରେ ପ୍ରଥମେ ଗୋଟେ ଚାମଚ ଚାଉଳ ଓ ବିରିର ବଟା ପକେଇ ତା ଉପରେ ଆଳୁପୁର ପକେଇବେ ଓ ଆଳୁପୁର ଉପରେ ପୁଣି ଥରେ ଚାଉଳ ବଟା ଦେଇ ଗରମ ତେଲରେ ଛାଡ଼ିଦେବେ । ଦୁଇ ମିନିଟ ପରେ ଛାଣିଦେବେ । ଗୋଟିଏ କଞ୍ଚାପତ୍ରରେ ଛଣା ହୋଇଥିବା ସବୁ ପିଠାକୁ ଗୋଟିଏ ପାତ୍ରରେ ରଖିଦେବେ । ଛଣା ହୋଇଥିବା ପିଠାକୁ ଆଉଥରେ ଛାଣି ବାହାର କରିଦେବେ । ଧନିଆ ପତ୍ର ଚଟଣି ସହିତ ପରଷିବେ ସୋନପୁରର ପ୍ରସିଦ୍ଧ ଚକାପିଠା ।

## ଚାଉଳ ବରା

**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ୍ ଉଷୁନା ଚାଉଳ, ୧୦୦ ଗ୍ରାମ୍ ବିରି, ଅଦା ବଟା, ରସୁଣ ବଟା, ଗୋଟା ଜିରା ଦୁଇ ଚାମଚ, ଜୁଆଣି ଗୋଟେ ଚାମଚ, କଟା ପିଆଜ, କଟା ଧନିଆପତ୍ର, କଟା କଞ୍ଚା ଲଙ୍କା, ସ୍ୱାଦ ଅନୁସାରେ ଲୁଣ, ଛାଣିବା ପାଇଁ ତେଲ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଚାଉଳ ଓ ବିରିକୁ ବତୁରେଇ ଅଲଗା ଅଲଗା ବାଟିନେବେ । ଗୋଟିଏ ପାତ୍ରରେ ବଟା ଚାଉଳ ଓ ବଟା ବିରିକୁ ମିଶାଇ କିଛି ସମୟ ଫେଣ୍ଟିବେ । ତାପରେ ସେଥିରେ ଅଦା ବଟା, ରସୁଣ ବଟା, କଟା ପିଆଜ, କଟା କଞ୍ଚାଲଙ୍କା, କଟା ଧନିଆପତ୍ର, ଜୁଆଣି, ଜିରାକୁ ମିଶାଇ ପୁଣିଥରେ ଫେଣ୍ଟିଦେବେ । କରେଇରେ ରିଫାଇନ୍ ତେଲ ଗରମ କରି ଏହି ମିଶ୍ରଣକୁ ଅତି ଛୋଟ ଛୋଟ ବରା ଆକାରରେ ଛାଣିବେ । ବରା ଗୁଡ଼ିକ ଟିକେ ହଳଦିଆ ହୋଇ ଆସିଲେ ତାହାକୁ ଛାଣି ଗୋଟିଏ ପାତ୍ରରେ ରଖିବେ ଓ ପାଞ୍ଚ ମିନିଟ୍ ପରେ ପୁଣିଥରେ ଅଧା ଛଣା ବରାକୁ ଛାଣିବେ । ଏହାଦ୍ୱାରା ଚାଉଳ ବରା ବାହାରୁ କୁର୍‌କୁରିଆ ଓ ଭିତରେ ନରମ ହୋଇଥାଏ । ଦ୍ୱିତୀୟଥର ଛାଣିବା ପରେ ପ୍ରସ୍ତୁତ ହୋଇଗଲା ସୋନପୁରର ପ୍ରସିଦ୍ଧ ଚାଉଳ ବରା । ସୋନପୁର ଓ ବଲାଙ୍ଗୀର ଅଂଚଳରେ ଚାଉଳ ବରା ହେଉଛି ସବୁଠୁ ପ୍ରିୟ ଜଳଖିଆ । ସୋନପୁର ଅଞ୍ଚଳର ପ୍ରାୟ ଟିଫିନ୍ ଦୋକାନରେ ଚାଉଳ ବରା ନିଶ୍ଚିତ ପ୍ରସ୍ତୁତ ହୁଏ । ଯଦି କେବେ ସୋନପୁର ଆସନ୍ତି ଚାଉଳ ବରା ଚାଖିବାକୁ ଭୁଲିବେନି । ଯଦି ଆସି ପାରୁ ନାହାନ୍ତି ତ ଏହି ପ୍ରଣାଳୀରେ ପ୍ରସ୍ତୁତ କରି ଚାଉଳ ବରାର ମଜା ନିଅନ୍ତୁ ।





**ଶୁଭଲକ୍ଷ୍ମୀ ଦାସ**
ମାର୍ଫତ : କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ନୂଆପୁର, କଲ୍ୟାଣୀ, ବାଲେଶ୍ୱର-୭୫୬୦୪୪
ଫୋନ:୯୦୭୮୦୫୬୨୨୬

ଫଟୋ ସୌଜନ୍ୟ : ଲେଖିକା

# ଓଡ଼ିଆ ଘରର ପିଠାପଣା



# ଦୁଇଟି ବ୍ୟଞ୍ଜନ




**ଡାକ୍ତର ସୁରଭି ଭଟ୍ଟ**

ଉପରସାହି, କାମନା ମନ୍ଦିର, ଖୋର୍ଦ୍ଧା

ଫୋନ : ୭୦୦୮୧୭୪୮୯୩


ଫଟୋ ସୌଜନ୍ୟ : ଲେଖିକା

## ବୁଢ଼ା ଚକୁଳି



**ଆବଶ୍ୟକ ସାମଗ୍ରୀ:** ବିରି ୨ କପ୍, ଅରୁଆ ଚାଉଳ ୩ କପ୍, ନଡ଼ିଆ, ଗୁଡ଼, ଗୋଲମରିଚ ଗୁଣ୍ଡ, ଗୁଡ଼, ବିରି ।

**ପ୍ରସ୍ତୁତି ପ୍ରଣାଳୀ:** ଚାଉଳକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ । ବିରି ବତୁରିଗଲେ ଚୋପା କାଢ଼ି ଚାଉଳ ସହିତ ଗ୍ରାଇଣ୍ଡିଙ୍ଗ୍ କରି ଦିଅନ୍ତୁ । ପ୍ରସ୍ତୁତ ବିରି ଚାଉଳ ଆଣ ଯେପରି ପାଣିଆ ନହୁଏ ଧ୍ୟାନ ରଖିବେ ସେଇ ଆଣରେ ଆବଶ୍ୟକ ଅନୁସାରେ ଗୁଡ଼କୁ ଭଲ ଭାବରେ ମିଶେଇ ଦିଅନ୍ତୁ, ଯେପରିକି ଗୋଟେ ଗ୍ଲାସ୍ ଆଣରେ ୧୦୦ ଗ୍ରାମ ଗୁଡ଼ ତାପରେ ଆବଶ୍ୟକ ଅନୁଯାୟୀ ଲୁଣ ଓ କିଛି ଗୋଲମରିଚ ଗୁଣ୍ଡ ଦିଅନ୍ତୁ । ଏବେ ପୁର ପାଇଁ ନଡ଼ିଆକୁ କୋରି ଗୁଡ଼ କିମ୍ବା ଚିନି ସହିତ ଧିମା ଆଞ୍ଚରେ ଭଲଭାବରେ ମିଶେଇ ଦିଅନ୍ତୁ । ଭଲଭାବରେ ମିଶିଗଲା ପରେ ତାକୁ ଆଞ୍ଚରୁ ଓହ୍ଲାଇ ଦେଇ ଥଣ୍ଡା କରି ଗୁଜୁରାତି ଗୁଣ୍ଡ ମିଶେଇ ଦିଅନ୍ତୁ । ଏବେ ଆଞ୍ଚରେ ତାୱା ବସାନ୍ତୁ, ତାୱା ଭଲଭାବରେ ଗରମ ହେଇଗଲେ ତେଲକୁ ତାୱାରେ ଭଲଭାବରେ ମଖେଇ ଦିଅନ୍ତୁ । ତା'ପରେ ଆଣକୁ ଗୋଲ୍ କରି ଟିକେ ମୋଟା ଆକାର ଦେଇ ଚାରି ପାଖରେ ତେଲକୁ ବୁଲେଇ ଆଣି ଉପରେ ନଡ଼ିଆ ପୁରକୁ ସଜେଇ ଏକ ଘୋଡ଼ଣି ଘୋଡ଼େଇ ଦିଅନ୍ତୁ । ଠିକ୍ ୪ ମିନିଟ୍ ପରେ ଘୋଡ଼ଣି କାଢ଼ି ପିଠାକୁ ଓଲଟେଇ ଦେଇ ଧିମା ଆଞ୍ଚରେ ୨ ମିନିଟ୍ ରଖି ଓହ୍ଲାଇ ଦିଅନ୍ତୁ । ଏବେ ପ୍ରସ୍ତୁତ ହେଇଗଲା ବୁଢ଼ା ଚକୁଳି ।

## ହଳଦୀପତ୍ର ପିଠା

**ଆବଶ୍ୟକ ସାମଗ୍ରୀ:** ବିରି ୨କପ୍, ଅରୁଆ ଚାଉଳ ୩ କପ୍, ନଡ଼ିଆ, ଗୁଡ଼ କିମ୍ବା ଚିନି, ଗୁଜୁରାତି ଗୁଣ୍ଡ, ହଳଦୀ ପତ୍ର ଗୋଟେ ବିଡ଼ା ।



**ପ୍ରସ୍ତୁତି ପ୍ରଣାଳୀ:** ବିରି ଓ ଚାଉଳକୁ ୨ ରୁ ୩ ଘଣ୍ଟା ବତୁରେଇ ଦିଅନ୍ତୁ, ଭଲ ଭାବରେ ବତୁରି ଗଲେ ବିରିରୁ ଚୋପା ଛଡ଼େଇ ଚାଉଳ ସହିତ ଗ୍ରାଇଣ୍ଡିଂ କରି ଦିଅନ୍ତୁ ନଡ଼ିଆପୁର ପାଇଁ, ନଡ଼ିଆକୁ କୋରି ଗୁଡ଼ ସହ ଧିମା ଆଞ୍ଚରେ ହାଲ୍କା ଭାବରେ ଭାଜନ୍ତୁ । ଗୁଡ଼ ନଡ଼ିଆ ସହିତ ଭଲ ଭାବରେ ମିଶିଗଲେ ଗୁଜୁରାତି ଗୁଣ୍ଡ ଦେଇ ଥଣ୍ଡା କରି ଦିଅନ୍ତୁ । ହଳଦୀ ପତ୍ର ସବୁକୁ ଧୋଇ ମଝିରୁ ୨ଖଣ୍ଡ କରି କାଟି ଦିଅନ୍ତୁ । ସେଥିରେ ବିରିଚାଉଳର ଆଣକୁ ଦେଇ ତା' ଉପରେ ପୁର ସଜେଇ ଦିଅନ୍ତୁ । ଇଡ଼ଲି ଛାଞ୍ଚରେ ପତ୍ରକୁ ସଜେଇ ୧୦ ରୁ ୧୫ ମିନିଟ୍ ଜୋର୍ ଜାଳରେ ସିଝିବାକୁ ଦିଅନ୍ତୁ । ପିଠା ସିଝିଗଲେ ଛାଞ୍ଚଗୁଡ଼ିକୁ ତଳକୁ ଓହ୍ଲେଇ ଟିକେ ଥଣ୍ଡା କରି ପତ୍ରକୁ ଧୀରେ ଧୀରେ ପିଠାରୁ ଉତାରି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ହଳଦୀପତ୍ର ପିଠା ।

# ଓଡ଼ିଆ ଘରର ପିଠାପଣା



# ଦୁଇଟି ବ୍ୟଞ୍ଜନ




**ଆରତି ବେହେରା**

ଜଗନ୍ନାଥ ପ୍ରସାଦ, ଗଞ୍ଜାମ-୭୬୧୧୬୧

ଫୋନ : ୭୮୯୪୦୮୧୪୬୪


ଫଟୋ ସୌଜନ୍ୟ : ଲେଖିକା





## ପୁଚିକ୍ଷୀର ପିଠା

ଗାଈର ପ୍ରଥମ କ୍ଷୀରକୁ ପ୍ରାୟତଃ ସ୍ଥାନରେ ବ୍ୟବହାର କରୁନଥିଲେ ମଧ୍ୟ କିଛି ସ୍ଥାନରେ ବ୍ୟବହାର କରାଯାଏ । ଏଥିରେ ପ୍ରଚୁର ମାତ୍ରାରେ ପୁଷ୍ଟିସାର ଥାଏ, ଯାହା ଶରୀର ପାଇଁ ଖୁବ୍ ଉପଯୋଗୀ । ଚାଲନ୍ତୁ ଜାଣିବା ଗାଈର ପ୍ରଥମ କ୍ଷୀର, କଷ'କ୍ଷୀର, ପୁଚିକ୍ଷୀରରେ କେମିତି ପିଠା ପ୍ରସ୍ତୁତ ହୁଏ । ଏହି ପିଠା କେବଳ ଗାଈର ପ୍ରଥମ ଦିନର କ୍ଷୀରରେ ହିଁ ପ୍ରସ୍ତୁତ ହୋଇପାରିବ ।

**ଆବଶ୍ୟକ ସାମଗ୍ରୀ:** ୧ ଲିଟର କ୍ଷୀର, ଚିନି- ଚାରି ଚାମଚ୍ କିମ୍ବା ଆପଣଙ୍କ ରୁଚି ଅନୁସାରେ । ଗୋଲମରିଚ ପାଞ୍ଚଟି ଓ ଅଳେଇଚ ଦୁଇଟିକୁ ଗୁଣ୍ଡ କରିନେବେ ।

**ପ୍ରସ୍ତୁତି ପ୍ରଣାଳୀ:** ସର୍ବପ୍ରଥମେ କ୍ଷୀରରେ ଚିନି, ଗୋଲମରିଚ ଗୁଣ୍ଡ, ଅଳେଇଚ ଗୁଣ୍ଡ ମିଶାଇ ଭଲ ଭାବେ ଘାଣ୍ଟି ତାକୁ ଏକ ଏମିତି ପାତ୍ରରେ ରଖନ୍ତୁ ଯାହା ପ୍ରେସର୍‌କୁକୁର୍ ଭିତରେ ରହିପାରିବ । ପ୍ରେସର୍ କୁକରରେ ଆବଶ୍ୟକ ପାଣି ଦେଇ ପାତ୍ରଟିକୁ ପ୍ରେସର୍ କୁକୁର୍‌ରେ ରଖନ୍ତୁ । ଏହାପରେ ପ୍ରେସର୍ କୁକୁର୍ର ହୁଇସିଲ୍ କାଢ଼ି ଘୋଡ଼ଣି ଦେଇ ନିମ୍ନ ଆଞ୍ଚରେ ଅଧଘଣ୍ଟା ବସାନ୍ତୁ । ଅଧଘଣ୍ଟା ପରେ ଘୋଡ଼ଣି କାଢ଼ି ଖଣ୍ଡେ କାଠିରେ ସେଇ ପିଠାକୁ ପରୀକ୍ଷା କରନ୍ତୁ । ଯଦି କାଠିରେ ପିଠାର ଅଂଶ ନଲାଗେ ତେବେ ଗ୍ୟାସ୍ ବନ୍ଦ୍ କରି ପ୍ରେସର୍ କୁକର୍ ଓହ୍ଲାଇ ଆଣି ଗୋଟେ ପାତ୍ର ଉପରେ କପଡ଼ା ରଖି ପିଠାକୁ ସେଥିରେ ଓଲଟାଇ ଦିଅନ୍ତୁ । ପିଠା ପାତ୍ରରେ ଥିବା ବଳକା ପାଣି ଛାଣି ହୋଇଯିବା ପରେ ପିଠାକୁ ଖଣ୍ଡ ଖଣ୍ଡ କରି କାଟି ଦିଅନ୍ତୁ । ଥଣ୍ଡା ହେବା ପରେ ଏହାକୁ ଖାଆନ୍ତୁ । ପ୍ରସ୍ତୁତ ହୋଇଗଲା ପୁଚିକ୍ଷୀର ପିଠା ।

## ମୁଗଫେଣୀ

**ଆବଶ୍ୟକ ସାମଗ୍ରୀ:** କଞ୍ଚା ମୁଗ ଡାଲି ୨୫୦ ଗ୍ରାମ, ଚିନି ଦୁଇକପ୍, ଅଳେଇଚ ୩/୪ଟି, ଛାଣିବା ପାଇଁ ତେଲ, ବେକିଙ୍ଗ୍ ସୋଡ଼ା, ଖାଇବା ସୋଡ଼ା ଚିମୁଟାଏ, ସ୍ୱାଦ ଅନୁସାରେ ଲୁଣ(ଚିମୁଟାଏ)

**ପ୍ରସ୍ତୁତି ପ୍ରଣାଳୀ:** ମୁଗ ଡାଲିକୁ ଦୁଇରୁ ତିନି ଘଣ୍ଟା ବତୁରାଇ ଭଲଭାବରେ ପାଣିରୁ ଛାଣି ବାଟି ରଖନ୍ତୁ । ସେଥିରେ ସୋଡ଼ା ଓ ଲୁଣ ପକାଇ ଭଲଭାବରେ ଘାଣ୍ଟି ଦୁଇ ଘଣ୍ଟା ରଖନ୍ତୁ । ଗୋଟେ କଡ଼େଇରେ ତିନି କପ୍ ପାଣିରେ ଦୁଇ କପ୍ ଚିନି ଅଳେଇଚ ଗୁଣ୍ଡ ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଚିନି ସିରା ହାତକୁ ଟିକେ ଅଠାଳିଆ ଲାଗିଲେ ଚୁଲା ବନ୍ଦ କରିଦିଅନ୍ତୁ । ଅନ୍ୟ ଏକ କଡ଼େଇରେ ତେଲ ଭଲ ଭାବେ ଗରମ ହେବା ପରେ ଜାଳ ଧିମା କରି ସେଥିରେ ବଟା ହୋଇଥିବା ମୁଗକୁ ଛୋଟ ଛୋଟ ଗୋଲାକୃତି କରି ପକାନ୍ତୁ । ଭଲ ଭାବରେ ଭାଜି ହୋଇଗଲେ ମୁଗଫେଣୀକୁ ଛାଣି ଆଣି ଚିନି ସିରାରେ ପକାନ୍ତୁ । ମୁଗଫେଣୀ ଚିନି ସିରାରେ ଭଲ ଭାବରେ ଭିଜିଗଲା ପରେ ପାଖାପାଖି ଘଣ୍ଟାଏ ପରେ ସିରାରୁ ବାହାର କରି ଖାଆନ୍ତୁ ।




ରୋଷେଇଶାଳ-୪
ସୁଆଦିଆ ଓଡ଼ିଆ ବ୍ୟଞ୍ଜନ

# ଦୁଇଟି ବ୍ୟଞ୍ଜନ






**ସସ୍ମିତା ବେହେରା**

ଏମ୍ଆର୍ଏ-୧୦, ମୁନାଞ୍ଜିକାଲ୍ ହାଉସ୍
ମୋରୋଙ୍ଗିରୋଡ୍ ଜଙ୍କସନ୍, ଏଡ୍‌ପଲ୍ଲି
କୋଚିନ, କେରଳ
ଫୋନ୍: ୭୦୦୧୮୧୨୧୯୫


ଫଟୋ ସୌଜନ୍ୟ : ଲେଖିକା

## ନଡ଼ିଆ ମାଛ ମସଲା

**ଆବଶ୍ୟକ ସାମଗ୍ରୀ:** ଛୋଟ ମାଛ ୫୦୦ଗ୍ରାମ, ଗ୍ରେଟେଡ୍ ନଡ଼ିଆ-୧/୨କପ୍, ହଳଦୀ-୨ଚାମଚ, ଅଦା ରଶୁଣ ପେଷ୍ଟ-୨ ଚାମଚ, ଛୋଟ ପିଆଜ-୮/୧୦ଟି, ଲଙ୍କାଗୁଣ୍ଡ (କାଶ୍ମିରୀ)-୧ଚାମଚ, କଞ୍ଚାଲଙ୍କା-୨ଟା, ଅଳ୍ପ କିଛି ତେନ୍ତୁଳି, ଜିରା, ପାନମଧୁରୀ, ସୋରିଷ, ଭୃଶଙ୍ଗ ପତ୍ର । ଆବଶ୍ୟକ ଅନୁଯାୟୀ ଲୁଣ, ଧନିଆପତ୍ର ସଜେଇବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛୋଟ ମାଛକୁ ଭଲଭାବେ ଧୋଇ ସଫା କରି ରଖନ୍ତୁ (ଆପଣମାନେ ଆପଣଙ୍କ ପସନ୍ଦ ଅନୁଯାୟୀ ବଡ଼ ମାଛ ମଧ୍ୟ ବ୍ୟବହାର କରିପାରିବେ) । ବର୍ତ୍ତମାନ ଗ୍ରେଟେଡ୍ ନଡ଼ିଆ, ଟିକିଏ ଜିରା, ୧/୨ ଚାମଚ ହଳଦୀ ଏବଂ ପୂର୍ବରୁ ପାଣିରେ ବତୁରେଇ ରଖିଥିବା ତେନ୍ତୁଳିକୁ ଏକତ୍ର ନେଇ ଏକ ପେଷ୍ଟ ତିଆରି କରନ୍ତୁ । ଏବେ କଡ଼େଇରେ ୩-୪ ଚାମଚ ତେଲ ଗରମ କରନ୍ତୁ । ତେଲ ଗରମ ହେଲା ପରେ ସେଥିରେ କିଛି ସୋରିଷ ଏବଂ ପାନମଧୁରୀ ପକାନ୍ତୁ । ପରେ ସେଥିରେ ଲମ୍ବା କରି କଟା ହୋଇଥିବା କଞ୍ଚାଲଙ୍କା ଦିଅନ୍ତୁ ଏବଂ ଛୋଟ କଟା ପିଆଜକୁ ପକାଇ ହାଲୁକା ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଭୃଶଙ୍ଗ ପତ୍ର କିଛି ପକାନ୍ତୁ । ବର୍ତ୍ତମାନ ୨ ଚାମଚ ଅଦାରସୁଣ ପେଷ୍ଟ ପକାଇ କଞ୍ଚା ଗନ୍ଧ ଯିବା ପର୍ଯ୍ୟନ୍ତ ତାକୁ ଭାଜନ୍ତୁ । ବର୍ତ୍ତମାନ ସେଥିରେ କିଛି ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ ପକାଇ ଭାଜନ୍ତୁ ଏବଂ ନଡ଼ିଆ ମସଲାର ପେଷ୍ଟ ମିଶାଇ ଭଲକରି ୪-୫ ମିନିଟ୍ କଷନ୍ତୁ । ଆବଶ୍ୟକ ଅନୁଯାୟୀ ଲୁଣ ମିଶାନ୍ତୁ ଏବଂ ଦେଢ କପ୍ ପାଣି ମିଶାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ । ତରକାରୀ ଫୁଟି ଆସିଲେ ସଫା କରି ରଖା ଯାଇଥିବା ମାଛ ମିଶାନ୍ତୁ ଏବଂ ପୁଣି ତାକୁ ୧୦/୧୨ ମିନିଟ୍ ଫୁଟିବାକୁ ଛାଡ଼ି ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ୍ ବନ୍ଦ୍ କରି ଧନିଆପତ୍ର ଦେଇ ସଜାନ୍ତୁ ଏବଂ ପରଷନ୍ତୁ ସୁଆଦିଆ ନଡ଼ିଆ ମାଛ ମସଲା ।



## ଭେଣ୍ଡି ଦୋ-ପିଆଜା

**ଆବଶ୍ୟକ ଉପକରଣ:** ଭେଣ୍ଡି-୩୫୦ଗ୍ରାମ, ବଡ଼ ପିଆଜ-୨ଟା, କଞ୍ଚାଲଙ୍କା-୨ଟା, ଅଦା ରସୁଣ ପେଷ୍ଟ-୨ ଚାମଚ, ଲଙ୍କାଗୁଣ୍ଡ-୨ ଚାମଚ, ହଳଦୀଗୁଣ୍ଡ- ୧ ଚାମଚ, ଧନିଆ ପାଉଡ଼ର-୧ଚାମଚ, ଟମାଟୋ-୧ଟା,ଆମ୍‌ଚୁର୍ ପାଉଡ଼ର-୧ଚାମଚ, ଆବଶ୍ୟକ ଅନୁଯାୟୀ ଲୁଣ ଏବଂ ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭେଣ୍ଡିଗୁଡ଼ିକୁ ଭଲକରି ଧୋଇ ସଫା କରି ରଖନ୍ତୁ । ତାକୁ ବଡ଼ ସାଇଜ୍‌ରେ (୨-୩ଖଣ୍ଡ କରି) କାଟି ଦିଅନ୍ତୁ । ଗୋଟେ ବଡ଼ ପିଆଜକୁ ବଡ଼ ବଡ଼ ଆକାରରେ କାଟନ୍ତୁ ଏବଂ ଅନ୍ୟଟିକୁ ଛୋଟ ଛୋଟ କାଟି ରଖନ୍ତୁ । କଡ଼େଇରେ ୨-୩ ଚାମଚ ସୋରିଷ ତେଲ ଗରମ କରନ୍ତୁ । ତେଲ ଗରମ ହେଲା ପରେ କଟା ଭେଣ୍ଡିକୁ ପକାଇ ୩-୪ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଭାଜିବା ସମୟରେ ଅଳ୍ପ କିଛି ଲୁଣ ପକାଇ ଭାଜନ୍ତୁ । ବର୍ତ୍ତମାନ ଭେଣ୍ଡିକୁ ଅଲଗା କାଢ଼ି ରଖନ୍ତୁ । ସେହି କଡ଼େଇରେ ବର୍ତ୍ତମାନ ଅଳ୍ପ କିଛି ତେଲରେ କଟା ବଡ଼ ପିଆଜକୁ ହାଲୁକା ଲାଲ୍ ହେବା ପର୍ଯ୍ୟନ୍ତ ଭାଜି ବାହାର କରି ରଖନ୍ତୁ । ଏବେ ସେହି କଡ଼େଇରେ ୨-୩ ଚାମଚ ତେଲ ଗରମ କରନ୍ତୁ । ସେଥିରେ କିଛି ଜିରା ଫୁଟାନ୍ତୁ । ପରେ ଛୋଟ କଟା ପିଆଜ ପକାଇ ତାକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଭାଜିବା ସମୟରେ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ । ବର୍ତ୍ତମାନ ୨ ଚାମଚ ଅଦାରସୁଣ ପେଷ୍ଟ ପକାଇ ୨-୩ ମିନିଟ୍ ଭାଜନ୍ତୁ । ଏବେ କିଛି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ପାଉଡ଼ର ମିଶାଇ ତା'ପରେ ଛୋଟ କଟା ଟମାଟୋକୁ ମିଶାଇ ୪-୫ମିନିଟ୍ କଷନ୍ତୁ । ଆବଶ୍ୟକ ଅନୁଯାୟୀ ଅଳ୍ପ କିଛି ପାଣି ମିଶାଇ କଷନ୍ତୁ ଯେପରି ଟମାଟୋ ଭଲ କରି ମସଲାରେ ମିଶିଯାଏ । ଏବେ ଭେଣ୍ଡିକୁ ମସଲାରେ ମିଶାଇ ଅଳ୍ପ କିଛି ଲୁଣ ଦେଇ ମିଶାନ୍ତୁ ଏବଂ ୩-୪ ମିନିଟ୍ ଛାଡ଼ି ଦିଅନ୍ତୁ । ପରେ ଗ୍ୟାସ୍ ବନ୍ଦ କରି ଧନିଆପତ୍ର ସଜେଇ ଖାଇବାକୁ ଦିଅନ୍ତୁ ।

# ବିଦେଶୀ ବ୍ୟଞ୍ଜନ



# ଚିକେନ୍ କରି ପଫ୍





**ବୀଣାପାଣି ପ୍ରଧାନ**
କୁଆଲାଲାମ୍ପୁର୍, ମାଲେସିଆ
ଫୋନ : +୬୦୧୭୨୫୩୭୬୧୯

ଫଟୋ ସୌଜନ୍ୟ : ଗୁଗୁଲ୍

## କରି ପଫ୍

**ଆବଶ୍ୟକ ଉପକରଣ:** ଦେଢ଼କପ୍ ମଇଦା, ୫ ବଡ଼ ଚାମଚ୍ ବଟର୍, ୩/୪କପ୍ ପାଣି, ୧/୨ଛୋଟ ଚାମଚ ଲୁଣ ।

**ପୂର ପାଇଁ ଆବଶ୍ୟକ ସାମଗ୍ରୀ:** ୧ ଚାମଚ ତେଲ, ଛୋଟ ପିଆଜ, ବଡ଼ଚାମଚ କରି ପାଉଡ଼ର୍, ୧କପ୍ ଛୋଟ ଛୋଟ କଟା ଯାଇଥିବା ବୋନ୍‌ଲେସ୍ ଚିକେନ୍, ୨ଟା ଛୋଟ ଛୋଟ କଟା ଯାଇଥିବା ବଡ଼ ଆଳୁ, ଅଧା ଚାମଚ୍ ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦ ଅନୁଯାୟୀ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦାରେ ବଟର୍ ଲୁଣ ମିଶାଇ ଫୁଡ୍ ପ୍ରସେସର୍ କିମ୍ବା ହାତରେ ଘସି ନିଅନ୍ତୁ । ତାପରେ ପାଣି ଦେଇ ଚକଟି ସାରି ଅଧାଘଣ୍ଟା ପାଇଁ ଘୋଡ଼ାଇ ରଖି ଦିଅନ୍ତୁ । କରିପଫ୍ ସ୍ନାକ୍ସ୍ ସାଉଥ୍ ଇଷ୍ଟ୍ ଏସିଆର ଏକ ପରିଚିତ ନାମ । ଯେକୌଣସି ଖାଇବା ସ୍ଥାନରେ ଏହାର ଲୋକପ୍ରିୟତା ଯଥେଷ୍ଟ ଅଧିକ ଥାଏ ।

ତେଲ ଗରମ ହେଲା ପରେ ପିଆଜକୁ କଡ଼େଇରେ ଭାଜନ୍ତୁ । ସେଥିରେ କରି ପାଉଡ଼ର୍ ଦେଇ ଅଳ୍ପ ଟିକେ ଭାଜନ୍ତୁ । ତାପରେ କଟା ଚିକେନ୍, ଆଳୁ ପେକେଇ ଅଳ୍ପ କଷି ସିଝିବା ପାଇଁ  ଘୋଡ଼େଇ ଦିଅନ୍ତୁ । ଚିକେନ୍ ଓ ଆଳୁ ସିଝିଯିବା ପରେ ପାଣି ମରିଯିବା ଯାଏଁ କଷନ୍ତୁ । ଯେମିତି ଫିଲିଙ୍ଗ୍ ବା ପୂର ଶୁଖିଲା ଦିଶିବ କଡ଼େଇରେ । ଏହାପରେ ଥଣ୍ଡା ହେବା ପାଇଁ ଏହାକୁ ଅଲଗା ଜାଗାକୁ କାଢ଼ି ଦିଅନ୍ତୁ । ଏଥର ଆଗରୁ ରଖା ଯାଇଥିବା ଚକଟା ମଇଦାକୁ ଛୋଟ ଛୋଟ ଗୁଳା ଆକାର କରିନିଅନ୍ତୁ । ଏବେ ଏହାକୁ ରୁଟି ପରି ୧୦ସେମି ଆକାରର ଗୋଲ୍ କରି ବେଲନ୍ତୁ । ସେଥିରେ ମସଲା ଦେଇ ଚିତ୍ରରେ ଦର୍ଶା ଯାଇଥିବା ପରି ଫୋଲ୍ଡ଼୍ କରନ୍ତୁ । ଏମିତି ପ୍ରସ୍ତୁତ କରିନିଅନ୍ତୁ ମସଲା ମଝିରେ ଦେଇ କରି ପଫ୍ । ବଡ଼ କଡ଼େଇରେ ତେଲ ଗରମ୍ କରି ଏହି ପ୍ରସ୍ତୁତ କଞ୍ଚା କରି ପଫ୍‌କୁ ଲାଲ୍ ଦିଶିବା ଯାଏଁ ଛାଣନ୍ତୁ ।  ଏବେ ପ୍ରସ୍ତୁତ ହୋଇଯାଇଛି କରି ପଫ୍ । ଥଣ୍ଡା ପାଗରେ ଏହା ପ୍ରସ୍ତୁତ କରି ଏହାର ମଜା ନିଅନ୍ତୁ । କେମିତି ଲାଗିଲା ଜଣାଇବେ ।





# ଅନିନ୍ଦ୍ୟା ଭୂମିକା




# ମୋ ଭୂମିକା ହିଁ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ : ଭୂମିକା ଦାଶ





ସାକ୍ଷାତ୍ : ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି

ଫଟୋ ସୌଜନ୍ୟ : ଭୂମିକା ଓ ଗୁଗୁଲ୍



ଷୋଡ଼ସୀ ସେ । ରୂପସୀ ବି । ପ୍ରତିଭାମୟୀ ଅଭିନେତ୍ରୀ ଭୂମିକା ଦାଶ । ସକାଳର ଭୋଅର୍ ପରି ଭିଜା ଭିଜା ମୁହଁ । ମୁଲାଏମ୍ ନିରୀହତାକୁ ମୁହଁରେ ମାଖି, କେବେ ତାରାଭରା ଆକାଶ ପରି ଆଖି ମିଟି ମିଟି କରୁଥାନ୍ତି ତ କେବେ ପୁଣି ଚୁଲ୍‌ବୁଲୀ ଚଢେଇ ହୋଇ ସାରା ଆକାଶକୁ ସଜଉଥାନ୍ତି ନିଜ କଳରବରେ । ଫିଲ୍ମକୁ ନିଜ ପାଇଁ ଆକାଶଟେ ବନେଇ ପାରିଥିବା ଭୂମିକା ନିଜର ଅଭିନୟ ଦକ୍ଷତାରେ ଓଡ଼ିଆ ଦର୍ଶକଙ୍କୁ ବାନ୍ଧି ସାରିଥିଲେ ହେଁ, ଆହୁରି ବାକି ଅଛି ତାଙ୍କ ଅଭିନୟର ଉର୍ଦ୍ଧ୍ୱ-ଉଡ଼ାଣ । ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ପ୍ରବେଶ ହୁଏ ଜଣେ ଶିଶୁ କଳାକାର ଭାବରେ । ସେ ଚଳଚ୍ଚିତ୍ରଟି ହେଲା 'ଝୁମ୍‌କୁ ଝୁମାନା', ଯାହା ୨୦୧୩ରେ ମୁକ୍ତିଲାଭ କରିଥିଲା । ଏହାପରେ ସେ 'ଗପ ହେଲେ ବି ସତ'ରେ ମଧ୍ୟ ସେହି ଶିଶୁ କଳାକାର ଭାବରେ ଅଭିନୟ କରନ୍ତି । କିନ୍ତୁ ନାୟିକା ହେଲେ ସେ ୨୦୧୭ରେ । ସେତେବେଳେ ନବମ ଶ୍ରେଣୀରେ ପାଠ ପଢୁଥିବା ଜଣେ କିଶୋରୀ ସେ । ଚଳଚ୍ଚିତ୍ର 'ତୁ ମୋ ଲଭ୍ ଷ୍ଟୋରୀ' ହେଉଛି ଭୂମିକାଙ୍କ ଅଭିନୟର ଟର୍ଣ୍ଣିଂ ପଏଣ୍ଟ୍ । ଓଡ଼ିଶୀ ନୃତ୍ୟ ଶିଖିଥିବା ଭୂମିକା ଏହାପରେ 'ହିରୋ ନମ୍ବର ୱାନ୍', 'ନାୟକର ନାଁ ଦେବଦାସ', 'ଶ୍ରୀମାନ ସୁରଦାସ' ପ୍ରଭୃତି ଚଳଚ୍ଚିତ୍ରରେ ଅଭିନୟର ସୁଯୋଗ ପାଇଛନ୍ତି । ଜଣେ ନବାଗତା ଅଭିନେତ୍ରୀ ହୋଇଥିଲେ ମଧ୍ୟ ଭୂମିକାଙ୍କ ଭିତରେ ଭୂମିଟିଏ ତିଆରି ହୋଇସାରିଛି ଅଭିନୟକୁ ନେଇ । ଭବିଷ୍ୟତରେ ଜଣେ ସଫଳ ଅଭିନେତ୍ରୀ ହୁଅନ୍ତୁ- ଏହା ହିଁ ଆମର ଆଶା । ଭୂମିକାଙ୍କ ସହିତ 'ରେବତୀ'ର ଏକ ବିଶେଷ ଆଳାପ ।





**▲ପାଠ ତ ପଢୁଛନ୍ତି ହେଲେ ସିନେମାକୁ କାହିଁକି ଆପଣେଇଲେ ? ଏହା କଣ ପୂର୍ବରୁ ରୁଚି ଥିଲା ?**

▶ସେମିତି କିଛି ପ୍ଲାନିଂ ନଥିଲା । ଅଭିନୟ କରିବି କି ପାଠ ପଢ଼ିବି, ତାହା ମଧ୍ୟ କନଫ୍ୟୁଜ୍‌ରେ ଥିଲି । ଅଡ଼ିସନ୍ ଦେବା ପରେ ସିଲେକ୍ଟ ହୋଇ ମୁଁ ଅଭିନୟରେ ଏଣ୍ଟ୍ରି କରିଥିଲି । ସିନେମାର ଅଭିନୟ ପରେ ମୋର ରୁଚି ଆସି ଯାଇଥିଲା । ପ୍ରଥମେ ମୁଁ ତ ପାଠ ପଢ଼ାକୁ ଗୁରୁତ୍ୱ ଦେବି । ଅଭିନୟ କଲେ ବି ପାଠକୁ ଅବହେଳା କରିବି ନାହିଁ ।

**▲ଅଭିନେତ୍ରୀ ହେବା ପଛରେ କାହାର ପ୍ରେରଣା କି ଉତ୍ସାହ ଥିଲା କି ?**

▶ମୁଁ ଅଭିନୟକୁ ଆସିବା ପୂର୍ବରୁ ରୋଲ୍ ମଡ଼େଲ୍ ଭାବେ କାହାକୁ ବି ଦେଖି ନଥିଲି । କିନ୍ତୁ ଛୋଟବେଳେ ସିଦ୍ଧାନ୍ତ ଓ ରଚନା ବାନାର୍ଜୀଙ୍କ ସିନେମା ବହୁତ ଦେଖୁଥିଲି । ତାଙ୍କ ସିନେମା ଦ୍ୱାରା ବହୁତ ପ୍ରଭାବିତ ବି ହୋଇଥିଲି । ମୁଁ ସେମାନଙ୍କ ସିନେମା ଦେଖି ଏତେ ଉତ୍ସାହିତ ହୋଇଥିଲି ଯେ ଘରେ ଚୁନି ପକାଇ ସଜ ହୋଇ ନିଜେ ନିଜେ ଆକ୍ଟିଂ କରୁଥିଲି । ବିଶେଷକରି ଇମୋସନାଲ୍ ସିନ୍ ଗୁଡ଼ିକୁ ମୁଁ ନିଜେ କିଭଳି ଅଭିନୟ କରିପାରିବି, ଚେଷ୍ଟା ବି କରୁଥିଲି ।

**▲ଆପଣ ଯେତିକି ସିନେମା କରିଛନ୍ତି, ସେସବୁର ଗୀତ ମଧ୍ୟ ଅନେକ ହିଟ୍ । ଗୀତ ସିନେମାକୁ ହିଟ୍ କରେ ବୋଲି ଭାବୁଛନ୍ତି କି ?**

▶ସିନେମାର ଗୀତ ହେଉଛି ମେନ୍ ଫେକ୍ଟର । ସିନେମା ଯଦି ମ୍ୟୁଜିକାଲି ହିଟ୍ ନହେଲା, ତାହା ଭଲ ଚାଲିପାରିବ ନାହିଁ । ସିନେମାରେ ମ୍ୟୁଜିକ୍ ହିଟ୍ ହୋଇଗଲା ମାନେ ସିନେମା ଅଧା ହିଟ୍ ହୋଇଗଲା ବୋଲି ଭାବିବାକୁ ପଡ଼ିବ । ପୂର୍ବରୁ ସିନେମାରେ ତ ଗୀତ ହିଟ୍ ହେଉଥିଲା । ଏବେ ଜେନେରେସନ୍‌କୁ ନେଇ ଗୀତ ତିଆରି ହେଉଛି, ଯାହା ହିଟ୍ ସାବ୍ୟସ୍ତ ବି ହେଉଛି । ମୁଁ ଏତିକି କହିବି ଗୀତ ହେଉଛି ସିନେମାର ଲିଡ୍ ପାର୍ଟ ।

**▲ଓଡ଼ିଶାରେ କେଉଁ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ବେଶି ଗୁରୁତ୍ୱ ଦେବେ ?**

▶ଓଡ଼ିଶାରେ ବହୁତ ଭଲ ସଙ୍ଗୀତ ନିର୍ଦ୍ଦେଶକ ତ ଅଛନ୍ତି । ଅକ୍ଷୟ ମହାନ୍ତିଙ୍କୁ ତ ବେଷ୍ଟ ବୋଲି କହିବି । ବର୍ତ୍ତମାନ ଯେଉଁମାନେ ଅଛନ୍ତି, ସେମାନେ ଡ଼ିଫେରେଣ୍ଟ ଆଙ୍ଗେଲ୍‌ରୁ ଡ଼ିଫେରେଣ୍ଟ ଗୀତ ତିଆରି କରନ୍ତି, ହିଟ୍ ବି ଫିଲ୍ମକୁ କରାନ୍ତି । ସମସ୍ତେ ଭିନ୍ନ ଭିନ୍ନ ଦିଗରୁ ପାରଙ୍ଗମ ।

**▲ଆପଣ କେଉଁ ସିନେମାରେ ଅଧିକ ସଫଳତା ପାଇଛନ୍ତି ?**

▶ସବୁ ସିନେମାରେ କିଛି ନା କିଛି ସଫଳତା ମିଳିଛି । ବୋଧେ 'ଝୁମୁକୁ ଝୁମାନା' ମୋ ପାଇଁ ଇମ୍ପୋଟାଣ୍ଟ ଥିଲା । ଏହି ସିନେମାରୁ ମୋତେ ଲୋକ ଚିହ୍ନିଲେ । ଅନ୍ୟ ସିନେମାର ଚରିତ୍ରକୁ ଲୋକ ଭୁଲି ଯାଇଥିବେ । କିନ୍ତୁ ଏହି ସିନେମାଟି ଏଭଳି ଥିଲା, ତାକୁ ଲୋକେ କେବେ ଭୁଲି ପାରିବେ ନାହିଁ । ତା ପରେ 'ତୁ ମୋ ଲଭ୍ ଷ୍ଟୋରୀ' ସିନେମାଟି ମଧ୍ୟ ମୋତେ ଦର୍ଶକଙ୍କ ପାଖରେ ଆଉ ଟିକେ ଚିହ୍ନା କରାଇଥିଲା । 'ଦେବଦାସ' ବୋଧେ ଲୋକମାନେ ଆହୁରି ଟିକେ ଅଧିକ ଗ୍ରହଣ କଲେ । ସେମିତି ଦେଖିବାକୁ ଗଲେ ସବୁ ସିନେମା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି ।

**▲ଆପଣ କେଉଁ ଓଡ଼ିଆ ନାୟକଙ୍କ ସହ ଅଭିନୟ କରିବାକୁ ଚାହିଁଛନ୍ତି, ହେଲେ କରିପାରି ନାହାନ୍ତି, ସେମିତି କିଛି ଅବସୋସ୍ ରହିଛି କି ?**

▶ମୁଁ ସେମିତି କିଛି ଅଭିଳାଷ ତ ରଖି ନଥିଲି । କିନ୍ତୁ ଯେଉଁମାନଙ୍କ ସହ କାମ କରିଛି, ସେମାନେ ବହୁତ ଟ୍ୟାଲେଣ୍ଟେଡ୍ । ମୁଁ ଲକି ଯେ ସେମାନଙ୍କ ସହ କାମ କରିପାରିଛି । ସବୁବେଳେ ଦେଖୁଛି କାହାଣୀ କଣ ଅଛି, ଆଉ ସେଥିରେ ମୋର କଣ ରୋଲ୍ ଅଛି । ମୁଁ ସବୁବେଳେ ମୋ ରୋଲ୍‌କୁ ଗୁରୁତ୍ୱ ଦିଏ ଓ ତାକୁ ଭଲ ଭାବରେ ଅଭିନୟ କରିବାକୁ ଚେଷ୍ଟା କରେ ।

**▲ଗୋଟେ ପଟେ ବଲିଉଡ୍ ଅନ୍ୟ ପଟେ ଓଡ଼ିଆରେ ଗୁଡ଼ାଏ ସିନେମାର ଅଫର୍ ରହିବ କାହାକୁ ପ୍ରଥମେ ଗୁରୁତ୍ୱ ଦେବେ ?**

▶ଏହା ଭିତରେ ବି ମୋତେ ବଲିଉଡ୍ ନହେଲେ ବି ପାଖାପାଖିରୁ ଅଫର୍ ମିଳିଛି । କିନ୍ତୁ ପ୍ରଥମେ ମୁଁ ଦେଖିବି, କାହାଣୀ, ଚରିତ୍ର ଓ ଓଡ଼ିଆ ଝିଅ ହିସାବରେ ମୋର ଅଭିନୟ କରିବାର ପାରାମିଟର୍ ଟପୁ ନଥିବା ରୋଲ୍ । ଯଦି ସୁଟ୍ କଲା ଅଭିନୟ କରିବାର କିଛି ଅସୁବିଧା ନାହିଁ । ଯଦି ମୋର ମେଂଟାଲିଟି ସହ ମ୍ୟାଚ୍ କଲା ନାହିଁ, ଅଭିନୟ କରିବାର ନାହିଁ ।

**▲ଟିନ୍‌ଏଜର୍ ଲଭ୍‌ଷ୍ଟୋରୀକୁ ନେଇ କରାଯାଉଥିବା ସିନେମା ବର୍ତ୍ତମାନ ହିଟ୍ ହେଉଛି, ତାହାର କାରଣ କଣ ?**

▶ଟିନ୍‌ଏଜର୍ ଲଭ୍‌ଷ୍ଟୋରୀକୁ ଅଧିକ ସଂଖ୍ୟକ ଯୁବଗୋଷ୍ଠୀ ଦେଖିବାକୁ ଚାହୁଁଛନ୍ତି ।



ଏଥିରେ ସେମାନଙ୍କ ଲାଇଫ୍ ଷ୍ଟାଇଲ୍ ସହ କାହାଣୀ ବି ମ୍ୟାଚ୍ କିଛି ପରିମାଣରେ କରୁଛି । ସେଥିପାଇଁ ସେମାନଙ୍କୁ ଏହି ଲଭ୍‌ଷ୍ଟୋରୀ ପସନ୍ଦ ଆସୁଥିବାରୁ ଆଦର ମଧ୍ୟ କରୁଛନ୍ତି । ତା ପରେ ସେମିତି କିଛି ନାହିଁ ଯେ ଟିନ୍‌ଏଜ୍ ଲଭ୍‌ଷ୍ଟୋରୀକୁ ସମସ୍ତେ ଭଲ ପାଇବେ । ଫିଲ୍ମର ମେକିଂ ଉପରେ ମଧ୍ୟ ନିର୍ଭର କରେ । ଯେଉଁଥିରେ ଷ୍ଟୋରୀ ଲାଇନ୍ ଭଲ ଥିବ, ଦର୍ଶକଙ୍କୁ ଆକୃଷ୍ଟ କରିପାରିବ, ତାହା ଟିନ୍‌ଏଜର୍ କାହାଣୀ ହେଉ ଅବା ପାରିବାରିକ, ଲୋକେ ଗ୍ରହଣ କରିବେ ।

**▲କେଉଁ ସିନେମା ଆପଣଙ୍କୁ ଆକ୍ଟର୍ କରିବା ପଛରେ ଦାୟୀ, ଏଥିପାଇଁ କାହାକୁ ଶ୍ରେୟ ଦେବେ ?**

▶ମୁଁ 'ରୁମ୍‌କୁ ଝୁମାନା' ମାଧ୍ୟମରେ ପରଦାକୁ ଆସିଲି । ସିନେ ଅଭିନେତା ହରିହର ମହାପାତ୍ରଙ୍କୁ ଏଥିପାଇଁ ଶ୍ରେୟ ଦେବି । କାହିଁକି ନା ସେ ମୋତେ ସିଲେକ୍ଟ କରି ସିନେମା ଦୁନିଆକୁ ଆଣିଥିଲେ । ତାପସ ସରଘରିଆଙ୍କୁ ବି ମୋର ଏ ସଫଳତା ପାଇଁ ଧନ୍ୟବାଦ ଦେବି । ସାରା ଇଣ୍ଡଷ୍ଟ୍ରୀର ଅନେକ ଲୋକଙ୍କ ହାତ ମୋ ପଛରେ ରହିଛି । ଏହି ଜାଗାରେ ଆଣି ପହଞ୍ଚାଇଥିବା ବୟୋଜ୍ୟେଷ୍ଠ, ସହକର୍ମୀଙ୍କୁ ବି ଧନ୍ୟବାଦ ଦେବି ।

**▲ଆପଣଙ୍କ ଅଭିନୟ ଜୀବନରେ ଓଡ଼ିଆ ସିନେମାର ଦର୍ଶକଙ୍କ ସଂଖ୍ୟା କମିବାକୁ ନେଇ କଣ ଅନୁଭବ କରିଛନ୍ତି ?**

▶ଅନେକ କାରଣ ତ ରହିଛି । ଓଡ଼ିଆ ଦର୍ଶକ ବଲିଉଡ୍ କି ହଲିଉଡ୍‌କୁ ତୁଳନା କରି ଯେଉଁ ଭଳି ଭାବରେ ଆଶାବାଦୀ ହେଉଛନ୍ତି, ତାହା ବୋଧହୁଏ ଓଡ଼ିଆ ସିନେମାରେ ମିଳି ପାରୁନାହିଁ । ଏତେ ବଡ଼ ବଜେଟ୍‌ରେ ଜାତୀୟସ୍ତରରେ ତିଆରି ହେଉଥିବା ସିନେମାକୁ ଯଦି ଆଞ୍ଚଳିକ ସ୍ତରରେ ତିଆରି ହେଉଥିବା ସିନେମା ସହ ତୁଳନା କରାଯିବ, ନିଶ୍ଚୟ କିଛି କଥା କମ୍ ରହିବ । ଏହା ବ୍ୟତୀତ ଅନେକ କାରଣ ତ ରହିଛି, ଯାହା ଆଲୋଚନା ଏତେ କମ୍ ସମୟ ଭିତରେ କରାଯାଇ ନପାରେ ।



## ଅଳ୍ପରେ ଭୂମିକା



| | | |
|---|---|---|
| ଜନ୍ମସ୍ଥାନ | : | ରାଉରକେଲା |
| ଜନ୍ମତାରିଖ | : | ୨୨ଜାନୁଆରୀ |
| ପ୍ରିୟ ମଣିଷ | : | ବାପାମାଆ |
| ପ୍ରିୟ ସ୍ଥାନ | : | ଆମଘର |
| ପ୍ରିୟ ହବି | : | ନାଚ |
| ପ୍ରିୟରଙ୍ଗ | : | ଲାଭେଣ୍ଡର୍ |
| ପ୍ରିୟ ପୁସ୍ତକ | : | ସବୁ ବହି |
| ପ୍ରିୟ ଶବ୍ଦ | : | ଭଲ |
| ପ୍ରିୟ ଦିବସ | : | ସ୍ୱାଧୀନତା ଦିବସ |

ସ୍ମରଣୀୟ ସମୟ : 'ରୁମ୍‌କୁ ଝୁମୁନା' ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବାର ମୁହୂର୍ତ୍ତ

ଅଭିନୀତ ସିନେମା : 'ରୁମ୍‌କୁ ଝୁମାନା', 'ପାରିବେନି କେହି ଅଲଗା କରି', 'ଗପ ହେଲେ ବି ସତ', 'ତୁ ମୋ ଲଭ୍‌ଷ୍ଟୋରୀ', 'ହୀରୋ ନଂ ୱାନ୍', 'ଶ୍ରୀମାନ୍ ସୁରଦାସ', 'ତୁ ମୋ ଲଭ୍‌ଷ୍ଟୋରୀ-୨', 'ନାୟକର ନାଁ ଦେବଦାସ'

**▲ଆପଣ ଓଡ଼ିଆରେ ଆଇଡ଼ିଏଲ୍ ହିରୋଇନ୍ ହିସାବରେ କାହାକୁ ବାଛିବେ ?**

▶ମୋର ତ ବହୁତ ଜଣ ଓଡ଼ିଆରେ ଆଇଡ଼ିଏଲ୍ ହିରୋଇନ୍ ଅଛନ୍ତି । ବର୍ଷା ପ୍ରିୟଦର୍ଶନୀ, ଅର୍ଚ୍ଚିତା, ଅନୁ ଚୌଧୁରୀଙ୍କ ଦ୍ୱାରା ମୁଁ ମୋର କଳାକାର ଜୀବନରେ ବେଶି ଉତ୍ସାହିତ ହୋଇଛି । ବାକି ଅନ୍ୟମାନେ ବି ମୋତେ ବିଭିନ୍ନ ଦୃଷ୍ଟିରୁ ଭଲ ଲାଗନ୍ତି ।

**▲ଟେଲି ସିରିଏଲ୍‌ରେ ଅଭିନୟ କରିବାର କିଛି ପ୍ଲାନିଂ ଅଛି କି ?**

▶ନା, ମୋର ବର୍ତ୍ତମାନ ସେମିତି କିଛି ପ୍ଲାନିଂ ନାହିଁ । ମୁଁ ଷ୍ଟୁଡେଣ୍ଟ୍ ଥିବାରୁ ପଢ଼ାପଢ଼ି ପ୍ରତି ଗୁରୁତ୍ୱ ଦେଉଛି ।

**▲ଯୋଡ଼ିର ଚର୍ଚ୍ଚାକୁ କିଭଳି ଗ୍ରହଣ କରନ୍ତି ?**

▶ମୁଁ ଆଦୌ ବିଶ୍ୱାସ କରେ ନାହିଁ । ଅଭିନୟକୁ ଗୁରୁତ୍ୱ ଦିଏ । ଭଲ ଅଭିନୟକୁ ଲୋକେ ଗ୍ରହଣ କରିବେ, ଯାହା ସହିତ ଅଭିନୟ କଲେ ବି ନିଜର ଦକ୍ଷତା ତ ଦେଖାଇବାକୁ ପଡ଼ିବ ।

**▲ଆକ୍ଟିଂ ଭଲ କରିବାକୁ କୌଣସି ଅନୁଷ୍ଠାନରୁ ଶିଖୁଛନ୍ତି କି ?**

▶ଆକ୍ଟି କାହା ପାଖରୁ ଶିଖିନାହିଁ ବା କୌଣସି ଅନୁଷ୍ଠାନକୁ ଶିଖିବାକୁ ଯାଉନାହିଁ । କ୍ଲାସିକାଲ୍ ଡ୍ୟାନ୍ସ ଶିଖୁଥିବାରୁ ମୋତେ ଅବଶ୍ୟ ତାହାର ଏକ୍ସପ୍ରେସନ୍ ସାହାଯ୍ୟ କରିଛି ।

**▲ସିନେମାରେ ବୋଲ୍ଡନେସ୍ କେଉଁ ଦୃଷ୍ଟିରେ ଦେଖନ୍ତି ?**

▶ସିନେମା ହିଟ୍ ହେବାକୁ ବୋଲ୍ଡନେସ୍‌ର କିଛି ଆବଶ୍ୟକତା ନାହିଁ । ଯେଉଁମାନେ ବି କରୁଛନ୍ତି, ସେମିତି ନକଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି । ଲିମିଟ୍ ଭିତରେ ସବୁ ରହିବା କଥା ।

**▲ଭବିଷ୍ୟତରେ ଆକ୍ଟିଂ ନା କ୍ୟାରିଅର୍‌କୁ ଗୁରୁତ୍ୱ ଦେବେ ?**

▶ମୁଁ କ୍ୟାରିଅର୍‌କୁ ପ୍ରଥମେ ଗୁରୁତ୍ୱ ଦେବି । ଆକ୍ଟିଂକୁ ଏକ ପ୍ୟାସନ୍ ହିସାବରେ ନେବି ।



# ଲେଖକ-ପାଠକ-ପ୍ରକାଶକର ସମନ୍ୱୟ

ଗୋଟିଏ କଥା ବରାବର ଅଭିଯୋଗ ହୁଏ ଯେ, ଓଡ଼ିଶାରେ ପାଠକ ନାହାନ୍ତି । ଏହାର କାରଣ ସମ୍ପର୍କରେ ଆହୁରି ଚିନ୍ତାଜନକ କଥାଟିଏ ଶୁଣାଯାଏ । ତାହା ହେଉଛି, ପାଠକଙ୍କ ମନକୁ ଜାଣି ବା ପାଠକାଭିମୁଖୀ ଲେଖା ହିଁ ଲେଖୁ ନାହାନ୍ତି ଆମ ଲେଖକମାନେ । ଏ ଦୁଇଟି କଥା ହିଁ ଅଭିଯୋଗମୂଳକ । କିନ୍ତୁ ଏହା କେତେଦୂର ସତ୍ୟ, ସେ ସମ୍ପର୍କରେ ବହୁବାର ଖୋଳତାଡ଼ ହୋଇଛି । କିନ୍ତୁ 'ଲପ୍ରଦ ନିଷ୍କର୍ଷ ମିଳିନାହିଁ । ଲେଖକ ସେମିତି ଲେଖି ଚାଲିଛି । ପାଠକ ବି ସେମିତି ପଢ଼ା ଜାରି ରଖିଛି । ପାଠକ କମ୍ ଥିବା କଥାଟି ପ୍ରାୟତଃ, ସାହିତ୍ୟ-ମହଲରୁ ନିକ୍ଷେପିତ ହୋଇଥାଏ । ହେବା ସ୍ୱାଭାବିକ । କାରଣ ଲୋକସଂଖ୍ୟାର ପ୍ରାୟ ଏକାଂଶ ହିଁ ବୋଧେ ସାହିତ୍ୟ-ପ୍ରବଣ ପାଠକ ଓ ଲେଖକ । ତେଣୁ ଅଧିକ ସଂଖ୍ୟକ ପାଠକ ଆଶା କରିବା ବି ଏକ ପ୍ରକାର ବୋକାମୀ । ସାହିତ୍ୟ ପ୍ରୀତି ଥିବା ବ୍ୟକ୍ତି ବିଶେଷ ହିଁ ବହି କିମ୍ବା ପତ୍ରପତ୍ରିକା ପଢ଼ିବେ । ସାଧାରଣ ଲୋକେ ତାଙ୍କ ରୁଚି ଅନ୍ତର୍ଗତ ଅନ୍ୟାନ୍ୟ ବହି ବା ପତ୍ରପତ୍ରିକା ପଢ଼ିବେ । କିଏ ଫେଙ୍ଗସୁଇ ଉପରେ ବହି ଖୋଜିବ ତ କିଏ ବାସ୍ତୁଶାସ୍ତ୍ର । କିଏ ଅଟୋ-ମୋବାଇଲ୍ ଉପରେ ପତ୍ରିକା ଖୋଜିବ ତ କିଏ ପୁଣି କମ୍ପ୍ୟୁଟର୍ ଉପରେ ବହି ଖୋଜିବ । ଏସବୁ ତ ଆଉ ସାହିତ୍ୟର ପ୍ରସଙ୍ଗ ନୁହଁ । ତେଣୁ ଏ ଧରଣର ପାଠକଙ୍କୁ ଆମେ ସାହିତ୍ୟର ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ନାଟକ କି ଭ୍ରମଣକାହାଣୀର ପାଠକ ସହିତ ମିଶାଇ ପାରିବା ନାହିଁ । ସୁତରାଂ କେବଳ ସାହିତ୍ୟର ପାଠକ ସଂଖ୍ୟା ଆନୁପାତିକ ଭାବେ କମ୍ ହେବାକୁ ବାଧ୍ୟ ଏବଂ ଏହାକୁ ସ୍ୱୀକାର କରାଯିବା ଉଚିତ୍ ।

ଅନ୍ୟ କଥାଟି ହେଲା, ଓଡ଼ିଆ ପାଠକଙ୍କ ରୁଚି ଅନୁସାରେ ଲେଖକମାନେ ସେମାନଙ୍କ ଲେଖାର ପ୍ରସଙ୍ଗ ଓ ମାନ ବଦଳାଇବା ଦିଗରେ ବିଶେଷ ଧ୍ୟାନ ଦେଉନାହାନ୍ତି । 'ଲରେ ପାଠକମାନେ ଧିରେ ଧିରେ ଆମ ଲେଖକଙ୍କ ଲେଖା ଠୁ ମୁହଁ ଫେରାଇ ନେଉଛନ୍ତି । ଏ କଥାଟିରେ କିଛିଟା ସତ୍ୟତା ରହିଛି । ଦେଖିବାର କଥା, ପାଠକମାନେ ଖୋଜୁଛନ୍ତି କ'ଣ ? ସେଇ ଅନୁସାରେ ଲେଖକ ଟିକିଏ ସତର୍କତା ଅବଲମ୍ବନ କଲେ ସମସ୍ୟାଟି ଅଚିରେ ଅଦୃଶ୍ୟ ହୋଇ ଯିବାରେ ଅସୁବିଧା ନାହିଁ । ସମୟ ସବୁବେଳେ ପରିବର୍ତ୍ତନଶୀଳ । ସେଇ ଅନୁସାରେ ଆମ ଲୋକଙ୍କର ଖାଦ୍ୟ, ପରିଧାନରେ ମଧ୍ୟ ଆସେ ପରିବର୍ତ୍ତନ । ନୂତନତାକୁ ସ୍ୱୀକାର କରେ ମଣିଷ । ସେହିପରି ଆମର ପାଠକଙ୍କ ରୁଚିରେ ବି ଆସେ ପରିବର୍ତ୍ତନ । ତେଣୁ ପାଠକଙ୍କ ରୁଚିକୁ ବୁଝି ଲେଖାଗୁଡ଼ିକ ଲେଖାଗଲେ ପାଠକମାନେ ବହି ଓ ପତ୍ରପତ୍ରିକା କିଣିବା ପ୍ରତି ଆଗ୍ରହୀ ହେବେ, ଏଥିରେ ଦ୍ୱିମତ ନାହିଁ ।

ଆମର ଅନେକ ଲେଖକ 'ପାଠକ'କୁ ଭଗବାନ ବୋଲି ବିବେଚନା କରିଥାନ୍ତି । ଏଇକ୍ଷଣି ଗାଳ୍ପିକ ସୁଜିତ୍ ପଣ୍ଡାଙ୍କ ନାଁ ମନେ ପଡୁଛି । ବହୁ ଲେଖକଙ୍କ 'ସାକ୍ଷାତକାର' କରିଥିବା ଓ ପଢ଼ିଥିବାରୁ ମୁଁ ଏକଥା ଲକ୍ଷ୍ୟ କରିଛି ଯେ, ଲେଖକଟେ ଅନେକ ସମୟରେ ପାଠକଙ୍କ ପ୍ରତି ବେଶ୍ ଉଦାରଶୀଳ ଓ ବିନମ୍ର । ଅବଶ୍ୟ କିଛି ଲେଖକଙ୍କ ଅହଂ ପାଖରେ ପାଠକ ନିମିତ୍ତ ମାତ୍ର । କାରଣ ସେମାନେ ନିଜ ଖୁସି ପାଇଁ ଲେଖନ୍ତି । ତେଣୁ ଯାହା ତାଙ୍କୁ ଖୁସି ଦିଏ, ତାହା ହିଁ ହୁଏତ ସେମାନଙ୍କ ଲେଖାର ଉପାଦାନ । ମୁଁ ଏଠାରେ ସେ ଧରଣର ଲେଖକଙ୍କୁ ଏ ଆଲୋଚନାଭୁକ୍ତ କରୁନାହିଁ । କାରଣ, ମୋର ପ୍ରସଙ୍ଗଟି ଅଲଗା । ହଁ, ପାଠକର ମନକୁ ବୁଝି ନିଜ ଲେଖାରେ ତାକୁ ପ୍ରତିଫଳିତ କରେଇ ପାରୁଥିବା ଲେଖକଙ୍କ ବହି ବା ସେସବୁ ଲେଖକଙ୍କ ଲେଖା ଛାପୁଥିବା ପତ୍ରିକା ଅଚିରେ ବିକ୍ରି ହୋଇଯିବାରେ ସନ୍ଦେହ ନାହିଁ । ଆମେ ଲେଖିବା ନାହିଁ ପାଠକ-ଯୋଗ୍ୟ ଲେଖା, ଆଉ ହାହାକାର ବୁଣିଦେବା ଯେ, ବହି ବିକ୍ରି ହେଉନି, ପତ୍ରିକା ବିକ୍ରି ହେଉନି, ଏହା ତ ଯୁକ୍ତିଯୁକ୍ତ ନୁହେଁ !

ପାଠକ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଜଣେ ନବାଗତ ବା ଆଦୌ ପରିଚିତ ହୋଇନଥିବା ଲେଖକକୁ ଏଇ ପାଠକ-ଗୋଷ୍ଠୀ ହିଁ ଆସ୍ତେ ଆସ୍ତେ ପରିଚିତି ଦେଇଥାଏ । ଖ୍ୟାତି ଦେଇଥାଏ । ଦେଇ ଥାଏ ମଧ୍ୟ ପ୍ରସିଦ୍ଧି । କାରଣ ଉକ୍ତ ଲେଖକ ଯେତେ ଭଲଲେଖା ଲେଖି ଚାଲିବେ, ପାଠକ ତାକୁ ସେତେ  ବେଶି ପଢ଼ିବେ । ଆଉ କ୍ରମଶଃ ସେ 'ଲେଖକ' ପାଲଟିଯିବେ ଜଣେ ପ୍ରସିଦ୍ଧ ଲେଖକ । କେହିକେହି ଭ୍ରୂକୁଞ୍ଚନ କରିପାରନ୍ତି ମୋର ଏ କଥାରେ । ସେମାନେ କହିପାରନ୍ତି, ନା, ଲେଖକକୁ ତା' ନିଜ ଲେଖା ହିଁ ଦିଏ ପ୍ରସିଦ୍ଧି ! ସତକଥା ତ ! ଏଥିରେ ମୋର ଦ୍ୱିମତ ହେବାର ନାହିଁ । କିନ୍ତୁ ବାବୁ, ସେ ଲେଖାକୁ 'ପାଠକ' ହିଁ ପଢ଼ିବା ପରେ ମିଳିଥାଏ ଭଲ କି ଖରାପର ପରିଚୟ ! ତେଣୁ ପାଠକଙ୍କୁ ଆମେ କୌଣସି ଭାବରେ ଅଣଦେଖା ବା ହେୟଜ୍ଞାନ କରିପାରିବା ନାହିଁ ।

ଆଶ୍ଚର୍ଯ୍ୟର କଥା ଯେ, ଯେଉଁ ପାଠକଟି ପାଇଁ ଲେଖକଟି ହୁଏ ଜ୍ଞାନପୀଠର ଅଧିକାରୀ, ସରସ୍ୱତୀର ଅଧିକାରୀ, ଶାରଳାର ଅଧିକାରୀ, ସେ ପାଠକକୁ କେହି କେବେ 'ସେଲିବ୍ରିଟି' ବୋଲି କହେନା କି ତାକୁ ସେତିକି ସମ୍ମାନ ଜଣାଏନା । ଆଜିର ସମୟରେ ପାଠକକୁ ବଡ଼ କରି ଦେଖାଇବାର ପ୍ରଥାଟିଏ ଆରମ୍ଭ ହେଲେ ସାହିତ୍ୟର ବା ଆମ ଲେଖକ ଗୋଷ୍ଠୀର ବେଶି କିଛି କ୍ଷତି ହୋଇଯିବ ବୋଲି ମୁଁ ଭାବୁନାହିଁ ।

ହୁଏତ କେହି କେହି କହି ପାରନ୍ତି, ଭଲ ପାଠକଟିଏ ଖୋଜି ପାଇବା କେମିତି ? ଏହା ଅବଶ୍ୟ ଜଟିଳ । କିନ୍ତୁ ଅସାଧ୍ୟ ନୁହେଁ । ଅତୀତରେ 'ସଚିତ୍ର ବିଜୟା' ଭଳି ପତ୍ରିକା ଶ୍ରେଷ୍ଠ ପାଠକ ନିରୂପଣ କରିବାର ପରମ୍ପରା ଆରମ୍ଭ କରିଥିଲା । କଥା ହେଉଛି, ପରମ୍ପରାଟି ଆରମ୍ଭ ହେଲେ ହିଁ ଆପେ ଆପେ ପାଠକ ଚୟନର ଦିଗଟି ବି ଉନ୍ମୋଚିତ ହୋଇଯିବ । ମୋର କେବଳ ଇଚ୍ଛା, ପାଠକଟିକୁ ଆମେ ସମ୍ମାନ ଦେବା ।

ଏହା ପରକୁ ଆସେ ପ୍ରକାଶକର କଥା । ଲେଖକକୁ ପ୍ରକାଶ କରିବା ଦିଗରେ ଜଣେ ପ୍ରକାଶକ (ନିଷ୍ଠାବାନ ପ୍ରକାଶକର କଥା ହିଁ କହୁଛି)ର ଭୂମିକା ଅନସ୍ୱୀକାର୍ଯ୍ୟ । ପ୍ରକାଶକ ହୁଅନ୍ତୁ କି ପତ୍ରିକାର ସମ୍ପାଦକ, ଏ ଦୁହିଁଙ୍କୁ ଆମେ କଦାଚିତ୍ ଭୁଲିଯିବା ଉଚିତ ନୁହେଁ । ଅନେକ ଲେଖକଙ୍କ ଧାରଣା ଯେ, ପ୍ରକାଶକଟିଏ ବା ସମ୍ପାଦକଟିଏ ଲେଖକ ଯାହା ବି ଲେଖିଦେବ, ତାକୁ ପ୍ରକାଶ କରିବାକୁ ବାଧ୍ୟ । ଏହା ଅମୂଳକ । ଲେଖକଟି ଏ ଦିଗରେ ଉଦାର ହେଲେ ହିଁ 'ପ୍ରକାଶକ' ମାଧ୍ୟମରେ ପାଠକଗୋଷ୍ଠୀ ପାଖକୁ ଭଲବହି ବା ପଠନଯୋଗ୍ୟ ପତ୍ରିକା ପ୍ରକାଶିତ ହୋଇ ପହଂଚି ପାରିବ । ଅନ୍ୟ ଅର୍ଥରେ, ଏହା ଦ୍ୱାରା ପାଠକର ପଠନ ଇଚ୍ଛା ପରିପୂରଣ ହେବା ସହିତ ଲେଖକ ବି ପାଇପାରିବ ପାଠକୀୟ ପ୍ରସିଦ୍ଧି । ସୁତରାଂ 'ପ୍ରକାଶକ' କେବେ ହେଲେ ଲେଖକ ବା ପାଠକର ଶତ୍ରୁ ବୋଲି ଆମେ ଭାବିବା ଅନୁଚିତ ।

ପ୍ରଥମରୁ ଲେଖକ ହିଁ ଦାୟିତ୍ୱଶୀଳ ହେଲେ ପରେ ପରେ ପାଠକ ଓ ପ୍ରକାଶକ ସ୍ୱତଃ ପରିଷ୍କୃତ ହୋଇଯିବେ । ଭଲଲେଖା ବା ପାଠକ ଉପଯୋଗୀ ଲେଖା ପ୍ରତି ଲେଖକମାନେ ସଚେତନ ହେବା ସହ ପ୍ରକାଶକ ଓ ପାଠକଙ୍କ ପ୍ରତି କୃତଜ୍ଞ-ଭାବ ପ୍ରକାଶ କଲେ,(କବି ସରୋଜ ବଳ ସଦ୍ୟ ପାଠକ ଓ ଲେଖକ ପ୍ରତି କୃତଜ୍ଞତା ଜଣାଇଥିବା ନଜରକୁ ଆସିଛି) ଭାବୁଛି, ଅସୁବିଧା ରହିବ ନାହିଁ । ସାହିତ୍ୟର ବିଶାଳ ଜଗତ କେବଳ ଭାବପ୍ରବଣତା ଓ ଭଲପାଇବାରେ ପରିଚାଳିତ ହୁଏ । ଏହାକୁ ଲାଭଜନକ ବ୍ୟାପାରିକ ବୋଲି ଭାବି କେହି କ୍ରୁରତା ଅବଲମ୍ବନ ନକଲେ, ଏହା ଆମମାନଙ୍କ ପାଇଁ ଓ ସମଗ୍ର ସାହିତ୍ୟ-ପୃଥିବୀ ପାଇଁ ଶୁଭଙ୍କର ହେବ ।



# MAHODADHI
## SECURITIES PVT. LTD.

**Helping You Plan for Your Wealth**





Wherever money is made, and where there are successful people, you'll find us.

*"What we won't buy, we don't sell"*

We offer following specific solutions to our clients

- ☑ Investment Advisory Services MF,
- ☑ Fixed Deposits,
- ☑ Equity Shares
- ☑ Life and General Insurance




Police Line Square, O.T. Road, Balasore-756001
Phone : 06782-261692, Mob : 9777457830
www.mahodadhi.in

SUPRATIK
Life Style



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL



Contact For Booking
Call : 73810 36677 & 9040021003

SUPRATIK INFRAVENTURES

BRANCH OFFICE :
OT Road, Near Laxmi Narayan Temple, Balasore

Email : contactus@supratikgroup.com
Website : www.supratikgroup.com